

ମୟୂରଭଂଜ ଇତିହାସ

ଏକ ଅନୁଧ୍ୟାନ

ଭଂଜ ଓ ଭୁଜଂଗ ରାଜବଂଶ

ଡକ୍ଟର ଭାଗବତ ପ୍ରସାଦ ଲେଙ୍କା

Digitized by srujanika@gmail.com

ମୟୂରଭଞ୍ଜ ଇତିହାସ : ଏକ ଅନୁଧ୍ୟାନ

ପ୍ରଥମ ଭାଗ

ଭଞ୍ଜ ଓ ଭୁଜଙ୍ଗ ରାଜବଂଶ

ଦ୍ୱିତୀୟ ଭାଗ

ମୟୂରଭଞ୍ଜ ଦର୍ପଣ

(An investigation into the

HISTORY OF MAYURBHANJ

with special reference to the Bhanja and

Bhujanga Royal dynasties

&

Mayurbhanj Darpan (Mayurbhanj an overview)

By

Dr. Bhagabat Prasad Lenka,

M.A. (History), M.A. (Political Science), M.Ed, Ph.D. (Utkal)

Nigamananda Marga (Bhugudakata)

BARIPADA-3

Phone—3340

ଲେଖକ :

ଡକ୍ଟର ଭାଗବତ ପ୍ରସାଦ ଲେଙ୍କା

ଏମ୍. ଏ. (ଇତିହାସ), ଏମ୍. ଏ. (ରାଜନୀତି ବିଜ୍ଞାନ), ଏମ୍ ଇଡ୍., ପିଏଚ୍.ଡ଼. (ଉତ୍କଳ)

ନିଗମାନନ୍ଦ ମାର୍ଗ (ଭୁଗୁଡ଼ା କଟା), ବାରିପଦା-୩

ଫୋନ୍-୩୩୪୦

Digitized by srujanika@gmail.com

ମୟୂରଭଞ୍ଜ ଇତିହାସ : ଏକ ଅନୁଧ୍ୟାନ (ଭଞ୍ଜ ଓ ଭୁଜଙ୍ଗ ରାଜବଂଶ)

ଲେଖକ :
ଡକ୍‌ଟର ଭାଗବତ ପ୍ରସାଦ ଲେଙ୍କା
ଏମ୍‌.ଏ. (ଇତିହାସ), ଏମ୍‌.ଏ. (ରାଜନୀତି ବିଜ୍ଞାନ), ଏମ୍‌. ଇଡ଼., ପି ଏଚ୍‌.ଡ଼ି. (ଉତ୍କଳ)
ନିଗମାନନ୍ଦ ମାର୍ଗ (ଭୁଗୁଡ଼ାକଟା), ବାରିପଦା-୩
ଫୋନ-୨୩୪୦

ପ୍ରକାଶିକା :
ଶ୍ରୀମତୀ ସ୍ୱର୍ଣ୍ଣଲତା ଲେଙ୍କା
ଅଶୋକ ଭବନ, ନିଗମାନନ୍ଦ ମାର୍ଗ, ବାରିପଦା-୩
ପ୍ରଥମ ପ୍ରକାଶ—୧୯୯୩
ଅଙ୍କସଜ୍ଜା—ଶ୍ରୀ ଶ୍ୟାମାପଦ ପଟ୍ଟନାୟକ ଓ ଶ୍ରୀ ଅଶୋକ କୁମାର ମହାନ୍ତ
ମୁଦ୍ରଣ :
ସଙ୍ଗୀତା ପ୍ରିଣ୍ଟର୍ସ
କଟକ-୨
ମୂଲ୍ୟ : ଟ ୪୦.୦୦

An investigation into the History of Mayurbhanj

with special reference to the Bhanja and Bhujanga Rayal dynasties,
&
Mayurbhanj Darpan

Written by :
Dr. Bhagabat Prasad Lenka,
M. A. (History), M. A. (Political Science),
M. Ed., Ph. D. (Utkal)
Nigamananda Marga (Bhugudakata)
BARIPADA-3

Publisher :
Smt. Swarnalata Lenka,
Ashok Bhawan, Nigamananda Marga
Baripada-3
First Edition : 1993
Printed at : **Sangeeta Printers**
Cuttack-2
Price : 40. 00

Digitized by srujanika@gmail.com

ଉତ୍ସର୍ଗ

ଯିଏ ମୋତେ ସାରସ୍ୱତ ସାଧନା ପାଇଁ ସଦାସର୍ବଦା ପ୍ରେରଣା
ଦେଉଥିଲେ, ସେ ଆଜି ଇହଧାମରେ ନାହାନ୍ତି । ସେ ଥିଲେ
ଆଜି କେତେ ଖୁସି ହୋଇ ନଥାନ୍ତେ । ସେ ମୋର
ପରମ ପୂଜ୍ୟ ଶ୍ୱଶୁର ଗାସ୍ତକରନ୍ତୁ ସ୍ୱର୍ଗତ
ଭଗବତ ସାହୁ । ତାଙ୍କ ପାଦପଦ୍ମରେ
ଏ ଭକ୍ତିବୋଳା ସାରସ୍ୱତ କୁସୁମ
ଢାଳିଦେଲି ଦୁଇଟୋପା
ଲୁହର ସହିତ ଅମର ଆତ୍ମାର
ସନ୍ତୋଷ କାମନା
କରି ।

ବିନୀତ ଲେଖକ

Digitized by srujanika@gmail.com


ମୟୂରଭଞ୍ଜ ଜିଲ୍ଲା
ଜିଲ୍ଲାର ସୀମା
ସବଡିଭିଜନ
ଜାତୀୟ ରାଜପଥ
ରେଳପଥ
ନଦୀ

ଅଭିମତ

ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ

ବାରିପଦା, ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୦୧

ଦୂରଭାଷ : ୨୭୧୨ ପ୍ରସଙ୍ଗ ସୂଚନା........

୨୩୧୨ M. P. C. College, Baripada ତା................

୨୭୪୦

ପ୍ରବୀଣ ଶିକ୍ଷକ ଓ ଗବେଷକ ଡକ୍ଟର ଭାଗବତ ପ୍ରସାଦ ଲେଙ୍କ ମୟୂରଭଞ୍ଜର ରାଜନୈତିକ ଓ ସଂସ୍କୃତିକ ଇତିହାସ ରଚନା କରିଛନ୍ତି । ଏ କ୍ଷେତ୍ରରେ ଏହା ତାଙ୍କର ପ୍ରଥମ ଓ ସାଧୁ ଉଦ୍ୟମ । ମୟୂରଭଞ୍ଜ ଇତିହାସର ବିଭିନ୍ନ ଦିଗ ଉପରେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାମ ପ୍ରସାଦ ଚନ୍ଦ, ଡକ୍ଟର ନବୀନ କୁମାର ସାହୁ, ଡକ୍ଟର ଅର୍ଜୁନ କୁମାର ଯୋଷୀ ମୌଳିକ ଗବେଷଣା କରିଥିଲେ ହେଁ ଏ ଅଞ୍ଚଳର ବିଧିବଦ୍ଧ ଇତିହାସ ରଚନା କରାଯାଇ ନାହିଁ । ଏଥିପାଇଁ ଭାଗବତ ବାବୁ ବିଶେଷ ଭାବରେ ପ୍ରଶଂସନୀୟ । ମୟୂରଭଞ୍ଜ ପ୍ରଚୁର ପ୍ରତ୍ନତାତ୍ତ୍ୱିକ ସମ୍ପଦରେ ଭରପୂର । ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ମଧ୍ୟ ଏହାର ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଅଛି । ମନ୍ଦିରମାଳିନୀ ଖିଚିଙ୍ଗର ଦେବ ଦେଉଳ ଏକ ଅନବଦ୍ୟ ସୃଷ୍ଟି । ଏହାର କିଛିଟା ସ୍ଥାପତ୍ୟ ମଧ୍ୟ ଅଛି । ବହୁ ଐତିହାସିକ ଉପାଦାନର ଡକ୍ଟର ଲେଙ୍କା ସଦୁପଯୋଗ କରିଛନ୍ତି । ମୟୂରଭଞ୍ଜ ତଥା ଓଡ଼ିଶାର ବୁଦ୍ଧିଜୀବୀ ପାଠକ ଏହି ତଥ୍ୟ ସମ୍ବଳିତ ଇତିହାସକୁ ସାଦରେ ଗ୍ରହଣ କରିବେ । ବୌଦ୍ଧିକ ଜଗତରେ ଏହା ନିଶ୍ଚିତ ଭାବରେ ଆଲୋଡ଼ନ ସୃଷ୍ଟି କରିବ । ଆଗାମୀ ପ୍ରଜନ୍ମ ପାଇଁ ଡକ୍ଟର ଲେଙ୍କାଙ୍କର ମୟୂରଭଂଜ ଇତିହାସ ଏକ ପ୍ରେରଣାର ଉତ୍ସ ହୋଇ ରହିବ ।

ସ୍ୱା : ଦୀପକ ଷଡ଼ଙ୍ଗୀ

୨।୪।୯୩

ଅଧ୍ୟକ୍ଷ

ମହାରାଜା ପୂର୍ଣ୍ଣଚନ୍ଦ୍ର ବିଦ୍ୟାଳୟ,

ବାରିପଦା

Digitized by srujanika@gmail.com

ଭୂମିକା

ମୟୂରଭଞ୍ଜ ଆଧୁନିକ ଓଡ଼ିଶାର ଏକ ଐତିହ୍ୟପୂର୍ଣ୍ଣ ଜିଲ୍ଲା ଓ ଅତୀତର ଏକ ସ୍ୱାଧୀନ ଗଡ଼ଜାତ ରାଜ୍ୟ । ଏ ଭୂଇଁରେ ଶହ ଶହ ବର୍ଷ ଧରି ଭଞ୍ଜ ରାଜବଂଶ ରାଜପଣ କରୁଥିଲେ । ଉତ୍କଳରେ ଭୌମ,କେଶରୀ, ଗଙ୍ଗବଂଶ ଆଦିର ଉତ୍‌ଥାନ ସଙ୍ଗେ ସଙ୍ଗେ କାଳ-ସ୍ରୋତରେ ଲୋପ ହୋଇଯାଇଥିଲେ । ମାତ୍ର ସ୍ୱନାମଧନ୍ୟ ଭଞ୍ଜ ରାଜବଂଶ କେଉଁ ପ୍ରାଚୀନ କାଳରୁ ଅବିଚ୍ଛିନ୍ନ ଭାବରେ ରାଜତ୍ୱ କରି ଆସିଥିଲା । ପ୍ରାଚୀନତାରେ ଏହି ରାଜବଂଶ କେବଳ ଉତ୍କଳରେ କାହିଁକି ସମସ୍ତ ଭାରତରେ ବିରଳ । କେବଳ ପ୍ରାଚୀନତାରେ ନୁହେଁ ପ୍ରଜାରଞ୍ଜନ, ସୁଶାସନ, କଳା, ସଂସ୍କୃତି ଆଦିରେ ଏହା ଯୁଗେ ଯୁଗେ ସୁନାମ ଅର୍ଜନ କରିଛି । ଏପରି ଏକ ଗୌରବମୟ ରାଜ୍ୟ ଓ ରାଜବଂଶର ଏକ ଧାରାବାହିକ ଇତିବୃତ୍ତି ବିଶେଷ କରି ଓଡ଼ିଆ ଭାଷାରେ ପ୍ରକାଶ ପାଇବା ଏକାନ୍ତ ଅପରିହାର୍ଯ୍ୟ ବୋଲି ପ୍ରତ୍ୟେକ ଅନୁଭବ କରିଥାଆନ୍ତି । ଏହି ଉଦ୍ଦେଶ୍ୟର ସଫଳ ରୂପାୟନ ପାଇଁ ଏ ଦିଗରେ ମୁଁ ଶ୍ରମ ସ୍ୱୀକାର କରିଛି ।

ମୟୂରଭଞ୍ଜର କୌଣସି ଧାରାବାହିକ ଇତିହାସ ନଥିବାରୁ ଭଞ୍ଜ ବଂଶ ତଥା ଏ ଭୂ-ଖଣ୍ଡର ପ୍ରାଚୀନତା ହେତୁ ସୁଦୂର ଅତୀତରୁ ଏ ପର୍ଯ୍ୟନ୍ତ ଏକ ଐତିହାସିକ ଚିତ୍ର ପ୍ରଦାନ କରିବା ଅତ୍ୟନ୍ତ ଦୁରୂହ ବ୍ୟାପାର । ଭଞ୍ଜ ରାଜବଂଶର ପ୍ରାଚୀନ ଇତିହାସ ଘନ ତମସାଚ୍ଛନ୍ନ । କେବଳ କେତେକ କିମ୍ବଦନ୍ତୀ ତଥା ସ୍ଥାନୀୟ ସୁନ୍ଦର ଲୋକକଥାର ବାଲି ପାହାଡ଼ ଉପରେ ଏହା ଦଣ୍ଡାୟମାନ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଐତିହାସିକ ପ୍ରମାଣ ଯୋଗ୍ୟ ଉପାଦାନ ନାହିଁ କହିଲେ ଚଳେ । ପୁନଶ୍ଚ ପ୍ରାକ୍ ମଧ୍ୟଯୁଗୀୟ ଇତିହାସ କେବଳ ଅର୍ଦ୍ଧାଲୋକିତ । ଏହି ସମୟର ଇତିହାସ ଲେଖାପାଇଁ କେବଳ କେତୋଟି ତାମ୍ରପଟ୍ଟା ସନନ୍ଦ ବ୍ୟତୀତ ଅନ୍ୟାନ୍ୟ ଉପାଦାନ ମିଳେ ନାହିଁ କହିଲେ ଚଳେ । ସେହି ତାମ୍ରପଟ୍ଟା ଗୁଡ଼ିକରୁ ରାଜାମାନଙ୍କର ପୂର୍ଣ୍ଣାଙ୍ଗ ବଂଶଲତା, ଶାସନକାଳ ଓ ଶାସନସ୍ଥଳ ଜଣା ପଡ଼େନାହିଁ । ଏହି ସମୟରେ ରାଜତ୍ୱ କରୁଥିବା ଭଞ୍ଜ ରାଜାମାନଙ୍କର ପ୍ରାମାଣିକ ଦଲିଲ ଓ ଅନ୍ୟାନ୍ୟ ଉପାଦାନ ଅଭାବରୁ ଏ ଯୁଗର ଇତିହାସ ସମ୍ବନ୍ଧରେ ନାନା ମୁନିର ନାନା ମତ ପରିଲକ୍ଷିତ ହୁଏ । ଫଳତଃ ଯେକୌଣସି ଐତିହାସିକଙ୍କ ପକ୍ଷେ ଏ ଯୁଗର ଏକ ସ୍ପଷ୍ଟ ଐତିହାସିକ ଚିତ୍ର ପ୍ରଦାନ କରିବା ସମ୍ଭବ ନୁହେଁ; ତେଣୁ ମୋର ଲେଖା ଯେ ନାନା ମୁନିର ନାନା ମତ ବ୍ୟୂହର ବିବଦମାନ ପରିସୀମା ମୁକ୍ତ ହେବ ତାହା କୁହାଯାଇ ନପାରେ । ସ୍ୱନାମଧନ୍ୟ ଐତିହାସିକ ସ୍ୱର୍ଗତ ଡକ୍ଟର କୃଷ୍ଣଚନ୍ଦ୍ର

Digitized by srujanika@gmail.com

ପାଣିଗ୍ରାହୀ ମଧ୍ୟଯୁଗୀୟ ଭଞ୍ଜରାଜତ୍ୱ ପ୍ରସଙ୍ଗରେ ଆଲୋଚନା କରିବେଳେ ତାଙ୍କ History of Orissa (P· 135)ରେ ଅନୁରୂପ ମତବ୍ୟକ୍ତ କରିଛନ୍ତି ।

ମୟୂରଭଞ୍ଜର ଭଞ୍ଜ ରାଜବଂଶର ଅଧୁନିକ ଯୁଗୀୟ ଇତିହାସ ଲେଖିବା ପାଇଁ ରାଜକୀୟ-ଦଲିଲ, ବିବରଣୀ ତଥା ଅନ୍ୟାନ୍ୟ ଐତିହାସିକ ଉପାଦାନ ସଂଗ୍ରହ କରିବା ମଧ୍ୟ ବହୁ ଆୟାସ ସାଧ୍ୟ ହୋଇଛି ।

ସର୍ବୋପରି ଭଞ୍ଜ ରାଜବଂଶର ଏକ ଧାରାବାହିକ ବଂଶଲତା ପାଇବା କଷ୍ଟକର । କେବଳ ବାରିପଦା ମ୍ୟୁଜିୟମ ସ୍ଥିତ ମୟୂରଭଞ୍ଜ ରାଜବଂଶାବଳୀରେ ଉକ୍ତ ଅଧିକେ ପ୍ରାଚୀନ ଯୁଗଠାରୁ ଭଞ୍ଜ ରାଜତ୍ୱର ପରିସମାପ୍ତି ପର୍ଯ୍ୟନ୍ତ ଏକ ଧାରାବାହିକ ବଂଶାବଳୀ ମିଳିଅଛି । ମାତ୍ର ଏହା ସମ୍ପୂର୍ଣ୍ଣ ତ୍ରୁଟି ମୁକ୍ତ ନୁହେଁ ବୋଲି ମନେ ହୁଏ । ଅନ୍ୟ ଯେଉଁ-ଗୁଡ଼ିକ ମିଳିଛି ତହିଁରେ ସମସ୍ତ ଯୁଗର ଭଞ୍ଜରାଜାମାନଙ୍କର ନାମ ତାଲିକା ନାହିଁ । ପୁନଶ୍ଚ ଏହି ବଂଶ ଲତିକା ଗୁଡ଼ିକରେ ଉଲ୍ଲେଖ କରାଯାଇଥିବା ରାଜାମାନଙ୍କର ନାମର ସମୟାନୁକ୍ରମିକତା ଓ ରାଜତ୍ୱ କାଳରେ ପରସ୍ପର ସମତାର ବ୍ୟତିକ୍ରମ ପରିଲକ୍ଷିତ ହୁଏ ।

ଏ ସମସ୍ତ ଅସୁବିଧା ଓ ବାଧାବିଘ୍ନକୁ ଆଦର ନେଇ ବିଭିନ୍ନ ସୂତ୍ରରୁ ଇତିହାସର ଭଙ୍ଗବିଭଙ୍ଗୀ ସାଉଁଟା ଫୁଲରେ ହାର ଗୁନ୍ଥି ଦେଲି ଭଂଜଭୂଇଁ ଓ ଭଂଜ ରାଜବଂଶର ଆରାଧ୍ୟା ଦେବୀ ବାଣୀ ସ୍ୱରୂପିଣୀ କରୁଣାମୟୀ ଜଗଦ୍‌ଜନନୀ କିଚକେଶ୍ୱରୀଙ୍କ ପାଇଁ । ଆଜି ମିନତି ଜଣାଇଲି ତାଙ୍କ ପାଦପଦ୍ମରେ ଏ ମାଟିର ଏଇ ଇତିବୃତ୍ତ ତାଙ୍କ ଆଶିଷ ଲଭିକରୁ । ଏ ମାଟିର ଜନମାନସରେ ସେଇ ହଜିଲା ଅତୀତର ମଧୁର ସ୍ମୃତି ଉଜ୍ଜୀବିତ କରୁ । ସେମାନଙ୍କର ଏକ ଉଜ୍ଜ୍ୱଳ, ଏକ ଗୌରବମୟ, ଏକ ସବୁଜ ସୁନ୍ଦର ଭବିଷ୍ୟତ ଗଠନ ପାଇଁ ।

ମୟୂରଭଂଜର ଅଗଣିତ ଶୁଭେଚ୍ଛୁ ଭାଇଭଉଣୀଙ୍କ ଅନୁରୋଧ, ଉତ୍ସାହ, ଉଦ୍ଦୀପନା, ପ୍ରେରଣା, ଅନୁପ୍ରେରଣା ଓ ସାହାଯ୍ୟ-ସହାନୁଭୂତି ବଳରେ ଏ ପୁସ୍ତକ ଆଜି ଦିବାଲୋକ ଦର୍ଶନ କଲା । ତେଣୁ ସେମାନଙ୍କଠାରେ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

ଏ ପୁସ୍ତକ ରଚନା ପଥରେ ଯେଉଁମାନଙ୍କର ପୁସ୍ତକ, ପତ୍ରପତ୍ରିକା ତଥା ଅନ୍ୟାନ୍ୟ ସହାୟତା ମୋତେ ଆଗେଇ ନେଇଛି ମୁଁ ସେମାନଙ୍କର ଋଣ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ।

ମୋର ଗୁରୁ ପ୍ରଥମ ପୂଜାସ୍ପଦ ପ୍ରଫେସର ଡକ୍ଟର ଜଗନ୍ନାଥ ପଟ୍ଟନାୟକ ମୋତେ ଏହି ଗବେଷଣାତ୍ମକ ପୁସ୍ତକ ରଚନା ପଥରେ ପଥ ପ୍ରଦର୍ଶକ ରୂପେ ବହୁ ମୂଲ୍ୟ

Digitized by srujanika@gmail.com

ସମସ୍ତ ବ୍ୟୟ କରିଥିବାରୁ ମୁଁ ତାଙ୍କଠାରେ ଗଭୀର ଭକ୍ତିପୂତ କୃତଜ୍ଞତା ଜ୍ଞାପନ କରୁଛି । ଏତଦ୍‌ବ୍ୟତୀତ ମୋର ଗୁରୁ ସମ୍ମାନାସ୍ପଦ ପ୍ରଫେସର ଡଃ ଜଗନ୍ନାଥ ମହାନ୍ତି ଓ ପ୍ରଫେସର ଡଃ କାଳିକୁମାର ଦାସ ମୋତେ ଏ କର୍ମ ସମ୍ପାଦନରେ ପରାମର୍ଶ ଓ ପ୍ରୋତ୍ସାହନ ଦାନ କରିଥିବାରୁ ମୁଁ ସେମାନଙ୍କଠାରେ ବିନମ୍ର କୃତଜ୍ଞତା ଜଣାଉଛି । ଏତଦ୍‌ବ୍ୟତୀତ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜର ଅଧ୍ୟକ୍ଷ ଶ୍ରୀ ଦୀନକ ଷଡ଼ଙ୍ଗୀଙ୍କ ମୂଲ୍ୟବାନ ପରାମର୍ଶ ମୋର ଏ ସାରସ୍ୱତ ଯାତ୍ରାପଥ ସୁଗମ କରିଛି । ତେଣୁ ତାଙ୍କଠାରେ ବିନମ୍ର କୃତଜ୍ଞତା ଜ୍ଞାପନ କରୁଛି ।

ଏ କ୍ଷେତ୍ରରେ ମୟୂରଭଂଜର ଭଂଜ ରାଜବଂଶର ସାହାଯ୍ୟ, ସହାନୁଭୂତି ଓ ପ୍ରେରଣା ଅପାସୋରା । ବର୍ତ୍ତମାନର ମହାରାଜା ଶ୍ରୀ ପ୍ରଦୀପ ଚନ୍ଦ୍ର ଭଂଜଦେବ, କିଲସାହେବ ପ୍ରମୋଦ ଚନ୍ଦ୍ର ଭଂଜଦେବ, ଶ୍ରୀ ନିର୍ମଳ ଚନ୍ଦ୍ର ଭଂଜଦେବ, ଶ୍ରୀ ବିମଳ ଚନ୍ଦ୍ର ଭଂଜଦେବ, ଶ୍ରୀ ମେଘନାଦ ଭଂଜଦେବ ତଥା ଶ୍ରୀମତୀ ଅକ୍ଷୟ କୁମାରୀ ଦେବୀ ଏ ପୁସ୍ତକ ରଚନା ପାଇଁ ନାନା ଭାବରେ ସାହାଯ୍ୟ କରିଥିବାରୁ ମୁଁ ସେମାନଙ୍କଠାରେ ଚିରକୃତଜ୍ଞ ।

ଏହାଛଡ଼ା ସର୍ବଶ୍ରୀ ନଗେନ୍ଦ୍ର ପଟ୍ଟନାୟକ, ଫଣୀନ୍ଦ୍ର କୁମାର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ରବୀନ୍ଦ୍ର ଜେନ୍, ବିଜୟ କୁମାର ଅଗ୍ରୱାଲ, ରାଜକିଶୋର ନାୟକ, ଭାଗବତ ପାଣିଗ୍ରାହୀ, ଆଶିଷ ଚକ୍ରବର୍ତ୍ତୀ, ଶ୍ରୀମତୀ ଲକ୍ଷ୍ମୀ କୁମାରୀ ଦାସ, ଶ୍ରୀମତୀ ସୁପ୍ରିୟା ମଲ୍ଲିକ, ଶ୍ରୀମତୀ ଗୀତାରାଣୀ ମାହୁ, ସୁରେଶ ଚନ୍ଦ୍ର ସାହୁ, ନରେନ୍ଦ୍ର ନାଥ ଦାସ ଆଦି ଏ ପୁସ୍ତକ ରଚନାରେ ପ୍ରେରଣାର ଉତ୍ସ ରୂପେ ଲେଖକଙ୍କର ଗଭୀର କୃତଜ୍ଞତାର ପାତ୍ର ।

ଏତଦ୍‌ ବ୍ୟତୀତ ପ୍ରଚ୍ଛଦପଟ୍ଟ ପ୍ରସ୍ତୁତରେ ମୋର ସ୍ନେହାସ୍ପଦ ଛାତ୍ର ଶ୍ରୀମାନଶ୍ୟାମାପଦ ପଟ୍ଟନାୟକ (ବାପି)ର ଦାନ ଅସ୍ୱୀକାର କରିହେବ ନାହିଁ । ପୁନଶ୍ଚ ମୋର ଜାମାତା ଭଂଜନଗରର ଶ୍ରୀମାନ ବିକ୍ରମ କେଶରୀ ଲେଙ୍କା, ପୁତ୍ର ଅଶୋକ, ଝିଅ ରାଜଶ୍ରୀ, ଜୟଶ୍ରୀ, ଶୁଭଶ୍ରୀ ସହିତ ମୋ ସହଧର୍ମିଣୀ ସ୍ୱର୍ଣ୍ଣଲତା ଯେପରି ଭାବରେ ମୋତେ ଉତ୍ସାହିତ କରିଛନ୍ତି, ସେମାନଙ୍କ କଥା ଉଲ୍ଲେଖ ନ କଲେ ଅବିଚାର ହେବ । ଏଣୁ ସେମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଦାନ କରୁଛି ।

Digitized by srujanika@gmail.com

ଏ ପୁସ୍ତକଟି ତ୍ରୁଟି ଶୂନ୍ୟ କରିବାର ସମସ୍ତ ଉଦ୍ୟମ କରାଯାଇଥିବା ସତ୍ତ୍ୱେ ଏଥିରେ ଯଦି କୌଣସି ଦୋଷତ୍ରୁଟି ପରିଲକ୍ଷିତ ହୁଏ, ତାହାହେଲେ ସୁଧୀ ପାଠକ ପାଠିକା ମାନଙ୍କଠାରେ ମୋର ବିନମ୍ର ଅନୁରୋଧ, ସେହି ତ୍ରୁଟି ଓ ସୁଷ୍ଠୁ ପରାମର୍ଶ ଦାନ ପୂର୍ବକ ତାହାର ନିରାକରଣ ସମ୍ପର୍କୀୟ ତଥ୍ୟ ସହ ଲେଖକଙ୍କ ଦୃଷ୍ଟି ଆକର୍ଷଣ କରିବେ; ଫଳତଃ ତାହା ପରବର୍ତ୍ତୀ ସଂସ୍କରଣରେ ସ୍ଥାନିତ ହେବ ।

ପରିଶେଷରେ ଏହା ପାଠକ ପାଠିକାମାନଙ୍କ ଦ୍ୱାରା ଆଦୃତ ହେଲେ ଲେଖକଙ୍କ ଦୀର୍ଘ ଦିନର ସ୍ୱପ୍ନ ସାର୍ଥକ ହେବ ।

ଅଶୋକ ଭବନ
ବାରିପଦା-୩
ନୂତନ ବର୍ଷ, ୧୯୯୩

ବିନୀତ ଲେଖକ

Digitized by srujanika@gmail.com

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା

ପ୍ରଥମ ସର୍ଗ (ଭଞ୍ଜ ଓ ଭୂଜଙ୍ଗ ରାଜବଂଶ)

ପ୍ରଥମ ଅଧ୍ୟାୟ :

ମୟୂରଭଞ୍ଜର ଏକ ସଂକ୍ଷିପ୍ତ ପରିଚୟ ୧-୮

ଆଧୁନିକ ସୀମା—ଭୌଗୋଳିକ ପରିବେଶ—ଅତୀତର ଏକ ଝଲକ, ମୟୂରଭଞ୍ଜର ଜାତୀୟ ସଙ୍ଗୀତ—ଜାତୀୟ ଏକତା ଓ ଧର୍ମନିରପେକ୍ଷତା—ମୟୂରଭଞ୍ଜ ପ୍ରାଚୀନ ସୀମା ସୂଚନା ଓ ସହାୟତା

ଦ୍ୱିତୀୟ ଅଧ୍ୟାୟ :

ଭଂଜ ରାଜବଂଶ ଏକ ପୃଷ୍ଠଭୂମି ୯-୨୭

ଖିଞ୍ଜିଳିମଣ୍ଡଳ ଓ ଖିଜିଙ୍ଗା କୋଟ—ଭଞ୍ଜ ବଂଶର ଉତ୍ପତ୍ତି ଓ ବଂଶ ପରିଚୟ—ବିଭିନ୍ନ କିମ୍ବଦନ୍ତୀ—ରାଜପୁତ କାହାଣୀ, ରାଜପୁତ କାହାଣୀର ସତ୍ୟାସତ୍ୟ—ଭଞ୍ଜ ରାଜାମାନଙ୍କର ରାଜଚିହ୍ନ ଓ 'ମୟୂରଭଞ୍ଜ'ର ନାମକରଣ—ଭଞ୍ଜ ରାଜାମାନଙ୍କ ରାଜତ୍ୱକାଳ—ଐତିହାସିକ ଆଧାର ବଂଶତାଲିକା—ଐଶ୍ୱର୍ଯ୍ୟଶାଳିନୀ ମନ୍ଦିରମାଳିନୀ ପ୍ରକୃତିର ବୈଭବ ମଣ୍ଡିତା ଖିଚିଂ ଓ ଭଞ୍ଜ ରାଜବଂଶ—ଖିଜିଙ୍ଗାମଣ୍ଡଳର ପତନ—ରାଜଧାନୀ ପରିବର୍ତ୍ତନ ଓ କେନ୍ଦୁଝର ରାଜ୍ୟର ଉତ୍ପତ୍ତି—କେନ୍ଦୁଝର ରାଜବାଟୀ ନିର୍ମାଣ କାହାଣୀ—କେନ୍ଦୁଝର ରାଜସିଂହାସନ ସୃଷ୍ଟିର କାହାଣୀ—ବାରିପଦାର ବଡ଼ ସାମଲ ଗଡ଼ ତିଆରି ସମ୍ବନ୍ଧରେ କାହାଣୀ—ଭଞ୍ଜ ବଂଶର ନିରବଚ୍ଛିନ୍ନ ରାଜତ୍ୱ ଗବେଷକଙ୍କ ମତରେ ସର୍ବପ୍ରାଚୀନ ଓ ସର୍ବଶେଷ ସ୍ୱାଧୀନ ରାଜା—ସୂଚନା ଓ ସହାୟତା

Digitized by srujanika@gmail.com

ତୃତୀୟ ଅଧ୍ୟାୟ : ୨୭-୩୭

ପ୍ରାଚୀନ ଯୁଗ (ପ୍ରଚଳିତ କମ୍ବଦନ୍ତୀ ଓ ବଂଶ ଲତା ଭିତ୍ତିରେ)

ପ୍ରାଚୀନ ଯୁଗର ଭଞ୍ଜ ରାଜ ବଂଶାବଳୀ—ପ୍ରାଚୀନ ଯୁଗର ଭଞ୍ଜ ନରପତିଗଣ—ମହାରାଜା ଜୟସିଂହ—ମହାରାଜା ଆଦି ଭଞ୍ଜଦେବ—ମହାରାଜା ନୀଳାମ୍ବର ଭଞ୍ଜଦେବ—ମହାରାଜା ଲକ୍ଷ୍ମଣ ରାଜଭଞ୍ଜଦେବ—ମହାରାଜା ବଣେଶ୍ୱର ଭଞ୍ଜଦେବ—ମହାରାଜା ଭରତ ଭଞ୍ଜଦେବ—ମହାରାଜା ହଲ୍ଲପେଶ୍ୱର ଭଞ୍ଜଦେବ ମହାରାଜା ବାମଦେବ ଭଞ୍ଜଦେବ—ମହାରାଜା ବାସୁଦେବ ଭଞ୍ଜଦେବ—ମହାରାଜା କେଶରୀ ଭଞ୍ଜଦେବ—ମହାରାଜା ନାରାୟଣ ଭଞ୍ଜଦେବ—ମହାରାଜା ନୀଳକଣ୍ଠ ଭଞ୍ଜଦେବ—ମହାରାଜା ବୀରକିଶୋର ଭଞ୍ଜଦେବ—ଆଲୋଚନା—ସୂଚନା ଓ ସହାୟତା ।

ଚତୁର୍ଥ ଅଧ୍ୟାୟ : ୩୮-୪୮

ମଧ୍ୟଯୁଗ (ପ୍ରାକ୍-ମଧ୍ୟ ଓ ମଧ୍ୟଯୁଗ)

(ଆଦିଭଞ୍ଜଠାରୁ ଯୁବରାଜ କୋଷ୍ଠ ଭଞ୍ଜଯାଏ)—ବଂଶାବଳୀ (ପାରେଶ ସରକାରଙ୍କ ଦ୍ୱାରା ପ୍ରସ୍ତୁତ—ମହତାବଙ୍କ ଓଡ଼ିଶା ଇତିହାସରୁ ଉଦ୍ଧୃତ) ବଂଶାବଳୀ (ମୟୂରଭଞ୍ଜ ଗେଜେଟିଅରୁ ଉଦ୍ଧୃତ) ମଧ୍ୟଯୁଗୀୟ ତାମ୍ର ଶାସନ—ମଧ୍ୟଯୁଗୀୟ ଭଞ୍ଜ ରାଜାମାନଙ୍କ ରାଜତ୍ୱରେ କଳା, ସ୍ଥାପତ୍ୟ, ସଂସ୍କୃତି ଓ ରାଜ୍ୟ ଶାସନ ପ୍ରଣାଳୀ—ସୂଚନା ଓ ସହାୟତା

ପଞ୍ଚମ ଅଧ୍ୟାୟ :

ମଧ୍ୟଯୁଗ ୪୯-୭୩

(ପଠାଣ, ମୋଗଲ ଓ ମରହଟ୍ଟା ଶାସନ କାଳରେ ମୟୂରଭଞ୍ଜ ଓ ଭଞ୍ଜ ରାଜବଂଶ)

ବଂଶାବଳୀ—ମହାରାଜା ଜଗନ୍ନାଥ ଭଞ୍ଜଦେବ—ମହାରାଜା ନୀଳକଣ୍ଠ ଭଞ୍ଜଦେବ—ମହାରାଜା ବୈଦ୍ୟନାଥ ଭଞ୍ଜଦେବ—ମହାରାଜା ହରିହର ଭଞ୍ଜଦେବ—ମହାରାଜା କୃଷ୍ଣ ଭଞ୍ଜଦେବ—ମହାରାଜା ତ୍ରିବିକ୍ରମ ଭଞ୍ଜଦେବ—ମହାରାଜା ସର୍ବେଶ୍ୱର ଭଞ୍ଜଦେବ—ମହାରାଜା ବୀର ବିକ୍ରମାଦିତ୍ୟ ଭଞ୍ଜ-

Digitized by srujanika@gmail.com

ଦେବ—ମହାରାଜା ରଘୁନାଥ ଭଞ୍ଜଦେବ—ମହାରାଜା ଚକ୍ରଧର ଭଞ୍ଜଦେବ—ମହାରାଜା ଦାମୋଦର ଭଞ୍ଜଦେବ —ମହାରାଜେଶ୍ୱରୀ ସୁମିତ୍ରା ଦେବୀ ଭଞ୍ଜ—ମୟୂରଭଞ୍ଜର ଭଞ୍ଜ ରାଜତ୍ୱରେ ହରିହରପୁର ସୂଚନା ଓ ସହାୟତା ।

ଷଷ୍ଠ ଅଧ୍ୟାୟ :

ଆଧୁନିକ ଯୁଗ ୭୪-୧୧୦

(ଇଂରେଜ ରାଜତ୍ୱକାଳରେ ମୟୂରଭଞ୍ଜ ଓ ଭଞ୍ଜ ରାଜବଂଶ) ବଂଶାବଳୀ—ମହାରାଜା ତ୍ରିବିକ୍ରମ ଭଞ୍ଜଦେବ —ମହାରାଜା ଯଦୁନାଥ ଭଞ୍ଜଦେବ—ବଂଶାବଳୀ— ମହାରାଜା ଶ୍ରୀନାଥ ଭଞ୍ଜଦେବ—ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବ—ବଂଶାବଳୀ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ— ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ—ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେବ

ସପ୍ତମ ଅଧ୍ୟାୟ :

ମୟୂରଭଞ୍ଜ ଇତିହାସରେ ଭୁଜଙ୍ଗ ରାଜବଂଶ ୧୧୧-୧୧୯

କପ୍ତିପଦା ଓ ଭୁଜଙ୍ଗ ରାଜବଂଶ ଏକ ପୃଷ୍ଠଭୂମି କପ୍ତିପଦା ରାଜ୍ୟ ଓ ଫଣିମୁକୁଟ—ପୁରୁଷୋତ୍ତମ ଦେବ ଓ କାହ୍ନୁ ବିଜୟ କିମ୍ବଦନ୍ତୀ—କାହ୍ନୁ ରାଜକୋମା ପଦ୍ମାବତୀ ପ୍ରସଙ୍ଗ— କାହ୍ନୁ ବିଜୟରେ ବସନ୍ତ ବରାଟର ଭୂମିକା ଓ ରାଜହସ୍ତୀ— ନୀଳଗିରି ଓ ଶଙ୍କର ଖୁଣ୍ଟିଆ ପୁଷ୍କରିଣୀ ସୃଷ୍ଟିର କିମ୍ବଦନ୍ତୀ— ଶରତ ଭୁଜଙ୍ଗ ଓ ମରକଣ୍ଠୀ ଶାସକଗଣ—କପ୍ତିପଦା ସୃଷ୍ଟିର ଇତିହାସ—ପ୍ରଜା ବିଦ୍ରୋହରେ ଝାରଙ୍ଗମା ରାଜମାତାର ଭୂମିକା—ମହାରାଜା ଶ୍ରୀରାମଚନ୍ଦ୍ର ଓ କପ୍ତିପଦା ରାଜବଂଶ—କପ୍ତିପଦାର ମିଶ୍ରଣ ଓ ମୟୂରଭଞ୍ଜର କରଦ ରାଜ୍ୟ କପ୍ତିପଦା—୧୯୫୨ର ମିଶ୍ରଣ-ଭୁଜଙ୍ଗ ବଂଶାବଳୀ—

Digitized by srujanika@gmail.com

ଦ୍ୱିତୀୟ ଭାଗ

ମୟୂରଭଂଜ ଦର୍ପଣ

ଅଷ୍ଟମ ଅଧ୍ୟାୟ :

ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ୧୨୧-୧୨୪

ଯୁଗେ ଯୁଗେ ମୟୂରଭଂଜ ସଂସ୍କୃତି ।

ନବମ ଅଧ୍ୟାୟ :

ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଆଧାର ୧୨୫-୧୨୯

ମୁଦ୍ରା—ତାମ୍ରପଟ୍ଟ ଓ ଶିଳାଲେଖ—ଦେଓ୍ୱାନ ଓ ସୁପରିନଟେଣ୍ଡେଣ୍ଟ ।

ଦଶମ ଅଧ୍ୟାୟ :

ମୟୂରଭଂଜର ଧର୍ମ ସମ୍ପ୍ରଦାୟ ଓ ଆଧ୍ୟାତ୍ମିକ ସେବାସମିତି ୧୩୦-୧୩୭

ହିନ୍ଦୁ-ଇସ୍‌ଲାମ- ଖ୍ରୀଷ୍ଟିୟାନ-ବୌଦ୍ଧ- ଜୈନ- ଶିଖ-ବ୍ରାହ୍ମ-ବ୍ରହ୍ମାପାଟିଆ-ଆଧ୍ୟାତ୍ମିକ ସେବାସମିତି

ଏକାଦଶ ଅଧ୍ୟାୟ :

ଆମ ଆଦିବାସୀ ଓ ଆମ ଲୋକ ସଂସ୍କୃତି

ଆଦିବାସୀ ଓ ଆଦିବାସୀ ଭାଷା ୧୩୮-୧୮୧

ଆଦିବାସୀ ଲିପି—ଅଲଚିକି ଲିପି ଓ ପଣ୍ଡିତ ରଘୁନାଥ ମୁର୍ମୁ—ଅଲଚିକିର ପ୍ରଚଳନ ଓ ପ୍ରସାର—ଅମର ସ୍ରଷ୍ଟା ପଣ୍ଡିତ ମୁର୍ମୁ—ମୟୂରଭଂଜର କେତୋଟି ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟ ଓ ସେମାନଙ୍କ ବାସସ୍ଥାନ—ଆମ ଲୋକ ସଂସ୍କୃତି—ଆଦିବାସୀଙ୍କ ଧ୍ୟାନ ଧାରଣା, ଯାନଯାତ୍ରା ଓ ପର୍ବ-ପର୍ବାଣୀ—ମୟୂରଭଂଜର କେତୋଟି ଆଦିବାସୀ ପର୍ବ-ପର୍ବାଣୀ—ଧାନବୁଣା ପର୍ବ, ନବାନ୍ନର କ୍ଷେତ-ପୂଜା ପର୍ବ—ଜାଗ୍ରାଳ ପର୍ବ—କରମ ପର୍ବ—ନୂଆଖିଆ ପର୍ବ—ଦଶାଁ (ଦୁର୍ଗାପୂଜା) ମକର, ପର୍ବ ସୋହରାଏ ପର୍ବ—ଗୋ-ପୂଜା

Digitized by srujanika@gmail.com

ବା ବାନ୍ଦଣା—ମାଘପର୍ବ ବସନ୍ତ ପର୍ବ—ଚଇତ ପର୍ବ ଓ ଛଉନାଚ—ସାନ୍ତାଳ ସମ୍ପ୍ରଦାୟର ଲୋକ ସଂସ୍କୃତି—ସାନ୍ତାଳମାନଙ୍କର ଧର୍ମ ଓ ପର୍ବପର୍ବାଣି—ସାନ୍ତାଳୀ ଲୋକଗୀତ—ଅବାହ୍ୱନୀ ସଙ୍ଗୀତ (ବାଖେଣ)—ଅବାହ୍ୱନୀ ସଙ୍ଗୀତ (ବାଖେଣ)ର ମାର୍ମିକ ପଦ୍ୟାନୁବାଦ । ଅନ୍ୟାନ୍ୟ ଲୋକଗୀତ—ବିବାହ ସଙ୍ଗୀତ—ଛିଅବଦା ସଂଗୀତ, ପ୍ରେମ ସଙ୍ଗୀତ ସାନ୍ତାଳୀ ଲୋକନୃତ୍ୟ—ସାନ୍ତାଳୀ ଲୋକକଥା (ପୃଥିବୀର ଜନ୍ମକଥା)—ଲୋକ ସଂସ୍କୃତିରେ ନାଚ ଓ ବାଦ୍ୟଯନ୍ତ୍ରର ଭୂମିକା ଅନ୍ୟାନ୍ୟ । ଲୋକନୃତ୍ୟ ଓ ଲୋକଗୀତ ଏବଂ ଲୋକ ସଂସ୍କୃତିର ସଂରକ୍ଷଣ ବ୍ୟବସ୍ଥା ।

ଦ୍ୱାଦଶ ଅଧ୍ୟାୟ :

ଓଡ଼ିଆ ସାହିତ୍ୟକୁ ମୟୂରଭଂଜର ଦାନ ୧୮୬-୧୮୯

ଉପକ୍ରମ—ଯୁଗେ ଯୁଗେ ଓଡ଼ିଆ ସାହିତ୍ୟ—ପତ୍ରପତ୍ରିକା—ଓଡ଼ିଆ ଶିଶୁ ସାହିତ୍ୟକୁ ମୟୂରଭଂଜର ଦାନ—ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ମୟୂରଭଂଜର ଦାନ—ନାଟକ ଓ ସିନେମା କଳାକାର—ଉପସଂହାର ।

ତ୍ରୟୋଦଶ ଅଧ୍ୟାୟ :

ଇତବୃର ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟ ଶିକ୍ଷା ଓ ଶିକ୍ଷାୟତନ ୧୯୦-୨୦୧

ଚତୁର୍ଦ୍ଦଶ ଅଧ୍ୟାୟ :

ଭାରତୀୟ ମୁକ୍ତି ସଂଗ୍ରାମକୁ ମୟୂରଭଂଜର ଦାନ ୨୦୨-୨୦୭

ପୃଷ୍ଠଭୂମି—ମହାରାଜା ଶ୍ରୀରାମଚନ୍ଦ୍ର ଓ ଓଡ଼ିଆ ମୁକ୍ତି ସଂଗ୍ରାମ ପ୍ରଥମ—ବିଶ୍ୱଯୁଦ୍ଧ ଅବସରରେ ଭାରତୀୟ ମୁକ୍ତି ସଂଗ୍ରାମ ଓ ଭିତରେ ମୟୂରଭଂଜର ଅବଦାନ—ଲବଣ ସତ୍ୟାଗ୍ରହ ଓ ମୟୂରଭଂଜ ମୁକ୍ତି ସଂଗ୍ରାମ ଭାରତ ଛାଡ଼ ଆନ୍ଦୋଳନ ଓ ମୟୂରଭଂଜର ମୁକ୍ତି ସଂଗ୍ରାମ—ଭାରତୀୟ ମୁକ୍ତି ସଂଗ୍ରାମ ଅବସରରେ ମୟୂରଭଂଜ ପ୍ରଜାମଣ୍ଡଳ ଶାସନ

Digitized by srujanika@gmail.com

ଓ ମନ୍ତ୍ରୀମଣ୍ଡଳ—ମୁକ୍ତଲଭ ଓ ମୟୁରଭଂଜ ମିଶ୍ରଣ
ଉପସଂହାର

ପଞ୍ଚଦଶ ଅଧ୍ୟାୟ :

କେତୋଟି କମ୍ବଦନ୍ତୀ ଓ କେତୋଟି ମହତ୍ତ୍ୱପୂର୍ଣ୍ଣ ଦର୍ଶନୀୟ ସ୍ଥାନ ୧୦୭-୧୧୭

ମାଣ୍ଡଣୀ (କମ୍ବଦନ୍ତୀ) ଅମର୍ଦ୍ଦା—ଆଦପୁର—ବଡ଼ବେଳ ବୁଠି—ବଡ଼ସାହି—ବହ୍ନଳଦା (କଚକେଶ୍ୱରୀଙ୍କ କମ୍ବଦନ୍ତୀ —କଚକେଶ୍ୱରୀଙ୍କ ମହିମା—ବହ୍ନଳଦାର ଭନ୍ଦ ପର୍ବ ଓ କଚକେଶ୍ୱରୀଙ୍କ ମେଳା ଦେଖା) ମଣ୍ଡରହ—ସ୍ନାନକୁଣ୍ଡ—ଶମୀବୃକ୍ଷ—ଦେବସ୍ଥାନ—ଘାଟଶିଳା ଓ ହଳଦୀଘାଟ—ଡ଼ୁଙ୍ଗାଗଡ଼—ଇଟାଗଡ଼-ଜାମଦା—ଯଶିପୁର—ଝିଙ୍କପଡ଼ା—ବାରିପଦା—ସିନ୍ଦୁରମୁଣ୍ଡି ପାହାଡ଼—ହଦଳା—ମୌଦାହୁଡ଼—ଶିମଳା—ଶୀର୍ଷା—ସଠିକେ—ପେଡ଼ାଗଡ଼—ପ୍ରତାପପୁର—ରତନପୁର—କେଶସ୍ନାକୁଣ୍ଡ—ଟେଣ୍ଟପୋଷ—ଚଇଡ଼ା—ରାଣୀବନ୍ଧ—ମହୁଲଡ଼ିହା (ସ୍ୱାଧୀନତା ସଂଗ୍ରାମସ୍ଥଳୀ ଶହୀଦ ବାଘାଯତୀନ) କାନପୁର—କୁଆମରା—କୁଳିଆନାମ ଦେବକୁଣ୍ଡ—ବରେହ୍ନି ପାଣି ଓ ଜୋରନ୍ଦା ଜଳପ୍ରପାତ—ଖୁଣ୍ଟା—ଖୁଣ୍ଟା (ବାରିପଦା)—କାନ୍ଥିମଠ—ରାମ ଗୋବନ୍ଦପୁର—ଭଁଇସାସା—ବଡ଼ଧୁନ୍ଦୁ—କୁସୁଢ଼ିଆ ଗଡ଼—ଭରଂଜଅ—ରାଇରଙ୍ଗପୁର (ରାଇରଙ୍ଗପୁର ଗଡ଼ ଓ ଟେଣ୍ଟାପୋଷ ଯୁଦ୍ଧର ପ୍ରଚଳିତ କମ୍ବଦନ୍ତୀ—ଧରୁଆ ରାଜା ଓ ଭଂଜ ରାଜାଙ୍କ ଯୁଦ୍ଧ ।

ପରିଶିଷ୍ଟ— ୧୧୮-୧୪୪

ଭଂଜ ରାଜବଂଶାବଳୀ— Mayurbhanj Merger Agreement Census of India—1981 ସହାୟକ ଗ୍ରନ୍ଥାବଳୀ

Digitized by srujanika@gmail.com



ଜଗନ୍ନାଥଙ୍କ ସୁନା ବେଶ

Digitized by srujanika@gmail.com

ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଭଞ୍ଜଦେବ

ମହାରାଜା ଶ୍ରୀ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ

ମହାରାଜା ସାର୍ ପ୍ରତାପଚନ୍ଦ୍ର ଭଞ୍ଜଦେବ

Digitized by srujanika@gmail.com

ମହାରାଣୀ ଲକ୍ଷ୍ମୀକୁମାରୀ

Digitized by srujanika@gmail.com

ସ୍ୱଗ୍ରୁ ଦେବୀ

ମହାରାଣୀ ପ୍ରେମ କୁମାରୀ

Digitized by srujanika@gmail.com

ମହାରାଜ କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାରିପଦା

ମୟୂରଭଂଜ ଛଉ ନୃତ୍ୟର ଏକ ଦୃଶ୍ୟ (War dance)

Digitized by srujanika@gmail.com

ପ୍ରଥମ ଅଧ୍ୟାୟ

ମୟୂରଭଞ୍ଜର ଏକ ସଂକ୍ଷିପ୍ତ ପରିଚୟ

ଯେଉଁ ଭୂମି ତାଳତମାଳ ବନରାଜି-ନୀଳାରେ ନୀଳାୟିତ, ହରିତାଭ ଶସ୍ୟ କେଦାରମାଳାରେ ତରଙ୍ଗାୟିତ, ପୁଣ୍ୟତୋୟା ନଦନଦୀ ନିର୍ଝରିଣୀରେ ନିନାଦିତ, ଅତୀତର କଳା, ସଂସ୍କୃତି, ଶୌର୍ଯ୍ୟ, ବୀର୍ଯ୍ୟର ଗୌରବରେ ଗୌରବାନ୍ୱିତ, ସେହି ପୁଣ୍ୟଭୂମି ଆମ ଜନ୍ମଭୂମି ଓଡ଼ିଶା । ଭଞ୍ଜ ରାଜ ବଂଶର ପବିତ୍ର ସ୍ମୃତି ବିଜଡ଼ିତ ମୟୂରଭଞ୍ଜ ସେହି ଓଡ଼ିଶା ଭୂମି, ଆଧୁନିକ ଓଡ଼ିଶାର ଏକ ଐତିହ୍ୟପୂର୍ଣ୍ଣ ଜିଲ୍ଲା ଓ ଅତୀତର ଓଡ଼ିଆଭାଷୀ ୨୬ଟି ଦେଶୀୟ ରାଜ୍ୟ ମଧ୍ୟରୁ ଏକ ସୁନାମଧନ୍ୟ ଗଡ଼ଜାତ ରାଜ୍ୟ ।

ଆଧୁନିକ ସୀମା :

ଭଞ୍ଜସ୍ମୃତିବୋଳା ପ୍ରକୃତିର ଗନ୍ତାଘର ମୟୂରଭଞ୍ଜ ଓଡ଼ିଶାର ପ୍ରାକୃତିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ଉତ୍ତରରେ ବିହାରର ସିଂହଭୂମି ଜିଲ୍ଲା ଓ ପଶ୍ଚିମବଙ୍ଗର ମେଦିନୀପୁର ଜିଲ୍ଲା, ଦକ୍ଷିଣରେ ଓଡ଼ିଶାର କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲା ପୂର୍ବରେ ପଶ୍ଚିମବଙ୍ଗର ମେଦିନୀପୁର ଜିଲ୍ଲା ଏବଂ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଓ ପଶ୍ଚିମରେ ଓଡ଼ିଶାର କେନ୍ଦୁଝର ଜିଲ୍ଲା ଓ ବିହାରର ସିଂହଭୂମି ଜିଲ୍ଲା ଏହାକୁ ଘେରି ରହିଛି ।

ଭୌଗୋଳିକ ପରିବେଶ :

ଏହା ୧୦,୪୧୭ ବର୍ଗ କିଲୋମିଟର ପରିମିତ ଏକ ସୁରମ୍ୟ ପରିସର ମଧ୍ୟରେ ଅବସ୍ଥିତ । ମୟୂରଭଞ୍ଜର ମିଶ୍ରଣ ପୂର୍ବରୁ ଏହାର କ୍ଷେତ୍ରଫଳ ଥିଲା ୪ ୪୩ ବର୍ଗ-ମାଇଲ । ଏହା ୨୧ ଡିଗ୍ରୀରୁ ୨୨ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୫ ଡିଗ୍ରୀରୁ ୮୭ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ ।

ଏହାର ଭୌଗଳିକ ପରିବେଶ ଯେପରି ସୌନ୍ଦର୍ଯ୍ୟମୟ, ସେହିପରି ବୈଚିତ୍ର୍ୟ-ପୂର୍ଣ୍ଣ । ଏହାର ମଧ୍ୟଭାଗ ବନ-ପାହାଡ଼, ପର୍ବତରେ ପରିଶୋଭିତ । ମଧ୍ୟସ୍ଥଳର ଦଟେ'ଛ ମେଘାସନୀ ଗିରିଶୃଙ୍ଗ ଓ ଶିମିଳିପାଳ ପାହାଡ଼ ନଗଶ୍ରେଣୀ କେଉଁ କାଳରୁ ମସ୍ତକ ଉନ୍ନ

Digitized by srujanika@gmail.com

ଛୁଡ଼ା ହୋଇଛନ୍ତି । ନୀଳନଭ ବିତାନ ତଳେ ପାହାଡ଼ ଶ୍ରେଣୀର ମସ୍ତକରେ ତରଳ ଚପଳ ମେଘମାଳାର ଲୁଚକାଳି ଖେଳ ଅତ୍ୟନ୍ତ ଉପଭୋଗ୍ୟ । ଦିଗନ୍ତ ବିସ୍ତାରୀ ସବୁଜ ଅରଣ୍ୟାନୀର ସବୁଜ ଉତ୍ସଙ୍ଗ ମଧ୍ୟରେ ପାର୍ବତ୍ୟଭୂମି ପରିବେଷ୍ଟିତ ପ୍ରକୃତି ସୁନ୍ଦରୀଙ୍କର ଅଙ୍ଗ ଲତିକାର ଦୃଶ୍ୟ ସୌନ୍ଦର୍ଯ୍ୟପ୍ରେମୀ କବି, ଲେଖକଙ୍କ ପ୍ରାଣ ଆକର୍ଷଣ କରେ । ଏହି ମଞ୍ଜୁଳ ଗିରି ଶ୍ରେଣୀ ମୟୂରଭଞ୍ଜକୁ ଦୁଇ ପ୍ରାକୃତିକ ବିଭାଗରେ ବିଭକ୍ତ କରିଅଛି । ଯଥା—ପୂର୍ବ ଓ ପଶ୍ଚିମ ଭାଗ । ପୂର୍ବଭାଗ ନିମ୍ନ ଓ ପଶ୍ଚିମଭାଗ ଉଚ୍ଚ ପାର୍ବତ୍ୟ ଭୂମି । ପୂର୍ବ ପ୍ରାକୃତିକ ବିଭାଗରେ ବାରିପଦା ସଦର ଓ କପ୍ତିପଦା ସବ୍‌ଡିଭିଜନ ଏବଂ ପଶ୍ଚିମ ପ୍ରାକୃତିକ ବିଭାଗରେ ବାମନଘାଟୀ ଓ ପଞ୍ଚପୀଢ଼ ସବ୍‌ଡିଭିଜନ ବିଦ୍ୟମାନ । ସଦର ସବ୍‌ଡିଭିଜନର ବାରିପଦା, କପ୍ତିପଦାର ଉଦଳା, ପଞ୍ଚପୀଢ଼ର କରଞ୍ଜିଆ ଓ ବାମନଘାଟୀର ରାଇରଙ୍ଗପୁର ସଦର ମହକୁମା ଅଟେ ।

"ମୟୂରଭଞ୍ଜର ପ୍ରକୃତି ଅତି ବିଚିତ୍ର । ଏହା ଯେଉଁଠି ଶାନ୍ତ ରମଣୀୟ ତ ଯେଉଁଠି ଭୀଷଣ ଭୟଙ୍କର । ଏହା ଦିଗନ୍ତବିସ୍ତାରୀ ସବୁଜ ବନାନୀ ଶାଳ, ପିଆଶାଳ, ଅସନ ଆଦି ବୃକ୍ଷରେ ପରିଶୋଭିତ । ଚନ୍ଦନ, ଚମ୍ପା, ନାଗେଶ୍ୱରର ମନ୍ଦ ମନ୍ଦ ବାସ୍ନାରେ ଚତୁର୍ଦ୍ଦିଗ ଆମୋଦିତ । କୁସୁମିତ ବନ ଉପବନରେ ମଧୁକରର ଗୁଣୁଗୁଣୁ ମଧୁର ଗୁଞ୍ଜନ, ବଂଶକୁଞ୍ଜରେ ପବନର ମଧୁର ବଂଶୀସ୍ୱନ ଅସରନ୍ତି ଆନନ୍ଦ ଦାନ କରେ । ସ୍ୱର୍ଣ୍ଣପ୍ରସୂ ସୁବର୍ଣ୍ଣରେଖା, ଜବଳ, ସବଳ, ସୋଣ ବଳାଙ୍ଗୀ, ଦେଓ ଜମ୍ବିର, ବୈତରଣୀ ଆଦି ନଦନଦୀ ଓ ଝର୍ଝରଣା ତଥା ବରେହିପାଣି ଆଦି ଜଳପ୍ରପାତର ମନ୍ଦ୍ର ନିନାଦରେ ବନଭୂମି ମୁଖରିତ ହୁଏ [୧]।"

କବିବର ରାଧାନାଥ ରାୟ ମୟୂରଭଞ୍ଜର ତିନୋଟି ମୁଖ୍ୟ ନଦୀର ଭୌଗୋଳିକ ପରିଚୟ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି—

ଶାଳ୍ମଳୀ ଶଇଳୁଁ ଝରସ୍ଥାନେ ତିନ ତଟିନୀ ଝରେ,
ଲଙ୍ଘି ନାନାବନ ଜନପଦ ମିଶେ ବଙ୍ଗ ସାଗରେ ।
ଉତ୍ତରରେ ବଳାଙ୍ଗୀ ମଧ୍ୟେ ଗଙ୍ଗାହାର ଶୋଣ ଦକ୍ଷିଣେ,
ଜଳବେଣୀ ବର୍ଣ୍ଣେ କୁରଙ୍ଗୀ ନୟନେ ନୀଳିମା କଣେ [୨] ।"

ଶୁଆଶାରୀ, ବୁଲବୁଲ ଓ କୋକିଳର ମଧୁର ମୂର୍ଚ୍ଛନାରେ ଏ ଭୂଇଁ ସଙ୍ଗୀତାପ୍ଲୁତ ହୁଏ । ଆକାଶରେ କଳାହାଣ୍ଡିଆ ମେଘ ଦେଖି ମୟୂର ତୁଣ୍ଡ ଫୁଲାଇ ନାଚେ ଆଉ ମନୁଷ୍ୟ ହୁଏ ପାଗଳ । ଏହି ବନଭୂଇଁ ପଲପଲ ହରିଣ ହାତୀ, ବ୍ୟାଘ୍ର, ଭଲ୍ଲୁକ, ସିଂହ ଆଦି ପଶୁମାନଙ୍କର ଆବାସସ୍ଥଳୀ ।

ମୟୂରଭଞ୍ଜର ଏପରି ସୁଶୋଭିତ ପ୍ରକୃତି ମଧ୍ୟରେ ଲୁହା, ସୁନା, ଚୂନ ପଥର ଆଦିର ମୂଲ୍ୟବାନ ଖଣି ପୂରି ରହିଛି । ନାନା କୌଶଳରେ ମଣିଷ ସେଗୁଡ଼ିକୁ ବ୍ୟବହାର

Digitized by srujanika@gmail.com

କରିବାରେ ଲାଗିଛି । କେଉଁ ଯୁଗରୁ ଏହି ବଣଭୂଇଁ ପଡ଼ିଛି । ତା'ଭିତରେ ପକ୍ଷୀ ମଣିଷ ଜୀବ ବ୍ୟବହାର ପାଇଁ ନାନାଦି ଜନପଦ ସୃଷ୍ଟି ହେଉଛି ।

ମୟୂରଭଞ୍ଜର ଅତୁଳନୀୟ ଶୋଭାସମ୍ପଦରେ ମୁଗ୍ଧହୋଇ ବର୍ତ୍ତମାନର ଜନପ୍ରିୟ ସରକାର ଶିମିଳିପାଳକୁ ଏକ ଜାତୀୟ ଅରଣ୍ୟରେ ପରିଣତ କରୁଛନ୍ତି । ଏଠାରେ ପଶୁପକ୍ଷୀମାନଙ୍କ ପାଇଁ ଅଭୟାରଣ୍ୟ ହୋଇଛି । ଏଠାରେ ପଶୁପକ୍ଷୀମାନେ ନିର୍ଭୟରେ ରହୁଛନ୍ତି'। ବିଶ୍ୱବିଦିତା ଖଇରୀ ବାଘୁଣୀ ଦିନେ ଏହି ଜାତୀୟ ଉଦ୍ୟାନର ମୁକ୍ତ ପରିବେଶରେ ଚୌଧୁରୀ ଦମ୍ପତିଙ୍କ ସ୍ନେହ ସୁହାଗରେ ପାଳିତା ହୋଇ ବିଶ୍ୱରେ ଚହଳ ପକାଇ ଦେଇଥିଲା । ଆଜି ସେ ନାହିଁ, ମାତ୍ର ତାର ମଧୁର ସ୍ମୃତି ଆଜି ବିଶ୍ୱଜନମାନସରେ ଅଲିଭାରେଖା ଅଙ୍କନ କରିଛି ।

ଜନଜୀବନ :

"ମୟୂରଭଞ୍ଜ ଆଦିବାସୀଙ୍କ ଜୀବନର ଛନ୍ଦ ଅତି ସରଳ, ଅତି ସୁନ୍ଦର ଓ ମଧୁର । ଏଠାରେ ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି, ବାହୁଗ୍ର, ଡମ ଆଦି ବିଭିନ୍ନ ବର୍ଣ୍ଣର ଲୋକେ ବାସ କରନ୍ତି । ଆଦିବାସୀଙ୍କ ସଂଖ୍ୟା ଏଠାରେ ବେଶୀ । ଏଠାରେ ସାନ୍ତାଳ, କୋହ୍ଲ, ବାଥୁଡ଼ି, ଭୂମିଜ, ଲୋଧା, ମାଙ୍କଡ଼ିଆ ଆଦି ୫୩ ପ୍ରକାରର ଆଦିବାସୀ ସମ୍ପ୍ରଦାୟର ଲୋକେ [୩] ।" ଏଠାରେ ବାସ କରନ୍ତି । ସ୍ନେହ ମମତା ଭୋଳା ପରିବେଶରେ କେଉଁ ଆଦିମ ଯୁଗରୁ ଏମାନେ ସୁଖସୁଖ ଭଲ ଚଳି ଆସୁଛନ୍ତି । ଏମାନେ ପାହାଡ଼ ଜଙ୍ଗଲ, ନଦୀନାଳ ଗିରି ଝରଣାର କୂଳେ କୂଳେ ବାସ କରନ୍ତି । ବନର ଫଳମୂଳ ଝରଣାର ଜଳ ସେମାନଙ୍କ ଜୀବନ ଦୀପ ଜଳାଇ ରଖିଛି । ସେମାନେ ସାଧୁ, ସଚ୍ଚୋଟ, ନିରୀହ ଓ ନିର୍ଭୀକ । କର୍ମ ସେମାନଙ୍କର ଧର୍ମ, ଜୀବନ ତାଙ୍କର କର୍ମମୁଖର । ତାଙ୍କର କର୍ମନିପୁଣ ହାତର ପରଶରେ ସୃଷ୍ଟି ହୁଏ ସୌଧ ମନ୍ଦିରର ସୂକ୍ଷ୍ମଶିଳ୍ପକଳା । ତାଙ୍କର ମୁଣ୍ଡର ଝାଳରେ ସବୁଜ ତରଙ୍ଗ ତୋଳେ ଶସ୍ୟ ଶ୍ୟାମଳିତ ଧରଣୀ । କର୍ମ, ନୃତ୍ୟ ଓ ସଙ୍ଗୀତ ସେମାନଙ୍କର ଚିର ସହଚର । କର୍ମକ୍ଳାନ୍ତ ଅବସର ପରେ ଅବା ପର୍ବପର୍ବାଣୀ ଯାନିଯାତ୍ରା ଅବସରରେ ଜୀବନରେ ସରସତା ଭରିଦେବା ପାଇଁ ସେମାନେ ବଜାନ୍ତି, ନାଚନ୍ତି ଓ ଗାଆନ୍ତି । ଶିଙ୍ଗା, ବଇଁଶୀ, ମାଦଳ ଧୁମ୍ସାର ତାଳେ ତାଳେ ନୃତ୍ୟ ଗୀତର ଛନ୍ଦେଛନ୍ଦେ ଯୁବକ ଯୁବତୀ ଏପରିକି ଆବାଳ ବୃଦ୍ଧବନିତା ହୁଅନ୍ତି ନୃତ୍ୟରତ । ଆଦିବାସୀ ପଲ୍ଲୀ ନୃତ୍ୟଗୀତର ମଧୁର ମୂର୍ଚ୍ଛନାରେ ଉଚ୍ଛୁଳି ପଡ଼େ । ସେମାନେ କେବଳ ନୃତ୍ୟଗୀତ, ସଙ୍ଗୀତପ୍ରିୟ କମ୍ବା ଶିଳ୍ପ ସାହିତ୍ୟ ପ୍ରିୟ ନୁହନ୍ତି । ଘରର ବାସ, ବସନ ଭୂଷଣ ଏପରିକି ଜୀବନର ପ୍ରତିଟି ଶୈଳୀରେ ଫୁଟି ଉଠେ ସେମାନଙ୍କର କଳାପ୍ରିୟତା ।

Digitized by srujanika@gmail.com

ସଭ୍ୟତାର ଘୂର୍ଣ୍ଣିଚକ୍ରରେ ଆଦିବାସୀ ଜୀବନ ଓ ସଂସ୍କୃତିରେ ଆଜି ଆସିଛି ପରିବର୍ତ୍ତନ । ପଲ୍ଲୀ ଓ ନଗର ସଭ୍ୟତାର ମଧୁର ମିଳନରେ ସେମାନଙ୍କର ବେଶଭୂଷା, ଚାଲିଚଳଣି, ଚିନ୍ତାଚେତନାରେ ଆଧୁନିକତାର ଛାପ ଛାପି ଯାଉଛି ।

ବିଜ୍ଞାନ ଗତିର ଦ୍ରୁତ ପରିଣତରେ ମୟୂରଭଞ୍ଜ ଯନ୍ତ୍ର ସଭ୍ୟତାରେ ଆଗେଇ ଚାଲିଛି । ବନଜ ଓ ଖଣିଜ ସମ୍ପଦର ସଦୁପଯୋଗରେ ତା'ର ଭାଗ୍ୟ ପରିବର୍ତ୍ତନ ହେବାରେ ଲାଗିଛି । ଆଧୁନିକତାର ସ୍ୱାଦ ଚାଖିଲେ ମଧ୍ୟ ମୟୂରଭଞ୍ଜ ତା'ର ଐତିହ୍ୟ ପରମ୍ପରାକୁ ଭୁଲି ଯାଉନି ।

ମୟୂରଭଞ୍ଜ ଭଞ୍ଜ ନୃପତିମାନଙ୍କର କୀର୍ତ୍ତିକଳାପର ଏକ ଅନୁପମ ପୁଣ୍ୟଭୂମି । ବାରିପଦା ସଦର, ବାମନଘାଟୀ, ପାଞ୍ଚପୀଢ଼ ଓ କପ୍ତିପଦା—ମୟୂରଭଞ୍ଜର ଏ ଚାରୋଟି ସବ-ଡିଭିଜନରେ ଭଞ୍ଜବଂଶର ପବିତ୍ର ସ୍ମୃତି ବିଜଡ଼ିତ ହୋଇପଡ଼ିଛି । ବାରିପଦା, ଖିଚିଂ, ହରିପୁର, ପ୍ରତାପପୁର, ରାଇରଙ୍ଗପୁର, ବହଳଦା, କପ୍ତିପଦା, ମାଣିଡ଼ୀ ଆଦି ମୟୂରଭଞ୍ଜ ଅତୀତ ଗୌରବର ମୂକସାକ୍ଷୀ । ଏ ସମସ୍ତ ଗୌରବରେ ଗୌରବମୟୀ ଓ ଗର୍ବିଣୀ ମୟୂରଭଞ୍ଜ ।

ଋତୁଚକ୍ର ପ୍ରବାହରେ ଏ ଭୂମିର ପଲ୍ଲୀ ପ୍ରକୃତିର ଅଙ୍ଗେ ଅଙ୍ଗେ ବୋଳିଦିଏ ସ୍ୱପ୍ନର ପ୍ରଲେପ । ଏ ମାଟିର ମଣିଷ ଆନନ୍ଦ ଉଚ୍ଛୁଳା ପ୍ରାଣରେ ବାର ମାସରେ ତେର ପର୍ବ ମଧ୍ୟରୁ ମକର ସଂକ୍ରାନ୍ତି, ଚଇତ୍ର ପର୍ବ, ରଥଯାତ୍ରା ଟୁସୁ ଆଦି ମହାଆନନ୍ଦରେ ପାଳନ କରେ । ଚଇତ୍ର ପର୍ବ ଅବକାଶରେ ସେ ଛଉ ନାଚ ନାଚେ । ଏ ନାଚ ମୟୂରଭଞ୍ଜକୁ ବିଶ୍ୱ ଦରବାରରେ ପରିଚିତ କରାଇଛି । ଏହାଛଡ଼ା ଝୁମର, ଦାସାଏ, ଚାଙ୍ଗୁ, କରମ ନାଚ ଆଦିରେ ଏ ଭୂମିର ମଣିଷ ନାଚେ, ଗାଏ, ବଜାଏ ଓ ଜୀବନକୁ ଉପଭୋଗ କରେ ।

ଅତୀତର ଏକ ଝଲକ

ଅତୀତ ମୟୂରଭଞ୍ଜର ଜାତୀୟ ସଂଗୀତ :

ସେ ଆଜି ନାଚୁଛି, କାଲିବି ନାଚୁଥିଲା । ସେ ଭୁଲିଯାଇନି ତାର ମଧୁ-ବୋଳା ଅତୀତର ସ୍ମୃତି ପଖାଳା ଦିନଗୁଡ଼ିକୁ । ଭୁଲିନି ସେ ରାଜଦରବାରରେ ସେ ଦିନର ବର୍ଣ୍ଣାଢ୍ୟ ଜାତୀୟ ଉତ୍ସବ । କି ଉତ୍ସାହ, କି ଉଦ୍ଦୀପନା, କି ଉଦ୍ଦାମ ନୃତ୍ୟ, ସଙ୍ଗୀତ ଓ ବାଦ୍ୟର ଐକତାନିକ ସମାବେଶ । ସେ ଦିନର ରାଜଭକ୍ତି ଓ ଦେଶଭକ୍ତିର ଅନୁପମ ଦୃଷ୍ଟାନ୍ତ ମନ ପରଦାରେ ନାଚିଯାଏ । ବାରିପଦା ପୁରବାସୀ ଦର୍ଶକ ଦର୍ଶିକା ଗହଣରେ ନାଚୁଥିଲା, ବାଜୁଥିଲା ଆଉ ଗାଉଥିଲା । ସେ ନାଚୁଥିଲା ମାଦଳ, ବଇଁଶୀ,

Digitized by srujanika@gmail.com

ବ୍ୟାଣ୍ଡର ତାଳେ ତାଳେ ବୀର ରସରେ, ବୀର ବେଶରେ ଅଙ୍ଗ ଶୋଣିତକୁ ଗରମା କରି ତା' କଣ୍ଠରୁ ସ୍ୱର ପଡ଼ୁଥିଲା ଭଞ୍ଜଭୂମିର ଉଦାମ ଜାତୀୟ ସଙ୍ଗୀତ ।

"ମୋର ଏହୁ ଭଞ୍ଜ ଭୂମି,
ମୋର ମହାରାଜା,
ଜନ୍ମେ ଜନ୍ମେ କରୁଥିବି ମୁଁ
ଏ ଦୁହିଁଙ୍କ ପୂଜା । (ଘୋଷା)
ଦମ୍ ଦମ୍ ଲଗେଦମ ଲଗେଦମ
ବାଜେ ବୀର ବାଜା
ଦେଖରେ ଦେଖରେ ପୂର୍ବ ନଭେ
ଉଇଁ ଅଛନ୍ତି ସୂର୍ଯ୍ୟ,
ଦମାମ୍ ଦମାମ୍ ମାଦଳ ବାଜେ
ଗର୍ଜି ଉଠେ ତୂର୍ଯ୍ୟ,
କର୍ମ ଆଗେ କର୍ମ ଆଗେ
ଆଗେଇ ଚାଲରେ ଅଗ୍ରସରେ
ସେବାର ଧର୍ମ ମର୍ମ ଜାଗେ
ରକ୍ତଲଗେ ତାଜା ॥ ୧ ॥"

(ଅତୀତର ମୟୂରଭଞ୍ଜ ରାଜ୍ୟର ଜାତୀୟ ସଙ୍ଗୀତ—ଶ୍ରୀ ସୁରେଶ ଚନ୍ଦ୍ର ସାହୁ, ଶ୍ରୀ ନଳିନୀ କୁମାର ଦାଶ ଓ ଶ୍ରୀ ମୃତ୍ୟୁଞ୍ଜୟ ରଣା, ବାରିପଦାଙ୍କଠାରୁ ସଂଗୃହୀତ ।)

ଜାତୀୟ ଏକତା ଓ ଧର୍ମନିରପେକ୍ଷତା :

ଜାତୀୟ ଏକତା ଓ ଧର୍ମନିରପେକ୍ଷତାର ପୁଣ୍ୟପୀଠ ରୂପେ ଏ ଭୂମି ଯୁଗେ ଯୁଗେ ବାଟ ଦେଖାଇଛି । ଏ ମାଟିରେ ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିୟାନ, ବୌଦ୍ଧ ଜୈନ ଆଦି ସମ୍ପ୍ରଦାୟର ଲୋକେ ସଂକୀର୍ଣ୍ଣ ଭେଦଭାବ ଭୁଲି କେଉଁ ଯୁଗରୁ ଯେ ଭ୍ରାତୃତ୍ୱର ଅତୁଟ ବନ୍ଧନରେ ଆବଦ୍ଧ ହୋଇ ଚାଲି ଆସୁଛନ୍ତି ତାହା କହିହେବ ନାହିଁ । ଏକ ଈଶ୍ୱର, ଏକ ଜନନୀ, ଜନ୍ମଭୂମିର କୋଳରେ ରହି ଜାତୀୟତାର ମଧୁମନ୍ତ୍ର ଗାନ କରନ୍ତି । ଜନନୀ ଜନ୍ମଭୂମି ପାଇଁ ନିଜର ଜୀବନକୁ ତିଳ ତିଳ, ଦାନ କରିବାରେ ପଶ୍ଚାତପଦ ହୁଅନ୍ତି ନାହିଁ । ଏହା ତାଙ୍କର ଇତିହାସ କହେ—କହେ ଖିଚିଂ, ହରିପୁର ପ୍ରତାପପୁର ଆଦିର ଅତୀତର ଉଚ୍ଛ୍ୱସିତ ବୋଲା ପ୍ରତ୍ନତାତ୍ତ୍ୱିକ ସମ୍ପଦ ଓ ବୀର ପ୍ରସବିନୀ ଭଞ୍ଜ ମାଟି ।

Digitized by srujanika@gmail.com

ମୟୂରଭଞ୍ଜର ପ୍ରାଚୀନ ସୀମା :

ବହୁ ପ୍ରାଚୀନ ଏ ଭୂଖଣ୍ଡ ମୟୂରଭଞ୍ଜ । ବହୁ ପ୍ରାଚୀନ ଏ ଓଡ଼ଶୀ ସଂସ୍କୃତିର ପବିତ୍ର ଭୂଇଁ । ଏ ସଂସ୍କୃତି କେବେ ତ'ର ଅଲକ୍ତ ପାଦଚିହ୍ନ ଆଙ୍କି ଦେଇଛି ତାହା ଠିକ୍ ଭାବରେ କହିହେବ ନାହିଁ । ତେବେ ଏ ମାଟିରେ ଥରେ ଯେ ପ୍ରସ୍ତର; ତାମ୍ର, ଲୌହ ଯୁଗର ସଭ୍ୟତା ବିକାଶ ଲାଭ କରିଥିଲା । ତା'ହାର ପ୍ରମାଣର ଅଭାବ ନାହିଁ । ସେ ଯୁଗରୁ ଏ ଭୂଇଁରେ ସଭ୍ୟତାର ରଥଚକ୍ର ଆଗେଇ ଆସିଛି ଅଜଯାଏ । ପୁଣି ଏ ମାଟିରେ ଭଞ୍ଜ ରାଜବଂଶର ଶାସନ କେଉଁ କାଳରୁ ଚାଲିଆସିଛି ବିଂଶ ଶତାଦୀ ଯାଏ । ତାହା ମଧ୍ୟ ଠିକ୍ଭାବେ କହିବା ସମ୍ଭବ ନୁହେଁ । ତେବେ ଭଞ୍ଜମାନେ ଯେ ଏକ ଅତି ପ୍ରାଚୀନ ରାଜବଂଶ ଏହା କେହି ଅସ୍ୱୀକାର କରିପାରିବେ ନାହିଁ । ତେଣୁ ମୟୂରଭଞ୍ଜର ତମସାଚ୍ଛନ୍ନ ଅତୀତରୁ ତତ୍କାଳୀନ ରାଜ୍ୟର ସୀମା ଜାଣିବା ସହଜ ନୁହେଁ ।

ମୟୂରଭଞ୍ଜ ରାଜ୍ୟର ଇତିହାସ ତଥା ତା'ର ସୀମା ସମ୍ବନ୍ଧରେ ବିଭିନ୍ନ ତାମ୍ର ଫଳକ, ଶିଳାଲିପି, ତଥା ସର୍ବପ୍ରାଚୀନ ରାଜଧାନୀ ଖିଚିଂର ଭୌଗୋଳିକ ଅବସ୍ଥିତିରୁ ଜଣାଯାଏ ଯେ ଭଞ୍ଜମାନେ ଏକ ବିସ୍ତୃତ ଅଞ୍ଚଳରେ ରାଜତ୍ୱ କରୁଥିଲେ "ମୟୂରଭଞ୍ଜ କେଉଁଝର ଓ ମେଦିନୀପୁର ଜିଲ୍ଲାର ବହୁ ଅଂଶ ଭଞ୍ଜ ରାଜାମାନଙ୍କ ଶାସନାଧୀନ ଥିଲା । ମେଦିନୀପୁର ଜିଲ୍ଲାର ଭଞ୍ଜଭୂମି ସେମାନଙ୍କର ରାଜ୍ୟ ଅନ୍ତର୍ଭୁକ୍ତ ଥିଲା ବୋଲି ଜଣାପଡ଼େ । ଧଳଭୂମି ମଧ୍ୟ ମୟୂରଭଞ୍ଜ ରାଜାମାନଙ୍କର ସାମନ୍ତ ରାଜ୍ୟ ଥିଲା । ମୋଗଲ ରାଜତ୍ୱ କାଳରେ ଭଞ୍ଜ ରାଜାମାନେ ସମୁଦ୍ର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ [୪] । "ହଣ୍ଟର ସାହେବଙ୍କ ମତରେ ସୁବର୍ଣ୍ଣରେଖା ନଦୀଠାରୁ ଦକ୍ଷିଣରେ ଧାମରା ପର୍ଯ୍ୟନ୍ତ ମୟୂରଭଞ୍ଜ ରାଜ୍ୟ ବିସ୍ତୃତ ଥିଲା । ଷ୍ଟାରଲିଂ ସାହେବଙ୍କ ଲିଖିତ୍ୱାନରୁ ଜଣାଯାଏ ଯେ ୧୫୯୨ ଖ୍ରୀ: ଅ.ରେ ସେ ସମୟରେ ଭଞ୍ଜଭୂମି, ମାଣିଆ, ହରିହରପୁର, ଦେହଳିଆ, ପୁରୁଣିଆ, କରକଚିଆ, ବ୍ରାହ୍ମଣଘାଟୀ, ନରହଣ୍ଡା ପ୍ରଭୃତି ଦଶଗୋଟି ସ୍ଥାନରେ ଦୁର୍ଗ ଥିଲା । ଏଗୁଡ଼ିକ ମଧ୍ୟରୁ କେବଳ ଭଞ୍ଜଭୂମିକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ସ୍ଥାନ ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜରେ ଅବସ୍ଥିତ । ମୟୂରଭଞ୍ଜ ଅଧୀନରେ ଥିବା ୧୧ଟି ରାଜ୍ୟ ଥିଲା । ଯଥା— ମାଲଗିର, ସିଂହଭୂମି, ବରାହଭୂମି, ପାଅରାଇ, ନରସିଂହପୁର, ଦେବାଳିଶ୍ୱର (ପାପାକଅର ଦ୍ୱାର), ଜମ୍ବିରପାଳ, ଜାମକୁଣ୍ଡା ଓ ରାଇ । ଗେଜେଟିଅର ଅନୁସାରେ 'ତମ୍ଲୁକ' ଓ ମେଦିନୀପୁର ଗେଜେଟିଅର ଅନୁସାରେ 'ଖାରଭୂମ' ମଧ୍ୟ ମୟୂର ଭଞ୍ଜ ଅନ୍ତର୍ଗତ ଥିଲା [୫] ।"

Digitized by srujanika@gmail.com

“ହଣ୍ଟର ସାହେବଙ୍କ ମତରେ ସପ୍ତଦଶ ଶତାବ୍ଦୀରେ ମୟୂରଭଞ୍ଜର କ୍ଷେତ୍ରଫଳ ୭୩୧୯ ବର୍ଗମାଇଲ ଥିଲା । ମାତ୍ର ହ୍ରାସ ପାଇ ବିଂଶ ଶତାବ୍ଦୀର ପ୍ରଥମ ପାଦ ବେଳକୁ ୪୨୪୩ ବର୍ଗମାଇଲ ଥିଲା । ଷୋଡ଼ଶ ଶତାବ୍ଦୀରେ ମୟୂରଭଞ୍ଜ ଉତ୍ତରରେ ‘ତମ୍ଲୁକ,’ ବରାହଭୂମ, ଦକ୍ଷିଣରେ ମେଦିନୀପୁରଠାରୁ ବୈତରଣୀ ନଦୀ ପର୍ଯ୍ୟନ୍ତ ଓ ପୂର୍ବରେ ବଙ୍ଗୋପସାଗରଠାରୁ ପଶ୍ଚିମରେ ସିଂହଭୂମିର ପଶ୍ଚିମ ସୀମାପର୍ଯ୍ୟନ୍ତ ବିସ୍ତୃତ ଥିଲା [୭] ।” ମୟୂରଭଞ୍ଜରୁ ପ୍ରଥମେ ପିପିଲି ଓ ପରେ ବାଲେଶ୍ୱର ଅଲଗା ହୋଇଗଲା । ୧୮୦୩ ଖ୍ରୀ ଅ.ରେ ଇଂରେଜମାନେ ମୟୂରଭଞ୍ଜ ଅଧିକାର କଲାବେଳେ ଏହା (କେବଳ ମୟୂରଭଞ୍ଜ) ପୂର୍ବ ପଶ୍ଚିମରେ ୩୦ କୋଶ ଓ ଉତ୍ତର ଦକ୍ଷିଣରେ ପ୍ରାୟ ପଚଶ ମାଇଲ ଥିଲା ।

ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ମହାରାଣୀ ସୁମିତ୍ରା ଦେବୀ ଭଞ୍ଜ ଇଂରେଜ ସରକାରଙ୍କଠାରୁ ନସ୍ତାବସାଁଣ ଜମିଦାରୀ ପାଇଲେ । କୋଲ୍ହ ମେଳପରେ ମୟୂରଭଞ୍ଜର ଗୃହେଷ୍ଟି କୋଲ୍ହପୀଢ଼ ଯଥା—ବଲ, ଅଁଳା, ଥଇ ଓ ଭରଭରିଆ, ସିଂହଭୂମି ସହିତ ସଂଯୁକ୍ତ କରାଯାଇଥିଲା । ଏଥି ପୂର୍ବରୁ କୁଚୁଙ୍ଗ ଓ ହଳଦୀ ପୋଟସ୍ତ ପୀଢ଼ ମୟୂରଭଞ୍ଜରୁ ଅଲଗା ହୋଇ ଯାଇଥିଲା । ଏହାପରେ ମୟୂରଭଞ୍ଜ ମିଶ୍ରଣଯାଏ ପ୍ରାୟ ଏ ରାଜ୍ୟରୁ ଅନ୍ୟ ଅଂଶ ବିଚ୍ଛିନ୍ନ ହୋଇ ନଥିଲା ।

ବିଂଶ ଶତାବ୍ଦୀରେ ମୟୂରଭଞ୍ଜ ମିଶ୍ରଣ ପୂର୍ବରୁ ଦକ୍ଷିଣରେ ଜାଲଟିର ଓ ବାଲେଶ୍ୱର ପୂର୍ବରେ ମେଦିନୀପୁର ଓ ବାଲେଶ୍ୱର, ଉତ୍ତରରେ ମେଦିନୀପୁର ଓ ସିଂହଭୂମି ଓ ପଶ୍ଚିମରେ କେଉଁଝର ଓ ସିଂହଭୂମି ଏହାର ସୀମା ଥିଲା ।

ପ୍ରଥମ ଅଧ୍ୟାୟ

ସୂଚନା ଓ ସହାୟତା

୧ । ଡଃ ଲେଙ୍କା ଜଗବତ ପ୍ରସାଦ—ସ୍ୱର୍ଣ୍ଣଯୁଗ ପ୍ରବର୍ତ୍ତକ ରାଜର୍ଷି ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ—ପୃ. ୧୮

୨ । ରାୟ ରାଧାନାଥ—ରାଧାନାଥ ଗ୍ରନ୍ଥାବଳୀ

Digitized by srujanika@gmail.com

୩ । ଡଃ ଲେଙ୍କା ସ୍ୱରବତ ପ୍ରସାଦ—ସ୍ୱର୍ଣ୍ଣଯୁଗ ପ୍ରବର୍ତ୍ତକ ରାଜର୍ଷି ଶ୍ରୀ ରାମଚନ୍ଦ୍ର— ପୃ ୧୯

୪ । ଷଡ଼ଙ୍ଗୀ ଦୀପକ—ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ (୧୦୮ତମ ଜୟନ୍ତୀ) ସ୍ମରଣିକା—ପୃ. ୪୯

୫ । ପାଣିଗ୍ରାହୀ ରାମଚନ୍ଦ୍ର—ମା' କଟକେଣ୍ଡଶ୍ୱରୀଙ୍କ ଇତିବୃତ୍ତି—୨ୟ ସଂସ୍କରଣ, ୧୯୮୬ ପୃ. ୨୬

୬ । ଷଡ଼ଙ୍ଗୀ ଶ୍ୟାମସୁନ୍ଦର—ମୟୂରଭଞ୍ଜ ଇତିହାସ—ପୃ. ୫

●

Digitized by srujanika@gmail.com

ଦ୍ୱିତୀୟ ଅଧ୍ୟାୟ

ଭଞ୍ଜରାଜବଂଶ : ଏକ ପୃଷ୍ଠଭୂମି

ଓଡ଼ିଶାର ଭଞ୍ଜ ରାଜବଂଶ :

ଓଡ଼ିଶାର ଭଞ୍ଜ ରାଜବଂଶ କେବଳ ଓଡ଼ିଶାରେ ନୁହେଁ ସମସ୍ତ ଭାରତବର୍ଷରେ ଏକ ପ୍ରାଚୀନତମ ରାଜବଂଶ ରୂପେ ସୁପରିଚିତ । ପ୍ରଫେସର ଆର. ଡି. ବାନାର୍ଜିଙ୍କ ମତରେ "ଭଞ୍ଜରାଜବଂଶ ଓଡ଼ିଶାର ଗଙ୍ଗ ଓ ସୋମବଂଶଠାରୁ ମଧ୍ୟ ଅଧିକ ପ୍ରାଚୀନ ।"[୧] ଏହି ରାଜାମାନେ ସ୍ୱତନ୍ତ୍ରଭାବେ ଓଡ଼ିଶାର ଦୁଇଟି ବୃହତ୍ ଅଞ୍ଚଳରେ ରାଜତ୍ୱ କରୁଥିଲେ । ଗୋଟିଏ ଅଞ୍ଚଳର ନାମ ଥିଲା ଖିଞ୍ଜିଳିମଣ୍ଡଳ ଓ ଅନ୍ୟଟିର ନାମ ଥିଲା ଖିଜଙ୍ଗକୋଟ ।

ଖିଞ୍ଜିଳମଣ୍ଡଳ ଓ ଖିଜିଙ୍ଗକୋଟ :

ପ୍ରଥମେ ସାଧାରଣତଃ ଖିଞ୍ଜିଳ ମଣ୍ଡଳ କହିଲେ ଘୁମୁସର ଅଞ୍ଚଳକୁ ବୁଝାଉଥିଲା । ମାତ୍ର କାଳକ୍ରମେ ଭଞ୍ଜମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରାଜ୍ୟ ସ୍ଥାପନ କଲେ ଏବଂ ସେହିସବୁ ରାଜ୍ୟକୁ ଖିଞ୍ଜିଳ ଆଖ୍ୟା ଦିଆଗଲା । ମାତ୍ର ଏହି ଖିଞ୍ଜିଳ ରାଜ୍ୟର ଅବସ୍ଥିତି ବିଷୟରେ ବର୍ତ୍ତମାନ ମଧ୍ୟ ଐତିହାସିକମାନଙ୍କ ମଧ୍ୟରେ ମତ ଦ୍ୱୈଧ ଦେଖାଯାଏ । [୨]"

"ଭଞ୍ଜରାଜାମାନଙ୍କର ପୂର୍ବୋକ୍ତ ଖିଜଙ୍ଗକୋଟ" । ରାଜ୍ୟାଞ୍ଚଳ ଉତ୍ତର ଓଡ଼ିଶାରେ ଅବସ୍ଥିତ ଥିଲା । ମୟୂରଭଞ୍ଜ ଓ କେନ୍ଦୁଝର ମିଶିକରି ଏହି ରାଜ୍ୟ ଖିଜଙ୍ଗକୋଟ୍ଟା ବା ଖିଜଙ୍ଗମଣ୍ଡଳ ନାମରେ ନାମିତ ଥିଲା [୩] ।" ଏହି ରାଜ୍ୟର ରାଜଧାନୀ ଖିଜଙ୍ଗକୋଟ୍ଟ । (ବର୍ତ୍ତମାନର ଖିଚିଂ) ଥିଲା ।" ଏଠାରେ ଭଞ୍ଜରାଜାମାନେ ପ୍ରାୟ ଦେଢ଼ ହଜାର ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ମୟୂରଭଞ୍ଜ-କେନ୍ଦୁଝର 'ଅଞ୍ଚଳରେ ରାଜତ୍ୱ କରି ଆସୁଥିବାର ପ୍ରମାଣ ମିଳୁଛି [୪] ।" "ହଣ୍ଟର ସାହେବଙ୍କ ମତରେ ମୟୂରଭଞ୍ଜ ରାଜବଂଶ ପ୍ରାୟ ଦୁଇ ହଜାର ବର୍ଷ ତଳେ ପ୍ରସିଦ୍ଧି ଲାଭ କରିଥିଲା [୫] ।"

Digitized by srujanika@gmail.com

"ଦକ୍ଷିଣ ଓଡ଼ିଶା ବା ଖିଜଲ ମଣ୍ଡଳରେ ରାଜତ୍ୱ କରୁଥିବା ଭଞ୍ଜରାଜା ଓ ଖିଜିଙ୍ଗମଣ୍ଡଳରେ ରାଜତ୍ୱ କରୁଥିବା ଭଞ୍ଜରାଜାମାନଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ଚଳେ ନାହିଁ । ତେବେ ସେମାନେ ଏକ ବଂଶୋଦ୍ଭବ କି ନୁହେଁ ତାହା ନିର୍ଭରଯୋଗ୍ୟ ତଥ୍ୟ ଅଭାବରୁ ଠିକ୍ ଭାବେ କୁହାଯାଇ ପାରେନାହିଁ [୭] ।"

ଭଞ୍ଜବଂଶର ଉତ୍ପତ୍ତି ଓ ପରିଚୟ : ବିଭିନ୍ନ କିମ୍ବଦନ୍ତୀ :

ଖିଜିଙ୍ଗମଣ୍ଡଳର ଭଞ୍ଜରାଜାମାନଙ୍କ ତାମ୍ର ଶାସନମାନଙ୍କରେ ଗୋଟିଏ କିମ୍ବଦନ୍ତୀର ଉଲ୍ଲେଖ କରାଯାଇଛି ଯେ ଭଞ୍ଜବଂଶର ପ୍ରତିଷ୍ଠାତା ଆଦିଭଞ୍ଜ ମୟୂରୀ ଅଣ୍ଡାରୁ ଜନ୍ମ ଗ୍ରହଣ କରିଥିଲେ ଓ ମୁନିଙ୍କ ଆଶ୍ରମରେ ତାଙ୍କ ଦ୍ୱାରା ପାଳିତ ହୋଇଥିଲେ [୭] ।" ପରମାନନ୍ଦ ଆଚାର୍ଯ୍ୟ ଯାଜପୁରର ସୁଦର୍ଶନ ଭଟ୍ଟ ନାମକ ଜଣେ ପଣ୍ଡାଙ୍କଠାରୁ ହରିହରପୁରରେ ରାଜୁତି କରୁଥିବା ରାଜାଙ୍କ ସନନ୍ଦ ପାଇଥିଲେ । ସେଥିରେ ଭଞ୍ଜରାଜାମାନେ ଅଣ୍ଡାରୁ ଜାତ ଓ ସେମାନଙ୍କର ବଶିଷ୍ଠ ଗୋତ୍ର ବୋଲି ନିମ୍ନଭାବେ ଲେଖାଅଛି—

"ଘର ମୟୂରଭଞ୍ଜ ହରିପୁର ଗଡ଼ ରାଜପୁତ ସୂର୍ଯ୍ୟବଂଶ ଅଯୋନି ସମ୍ଭୂତ ମଏର ଡିମ୍ବଜାତ ଭଞ୍ଜ ବଂଶ ଗୋତ୍ର ବଶିଷ୍ଠାକୁଳ ଦେବତା ଇଷ୍ଟଦେବୀ କିଞ୍ଚକେଶ୍ୱରୀ ଅଯୋଧ୍ୟା ନୃପତି, ଶ୍ରୀ ଶ୍ରୀ ମହାରାଜା ମଏରଭଞ୍ଜ ଶ୍ରୀଶ୍ରୀ ମହାରାଜା ଜଗନ୍ନାଥ ଭଞ୍ଜ । ମହାରାଜା ଶ୍ରୀ ଶ୍ରୀ ନୀଳକଣ୍ଠ ଭଞ୍ଜ । ଶ୍ରୀ ଶ୍ରୀ ମହାରାଜା ବୈଦ୍ୟନାଥ ଭଞ୍ଜ । ଶ୍ରୀ ଶ୍ରୀ ହରିହର ମହାରାଜା ଭଞ୍ଜ । [୭] ।"

ମୟୂରଭଞ୍ଜର ରାଜକୀୟ ଲେଖା, ବିବୃତିରେ ମଧ୍ୟ ସେମାନେ ଅଣ୍ଡାରୁ ଜାତ, ସୂର୍ଯ୍ୟ ବଂଶୀୟ, ବଶିଷ୍ଠ ମୁନି ପ୍ରତିପାଳିତ ବୋଲି ମହାରାଜା ସାର ପ୍ରତାପଚନ୍ଦ୍ର ଭଞ୍ଜଦେବଙ୍କ ସମୟର ମୟୂରଭଞ୍ଜ ପଞ୍ଜିକାରେ ମହାରାଜାଙ୍କ ନାମ ସହିତ ଲିପିବଦ୍ଧ ହୋଇଛି । ନିମ୍ନରେ ତାହା ଦିଆଗଲା ।

"ସ୍ୱସ୍ତି ସମସ୍ତ ପ୍ରଶସ୍ତି ସହିତ ଶ୍ରୀ ବ୍ରାହ୍ମଣ ଘାଟୀ ଶୁଭସ୍ଥାନାଧିପତି
ଭଞ୍ଜକୁଳ କମଳ ପ୍ରକାଶିତ ସୂର୍ଯ୍ୟ ବଂଶାବତଂସ
ମୟୂରାଣ୍ଡୋଦ୍ଭବ, ବଶିଷ୍ଠ ମୁନି ପ୍ରତିପାଳିତ
ଶ୍ରୀରାମଚନ୍ଦ୍ର ଲୀଳାସାରଣ ମହିମାନ୍ୱିତ
ଶ୍ରୀମତ୍ ଶ୍ରୀମହାରାଜା ସାର ପ୍ରତାପଚନ୍ଦ୍ର ଭଞ୍ଜଦେବ

କେ. ସି. ଆଇ. ଇ." [୮]

ଭଞ୍ଜ ବଂଶର ଉତ୍ପତ୍ତି ଓ ଏହି ବଂଶର ଆଦି ପୁରୁଷଙ୍କ ଜନ୍ମ ସମ୍ବନ୍ଧରେ ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜ ତାଙ୍କ ରଚିତ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଉପରଲିଖିତ ତଥ୍ୟ

Digitized by srujanika@gmail.com

ସହିତ ପୁସ୍ତକ ଯୁଗରେ ଏକ ମନୋଜ୍ଞ ଉପାଖ୍ୟାନ ବର୍ଣ୍ଣନା କରିଛନ୍ତି । ତା'ର ସାରାଂଶ ହେଲା—

"ଏକଦା ବଶିଷ୍ଠ ଋଷି ବଣରେ ବୁଲୁ ବୁଲୁ ମୃଗ ମିଥୁନଙ୍କ କାମ କ୍ରୀଡ଼ାଦେଖି କାମାର୍ତ୍ତ ହେଲେ ଓ କୌପିନରେ ତାଙ୍କ ରେତଃ ସ୍ଖଳିତ ହେଲା । ସେ କୌପିନକୁ ପୁଷ୍କର ତୀର୍ଥ ମଧ୍ୟରେ ଧୋଇବାରୁ ଦୁଇଟି ବିନ୍ଦୁ ଖସିଲା । ତାକୁ ଗୋଟିଏ ମୟୂରୀ ଜଳପାନ ସହିତ ପାନକରି ଦୁଇଟି ଅଣ୍ଡା ପ୍ରସବ କଲା । ଅଣ୍ଡା ଦେଖିବାରୁ ମୟୂରୀ ଛାଡି ପଳାଇଗଲା ଓ ବଶିଷ୍ଠ ନିଜେ ଅଣ୍ଡା ଦୁଇଟିକୁ ପାଳିଲେ । ଗୋଟିଏ ଅଣ୍ଡା ଫାଟି ଶିଶୁ ଜାତ ହେବାରୁ ବଶିଷ୍ଠ ଶିଶୁର ନାମ ଦେଲେ ଧନଞ୍ଜୟ । ଅନ୍ୟ ଅଣ୍ଡାଟି ନ ଫୁଟିବାରୁ ଋଷି ତାକୁ ଭଙ୍ଗି ଦେଲେ ଓ ସେଥିରୁ ବାହାରିଥିବା ଶିଶୁ ମୋଦକ ଭଞ୍ଜ ବୋଲାଇଲେ । ଅଣ୍ଡା ସୂର୍ଯ୍ୟ ତାପରେ ପକ୍ୱ ହୋଇଥିବାରୁ ଏମାନେ ସୂର୍ଯ୍ୟବଂଶୀ ନାମରେ ପରିଚିତ ହେଲେ । ଭ୍ରାତୃଦ୍ୱୟଙ୍କୁ ବଶିଷ୍ଠ ଶସ୍ତ୍ର ଓ ଶାସ୍ତ୍ରରେ ନିପୁଣ କଲେ । ଏହି ଭ୍ରାତୃଦ୍ୱୟ ବୟଃପ୍ରାପ୍ତି ହେବାପରେ ଛତୋର ଓ କନ୍ଦିଳନ୍ତବର୍ତ୍ତୀ ଦେଶରେ ରାଜତ୍ୱ ସ୍ଥାପନ କଲେ । ପରେ କନିଷ୍ଠ ମୋଦକ ଦେଶ ତ୍ୟାଗକରି ମୟୂରଭଞ୍ଜରେ ରାଜ୍ୟ ସ୍ଥାପନ କଲେ । [୯]".

ଦକ୍ଷିଣ ଓଡ଼ିଶାର ତାମ୍ର ଶାସନମାନଙ୍କରେ ଉଲ୍ଲେଖ କରାଯାଇଛି ଯେ ସେମାନେ ଅଣ୍ଡାରୁ ଜାତ ହୋଇଥିବା ପରିବାରରୁ ଜନ୍ମଗ୍ରହଣ କରିଛନ୍ତି [୧୦] । ପୁନଶ୍ଚ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ସ୍ୱରଚିତ ଲାବଣ୍ୟବତୀ କାବ୍ୟରେ ନିଜେ ସ୍ୱୀକାର କରି ଲେଖିଛନ୍ତି ଯେ ସେହି ବଂଶର ଆଦି ପୁରୁଷ 'ବରସାକୋଷ' ବା ମୟୂର ଅଣ୍ଡାରୁ ଜାତ ଏବଂ ବଶିଷ୍ଠ ଋଷି ପ୍ରତିପାଳିତ ସେହି ବଂଶରେ ସେ ଜାତ । ଏହା ନିମ୍ନୋକ୍ତ କବିତାରୁ ପ୍ରମାଣିତ ହୁଏ ।

"ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ, ବରସା କୋଷରୁ ସମ୍ଭବ,
ବଶିଷ୍ଠ ବଶିଷ୍ଠ ପାଳକା, ଶ୍ରୀରାମେ ଦଢ଼ି ରଜନୀକା ।" [୧୧]

ଏସବୁ ତଥ୍ୟ ଅନୁଶୀଳନ କଲେ ଜଣାଯାଏ ଯେ, ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ରାଜତ୍ୱ କରୁଥିବା ଭଞ୍ଜ ରାଜାମାନେ ଗୋଟିଏ ବଂଶର । ଦକ୍ଷିଣ ଓଡ଼ିଶାର ଭଞ୍ଜମାନେ ମୟୂରଭଞ୍ଜର ଭଞ୍ଜ ରାଜାମାନଙ୍କର ବଂଶଧର ବୋଲି ଅନେକେ ବିଶ୍ୱାସ କରିଥାଆନ୍ତି । ଖିଞ୍ଜିଳିର ଭଞ୍ଜମାନେ କାଶ୍ୟପ ପୁତ୍ରର ମାତ ଶିତଂର ଭଞ୍ଜମାନେ ବଶିଷ୍ଠ ଗୋତୀୟ । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଖିଞ୍ଜିଳି ଓ ଖିଜିଙ୍ଗାଭଞ୍ଜ ବଂଶୀୟ ରାଜାମାନେ ପରସ୍ପର ଦୂର-ଦୂରାନ୍ତରରେ ରାଜତ୍ୱ କରୁଥିବାରୁ ମୁଖ୍ୟତଃ ସେମାନେ ଗୋଟିଏ ବଂଶର ହୋଇଥିଲେ ମଧ୍ୟ ବିଭିନ୍ନ ଗୋତ୍ରର ଅନ୍ତର୍ଭୁକ୍ତ ହୋଇଥିଲେ । [୧୨] । ଖିଞ୍ଜି ମଣ୍ଡଳର ଭଞ୍ଜରାଜାମାନଙ୍କ ତାମ୍ର ଶାସନରୁ ଜଣାପଡ଼େ ଯେ ଆଦିଭଞ୍ଜ ହେଉଛନ୍ତି

Digitized by srujanika@gmail.com

ଜଣେ ସବ ପ୍ରାଚୀନ ରାଜା ପୂର୍ବବର୍ଣ୍ଣିତ ମୋଦକଭଞ୍ଜ ହୁଏତ ଆଦିଭଞ୍ଜ ହୋଇପାରନ୍ତି । ତେବେ ଏ କିମ୍ବଦନ୍ତୀ ଉପରେ ସଂପୂର୍ଣ୍ଣ ବିଶ୍ବାସ କରାଯାଇ ନପାରେ । ଅଧିକନ୍ତୁ ଆଦିଭଞ୍ଜଙ୍କ ସମସ୍ତ ନିରୂପଣ କରିବା ସମ୍ଭବ ନୁହେଁ ।

ରାଜପୁତ କାହାଣୀ :

ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଆଜକୁ ତେରଶହ ବର୍ଷ ତଳେ "ରାଜପୁତନାର ସୂର୍ଯ୍ୟବଂଶୀୟ ରାଜାମାନେ ଏଠାରେ ରାଜୁତି କରୁଥିଲେ । ସେମାନେ ମେବାର ରାଜବଂଶୀୟ । ସେତେବେଳେ ମୟୂରଭଞ୍ଜ ଓ କେଉଁଝର ମିଶିକରି ଗୋଟିଏ ରାଜ୍ୟ ଥିଲା । କଥିତ ଅଛି ଥରେ ଜୟପୁରର ସୂର୍ଯ୍ୟବଂଶୀୟ ରାଜା ଜୟସିଂହ ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସିଥିଲେ । ଜଗନ୍ନାଥ ଦର୍ଶନ ପରେ ଜଗନ୍ନାଥ ଧାମ ଛାଡ଼ି ଯିବାକୁ ମନ ବଳିଲା ନାହିଁ । ସେ ପୁରୀର ଗଜପତି ରାଜାଙ୍କ ଆତିଥ୍ୟ ଗ୍ରହଣ କଲେ । ଗଜପତିଙ୍କର ଜଣେ ସୁନ୍ଦରୀ କନ୍ୟା ଥିଲେ । ସେ ଯେପରି ରୂପବତୀ ସେହିପରି ଗୁଣବତୀ । ଜୟସିଂହଙ୍କ ମଧ୍ୟ ରୂପ ଗୁଣରେ କେହି ବଳି ଯିବାର ନୁହେଁ । ତାଙ୍କ ଶୌର୍ଯ୍ୟ, ବୀର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଗଜପତି ତାଙ୍କ ଅଳିଅଳି ରାଜଜେମାଙ୍କୁ ଜୟସିଂହଙ୍କ ହସ୍ତରେ ଅର୍ପଣ କଲେ ଏବଂ କନ୍ୟାଦାନ ପରେ ହରିହରପୁର (ତତ୍କାଳୀନ କେନ୍ଦୁଝର ଓ ମୟୂରଭଞ୍ଜ) ରାଜ୍ୟ ଯୌତୁକ ସ୍ବରୂପ ଦାନ କଲେ ।

ସେତେବେଳେ ସେହି ରାଜ୍ୟକୁ ଲାଗି ବାମନଘାଟୀରେ ମୟୂରଧ୍ୱଜ ନାମରେ ଜଣେ ରାଜା ରାଜୁତି କରୁଥିଲେ । ସେ ଖୁବ ଗର୍ବୀ ଓ ପ୍ରତାପଶାଳୀ ଥିଲେ । ଜୟସିଂହ ରାଜପୁତନା ଫେରିବା ବାଟରେ ମୟୂରଧ୍ୱଜ ସହିତ ଯୁଦ୍ଧ ହେଲା । ମୟୂରଧ୍ୱଜ ଶୋଚନୀୟ ଭାବରେ ଯୁଦ୍ଧରେ ପରାସ୍ତ ହେଲେ ଏବଂ ରାଜ୍ୟଛାଡ଼ି ପଳାଇ ଗଲେ । ଜୟସିଂହ ମୟୂରଧ୍ୱଜଙ୍କ ଗର୍ବ ଭଞ୍ଜନ କରିଥିବାରୁ ଭଞ୍ଜ ଉପାଧିରେ ଭୂଷିତ ହେଲେ । ସେହି ଦିନୁ ତାଙ୍କର ନାମ ହେଲା ଜୟଭଞ୍ଜ । ଜୟପୁର ରାଜମୁକୁଟରେ ମୟୂରର ଛବି ଅଛି । ମୁକୁଟର ଛବି 'ମୟୂର' ଓ ଜୟସିଂହଙ୍କ ଉପାଧି 'ଭଞ୍ଜ' ହୋଇଥିବାରୁ, ଉଭୟର ସଂଯୋଗରେ ତାଙ୍କ ଦ୍ୱାରା ନବ ପ୍ରତିଷ୍ଠିତ ରାଜ୍ୟର ନାମ ହେଲା 'ମୟୂରଭଞ୍ଜ', ଆଜି ସୁଦ୍ଧା ମୟୂରପକ୍ଷୀ ଜୟପୁର ତଥା ମୟୂରଭଞ୍ଜରେ ଏକ ଅବଧ୍ୟ-ପବିତ୍ର ପକ୍ଷୀରୂପେ ଆଦୃତ [୧୨] ।"

"ଭଞ୍ଜରାଜ୍ୟ କେନ୍ଦୁଝର ସମ୍ପର୍କରେ କବଡେନ ରାମସେ ଅନୁରୂପ ଗଳ୍ପର ଉଲ୍ଲେଖ କରନ୍ତି । ରାଜପୁତନାସ୍ଥିତ ଜୟପୁରର ରାଜା ମାନସିଂହଙ୍କ ପୁତ୍ର ଜୟସିଂହ ପୁରୀ ଜଗନ୍ନାଥ ଦର୍ଶନରେ ଆସି ଗଜପତି ରାଜାଙ୍କ କନ୍ୟାଙ୍କୁ ବିବାହ କଲେ ଏବଂ ଯୌତୁକ ସ୍ବରୂପ ଖିଜିଙ୍ଗମଣ୍ଡଳ ଲାଭ କଲେ । ଜୟସିଂହ ତାଙ୍କର ଦୁଇପୁତ୍ର ଆଦି ଭଞ୍ଜ ଓ ଜ୍ୟୋତି ଭଞ୍ଜ ମଧ୍ୟରେ ଏହି ରାଜ୍ୟ ବାଣ୍ଟି ଦେଲେ । ଆଦି ଭଞ୍ଜ ଯେଉଁ ରାଜ୍ୟ

Digitized by srujanika@gmail.com

ଲାଭ କଲେ ତାହାପରେ ମୟୂରଭଞ୍ଜ ନାମରେ ଏବଂ ଜ୍ୟୋଷ୍ଠଭଞ୍ଜଙ୍କ ରାଜ୍ୟ କେନ୍ଦୁଝର ନାମରେ ନାମିତ ହେଲା । ଲବଡ଼େନଙ୍କ ମତରେ ଏହି ଘଟଣାଟି ଘଟିଥିଲା ଖ୍ରୀଷ୍ଟୀୟ ସପ୍ତମ ଶତକରେ [୧୩] ।”

ମୟୂରଭଞ୍ଜରେ ଗ୍ରାମୁକରଣଙ୍କ ଘରେ ଥିବା ଭଞ୍ଜ ବଂଶ ତାଲିକା ତଥା ମୟୂରଭଞ୍ଜ ରାଜପରିବାରରୁ ମଧ୍ୟ ଏ ପ୍ରକାର ରାଜପୁତ ରାଜା ଜୟସିଂହଙ୍କ କିମ୍ବଦନ୍ତୀ ଜଣାଯାଏ । ଏଥିରେ କୁହାଯାଇଛି ଯେ, ଜୟସିଂହଙ୍କର ଜ୍ୟେଷ୍ଠପୁତ୍ର ଆଦି ସିଂହ ଗଜପତି ରାଜକେମାଙ୍କୁ ବିବାହ କରି ହରିହରପୁର (ତତ୍କାଳୀନ ମୟୂରଭଞ୍ଜ) ରାଜ୍ୟ ଯୌତୁକ ସ୍ୱରୂପ ପାଇଥିଲେ । ପୁରୀରୁ ଫେରିବା ବାଟରେ ମୟୂରଭଞ୍ଜର ରାଜା ମୟୂରଧ୍ୱଜଙ୍କୁ ପରାସ୍ତ କରି ରାଜ୍ୟ ଅଧିକାର କଲେ [୧୪] ।

ରାଜପୁତ କାହାଣୀର ସତ୍ୟାସତ୍ୟ :

“ମୟୂରଭଞ୍ଜ ଦରବାରରେ ୧୮୯୯-୯୫ ଖ୍ରୀ. ଅ.ରେ ପ୍ରସ୍ତୁତ ଏକ ବଂଶ ତାଲିକାରେ ଆଦି ଭଞ୍ଜଙ୍କୁ ପ୍ରଥମ ରାଜା ଓ ତାଙ୍କର ରାଜତ୍ୱକାଳ ୬୮୮ରୁ ୬୫୭ ଖ୍ରୀ. ଅ. ପର୍ଯ୍ୟନ୍ତ ବୋଲି ପ୍ରଦର୍ଶିତ ହୋଇଛି । ତେବେ ସପ୍ତଦଶ ଶତକରେ ଓଡ଼ିଶାର ଗଜପତି ରାଜା ଓ ଜଗନ୍ନାଥର କଳ୍ପନା କେହି ଐତିହାସିକ ଗ୍ରହଣ କରିପାରିବେ ନାହିଁ । ଏହି ଗଳ୍ପଟି ଊନବିଂଶ ଶତାବ୍ଦୀରେ ସୃଷ୍ଟି ହୋଇଥାଇ ପାରିଥାଏ ବୋଲି ଡଃ ଯଜ୍ଞ କୁମାର ସାହୁ ମତ ଦେଇଥାଆନ୍ତି [୧୫] ।”

ଶ୍ରୀ ଗୋପାଳ ପ୍ରହରାଜ ଲେଖନ୍ତି, “ଏସବୁ କିମ୍ବଦନ୍ତୀର କୌଣସି ଐତିହାସିକ ମୂଲ୍ୟ ନାହିଁ । ଜୟପୁର ସହର ଖ୍ରୀଷ୍ଟୀୟ ୧୮ଶ ଶତାବ୍ଦୀରେ ସ୍ୱାଇ ଦ୍ୱିତୀୟ ଜୟସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ପୁନଶ୍ଚ ସୁଦୂର ରାଜପୁତନାରୁ ଜୟସିଂହ ଏକ ବିରାଟ ସୈନ୍ୟବାହିନୀ ଧରି ପୁରୀ ଆସିଥିବା କଥା କେହି ସହଜରେ ବିଶ୍ୱାସ କରିବେ ନାହିଁ । ରାଜା ମାନସିଂହ ବିହାର, ବଙ୍ଗଳା ଓ ଓଡ଼ିଶାରେ ମୋଗଲ ଶାସନ ସୁଦୃଢ଼ କରିଥିଲେ । ଆକବରଙ୍କ ଦରବାରରେ ତାଙ୍କର ପ୍ରବଳ ପ୍ରତିପତ୍ତି ଥିଲା । ଏଣୁ ତାଙ୍କର ଅନୁବର୍ତ୍ତୀ ହେବାପାଇଁ ଏସବୁ ରାଜ୍ୟର ଗଡ଼ଜାତ ରାଜାମାନେ ନିଜକୁ ରାଜପୁତ ବୋଲି ପରିଚିତ କରାଇବାର ଉଦ୍ୟମ କରିଥିଲେ [୧୬] ।”

ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ ଅନୁରୂପ ମତଦେଇ କହନ୍ତି, “ × × × ଓଡ଼ିଶା ଗଡ଼ଜାତର ଅଧିକାଂଶ ରାଜବଂଶର କିମ୍ବଦନ୍ତୀରେ ଦେଖାଯାଏ ଯେ ସେମାନଙ୍କର ପୂର୍ବପୁରୁଷମାନେ ରାଜପୁତନାରୁ ଆସି ଓଡ଼ିଶା ରାଜାଙ୍କ ଝିଅଙ୍କୁ ବିବାହ କରି ଓଡ଼ିଶା ରାଜାଙ୍କଠାରେ ଯଶ ଅର୍ଜନ କରି ନିଜ ନିଜର ରାଜ୍ୟ ସ୍ଥାପନ କରିଥିଲେ । ସ୍ୱାଧୀନ ଓଡ଼ିଶା କ୍ଷତ୍ରିୟ ରାଜାମାନଙ୍କର ଓଡ଼ିଶା ବାହାରେ କୌଣସି ସମ୍ପର୍କ ନଥିଲା କହିଲେ

Digitized by srujanika@gmail.com

ଚଳେ । ମୋଗଲ ରାଜତ୍ୱରେ ନିଜ ନିଜର ପ୍ରତିପତ୍ତି ବଢ଼ାଇବା ପାଇଁ ସେମାନେ 'ରାଜପୁତ' ବୋଲି ପରିଚୟ ଦେଇ ନିଜକୁ ଯେ ଗୌରବାନ୍ୱିତ କରିଥିଲେ ତାହା ନୁହେଁ, ତା'ପରେ ସେମାନେ ଦିଲ୍ଲୀ ଦରବାରରେ ମଧ୍ୟ ସମ୍ମାନ ପାଇବାର ଆଶା ରଖିଥିଲେ । କାରଣ ସେତେବେଳେ ଦିଲ୍ଲୀ ଦରବାରରେ ରାଜପୁତମାନଙ୍କର ଅତ୍ୟଧିକ ପ୍ରତିପତ୍ତି ଥିଲା [୧୭] ।"

ମୟୂରଭଞ୍ଜ ରାଜାମାନେ ନିଜକୁ 'କଚ୍ଛପ ରାଜପୁତ' ବୋଲି ଦାବି କରନ୍ତି । ତାର କୌଣସି ନିର୍ଭରଯୋଗ୍ୟ ପ୍ରମାଣ ନାହିଁ [୧୭ କ] ।"

"ସ୍ୱର୍ଗତ ରାଖାଲ ଦାସ ବାନାର୍ଜି ଭଞ୍ଜମାନେ ଯେ ରାଜପୁତ ବଂଶଧର ଥିଲେ ଏହା ସେ ସମ୍ପୂର୍ଣ୍ଣରୂପେ ଅସ୍ୱୀକାର କରି ଦେଇଛନ୍ତି [୧୮] ।" ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଷଡ଼ଙ୍ଗୀ କହନ୍ତି, " × × × ୧୩୩୮ ବର୍ଷ ପୂର୍ବେ ଜୟପୁର ରାଜ୍ୟର ଅସ୍ତିତ୍ୱ ଓ ଓଡ଼ିଶାର ରଜପତ ବଂଶ ରାଜତ୍ୱ କରୁଥିବାର ପ୍ରମାଣ ଅଭାବରେ ଏହି କିମ୍ବଦନ୍ତୀ ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ନୁହେଁ [୧୯] ।"

ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ଓଡ଼ିଶା ଇତିହାସରେ ଭିନ୍ନ ମତ ପ୍ରକାଶ କରି ଲେଖିଛନ୍ତି, "ଭାରତ ସମ୍ରାଟ ଆକବରଙ୍କ ଦରବାରରେ ରାଜପୁତମାନେ ସମ୍ମାନିତ ହେବାର ଦେଖି ଭାରତର ପ୍ରତ୍ୟେକ ରାଜବଂଶ ନିଜକୁ ରାଜପୁତ୍ରମାନଙ୍କ ବଂଶଧର ବୋଲି ପ୍ରମାଣ କରିବାକୁ ଆରମ୍ଭ କରିଥିଲେ । ସେହି ପରମ୍ପରା ଅନୁସାରେ ମୟୂରଭଞ୍ଜ ପ୍ରଭୃତି ଓଡ଼ିଶାର କେତେକ ରାଜବଂଶ ମଧ୍ୟ ନିଜକୁ ରାଜପୁତମାନଙ୍କର ବଂଶଧର ବୋଲି ପ୍ରମାଣ କରିବାକୁ ଚେଷ୍ଟା କରନ୍ତି । ମାତ୍ର ଐତିହାସିକ ଗବେଷଣା ଫଳରେ ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ବୋଲି ପ୍ରମାଣିତ ହୋଇଛି [୨୦] ।"

"ବାଗଲରଙ୍କ ମତରେ ଭଞ୍ଜମାନେ ପ୍ରସିଦ୍ଧ ମୌର୍ଯ୍ୟ ବଂଶର ଅବର ଦାୟାଦ । 'ମୟୂର' ଓ 'ମୌର୍ଯ୍ୟ' ଶବ୍ଦ ମଧ୍ୟରେ ଧ୍ୱନିଗତ ସାଦୃଶ୍ୟ ଥିବାରୁ ବାଗଲର ଏ ପ୍ରକାର ସିଦ୍ଧାନ୍ତରେ ଉପନୀତ ହୋଇଥିବାର ସନ୍ଦେହ ଏ । ଜନଶ୍ରୁତି ଅଛି ଯେ ସୂର୍ଯ୍ୟ ବଂଶର ପ୍ରତିଷ୍ଠାତା ଗୋଟିଏ ଅଣ୍ଡାରୁ ଜାତ ହୋଇଥିଲେ । ମୌର୍ଯ୍ୟମାନେ ସୂର୍ଯ୍ୟ ବଂଶୀୟ କ୍ଷତ୍ରିୟ । ଅଣ୍ଡାରୁ ଜନ୍ମିଥିବା ଦୃଷ୍ଟିରୁ ସେମାନେ ମୌର୍ଯ୍ୟ ବଂଶୀୟ କ୍ଷତ୍ରିୟ ବୋଲି ପ୍ରମାଣ କରାଯାଇପାରେ [୨୧] ।" ତେଣୁ ମୟୂରଭଞ୍ଜର ଭଞ୍ଜ ବଂଶୀୟ ରାଜାମାନେ ଭାରତର ସୁବିଖ୍ୟାତ ମୌର୍ଯ୍ୟ ବଂଶର ବଂଶଧର ଅଟନ୍ତି । ଯେଉଁ ବଂଶରେ କ ଦେବାନାଂ ପ୍ରିୟ ପ୍ରିୟଦର୍ଶୀ ଅଶୋକ ଜନ୍ମଗ୍ରହଣ କରିଥିଲେ; ସେହି ବଂଶର ବଂଶଧର ଏମାନେ ।

ଭଞ୍ଜ ବଂଶର ଉତ୍ପତ୍ତି ସମ୍ବନ୍ଧରେ ଅନ୍ୟ ଏକ ତଥ୍ୟ ମୟୂରଭଞ୍ଜ ଗେଜେଟିଅରରୁ ମିଳେ । "ମୟୂରଭଞ୍ଜର ପ୍ରାଚୀନ ଇତିହାସ ଆଲୋଚନାବେଳେ ବୁଝାଯାଇଛି ଯେ,

Digitized by srujanika@gmail.com

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମୟୂରଭଞ୍ଜ ଅଞ୍ଚଳର ଅଂଶବିଶେଷ ଥିଲା ଏବଂ ଭିନ୍ନସୂତ୍ରରୁ ଜଣାଯାଏ ଯେ, ଏହି ସମୟରେ ଏଠାରେ 'ଭଞ୍ଜ' ସମ୍ପ୍ରଦାୟର ପୂର୍ବପୁରୁଷ ରୂପେ ସମ୍ଭବତଃ 'ଭନ୍ଦ' ନାମକ ଏକ ସମ୍ପ୍ରଦାୟ ବାସ କରୁଥିଲେ । ସେହି 'ଭନ୍ଦ'ରୁ କାଳକ୍ରମେ ଅପଭ୍ରଂଶ ହୋଇ 'ଭଞ୍ଜ' ହୋଇଅଛି [୧୨] । ଏହି 'ଭଞ୍ଜମାନେ ହିଁ ଏକ ଭଞ୍ଜ ରଜାମାନଙ୍କର ପୂର୍ବପୁରୁଷ ହୋଇ ପାରିଥାଆନ୍ତି । ମାତ୍ର ଏ ବିଷୟରେ ଠିକ୍ ମତଦେବା ସମ୍ଭବ ନୁହେଁ ।

ଭଞ୍ଜ ରଜାମାନଙ୍କର ରାଜ ଚିହ୍ନ (ରାଜ ପ୍ରତୀକ) ଓ 'ମୟୂରଭଞ୍ଜ'ର ନାମକରଣ :

ପଣ୍ଡିତ ବିନାୟକ ମିଶ୍ର ଓ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟଙ୍କ ମତରେ "ମଧ୍ୟଯୁଗରେ ଦଣ୍ଡାଇ ମଣ୍ଡଳରେ ମୟୂର ବଂଶୀୟ ବିରାଟମାନେ ବାସ କରୁଥିଲେ । ଖିଜିଙ୍ଗକୋଟ୍ଟାରେ ବାସ କରୁଥିବା ଭଞ୍ଜ ବଂଶୀୟ ରାଜାମାନେ ଗୋଟିଏ ବଂଶର ଦୁଇଟି ଶାଖା । ହରପ୍ରସାଦ ଶାସ୍ତ୍ରୀ ମଧ୍ୟ ଏହି ମତକୁ ସମର୍ଥନ କରିଥାଆନ୍ତି । ଭଞ୍ଜ ବଂଶ ତିନୋଟି ନାମରେ ପରିଚିତ ଥିଲେ ଯଥା—'ଭଞ୍ଜ,' 'ମୟୂର' ଓ 'ବିରାଟ' [୧୩] ।"

ମୟୂରଭଞ୍ଜର ରାଜଚିହ୍ନ, ପ୍ରତୀକ ବା ସଙ୍କେତ ବିଷୟରେ ପରମାନନ୍ଦ ଆଚାର୍ଯ୍ୟ କହନ୍ତି, "ଖିଜିଙ୍ଗକୋଟ୍ଟରୁ ପ୍ରଦତ୍ତ ତମ୍ବାପଟ୍ଟାଗୁଡ଼ିକରେ ଯେଉଁ ମୁଦ୍ରା ଅଛି, ତହିଁରେ 'ବୃଷଭ' ଅଙ୍କିତ ଅଛି । ଖ୍ରୀ ୧୭ଶ ଶତାବ୍ଦୀରେ ପ୍ରଦତ୍ତ ରାଜାଙ୍କ ସନନ୍ଦଗୁଡ଼ିକରେ 'ଡାଳିଆ ମୟୂର' ଅଙ୍କିତ ଅଛି । ରାଜବଂଶରେ ଏହି ମୁଦ୍ରା ପରିବର୍ତ୍ତିତ ହେବାର କାରଣ କ'ଣ ? ଦଣ୍ଡାଇ ରାଜ୍ୟରୁ ଉଦୟ ବିରାଟଙ୍କର ଏକ ତମ୍ବାପଟ୍ଟା ମିଳିଛି ଯାହାର ସମସ୍ତ ଭଞ୍ଜ ତମ୍ବାପଟ୍ଟାଗୁଡ଼ିକର ସମସ୍ତ ସହିତ ସମାନ । ପ୍ରାଚୀନ ଭଞ୍ଜମାନେ 'ବୃଷଭ' ଓ ବିରାଟମାନେ 'ମୟୂରଧ୍ୱଜ' ଥିଲେ । ମୟୂର ଭଞ୍ଜର କିମ୍ବଦନ୍ତୀରେ ଅଛି ଯେ ଭଞ୍ଜ ରାଜା 'ମୟୂରଧ୍ୱଜ' ନାମକ ରାଜାଙ୍କୁ ଜିଣି ତାଙ୍କ ରାଜ୍ୟ ଅଧିକାର କଲେ ଓ ମୃତ ରାଜାଙ୍କ ଅନୁରୋଧ କ୍ରମେ ଭଞ୍ଜ ରାଜା 'ମୟୂର' ସଙ୍କେତ ବ୍ୟବହାର କଲେ । ଖିଚିଂର ଏକ ଶିଳାଲିପିରୁ ଧରଣୀ ବିରାଟଙ୍କ ନାମ ମିଳେ । ଖିଚିଂ ମ୍ୟୁଜିୟମରେ ସଂରକ୍ଷିତ ଗୋଟିଏ ଅବଲୋକିତେଶ୍ୱର ମୂର୍ତ୍ତିର ପଦ ଦେଶରେ ଲିଖିତ ଅଛି—

"ଓଁ ରାଜ୍ୟେ ଶ୍ରୀରାସ୍ତୁ ଭଞ୍ଜସ୍ୟ ଲୋକେଶଭଗବାନାଂସ୍ତୁ
ଧରଣୀ ବିରାଟେନ ସଦ୍ଧକାର୍ତ୍ତ୍ୟା ବିନର୍ମିତ ।"

ଏଣୁ ମୟୂରଭଞ୍ଜରେ 'ବିରାଟ ବଂଶ' ଥିଲେ, ଯେଉଁମାନଙ୍କର ସଙ୍କେତ ଥିଲା 'ମୟୂର' ଓ ଭଞ୍ଜ ରାଜାମାନେ ବିରାଟ ରାଜ୍ୟ ଅଧିକାର କରିବା ପରେ ନିଜର ମୁଦ୍ରା ବୃଷଭ' ବଦଳାଇ ମୟୂର ବ୍ୟବହାର କରିଥିଲେ [୧୪] ।"

Digitized by srujanika@gmail.com

ଯଜ୍ଞ କୁମାର ସାହୁ କହନ୍ତି, ଉଦୟ ବର୍ମନଙ୍କ ତାମ୍ର ଶାସନରୁ ଜଣାଯାଏ ଯେ ମୟୂରବଂଶ ଚିତ୍ରକୂଟରୁ ଆସି ବଣାଇ ଅଞ୍ଚଳରେ ରାଜ୍ୟ ସ୍ଥାପନ କରିଥିଲେ । ଏହି ରାଜବଂଶର ରାଜକୀୟ ସଙ୍କେତ 'ମୟୂର' ଥିଲା । ଏ ସମ୍ପର୍କରେ କବଡ଼େନ ରାମସେ ଏକ ଚିତ୍ତାକର୍ଷକ ଗଳ୍ପର ଅବତାରଣା କରିଛନ୍ତି [୧୫] । ସେ ବର୍ଣ୍ଣନା କରିଛନ୍ତି ଯେ, ଖିଚିଂର କୌଣସି ଏକ ରାଜା ମୟୂରଧ୍ୱଜ (ମୟୂର ଚିହ୍ନିତ ଧ୍ୱଜା ବା ପତାକା ଯାହାର ସେ) ରାଜାଙ୍କୁ ହତ୍ୟା କରି ତାଙ୍କ ରାଜ୍ୟ ଅଧିକାର କଲେ । ମୃତ୍ୟୁଶଯ୍ୟାରେ ମୟୂରଧ୍ୱଜ ରାଜା ବିଜୟୀ ରାଜାଙ୍କୁ 'ବୃଷଭ' ପରିବର୍ତ୍ତେ ମୟୂର ସଙ୍କେତ ଗ୍ରହଣ କରିବା ପାଇଁ ଅନୁରୋଧ କଲେ ଏବଂ ତାଙ୍କର ଅନ୍ତିମ ଇଚ୍ଛା ଭଞ୍ଜ ବୀରଙ୍କ ଦ୍ୱାରା ପୂରଣ ହେଲା [୧୬] ।" ଏହି କିମ୍ବଦନ୍ତୀଟି ଯଦି ସତ୍ୟ ହୋଇଥାଏ, ତେବେ ଉକ୍ତ ମୟୂରଧ୍ୱଜ ରାଜା ବଣାଇ ମଣ୍ଡଳର ମୟୂରବଂଶୀୟ ରାଜା ହୋଇଥିବେ ବୋଲି କୁହାଯାଇପାରେ । ସମ୍ଭବତଃ ଏହି ଘଟଣାରୁ ବଣାଇର 'ମୟୂର' ବଂଶ ଓ ଖିଚିଂର 'ଭଞ୍ଜ' ବଂଶ ସମ୍ମିଶ୍ରଣରେ 'ମୟୂରଭଞ୍ଜ'ର ନାମକରଣ ହୋଇଥାଇପାରେ ।

ଏହି ଯେଉଁ ମୟୂର ବଂଶ କଥା କୁହାଗଲା, ତାମ୍ରଲିପ୍ତ (ଆଧୁନିକ ତାମଲୁକ)ରେ ଏକ ମୟୂର ବଂଶୀୟ ରାଜା ରାଜୁତି କରୁଥିବାର କିମ୍ବଦନ୍ତୀ ଅଛି । [୧୭]

ଶ୍ରୀ ଶ୍ୟାମସୁନ୍ଦର ଷଡ଼ଙ୍ଗୀ କହନ୍ତି, "କିମ୍ବଦନ୍ତୀରୁ ଯେଉଁ ମୟୂର ଧ୍ୱଜ ରାଜାଙ୍କୁ ପରାସ୍ତ କରିବାର ଜଣାଯାଏ, ସେ ରାଜବଂଶ ତମଲୁକରେ ଥିଲେ । କାରଣ ତମଲୁକ ରାଜବଂଶୀୟ ପତାକାରେ ମୟୂର ଚିହ୍ନ ଅଙ୍କିତ ଥିଲା, ବର୍ତ୍ତମାନ ମଧ୍ୟ ତମଲୁକ ଅଞ୍ଚଳର ଅନେକ ମନ୍ଦିରରେ ମୟୂରାଙ୍କିତ ଚିହ୍ନ ଦେଖାଯାଏ । ଏପରିକି ଗୋପୀବଲ୍ଲଭ ପୁର ମନ୍ଦିରରେ ମଧ୍ୟ ଏହିପରି ଚିହ୍ନ ଦେଖାଯାଏ । ଭଞ୍ଜ ମହାରାଜା ମୟୂର ଧ୍ୱଜ ବଂଶୀୟ ରାଜାଙ୍କର ଗର୍ବଗଞ୍ଜନ କରିଥିବାରୁ ନୂତନ ଅଧିକୃତ ରାଜ୍ୟର ନାମ ମୟୂରଭଞ୍ଜ ହୋଇଥିବାର ଅନୁମାନ କରାଯାଏ ।" [୧୮]

ପରମାନନ୍ଦ ଆଚାର୍ଯ୍ୟ କହନ୍ତି, "ତମ୍ବା ପଟ୍ଟାଗୁଡ଼ିକରୁ ରାଜ୍ୟର ନାମ ମିଳେ ନାହିଁ । ରାଜଧାନୀର ନାମ ଖିଜଙ୍ଗକୋଟ୍ଟ ଥିଲା, ଯହିଁରେ ରାଜାଙ୍କର ଉପାଧି 'ଭଞ୍ଜ' ଥିଲା ଓ ରାଜ୍ୟର ନାମ ବୋଧହୁଏ 'ଭଞ୍ଜଭୂମି' ଥିଲା । ମୟୂରଭଞ୍ଜର ରାଜଧାନୀ ଖିଚିଂରୁ ପୂର୍ବ-ମୟୂରଭଞ୍ଜରେ ଅବସ୍ଥିତ ବାରିପଦାକୁ ସ୍ଥାନାନ୍ତରିତ ହେଲାବେଳେ ଭଞ୍ଜମାନେ ମୟୂରବଂଶ ସହିତ ସଂଘର୍ଷରେ ଆସିଥିଲେ ଏବଂ ମୟୂର ବଂଶ ପରାଜିତ ହୋଇଥିଲା । ଏଣୁ ମନେହୁଏ ଏହି ଦୁଇ ରାଜ୍ୟର ସମ୍ମିଶ୍ରଣରେ ମୟୂରଭଞ୍ଜ ନାମ ସୃଷ୍ଟି ହେଲା ।

ହଣ୍ଟର ସାହେବଙ୍କ ମତରେ ତମଲୁକର ରାଜାମାନଙ୍କର ପତାକାରେ ମୟୂର ଅଙ୍କିତ ଥିବାରୁ ସେମାନେ ମୟୂରଧ୍ୱଜ ବୋଲାଉଥିଲେ । ବୋଧହୁଏ ଭଞ୍ଜ ରାଜାମାନେ ଏହିମୟୂରଧ୍ୱଜ ରାଜାଙ୍କୁ ପରାଜିତ କରି ରାଜ୍ୟର ସୀମା ତମଲୁକ ପର୍ଯ୍ୟନ୍ତ ବଢ଼ାଇ

Digitized by srujanika@gmail.com

ଥିଲେ । ଯାହାହେଉ ବାରିପଦାରେ ରାଜଧାନୀ ସ୍ଥାପିତ ହେବା ପରେ ରାଜ୍ୟର ନାମ ମୟୂରଭଞ୍ଜ କଥିତ ହେଲା [୨୯] ।"

ଏହି ଆଲୋଚନାରୁ ଜଣାପଡ଼ୁଛି ଯେ ମଧ୍ୟ ଯୁଗରେ ମୟୂର ବଂଶୀୟ ରାଜାମାନେ ଏକ ବିସ୍ତୀର୍ଣ୍ଣ ଅଞ୍ଚଳ ବଣାଇଠାରୁ ତାମ୍ରଲିପ୍ତ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ ଏବଂ ଭଞ୍ଜମାନେ ମୟୂର ବଂଶୀୟ ବୋଲି ନିଃସନ୍ଦେହରେ କୁହାଯାଇ ପାରେ ।

ଭଞ୍ଜ ରାଜାମାନଙ୍କ ରାଜତ୍ୱ କାଳ :

ପୂର୍ବେ ଆଲୋଚନା କରାଯାଇଛି ଯେ, ଭଞ୍ଜରାଜାମାନେ ମୟୂରଭଞ୍ଜ ଓ କେଉଁଝରର ଅଞ୍ଚଳରେ ହଜାରେ ବର୍ଷରୁ ଅଧିକକାଳ ରାଜତ୍ୱ କରିଥିଲେ । ତଥାପି ଭଞ୍ଜ ରାଜାମାନଙ୍କର କାଳ ନିର୍ଣ୍ଣୟ ଏକ ବିବଦମାନ ସମସ୍ୟା ହୋଇ ରହିଛି ।

ଐତିହାସିକ ଆଧାର :

"ସୀତା ବଞ୍ଜିର ଭିଞ୍ଜିଚଜ ଅନୁଶାସନକୁ ବିଶେଷଜ୍ଞମାନେ ଖ୍ରୀଷ୍ଟୀୟ ୪ର୍ଥ, ୫ମ ଶତାବ୍ଦୀର କାର୍ତ୍ତି ବୋଲି କହୁଥାଆନ୍ତି । ଟି. ଏନ ରାମଚନ୍ଦ୍ରନ (T. N. Rama chandran) ଓ ଡଃ ଆର୍‌. ସି ମଜୁମଦାର (Dr. R. C. Majumdar) ମହାରାଜା ଦଶଭଞ୍ଜଙ୍କୁ ଏହି ୪ର୍ଥ, ୫ମ ଶତାବ୍ଦୀର ଭଞ୍ଜ ନରପତି ବୋଲି ସିଦ୍ଧାନ୍ତ ଦେଇଥାନ୍ତି । କେଉଁଝରର ଅଶନପାଟ ଶିଳାଲେଖରେ ଶିବଙ୍କର ଏକ ପ୍ରସ୍ତର ମୂର୍ତ୍ତିରେ ଖୋଦିତ ହୋଇଥିବା ଅନୁଶାସନରୁ ଜଣାଯାଏ ଯେ ଶତ୍ରୁଭଞ୍ଜ ନାମକ ଏକ ପରାକ୍ରମଶାଳୀ ରାଜା ମୟୂରଭଞ୍ଜ, କେଉଁଝର ଅଞ୍ଚଳରେ ରାଜତ୍ୱ କରୁଥିଲେ । ସେ ମଧ୍ୟ ଚତୁର୍ଥ, ପଞ୍ଚମ ଶତାବ୍ଦୀରେ ରାଜତ୍ୱ କରୁଥିଲେ ବୋଲି ଗବେଷକମାନଙ୍କ ମତ [୩୦] ଡକ୍ଟର ମଜୁମଦାରଙ୍କ ମତରେ, "ଅନ୍ୟାନ୍ୟ କୌଣସି ପ୍ରମାଣ ନ ମିଳିବାଯାଏ ୪ର୍ଥ ୫ମ ଶତାବ୍ଦୀରେ ଖିଚିଂରେ ରାଜୁତି କରୁଥିବା ସୀତାବଞ୍ଜି ଭିଞ୍ଜିଚଜର ଦଶଭଞ୍ଜଙ୍କୁ ସର୍ବପ୍ରାଚୀନ ନରପତି ରୂପେ ନିଃସନ୍ଦେହରେ ଅବହିତ କରାଯାଇପାରେ । ଡଃ ମଜୁମଦାରଙ୍କର ଏ ପ୍ରକାର ମତ ଏକାନ୍ତ ଗ୍ରହଣୀୟ [୩୧] ।" ଏଣୁ ଏହା କୁହାଯାଇପାରେ ଯେ "ଭଞ୍ଜ ରାଜାମାନେ ମୟୂରଭଞ୍ଜ କେଉଁଝର ଅଞ୍ଚଳରେ ଖ୍ରୀଷ୍ଟୀୟ ୪ର୍ଥ, ୫ମ ଶତାବ୍ଦୀ ବେଳକୁ ରାଜତ୍ୱ କରୁଥିଲେ [୩୨] ।"

ପରବର୍ତ୍ତୀ ଭଞ୍ଜ ରାଜାମାନେ ଏହି ପ୍ରାଚୀନ ଭଞ୍ଜମାନଙ୍କର ବଂଶଧର କି ନା ଏବଂ ସେମାନେ ନିରବଚ୍ଛିନ୍ନ ଭାବରେ ରାଜତ୍ୱ କରିଥିଲେ କି ନାହିଁ ତାହାର ସତ୍ୟାସତ୍ୟ ବିଭିନ୍ନ ସନନ୍ଦ ଓ ବିରୁଦରୁ ପ୍ରମାଣ କରି, ଏ ପ୍ରସଙ୍ଗରେ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ କହୁଛନ୍ତି । "ଏଣୁ ମନେହୁଏ ଯେ ଭଞ୍ଜରାଜବଂଶ ନିରବଚ୍ଛିନ୍ନ ଭାବରେ ତାହାର ବିରୁଦାବଳୀ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟବହାର କରିଆସିଛି । ଯେ ପର୍ଯ୍ୟନ୍ତ କମ୍ପୁଦଳୀ ସମସାମୟିକ ଡାଗଜ

Digitized by srujanika@gmail.com

୬

ପତ୍ରର ସମର୍ଥିତ ନ ହୁଏ, ତାହା କିମ୍ବଦନ୍ତୀ ଆକାରରେ ରହେ—ତହିଁରୁ ଇତିହାସ ସଙ୍କଳିତ ହୋଇପାରେ ନାହିଁ । କିମ୍ବଦନ୍ତୀରୁ ଐତିହାସିକ ସତ୍ୟ ସଙ୍କଳନ କରିବା ଦୁରୁହ ବ୍ୟାପାର । ସୌଭାଗ୍ୟର କଥା ଯେ ଭଞ୍ଜବଂଶର କିମ୍ବଦନ୍ତୀ ନାନା କ୍ଷେତ୍ରରେ ନିଜର ଅସ୍ତିତ୍ୱ ବଜାଏ ରଖି ସମସାମୟିକ ପ୍ରମାଣ ଦ୍ୱାରା ସମର୍ଥିତ ହେଉଥିବାରୁ ଆଦି ଭଞ୍ଜ ବଂଶର ଇତିହାସ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟରେ ପରିଣତ ହୋଇଛି [୩୩] ।"

ପୂର୍ବୋକ୍ତ ଶତ୍ରୁଭଞ୍ଜ ଶୈବ ଥିଲେ । 'ହରଚରଣାରାଧନକ୍ଷୟିତ ପାପ' ବୋଲି ଖିଜିଙ୍ଗାକୋଟ୍ଟ ନିବାସୀ ରାଜାଙ୍କ ବିରୁଦରେ ଲେଖାଅଛି । ପରବର୍ତ୍ତୀ ଭଞ୍ଜ ରାଜାମାନେ ଶୈବମତ ପରିହାର କରି ଶାକ୍ତମତ ଗ୍ରହଣ କରିଥିବାର ପ୍ରମାଣ ମିଳୁଛି । ହଜାରେ ବର୍ଷ ତଳେ ଖିଜିଙ୍ଗାକୋଟ୍ଟର କେତେକ ଭଞ୍ଜରାଜା ତାମ୍ରପଟ୍ଟା ସନନ୍ଦ ଦେଇଥିଲେ । ସେଗୁଡ଼ିକ ମିଳିଛି । ବୀରଭଦ୍ର ବା ଆଦିଭଞ୍ଜଙ୍କୁ ଆଦି ପୁରୁଷ ବୋଲି କୁହାଯାଇଛି । ମାତ୍ର ଆଦିଭଞ୍ଜ ଏକ କିମ୍ବଦନ୍ତୀ ମୂଳକ ରାଜପୁରୁଷ । ତେଣୁ ଖିଜିଙ୍ଗାକୋଟ୍ଟ ପ୍ରତିଷ୍ଠାତା କୋଟ୍ଟଭଞ୍ଜଙ୍କୁହିଁ ଖିଜିଙ୍ଗାକୋଟ୍ଟର ଆଦିପୁରୁଷ କୁହାଯାଇପାରେ । ରଣଭଞ୍ଜଙ୍କ ବାମନଘାଟୀ ତାମ୍ର ଶାସନରୁ ଜଣାପଡ଼େ ଯେ ସେ ହେଉଛନ୍ତି କୋଟ୍ଟଭଞ୍ଜଙ୍କର ନାତି ଓ ଦିଗଭଞ୍ଜଙ୍କର ପୁତ୍ର । ଦିଗଭଞ୍ଜଙ୍କର ଦୁଇପୁତ୍ର ରାଜା ହୋଇଥିଲେ ଏବଂ ଏ ରାଜାମାନଙ୍କର ରାଜତ୍ୱ ଇତ୍ୟାଦି ସଂପର୍କରେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରାଯାଇଛି । ତେବେ ଭଞ୍ଜ ରାଜାମାନେ ଖ୍ରୀଷ୍ଟୀୟ ନବମ ଓ ଦଶମ ଶତାବ୍ଦୀ ବେଳକୁ ଖିଜିଙ୍ଗାକୋଟ୍ଟରେ ରାଜତ୍ୱ କରୁଥିଲେ । ତାମ୍ର ଶାସନମାନଙ୍କୁ ଭିତ୍ତିକରି ପରବର୍ତ୍ତୀ ଅଧ୍ୟାୟରେ ବଂଶ ତାଲିକା ଦିଆଯାଇଛି ।

ବଂଶ ତାଲିକା :

ଶ୍ରୀ ଦୀପକ ଷଡ଼ଙ୍ଗୀ କହନ୍ତି, "ମହାରାଣୀ ସୁମିତ୍ରାଦେବୀଙ୍କ ରାଜତ୍ୱ କାଳରେ ଲେଖାଯାଇଥିବା ୨ଟି ତାଳପତ୍ର ପୋଥିରୁ ମିଳିଥିବା ଭଞ୍ଜରାଜବଂଶର ଏକ ବଂଶ ତାଲିକା ଦିଆହୋଇଛି ମାତ୍ର ଏଥିରେ ଷୋଡ଼ଶ ଶତାବ୍ଦୀ ରାଜାମାନଙ୍କର ନାମ ନାହିଁ । ଯଦୁନାଥ ଭଞ୍ଜଙ୍କର ୧୮୩ ଖ୍ରୀ:ରେ ଲିଖିତ ଗୋଟିଏ ଚିଠି (ଅଜ ,ରେ ଏକ ତାଲିକା ଦିଆଯାଇଛି । ମାତ୍ର ଏଥିରେ ପ୍ରାଚୀନ ରାଜାମାନଙ୍କର ନାମ ନାହିଁ । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ୧୮୯୦ ଖ୍ରୀ· ଅ:ରେ Tributary Mahal Superintendentଙ୍କୁ ଯେଉଁ ବଂଶ ତାଲିକା ଦେଇଥିଲେ ତାହା ଠିକ୍ ନୁହେଁ [୩୪] ।" ଲେଖକ Report on the Admin stration of Mayurbhanj for 1945-46 Appendix-I "Chronological list of Rulers of Mayurbhanj" ଶ୍ରୀ ରବୀନ୍ଦ୍ରଜିତ କାରପଦାଙ୍କଠାରୁ ସଂଗ୍ରହ କରିଥିଲେ । ଏଥିରେ ଯେଉଁ ବଂଶ ତାଲିକା ଦିଆଯାଇଛି, ତହିଁରେ ପ୍ରାଚୀନ ରାଜାମାନଙ୍କର ନାମ ନାହିଁ । ତାମ୍ରପଟ୍ଟା ସନନ୍ଦରୁ ସଂଗୃହୀତ ରାଜାମାନଙ୍କ

Digitized by srujanika@gmail.com

ନାମ ବୀରଭଦ୍ର ଆଦି ଭଞ୍ଜଙ୍କଠାରୁ ଅଛି । ମାତ୍ର ତା'ପୂର୍ବର ରାଜାଙ୍କ କଥା ଉଲ୍ଲେଖ ନାହିଁ । ବଂଶାନୁଚରିତ ଅନୁସାରେ ମଧ୍ୟ ଏକ ତାଲିକା ଦିଆଯାଇଛି । ଏଥିରେ ତାମ୍ରପଟ୍ଟ ପ୍ରଦାନକାରୀ କେତେକ ରାଜାଙ୍କ ନାମ ନାହିଁ । ରାମଚନ୍ଦ୍ର ଭଞ୍ଜଠାରୁ ପରବର୍ତ୍ତୀ ରାଜାଙ୍କ ନାମ ତଳେ ଦିଆହୋଇଛି । ମାତ୍ର ଅଧିକାଂଶ ରାଜାଙ୍କର ରାଜତ୍ୱକାଳ ଦିଆହୋଇଛି । ବାରିପଦା ସଂଗ୍ରହାଳୟ ସ୍ଥିତ (ଶ୍ରୀରାମଚନ୍ଦ୍ର ପାଣିଗ୍ରାହୀଙ୍କ ମା' କିଚକେଶ୍ୱରୀ ପୁସ୍ତକରେ ମୁଦ୍ରିତ) ଭଞ୍ଜ ରାଜବଂଶ ତାଲିକାଟି ପ୍ରାଚୀନ ଯୁଗଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଏକ ଧାରାବାହିକ ବଂଶ ତାଲିକା ବୋଲି ଜଣା ଯାଉଥିଲେ ମଧ୍ୟ ଏହା ଗବେଷକମାନଙ୍କର ସମର୍ଥିତ ରାଜାମାନଙ୍କର ରାଜତ୍ୱ କାଳରେ ବ୍ୟତିକ୍ରମ ଥିବାର ମନେହୁଏ ।

ଐଶ୍ୱର୍ଯ୍ୟଶାଳିନୀ-ମନ୍ଦିରମାଳିନୀ-ପ୍ରତ୍ନତତ୍ତ୍ୱ ବୈଭବ ମଣ୍ଡିତା ଖିଚିଂ ଓ ଭଞ୍ଜ ରାଜବଂଶ :

ଦିନେ ଖିଜିଙ୍ଗକୋଟ୍ଟ ଭଞ୍ଜରାଜାମାନଙ୍କର ସୁଶାସନରେ ଉନ୍ନତିର ଚରମ ସୀମାରେ ପହଞ୍ଚି ପାରିଥିଲା । ରାଜ ଐଶ୍ୱର୍ଯ୍ୟର ତୁଙ୍ଗ ଶିଖରରେ ପହଞ୍ଚି ସମସ୍ତ ଭାରତବର୍ଷକୁ ଚମକାଇ ଦେଇଥିଲା । ଧନଧାନ୍ୟ ଗୋପଲକ୍ଷ୍ମୀରେ ପୂରି ଉଠିଥିଲା ଏହି ରାଜଧାନୀ । ରାଜନଅର, ପ୍ରାସାଦ, ମଠ, ମନ୍ଦିର ଆଦିରେ ଖିଚିଂ ନଗରୀ ପଠାଣ, ମୋଗଲ ଓ ବର୍ଗୀମାନଙ୍କର ଆକ୍ରମଣର ଶିକାର ହୋଇଥିଲା । ସେମାନଙ୍କର ଲୁଣ୍ଠନ ଉତ୍ପାତ ତାଣ୍ଡବଲୀଳା ସହି ନପାରି ଭଞ୍ଜ ରାଜାମାନେ ରାଜଧାନୀ ପରିବର୍ତ୍ତନ କଲେ । ମନ୍ଦିର-ପ୍ରାସାଦମାଳିନୀ ଜନ କୋଳାହଳମୟୀ ନଗରୀ ଶ୍ମଶାନରେ ପରିଣତ ହେଲା । କର୍ପୂର ଉଡ଼ିଗଲା, କନା ପଡ଼ି ରହିଲା । ଏବେ ମଧ୍ୟ ପଡ଼ିଛି । ମାତ୍ର ସେ ଭଗ୍ନ ବାରତାଟି ଭଳି ଅତୀତର ଭଞ୍ଜ ରାଜାମାନଙ୍କର ଗର୍ବଗୌରବ ମୂକସାକ୍ଷୀ ହୋଇରହିଛି । ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହନ୍ତି, "ଖିଜିଂକୋଟ୍ଟ ବା ଆଧୁନିକ ଖିଚିଂର ପ୍ରତ୍ନତତ୍ତ୍ୱ ସମ୍ପଦହିଁ ମୟୂରଭଞ୍ଜର ଆଦି ଇତିହାସ ଜାଣିବାରେ ସମସ୍ତଙ୍କୁ ସାହାଯ୍ୟ କରେ [୩୫] ।" ଏକଦା ଏହା ମନ୍ଦିରମାଳିନୀ ନଗରୀରୂପେ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିଲା । ଲୁଣ୍ଠନକାରୀମାନଙ୍କର ଆକ୍ରମଣରେ ଏହା ଧୂଳିସାତ୍ ହୋଇଗଲା । ଏବେ ମଧ୍ୟ ଅନେକଟି ପ୍ରାଚୀନ ମନ୍ଦିର ବିଦ୍ୟମାନ । ତନ୍ମଧ୍ୟରୁ କିଚକେଶ୍ୱରୀ ମନ୍ଦିର ଅନ୍ୟତମ । ପରମାନନ୍ଦ ଆଚାର୍ଯ୍ୟଙ୍କ ମତରେ "କିଚକେଶ୍ୱରୀ ବର୍ତ୍ତମାନ ମୁଖ୍ୟ ମୟୂରଭଞ୍ଜ ରାଜବଂଶର ରକ୍ଷାକର୍ତ୍ତ୍ରୀ କୁଳଦେବୀ । ବାରିପଦାରେ ତାଙ୍କ ମୂର୍ତ୍ତି ଏବେ ମଧ୍ୟ ପୂଜା ପାଉଛନ୍ତି [୩୬] ।" ଖିଚିଂର ଏକ ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଚାମୁଣ୍ଡା । ମହାରାଜା ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜଦେବଙ୍କ ଦ୍ୱାରା ବର୍ତ୍ତମାନର ଠାକୁରାଣୀ ମନ୍ଦିର ପୁନରୁଦ୍ଧାର ଓ ପୁନର୍ନିର୍ମିତ ରୂପେ ଦଣ୍ଡାୟମାନ।" ଖିଚିଂର ବୃହତ୍ତମ ମନ୍ଦିର ଏକାଦଶ ଶତାବ୍ଦୀରେ ଓ କୁଟେଇ-ରୁଣ୍ଡି ମନ୍ଦିର ଦଶମ ଶତାବ୍ଦୀରେ 'ନିର୍ମିତ' ହୋଇଥିଲା । ହିନ୍ଦୁ ଦେବଦେବୀ ମୂର୍ତ୍ତି ଛଡ଼ା ଏଠାରେ ବହୁ ବୌଦ୍ଧ ଓ ଜୈନ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳେ । କୋଟ୍ଟଭଞ୍ଜ, ରଣଭଞ୍ଜ

Digitized by srujanika@gmail.com

ଓ ରାଜଭଞ୍ଜ ସମୟରେ ହିଁ ଖିଚିଂର ପ୍ରଧାନ ମନ୍ଦିରଗୁଡ଼ିକ ନିର୍ମିତ ହୋଇଥିଲା [୩୮] ।” ଡ଼ଃ ପାଣିଗ୍ରାହୀଙ୍କ ମତରେ ଏଠାରେ ଥିବା ବିରାଟଗଡ଼ ଓ କଚକଗଡ଼ ଭଞ୍ଜରାଜାମାନଙ୍କର ଗଡ଼ ବା ଦୁର୍ଗ ଥିଲା । ଅଧ୍ୟାପକ ପଞ୍ଚାନନ ପାତ୍ର “ଖିଚିଂରେ ଅଜ୍ଞାତ ବାସ” ଶୀର୍ଷକ ପ୍ରବନ୍ଧରେ ଆଲୋଚନା କ୍ରମେ ପ୍ରକାଶ କରନ୍ତି କି ଐତିହାସିକମାନଙ୍କ ମତରେ ଭଞ୍ଜ ବଂଶର ପ୍ରତାପୀ ରାଜା ମହାରାଜା କୋଟ୍ୟାଭଞ୍ଜ ଖିଚଙ୍ଗାକୋଟ୍ଟା ନାମରେ ଏକ ରାଜ୍ୟ ସ୍ଥାପନ କରିଥିଲେ । ସେହି ଖିଚଙ୍ଗାକୋଟ୍ଟା ରାଜ୍ୟର ଅଧିଶ୍ୱର ପ୍ରସ୍ତର ଖିଚଙ୍ଗେଶ୍ୱରୀ ଠାକୁରାଣୀ ଭାବରେ ପୂଜିତ ହେଉଥିଲେ ଓ କାଳକ୍ରମେ ଅପଭ୍ରଂଶ ହୋଇ ତାହା କୀଚକେଶ୍ୱରୀରେ ପରିଣତ ହୋଇଛି । “କୀଚକ” ଶବ୍ଦ ଆସିବା ସଙ୍ଗେ ସଙ୍ଗେ ପଞ୍ଚପାଣ୍ଡବ ଉପାଖ୍ୟାନ ଆପଣାଛାଏଁ ଯୋଡ଼ି ହୋଇଯାଇଛି । ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଭଳି କପ୍ତିପଦାର ସମୀବୃକ୍ଷ ଓ ଖିଚିଂର ବିରାଟଗଡ଼କୁ ସେ ସ୍ୱୀକାର କରି ନାହାନ୍ତି । ବରଂ ଏହା ଏକ କଳ୍ପନାବିଳାସ ବୋଲି ଅଭିହିତ କରିଅଛନ୍ତି [୩୮-କ] ।

ଖିଚିଂ, ଆଦିପୁର, ଅଯୋଧ୍ୟା, ବଡ଼ସାହି, ହରିପୁର, ପ୍ରତାପପୁର ଆଦିର ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ଜଣାଯାଏ ଯେ ଭଞ୍ଜ ରାଜ ମାନେ ଧର୍ମକ୍ଷେତ୍ରରେ ଏକ ଉଦାର ନୀତି ଅନୁସରଣ କରିଥିଲେ । ସେମାନଙ୍କ ରାଜତ୍ୱ କାଳରେ ଶୈବ, ଶାକ୍ତ, ବୌଦ୍ଧ, ଜୈନ ପ୍ରଭୃତି ପ୍ରଜାମାନେ ବାସ କରୁଥିଲେ । ରାଜାମାନେ ସେମାନଙ୍କ ଧର୍ମ ଓ ଧ୍ୟାନ ଧାରଣା ଉପରେ ହସ୍ତକ୍ଷେପ କରୁନଥିଲେ । ଭଞ୍ଜ ରାଜାମାନେ କେବେ ସାର୍ବଭୌମ ଶକ୍ତିର ଅଧିକାରୀ ହୋଇନଥିଲେ, ମାତ୍ର ଓଡ଼ିଶାରେ ଯେତେବେଳେ କେନ୍ଦ୍ରଶକ୍ତି ଦୁର୍ବଳ ହୋଇ ପଡ଼ିଛି । ଭଞ୍ଜ ରାଜାମାନେ ସେହି ସମୟରେ ସ୍ୱାଧୀନ ଭାବରେ ରାଜ୍ୟଶାସନ କରିଛନ୍ତି । ୧୩୬୧ ଖ୍ରୀ: ଅ:ରେ ଫିରୋଜ ତୋଗଲକ ଖିଜଙ୍ଗାକୋଟ୍ଟା ଆକ୍ରମଣ କରିଥିବାର ଜଣାଯାଏ । ଏହି ସମୟରେ ଖିଚିଂର ଅଧିକାଂଶ ମନ୍ଦିର ଓ ମୂର୍ତ୍ତି ନଷ୍ଟ ହୋଇ ଯାଇଥିଲା । ଫଳରେ ଖିଚଙ୍ଗାକୋଟ୍ଟରେ ଦୁର୍ଭାଗ୍ୟର ଦିନ ଘନେଇ ଆସିଲା । ଭଞ୍ଜ ନୃପତିମାନେ ରାଜଧାନୀ ପରିବର୍ତ୍ତନ କଲେ । କେବେ ରାଜଧାନୀ ପରିବର୍ତ୍ତନ ହେଲା ତାହା ସ୍ପଷ୍ଟ ଜଣାପଡ଼େ ନାହିଁ । ତେବେ ଫିରୋଜ ତୁଘଲକଙ୍କ ଆକ୍ରମଣ ପରେ ଏହା ହୋଇଥିବ ବୋଲି ଅନୁମାନ କରାଯାଏ ।

ଖିଜିଂମଣ୍ଡଳର ପତନ ରାଜଧାନୀ ପରିବର୍ତ୍ତନ ଓ କେଉଁଝର ରାଜ୍ୟର ଉତ୍ପତ୍ତି :

ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଖିଜଙ୍ଗାକୋଟ୍ଟା ବା ଖିଚିଂରୁ ବାହାଲଦା ତାପରେ ହରିପୁର ତତ୍ପରେ ବାରିପଦାକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲା । ରାଜଧାନୀ ଗୁଡ଼ିକରେ କୀଚକେଶ୍ୱରୀ ମୂର୍ତ୍ତିମାନଙ୍କ ସ୍ଥାପନା ଦୃଷ୍ଟିରୁ ଏ ପ୍ରକାର ସିଦ୍ଧାନ୍ତରେ ଉପନୀତ ହୋଇଥିବାର ସେ ମୋ ଇତିହାସର ଓଡ଼ିଶା ପୁସ୍ତକରେ ବର୍ଣ୍ଣନା କରିଅଛନ୍ତି [୩୯] ।”

Digitized by srujanika@gmail.com

ଯାହା ବୁଝାଯାଉଛି ; ତାହା ହରିହର ଭଞ୍ଜ ବା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ସମୟରେ ହରିପୁରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିବା ଐତିହାସିକମାନେ କହୁଥାଆନ୍ତି । ମାତ୍ର ଡଃ ପାଣିଗ୍ରାହୀଙ୍କ ମତରେ—ଖିଚିଂରୁ ବହଲଦା ରାଜଧାନୀ ପରିବର୍ତ୍ତନ ବିଷୟରେ ଯାହା କହୁଛନ୍ତି—ତାହା ସତ୍ୟ ; ମାତ୍ର ବହଲଦାରେ ଅସ୍ଥାୟୀ ଭାବରେ ଅଳ୍ପଦିନ ପାଇଁ ରାଜଧାନୀ ରହିଥାଇପାରେ କାରଣ ଖିଚିଂ ବା ହରିହର ପୁରରେ ଯେପରି ବହୁଳ ଭାବରେ ଗଡ଼ ପ୍ରାସାଦ, ମନ୍ଦିର ତଥା ଅନ୍ୟାନ୍ୟ କୀର୍ତ୍ତିକଳାପର ଭଗ୍ନାବଶେଷ ଦେଖାଯାଏ ତାହା ଏଠାରେ ଦେଖିବାକୁ ମିଳେ ନାହିଁ । ଅବଶ୍ୟ ବହଲଦା ନିକଟବର୍ତ୍ତୀ ରାଇରଙ୍ଗପୁର-ଠାରେ ଏକ ଭଗ୍ନଗଡ଼ ଅଛି । ବହଲଦାର କଚକେଶ୍ୱରୀ ମନ୍ଦିର ହିଁ ଏଠାରେ ରାଜଧାନୀ ଥିବାର ପ୍ରମାଣ ବହନ କରେ । ଏ ସମସ୍ତ ତଥ୍ୟାନୁଶୀଳନରୁ ଜଣାପଡ଼େ ଯେ ହରିହର ଭଞ୍ଜ ବା କୃଷ୍ଣଚନ୍ଦ୍ର ଭଞ୍ଜ କମ୍ବା ତାଙ୍କ ପୂର୍ବବର୍ତ୍ତୀ ରାଜା ଖିଚିଂରୁ ବହଲଦା ଏବଂ ବହଲଦାରୁ ହରିହରପୁରକୁ ରାଜଧାନୀ ସ୍ଥାନାନ୍ତରିତ କରିଥିଲେ । ମହାରାଜେଶ୍ୱରୀ ସୁମିତ୍ରା ଦେବୀଙ୍କ ସମୟରେ ହିଁ ହରିପୁରରୁ ବାରିପଦାକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲା ।

ଡକ୍ଟର ଯଜ୍ଞ କୁମାର ସାହୁଙ୍କ ମତରେ—"ମଧ୍ୟଯୁଗର ଖିଜିଂ ମଣ୍ଡଳ ୧୩୬୦-୬୧ ଖ୍ରୀ ରେ ସୁଲତାନ ଫିରୋଜ ତୋଘଲକଙ୍କ ଦ୍ୱାରା ଧ୍ୱଂସପ୍ରାପ୍ତ ହେବାର ଅଳ୍ପକାଳ ପରେ ବୈତରଣୀ ନଦୀର ଉଭୟ ପାର୍ଶ୍ୱରେ ଭଞ୍ଜ ବଂଶର ଦୁଇଜଣ ରାଜା ଦୁଇଟି ସ୍ୱାଧୀନ ରାଜ୍ୟ ସ୍ଥାପନ କଲେ । ପୂର୍ବାଞ୍ଚଳରେ ମୟୂରଭଞ୍ଜ ରାଜ୍ୟ ଓ ପଶ୍ଚିମାଞ୍ଚଳରେ କେଉଁଝର ରାଜ୍ୟ ପ୍ରତିଷ୍ଠିତ ହେଲା । କେଉଁଝର ରାଜ୍ୟର ପ୍ରତିଷ୍ଠାତା ଥିଲେ ଜ୍ୟୋତି ଭଞ୍ଜ । ତାଙ୍କର ରାଜଧାନୀ ଜ୍ୟୋତିପୁର ବୈତରଣୀ ନଦୀ କୂଳରେ ଅବସ୍ଥିତ ଥିଲା । ମାତ୍ର ପରବର୍ତ୍ତୀ କାଳରେ କେଉଁଝର ଗଡ଼ରେ ଏହି ରାଜ୍ୟର ନୂତନ ରାଜଧାନୀ ନିର୍ମିତ ହେଲା [୪୦] ।"

କେନ୍ଦୁଝର ରାଜବାଟୀ ନିର୍ମାଣ କାହାଣୀ :

"ଜ୍ୟୋତି ଭଞ୍ଜ କେନ୍ଦୁଝର ରାଜ୍ୟର ଦୁର୍ଦ୍ଧର୍ଷ ଭୂୟାଁ ପ୍ରଜାମାନଙ୍କର ଶାସନ ନିମିତ୍ତ କେନ୍ଦ୍ର ସ୍ଥଳକୁ ରାଜଧାନୀ ଉଠାଇ ନେଇଥିଲେ । ବର୍ତ୍ତମାନ କେନ୍ଦୁଝର ରାଜବାଟୀ ଥିବା ସ୍ଥାନଟି ଜ୍ୟୋତି ଭଞ୍ଜଙ୍କ ଅମଳରେ ନିରୂପିତ ହୋଇଥିଲା ବୋଲି କେତେକ ଐତିହାସିକ ମତ ଦେଇଥାଆନ୍ତି ଉକ୍ତ ରାଜବାଟୀ ନିର୍ମାଣ ବିଷୟରେ ଏକ ମନୋରମ କାହାଣୀ ଅଛି ।"

"ରାଜା ଜ୍ୟୋତି ଭଞ୍ଜ ରାଜବାଟୀ ନିର୍ମାଣ ନିମିତ୍ତ ଗୋଟିଏ ଉପଯୁକ୍ତ ସ୍ଥାନ ଅନ୍ୱେଷଣ କରୁଥିଲେ । ଯେଉଁ ସ୍ଥାନରେ ଏବେ ରାଜବାଟୀ ହୋଇଛି ସେହି ସ୍ଥାନରେ ଦେଖିଲେ ଗୋଟିଏ ଶୃଗାଳ ଗୋଟିଏ ଗଧଆକୁ ମାଡ଼ିବସିଲା ଏବଂ ସଙ୍ଗେ ସଙ୍ଗେ ତାକୁ

Digitized by srujanika@gmail.com

ଶେଷ କରିଦେଲା । ରାଜା ଏପରି ଅଲୌକିକ ଘଟଣା ଦେଖି ସେହି ସ୍ଥାନରେ କିଛି ମହତ୍ତ୍ୱ ଥାଇପାରେ ବୋଲି ଭାବିଲେ ଏବଂ ସେଠାରେ ଗୋଟିଏ ସୁନ୍ଦର ଗଡ଼ ତୋଳିଲେ । ଉକ୍ତ ଗଡ଼ ନିକଟରୁ ଗୋଟିଏ କେନ୍ଦୁଗଛ ମୂଳରୁ ଏକ ସ୍ୱଚ୍ଛ ଝରଣା ପ୍ରବାହିତ ହେଉଥିଲା । ସେହିଦିନୁ ଜ୍ୟୋତି ଭଞ୍ଜଙ୍କ ରାଜ୍ୟର ନାମ ହେଲା 'କେନ୍ଦୁଝର' [୪୨] ।"

କେନ୍ଦୁଝର ରାଜସିଂହାସନ ସୃଷ୍ଟିର କାହାଣୀ :

"କେନ୍ଦୁଝର ରାଜ୍ୟର ଅଭ୍ୟୁଦୟ ସମ୍ପର୍କରେ ବିଭିନ୍ନ କିମ୍ବଦନ୍ତୀ ପ୍ରଚଳିତ ହୋଇ ରହିଛି । କବଡେନ ରାମସେ ଏହି ରାଜ୍ୟର ପ୍ରତିଷ୍ଠାତା ଜ୍ୟୋତି ଭଞ୍ଜଙ୍କୁ ଜୟପୁର ରାଜବଂଶୀୟ ବୋଲି ମତ ଦେଇଅଛନ୍ତି । ମାତ୍ର ରାଜପୁତନାର ଏକ ରାଜପୁତ ଜାତି ସହିତ ଓଡ଼ିଶାର ଭଞ୍ଜ ରାଜବଂଶକୁ ପରିଚିହ୍ନିତ କରିବାର କୌଣସି କାରଣ ନାହିଁ ।

କେନ୍ଦୁଝର ରାଜ୍ୟରେ ଭୂୟାଁ ଆଦିବାସୀ ସମ୍ପ୍ରଦାୟ ପ୍ରାଚୀନ କାଳରୁ ସଂଖ୍ୟା-ଗରିଷ୍ଠ ତଥା ପ୍ରଭାବଶାଳୀ ହୋଇ ରହି ଆସିଅଛନ୍ତି । କଥିତ ଅଛି ଯେ ଖିଜିଙ୍ଗକୋଟ ରାଜଧାନୀ ଥିବା ସମୟରେ କେନ୍ଦୁଝର ଅଞ୍ଚଳର ଭୂୟାଁମାନଙ୍କ ପକ୍ଷରେ ଏତେ ଦୂରକୁ ଯାଇ ରାଜାଙ୍କ ନିକଟରେ ଗୁହାରି ବା ଅଭିଯୋଗ କରିବା ଏକ ଦୁରୂହ ବ୍ୟାପାର ଥିଲା । ତେଣୁ ସେମାନେ ଖିଜିଙ୍ଗର ଭଞ୍ଜ ରାଜବଂଶର ଜଣେ ଶିଶୁ ରାଜକୁମାରଙ୍କୁ ହରଣ କରି ଆଣି କେନ୍ଦୁଝରରେ ଏକ ନୂତନ ରାଜ୍ୟ ସ୍ଥାପନପୂର୍ବକ ତାଙ୍କୁ ରାଜା କରାଇଲେ । ନିକଟ ଅତୀତରେ ମଧ୍ୟ ଏହି ବିଶ୍ୱାସ ଭୂୟାଁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା ଏବଂ କେନ୍ଦୁଝର ରାଜାଙ୍କର ଅଭିଷେକ ସମୟରେ ଜଣେ ଭୂୟାଁ ନେତା ତାଙ୍କୁ ପିଠିରେ ବସାଇ ସିଂହାସନରେ ପହଞ୍ଚାଇ ଦେଉଥିଲେ । ପ୍ରଥମ-ଭଞ୍ଜ ରାଜାମାନଙ୍କର ଅଭିଷେକ ସମୟରେ ଭୂୟାଁମାନଙ୍କର ହାତୀ ଘୋଡ଼ା ନଥିବାରୁ ଏହିପରି ଜଣେ ଭୂୟାଁ ହାତୀ ଓ ଜଣେ ଘୋଡ଼ା ହୋଇଥିଲେ ବୋଲି ପ୍ରବାଦ ଅଛି । ଭୂୟାଁ ନେତା ରାଜାଙ୍କର ଲଲାଟରେ ରାଜତିଳକ ନ ଦେଲା ପର୍ଯ୍ୟନ୍ତ ଅଭିଷେକ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହୁଥିଲା । ଏଥିରୁ ଜଣାଯାଏ ଯେ ଭୂୟାଁମାନେ କେନ୍ଦୁଝର ଭଞ୍ଜ ବଂଶର ପ୍ରତିଷ୍ଠା ଓ କେନ୍ଦୁଝର ରାଜ୍ୟର ଇତିହାସରେ ଏକ ବଶିଷ୍ଟ ଭୂମିକା ଗ୍ରହଣ କରିଥିଲେ [୪୩] ।"

ଭୂୟାଁମାନେ ମଧ୍ୟ ରାଜାଙ୍କର ସାନଭାଇଙ୍କୁ ଚୋରାଇ ନେଇ କେନ୍ଦୁଝର ଗାଦି ସୃଷ୍ଟି କରିଥିଲେ ବୋଲି ମୟୂରଭଞ୍ଜରେ ଏଭଳି ଏକ କିମ୍ବଦନ୍ତୀ ଶୁଣାଯାଏ । ମହାରାଜା ଜଗନ୍ନାଥ ଭଞ୍ଜଙ୍କ ସମୟରେ ତାଙ୍କ ସାନଭାଇଙ୍କୁ ଭୂୟାଁମାନେ ଚୋରାଇ ନେଇଥିବା କଥା ଏଥିରେ କୁହାଯାଇଥାଏ । ମହାରାଜା ଜଗନ୍ନାଥ ଭଞ୍ଜ ଷୋଡ଼ଶ ଶତକର ମଧ୍ୟଭାଗ ପର୍ଯ୍ୟନ୍ତ ରାଜତ୍ୱ କରିଥିବା କଥା ଡଃ ଯଜ୍ଞକୁମାର ସାହୁ ତାଙ୍କ ଓଡ଼ିଶା ଇତିହାସରେ ଲିପିବଦ୍ଧ କରିଛନ୍ତି । ପୁଣି ଡଃ ସାହୁ ଉଲ୍ଲେଖ କରିଛନ୍ତି ଯେ ୧୩୬୧ ଖ୍ରୀ. ଅ.ରେ

Digitized by srujanika@gmail.com

ତୋଗଲକଙ୍କ ଓଡ଼ିଶା ଆକ୍ରମଣରେ ଖିଜିଙ୍ଗକୋଟ୍ଟା ଧ୍ୱଂସ ହେଲା ଏବଂ ଅଳ୍ପକାଳ ପରେ ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟ ସୃଷ୍ଟି ହେଲା । ଫଳରେ ଭଞ୍ଜ ବଂଶର ଦୁଇଜଣ ରାଜା ବୈତରଣୀ ନଦୀର ଉଭୟ ପାଖରେ ଦୁଇଟି ସ୍ୱତନ୍ତ୍ର ରାଜ୍ୟର ରାଜା ହେଲେ । କେନ୍ଦୁଝର ରାଜ୍ୟର ପ୍ରତିଷ୍ଠାତା ଥିଲେ ଜ୍ୟୋତିଭଞ୍ଜ [୪୪] ।" ଅର୍ଥାତ୍ ଜଗନ୍ନାଥ ଭଞ୍ଜଙ୍କ ରାଜତ୍ୱର ବହୁପୂର୍ବରୁ କେନ୍ଦୁଝର ରାଜ୍ୟ ସୃଷ୍ଟି ହୋଇଥିଲା ଏବଂ ସେଠାରେ ଜ୍ୟୋତିଭଞ୍ଜ ରାଜୁତି କରୁଥିଲେ । ତେଣୁ ଜଗନ୍ନାଥ ଭଞ୍ଜଙ୍କ ସମୟରେ ତାଙ୍କ ସାନଭାଇଙ୍କୁ ନେଇ କେନ୍ଦୁଝର ଗାଦି ସୃଷ୍ଟି କରିବା କଥାଟିର ଐତିହାସିକ ସତ୍ୟ ଏକାନ୍ତ ସନ୍ଦେହଜନକ । ପୁନଶ୍ଚ ସେହି କମ୍ବଦନ୍ତୀରେ ବୁଝାଯାଏ ଯେ ଉକ୍ତ ଘଟଣାଟି ବାରିପଦାକୁ ରାଜଧାନୀ ସ୍ଥାନାନ୍ତରିତ ହେବାପରେ ଘଟିଥିଲା । ଏହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ । କାରଣ ଦାମୋଦର ଭଞ୍ଜଙ୍କ ପରେ ମହାରାଣୀ ସୁମିତ୍ରା ଦେବୀଙ୍କ ସମୟରେ ବାରିପଦାକୁ ରାଜଧାନୀ ସ୍ଥାନାନ୍ତରିତ ହେଲା । ସୁମିତ୍ରା ଦେବୀ ୧୭୯୬ ଖ୍ରୀ ଅ:ରୁ ୧୮୧୦ ଖ୍ରୀ: ଯାଏ ରାଜତ୍ୱ କରିଥିଲେ । ସୁମିତ୍ରା ଦେବୀ ମୟୂର ଭଞ୍ଜର ରାଜଧାନୀ ବାରିପଦାରେ ରାଜତ୍ୱ କଲାବେଳେ କେନ୍ଦୁଝରରେ ରାଜୁତି କରୁଥାଆନ୍ତି ଜନାର୍ଦ୍ଦନ ଭଞ୍ଜ [୪୫] । ଏଣୁ ଏହି ଘଟଣାଟି ଜଗନ୍ନାଥ ଭଞ୍ଜଙ୍କ ସମୟରେ ନହୋଇ ଅବିଭକ୍ତ ମୟୂରଭଞ୍ଜ କେନ୍ଦୁଝର ଅଞ୍ଚଳରେ ରାଜୁତି କରୁଥିବା ଅନ୍ୟ କୌଣସି ରାଜାଙ୍କ ସମୟରେ ଘଟି ପାରିଥାଏ । କାରଣ ସେତେବେଳେ କେନ୍ଦୁଝର ଗାଦୀ ସୃଷ୍ଟି ହୋଇ ନଥିଲା । ଭୂୟାଁମାନେ ଶିଶୁ ରାଜକୁମାରଙ୍କୁ ନେଇ କେନ୍ଦୁଝରରେ ଗାଦି ସୃଷ୍ଟି କରିବାଟା ଅତ୍ୟନ୍ତ ଯୁକ୍ତିଯୁକ୍ତ ।

କେନ୍ଦୁଝର ଜ୍ୟୋତିଭଞ୍ଜ ଗଡ଼ ତିଆରି କରିବା ବିଷୟରେ ଯେପରି କମ୍ବଦନ୍ତୀ ଅଛି । ସେହିପରି ବାରିପଦା ଗଡ଼ ତିଆରି ସମ୍ବନ୍ଧରେ ଜଗନ୍ନାଥ ଭଞ୍ଜଙ୍କ ରାଜତ୍ୱ କାଳରେ 'ବଗସାମଲ' ଗଡ଼ ନିର୍ମାଣ କମ୍ବଦନ୍ତୀଟିଏ ଅଛି । ପରେ ତାହା ଆଲୋଚନା କରାଯାଇଛି ।

ଭଞ୍ଜବଂଶର କାଳବଚ୍ଛିନ୍ନ ରାଜତ୍ୱ—ଗବେଷକଙ୍କ ମତରେ ସର୍ବପ୍ରାଚୀନ ଓ ସର୍ବଶେଷ ସ୍ୱାଧୀନ ରାଜା :

ଡ଼: କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ରଣ ଭଂଜ ୪ର୍ଥ, ୫ମ ଶତାବ୍ଦୀର ରାଜା ଏବଂ ସେ ହେଉଛନ୍ତି ଭଂଜ ବଂଶର ସର୍ବପ୍ରାଚୀନ ରାଜା । ମୟୂରଭଂଜ ଓ କେନ୍ଦୁଝରର ଭଂଜ ନୃପତିମାନେ ରଣ ଭଂଜଙ୍କର ଉତ୍ତରସୂରୀ । ଏକଦା ମୟୂରଭଂଜ ଓ କେନ୍ଦୁଝର ମିଶି ଗୋଟିଏ ରାଜ୍ୟ ଜଣେ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ତାହାପରେ ଏହି ରାଜ୍ୟ ଆଦି ଭଂଜ ଓ ଜ୍ୟୋତିଭଂଜ ନାମକ ଦୁଇ ଭାଇ ମଧ୍ୟରେ ବିଭକ୍ତ ହେଲା । ଭଂଜମାନେ ଗୁପ୍ତ ଯୁଗରୁ ଓଡ଼ିଶା ସହିତ ୧୯୪୭-୪୯ ଗଡ଼ଜାତ ମିଶ୍ରଣ ଯାଏ

Digitized by srujanika@gmail.com

ନିରବଚ୍ଛିନ୍ନ ଭାବରେ ରାଜତ୍ୱ କରି ଆସିଛନ୍ତି । ମୟୂରଭଞ୍ଜରେ ସମ୍ଭବତଃ ଏଣ ଭଞ୍ଜଠାରୁ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜ ଯାଏ ଭଞ୍ଜମାନଙ୍କର ଦୀର୍ଘକାଳ ରାଜତ୍ୱ ବାସ୍ତବିକ ଓଡ଼ିଶା ଇତିହାସରେ କାହିଁକି ଭାରତ ଇତିହାସରେ ମଧ୍ୟ ବିରଳ । ତେଣୁ ଏହା ଏକ ପ୍ରାଚୀନ ଓ ସୁନାମଧନ୍ୟ ରାଜବଂଶ ଭାବରେ ସର୍ବତ୍ର ପରିଚିତ ଓ ଇତିହାସର ପୃଷ୍ଠାରେ ଅବିସ୍ମରଣୀୟ ।

ସୂଚନା ଓ ସହାୟତା

୧ । Benerjee R. D.—History of Orissa (Vol. I)

୨ । ଷଡ଼ଙ୍ଗୀ ଦୀପକ—ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ (୧୦୮ତମ ଜୟନ୍ତୀ) ସ୍ମରଣିକା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ—ପାଠାଗାର ବାରିପଦା—ପୃ ୪୧

୩ । ଡଃ ସାହୁ ନବୀନକୁମାର—ଓଡ଼ିଶା ଇତିହାସ—ପୃ ୧୩୫ ନାଳନ୍ଦା, ବିନୋଦବିହାରୀ, କଟକ-୨

୪ । ଷଡ଼ଙ୍ଗୀ ଦୀପକ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (୧୦୮ତମ ଜୟନ୍ତୀ) ସ୍ମରଣିକା—ପୃ ୪୧

୫ । Dr. Panigrahi K. C.—History of Orissa—P. 136

୬ । ଷଡ଼ଙ୍ଗୀ ଦୀପକ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (୧୦୮ତମ ଜୟନ୍ତୀ) ସ୍ମରଣିକା—ପୃ ୪୩

୭ । ଆଚାର୍ଯ୍ୟ ପରମା ପରମାନନ୍ଦ—କିମ୍ବଦନ୍ତୀରୁ ଇତିହାସର ପୁନରୁଦ୍ଧାର—ଝଙ୍କାର (ପଞ୍ଚଦଶ ବର୍ଷ—ଦଶମ ସଂଖ୍ୟା) ପୃ ୯୪୭

୮ । ମୟୂରଭଞ୍ଜ ପଞ୍ଜିକା (Chronicle of Mayurbhanj)

୯ । ପ୍ରହରାଜ ଗୋପାଳଚନ୍ଦ୍ର—ପୂର୍ଣ୍ଣଚନ୍ଦ୍ର ଭାଷାକୋଷ—ପୃ ୬୦୨୬

୧୦ । ଷଡ଼ଙ୍ଗୀ ଦୀପକ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (୧୦୮ତମ ଜୟନ୍ତୀ ସଂରକ୍ଷଣ—ପୃ ୪୪

୧୧ । କବି ସମ୍ରାଟ ଭଞ୍ଜ ଉପେନ୍ଦ୍ର—ଲାବଣ୍ୟବତୀ (କାବ୍ୟ)

୧୧ (କ) । Dr. Panigrahi K. C History of Orissa—P. 138

୧୨ । ମହାପାତ୍ର ଗୋଦାବରୀଶ—ଶ୍ରୀରାମଚନ୍ଦ୍ର ଭଞ୍ଜ—ପୃ ୫

୧୩ । ୧୫—ସାହୁ ନବୀନକୁମାର—Orissa History Congress Souvenir 1982—Page—11 & 12

Digitized by srujanika@gmail.com

୧୪ । ୧୬—ଷଡ଼ଙ୍ଗୀ ଦୀପକ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (୧୦୮ ତମ ଜୟନ୍ତୀ) ସ୍ମରଣିକା ପୃ ୪୪

୧୭ । ଆଚାର୍ଯ୍ୟ ପରମାନନ୍ଦ—କମ୍ବଦଣ୍ଡୀରୁ ଇତିହାସର ପୁନରୁଦ୍ଧାର—ପୃ ୯୪୯ ଝଙ୍କାର (ପଞ୍ଚଦଶ ବର୍ଷ—ଦଶମ ସଂଖ୍ୟା)

୧୭ (କ) । ୧୮ Sarangi Dipak Mayurbhanj Marches Ahead.

୧୯ । ଷଡ଼ଙ୍ଗୀ ଶ୍ୟାମସୁନ୍ଦର—ମୟୂରଭଞ୍ଜ ଇତିହାସ—ପୃ ୭

୨୦ । ଡଃ ମହ୍ତାବ ହରେକୃଷ୍ଣ—ଓଡ଼ିଶା ଇତିହାସ ପୃ ୧୦୭ ପ୍ରଥମ ଖଣ୍ଡ

୨୧।୨୨—Orissa District Gazatteers, Mayurbhanj

୨୩ । ଷଡ଼ଙ୍ଗୀ ଦୀପକ- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (୧୦୮ ତମ ଜୟନ୍ତୀ) ସ୍ମରଣିକା—ପୃ ୪୫

୨୪ । ଆଚାର୍ଯ୍ୟ ପରମାନନ୍ଦ—କମ୍ବଦଣ୍ଡୀରୁ ଇତିହାସର ପୁନରୁଦ୍ଧାର—ପୃ ୯୫୪
ଝଙ୍କାର (ପଞ୍ଚଦଶ ବର୍ଷ—ଦଶମ ସଂଖ୍ୟା)
ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ - ୨

୨୫।୨୬—ଡଃ ସାହୁ ନବକୁମାର—Orissa History Congress
Souvenir 1982—Page—11

୨୭ । ଷଡ଼ଙ୍ଗୀ ଦୀପକ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ
(୧୦୮ ତମ ଜୟନ୍ତୀ) ସ୍ମରଣିକା—ପୃ ୪୫

୨୮ । ଷଡ଼ଙ୍ଗୀ ଶ୍ୟାମସୁନ୍ଦର—ମୟୂରଭଞ୍ଜ ଇତିହାସ—ପୃ-୯

୨୯ । ଆଚାର୍ଯ୍ୟ ପରମାନନ୍ଦ—କମ୍ବଦଣ୍ଡୀରୁ ଇତିହାସର ପୁନରୁଦ୍ଧାର—ପୃ· ୯୫୪
ଝଙ୍କାର (ପଞ୍ଚଦଶ ବର୍ଷ—ଦଶମ ସଂଖ୍ୟା) ପ୍ରଜାତନ୍ତ୍ର ପ୍ରଚାର ସମିତି କଟକ-୨

୩୦ । ୩୧ । ଷଡ଼ଙ୍ଗୀ ଦୀପକ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (୧୦୮ତମ ଜୟନ୍ତୀ) ସ୍ମରଣିକା ପୃ. ୪୧-୪୨

୩୨ । Sarangi Dipak—Mayurbhanj Marches Ahead. 1992

୩୩ । ଆଚାର୍ଯ୍ୟ ପରମାନନ୍ଦ—କମ୍ବଦଣ୍ଡୀରୁ ଇତିହାସର ପୁନରୁଦ୍ଧାର—ପୃ. ୯୫୧
ଝଙ୍କାର (ପଞ୍ଚଦଶ ବର୍ଷ-ଦଶମ ସଂଖ୍ୟା) ପ୍ରଜାତନ୍ତ୍ର ପ୍ରଚାର ସମିତି କଟକ-୨

୩୪ । ଷଡ଼ଙ୍ଗୀ ଦୀପକ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (୧୦୮ତମ ଜୟନ୍ତୀ) ସ୍ମରଣିକା—ପୃ ୪୨

୩୫ । ଡଃ ପାଣିଗ୍ରାହୀ କୃଷ୍ଣଚନ୍ଦ୍ର—ମୋ ସମୟର ଓଡ଼ିଶା—ପୃ. ୪୮

Digitized by srujanika@gmail.com

୩୬ । Padmashri Acharya Paramananda—studies in Orissan History Archaeology and Archives—Page-211

୩୭ । ଷଡ଼ଙ୍ଗୀ ଯାପକ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (୧୦୮ତମ ଜୟନ୍ତୀ) ସ୍ମରଣିକା

୩୮ । Dr. Panigrahi K. C.—Silverjubilee Souvenir M. P. C. College—P. 35

୩୮ କ । ପାଣିଗ୍ରାହୀ ଶ୍ରୀରାମଚନ୍ଦ୍ର—ମା କଚକେଶ୍ୱରୀ ଇତିବୃତ୍ତି— ପୃ· ୧୪

୩୯ । ଡକ୍ଟର ପାଣିଗ୍ରାହୀ କୃଷ୍ଣଚନ୍ଦ୍ର—ମୋ ସମ୍ପୂର୍ଣ୍ଣ ଓଡ଼ିଶା

୪୦ । ଡକ୍ଟର ସାହୁ ଯଜ୍ଞକୁମାର—ଓଡ଼ିଶା ଇତିହାସ—ପୃ. ୧୩୭

୪୧ । ୪୨ । ପାଣିଗ୍ରାହୀ ରାମଚନ୍ଦ୍ର—ମା’ କଚକେଶ୍ୱରୀ ଇତିବୃତ୍ତ—ପୃ. ୧୯

୪୩ । ୪୪ । ଡଃ ସାହୁ ଯଜ୍ଞକୁମାର—ଓଡ଼ିଶା ଇତିହାସ—ପୃ. ୧୪୭

୪୫ । ଡଃ ସାହୁ ଯଜ୍ଞକୁମାର—ଓଡ଼ିଶା ଇତିହାସ—ପୃ. ୧୩୮

୪୬ । Dr. Panigrahi K. C.—History of Orissa P. 139

Digitized by srujanika@gmail.com

ତୃତୀୟ ଅଧ୍ୟାୟ

ପ୍ରାଚୀନ ଯୁଗ

(ପ୍ରଚଳିତ କିମ୍ବଦନ୍ତୀ ଓ ବଂଶାବଳୀ ଭିତ୍ତିରେ)

ପ୍ରାଚୀନ ଯୁଗର ଭଞ୍ଜ ରାଜ ବଂଶାବଳୀ :

(ବାରିପଦା ମ୍ୟୁଜିୟମ ସ୍ଥିତ ଭଞ୍ଜ ବଂଶାବଳୀରୁ ଓଡ଼ିଆ ଭାଷାନ୍ତର ରୂପେ ଉଦ୍ଧୃତ ଓ ତଦନୁସାରେ ଉକ୍ତ ବଂଶାବଳୀ ପ୍ରସ୍ତୁତ ।)

ମହାରାଜା ଜୟସିଂହ/ଜୟ ଭଞ୍ଜଦେବ

↓

ମହାରାଜା ଆଦିଭଞ୍ଜଦେବ (୨)

↓

ମହାରାଜା ଶିଳାମ୍ବର ଭଞ୍ଜଦେବ

↓

ମହାରାଜା ଲକ୍ଷ୍ମଣ ରାଜ ଭଞ୍ଜଦେବ

↓

ମହାରାଜା ବଣ୍ଟେଶ୍ୱର ଭଞ୍ଜଦେବ

↓

ମହାରାଜା ଭରତ ଭଞ୍ଜଦେବ

↓

ମହାରାଜା ଦଲ୍ପେଶ୍ୱର ଭଞ୍ଜଦେବ

↓

ମହାରାଜା ବାମଦେବ ଭଞ୍ଜଦେବ

↓

ମହାରାଜା ବାସୁଦେବ ଭଞ୍ଜଦେବ

↓

Digitized by srujanika@gmail.com

ମହାରାଜା କେଶରୀ ଭଞ୍ଜଦେବ

↓

ମହାରାଜା ନାରାୟଣ ଭଞ୍ଜଦେବ

↓

ମହାରାଜା ନୀଳକଣ୍ଠ ଭଞ୍ଜଦେବ (କ)

↓

ମହାରାଜା ଯାଦବକିଶୋର ଭଞ୍ଜଦେବ

ପ୍ରାଚୀନ ଯୁଗର ଭଞ୍ଜ ନରପତି

ମୟୂରଭଂଜର ପ୍ରାଚୀନ ଭଂଜ ନୃପତିମାନଙ୍କ ସମ୍ବନ୍ଧରେ ବିବଦମାନ ମତ ଓ ପ୍ରାମାଣିକ ତଥ୍ୟର ଅଭାବ ପରିଲକ୍ଷିତ ହେବା ସତ୍ତ୍ୱେ ସ୍ଥାନୀୟ ଯୁଦ୍ଧର କାହାଣୀ ରାଜବଂଶର କିମ୍ବଦନ୍ତୀ । କୃଷ୍ଣଚନ୍ଦ୍ର ଭଂଜଦେବଙ୍କ ପ୍ରଦତ୍ତ ବଂଶାବଳୀ ତାଲପତ୍ର ମ୍ୟୁଜିୟମ ସ୍ଥିତ ଭଂଜ ରାଜବଂଶାବଳୀ ତଥା ଶୈଳେନ୍ଦ୍ର ନାଥ ସରକାରଙ୍କ ଭଞ୍ଜବଂଶର ସଂକ୍ଷିପ୍ତ ପରିଚୟ ଆଦିକୁ ଆଧାର କରି ମୟୂରଭଂଜ ଇତିହାସର ପ୍ରାଚୀନ ଯୁଗର ଏକ ଆଭାସ ଦେବାପାଇଁ ଏଠାରେ ପ୍ରୟାସ କରାଯାଇଛି । [୧]

୧ । ମହାରାଜା ଜୟ ସିଂହ :

ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଜୟସିଂହ ମୟୂର ଧ୍ୱଜ ରାଜାଙ୍କ ଚକ୍ର ଭଂଜନ କରି ଭଂଜ ଉପାଧିରେ ଭୂଷିତ ହୋଇଥିଲେ । ସେହିଦିନୁ ତାଙ୍କ ନାମ ଜୟଭଂଜ ମଧ୍ୟ ହେଲା । ସେ ଏଠାରେ ରାଜ୍ୟଶାସନ କରିଥିଲେ । ତାଙ୍କର ଦୁଇ ପୁତ୍ର ଥିଲେ, ଆଦିଭଂଜ ଓ ଜ୍ୟୋତିଭଂଜ ।

୨ । ମହାରାଜା ଆଦିଭଞ୍ଜ ଦେବ :

ଆଦି ଭଂଜଙ୍କୁ ଭଂଜବଂଶର ଆଦି ପୁରୁଷ ବୋଲି କୁହାଯାଏ । ଜୟସିଂହ ତାଙ୍କ ପୁତ୍ର ଆଦିଭଂଜ ଓ ଜ୍ୟୋତି ଭଂଜଙ୍କ ମଧ୍ୟରେ ରାଜ୍ୟ ବଣ୍ଟନ ପରେ ମୟୂରଭଂଜ ଓ କେନ୍ଦୁଝର ରାଜ୍ୟ ସୃଷ୍ଟି ହେଲା । ଆଦିଭଞ୍ଜ ମୂଳ ମୟୂରଭଞ୍ଜର ରାଜା ରୂପେ ମୟୂରଭଞ୍ଜ ସିଂହାସନାରୋହଣ କଲେ । ବୈତରଣୀ ନଦୀ ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟର ସୀମା ହୋଇ ରହିଲା । ସେ ବୈତରଣୀ ନଦୀର ଦକ୍ଷିଣ କୂଳରେ ଏକ ଗଡ଼ ନିର୍ମାଣ କଲେ ଏବଂ ନିଜ ନାମ ଅନୁସାରେ ସେହି ଗଡ଼ର ନାମ ଦେଲେ ଆଦିପୁର [୨] । ସେ ଶାସନର ସୁବିଧା ଦୃଷ୍ଟିରୁ ନିଜ ରାଜ୍ୟକୁ ନିମ୍ନୋକ୍ତ ୨୨ ଗୋଟି ପୀଢିରେ ବିଭକ୍ତ କରିଥିଲେ ।

Digitized by srujanika@gmail.com

ପୀଢ଼ିର ନାମ—

୧। ବାମନ ଘାଟୀ
୨। ଆଦପୁର
୩। ଯଶିପୁର
୪। କରଞ୍ଜିଆ
୫। ଠାକୁରମୁଣ୍ଡା
୬। ରତନପୁର
୭। କପ୍ତିପଦା
୮। କଇଁସାରି
୯। ସ୍ୱଜନାଗଡ଼ (ବର୍ତ୍ତମାନର ମାଳଗିର)
୧୦। ଉପର ବାଗ
୧୧। ବୁଷ
୧୨। ହଳଦା ପୋଖରୀ
୧୩। ବହ୍ଲାଗ୍ର
୧୪। ରସୁଣିଆ
୧୫। ହରପୁର
୧୬। ଗିନ୍ନକଣ୍ଟିଆ
୧୭। ଛଲମର
୧୮। ମଝଁାଲିସର
୧୯। କରକଚିଆ
୨୦। ବାଘଡ଼ା
୨୧। ମୁରୁଡ଼ା
୨୨। ଶିମଁଳପାଳ

ଏହି ୨୨ ଗୋଟି ପୀଢ଼ିର ପ୍ରତ୍ୟେକ ପୀଢ଼ିରେ ଜଣେ ଲେଖାଏଁ ସରବରାହକାର ଏବଂ ଅନ୍ୟାନ୍ୟ ସ୍ତରର ମାନଙ୍କରେ ସରଦାର ଓ ତହସିଲଦାରମାନ ନିଯୁକ୍ତ କରିଥିଲେ । ମୟୂର ଧ୍ୱଜ ରାଜାଙ୍କୁ ଦମନ କରିବା ସମୟରେ ଯେଉଁ ପ୍ରଜାମାନେ ସାହାଯ୍ୟ କରିଥିଲେ ସେମାନେ ଉପରୋକ୍ତ ପ୍ରଧାନ ସରବରାହକାର ପଦପ୍ରାପ୍ତ ହେଲେ । ସେମାନଙ୍କ ସହିତ ସର୍ତ୍ତ ହୋଇଥିଲା ଯେ, ସେମାନେ ଯଦି ରାଜଦ୍ରୋହ କର୍ମ ନକରନ୍ତି ତାହାହେଲେ ପୁତ୍ର ପୌତ୍ରାଦି କ୍ରମେ ସେମାନଙ୍କର ସରବରାହକାର ଚିରସ୍ଥାୟୀ ହୋଇ ରହିବ । ସେମାନେ ଯୁଦ୍ଧ ସମୟରେ ରାଜାଙ୍କୁ ସାହାଯ୍ୟ କରୁଥିଲେ ଏବଂ ଅନ୍ୟ ସମୟରେ ପ୍ରଜାମାନଙ୍କଠାରୁ ରାଜସ୍ୱ ଆଦାୟ କରୁଥିଲେ । ସେମାନେ ସଂଗୃହୀତ ଅର୍ଥର ଅର୍ଦ୍ଧେକ

Digitized by srujanika@gmail.com

ପେସକସ୍ ସ୍ୱରୂପ କର ଦେଇ ବାକିତକ ନିଜେ ଉପଭୋଗ କରୁଥିଲେ । ସରବରାକାର ପଦ କାଳକ୍ରମେ ସ୍ଥିର ଅସୁଥିଲା । ଅବଶ୍ୟ ସର୍ତ୍ତ ଅନୁସାରେ ଯେଉଁମାନେ ରାଜାଙ୍କ ପ୍ରତି ଯଥାଯଥ ସମ୍ମାନ ଓ ଆନୁଗତ୍ୟ ପ୍ରକାଶ କରୁଥିଲେ ସେହିମାନେ ହିଁ ବଂଶ ପରମ୍ପରା କ୍ରମେ ଏହି ପଦରେ ରହୁଥିଲେ । ଆଦି ଭଞ୍ଜଙ୍କ ଶାସନ ପ୍ରଣାଳୀ ଅତ୍ୟନ୍ତ ଉନ୍ନତ ଥିଲା । ଏହାଙ୍କର ନୀଳାମ୍ବର ଭଞ୍ଜ ନାମରେ ଜଣେ ପୁତ୍ର ଥିଲେ [୩] ।

୩ । ମହାରାଜା ନୀଳାମ୍ବର ଭଞ୍ଜଦେବ :

ଆଦିଭଞ୍ଜଙ୍କ ଅନ୍ତେ ତାଙ୍କ ପୁତ୍ର ନୀଳାମ୍ବର ଭଞ୍ଜ ସିଂହାସନ ଆରୋହଣ କଲେ । ସେ ଶାସନ କ୍ଷେତ୍ରରେ ପିତାଙ୍କ ପଦାଙ୍କ ଅନୁସରଣ କରିଥିଲେ । ଏହାଙ୍କର ଦୁଇ ପୁତ୍ର ଥିଲେ । ଜ୍ୟେଷ୍ଠପୁତ୍ର ରାଜକିଶୋର ଭଞ୍ଜ ଏବଂ କନିଷ୍ଠ ପୁତ୍ର ଲକ୍ଷ୍ମଣରାଜ ଭଞ୍ଜ । ଜ୍ୟେଷ୍ଠପୁତ୍ର ସଂସାର ପ୍ରତି ବୀତସ୍ପୃହ ଥିଲେ । ତୀର୍ଥ ପର୍ଯ୍ୟଟନ ନିମନ୍ତେ ଯାଇଥିଲେ । ପିତୃ ବିୟୋଗ ବେଳକୁ ରାଜ ମହଲରେ ନଥିଲେ । ତେଣୁ ଲକ୍ଷ୍ମଣରାଜ ପିତାଙ୍କ ଅନ୍ତେ ରାଜଛତ୍ର ଧାରଣ କଲେ [୪] ।

୪ । ମହାରାଜା ଲକ୍ଷ୍ମଣରାଜ ଭଞ୍ଜଦେବ :

ସାନଭାଇ ଲକ୍ଷ୍ମଣରାଜ ଭଞ୍ଜ ସିଂହାସନରେ ବସିବା ହେତୁ ରାଜକିଶୋର ଭଞ୍ଜ ନିଜ ପରିବାରର ଭରଣ ପୋଷଣ ପାଇଁ ରାଜ୍ୟର କେତେକ ଅଂଶ ନେଇଥିଲେ । ତାଙ୍କ ପୁଅ ନାତିମାନେ ମଧ୍ୟ କାଳକ୍ରମରେ ଆଦିପୁର ପ୍ରଗଣାସ୍ଥ କେତେକ ନିସ୍ୱର ଗାଁ ଜୋର ଦଖଲ କରୁଥିଲେ । ଲକ୍ଷ୍ମଣରାଜ ଭଞ୍ଜଙ୍କ ରାଜତ୍ୱ କାଳରେ ଯଶିପୁର (ଅତୀତର ଦାସପୁର)ର ସରବରାକାର ବିଦ୍ରୋହ କରିଥିଲେ । ରାଜା ଲକ୍ଷ୍ମଣରାଜ ଭଞ୍ଜ ଓ ବିଦ୍ରୋହୀ ସରବରାକାରଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଏଠାରେ ସରବରାକାର ପରାସ୍ତ ହୋଇଥିଲେ । ଉଭୟ ପକ୍ଷରୁ ଅଗଣିତ ଆଦିବାସୀ ସୈନ୍ୟ ପ୍ରାଣ ହରାଇଥିଲେ । [୫]

ଲକ୍ଷ୍ମଣ ରାଜଙ୍କର ତିନିପୁତ୍ର ଥିଲେ—ଯଥା : (୧) ବଣେଶ୍ୱର ଭଞ୍ଜ ଟୀକାୟତ (୨) ଜଗଦୀଶ୍ୱର ଭଞ୍ଜ ଖେଣ୍ଟବାସ୍ତୁ (୩) ବୀରେଶ୍ୱର ଭଞ୍ଜ ଧାଉଡରାସ୍ତୁ । ଏହି ତିନିପଦ ଏହି ମହାରାଜା ପ୍ରଥମେ ସୃଷ୍ଟି କରିଥିଲେ । ତତୋଧିକ ପୁତ୍ର ହେଲେ ରାଜାଙ୍କର ଆଜ୍ଞାନୁସାରେ ପଦବୀ ବଢ଼ିବାର ସ୍ଥିର ହେଲା । ଏଥି ପୂର୍ବରୁ କନିଷ୍ଠ ପୁତ୍ରଙ୍କର ପଦ ଯୁବରାଜ ଥିଲା ।

ମହାରାଜାଙ୍କର ଦ୍ୱିତୀୟ ପୁତ୍ର ଜଗଦୀଶ୍ୱର କୌଶଳ କ୍ରମେ କଟକର କନିକା ରାଜ୍ୟର ରାଜା ହୋଇଥିଲେ । ତୃତୀୟ ପୁତ୍ର ନିଃସନ୍ତାନ ହୋଇ ଅଳ୍ପ ବୟସରେ ମାନବଲୀଳା ସମ୍ବରଣ କରିଥିଲେ । [୬]

Digitized by srujanika@gmail.com

୫ । ମହାରାଜା ବଇଶ୍ୱେଶ୍ୱର ଭଞ୍ଜଦେବ :

ଲକ୍ଷ୍ମଣରାଜ ଭଞ୍ଜଙ୍କ ଅନ୍ତେ ବଇଶ୍ୱେଶ୍ୱର ଭଞ୍ଜ ସିଂହାସନ ଆରୋହଣ କଲେ । ସେ ଜଣେ ଅତ୍ୟାଚାରୀ ଶାସକ ଥିଲେ । ତାଙ୍କ ଅତ୍ୟାଚାର ଅସହ୍ୟ ହେବାରୁ ଅଧିବାସୀ ପ୍ରଜାମାନଙ୍କ ସହିତ ସରବରାକାରମାନେ ମିଳିତ ହୋଇ ପ୍ରଜାମେଳି କଲେ । ମହାରାଜାଙ୍କୁ ଅମାନ୍ୟ କଲେ । କର ଦେଲେ ନାହିଁ । ବଇଶ୍ୱେଶ୍ୱର ଭଞ୍ଜ ତତ୍କାଳୀନ କେଉଁଝର ରାଜା ଭଞ୍ଜଙ୍କ ସାହାଯ୍ୟରେ ପ୍ରଜାମେଳି ଦମନ କଲେ । ବିଦ୍ରୋହୀ ସରବରାକାରମାନଙ୍କ ମୁଣ୍ଡକାଟ ହେଲା । ସେମାନଙ୍କ ସ୍ଥାନରେ ନୂତନ ସରବରାକାରମାନ ନିଯୁକ୍ତ ହେଲେ । କେବଳ ଶିମିଳିପାଳ, ବାମନଘାଟୀ ଓ ଯଶିପୁର ସରବରାକାର ଏବଂ ପ୍ରଜାମାନେ ଏହି ମେଳି ସମୟରେ ରାଜାଙ୍କର ବିଶ୍ୱସ୍ତ ଅନୁଚର ରୂପେ ରାଜାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରି ରାଜାଙ୍କର ପ୍ରୀତିଭାଜନ ହୋଇଥିଲେ । ତେଣୁ ସେମାନେ ରାଜାଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ପ୍ରଜାମାନେ ରାଜାନୁଗ୍ରହ ଲାଭ କରିଥିଲେ । [୭]

୬ । ମହାରାଜା ଭରତ ଭଂଜଦେବ :

ରାଜା ବଇଶ୍ୱେଶ୍ୱର ଭଞ୍ଜଙ୍କ ପରେ ତାଙ୍କର ଏକମାତ୍ର ପୁତ୍ର ଭରତ ଭଞ୍ଜ ସିଂହାସନ ମଣ୍ଡନ କରିଥିଲେ । ସେ ଖୁବ ଶାନ୍ତ, ଶିଷ୍ଟ, ଧର୍ମପରାୟଣ ଓ ଦାନଶୀଳ ରାଜା ଥିଲେ । ସେ ଅତ୍ୟନ୍ତ ପ୍ରଜାବତ୍ସଳ ଥିଲେ । ସେ ସଦାସର୍ବଦା ପ୍ରଜାମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ । ସେ ଏତେ ଧର୍ମ ପରାୟଣ ଥିଲେ ଯେ ପ୍ରତ୍ୟହ ପୂଜାପାଠ ଓ ଧର୍ମଶାସ୍ତ୍ରାଲୋଚନା ନକଲେ ଜଳସ୍ପର୍ଶ କରୁନଥିଲେ । ସେ ଦୀନ ଦରିଦ୍ର ଓ ଅସହାୟମାନଙ୍କୁ ମୁକ୍ତ ହସ୍ତରେ ଦାନ କରୁଥିଲେ । ସେ ଏତେ ଦାନଶୀଳ ଥିଲେ ଯେ ତାଙ୍କ ରାଜକୋଷରେ ହଜାରେ ସୁଦ୍ଧା ଟଙ୍କା ଗଚ୍ଛିତ ହୋଇ ରହୁନଥିଲା । ତାଙ୍କ ସମୟରେ ପ୍ରଜାମାନେ ଶାନ୍ତି ଶୃଙ୍ଖଳା ଓ ସୁଖରେ ଜୀବନଯାପନ କରୁଥିଲେ । ଏହାଙ୍କର ଦୁଇପୁତ୍ର ଥିଲେ । ଦଳପେଶ୍ୱର ଭଞ୍ଜ ଟୀକାୟତ ଓ ମଧୁସୂଦନ ଭଞ୍ଜ ଶ୍ରେଷ୍ଟରସ୍ତ ଥିଲେ । [୮]

୭ । ମହାରାଜା ଦଳପେଶ୍ୱର ଭଂଜଦେବ :

ଭରତ ଭଞ୍ଜ ଦେବଙ୍କ ପରେ ତାଙ୍କ ପୁତ୍ର ଦଳପେଶ୍ୱର ଭଞ୍ଜ ଦେବ ସିଂହାସନ ଆରୋହଣ କରିଥିଲେ । ସେ ଜଣେ ସୁଦକ୍ଷ ଶାସକ ଥିଲେ । ତାଙ୍କ ସମୟରେ ରାଜ୍ୟର ଶାନ୍ତି ଶୃଙ୍ଖଳା ଥିଲା । ପ୍ରଜାମାନେ ଆନନ୍ଦରେ କାଳାତିପାତ କରୁଥିଲେ । ତାଙ୍କ ପିତାଙ୍କ ଭଳି ଜନମଙ୍ଗଳ କାର୍ଯ୍ୟରେ, ଅର୍ଥବ୍ୟୟ ନକରି ଧନରତ୍ନରେ ତାଙ୍କ ରାଜକୋଷ ପରିପୂର୍ଣ୍ଣ କରିଥିଲେ । [୯]

Digitized by srujanika@gmail.com

ଏହାଙ୍କ ଭ୍ରାତା ମଧୁସୂଦନ ଭଞ୍ଜଦେବ ଗ୍ରୀଷ୍ମଋତୁ ମୃଗୟାକୁ ଯାଇ ବ୍ୟାଘ୍ର ମୁଖରେ ପତିତ ହୋଇ ମୃତ୍ୟୁବରଣ କରିଥିଲେ । ସେହି ଦୁଃଖ ଚିନ୍ତାରେ ସେ ଦେହତ୍ୟାଗ କରିଥିଲେ । ତାଙ୍କର ପୁତ୍ର ବାମଦେବ ଭଞ୍ଜଦେବ ।

୮ । ମହାରାଜା ବାମଦେବ ଭଞ୍ଜଦେବ :

ଦଲ୍ପେଶ୍ୱର ଭଞ୍ଜ ଦେବଙ୍କ ଅନ୍ତେ ତାଙ୍କ ପୁତ୍ର ବାମଦେବ ଭଞ୍ଜଦେବ ସିଂହାସନ ଆରୋହଣ କରିଥିଲେ । ସେ ଅତ୍ୟନ୍ତ ବୁଦ୍ଧିମାନ ରାଜା ଥିଲେ । ସେ ମଧ୍ୟ ଅମାପ ଶାରୀରିକ ଶକ୍ତିର ଅଧିକାରୀ ଥିଲେ । ରାଜବଂଶାବଳୀରେ ଉଲ୍ଲେଖ ଅଛି ଯେ ଦୁଇଟି ଷଣ୍ଢ ଲଢ଼େଇ କରୁଥିବା ସମୟରେ ତାଙ୍କ ଭିତରେ ପଶି ଦୁଇ ହସ୍ତରେ ଷଣ୍ଢ ଦ୍ୱୟର ଶିଙ୍ଗ ଧରି ସେମାନଙ୍କୁ ଅନ୍ତର କରି ଦେଇଥିଲେ । ସେ ଯେପରି ବଳଶାଳୀ ସେହିପରି ବୁଦ୍ଧିମାନ ରାଜା ଥିଲେ । ସରବରାକାର ଓ ସର୍ଦ୍ଦାରମାନେ ଏହାଙ୍କ ବନ୍ଦୋବସ୍ତରେ ଦ୍ୱିଗୁଣ କର ଦେଇ ସୁଦ୍ଧା କାତର ହେଉନଥିଲେ । ସେ ଘୋଟକା-ରୋହଣରେ ଅଦ୍ୱିତୀୟ ଥିଲେ । ସେ ମଧ୍ୟ ପ୍ରଜାବତ୍ସଳ ନରପତି ରୂପେ ସୁନାମ ଅର୍ଜନ କରିଥିଲେ । ତାଙ୍କର ବାସୁଦେବ ନାମରେ ଏକ ପୁତ୍ର ଥିଲେ । [୧୦]

୯ । ମହାରାଜା ବାସୁଦେବ ଭଞ୍ଜଦେବ :

ବାମଦେବ ଭଞ୍ଜଦେବଙ୍କ ଅନ୍ତେ ତାଙ୍କ ପୁତ୍ର ରାଜଦଣ୍ଡ ଧାରଣ କରିଥିଲେ । ସେ ଅତ୍ୟନ୍ତ ଦୟାଳୁ ଓ ଶାନ୍ତିପ୍ରିୟ ନରପତି ଥିଲେ । ମାତ୍ର ରାଜକାର୍ଯ୍ୟ ଦେଖିବାରେ ବଡ଼ ଶିଥିଳ ଥିଲେ । ଏହାଙ୍କ ରାଜତ୍ୱରେ ଅମାତ୍ୟମାନେ ସର୍ବେସର୍ବା ଥିଲେ । ସେମାନଙ୍କ ହାତରେ ରାଜ୍ୟର ଧନଜୀବନ ନ୍ୟସ୍ତ କରାଯାଇଥିଲା । ପ୍ରଜାମାନଙ୍କର ଦୁଃଖଦୁର୍ଦ୍ଦଶା ରାଜାଙ୍କର କର୍ଣ୍ଣଗୋଚର ହେଉନଥିଲା । ଦୈବାତ୍ ଯଦି ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶା ତାଙ୍କ କର୍ଣ୍ଣଗୋଚର ହୁଏ ତାହେଲେ ସେ ଅମାତ୍ୟମାନଙ୍କୁ ହିଁ ତାହା ବୁଝିବା ପାଇଁ ଦେଉଥିଲେ । ସେମାନେ ଯାହା କରୁଥିଲେ ତାହା ଦେବବାକ୍ୟ ମଣି କାର୍ଯ୍ୟକାରୀ କରାଯାଉଥିଲା । ସେ ବଡ଼ କ୍ଷମାଶୀଳ ଥିଲେ । କେଶରୀ ଭଞ୍ଜଦେବ ଓ ହରିହର ଭଞ୍ଜଦେବ ନାମରେ ତାଙ୍କର ଦୁଇ ପୁତ୍ର ଥିଲେ । [୧୧]

୧୦ । ମହାରାଜା କେଶରୀ ଭଂଜଦେବ :

ବାସୁଦେବ ଭଞ୍ଜଦେବଙ୍କ ପରେ ତାଙ୍କ ଜ୍ୟେଷ୍ଠପୁତ୍ର କେଶରୀ ଭଞ୍ଜଦେବ ମୟୂରଭଞ୍ଜ ସିଂହାସନରେ ଅଭିଷିକ୍ତ ହୋଇଥିଲେ । କେନ୍ଦୁଝରର ରାଜା ଶାନ୍ତ ଭଞ୍ଜଦେବଙ୍କର ସନ୍ତାନ ସନ୍ତତି ନଥିଲେ । ତେଣୁ ହରିହର ଭଞ୍ଜଙ୍କୁ ନେଇ କେନ୍ଦୁଝରର ରାଜସିଂହାସନ ଦାନ କରିଥିଲେ ।

Digitized by srujanika@gmail.com

କେଶରୀ ଭଞ୍ଜଦେବ ଅତ୍ୟନ୍ତ ଦୟାପରାୟଣ ରାଜାଥିଲେ । ସରଳସ୍ୱଭାବ ଓ ପ୍ରଜାମାନଙ୍କୁ ଶାସନ କଲେ ଅଶାନ୍ତି ଓ ଗୋଳମାଳ ସୃଷ୍ଟି ହୋଇପାରେ ; ଏହି ଭୟରେ ସେ ନ୍ୟାୟ ଓ ଶାସନ କାର୍ଯ୍ୟରେ ଆଗ୍ରହୀ ନଥିଲେ । ପ୍ରଜାମାନେ ଏହାଙ୍କୁ ରାଜାବୋଲି ଭୟ କରୁନଥିଲେ । ତେଣୁ ସେମାନେ ନିଜ ଇଚ୍ଛାନୁସାରେ କର ଦେଉଥିଲେ । ଅମାତ୍ୟମାନେ ଶାସନ କର କର ଆଦାୟ ନିମନ୍ତେ ଆଦେଶାଜ୍ଞା ମାଗିଲେ ସେ ନିଷେଧ କରୁଥିଲେ । ରାଜ୍ୟର ଜନ ବିଦ୍ରୋହ ଦୁଷ୍ଟ ଦମନ ନିମିତ୍ତ ପ୍ରଜାମାନଙ୍କ ମତ ନେଉଥିଲେ । ସଦାସର୍ବଦା ତାଙ୍କ ପ୍ରାଣରେ ଭୟ ରହୁଥିଲା । ତେଣୁ ନିଜ ଦେହ ରକ୍ଷା ନିମିତ୍ତ ନିଜ ପାଖରେ ୫୦୦ ପଦାତିକ ସୈନ୍ୟ ରଖିଥିଲେ । ଏହାଙ୍କର ପୁତ୍ର ନାରାୟଣ ଭଞ୍ଜଦେବ । [୧୬]

୧୧ । ମହାରାଜା ନାରାୟଣ ଭଂଜଦେବ :

କେଶରୀ ଭଞ୍ଜଦେବଙ୍କ ପରେ ତାଙ୍କ ପୁତ୍ର ନାରାୟଣ ଭଞ୍ଜଦେବ ରାଜୁତି କରିଥିଲେ । ସେ ନିଷ୍ଠୁର ଓ ଅତ୍ୟାଚାରୀ ଥିବାର ଜଣାଯାଏ । "ଅମାତ୍ୟମାନଙ୍କ ମଧ୍ୟରେ କେହିକିଛି ଦୋଷ କଲେ ତାଙ୍କୁ ଶିର ଛେଦନର ଆଜ୍ଞା ଦେଉଥିଲେ । ଭୟରେ କେହି ଅମାତ୍ୟ ନରହିବାରୁ କିଛିଦିନ ସେ ନିଜେ ରାଜକାର୍ଯ୍ୟ ଚଳାଇଲେ । ଇତିମଧ୍ୟରେ କେତେଜଣ ଅମାତ୍ୟ କେତେକ ସ୍ଥାନରେ ଗଣ୍ଡଗୋଳ ଆରମ୍ଭ କରିଦେବାରୁ ମହାରାଜା ଏକାକି ତାହାର ସମାଧାନ କରି ନପାରି ବ୍ୟସ୍ତ ହୋଇପଡ଼ିଲେ ଏବଂ ସେ କ୍ରୋଧ ପରିତ୍ୟାଗ କରି ଏପରି ସାଧୁତା ଅବଲମ୍ବନ କଲେ ଯେ ଆଉ କୌଣସି ଅମାତ୍ୟ ଯଦି କୌଣସି ଅପରାଧ କଲେ ତେବେ ତାଙ୍କୁ କ୍ଷମା ପ୍ରଦାନ କଲେ । ଏ ମହାରାଜାଙ୍କର ତିନିପୁତ୍ର—ନୀଳକଣ୍ଠ, କେଶବ ଓ ଶୌରାଙ୍ଗ । [୧୩]

୧୨ । ମହାରାଜା ନୀଳକଣ୍ଠ ଭଂଜଦେବ :

ନାରାୟଣ ଭଞ୍ଜଦେବଙ୍କ ପରେ ତାଙ୍କ ପୁତ୍ର ନୀଳକଣ୍ଠ ଭଞ୍ଜଦେବ ରାଜସିଂହାସନରେ ବସିଲେ । "ଏ ମହାରାଜା ମାଧ୍ୟମ ଓ କନିଷ୍ଠ ଭ୍ରାତୃଦ୍ୱୟଙ୍କ ସହିତ ଏକତ୍ର ଭୋଜନ ଓ ଭ୍ରମଣାଦି କରନ୍ତି । ସେମାନଙ୍କ ମଧ୍ୟରେ ଏକ ଆତ୍ମା ଓ ଏକ ପ୍ରାଣର ସମ୍ପର୍କ ଗଢ଼ି ଉଠିଥିଲା । ଥରେ ଜଣେ ଦୁଷ୍ଟ ଭୃତ୍ୟ ରାଜାଙ୍କ ସରଳ ପ୍ରାଣରେ ଗରଳ ମିଶାଇ ଦେଲା । ସେ ଅତି ବିଶ୍ୱସ୍ତ ସ୍ୱରରେ ରାଜାଙ୍କୁ କହିଲା—"ମହିମା; ସିଂହାସନ ଲୋଭରେ ଆପଣଙ୍କ ଭ୍ରାତୃଦ୍ୱୟ ମୃଗୟା ଛଳରେ ଆପଣଙ୍କୁ ବଣକୁ ଡାକନେଇ ସେଠାରେ ଆପଣଙ୍କୁ ହତ୍ୟା କରିବେ ।" ଏହା ମୁଁ ଶୁଣିଛି । "ଏ ବିଷୟରେ ମହାରାଜାଙ୍କର ବିଶ୍ୱାସ ନ ହେବାରୁ ଦୁଷ୍ଟ ଭୃତ୍ୟଟି କହିଲା, "ମହିମା, ମୋତେ ବିଶ୍ୱାସ କରନ୍ତୁ ମୁଁ ସାକ୍ଷାତରେ ଏହା ପ୍ରମାଣ କରିଦେବି ।" ଏମିତି କିଛି ଦିନ ଗଡ଼ିଗଲା ପରେ ଦେବାତ୍ ଭ୍ରାତୃଦ୍ୱୟ ଜ୍ୟେଷ୍ଠଭ୍ରାତାଙ୍କୁ ମୃଗୟା ସକାଶେ ଡାକିବାକୁ ଆସିଥିଲେ । ଯୋଗକୁ ସେହି ସମୟରେ

Digitized by srujanika@gmail.com

ଦୁଷ୍ଟ ଭୃତ୍ୟଟି ଉପସ୍ଥିତ ଥିଲା ଏବଂ ରାଜାଙ୍କୁ ପୂର୍ବ କଥା ସ୍ମରଣ କରାଇ ଦେଲା । ମହାରାଜା ଏକାବେଳକେ ରାଗରେ ଜଳିଗଲେ ଏବଂ ସଙ୍ଗେ ସଙ୍ଗେ ସେମାନଙ୍କୁ କଟୁ ଭର୍ତ୍ସନା କରି ଦୁର୍ଗରୁ ବହିଷ୍କାର କରିଦେଲେ ଏବଂ ଜୀବନରେ ସେମାନଙ୍କର ମୁଖ ଦର୍ଶନ କରିବେ ନାହିଁ ବୋଲି ପ୍ରତିଜ୍ଞା କଲେ । ଏ ମହାରାଜା ନିଜର ପିତାଙ୍କ ପଦାନୁସରଣ କରି ରାଜ୍ୟ ଶାସନ ଚଳାଇଥିଲେ । ଏହାଙ୍କ ସମୟରେ ରାଜ୍ୟରେ କୌଣସି ପ୍ରଶଂସାଜନକ କାର୍ଯ୍ୟ କରି ନାହାନ୍ତି । ଏହାଙ୍କ ପୁତ୍ର ବୀରକିଶୋର ଭଞ୍ଜଦେବ [୧୪]

୧୩ । ମହାରାଜା ବୀରକିଶୋର ଭଂଜଦେବ :

ନୀଳକଣ୍ଠ ଭଞ୍ଜଙ୍କ ପରେ ତାଙ୍କ ପୁତ୍ର ସିଂହାସନାରୋହଣ କରିଥିଲେ । ସେ ବଡ଼ ବିଦ୍ୱାନ ଓ ଶିକ୍ଷାପ୍ରେମୀ ଥିଲେ । ସେ ଗୁଣୀ ଜ୍ଞାନୀ ଲୋକଙ୍କୁ ଭଲପାଉଥିଲେ । ସେ ସର୍ବଦା ପ୍ରଜାମଙ୍ଗଳ କାର୍ଯ୍ୟରେ ନିଜକୁ ହଜାଇ ଦେଇଥିଲେ ଓ ନିଜକୁ ମଜାଇ ଦେଉଥିଲେ । ତାଙ୍କ ରାଜ୍ୟରେ ସୁଖ ଶାନ୍ତି ବିରାଜମାନ କରୁଥିଲା । ଏହାଙ୍କ ମୃତ୍ୟୁରେ ପ୍ରଜାମାନେ ଅତ୍ୟନ୍ତ ଶୋକାତୁର ହୋଇ ଅଶ୍ରୁବର୍ଷଣ କରିଥିଲେ । [୧୫]

ବୀରକିଶୋରଙ୍କ ପରେ ତାଙ୍କ ପୁତ୍ର କପିଳେଶ୍ୱର ଭଞ୍ଜ ରାଜା ହେବା କଥା ବାରିପଦାସ୍ଥିତ ଭଂଜ ରାଜ ବଂଶାବଳୀରେ ଏହା ନାହିଁ । ମାତ୍ର ମହାରାଜା କୃଷ୍ଣଚନ୍ଦ୍ର ଭଂଜଙ୍କ ପ୍ରଦତ୍ତ ବଂଶାବଳୀରେ ଉଲ୍ଲେଖ ଅଛି । ମହାରାଜା କପିଳେଶ୍ୱର ଭଞ୍ଜଙ୍କ ପ୍ରାଣନାଶ କରିବା ନିମିତ୍ତ ତାଙ୍କୁ ତାମ୍ବୁଲ ଦେଉଥିବା ଭୃତ୍ୟଙ୍କୁ ଅମାତ୍ୟ କରିବା ପ୍ରଲୋଭନ ଦେଖାଇ ମହାରାଜାଙ୍କୁ ବିଷ ତାମ୍ବୁଲ ଦେବାର ଷଡ଼ଯନ୍ତ୍ର କରାଯାଇଥିଲା । ଭୃତ୍ୟ ଜଣକ ମହାରାଜାଙ୍କୁ ବିଷ ତାମ୍ବୁଲ ଦାନ କରୁଥିବା ସମୟରେ ଭୟରେ ତା'ର ହସ୍ତ ପ୍ରକମ୍ପିତ ହେଲା । ମାନସିକ ସ୍ଥିରତା ରହିଲା ନାହିଁ । ମହାରାଜାଙ୍କ ଆଗରେ ସେ ଭୂ-ପତିତ ହୋଇ ମୂର୍ଚ୍ଛିତ ହେଲା । ମହାରାଜା ତାଙ୍କୁ ସଚେତନ କରାଇ ତାହାର କାରଣ ପଚାରିଲେ । ସେ ଷଡ଼ଯନ୍ତ୍ରର ସମସ୍ତ ବିଷୟ ମହାରାଜାଙ୍କଠାରେ ବ୍ୟକ୍ତକଲା । ଫଳରେ ମହାରାଜା ଷଡ଼ଯନ୍ତ୍ରକାରୀ ତିନି ଭାଇଙ୍କୁ ରାଜ୍ୟରୁ ତଡ଼ି ଦେଇଥିଲେ । ସେ ଜଣେ ପ୍ରଜାନୁରଞ୍ଜକ ରାଜା ଥିଲେ ।

ଆଲୋଚନା :

ଆଧୁନିକ ଯୁଗରେ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଗବେଷଣା ଫଳରେ ଇତିହାସର ନୂତନ ଦିଗନ୍ତ ଉନ୍ମୋଚିତ ହେବାରେ ଲାଗିଛି । ପୁରାତନ ସିଦ୍ଧାନ୍ତ ନୂତନ ରୂପ ଓ ନୂତନ ସିଦ୍ଧାନ୍ତରେ ପରିଣତ ହେଉଛି । ପୁନଶ୍ଚ ଇତିହାସର କେତେକ ବିଷୟର ସୁଷ୍ଠୁ ସିଦ୍ଧାନ୍ତ ନିଆଯାଇ ନ ପାରିବାରୁ (ବିଶେଷତଃ ସମସାମୟିକ ପ୍ରାମାଣିକ ତଥ୍ୟ ବା ଆଧାର ଅଭାବରୁ) ବିବଦମାନ ପରିସର ମଧ୍ୟରେ ରହୁଛି । ସେହି ଦୃଷ୍ଟିରୁ ଉକ୍ତ ଅଧ୍ୟାୟ ସହିତ ଅନ୍ୟ ଅଧ୍ୟାୟରେ ମଧ୍ୟ ଅବତାରଣା କରାଯାଇଥିବା ବିଷୟବସ୍ତୁ ସେ

Digitized by srujanika@gmail.com

ଇତିହାସର ବିବଦମାନ ପରିସୀମା ବାହାରେ ରହିବ ତାହା ବୁଝାଯାଇ ନ ପାରେ । ଏହା ମଧ୍ୟ ମୁଁ ଉକ୍ତ ପୁସ୍ତକର ଭୂମିକାରେ ତଥା ଅନ୍ୟାନ୍ୟ ଅଧ୍ୟାୟରେ ମୁକ୍ତ କଣ୍ଠରେ ପ୍ରକାଶ କରିଛି । ମୁଁ ମଧ୍ୟ ପ୍ରକାଶ କରୁଛି ଯେ ମୟୂରଭଞ୍ଜର ଅବରୁଦ୍ଧ ଅତୀତର ଇତିହାସ ଉନ୍ମୋଚନ କରିବା ଆଦୌ ସହଜସାଧ୍ୟ ନୁହେଁ ।

ପ୍ରକାଶ ଥାଉକି ଶିଳାଲେଖ, ତମ୍ରପଟ୍ଟାବଳୀ ଆଦି ଅନୁଧ୍ୟାନ କରି ଆଧୁନିକ ଗବେଷକମାନେ ପ୍ରମାଣ କରିଅଛନ୍ତି ଯେ ପ୍ରାକ୍-ମଧ୍ୟଯୁଗୀୟ ଭଞ୍ଜ ନରପତିମାନେ ୪ର୍ଥ, ୫ମ ଶତାବ୍ଦୀରୁ ଶାସନ ଆରମ୍ଭ କରିଥିଲେ । ଦିଶାଭଞ୍ଜଙ୍କୁ ଏ ଯୁଗର ସର୍ବପ୍ରାଚୀନ ଭଞ୍ଜ ନରପତି ବୋଲି ବୁଝାଯାଉଛି । ଶ୍ରୀ ଗୋପାଳ ଷଡ଼ଙ୍ଗୀ, "Mayurbhanj marches ahead, 1992"ର ପତ୍ରିକାରେ A leap into the glorious past. The marvel i e, Mayurbhanj ଶୀର୍ଷକ ପ୍ରବନ୍ଧରେ ଲେଖିଛନ୍ତି "The data of the Bhanjas are still a disputed matter. Mr. T. N. Ram Chandra and Dr. R. C. Majumdar have placed Maharaja Disha Bhanja of Sitabhinji tempera painting in the 4th-5th century A. D. Dr. S. C Sarkar on the other hand thanks that the characters of the epigraph belong to a much later date, between 8th and 11th centuries A. D. This view has not been accepted by the scholars. The proposal identification of Disha Bhanja of the tempera with Digabhanja of the charter does not stand the test of critical scholarship. The Asanpat stone inscription represents Satrubhanja as a very powerful ruler But in the present state of our knowldge it is difficult to connect Satru Bhanja of the inscription with the Bhanja dynasty of Orissa. The Asanpat inscription has also been assigned to 4th-5th centuries A. D. We accept Dr. Majumdar's contention that until more definite evidence is available Disha Bhanja of Sitabhinji may justly be regarded as the earlier Bhanja King who flourished in the 4th or 5th century A. D. ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମଧ୍ୟ ତାଙ୍କ History of Orissa (Page-139) ରେ ମଧ୍ୟଯୁଗୀୟ ରାଜବଂଶ ପ୍ରସଙ୍ଗରେ ଏ ପ୍ରକାର ମତ ଉପସ୍ଥାପନ କରି ଲେଖିଛନ୍ତି "We have already referred to Disha

Digitized by srujanika@gmail.com

Bhanja of the Sitabhinji mura painting in Keonjhar, who has been placed by T. N. Rama chandran and Dr. R. C. Majumdar in the fourth-fifth century A. D. x x x It is just possible that the Bhanjas of Mayurbhanj and Keonjhar were the later descendants of Disabhanja of rural painting of Sitabhinji" ପୁନଶ୍ଚ ୧୩୬° ଖ୍ରୀ. ଅ. ପରେ ଖିଜିଙ୍ଗ ମଣ୍ଡଳର ପତନ ହୋଇଛି ଏବଂ ତାର ଅଳ୍ପ ସମୟ ପରେ ମୟୂରଭଂଜ ଓ କେନ୍ଦୁଝରର ପୃଥକ ରାଜ୍ୟ ରୂପେ ପ୍ରତିଷ୍ଠିତ ହୋଇଛି ବୋଲି ଡଃ ନବୀନକୁମାର ସାହୁ ତାଙ୍କ ଓଡ଼ିଶା ଇତିହାସ (ପୃ. ୧୩୭)ରେ ଉଲ୍ଲେଖ କରିଅଛନ୍ତି ।

ମଧ୍ୟଯୁଗୀୟ ସର୍ବପ୍ରାଚୀନ ନରପତିଙ୍କ ରାଜତ୍ୱକାଳ ୪ର୍ଥ-୫ମ ଶତାବ୍ଦୀରେ ବୋଲି ପ୍ରମାଣିତ ହେବା ସତ୍ତ୍ୱେ ଉପରୋକ୍ତ ଭଞ୍ଜରାଜ ବଂଶାବଳୀ ଖିଜ୍ଜିଙ୍ଗର ମଧ୍ୟଯୁଗ ପୂର୍ବବର୍ତ୍ତୀ ଅର୍ଥାତ୍ ପ୍ରଚଳିତ କିମ୍ବଦନ୍ତୀ ଆଧାରିତ ମହାରାଜା ଜୟସିଂହଙ୍କଠାରୁ ମହାରାଜା ବୀରକିଶୋର ଭଞ୍ଜଦେଓଙ୍କ ପର୍ଯ୍ୟନ୍ତ ପ୍ରାଚୀନ ଭଞ୍ଜରାଜାମାନଙ୍କ ଶାସନକାଳ ଷଷ୍ଠ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଦର୍ଶିତ ହୋଇଛି । ମାତ୍ର ତାହା ଷଷ୍ଠରୁ ଏକାଦଶ ଶତାବ୍ଦୀ ପରିବର୍ତ୍ତେ ୪ର୍ଥ-୫ମ ଶତାବ୍ଦୀର ପୂର୍ବବର୍ତ୍ତୀ ସମୟ ହୋଇଥାଇପାରେ ବୋଲି ମନେହୁଏ । ପୁନଶ୍ଚ ଏହି ଭଞ୍ଜ ବଂଶର ଏହି ପ୍ରାଚୀନ ଯୁଗୀୟ ନରପତିମାନଙ୍କ ରାଜତ୍ୱକାଳ ପୂର୍ବୋକ୍ତ ଡଃ ନବୀନକୁମାର ସାହୁଙ୍କ ଓଡ଼ିଶା ଇତିହାସରେ ପ୍ରଦର୍ଶିତ (ମୟୂରଭଞ୍ଜ ଓ କେନ୍ଦୁଝରର ସ୍ୱତନ୍ତ୍ର ରାଜ୍ୟ ରୂପେ ଆତ୍ମପ୍ରକାଶ ଓ ପୃଥକ ପୃଥକ ୨ଜଣ ଭଞ୍ଜ ରାଜାଙ୍କ ଦ୍ୱାରା ଶାସନ ପ୍ରଚଳନ ଆଦି) ତଥ୍ୟ ଦ୍ୱାରା ସମର୍ଥିତ ନୁହେଁ । ଏ ପ୍ରକାର ବିବଦମାନ ତଥ୍ୟ ଓ ସମସାମୟିକ ପ୍ରାମାଣିକ ତଥ୍ୟର ଅଭାବ ହେତୁ ବର୍ତ୍ତମାନ ଉକ୍ତ ରାଜାମାନଙ୍କର ରାଜତ୍ୱକାଳ ଠିକ୍ ଭାବେ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ ଏହା ଗବେଷଣା ସାପେକ୍ଷ ପାଠକମାନଙ୍କ ସମକ୍ଷରେ ମାତ୍ର ପ୍ରଚଳିତ କିମ୍ବଦନ୍ତୀ ଆଧାରିତ ପ୍ରାଚୀନ ଯୁଗର ଭଞ୍ଜ ନୃପତିମାନଙ୍କର ଏକ ଆଭାସ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଉକ୍ତ ଅଧ୍ୟାୟ ରଚିତ । (ପରିଶିଷ୍ଟରେ ସଂଯୁକ୍ତ ସଂସ୍କୃତ ଭଞ୍ଜ ରାଜବଂଶାବଳୀ ଦ୍ରଷ୍ଟବ୍ୟ)

ସୂଚନା ଓ ସହାୟତା

୧ । ମୟୂରଭଞ୍ଜର ଭଂଜରାଜ ବଂଶାବଳୀ :

Genealogy of the Bhanja rulers of Mayurbhanj Appendix II (Mayurbhanj Gazatter.)

Digitized by srujanika@gmail.com

(It was submitted by Maharaja Krushna Chandra Bhanj Deo in reply to the letter No. 473 dated 8th August, 1880 of the Superintendent Tributary Mahal) ପତ୍ରଟିକୁ ଦ୍ରଷ୍ଟବ୍ୟ ।

୨ । ଉପଯୁକ୍ତ ମୟୂରଭଞ୍ଜର ଭଞ୍ଜରାଜ ବଂଶାବଳୀ ଷ୍ଟିତ ଫର୍ଦ୍ଦ ନଂ—୨

୩ । ୪ । ୫ । Sarkar S. N.—Biography of the Maharaja Sri Ramchandra Bhanj Deo page 10 & 11.

୬ । ମୟୂରଭଞ୍ଜର ଭଞ୍ଜ ରାଜ ବଂଶାବଳୀ (ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଦେବଙ୍କ ପ୍ରଦତ୍ତ) ଷ୍ଟିତ ଫର୍ଦ୍ଦ ନଂ—୪

୭ । Sarkar S. N.—Biography of the Maharaja Sri Ramchandra Bhanj Deo—Page-11

୮ ।	କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ପ୍ରଦତ୍ତ	ଭଞ୍ଜରାଜ	ବଂଶାବଳୀ	ଷ୍ଟିତ—ଫ: ନଂ—୬
୯ ।	,,	,,	,,	ଫ: ନଂ—୭
୧୦ ।	,,	,,	,,	ଫ: ନଂ—୮
୧୧ ।	,,	,,	,,	ଫ: ନଂ—୯
୧୨ ।	,,	,,	,,	ଫ: ନଂ—୧୦
୧୩ ।	,,	,,	,,	ଫ: ନଂ—୧୧
୧୪ ।	,,	,,	,,	ଫ: ନଂ—୧୨
୧୫ ।	,,	,,	,,	ଫ: ନଂ—୧୩

●

Digitized by srujanika@gmail.com

ଚତୁର୍ଥ ଅଧ୍ୟାୟ

ମଧ୍ୟଯୁଗ

(ପ୍ରାକ୍-ମଧ୍ୟ ଓ ମଧ୍ୟଯୁଗ)

ଆଦି ଭଂଜଠାରୁ ଯୁବରାଜ କୋଟ ଭଂଜଯାଏ :

ପ୍ରାୟ ହଜାରେ ବର୍ଷ ତଳର ତମ୍ବାପଟା ସନନ୍ଦମାନଙ୍କରୁ ମିଳୁଥିବା ତଥ୍ୟାବଳୀରୁ ମଧ୍ୟଯୁଗୀୟ ଭଜଂରାଜାମାନଙ୍କର ରାଜତ୍ୱର କେତେକ ଆଭାସ ମିଳେ । ଏହି ଯୁଗୀୟ ଭଂଜ ନୃପତିମାନେ ପ୍ରାଚୀନ ଖିଜିଙ୍ଗକୋଟ୍ଟ ବା ଆଧୁନିକ ଖିଚିଂରେ ରାଜପଣ କରୁଥିଲେ । ଐତିହାସିକମାନଙ୍କ ମତରେ ଏହି ରାଜାମାନେ ୧୦ମ ଓ ୧୧ଶ ଶତାବ୍ଦୀରେ ଖିଚିଂରେ ରାଜପଣ କରୁଥିଲେ । ବାରିପଦା ମ୍ୟୁଜିୟମ ସ୍ଥିତ ଭଞ୍ଜ ବଂଶାବଳୀରେ ଭଂଜ ବଂଶର ଚତୁର୍ଦ୍ଦଶ ନରପତିଠାରୁ ବିଂଶତି ତମ ନରପତିଯାଏ ଯଥାକ୍ରମେ ଶୁଭାନନ୍ଦ ବୀରଭଦ୍ର ଆଦିଭଂଜ (ଖ), କୋଟ୍ୟାଭଂଜ, ଦିଗଭଂଜ, ରଣଭଂଜ, ରାଜଭଂଜ, ନରେନ୍ଦ୍ରଭଂଜ ଆଦି ମଧ୍ୟଯୁଗୀୟ ନରପତିଙ୍କ ନାମ ଅଛି । ମୟୂରଭଂଜ ଗେଜେଟିଅର [୧] ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଲିଖିତ ଜମ୍ବୁଦଲ୍ଲୀରୁ ଇତିହାସର ପୁନରୁଦ୍ଧାର [୨] କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ History of Orissa [୩] ତଥା ଡଃ ହରେକୃଷ୍ଣ ମହତାବଙ୍କ ଓଡ଼ିଶା ଇତିହାସ [୪]ରେ ମଧ୍ୟଯୁଗୀୟ ଭଂଜ ନୃପତିମାନଙ୍କର ବଂଶାବଳୀର ତାଲିକା ଦିଆଯାଇଛି ।

Digitized by srujanika@gmail.com

ବଂଶାବଳୀ :



(ଦ୍ର: ଦ୍ର.—ଦୀନେଶ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବଂଶାବଳୀରୁ ଉଦ୍ଧୃତ)
ଏଥିରେ ପ୍ରାଚୀନ ଓ ଅଧୁନିକ ରାଜାମାନଙ୍କ ନାମ ନାହିଁ ।

Digitized by srujanika@gmail.com

ବଂଶାବଳୀ :

ମୟୂରଭଞ୍ଜ ଗେଜେଟିଅରରୁ ଉଦ୍ଧୃତ ନିମ୍ନୋକ୍ତ ମଧ୍ୟଯୁଗୀୟ ଭଞ୍ଜ ବଂଶାବଳୀରେ ମଧ୍ୟ ପ୍ରାଚୀନ କିମ୍ବା ଅଧୁନାର ରାଜବଂଶର ନାମ ନାହିଁ ।

ବୀରଭଦ୍ର ବା ଆଦିଭଞ୍ଜ
↓
ପ୍ରଥମ କୋଟ ଭଞ୍ଜ
|
ଦିଗଭଞ୍ଜ ବା ପ୍ରଥମ ଦୁର୍ଜୟ ଭଞ୍ଜ
(ପ୍ରଥମ ବୀରଭଦ୍ର ନାମରେ ନାମିତ)
↓

- ନରେନ୍ଦ୍ର ଭଞ୍ଜ
  |
  ରାଜଭଞ୍ଜ ବା ମୋହନ ମହାଦ ଭଞ୍ଜ
  (୨ୟ ବିକ୍ରମ ଭଞ୍ଜ ନାମରେ ନାମିତ
  ↓
  ୨ୟ ଦୁର୍ଜୟ ଭଞ୍ଜ
  ରାଣୀ-ଚନ୍ଦ୍ରପା ଦେବୀ
  |
  ୨ୟ କୋଟ ଭଞ୍ଜ
- ରଣ ଭଞ୍ଜ
  |
  ପୃଥ୍ୱୀଭଞ୍ଜ ବା ଶତ୍ରୁ ଭଞ୍ଜ
  ରାଣୀ-ଅଣଖା ଦେବୀ
  |
  ୨ୟ ନରେନ୍ଦ୍ର ଭଞ୍ଜ

ବି· ଦ୍ର·—Genealogy of the Bhanja rulers as known from in.cription—ତମ୍ବାପଟା ସନନ୍ଦରୁ ମିଳୁଥିବା ଭଞ୍ଜ ବଂଶାବଳୀ)

ମଧ୍ୟଯୁଗୀୟ ତାମ୍ର ଶାସନ

ନିମ୍ନୋକ୍ତ ତାମ୍ର ଶାସନରୁ ଉପରୋକ୍ତ ମୟୂରଭଞ୍ଜ ରାଜବଂଶର ସୂଚନା ମିଳିଥାଏ [୫] ।

୧ । ରଣ ଭଞ୍ଜଦେବଙ୍କର ବାମନଘାଟୀ ତାମ୍ର ଶାସନ

୨ । ରଣ ଭଞ୍ଜଦେବଙ୍କର ବାମନଘାଟୀ ତାମ୍ର ଶାସନ

୩ । ରଣ ଭଞ୍ଜଦେବଙ୍କର ଖଣ୍ଡଦେଉଳ ତାମ୍ର ଶାସନ

Digitized by srujanika@gmail.com

୪। ପୃଥ୍ୱୀ ଭଂଜଦେବଙ୍କର ଉଖୁଣ୍ଡା ତାମ୍ର ଶାସନ

୫। ଶତ୍ରୁ ଭଂଜଦେବଙ୍କର ଦେଣସ୍ଥ ତାମ୍ର ଶାସନ

୬। ମହନ୍ନଦାହ୍ୱବ ଭଂଜଙ୍କର ଖିଚିଂ ତାମ୍ର ଶାସନ

୭। ନରେନ୍ଦ୍ର ଭଂଜଦେବଙ୍କର ଅନ୍ଧପୁର ତାମ୍ର ଶାସନ (୨ ଗୋଟି)

୮। ଦୁର୍ଜୟ ଭଂଜଙ୍କର ଅନ୍ଧପୁର ତାମ୍ର ଶାସନ

ମଧ୍ୟଯୁଗୀୟ ଭଂଜ ରାଜାମାନଙ୍କ ରାଜତ୍ୱରେ କଳା, ସ୍ଥାପତ୍ୟ, ସଂସ୍କୃତି ଓ ରାଜ୍ୟ ଶାସନ ପ୍ରଣାଳୀ :

ପଦ୍ମଶ୍ରୀ ପରମାନନ୍ଦ ଅଚାର୍ଯ୍ୟ କହନ୍ତି, "ତମ୍ବା ପଟ୍ଟାର ଭଂଜ ରାଜା ରଣ ଭଂଜଙ୍କ ପୂର୍ବରୁ କାହାର ତମ୍ବାପଟ୍ଟା ମିଳି ନାହିଁ । ରଣ ଭଂଜଙ୍କ ତମ୍ବା ପଟ୍ଟାରେ ଓ ପରବର୍ତ୍ତୀ ସବୁ ତମ୍ବା ପଟ୍ଟାରେ ନିମ୍ନୋକ୍ତ ଶ୍ଲୋକଗୁଡ଼ିକ ଲିଖିତ ଅଛି । କେବଳ ଶତ୍ରୁ ଭଂଜଙ୍କ ତମ୍ବା ପଟ୍ଟାରେ କେତେକ ବ୍ୟତିକ୍ରମ ଦେଖାଯାଏ ।

"ସିଦ୍ଧଂ, ସ୍ୱସ୍ତି, ସକଳ ଭୁବନୈକନାଥ ଭବଭଙ୍ଗ ଉଦ୍ଭେଦଭବୋଦ୍ଭବାଙ୍କଣ'
ବିବିଧ ସମାଧି ବିଧିଜ୍ଞଃ ସର୍ବୋଜ୍ଞିତଃ ଶିବାସ୍ୱାପ୍ତ ।
ଅସୀତ୍ କୋଟ୍ଟାଶ୍ରମ ମହାତପୋଧନାଧିଷ୍ଠାନେ ମୟୂରଣ୍ଡଂ
ଭିତ୍ୱା ଗଣ୍ଡବଣ୍ଡୋ ବୀରଭଦ୍ରାଖ୍ୟଃ ।
ପ୍ରଥପଞ୍ଚ ଜଧନ ଦକ୍ଷୋ ବଶିଷ୍ଠ ମୁନି ପ୍ରତିପାଳିତ ନୃପତିଃ ॥
ତସ୍ୟାଦ ଭଂଜବଂଶେ ରିପୁବନଦାବାନଳଃ ଖ୍ୟାତଃ ।
ପୁରଃ ଶତ୍ରୁବିଜିତୋ ଜାତଃ ଶ୍ରୀକୋଟ୍ଟଭଂଜସ୍ୟ ପୁତ୍ରଃ ॥
ତଦାନୁରୂପ ଶ୍ରେଷ୍ଠ ଶ୍ରୀମା ସଂଖ୍ୟ ସାମନ୍ତ ।
ନୃପତି ଶତାର୍କ ତରଣିଃ ଶ୍ରୀରଣଭଞ୍ଜ ଜଗତ୍ର ପ୍ରଥିତ ॥
ଖିଚିଂ (ଙ୍ଗ୍)ଙ୍କ କୋଟ୍ଟବାସୀ ହରଚରଣା ଧନସ୍ପୃଷ୍ଟ ପାପଃ । ଇତ୍ୟାଦି

ଏଠାରେ ମିଳୁଥିବା ବିରୁଦ ହରଚରଣାଧନ ସ୍ପୃଷ୍ଟ ପାପରେ ବିଶେଷ ଅର୍ଥ ନିହିତ ଅଛି । ସେ ସମୟରେ ଶୈବମାନେ ନିଜକୁ ପରମ ମାହେଶ୍ୱର ଓ ବୈଷ୍ଣବମାନେ ନିଜକୁ 'ପରମ ବୈଷ୍ଣବ' ବିରୁଦରେ ଭୂଷିତ କରୁଥିଲେ । କିନ୍ତୁ ରଣଭଂଜ ନିଜକୁ ହରଚରଣାରାଧନ ସ୍ପୃଷ୍ଟ ପାପ ବିରୁଦରେ କାହିଁକି ଭୂଷିତ କଲେ ।

ଖିଚିଂର ଧ୍ୱଂସ ସ୍ତୂପରୁ ଗୋଟିଏ ହରମୂର୍ତ୍ତି ଆବିଷ୍କୃତ ହୋଇଛି । ସେ ମୂର୍ତ୍ତିଟି ଖଣ୍ଡ ବିଖଣ୍ଡିତ ହୋଇଥିଲା । ତାହା ଯୋଡ଼ ଯୋଡ଼ି କରି ମ୍ୟୁଜିୟମରେ ରଖାଯାଇଛି । ଏହି ମୂର୍ତ୍ତିର ଦୁଇ ପାର୍ଶ୍ୱରେ ଦୁଇଟି ଅନୁଚର ଚଣ୍ଡ ଓ ପ୍ରଚଣ୍ଡ ମୂର୍ତ୍ତି ମଧ୍ୟ ସ୍ଥାପିତ ହୋଇଥିଲା । ଏହା ପୂର୍ବେ ଆଲୋଚନା କରାଯାଇଛି ।

Digitized by srujanika@gmail.com

ଏହି ତିନୋଟି ମୂର୍ତ୍ତି ଗୋଟିଏ ପାଦପୀଠ ଉପରେ ଠିଆ ହୋଇଛନ୍ତି । ଅନୁଚର ସମାଯୁକ୍ତ ହରମୂର୍ତ୍ତିର ପୂଜା ଓଡ଼ିଶା ବାହାର ଭାରତରେ ମଧ୍ୟ ବହୁଳ । ଏହି ହରମୂର୍ତ୍ତିଗୁଡ଼ିକ ମନ୍ଦିର ଗଠିତ ହୋଇଥିଲା । ଖିଚିଂରେ ଯେଉଁସବୁ ସୁନ୍ଦର ସୁନ୍ଦର ପ୍ରତିମା ମିଳିଛି ସେ ସବୁ ଏହି ମନ୍ଦିର ଗାତ୍ର ଅଳଂକୃତ କରିଥିଲା । ମନ୍ଦିରଟି ପୁନର୍ନିର୍ମିତ ହେବା-ଦ୍ୱାରା ଅନେକ ମୂର୍ତ୍ତି ମନ୍ଦିରରେ ଲାଗିଯାଇଛି । ଏଥିରୁ ପ୍ରମାଣିତ ହେଉଛି ଖିଚିଂର ପ୍ରତ୍ନତତ୍ତ୍ୱ ତାମ୍ରପଟ୍ଟା ଗୁଡ଼ିକର ପ୍ରମାଣ ଦ୍ୱାରା ସମର୍ଥିତ ହୋଇଛି । ଖିଚିଂରୁ ପ୍ରଦତ୍ତ ତାମ୍ରପଟ୍ଟା ଗୁଡ଼ିକର ସମୟ ୧୦ମ ଶତାବ୍ଦୀର ଶେଷଭାଗ ବା ଏକାଦଶ ଶତାବ୍ଦୀର ଆଦ୍ୟ ଭାଗ ଧରାଯାଇ ପାରେ । ସେହି ସମୟରେ କ ଓଡ଼ିଶାରେ ସୋମବଂଶୀ ରାଜାମାନେ ରାଜତ୍ୱ କରୁଥିଲେ । ସୋମବଂଶୀ ରାଜାମାନଙ୍କ ସହିତ ଖିଚିଂର ଭଞ୍ଜ ରାଜାମାନଙ୍କର କ ସମ୍ପର୍କ ଥିଲା ତାହା ଜାଣିବାର ଉପାୟ ନାହିଁ । [୬]

ମଧ୍ୟଯୁଗରେ ମୟୂରଭଞ୍ଜର ଖିଚିଂରେ ରାଜ୍ୟ ଶାସନ କରୁଥିବା ଭଞ୍ଜରାଜା-ମାନଙ୍କର ବିଭିନ୍ନ ତାମ୍ରଶାସନମାନଙ୍କରୁ ଜଣାପଡ଼େ ଯେ ଅଦଭଞ୍ଜଙ୍କ ପୁତ୍ର କୋଟ୍ଟଭଞ୍ଜ ହେଉଛନ୍ତି ଖିଜିଙ୍ଗକୋଟ୍ଟ (ଖିଚିଂ)ର ପ୍ରତିଷ୍ଠାତା । ସ୍ୱର୍ଗତ ନଗେନ୍ଦ୍ରନାଥ ବସୁ ଆଜିର ଖିଚିଂକୁ ମଧ୍ୟଯୁଗର ଖିଚିଂ ବୋଲି ଚିହ୍ନଟ କରିଅଛନ୍ତି । ରଣଭଞ୍ଜଙ୍କ ବାମନଘାଟୀ ତାମ୍ରଫଳକରୁ ଜଣାଯାଏ ଯେ ସେ ହେଉଛନ୍ତି କୋଟ୍ଟଭଞ୍ଜଙ୍କ ନାତି ଓ ଦିଗଭଞ୍ଜଙ୍କ ପୁତ୍ର । ଦିଗଭଞ୍ଜଙ୍କର ଦୁଇପୁତ୍ର ନରେନ୍ଦ୍ରଭଞ୍ଜ ଓ ରଣଭଞ୍ଜ । ଜଣଙ୍କ ପରେ ଜଣେ ରାଜଗାଦୀରେ ବସିଥିଲେ । ନରେନ୍ଦ୍ର ଭଞ୍ଜଙ୍କର ଅକାଳ ବିୟୋଗ ହେଲା । ତାଙ୍କର କୌଣସି ସନ୍ତାନ-ସନ୍ତତି ନଥିଲେ । ତେଣୁ ତାଙ୍କ ଅନୁଜ ରଣଭଞ୍ଜ ସିଂହାସନ ଆରୋହଣ କରିଥିଲେ । ସେ ଭୌମରାଣୀ ଦଣ୍ଡି ମହାଦେବୀଙ୍କ ସମସାମୟିକ ଥିଲେ [୭] । ରଣଭଂଜଙ୍କର ଦୁଇ ପୁତ୍ର ଥିଲେ । ରାଜଭଂଜ ଓ ଶତ୍ରୁଭଂଜ । ଏମାନେ ଜଣଙ୍କପରେ ଜଣେ ରାଜଗାଦୀରେ ବସିଥିଲେ ।

ଖିଚିଂର ତାମ୍ରଫଳକରୁ ଜଣାଯାଏ ଯେ ତାଙ୍କର ମୋହନମାଧବ ନାମରେ ଜଣେ ପୁତ୍ର ଥିଲେ । ମୋହନଭଂଜ ଓ ଗଜଭଞ୍ଜ ଏକ ବ୍ୟକ୍ତି ବୋଲି ଧରାଯାଏ । ଶତ୍ରୁଭଂଜଙ୍କ ମୃତ୍ୟୁ ପରେ ରାଜଭଂଜଙ୍କର ପୁତ୍ର ଦୁର୍ଜୟଭଂଜ ରାଜୁତି କରୁଥିଲେ । ଅନଙ୍ଗାଦେବୀ ଶତ୍ରୁଭଂଜଙ୍କର ପାଟରାଣୀ ଥିଲେ । ତାଙ୍କ ପରେ '୨ୟ କୋଟ୍ଟଭଂଜ ରାଜଛତ୍ର ଧାରଣ କରିଥିଲେ । ତାମ୍ରପଟ୍ଟା ସନନ୍ଦ ପ୍ରଦାନବେଳେ ରାଜା ଶତ୍ରୁଭଂଜଙ୍କ ପୁତ୍ର ଅଟଗ୍ଲୋଷ୍ଟ ଥିଲେ । ତେଣୁ ସେ ରାଜା ହେଲେକି ନାହିଁ ତାହା ତାମ୍ର-ଫଳକରେ ଲେଖାନାହିଁ । ପୁନଶ୍ଚ ୨ୟ କୋଟ୍ଟଭଂଜଙ୍କ ପରେ କିଏ ସିଂହାସନାରୋହଣ କଲେ ତାହା ଅଦ୍ୟାବଧି ଜଣାପଡ଼ି ନାହିଁ [୮] ।

Digitized by srujanika@gmail.com

ଐତିହାସିକମାନଙ୍କ ମତରେ ଏହି ରାଜବଂଶର ପ୍ରସିଦ୍ଧ ରାଜା ଶିଳାଭଞ୍ଜ (ଗନ୍ଧଟଭଞ୍ଜ) ତଥା ଦିଗଭଞ୍ଜଙ୍କ ପୁତ୍ର ଶତ୍ରୁଭଞ୍ଜ ଅତ୍ୟନ୍ତ ପରାକ୍ରମଶାଳୀ ଥିଲେ । କେନ୍ଦୁଝର ଅଶନପାଟ ଶିଳାଲିପିରୁ ଜଣାଯାଏ ଯେ ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଶତ୍ରୁଭଞ୍ଜ ମୟୂରଭଞ୍ଜ କେନ୍ଦୁଝର ଅଞ୍ଚଳରେ ଶାସନ କରୁଥିଲେ । ସେ ସାର ପ୍ରତାପୀ ରାଜା ଥିଲେ । ସେ ଜଣେ ଦିଗ୍‌ବିଜୟୀ ବୀର ଥିଲେ । ସେ ବିଶାଳ ସାମ୍ରାଜ୍ୟର ଅଧିପତି ହୋଇଥିଲେ । ସେ ବହୁ ସାମନ୍ତ ରାଜାଙ୍କୁ ପରାସ୍ତ କରି ଦେଶ ବିଦେଶରେ ବିଜୟ କେତନ ଉଡ଼ାଇ ଥିଲେ ଏବଂ ନିଜକୁ ମହାରାଜାଧିରାଜ ପରମେଶ୍ୱର ଉପାଧିରେ ଅଳଂକୃତ କରିଥିଲେ । ସେ ଯେପରି ପରାକ୍ରମୀ ଥିଲେ ସେହିପରି ଜଣେ ଦାନୀ ମାନୀ ଓ ଜ୍ଞାନୀ ଥିଲେ । ସେ ବର୍ଦ୍ଧମାନ, ଗୟା, କୌଶାମ୍ବୀ, ତାମ୍ରଲିପ୍ତ, ବୈଶାଳୀ ପ୍ରଭୃତିର ରାଜାଙ୍କୁ ଏକଲକ୍ଷ ଗାଈ ଦାନ କରିଥିଲେ । ସେ ମଧ୍ୟ ଭିକ୍ଷୁକ ଓ ବ୍ରାହ୍ମଣମାନଙ୍କ ପାଇଁ ମଠ, ଚୈତ୍ୟ, ବିହାର ଆଦି ନିର୍ମାଣ କରିଥିଲେ । ଏତଦ ବ୍ୟତୀତ ସେ ପୁରାଣ ଶାସ୍ତ୍ର-ବ୍ୟାସ, ଛନ୍ଦ ସ୍ମୃତି ବେଦାନ୍ତ ଆଦି କଳାର ବିକାଶ ପାଇଁ ହଜାର ହଜାର ସ୍ୱର୍ଣ୍ଣମୁଦ୍ରା ମୁକ୍ତ ହସ୍ତରେ ଦାନ କରୁଥିଲେ [୯] ।

“ଶୀଳାଭଞ୍ଜଙ୍କ ଉତ୍କୀର୍ଣ୍ଣ ଅନୁଶାସନକୁ ବିଶେଷଜ୍ଞମାନେ ଖ୍ରୀଷ୍ଟୀୟ ଚତୁର୍ଥ-ପଞ୍ଚମ ଶତାବ୍ଦୀର କୀର୍ତ୍ତି ବୋଲି କହିଥାନ୍ତି । ଶୀଳାଭଞ୍ଜଙ୍କ ଅନୁଶାସନରେ ବହୁ ପାଠାନ୍ତର ହୋଇଅଛି । ଯଥା ରାଜରାଜା, ଶ୍ରୀଦିଗଭଞ୍ଜ, ରାଜାରାଜ ଶ୍ରୀ ଦିଗ ଭଞ୍ଜ ଓ ଲିଖିତ ମୋହରରୁ ‘ରାଜାରାଜ, ଏକ ବ୍ୟକ୍ତି ଥିବାର ଅନୁମାନ କରାଯାଏ । ଡଃ ଆର.ସି. ମଜୁମଦାରଙ୍କ ମତରେ ଦିଗ ଭଞ୍ଜ ହେଉଛନ୍ତି ଖିଚିଂର ସର୍ବପ୍ରାଚୀନ ରାଜା । ଅନ୍ୟାନ୍ୟ ପ୍ରମାଣ ନ ମିଳିବା ଯାଏ ଏହି ସିଦ୍ଧାନ୍ତ ବିଶ୍ୱାସ କରିବାକୁ ହେବ ଡଃ ମଜୁମଦାରଙ୍କର ମତ ଏକାନ୍ତ ଗ୍ରହଣୀୟ ।

ସେ ଯାହାହେଉ ତାମ୍ର ଅନୁଶାସନରୁ ମୟୂରଭଞ୍ଜ ରାଜ୍ୟର ମଧ୍ୟଯୁଗୀୟ ଭଞ୍ଜ ରାଜବଂଶର ଶାସନ ଓ ତତ୍କାଳୀନ କଳା, ସଂସ୍କୃତି ଓ ଧର୍ମ ସମ୍ବନ୍ଧରେ କଥିତ ଅବସର ମିଳେ [୧୦] ।”

ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ‘ଖିଚିଂର ପୁରାତତ୍ତ୍ୱ ସମ୍ପଦହିଁ ମୟୂରଭଞ୍ଜର ଆଦି ଇତିହାସ ଜାଣିବା ପାଇଁ ସମସ୍ତଙ୍କୁ ସାହାଯ୍ୟ କରେ । ଖିଚିଂ ମ୍ୟୁଜିୟମରେ ସଂରକ୍ଷିତ ଗୋଟିଏ ଅବଲୋକିତେଶ୍ୱର ମୂର୍ତ୍ତିର ପାଦଦେଶରେ ଲିଖିତ ଅଛି—

ଓଁ ରାଜ୍ୟେ ଶ୍ରୀରଣଭଞ୍ଜସ୍ୟ ଲେଖକେନ ଭଗବାନୟଂ,
ଶ୍ରୀ ଧରଣୀ ବର୍ଦ୍ଧନେଣ ସହକାରିଣ୍ୟା ବିନିର୍ମିତଃ ॥

ଏଥିରୁ ଜଣାଯାଏ ଯେ ଖିଚିଂର କେତେକ ସ୍ଥାପତ୍ୟ ଓ ମୂର୍ତ୍ତି ରଣଭଞ୍ଜଙ୍କ ଅମଳରେ ହିଁ ନିର୍ମିତ ହୋଇଥିଲା । ଭଞ୍ଜ ତାମ୍ରଶାସନମାନଙ୍କରୁ ପ୍ରମାଣିତ ହୁଏ ଯେ

Digitized by srujanika@gmail.com

ଯଶୋଭଞ୍ଜ (ରାଜଭଞ୍ଜ) ଥିଲେ ରଣଭଞ୍ଜଙ୍କ ପୁତ୍ର ଓ କୋଟ୍ଟଭଂଜଙ୍କ ନାତି । ଖିଚିଂର ବୃହତ୍ତମ, ପୁଷ୍କରିଣୀ ଅଦ୍ୟାପି ରଣରାଇ ନାମରେ ପରିଚିତ । 'ରଣରାଇ' 'ରଣଭଞ୍ଜ' ନାମର ବିକୃତ ରୂପ । ଏହି ରାଜାମାନଙ୍କ ଅମଳରେ ହିଁ ଖିଚିଂର ବିଦ୍ୟମାନ ମନ୍ଦିର ଓ ମୂର୍ତ୍ତିର ବହୁଳାଂଶ ନିର୍ମିତ ହୋଇଥିଲା । × × ଏଗୁଡ଼ିକ ଦଶମ ଏକାଦଶ ଶତାବ୍ଦୀରେ ଗଢ଼ି ଉଠିଥିଲା ବୋଲି ପ୍ରମାଣିତ ହୁଏ । ଏ ସ୍ଥାନର ବିଦ୍ୟମାନ ମୂର୍ତ୍ତି-ମନ୍ଦିରର ଶୈଳୀରୁ ମଧ୍ୟ ପ୍ରମାଣିତ ହୁଏ ଯେ, ଏ ସମସ୍ତ ଦଶମ-ଏକାଦଶ ଶତାବ୍ଦୀର କୀର୍ତ୍ତି । ଦୈର୍ଘ୍ୟ ପ୍ରସ୍ଥରେ ଖିଚିଂର ବୃହତ୍ତମ ମନ୍ଦିର ଭୁବନେଶ୍ୱରର ବ୍ରହ୍ମେଶ୍ୱର ମନ୍ଦିର ସହିତ ସମାନ । ଉଭୟଙ୍କ ସ୍ଥାପତ୍ୟ, ମୂର୍ତ୍ତି ଓ ମଣ୍ଡନ କଳାରେ ମଧ୍ୟ ବହୁ ସାଦୃଶ୍ୟ ରହିଛି । ବ୍ରହ୍ମେଶ୍ୱର ମନ୍ଦିର ଏକାଦଶ ଶତାବ୍ଦୀରେ ନିର୍ମିତ ହୋଇଥିବାରୁ ଖିଚିଂର ବୃହତ୍ତମ ମନ୍ଦିର ମଧ୍ୟ ଏହି ସମୟରେ ନିର୍ମିତ ହୋଇଥିଲା ବୋଲି ଧରିନେଲେ ଭ୍ରମାତ୍ମକ ହେବନାହିଁ । ଏ ସ୍ଥାନରେ କୁଟେଇ ଚଣ୍ଡି ମନ୍ଦିରର କଳା ଓ ସ୍ଥାପତ୍ୟରୁ ଜଣାଯାଏ ଯେ, ଏହା ଦଶମ ଶତାବ୍ଦୀର କୀର୍ତ୍ତି । ଖିଚିଂର କାରୁକଳା ଓ ସ୍ଥାପତ୍ୟ ଭାରତ ଇତିହାସରେ ବିଶିଷ୍ଟ ସ୍ଥାନ ପାଇଛି । କଳା ମୁଗୁନିପଥରରେ ନିର୍ମିତ ଏହାର ମୂର୍ତ୍ତି, ମନ୍ଦିରର ଅପରୂପ ସୌନ୍ଦର୍ଯ୍ୟରେ ଦର୍ଶକମାନଙ୍କର ମନ ଅଭିଭୂତ ହୋଇଥାଏ । ମୂର୍ତ୍ତିମାନଙ୍କ ମଧ୍ୟରୁ କେତେକ ବୌଦ୍ଧ ଓ ଜୈନମୂର୍ତ୍ତି ଏବଂ ଇଟାମୁଣ୍ଡି ନାମକ ସ୍ଥାନରୁ ବୌଦ୍ଧ ମନ୍ଦିରର ଭଗ୍ନାବଶେଷ ଖୋଳାହୋଇ ବାହାରିଥିବାରୁ ଏ ଅଞ୍ଚଳରେ ପୂର୍ବେ ହିନ୍ଦୁ ବୌଦ୍ଧ ଓ ଜୈନ ଧର୍ମ ସହାବସ୍ଥାନ କରୁଥିବାର ପ୍ରମାଣ ମିଳେ ।

ଭଞ୍ଜ ରାଜଧାନୀ କେବେ ଖିଚିଂରୁ ସ୍ଥାନାନ୍ତରିତ ହେଲା ତାହାର ଇତିହାସ ମିଳେ ନାହିଁ । କିନ୍ତୁ ମୟୂରଭଞ୍ଜର ଭଞ୍ଜମାନଙ୍କ ପରବର୍ତ୍ତୀ ରାଜଧାନୀ ବାମନଘାଟୀର ବହଳଦା ଠାରେ ସ୍ଥାପିତ ହୋଇଥିଲା ବୋଲି ଅନୁମାନ କରାଯାଏ । ତାମ୍ର ଶାସନ ମାନଙ୍କରୁ ପ୍ରମାଣିତ ହୁଏ ଯେ ଖିଚିଂର ମୌଳିକ ନାମଥିଲା ଖିଜିଙ୍ଗ୍, ତେଣୁ ଏ ସ୍ଥାନର ଅଧିଷ୍ଠାତ୍ରୀ ଦେବୀଙ୍କ ମୌଳିକ ନାମ ଥିଲା ଖିଜିଙ୍ଗେଶ୍ୱରୀ । କାଳକ୍ରମେ ନାମଟି ଖିଜିଙ୍ଗେଶ୍ୱରୀ ହେଲା ଏବଂ ତା'ପରେ ପୌରାଣିକ ଜ୍ଞାନସମ୍ପନ୍ନ ବ୍ୟକ୍ତିମାନେ ତାଙ୍କୁ କିଚକେଶ୍ୱରୀରେ ପରିଣତ କଲେ । ବହଳଦାଠାରେ ଅଦ୍ୟାପି କିଚକେଶ୍ୱରୀ ନାମରେ ଗୋଟିଏ ଦେବୀ ପୂଜିତା ହେଉଛନ୍ତି । ଏଣୁ ମନେହୁଏ ଯେ ଭଞ୍ଜ ରାଜବଂଶ ସେମାନଙ୍କ ରାଜଧାନୀ ବହଳଦାକୁ ନେବାପରେ ସେଠାରେ ମଧ୍ୟ ଖିଜିଙ୍ଗେଶ୍ୱରୀ ମୂର୍ତ୍ତି ସ୍ଥାପନ କରିଥିଲେ । ଏ ରାଜବଂଶର ତୃତୀୟ ରାଜଧାନୀ ହରିହରପୁରରେ ମଧ୍ୟ ସେହି ଖିଜିଙ୍ଗେଶ୍ୱରୀ ଦେବୀ ଥିଲେ ସେ ଭଞ୍ଜମାନଙ୍କ ଶେଷ ରାଜଧାନୀ ବାରିପଦାକୁ ସ୍ଥାନାନ୍ତରିତ ହୋଇଥିଲେ । ବର୍ତ୍ତମାନ ବାରିପଦାର ପୁରାତନ ରାଜବାଟୀର ଗୋଟିଏ ମନ୍ଦିରରେ କିଚକେଶ୍ୱରୀ ନାମ ଗ୍ରହଣ କରି ଏହି ଦେବୀ ପୂଜିତା ହେଉଛନ୍ତି ।'' [୧୧]

Digitized by srujanika@gmail.com

"ମା ଚର୍ଚ୍ଚିକେଶ୍ୱରୀ ମା ଚାମୁଣ୍ଡା ମୂର୍ତ୍ତି ଅଟନ୍ତି । ସେ ଶବାରୁଢ଼, ଚିନସ୍ତନା, ଊର୍ଦ୍ଧ୍ୱକେଶା, ନାଗାଭରଣ ଭୂଷିତା, ତ୍ରିଶୂଳ ଶରୀର ଓ ଅଷ୍ଟଭୁଜା ।"

ପୂର୍ବୋକ୍ତ ଆଲୋଚନାରୁ ଜଣାଯାଏ ଯେ, ଏକଦା ଖିଚିଂ ଏକ ମଧ୍ୟଯୁଗୀୟ ସମୃଦ୍ଧିଶାଳୀ ନଗରୀ ଥିଲା । ଖିଚିଂ ସହିତ ଆଦିପୁର, ଅଯୋଧ୍ୟା ବଡ଼ସାହି ଓ ହରିପୁର ପ୍ରଭୃତାତ୍ତ୍ୱିକ ଅନୁଶୀଳନରୁ ଜଣାଯାଏ ଯେ ଭଞ୍ଜ ରାଜାମାନେ ଧର୍ମକ୍ଷେତ୍ରରେ ଏକ ସହନଶୀଳ ନୀତି ଅନୁସରଣ କରିଥିଲେ ।

ସମଗ୍ର ଭାରତର ଶିବଲିଙ୍ଗ ପୂଜା ପାଉଥିଲା ବେଳେ ଭଞ୍ଜରାଜାମାନେ ମାନବରୂପୀ ଶିବ ଅର୍ଥାତ୍ ଶିବ ବିଗ୍ରହ ପୂଜାର ଅନୁପମ ପରମ୍ପରା ସୃଷ୍ଟି କରିଥିଲେ— ଏହା ପୂର୍ବେ ଆଲୋଚନା କରାଯାଇଛି । ବୈତରଣୀ ନଦୀ କୂଳସ୍ଥ ଆଦିପୁରରେ ଏକାଦଶ ରୁଦ୍ର ପୂଜିତ । ଖିଚିଂରେ ହର, ଚଣ୍ଡ, ପ୍ରଚଣ୍ଡ, ମହେଶ୍ୱର, ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଆଦି ପୂଜିତ ହେଉଥିବାର ପ୍ରମାଣ ଖିଚିଂର ସଂଗ୍ରହାଳୟସ୍ଥ ଦେବଦେବୀଙ୍କ ମୂର୍ତ୍ତିରୁ ଜଣାପଡ଼େ ।

ଖିଚିଂର ସଂଗ୍ରହାଳୟରେ ଥିବା ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିଟି ଦର୍ଶକଙ୍କ ପ୍ରାଣରେ କୌତୂହଳ ଜାତକରେ । ଏ ସମ୍ବନ୍ଧରେ ଏକ ମନୋରମ ପୌରାଣିକ ଆଖ୍ୟାନ ଅଛି :—

ମହର୍ଷି ଭୃଙ୍ଗୀ ଥିଲେ ଏକେଶ୍ୱରବାଦୀ—ଏକ ଈଶ୍ୱର ଦ୍ୱିତୀୟ ନାସ୍ତି । ଶିବ ତାଙ୍କର ଆରାଧ୍ୟ ଦେବତା । ତାଙ୍କ ପାଦପଦ୍ମରେ ସେ ମନପ୍ରାଣ ଢାଳି ଦେଇ-ଥାଆନ୍ତି । ସେ ପ୍ରତିଦିନ ଶିବଙ୍କୁ ପ୍ରଦକ୍ଷିଣ କରନ୍ତି । ମାତ୍ର ମାତା ପାର୍ବତୀଙ୍କୁ ସେ ଆଡ଼ନୟନରେ ଚାହାଁନ୍ତି ନାହିଁ ।

ମାତା ପାର୍ବତୀ ଦିନେ ଶିବଙ୍କୁ କହିଲେ, "ପ୍ରଭୋ ! ଦେଖନ୍ତୁ ମହର୍ଷି ଭୃଙ୍ଗୀ ଆସି ଆପଣଙ୍କୁ ପ୍ରଦକ୍ଷିଣ କରୁଛନ୍ତି । ମାତ୍ର ମୁଁ ତାଙ୍କର ମାତା, ହେଲେ ମୋତେ ସେ ଉପେକ୍ଷା କରି ଅପମାନ କରୁଛନ୍ତି ।

ମାତା ପାର୍ବତୀଙ୍କର କଥା ଶୁଣି ଶିବ ହସିହସି କହିଲେ—ପ୍ରିୟେ, ସେ ମୋର ପ୍ରଧାନ ଭକ୍ତ । ମୋ ଛଡ଼ା ସେ ଆଉ କାହା କଥା ଭାବେ ନାହିଁ । ମାତ୍ର ସ୍ୱାମୀଙ୍କର କଥାରେ ଜଗନ୍ମାତା ପାର୍ବତୀ ଅସନ୍ତୁଷ୍ଟ ହେଲେ ନାହିଁ । ତାଙ୍କୁ କହିଲେ—"ହେ ପ୍ରଭୋ, ମୋର ଗୋଟିଏ ଅନୁରୋଧ ରକ୍ଷାକରନ୍ତୁ । ଶିବ ପ୍ରତିଶ୍ରୁତ ଦେଲେ । ପାର୍ବତୀ କହିଲେ—"ନାରୀ ପୁରୁଷର ଅର୍ଦ୍ଧାଙ୍ଗିନୀ । ମୋତେ ଆପଣ ଅର୍ଦ୍ଧ ଅଙ୍ଗରେ ବହନ କରନ୍ତୁ ।" ଶିବ ପାର୍ବତୀଙ୍କ କଥା ରକ୍ଷା କଲେ । ମା ପାର୍ବତୀଙ୍କୁ ଅର୍ଦ୍ଧ ଅଙ୍ଗରେ ବହନ କଲେ ।

Digitized by srujanika@gmail.com

ମହର୍ଷି ଭୃଙ୍ଗୀ ଶିବଙ୍କୁ ପ୍ରଦକ୍ଷିଣ କରିବାକୁ ଆସି ଯାହା ଦେଖିଲେ ତହିଁରେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ପ୍ରଭୁଙ୍କର ଅଜବ ରୂପ ! ଅର୍ଦ୍ଧାଙ୍ଗ ଶଙ୍କର; ଅର୍ଦ୍ଧାଙ୍ଗ ପାର୍ବତୀ—ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି । କି ଭୀଷଣ ସମସ୍ୟା ! ସେ ଶିବଙ୍କୁ ପ୍ରଦକ୍ଷିଣ କରିବେ କିପରି ? ତାଙ୍କୁ କିଛି ବୁଦ୍ଧି ଦିଶିଲା ନ । ଋଷି ସଙ୍ଗେ ସଙ୍ଗେ ଧ୍ୟାନମଗ୍ନ ହେଲେ । ଧ୍ୟାନ ବଳରେ ସବୁକଥା ଜାଣିପାରିଲେ । ସେ କାଳବିଳମ୍ବ ନକରି ବଜ୍ରକୀଟ ରୂପ ଧାରଣ କଲେ । ଶିବ-ପାର୍ବତୀଙ୍କ ସଙ୍ଗମ ସ୍ଥଳ ଭେଦକରି ଶିବଙ୍କୁ ପ୍ରଦକ୍ଷିଣ କଲେ ।

ଏହା ଦେଖି ମାତା ପାର୍ବତୀ ରାଗରେ ଜଳିଉଠିଲେ । ତାଙ୍କୁ ଅଭିଶାପ ଦେଲେ ଏବଂ କହିଲେ "ହେ ଭୃଙ୍ଗୀ ! ତୁମେ ପିତାଙ୍କୁ ମାନ ମାତାଙ୍କୁ ମାନିନାହିଁ । ତା'ର ପରିଣାମ ତୁମକୁ ଭୋଗିବାକୁ ହେବ । ତୁମ ଶରୀରରୁ ମାତାଙ୍କ ଅଂଶ ଦୂର ହେବ; କେବଳ ପିତାଙ୍କ ଅଂଶ ରହିବ । ମାତା ପାର୍ବତୀଙ୍କ ଅଭିଶାପ ଫଳିଲା । ଭୃଙ୍ଗୀଙ୍କ ଶରୀରରୁ ରକ୍ତ ମାଂସ ଦୂର ହୋଇଗଲା । କେବଳ ହାଡ଼, ଶିରା, ପ୍ରଶିରାଦି ପିତୃ ଅଂଶ ରହିଲା । ସେ ଦୁର୍ବଳ ହୋଇଗଲେ । ଚାଲିପାରିଲେ ନାହିଁ । ପରିଶେଷରେ ତପୋବଳରେ ନାଭି ମଣ୍ଡଳରୁ ତୃତୀୟ ପାଦ ସୃଷ୍ଟି କଲେ [୧୨] ।" ଖିଚିଂରେ ପ୍ରତିଷ୍ଠିତ ମୂର୍ତ୍ତି ପଛରେ ଏହିପରି କିଛି ପୌରାଣିକ ଆଖ୍ୟାନ ଅଛି ।

ଖିଚିଂର ଆଦିଭଞ୍ଜ ବଂଶର ରାଜାମାନେ କେବଳ କଳା, ସ୍ଥାପତ୍ୟ, ଧର୍ମ କ୍ଷେତ୍ରରେ ଯେ ଚରମ ଉନ୍ନତି ସାଧନ କରିଥିଲେ ତାହା ନୁହେଁ ସେମାନେ ମଧ୍ୟ ଶାସନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ । ଡଃ ଉମାକାନ୍ତ ସୁବୁଦ୍ଧିଙ୍କ ଆଦିଭଞ୍ଜ ଶାସନ (Adi Bhanja administration) ଶୀର୍ଷକ ପ୍ରବନ୍ଧରେ ମଧ୍ୟ ଖିଚିଙ୍ଗକୋଟ୍ଟା (ଖିଚିଂ)ର ଭଞ୍ଜ ନୃପତିମାନଙ୍କ ଶାସନ ପ୍ରଣାଳୀ ସମ୍ବନ୍ଧରେ କେତେକ ତଥ୍ୟର ଅବତାରଣା କରିଛନ୍ତି ।

'ଏହି ଭଞ୍ଜ ନୃପତିମାନେ ଉନ୍ନତ ଅଧିକେ ରୂପ ଶାସନ ପ୍ରଣାଳୀ ଅନୁକରଣ କରିଥିଲେ । ଶାସନର ସୁବିଧା ଦୃଷ୍ଟିରୁ ସମଗ୍ର ରାଜ୍ୟକୁ କେତୋଟି ବୃହତ ବିଷୟ ବା ଖଣ୍ଡରେ ବିଭକ୍ତ କରାଯାଇଥିଲା । ସେଗୁଡ଼ିକ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଖଣ୍ଡ ନାମରେ ନାମିତ ହୋଇଥିଲା । ପୁନଶ୍ଚ ପ୍ରତିଟି ଖଣ୍ଡ କେତେକ ବିଷୟ (ଜିଲ୍ଲା)ରେ ବିଭକ୍ତ କରାଯାଇଥିଲା । ବିଷୟ ଗୁଡ଼ିକୁ ମଧ୍ୟ ସାହି ବା ଗ୍ରାମରେ ବିଭକ୍ତ କରାଯାଇଥିଲା ଏବଂ ଏଗୁଡ଼ିକର ସୁଶାସନ ପାଇଁ ବିଭିନ୍ନ କର୍ମଚାରୀମାନ ନିଯୁକ୍ତ କରାଯାଉଥିଲେ ।

ସେତେବେଳେ ରାଜତନ୍ତ୍ର ଶାସନ ଚାଲୁଥିଲା । ରାଜା ଶାସନର ମୁଖ୍ୟ ରୂପେ ପରିଚିତ ହେଉଥିଲେ । ରାଜପଦ ବଂଶାନୁକ୍ରମିକ ଥିଲା । କେତେକ ରାଜା ନିଜ ରାଜ୍ୟ ତଥା ବାହାରେ ଅଖଣ୍ଡ ଆଧିପତ୍ୟ ମଧ୍ୟ ବିସ୍ତାର କରି ପାରୁଥିଲେ । ସେମାନେ ନିଜକୁ ମହାରାଜାଧିରାଜ, ମହାମଣ୍ଡଳାଧିପତି, ପରମେଶ୍ୱର, ଅଷ୍ଟଶୀଳ ସହସ୍ରାଧିପତି ଆଦି

Digitized by srujanika@gmail.com

ଉପାଧିରେ ନିଜକୁ ବିଭୂଷିତ କରୁଥିଲେ । ଅବଶ୍ୟ ସମସ୍ତ ରାଜା ଏ ପ୍ରକାର ଉପାଧିରେ ନିଜକୁ ବିଭୂଷିତ କରିପାରୁ ନଥିଲେ । କେବଳ ରଣଭଞ୍ଜ ଓ ଶତ୍ରୁଭଞ୍ଜ ମହାପରାକ୍ରମଶାଳୀ ଓ ସାର୍ବଭୌମ କ୍ଷମତାର ଅଧିକାରୀ ହୋଇ ଏ ପ୍ରକାର ଉପାଧିରେ ନିଜକୁ ବିଭୂଷିତ କରିଥିଲେ । ଅନ୍ୟ ସମସ୍ତ ରାଜା, ସାମନ୍ତ ଓ ମଣ୍ଡଳିକ ଆଦି ଉପାଧି ଧାରଣ କରୁଥିଲେ ।

ରାଜାମାନେ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚନ କରୁଥିଲେ । ଏହା ଦ୍ୱାରା ଭବିଷ୍ୟତରେ ରାଜସିଂହାସନ ପାଇଁ ଉତ୍ତର ଦାୟାଦମାନଙ୍କ ମଧ୍ୟରେ ଶତ୍ରୁତା ଓ ବାଦବିବାଦର ଭୟ ରହୁନଥିଲା । ଉତ୍ତରାଧିକାରୀ ବ୍ୟତୀତ ରକ୍ତସମ୍ପର୍କୀୟ ରାଜକୁମାର ଓ ରାଣୀମାନେ ମଧ୍ୟ ରାଜ୍ୟଶାସନରେ ଅଂଶ ଗ୍ରହଣ କରି ପାରୁଥିଲେ । ଏ କ୍ଷେତ୍ରରେ ମହାଦେବୀ ଅନନ୍ତା ଦେବୀ ମହାଦେବୀ ଲବଣ୍ୟ ମତି, ରାଜକୁଳ ହେରମ୍ବ ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ମନ୍ତ୍ରୀ ପରିଷଦ ଓ ରାଜକର୍ମଚାରୀମାନେ ରାଜାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ରାଜ୍ୟ ଶାସନ ପାଇଁ ବିଭିନ୍ନ ପଦବୀଧାରୀ ମନ୍ତ୍ରୀ ଓ ରାଜକର୍ମଚାରୀମାନେ ଥିଲେ । ମନ୍ତ୍ରୀ, ସନ୍ଧି ବିଗ୍ରହୀ (ପ୍ରତିରକ୍ଷା ମନ୍ତ୍ରୀ), ସାମନ୍ତ (କରଦ ରାଜା), ମହାସାମନ୍ତ (ମୁଖ୍ୟ କରଦ ରାଜା), ମୁଦ୍ରାହସ୍ତ (ରାଜ ମୋହର ରକ୍ଷକ) ପ୍ରତିହାର (ରାଜଦ୍ୱାରୀ), ପୁରଶ୍ରେଷ୍ଠୀ (ନଗରରକ୍ଷ) ଆଦି ବିଭିନ୍ନ ପଦପଦବୀ ଧାରୀ ବ୍ୟକ୍ତି ରାଜ୍ୟ ଶାସନରେ ନିଯୁକ୍ତ ହେଉଥିଲେ ।

ଜମିଜମାର ଖଜଣା ରାଜ୍ୟର ଆୟର ପ୍ରଧାନ ପନ୍ଥା ଥିଲା । ଖଜଣା ଆଦାୟ ପାଇଁ କର୍ମଚାରୀମାନେ ନିଯୁକ୍ତ ହୋଇଥିଲେ । ସେମାନେ ଜମିର କିସମ ଅନୁସାରେ ଖଜଣା ନିର୍ଦ୍ଧାରଣ କରି ତାହା ଆଦାୟ କରୁଥିଲେ । ଜମିର ଖଜଣା ବ୍ୟତୀତ ଅନ୍ୟ କେତେକ ଅତିରିକ୍ତ କର ଆଦାୟ କରାଯାଉଥିଲା । ସେତେବେଳେ ଜମିଜମାର ରେଜିଷ୍ଟ୍ରେସନ୍‌ର ବ୍ୟବସ୍ଥା ଥିଲା । ଏଥିପାଇଁ ରାଜାଙ୍କର ଅନୁମୋଦନ ଓ ରାଜମୋହର ବ୍ୟବହୃତ ହେଉଥିଲା । ଆଦିଭଞ୍ଜ – ରାଜାମାନେ ଖୋଳିକୃତ ରାଜମୋହର ବ୍ୟବହାର କରୁଥିଲେ । ସେଥିରେ ଦଣ୍ଡ ସମାନ ବା ପୁଷ୍ପ ବୃହତ ଅର୍ଦ୍ଧ ପ୍ରସ୍ଫୁଟିତ ପଦ୍ମ, ତ୍ରିଶୂଳ ଅର୍ଦ୍ଧଚନ୍ଦ୍ର ଏବଂ ସମ୍ପୃକ୍ତ ରାଜାଙ୍କ ନାମ ଅଙ୍କିତ ହେଉଥିଲା ।

ଆଦିଭଞ୍ଜମାନଙ୍କର କେତେକ ସନନ୍ଦରୁ ଜଣାଯାଏ ଯେ, ଏକଦା ସେମାନେ ଭୌମକରଙ୍କ ଅଧୀନରେ କରଦରାଜା ରୂପେ ରହିଥିଲେ । ମାତ୍ର ସେମାନେ କରଦ ରାଜା ହୋଇଥିଲେ ମଧ୍ୟ ନିଜ ରାଜ୍ୟ ପରିସର ମଧ୍ୟରେ ସେମାନଙ୍କ ଅଖଣ୍ଡ କ୍ଷମତା ଅବ୍ୟାହତ ରହିଥିଲା [୯୩] ।"

Digitized by srujanika@gmail.com

ସୂଚନା ଓ ସହାୟତା

୧ । Orissa Gazatters, Mayurbhanj—Page 89

୨ । ପଦ୍ମଶ୍ରୀ ଆଚାର୍ଯ୍ୟ ପରମାନନ୍ଦ—କିମ୍ବଦନ୍ତୀରୁ ଇତିହାସର ପୁନରୁଦ୍ଧାର ପୃ. ୯୫୨

୩ । Dr. Panigrahi K. C.—History of Orissa—Page 135

୪-୫ । ଡଃ ମହତାବ ହରେକୃଷ୍ଣ—ଓଡ଼ିଶା ଇତିହାସ—(୧ମ ଭାଗ) ପୃ. ୧୦୫

୬ । ପଦ୍ମଶ୍ରୀ ଆଚାର୍ଯ୍ୟ ପରମାନନ୍ଦ—କିମ୍ବଦନ୍ତୀରୁ ଇତିହାସର ପୁନରୁଦ୍ଧାର—୧୫୨ ଝଙ୍କାର (ପଞ୍ଚଦଶ ବର୍ଷ-ଦଶମ ସଂଖ୍ୟା)

୭ । Orissa Gazatters, Mayurbhanj—Page 87

୮-୯ । Orissa Gazatters, Mayurbhanj—P. 65

୧୦ । ଷଡଙ୍ଗୀ ଶ୍ରୀ ଦୀପକ—ମହାରାଜା ଭଞ୍ଜ ରାଜବଂଶର ଏକ ସମୀକ୍ଷା– ପୃ ୪୨ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେବ (୧୦୮ତମ ଜୟନ୍ତୀ) ସ୍ମରଣିକା, ମହାରାଜା ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ, ବାରିପଦା

୧୧ । ଡକ୍ଟର ପାଣିଗ୍ରାହୀ କୃଷ୍ଣଚନ୍ଦ୍ର—ମୋ ସମୟର ଓଡ଼ିଶା—ପୃ ୪୮

୧୨ ।ପାଣିଗ୍ରାହୀ ରାମଚନ୍ଦ୍ର—ମା କଚଡେଇଶ୍ୱରୀ ଇତିବୃତ୍ତି

୧୩ । Dr. Subuddhi Umakanta—Adi-Bhanj Administration—Page 5

Orissa History Congress Souvenir—1982

●

Digitized by srujanika@gmail.com

ପଞ୍ଚମ ଅଧ୍ୟାୟ

ମଧ୍ୟଯୁଗ

ପଠାଣ, ମୋଗଲ ଓ ମରହଟ୍ଟା ଶାସନ କାଳରେ ମୟୂରଭଞ୍ଜ ଓ ଭଞ୍ଜ ରାଜବଂଶ :

ମୟୂରଭଞ୍ଜ ରାଜ୍ୟର ଭଞ୍ଜ ରାଜାମାନଙ୍କର ବଂଶଲତା ଅନେକ ଉପାଦାନରୁ ଗୃହୀତ ହୋଇଥାଏ । ତନ୍ମଧ୍ୟରୁ ବଂଶାନୁଚରିତ ନାମକ ଏକ ପୋଥି ୧୮୯୪-୯୫ ଓ ୧୯୪୫-୪୬ରେ ପ୍ରସ୍ତୁତ ବାର୍ଷିକ ପ୍ରଶାସନିକ ବିବରଣୀ ଅତ୍ୟନ୍ତ ଉପାଦେୟ । ଏହି ଉପାଦାନଗୁଡ଼ିକ ମଧ୍ୟରେ ବହୁ ପାର୍ଥକ୍ୟ ଦେଖାଯାଏ । ମାତ୍ର ବଂଶାନୁଚରିତ ପ୍ରାଚୀନ ହୋଇଥିବାରୁ ତାହା ଅଧିକ ବିଶ୍ୱାସଯୋଗ୍ୟ ବୋଲି ମନେହୁଏ [୧] । ଏହି ବଂଶାନୁଚରିତରେ ଭଞ୍ଜ ରାଜବଂଶର ବଂଶ ତାଲିକା ଦିଆଯାଇଛି । ଏହା ମହାରାଣୀ ସୁମିତ୍ରା ଭଞ୍ଜଙ୍କ ରାଜତ୍ୱ ଏବଂ ବ୍ରିଟିଶ ଆଗମନ ସୀମାରେଖା ପୂର୍ବରୁ ଶେଷ ହୋଇଛି । ବଂଶାନୁଚରିତ ଅନୁସାରେ ସମସ୍ତାନୁକ୍ରମିକ ବଂଶ ତାଲିକା ଦିଆଯାଇଛି, ମାତ୍ର ତମ୍ବା ପଟ୍ଟା ସନନ୍ଦ ଦାନଲେଖ ମଧ୍ୟଯୁଗୀୟ ଭଞ୍ଜ ନରପତିମାନଙ୍କ ନାମ ଏଥିରେ ସ୍ଥାନ ପାଇ ନାହିଁ । କିନ୍ତୁ ଭଞ୍ଜବଂଶର ପ୍ରତିଷ୍ଠାତା ବା ଆଦିପୁରୁଷ ଆଦି ଭଞ୍ଜଙ୍କ ନାମ ଏଥିରେ ଉଲ୍ଲେଖ କରାଯାଇଛି । ପଠାଣ, ମୋଗଲ ଓ ମରହଟ୍ଟା ଶାସନ କାଳରେ ଭଞ୍ଜ ବଂଶର ନରପତିମାନଙ୍କ ନାମ ସମସାମୟିକ ଦଲିଲ ଓ ସନନ୍ଦରୁ ପ୍ରମାଣ ମିଳିଛି [୨] ।

ବଂଶାବଳୀ :

ମହାରାଜା ଆଦିଭଞ୍ଜ

|

ମହାରାଜ ସନ୍ତୋଷ ଭଞ୍ଜ

|

ମହାରାଜା କେଶରୀ ଭଞ୍ଜ

|

ମହାରାଜା ଛକ ଭଞ୍ଜ

|

ମହାରାଜା ଲକ୍ଷ୍ମାନ ଭଞ୍ଜ

|

ମହାରାଜା ଜଳାପି ଭଞ୍ଜ

|

ମହାରାଜା ସୂର୍ଯ୍ୟ ଭଞ୍ଜ

|

ମହାରାଜା ରାମଚନ୍ଦ୍ର ଭଞ୍ଜ

|

ମହାରାଜା ବାଶୁଳୀ ଭଞ୍ଜ

|

ମହାରାଜା ଜଗନ୍ନାଥ ଭଞ୍ଜ (ଓଡ଼ିଶାର ଗଜପତି ରାଜକନ୍ୟାଙ୍କୁ ବିବାହ କରି ବାରିପଦା ଦଣ୍ଡପାଟ ଯୌତୁକ ପାଇଥିଲେ) — ବୈଦ୍ୟନାଥ ଭଞ୍ଜ (ବଡ଼ କୁଅଁର)

|

ମହାରାଜା ନୀଳକଣ୍ଠ ଭଞ୍ଜ

ମହାରାଜା ବୈଦ୍ୟନାଥ ଭଞ୍ଜ (ମୃତ୍ୟୁ ୧୭୬୦ ଖ୍ରୀ: ଅ: ପୂର୍ବରୁ)

|

ମହାରାଜା ଚକ୍ରଧର ଭଞ୍ଜ

|

ମହାରାଜା କୃଷ୍ଣଭଞ୍ଜ (ମୃତ୍ୟୁ ଡିସେମ୍ବର ୧୭୬୦ ଖ୍ରୀ: ଅ:)

|

Digitized by srujanika@gmail.com

മ

ମହାରାଜା ତ୍ରିବିକ୍ରମ ଭଞ୍ଜ (୧୬୬୦ରୁ ୧୬୮୮ ଖ୍ରୀ ଅ.)

ମହାରାଜା ସର୍ବେଶ୍ୱର ଭଞ୍ଜ (୧୬୮୮ରୁ ୧୭୧୧)
ମହାରାଜା ବିକ୍ରମ ଆଦିତ୍ୟ ଭଞ୍ଜ (୧୭୧୧ରୁ ୧୭୨୮ ଖ୍ରୀ: ଅ:)
ରଘୁନାଥ ଭଞ୍ଜ (୧୭୨୮ରୁ ୧୭୫୦ ଖ୍ରୀ: ଅ.)

ଜଗତେଶ୍ୱରଭଞ୍ଜ
ବଖେଶ୍ୱର ଭଞ୍ଜ

ମହାରାଜା ବୀରଭଦ୍ରେଶ୍ୱର ଭଞ୍ଜ (ଅଲିବର୍ଦ୍ଦି ଖାଁଙ୍କ ସହିତ ଯୁଦ୍ଧ ଓ ୧୭୪୧ ଖ୍ରୀ·ରେ ମୃତ୍ୟୁ)
ମହାରାଜା ଚକ୍ରଧର ଭଞ୍ଜ (୧୭୫୦-୧୭୬୦ ଖ୍ରୀ: ଅ:)
ମହାରାଜା ଦାମୋଦର ଭଞ୍ଜ (୧୭୬୦-୧୭୬୧ ଖ୍ରୀ: ଅ)
ମହାରାଜେଶ୍ୱରୀ ସୁମିତ୍ରା ଦେବୀ ଭଞ୍ଜ (୧୭୬୧-୧୮୧୦ ଖ୍ରୀ ଅ)

ପୂର୍ବେ ଆଲୋଚନା କରାଯାଇଛି ଯେ, ମୟୂରଭଞ୍ଜର ମଧ୍ୟଯୁଗୀୟ ଭଞ୍ଜ ରାଜତ୍ୱର ଇତିହାସ ଅନ୍ଧାରେଚ୍ଛନ୍ନ । ତାମ୍ରପତ୍ର ଶାସନଗୁଡ଼ିକରୁ ମିଳିଥିବା ଏହି ଯୁଗର ସମସ୍ତ ରାଜାଙ୍କର ନାମ, ରାଜତ୍ୱ ଓ କାର୍ଯ୍ୟକଳାପର ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିବା ସମ୍ଭବ ହୋଇନାହିଁ । ଏ ଯୁଗର ଇତିହାସ ଲେଖିବା ପାଇଁ ଉପଯୁକ୍ତ ଐତିହାସିକ ଉପାଦାନର ଅଭାବ ଏ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଏହି ମଧ୍ୟଯୁଗର ଶେଷ ରାଜା ଓ ମହାରାଜା ଜଗନ୍ନାଥ ଭଞ୍ଜ ଦେବଙ୍କ ମଧ୍ୟରେ ଅନେକ ରାଜା ହୁଏତ ରାଜପଣ କରିଥିବେ । ସେମାନଙ୍କର ଏକ ଐତିହାସିକ ତାଲିକା ପ୍ରଦାନ କରିବା ସମ୍ଭବ ନୁହେଁ ।

ମହାରାଜା ଜଗନ୍ନାଥ ଭଞ୍ଜ ଦେବ :

ଡକ୍ଟର ଯଜ୍ଞ କୁମାର ସାହୁଙ୍କ ମତରେ ପୂର୍ବକାଳରେ ମୟୂରଭଞ୍ଜ ଓ କେଉଁଝର ମିଶି ଗୋଟିଏ ରାଜ୍ୟ ଥିଲା ଏବଂ ଏହା ଖିଜିଙ୍ଗମଣ୍ଡଳ ନାମରେ ଅଭିହିତ ଥିଲା । ଏଥିରେ ଭଞ୍ଜ ବଂଶର ଏକ ଶାଖା ରାଜତ୍ୱ କରୁଥିଲେ । ଏହି ରାଜ୍ୟର ରାଜଧାନୀ ଖିଜିଙ୍ଗକୋଟ ୧୫୬୮ ଖ୍ରୀ· ଅ:ରେ ଫିରୋଜ କାଳାପାହାଡ଼ଙ୍କ ଓଡ଼ିଶା ଆକ୍ରମଣ ସମୟରେ ଧ୍ୱଂସପ୍ରାପ୍ତ ହେଲା ଏବଂ ଫଳରେ ଖିଜିଙ୍ଗ ମଣ୍ଡଳର ପତନ ହେଲା । ଏହାର ଅଳ୍ପକାଳ ପରେ ବୈତରଣୀ ନଦୀର ଦୁଇପାର୍ଶ୍ୱରେ ଭଞ୍ଜ ବଂଶର ଦୁଇଜଣ ରାଜା ଦୁଇଟି ସ୍ୱତନ୍ତ୍ର ଓ ସ୍ୱାଧୀନ ରାଜ୍ୟ ସ୍ଥାପନ କଲେ । ଏହି ରାଜ୍ୟଦ୍ୱୟ ଯଥାକ୍ରମେ ମୟୂରଭଞ୍ଜ ଓ କେଉଁଝର

Digitized by srujanika@gmail.com

ନାମରେ ଅବହୃତ ହେଲା [୩] । ମୟୂରଭଞ୍ଜ ରାଜ୍ୟର ଉତ୍ପତ୍ତି ହେବାପରେ ଖିଚିଂ ହିଁ ମୟୂରଭଞ୍ଜର ପ୍ରଥମ ରାଜଧାନୀ ଥିଲା । ତାହା କାହାଙ୍କ ଦ୍ୱାରା କେବେ ଓ କପରି ଭାବରେ ପରିବର୍ତ୍ତିତ ହେଲା ତାହା ଠିକ୍ ଭାବରେ କହିବା ସମ୍ଭବ ନୁହେଁ । 'ବଂଶାନୁଚରିତ' ପୋଥିରୁ ଜଣାଯାଏ ଯେ ଜଗନ୍ନାଥ ଭଞ୍ଜ ଓଡ଼ିଶାର ଗଜପତି ରାଜାଙ୍କ କନ୍ୟାଙ୍କୁ ବିବାହକରି ଯୌତୁକ ସ୍ୱରୂପ ବାରିପଦା ଦଣ୍ଡପାଟ ଲାଭ କରିଥିଲେ । ଏଥିରୁ ସୂଚିତ ହୁଏ ଯେ ଜଗନ୍ନାଥ ଭଞ୍ଜ ନୂତନ ଭଞ୍ଜ ରାଜ ବଂଶର ପ୍ରକୃତ ପ୍ରତିଷ୍ଠାତା । [୩] "ସେ ସମ୍ଭବତଃ ୧୫୧୫/୨୦ରୁ ୧୫୪୦ ଖ୍ରୀ ଅ· ଯାଏ ରାଜତ୍ୱ କରିଥିଲେ । 'ବଂଶାନୁଚରିତ'ର କିମ୍ବଦନ୍ତୀ ବିଶ୍ୱାସଯୋଗ୍ୟ ବୋଲି ମନେହୁଏ ! କାରଣ ସେଥିରେ ଥିବା ବଂଶ ତାଲିକା ଓ ଯାଜପୁରରୁ (ପଣ୍ଡାମାନଙ୍କଠାରୁ) ମିଳିଥିବା ବଂଶତାଲିକା ଦ୍ୱାରା ସମର୍ଥିତ ହୁଏ । [୪] ବଂଶାନୁଚରିତର କିମ୍ବଦନ୍ତୀ ଏମିତିରେ ବର୍ଣ୍ଣନା କରାଗଲା ।

ଜଗନ୍ନାଥ ଭଞ୍ଜ ଆଦିଭଞ୍ଜଙ୍କ ପରବର୍ତ୍ତୀ ରାଜା । ଖିଚିଂର ବାରୁଳୀ ଭଞ୍ଜଙ୍କ ପୁଅ ଓ ରାମଚନ୍ଦ୍ର ଭଞ୍ଜଙ୍କ ନାତି । ବାଣୁଳୀ (ବାରୁଳୀ) ଭଂଜଙ୍କର ଦୁଇଜଣ ରାଣୀ ଥିଲେ । ପାଟ ମହାରାଣୀ ପ୍ରଖ୍ୟାତନାମା ଗଙ୍ଗ ବଂଶର ରାଜଜେମା ଓ ସାନ ମହାରାଣୀ ସୁପ୍ରସିଦ୍ଧ କଦମ୍ବ ବଂଶର ରାଜଜେମା ।

ଦୈବଯୋଗରୁ ଦୁଇ ମହାରାଣୀ ଦୁଇ ପୁଅ ସନ୍ତାନର ଜନନୀ ହେଲେ । ଏକାଦିନରେ ପୁତ୍ରଦ୍ୱୟ ଜନ୍ମହେଲେ । ସାନ ମହାରାଣୀଙ୍କ ପୁଅ ବିଶ୍ୱନାଥ ଭଞ୍ଜ ଆଗ ଜନ୍ମହେଲେ ଓ ବଡ଼ରାଣୀଙ୍କ ପୁଅ ଜଗନ୍ନାଥ ଭଞ୍ଜ ତାପରେ ଜନ୍ମହେଲେ । ଦୁଇଟି ପୁଅ କେତେ ଦଣ୍ଡର ବଡ଼ସାନ । ରାଜା ବଡ଼ ଅଡ଼ୁଆରେ ପଡ଼ିଲେ । ତାଙ୍କ ଆଗରେ ଏହା ହେଲା ଏକ ବଡ଼ ସମସ୍ୟା । ବହୁ ବିଚାର ବିମର୍ଶ ପରେ ଏ ସମସ୍ୟା ସମାଧାନ ହେଲା । ସ୍ଥିର ହେଲା—ସାନରାଣୀଙ୍କ ପୁଅ ବିଶ୍ୱନାଥ ବୟସରେ ବଡ଼, ତେଣୁ ତାଙ୍କୁ 'ବଡ଼ କୁଅଁର' ପଦବୀ ଦିଆଗଲା । ପୁନଶ୍ଚ ବଡ଼ ରାଣୀଙ୍କ ପୁଅ ବୟସରେ ସାନ ; ତେଣୁ ତାଙ୍କୁ 'ଟୀକାୟତ' ପଦବୀ ଦିଆଗଲା । ସମୟର ଚକ ଗଡ଼ିଚାଲିଲା । ପୁଅମାନେ ବଡ଼ ହେଲେ । ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଲା । ତାହା ଦେଖି ରାଜା ବଡ଼ କୁଅଁର ହସ୍ତରେ ରାଜ୍ୟଭାର ଅର୍ପଣ କରି ଟୀକାୟତ ଜଗନ୍ନାଥ ଓ ମହାରାଣୀଙ୍କୁ ସଙ୍ଗରେ ଧରି ତୀର୍ଥବାସ କରିବା ପାଇଁ ପୁରୀ ଯାତ୍ରାକଲେ ।

ପୁରୀ ତୀର୍ଥରେ ଅବସ୍ଥାନ କାଳରେ ପାଟରାଣୀଙ୍କ ଦେହାନ୍ତ ହୋଇଗଲା । ଟୀକାୟତ ଜଗନ୍ନାଥ ଭଞ୍ଜ ପୁରୀର ଗଜପତି ରାଜା ପ୍ରତାପରୁଦ୍ର ଦେବଙ୍କଠାରୁ ନାନା ଭାବରେ ଆଦର ଅଭ୍ୟର୍ଥନା ପାଇଥିଲେ । ଗଜପତି ଜଗନ୍ନାଥଙ୍କ ଶୌର୍ଯ୍ୟ, ବୀର୍ଯ୍ୟ, ସୌନ୍ଦର୍ଯ୍ୟ ଓ ବ୍ୟବହାରରେ ମୁଗ୍ଧ ହୋଇ ତାଙ୍କୁ କନ୍ୟାଦାନ କଲେ ଏବଂ ହିଅ-ଜ୍ୱାଇଁ ପାଇଁ ବାରିପଦା ଦଣ୍ଡପାଟ ଯୌତୁକ ରୂପେ ଦାନ କଲେ [୫] ।

Digitized by srujanika@gmail.com

ଜଗନ୍ନାଥ ଭଞ୍ଜ ପୁରୀରୁ ଫେରି ବାରିପଦା ଗଡ଼ ନିର୍ମାଣ କଲେ । କେନ୍ଦୁଝର ଗଡ଼ ନିର୍ମାଣରେ ହେଟାବାଘ ଓ ଶୃଗାଳ ଉପାଖ୍ୟାନ ଅଛି । ସେହିପରି ବାରିପଦା ଗଡ଼ ନିର୍ମାଣରେ ଏକ ଅନୁରୂପ ଉପାଖ୍ୟାନ ଅଛି ।

ତାନକର ଘଟଣା । ମହାରାଜା ଜଗନ୍ନାଥ ଭଞ୍ଜ ମୃଗୟା ପାଇଁ ବାହାରିଛନ୍ତି ରାଜ ଉଆସରୁ । ସାଥିରେ ସୈନ୍ୟସାମନ୍ତ, ରାଜକର୍ମଚାରୀଙ୍କ ସମାବେଶ । ରାଜା ଛିଡ଼ା ହୋଇଗଲେ । ତାଙ୍କ ଦୃଷ୍ଟିରେ ପଡ଼ିଲା ଏକ ଅନୁପମ ଦୃଶ୍ୟ । ଦୁଇଟି ପକ୍ଷୀ ଯୁଦ୍ଧରତ । ଗୋଟିଏ ବଗ ଓ ଅନ୍ୟଟି ସାମଲ (ଛଞ୍ଚାଣ) । ବଗଟି ଛଞ୍ଚାଣକୁ ମାଡ଼ିବସିଲା । ଦେଖୁ ଦେଖୁ ତାକୁ ଶେଷ କରିଦେଲା । ରାଜା ଭାବିଲେ ଏହି ସ୍ଥାନର କିଛି ନା କିଛି ମହିମା ଅଛି । ତେଣୁ ସେଠାରେ ସେ ଏକ ଗଡ଼ ନିର୍ମାଣ କଲେ । ସେହି ଗଡ଼ର ନାମ ହେଲା—'ବଗ ସାମଲ ଗଡ଼' । ବଗ ସାମଲ ଗଡ଼ ନିର୍ମାଣର ଏତାଦୃଶ କଥା ମୟୂରଭଞ୍ଜ ଇତିହାସ ଲେଖକ ତାଙ୍କ ପୁସ୍ତକରେ ଲିପିବଦ୍ଧ କରି ଅଛନ୍ତି [୭] । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ପ୍ରଦତ୍ତ ଭଞ୍ଜ ବଂଶାବଳୀ [୭] ଓ ଶୈଳେନ୍ଦ୍ର ନାଥ ସରକାରଙ୍କ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଜୀବନୀ ପୁସ୍ତକରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଏ । ଅମ୍ବିକା ମନ୍ଦିର ପଛପଟ ବଗ ସାମଲ ଗଡ଼ ଗଡ଼ଖାଇ, ଗଡ଼ ପୁଷ୍କରିଣୀ ମହାରାଜା ସର୍ବାଇ ଭଞ୍ଜଙ୍କ କୀର୍ତ୍ତି ବୋଲି ତହିଁରେ ଉଲ୍ଲେଖ ହୋଇଛି । ମହାରାଜା ସର୍ବାଇ ଭଞ୍ଜଙ୍କ ପରବର୍ତ୍ତୀ ରାଜା ହେଉଛନ୍ତି ଜଗନ୍ନାଥ ଭଞ୍ଜ । ତେଣୁ ବଗ ସାମଲ ଘଟଣାଟି ସର୍ବାଇ ଭଞ୍ଜଙ୍କ ସମୟରେ ଘଟିଥାଇପାରେ କିମ୍ବା ଗଡ଼ଟିର ଭିତ୍ତି ପ୍ରସ୍ତର ଉପରେ କିମ୍ବା ଭଗ୍ନ ଗଡ଼ ଉପରେ ଜଗନ୍ନାଥ ଭଞ୍ଜ ପୁନଃ ନିର୍ମାଣ କରିବା ପୂର୍ବରୁ ଏ ଘଟଣାଟି ଘଟିଥାଇପାରେ ।

ସେ ଯାହା ହେଉ, ଟୀକାସ୍ୱତ ଜଗନ୍ନାଥ ଭଞ୍ଜ ଗଜପତିଙ୍କଠାରୁ ଯୌତୁକ ପାଇଥିବା ବାରିପଦାରେ ଗଡ଼ ନିର୍ମାଣ କରିବାର ଜାଣି ବଡ଼କୁଅଁର ବିଶ୍ୱନାଥ ଭଞ୍ଜଙ୍କ ମନରେ ସ୍ୱବାନ୍ତର ଜାତହେଲା । ସେ ପିତାଙ୍କ ଆଦେଶକୁ ସମ୍ମାନ ଦେଖାଇବା ପାଇଁ ସାଇ ଜଗନ୍ନାଥ ଭଞ୍ଜଙ୍କୁ ରାଜ୍ୟଭାର ଅର୍ପଣ କଲେ ଏବଂ ନିଜେ ଜମିଦାର ଭାବରେ ରବୁଆଁ ଗ୍ରାମରେ ବସବାସ କଲେ । ତାଙ୍କ ବଂଶଧରମାନେ ଏବେ ମଧ୍ୟ ରବୁଆଁ ଗ୍ରାମରେ ବାସ କରୁଥିବାର ଦେଖାଯାଆନ୍ତି । ବାରିପଦା ଦଣ୍ଡପାଟ ତଥା ମାଦଳାପାଂଜି ଓ ଆଇନ୍-ଆକବରୀ ପୁସ୍ତକରେ ଉଲ୍ଲେଖ ଅଛି ।

ପୁରୀର ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ କନ୍ୟାଙ୍କୁ ମହାରାଜା ଜଗନ୍ନାଥଭଞ୍ଜ ବିବାହ କରିବାରୁ ଗଜପତି ରାଜଜେମା ମୟୂରଭଞ୍ଜର ମହାରାଣୀ ହୋଇଥିଲେ । ଶ୍ରୀ ନଗେନ୍ଦ୍ରନାଥ ବସୁଙ୍କ ପୁସ୍ତକରେ କିମ୍ବଦନ୍ତୀଟି ସୁନ୍ଦର ଭାବରେ ପ୍ରକାଶିତ । ଶ୍ରୀଯୁକ୍ତ ବସୁ ତାଙ୍କ ପୁସ୍ତକରେ ଲେଖିଛନ୍ତି "ଗଜପତି ମହାରାଜା ପ୍ରତାପରୁଦ୍ରଦେବ

Digitized by srujanika@gmail.com

ଶ୍ରୀଚୈତନ୍ୟଙ୍କର ଶିଷ୍ୟ ଓ ପରମଭକ୍ତ ଥିଲେ । ଶ୍ରୀ ଚୈତନ୍ୟଙ୍କ ଅନୁପସ୍ଥିତିରେ ଗୁରୁ ସେବାରେ ବ୍ୟାଘାତ ପଡ଼ିବା ଜାଣି ଗଜପତି ମହାରାଜା ତାଙ୍କ ଜୀବିତାବସ୍ଥାରେ ନିମ୍ବ କାଠରେ ତାଙ୍କ ପ୍ରତିମୂର୍ତ୍ତି ଗଠନ କରିଥିଲେ [୯] । ଏତଦ୍ବ୍ୟତୀତ ସେ ସ୍ୱତନ୍ତ୍ର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିର ପୂଜା ଉପାସନା କରୁଥିଲେ । ଚୈତନ୍ୟଙ୍କ ମୂର୍ତ୍ତିକୁ ମଧ୍ୟ ନିଜ ପାଖରେ ରଖି ସଦାସର୍ବଦା ପୂଜାର୍ଚ୍ଚନା କରୁଥିଲେ । ସେତେବେଳେ ବୃନ୍ଦାବନ ଯାତ୍ରାବେଳେ ମୟୂରଭଞ୍ଜ ଉପରଦେଇ ଯିବାଛଡ଼ା ଅନ୍ୟବାଟ ନଥିଲା । ତେଣୁ ଗଜପତି ପ୍ରତାପରୁଦ୍ର ଦେବ ବୃନ୍ଦାବନ ଯାତ୍ରାବେଳେ ମୟୂରଭଞ୍ଜ ଦେଇ ଯାଇଥିଲେ । ବାଟରେ ରାମଚନ୍ଦ୍ରପୁରଠାରେ ସେ ଅସୁସ୍ଥ ହେବାରୁ ତାଙ୍କ ଜୀବନ ସଙ୍କଟାପନ୍ନ ହେଲା । ତେଣୁ ତାଙ୍କ ଆରାଧ୍ୟ ଦେବତା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ଶ୍ରୀଚୈତନ୍ୟଙ୍କ ସେବା ପୂଜାର ବନ୍ଦୋବସ୍ତ କରି ସେ ଶେଷ ନିଃଶ୍ୱାସ ତ୍ୟାଗକଲେ । ସେହିଠାରେ ହିଁ ତାଙ୍କର ସମାଧି ମନ୍ଦିର ସ୍ଥାପିତ ହୋଇଥିଲା । ତେଣୁ ତାଙ୍କ ନାମର ସ୍ମୃତିରକ୍ଷା ପାଇଁ ରାମଚନ୍ଦ୍ରପୁର ଗ୍ରାମଟି ପ୍ରତାପପୁର ନାମରେ ନାମିତ ହେଲା [୯] । ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଷଡ଼ଙ୍ଗୀ କହନ୍ତି—"ଦରବାର ବେଳେ ମୟୂରଭଞ୍ଜ ରାଜ ସିଂହାସନ ନିକଟରେ ଏକ ଶୂନ୍ୟ ସିଂହାସନ ସଜ୍ଜିତ ହୋଇଥାଏ । ଜନଶ୍ରୁତି ଅଛି ଯେ ଉତ୍ତରାଧିକାରୀ ରାଜା ଅନୁପସ୍ଥିତ ହେଲେ ଅନ୍ୟ ରାଜପୁତ୍ର ସିଂହାସନରେ ବସି ରାଜକାର୍ଯ୍ୟ ଚଳାଉଥିଲେ । ପୂର୍ବୋକ୍ତ ଘଟଣାରୁ ଜଣା ଯାଉଛି ଯେ ଟୀକାୟତ ଜଗନ୍ନାଥ ଭଞ୍ଜଦେବ ପିତାଙ୍କ ସହିତ ତୀର୍ଥଯାତ୍ରା କରିବାକୁ ଯାଇଥିବାରୁ ବଡ଼କୁଅଁର ବୈଦ୍ୟନାଥ ଭଞ୍ଜଦେବ ରାଜାହୋଇ ଥିଲେ । ଯାହାହେଉ ରାଜ ଦୁଇଜଣଙ୍କ ମଧ୍ୟରେ ପରସ୍ପର ସ୍ନେହଭକ୍ତି ଲାଗି ଏପରି ଶୂନ୍ୟ ଗାଦିର ଯେ ସୃଷ୍ଟି ଏହା ନିଃସନ୍ଦେହ । ଏହାର ସ୍ରଷ୍ଟା ଟୀକାୟତ ଜଗନ୍ନାଥ ଭଞ୍ଜ କି ବଡ଼କୁଅଁର ବୈଦ୍ୟନାଥଭଞ୍ଜ ତାହା ଠିକ୍ ଭାବରେ ସ୍ଥିର କରିବା କଷ୍ଟକର [୧୦] ।

ଏ ମହାରାଜା ନିକଟ ନୟାଗ୍ରାମ ରାଜ୍ୟ ଆକ୍ରମଣ କରିଥିଲେ । ସେ ଜମିଦାର ହାଜର ହୋଇ ବିନୀତ ଭାବରେ ଶରଣଭିକ୍ଷା ମାଗିବାରୁ ତାଙ୍କ ରାଜ୍ୟ ଅନୁଗ୍ରହ ପୂର୍ବକ ହରତାମ; କୁଅରବୃନ୍ଦ ଆଦି କେତେକ ଗ୍ରାମ ତାଙ୍କୁ ଫେରାଇ ଦେଇଥିଲେ । ମହାରାଜା ଜଗନ୍ନାଥ ଭଞ୍ଜ ଜଣଙ୍କ ଦୂରଦର୍ଶୀ ଓ ପ୍ରଜାରଞ୍ଜକ ଶାସକ ଥିଲେ । ନୀଳକଣ୍ଠ ଭଞ୍ଜ ଏହାଙ୍କ ପୁତ୍ର ।

ମହାରାଜା ନୀଳକଣ୍ଠ ଭଞ୍ଜଦେବ :

ମହାରାଜା ଜଗନ୍ନାଥ ଭଞ୍ଜଙ୍କ ପରେ ତାଙ୍କ ପୁତ୍ର ନୀଳକଣ୍ଠ 'ଭଞ୍ଜ ରାଜଛତ୍ର ଧାରଣ କରିଥିଲେ । ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ମତରେ ସେ ସମ୍ଭବତଃ ୧୫୬୦ରୁ ୧୫୭୫ ଖ୍ରୀ ଅ. ଯାଏ ରାଜତ୍ୱ କରିଥିଲେ । ସେ ଜଣେ ଯୋଦ୍ଧା, ମହାପ୍ରତାପୀ ଓ ବଳଶାଳୀ ନରପତି ଥିଲେ । ତାଙ୍କର ଦୁଇପୁତ୍ର ଥିଲେ । ଟୀକାୟତ ବୈଦ୍ୟନାଥ ଓ

Digitized by srujanika@gmail.com

ଅନ୍ୟ ଦୁଇଜଣ ଛୋଟରାୟ ନାମରେ ନାମିତ ହୋଇଥିଲେ । ତିନିଜଣ ପୁତ୍ରଯାକ ତାଙ୍କୁ ରାଜକାର୍ଯ୍ୟରେ ସହାୟତା ପ୍ରଦାନ କରୁଥିଲେ । ତାଙ୍କର ରାଜଧାନୀ ହରିପୁର ଥିଲା । ରସିକଦେବ ଗୋସ୍ୱାମୀ ତାଙ୍କ ପୁତ୍ରମାନଙ୍କୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରାଇଥିଲେ [୧୧]

ନୀଳକଣ୍ଠ ଭଞ୍ଜଙ୍କର ଜଣେ ସାନଭାଇ ଥିଲେ । ସେ ଓଡ଼ିଶା ଇତିହାସରେ ରଘୁଭଞ୍ଜ ଛୋଟରାୟ ନାମରେ ବିଦିତ । ଖ୍ରୀ: ଅ ୧୫୪୦-୪୧ରେ ଗଜପତି ମହାରାଜା ପ୍ରତାପରୁଦ୍ର ଇହଲୀଳା ସମ୍ବରଣ କଲେ । ଏହାର ସୁଯୋଗ ନେଇ ଗୋବିନ୍ଦ ବିଦ୍ୟାଧର ଗଜପତିଙ୍କର ପୁତ୍ରମାନଙ୍କୁ ହତ୍ୟାକରି ଗଜପତି ରୂପେ ଓଡ଼ିଶାର ରାଜସିଂହାସନ ଆରୋହଣ କଲେ । ଏହି ସମୟରେ ପ୍ରାୟ ଦଶବର୍ଷ କାଳ ଦେଶରେ ଅରାଜକତା ବିରାଜମାନ କଲା । ଗୋବିନ୍ଦ ବିଦ୍ୟାଧର ପରେ ବିରାଟ ଶତ୍ରୁ ରୂପେ ଦଣ୍ଡାୟମାନ ହେଲେ ରଘୁଭଞ୍ଜ ଛୋଟରାୟ । ମୟୂରଭଞ୍ଜ ଇତିହାସରୁ ଜଣାଯାଏ ଯେ ରଘୁଭଞ୍ଜ ପ୍ରତାପରୁଦ୍ରଙ୍କର ନାତି ଥିଲେ ଏବଂ ମାମୁଁ ବଂଶରେ କେହି ଉତ୍ତରାଧିକାରୀ ନଥିବା ହେତୁ ସେ ଓଡ଼ିଶାର ସିଂହାସନ ଦାବୀ କଲେ । ଏଥିପାଇଁ ତାଙ୍କୁ ଗୋବିନ୍ଦ ବିଦ୍ୟାଧର ଓ ବାରବାଟି ଦୁର୍ଗ ରକ୍ଷଣାବେକ୍ଷଣରେ ଥିବା ମୁକୁନ୍ଦଦେବଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିଥିଲା । ଓଡ଼ିଶା ଅଧିକାର ପାଇଁ ସେ ମଧ୍ୟ ବଙ୍ଗଦେଶର ମୁସଲମାନଙ୍କର ସହାୟତା ନେଇଥିଲେ । ଶେଷରେ ସେ ମୁକୁନ୍ଦଦେବଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ ଏବଂ ମୁକୁନ୍ଦଦେବଙ୍କ ମୃତ୍ୟୁ-ପରେ ସେ କାରାମୁକ୍ତ ହୋଇ ଗଜପତି ଆସନ ଅଧିକାର କରିଥିଲେ । ମାତ୍ର ତାଙ୍କର ଏହି ସୌଭାଗ୍ୟ ବେଶୀ ଦିନ ରହିନଥିଲା । କେତୋଟି ମାସ ରାଜ ସିଂହାସନରେ ବସିବା ପରେ ଯବନଙ୍କ କଳାପାହାଡ଼ଙ୍କ ସହିତ ଯୁଦ୍ଧକରି ଶେଷ ନିଶ୍ୱାସ ତ୍ୟାଗକଲେ ।

ମହାରାଜା ବୈଦ୍ୟନାଥ ଭଞ୍ଜଦେବ

ନୀଳକଣ୍ଠ ଭଞ୍ଜଙ୍କ ପୁତ୍ର ବୈଦ୍ୟନାଥ ଭଞ୍ଜ ଷୋଡ଼ଶ ଶତକର ଶେଷ ପାଦ ତଥା ସପ୍ତଦଶ ଶତକର ପ୍ରଥମ ପାଦରେ ଦୀର୍ଘକାଳ ରାଜତ୍ୱ କରିଥିଲେ ବୋଲି ଜଣାଯାଏ । ସେ ଖୋର୍ଦ୍ଧାର ପ୍ରଥମ ଗଜପତି ରାମଚନ୍ଦ୍ର ଦେବଙ୍କର ସମସାମୟିକ ଥିଲେ । [୧୨]"

ଭଞ୍ଜ ରାଜଧାନୀ ହରିପୁରର ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଗାତ୍ରରେ ଲେଖାଅଛି—

× ।। × ×

ଭଞ୍ଜେନ ବୈଦ୍ୟନାଥେନ,
ପ୍ରାସାଦସ୍ତୁ କୃତେ ମୁଦା ।।

Digitized by srujanika@gmail.com

ଏଣୁ ଜଣାଯାଏ ବାରିପଦା ଜଗନ୍ନାଥ ମନ୍ଦିର ମହାରାଜା ବୈଦ୍ୟନାଥ ଭଞ୍ଜଦେବଙ୍କ ଅମର କୀର୍ତ୍ତି । ସେ ଏହି ମନ୍ଦିର ନିର୍ମାଣ କରି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତିନି ଦେବଙ୍କୁ ପ୍ରତିଷ୍ଠା କରିଥିଲେ । ଏହି ମନ୍ଦିର ତୋଳା ବିଷୟରେ କିମ୍ବଦନ୍ତୀ ଅଛି । ଏକଦା ମହାରାଜା ଶ୍ରୀ କ୍ଷେତ୍ରକୁ ଯାଇ ଜଗନ୍ନାଥ ଦର୍ଶନ କଲେ । ପୁରୀ ମନ୍ଦିର ଭଳି ଏକ ମନ୍ଦିର ତୋଳାଇ ସେଠାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ପୂଜା କରିବା ପାଇଁ ତାଙ୍କର ଗଭୀର ଆଶା ଜାତହେଲା । ସେ ପରମ ବିଷ୍ଣୁଭକ୍ତ ଥିଲେ । ଫଳରେ ତାଙ୍କର ଉକ୍ତବୋଲା ଆଶା ରୂପ ନେଲା । ସେ ମନ୍ଦିର ତୋଳାଇ ସେଥିରେ ଠାକୁର ପ୍ରତିଷ୍ଠା କଲେ । ଏହା ଓଡ଼ିଶାର ଦ୍ୱିତୀୟ ଜଗନ୍ନାଥ ମନ୍ଦିର ରୂପେ ବିଦିତ ହେଲା । କେତେକଙ୍କ ମତରେ ଗଜପତି ରାଜାଙ୍କ ଦ୍ୱାରା ପ୍ରେରିତ ହୋଇ ୧୫୭୫ ଖ୍ରୀ ଅ ରେ ଏହି ମନ୍ଦିର ତୋଳାଇଥିଲେ ।

ସେ ଜଣେ ପ୍ରଜା ରଞ୍ଜକ ନରପତି ଥିଲେ । ତାଙ୍କ ସମୟରେ ରାଜ୍ୟରେ ଶାନ୍ତି ଶୃଙ୍ଖଳା ବିରାଜମାନ କରୁଥିଲା । ପ୍ରଜାମାନେ ସୁଖଶାନ୍ତିରେ ଜୀବନଯାପନ କରୁଥିଲେ । ସେ ଯେପରି ଆଦର୍ଶ ନିଷ୍ଠାପର, ନମ୍ରୀତା, ସୁଶାସକ ସେହିପରି ଭକ୍ତପ୍ରାଣ ଓ ସୌନ୍ଦର୍ଯ୍ୟ-ପ୍ରିୟ ନରପତି ଥିଲେ । ବାରିପଦା ସହରକୁ ଏକ ସୌନ୍ଦର୍ଯ୍ୟମୟ ସହର ରୂପେ ଗଢ଼ି ତୋଳିବାରେ ତାଙ୍କର ମହତ ଅବଦାନ ଅସ୍ୱୀକାର କରିହେବନାହିଁ । ବାରିପଦାର ଜଗନ୍ନାଥ ମନ୍ଦିର ଭଳି, ରସିକରାୟ ଓ ରାଧାମୋହନ ମନ୍ଦିର ତାଙ୍କର ଅବିସ୍ମରଣୀୟ କୀର୍ତ୍ତି । ବୈଦ୍ୟନାଥ ଭଞ୍ଜ ପରମ ବୈଷ୍ଣବ ଥିଲେ । ସେ ସ୍ୱାମୀ ରସିକାନନ୍ଦଙ୍କ ପ୍ରିୟ ଶିଷ୍ୟ ଓ ପୃଷ୍ଠପୋଷକ ଥିଲେ । ତେଣୁ ଗୁରୁ ରସିକାନନ୍ଦ ଦେବଗୋସ୍ୱାମୀଙ୍କ ପାଇଁ ସୁବର୍ଣ୍ଣରେଖା ନଦୀର ସୁରମ୍ୟ କୂଳରେ, ଗୋପୀ ବଲ୍ଲଭପୁର ଠାରେ ଏକ ମନୋରମ ମଠ ନିର୍ମାଣ କରିଥିଲେ । କଥିତ ଅଛି ଯେ ସେ ପୁରୀ ଓ କନୌଜରୁ ବ୍ରାହ୍ମଣମାନଙ୍କୁ ଆଣି ହରିହର ପୁର ନିକଟରେ ଏକ ବ୍ରାହ୍ମଣ ଶାସନ ବସାଇବା ସଙ୍ଗେ ସଙ୍ଗେ ମନ୍ଦିରର ଦେବାଦେବୀଙ୍କ ପୂଜାର୍ଚ୍ଚନାର ବ୍ୟବସ୍ଥା କରିଥିଲେ । ରସିକ ମଙ୍ଗଳ ନାମକ ଗ୍ରନ୍ଥରୁ ବୈଦ୍ୟନାଥଙ୍କ ସମୟର ବହୁ ଘଟଣା ଜଣାପଡ଼େ ।

ବୈଦ୍ୟନାଥ ଭଞ୍ଜ ଜଣେ ଧର୍ମପ୍ରାଣ, ସାହିତ୍ୟ ଓ ସଂସ୍କୃତିପ୍ରେମୀ ନରପତି ଥିଲେ । ସେ ନିଜେ ପଣ୍ଡିତ ଥିଲେ ଏବଂ ଗୁଣୀ ଓ ପଣ୍ଡିତମାନଙ୍କ ଗହଣରେ ରହିବାକୁ ସୁଖ ପାଉଥିଲେ । ତାଙ୍କ ରାଜସଭା ପଣ୍ଡିତ ଓ ବିଦ୍ୱାନମାନଙ୍କ ଦ୍ୱାରା ଅଳଂକୃତ ହେଉଥିଲା । ସେମାନେ ବେଦ, ଭାଗବତାଦି ଧର୍ମଗ୍ରନ୍ଥ ଚର୍ଚ୍ଚା କରୁଥିଲେ ।

ସେତେବେଳେ ଓଡ଼ିଶାରେ ଯବନମାନେ ରାଜପଣ କରୁଥିଲେ । ଏହି ସମୟରେ ଆହମ୍ମଦ ବେଗ ନାମକ ଏକ ଯବନର ଆକ୍ରମଣରେ ଓଡ଼ିଶା ଧ୍ୱସ୍ତ ବିଧ୍ୱସ୍ତ ହୋଇ-

Digitized by srujanika@gmail.com

ଗଲା । ପୋଡ଼ାଳଲା ଓ ଲୁଣ୍ଠନଗ୍ରନର ବର୍ତ୍ତୀଭାରେ ହଜଲ ଭୂମି ଶ୍ରୀହୀନ ହୋଇ ପଡ଼ିଲା ।

ମହାରଜା ବୈଦ୍ୟନାଥ ଭଞ୍ଜ ଖ୍ରୀ: ଅ: ୧୬୩୦ ପୂର୍ବରୁ ଦେହତ୍ୟାଗ କରିଥିଲେ । ମହାରାଜା ହରିହର ଭଞ୍ଜ ତାଙ୍କର ପୁତ୍ର ।

ମହାରାଜା ହରିହର ଭଂଜ ଦେବ

ବୈଦ୍ୟନାଥ ଭଞ୍ଜଙ୍କ ପରେ ତାଙ୍କ ପୁତ୍ର ରାଜା ହରିହର ଭଞ୍ଜ ପ୍ରାୟ ୧୬୩୦ ଖ୍ରୀ·ଅ:ରେ ହରିହର ପୁର ଠାରେ ନୂତନ ରାଜଧାନୀ ସ୍ଥାପନ କରିଥିଲେ । ଏହାପରେ ହରିହରପୁର (ବାରିପଦାର ୧୦ ମାଇଲ୍ ଦକ୍ଷିଣ ପୂର୍ବରେ ଅବସ୍ଥିତ ଅଧୁନାତ ହରିପୁର) ବହୁଦିନ ପର୍ଯ୍ୟନ୍ତ ମୟୂରଭଞ୍ଜର ରାଜଧାନୀ ହୋଇରହିଥିଲା । ନସ୍ୟାବସାଣ ପୋଥିରେ ବର୍ଣ୍ଣିତ ଅଛି ଯେ ହରିହର ଭଞ୍ଜ ୧୩୨୨ ଶକାବ୍ଦ ବା ୧୪୦୦ ଖ୍ରୀ. ଅ:ରେ ହରିହରପୁର ସ୍ଥାପନ କରିଥିଲେ । ମାତ୍ର ଐତିହାସିକ ଦୃଷ୍ଟିକୋଣରୁ ଏହି ଗ୍ରନ୍ଥରେ ପ୍ରଦତ୍ତ ଶକାବ୍ଦ ଭୁଲ ବୋଲି ପ୍ରମାଣିତ ହୁଏ । ହରିହର ଭଞ୍ଜ ସପ୍ତଦଶ ଶତକର ଦ୍ୱିତୀୟ ପାଦରେ ରାଜତ୍ୱ କରୁଥିବା କଥା ବଂଶାନୁଚରିତ ତଥା ଦରବାର-ବିବରଣୀରେ ସ୍ପଷ୍ଟ ସୂଚିତ ହୋଇଛି [୧୩] । ମାତ୍ର ଡ଼ଃ ନବୀନ କୁମାର ସାହୁ ଓ ଅନ୍ୟ ଐତିହାସିକମାନେ ମତ ଦିଅନ୍ତି ଯେ ଏହି ନୂତନ ରାଜଧାନୀର ପ୍ରତିଷ୍ଠାତା ଥିଲେ ହରିକୃଷ୍ଣ ଭଞ୍ଜ । ସେ ୧୪୬୪ରୁ ୧୪୯୧ ଖ୍ରୀ: ଅ: ଯାଏ ରାଜତ୍ୱ କରିଥିଲେ । [୧୪]

ଗବେଷକମାନେ କହନ୍ତି ଯେ, ନବମ ଶତାବ୍ଦୀଠାରୁ ମୟୂରଭଞ୍ଜର ଭଞ୍ଜ ରାଜାମାନଙ୍କ ରାଜଧାନୀ ଖିଜିଙ୍ଗକୋଟରେ ଅବସ୍ଥିତ ଥିଲା । ୧୩୬୧ ଖ୍ରୀ.ଅ.ରେ ଦିଲ୍ଲୀ ବାଦଶାହା ଫିରୋଜ ତୋଗଲକ ଓଡ଼ିଶା ଆକ୍ରମଣ କଲେ । ଭଞ୍ଜ ରାଜଧାନୀ ଧନ ଜନ ସୌନ୍ଦର୍ଯ୍ୟପୂର୍ଣ୍ଣ ମନ୍ଦିର ମାଳିନୀ ଖିଜିଙ୍ଗକୋଟ ଉପରେ ଯବନ ରାଜାଙ୍କ ଲୋଲୁପ ଦୃଷ୍ଟି ପଡ଼ିଲା । ଯବନ ଆକ୍ରମଣରେ ସୌନ୍ଦର୍ଯ୍ୟମୟୀ ନଗରୀ ଧ୍ୱସ୍ତବିଧ୍ୱସ୍ତ ଓ ଶ୍ରୀହୀନ ହୋଇଗଲା । ବହୁ ମଠ, ମନ୍ଦିର, ଚୈତ୍ୟ ଆଦି ଧୂଳିରେ ମିଶିଗଲା । ଧନରତ୍ନାଦି ଲୁଣ୍ଠିତ ହେଲା । ଫଳରେ ଭଞ୍ଜ ନରପତି ପ୍ରମାଦ ଗଣିଲେ । ରାଜଧାନୀ ପରିବର୍ତ୍ତନ କରିବାର ସ୍ଥିର କଲେ । ମହିଷାମର୍ଦ୍ଦିନୀ (ଗଡ଼ଚଣ୍ଡୀ) ଠାକୁରାଣୀ ହରିପୁର ଗଡ଼ ମଧ୍ୟରେ ଅବସ୍ଥିତ । ତାହା କଟକରେ କଟାସିନୀ ଠାକୁରାଣୀ ନାମ ବହନ୍ତି [୧୫] । ଏଣୁତକ ମହାରାଜା ହରିହର ଭଞ୍ଜଙ୍କ କୀର୍ତ୍ତି ବୋଲି ଅନୁମାନ କରାଯାଏ ।

ସେତେବେଳେ ଏ ରାଜ୍ୟ ବଣ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । କେତୋଟିଏ ସ୍ଥାନରେ ବଣ ଜଙ୍ଗଲ କାଟି ସଫା କରାଗଲା । ସେହିଠାରେ ଗଢ଼ି ଉଠିଲା ଏକ ସୁରମ୍ୟ ପ୍ରାସାଦ ମାଳିନୀ ରାଜପ୍ରାସାଦ ଓ ରାଜଧାନୀ । ବଣ କଟାଯାଇ ଏହି ଗଡ଼ ବା

Digitized by srujanika@gmail.com

ରାଜଜଆସ ଉଆର ହୋଇଥିବାରୁ ଏହାର ନାମ ରହିଲା ନଣଙ୍କାଟି ଗଡ଼ । ରାଜା ଏହି ନଗରକୁ ସୁଦୃଢ଼ ଓ ସୁରକ୍ଷା କରିଥିଲେ । ସମ୍ପ୍ରତି ଜନ ମୁଖରେ ଏହା ହରିପୁର ନାମରେ ଖ୍ୟାତ, ପରବର୍ତ୍ତୀ ସମୟରେ ବାରିପଦାକୁ ରାଜଧାନୀ ପରିବର୍ତ୍ତିତ ହୋଇଥିଲା । ଏଥିରେ ରହିଥିବା ଗଡ଼ ଓ ମନ୍ଦିର ଗୁଡ଼ିକର ଭଗ୍ନାବଶେଷ ବର୍ତ୍ତମାନ ସୁଦ୍ଧା ଦେଖିବାକୁ ମିଳେ । ହରିହର ଭଞ୍ଜ ଜଣେ ପ୍ରତାପୀ ରାଜା ଥିଲେ । ପ୍ରଜାମାନେ ଏହାଙ୍କୁ ଭୟ କରୁଥିଲେ । ଏହାଙ୍କ ରାଜତ୍ୱ ସମୟରେ ପରଦ୍ରବ୍ୟ ହରଣାପରାଧରେ ଦୋଷୀମାନଙ୍କ ଶିରଚ୍ଛେଦ କରାଯାଉଥିଲା [୧୬] । ତେଣୁ ରାଜ୍ୟରେ ଶୃଙ୍ଖଳା ବିରାଜମାନ କରୁଥିଲା ।

ମହାରାଜା କୃଷ୍ଣ ଭଞ୍ଜଦେବ :

ମହାରାଜା ହରିହର ଭଞ୍ଜଙ୍କ ଶାସନର ଅବସାନ ପରେ ତାଙ୍କ ପୁତ୍ର ମହାରାଜା କୃଷ୍ଣଭଞ୍ଜ ମୟୂରଭଞ୍ଜ ସିଂହାସନ ଆରୋହଣ କରିଥିଲେ । ହରିହର ଭଞ୍ଜ ୧୬୩୦ ଖ୍ରୀ. ଅ ରେ ନୂତନ ରାଜଧାନୀ ପ୍ରତିଷ୍ଠା କରିବା ପରେ ପ୍ରାୟ ୧୭୫ ବର୍ଷକାଳ ହରିହରପୁର ଭଞ୍ଜ ରାଜାମାନଙ୍କର ରାଜଧାନୀ ହୋଇ ରହିଥିଲା । ଊନବିଂଶ ଶତକର ପ୍ରାରମ୍ଭରେ ମହାରାଜେଶ୍ୱରୀ ସୁମିତ୍ରା ଦେବୀ ବାରିପଦା ସହରକୁ ରାଜଧାନୀ ଉଠାଇ ନେଇଥିଲେ । ହରିହର ଭଞ୍ଜଙ୍କ ପରେ କୃଷ୍ଣ ଭଞ୍ଜ ହରିହରପୁରରେ ୧୬୬୦ ଖ୍ରୀ: ଅ: ପର୍ଯ୍ୟନ୍ତ ରାଜୁତି କରିଥିଲେ । ମୋଗଲ ସମ୍ରାଟ ଶାହାଜାହାନ (୧୬୫୭ ଖ୍ରୀ: ଅ: ପୂର୍ବରୁ) ରାଜୁତି କରୁଥିବା ସମୟରେ ମହାରାଜା କୃଷ୍ଣ ଭଞ୍ଜ ମୟୂରଭଞ୍ଜରେ ରାଜତ୍ୱ କରୁଥିଲେ ।

ଏକ ତଚ ଅଭିଲେଖରେ କୃଷ୍ଣଚନ୍ଦ୍ର ଭଞ୍ଜଙ୍କୁ ଜଣେ ମହାନ ଶକ୍ତିଶାଳୀ ରାଜା ରୂପେ ବର୍ଣ୍ଣନା କରାଯାଇଛି । ଏହି ରାଜାଙ୍କର ଏକହଜାର ଅଶ୍ୱ ଓ ଦଶରୁ ବାରହଜାର ପଦାତିକ ଥିଲେ । ରାଜ୍ୟର ସବୁ ଜମିଦାର ତାଙ୍କର ପୂର୍ଣ୍ଣ ଅନୁଚର ଥିଲେ । "ଷ୍ଟାରଲିଂଙ୍କ ବିବରଣୀ ଅନୁସାରେ ସେ ସମୟରେ ମୟୂରଭଞ୍ଜ ଅଧୀନରେ ୧୨ଟି ଜମିଦାରୀ ଓ ୪୨ଟି କିଲ୍ଲା ବା ଦୁର୍ଗ ଥିଲା । ସେତେବେଳେ ମୟୂରଭଞ୍ଜ ମେଦିନୀ-ପୁରଠାରୁ ଉତ୍କଳ ଯାଏ ଏକ ବିଶାଳ ରାଜ୍ୟ ଥିଲା । ହରିହରପୁର ରାଜଧାନୀ ଥିଲା ।

୧୬୫୭ ଖ୍ରୀ: ଅ:ରେ ମୋଗଲ ବାଦଶାହ ଶାହାଜାହାନ ଗୁରୁତର ଭାବେ ପୀଡ଼ିତ ଥିଲେ । ଏହି ସୁଯୋଗରେ କୃଷ୍ଣଭଞ୍ଜ ଭଦ୍ରଖରୁ ମେଦିନୀପୁର ପର୍ଯ୍ୟନ୍ତ ରାଜ୍ୟ ଲୁଣ୍ଠନ କରି ମୋଗଲ ଶାସନର ମୂଳଦୁଆ ଦୋହଲାଇ ଦେଲେ । ମାତ୍ର ଓଡ଼ିଶାର ତତ୍କାଳୀନ ମୋଗଲ ସୁବାଦାର ଇତିମାନ ଖାଁ ବିଦ୍ରୋହ ଦମନ କରି ତା'ର ପ୍ରତିଶୋଧ ସ୍ୱରୂପ ମୟୂରଭଞ୍ଜର ଟୀକାୟତ ତ୍ରିବିକ୍ରମ ଭଞ୍ଜଙ୍କୁ ବନ୍ଦୀକରି ନେଇଗଲେ । ମହାରାଜା ତ୍ରିବିକ୍ରମ ଭଞ୍ଜଙ୍କୁ ମୁକ୍ତ କରିବାର ଅନ୍ୟ ଉପାୟ ନଦେଖି ପାଞ୍ଚଶହ ଟଙ୍କା ଦେଇ ତାଙ୍କୁ ମୁକ୍ତ କରିଥିଲେ ।

“୧୬୭୦ ଖ୍ରୀ.ଅ.ରେ ମୋଗଲ ସମ୍ରାଟ ଆଉରଙ୍ଗଜେବ ଖାଁ-ଇ-ଦୁରାନଙ୍କୁ ଓଡ଼ିଶାର ସୁବାଦାର ରୂପେ ନିଯୁକ୍ତ କରି ଅକ୍ଟୋବର ମାସ ଶେଷ ଭାଗରେ ଓଡ଼ିଶା ପୁନଃ ଦଖଲ ପାଇଁ ପଠାଇଥିଲେ । ଦୁରାନ ଜଙ୍ଗଲ ସିଧା ରାସ୍ତାରେ ଜଳେଶ୍ୱରଠାରେ ଅବସ୍ଥାନ କରିଥିଲେ । ମହାରାଜା କୃଷ୍ଣଭଞ୍ଜ ଦୁରାନଙ୍କୁ ଭେଟିବା ପାଇଁ ଜଳେଶ୍ୱର ଯାଏ ଯାଇଥିଲେ । ନରସିଂହପୁରର ହରଦଣ୍ଡ ଜମିଦାର ଧଳଭୂମ ଅନ୍ତର୍ଗତ ଚନ୍ଦେଶ୍ୱର ଧଳ ଓ ନୀଳଗିରିର ହରିଚନ୍ଦନ ଜମିଦାର ମଧ୍ୟ ତାଙ୍କ ସହିତ ଯାଇଥିଲେ । ଜଳେଶ୍ୱରଠାରେ ଦୁରାନଙ୍କ ସହିତ ସାକ୍ଷାତ ହେଲା । ଦୁରାନ ଓ ମହାରାଜଙ୍କ ମଧ୍ୟରେ ରାଜନୈତିକ ଆଲୋଚନା ବେଳେ ବଚସା ହୋଇ ଖଣ୍ଡଯୁଦ୍ଧର ସୂତ୍ରପାତ ହେଲା । ଦୁରାନ କୌଶଳରେ ମହାରାଜା କୃଷ୍ଣଭଞ୍ଜଙ୍କୁ ହତ୍ୟା କଲେ । ତାଙ୍କ ସହିତ ଯାଇଥିବା ଜମିଦାରମାନେ ଭୟଭୀତ ହୋଇ ଦୁରାନଙ୍କ ଶରଣ ପଶିଲେ । ତାପରେ କୃଷ୍ଣଭଞ୍ଜଙ୍କ ପୁତ୍ର ଯୁବରାଜ ତ୍ରି-ବିକ୍ରମ ଭଞ୍ଜ ତାଙ୍କ ପିତୃବ୍ୟ ଜୟଭଞ୍ଜଙ୍କ ସହିତ ଯାଇ ରେମୁଣାଠାରେ ଦୁରାନଙ୍କୁ ସାକ୍ଷାତକରି ଆତ୍ମସମର୍ପଣ କଲେ । ଦୁରାନ ମଧ୍ୟ ତ୍ରି-ବିକ୍ରମ ଭଞ୍ଜଙ୍କୁ ମୋଗଲମାନଙ୍କ ସାମନ୍ତ ରୂପେ ମସ୍ତକରେ ତିଳକ ପିନ୍ଧାଇ ମୟୂରଭଞ୍ଜ ରାଜପଦବୀ ପ୍ରଦାନ କଲେ । ଫଳରେ ତ୍ରି-ବିକ୍ରମ ଭଞ୍ଜ ୧୬୭୦ରୁ ୧୬୮୮ ଖ୍ରୀ.ଅ. ପର୍ଯ୍ୟନ୍ତ ଶାନ୍ତିରେ ରାଜ୍ୟ ଶାସନ କଲେ ।

“ରସିକ ମଙ୍ଗଳ” ଗ୍ରନ୍ଥରୁ କୃଷ୍ଣ ଭଞ୍ଜଙ୍କ ଅମଳର କାର୍ଯ୍ୟକଳାପମାନ ଜଣାପଡ଼େ । ମହାରାଜା କୃଷ୍ଣ ଭଞ୍ଜ ଶ୍ୟାମାନନ୍ଦଙ୍କୁ ପୂଜା କରୁଥିଲେ । ରାଜ୍ୟଯାକର ପ୍ରଜାମାନେ କୃଷ୍ଣ ପୂଜା ଓ ମହୋତ୍ସବ କରୁଥିଲେ । ସେ ଜଣେ ପରମ ଧାର୍ମିକ ରାଜା ରୂପେ ପରିଚିତ ହୋଇଥିଲେ [୧୮]” ।

ତତ୍କାଳୀନ ଉତ୍ତର ଓଡ଼ିଶାରେ ତାଙ୍କପରି ପ୍ରତାପଶାଳୀ ରାଜା ନଥିଲେ । ଯଦି କେହି ଥିଲେ ତାହା ତାଙ୍କ ସାମନ୍ତ ରାଜା ଥିଲେ । ତାଙ୍କ ପ୍ରତାପରେ ଅନ୍ୟ ରାଜାମାନେ ଭୟରେ ଥରହର ହୋଇ କଙ୍କର ଭଳି ଚଳୁଥିଲେ ।

ସେ ମଧ୍ୟ ଜଣେ ଆଦର୍ଶ ନିର୍ମାତା ଥିବାର ଜଣାଯାଏ । ରସିକରାଜ (ଲକ୍ଷ୍ମୀ ନାରାୟଣ) ମନ୍ଦିର ତାଙ୍କ ଦ୍ୱାରା ନିର୍ମିତ ହୋଇଥିବାର ଅନୁମାନ କରାଯାଏ । [୧୯]

ମହାରାଜା ତ୍ରି-ବିକ୍ରମ ଭଂଜଦେବ

ମହାରାଜା ତ୍ରି-ବିକ୍ରମ ଭଞ୍ଜ କୃଷ୍ଣଭଞ୍ଜଙ୍କ ମୃତ୍ୟୁ ପରେ ୧୬୭୦ ଖ୍ରୀ:ଅ.ରୁ ୧୬୮୮ ଖ୍ରୀ.ଅ. ଯାଏ ରାଜୁତି କରିଥିଲେ । କୃଷ୍ଣଭଞ୍ଜ ମୋଗଲ ସୁବାଦାରଙ୍କ ସହିତ ସଂଘର୍ଷ ପ୍ରସଙ୍ଗରେ ତ୍ରି-ବିକ୍ରମଙ୍କ ରାଜସିଂହାସନ ଲାଭ କଥା ଆଲୋଚନା କରାଯାଇଛି । ସେ ୧୮ ବର୍ଷ କାଳ ରାଜତ୍ୱ କରିଥିଲେ । ସେ ଜଣେ ଦାନୀ ଓ ଜ୍ଞାନୀ ନୃପତି ଥିଲେ ।

Digitized by srujanika@gmail.com

ସେ ଦେଶସ୍ଥ ପୁରୀର ଗୋସ୍ୱାମୀ ବଂଶକୁ ଗୋଟିଏ ସନନ୍ଦ ଦାନ କରିଥିଲେ ବୋଲି ଶ୍ରୀ ଶ୍ୟାମସୁନ୍ଦର ଷଡ଼ଙ୍ଗୀ ତାଙ୍କ ମୟୂରଭଞ୍ଜ ଇତିହାସରେ ଉଲ୍ଲେଖ କରିଛନ୍ତି । ସେ ଜଣେ ଉଚ୍ଚ ସାରସ୍ୱତ ସାଧକ ଥିଲେ । ତାଙ୍କ ରଚିତ ଉଚ୍ଚକୋଟୀର ପ୍ରାଚୀନ ଓଡ଼ିଆ କାବ୍ୟ, 'କନକଲତା'. ତାଙ୍କୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅମର କରିଛି ।

ମହାରାଜା ତ୍ରିବିକ୍ରମ ଭଞ୍ଜ ଦେବଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜର ଉତ୍କୃଷ୍ଟ ଟସର ଦେଶ ବିଦେଶରେ ଏପରିକି ବିଲାତରେ ମଧ୍ୟ ସୁନାମ ଅର୍ଜ୍ଜନ କରିଥିଲା । ମୟୂରଭଞ୍ଜର ଟସର ନିମିତ୍ତ ଇଷ୍ଟ ଇଣ୍ଡିଆ କମ୍ପାନି ବାଲେଶ୍ୱରରେ କଳକାରଖାନାମାନ ବସାଇଥିଲେ । ଏକଥା ବାର୍ଡର ସାହେବ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଲେଖି ଅଛନ୍ତି ।

ମହାରାଜା ତ୍ରିବିକ୍ରମ ଭଞ୍ଜଙ୍କର ତିନିପୁତ୍ର ଥିଲେ । ଯଥା—ଟୀକାୟତ ସର୍ବେଶ୍ୱର ଭଞ୍ଜଦେବ, ଛୋଟରାୟ ଜଗଦେଶ୍ୱର ଭଞ୍ଜଦେବ ଓ ରାଉତରାୟ ଦଳପେଶ୍ୱର ଭଞ୍ଜଦେବ ।

ମହାରାଜା ସର୍ବେଶ୍ୱର ଭଂଜଦେବ

ମହାରାଜା ତ୍ରି-ବିକ୍ରମ ଭଞ୍ଜଦେବଙ୍କ ପରେ ମହାରାଜା ସର୍ବେଶ୍ୱର ଭଞ୍ଜଦେବ ସିଂହାସନ ଆରୋହଣ କରିଥିଲେ । ସେ ୧୬୮୮ରୁ ୧୭୧୧ ଖ୍ରୀ.ଅ. ଯାଏ ରାଜ୍ୟଶାସନ କରିଥିଲେ । ସେ ସିଂହାସନ ଆରୋହଣ କଲାବେଳେ ବ୍ରାହ୍ମଣମାନଙ୍କୁ ଜମିଦାନ କରିଥିଲେ । ସେ ମଧ୍ୟ ଅନେକଙ୍କୁ ସନନ୍ଦ ଦାନ କରିଥିବାର ଜଣାଯାଏ । ସେ ପରମ ବୈଷ୍ଣବ ଥିଲେ । ସେ ସିଂହାସନ ଆରୋହଣ କରିବାର ଅଳ୍ପଦିନ ପରେ ରାଧାମୋହନ ମନ୍ଦିର ପ୍ରତିଷ୍ଠା କରିଥିଲେ ।

ତତ୍କାଳୀନ ଓଡ଼ିଶାକୁ ତିନୋଟି ସରକାରରେ ବିଭକ୍ତ କରାଯାଇଥିଲା । ମୋଗଲ ସମ୍ରାଟ ଆଉରଙ୍ଗଜେବ ତାହାକୁ ୧୨ଟି ସରକାରରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ସରକାରରୁ କରଦ ରାଜାମାନଙ୍କ ଠାରୁ କର ଆଦାୟ କରାଯାଉଥିଲା । ସେତେବେଳର ମୋଗଲ ସରକାରଙ୍କୁ ଦିଆଯାଉଥିବା କରରୁ ଜଣାପଡ଼େ ଯେ ସେତେବେଳେ ଆୟତନରେ ଖୋର୍ଦ୍ଧା ପ୍ରଥମ ଓ ମୟୂରଭଞ୍ଜ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ।

ମହାରାଜା ସର୍ବେଶ୍ୱର ଭଞ୍ଜଙ୍କ ପୁତ୍ର ବୀର ବିକ୍ରମାଦିତ୍ୟ ଭଞ୍ଜଦେବ ।

ମହାରାଜା ବୀର ବିକ୍ରମାଦିତ୍ୟ ଭଂଜଦେବ

ପିତାଙ୍କ ଅନ୍ତେ ବୀର ବିକ୍ରମାଦିତ୍ୟ ଭଞ୍ଜଦେବ ୧୭୧୧ରୁ ୧୭୨୮ ଖ୍ରୀ·ଅ: ଯାଏ ରାଜତ୍ୱ କରିଥିଲେ । ସେ ଜଣେ ଦାନଶୀଳ ରାଜା ଥିଲେ । ସେ ରାଜା ହେବା ପରେ

Digitized by srujanika@gmail.com

ବ୍ରାହ୍ମଣମାନଙ୍କୁ ବ୍ରହ୍ମୋତ୍ତର ଜମି ଦାନ କରିଥିଲେ । ସେ ମୋଗଲ ବାଦଶାହଙ୍କ ପାଖରୁ ଗୋଟିଏ ନୂତନ ଫରମାନ ଲାଭ କରିଥିଲେ ।

"ଏହାଙ୍କର ଦୁଇଟି ସହୋଦର ଭାଇ ଥିଲେ । ରାମନାଥ ଓ ସୋମନାଥ ଭଞ୍ଜଦେବ । ଏମାନେ ମହାରାଜାଙ୍କ ଅଧୀନରେ ପ୍ରିୟ ପାତ୍ର ହୋଇ ରହିଥିଲେ । ଅଳ୍ପ ବୟସରେ ରାମନାଥ ଭଞ୍ଜଦେବଙ୍କର ଦେହାନ୍ତ ହୋଇଥିଲା । କାଳକ୍ରମେ ସୋମନାଥ ଭଞ୍ଜଦେବ ରାହୁତରାୟଙ୍କ ପୁତ୍ର ଦଶରଥ ଭଞ୍ଜଦେବ ନୀଳଗିରିର ବିଲୁପ୍ତ ରାଜବଂଶର ସ୍ଥାନାଧିପତି ରୂପେ ରାଜସନନ୍ଦ ଗ୍ରହଣ କରିଥିଲେ ।

କଥିତ ଅଛି ମହାରାଜା ବୀର ବିକ୍ରମାଦିତ୍ୟ ଭଞ୍ଜଦେବ ଧଳଭୂମ ଆକ୍ରମଣ ଉଦ୍ଦେଶ୍ୟରେ ସୈନ୍ୟ ସୁସଜ୍ଜିତ କରି ବାମନଘାଟୀ ଅନ୍ତର୍ଗତ ହଳଦୀପୋଖରୀ ପୀଢ଼ରେ ପ୍ରବେଶ କଲେ । ଏ ସମ୍ବାଦ ଶୁଣି ଧଳଭୂମ ରାଜା ସ୍ତ୍ରୀବେଶ ଧାରଣ କରି ମହାରାଜାଙ୍କଠାରେ ଉପସ୍ଥିତ ହେଲେ । ଫଳରେ ମହାରାଜା ସଦୟ ହୋଇ ସେ ରାଜ୍ୟରେ ହସ୍ତକ୍ଷେପ କଲେନାହିଁ । ଅଧିକନ୍ତୁ ହଳଦୀ ପୋଖରୀ ପୀଢ଼ ତାଙ୍କୁ ପ୍ରଦାନ କରିଥିଲେ [୨୦] ।" ଏହାଙ୍କ ପୁତ୍ର ରଘୁନାଥ ଭଞ୍ଜଦେବ ।

ମହାରାଜା ରଘୁନାଥ ଭଞ୍ଜଦେବ

"ଉତ୍କଳ ମଧ୍ୟ ଦେଶର ହରିହରପୁର ବର
ମଧ୍ୟରେ ଅଦ୍ଭୁତଶ୍ୱର ସେ ଭଂଜବର ଏ ।
କୃଷ୍ଣଭଂଜ ନୃପନାମ ତାଙ୍କ ପୁତ୍ର ତ୍ରିବିକ୍ରମ
ପରାକ୍ରମେ ତ୍ରିବିକ୍ରମ ସେ ଅନୁପମ ଏ ।
ତାଙ୍କ ସୁତ ସର୍ବେଶ୍ୱର ବିଷ୍ଣୁଭକ୍ତ ମଧ୍ୟେ ସାର
ସେ ବୀର ବିକ୍ରମ ତାତ ତାହାଙ୍କ ସୁତ ଏ ।
ଗୁରୁ ଅଙ୍ଗଦେ ଶୋଭିତ କାଳକାନ୍ତ ପୂଜିତ
ସତ୍ୟସ୍ମାରେ ସଂଯୁତ ଅତି ରଞ୍ଜିତ ଏ ।
ରାମକୃଷ୍ଣ ପଦଦଂଜ ସେବ ରଘୁନାଥ ଭଂଜ
ନୃପଚ୍ଛନ୍ଦ ସପ୍ତଦଶ କଲେକ ଶେଷ ଏ [୨୧] ।"

'ରସ ଲହରୀ' କାବ୍ୟର ଉପସଂହାରରେ ନିଜ ବଂଶ ପରିଚୟ ଦେଇ ସେହି ରସିକ କବି ଭଞ୍ଜ ଧିପତି ଏ କବିତା ରଚନା କରିଥିଲେ ସେ ହେଉଛନ୍ତି ମହାରାଜା ରଘୁନାଥ ଭଂଜଦେବ ।

ଏହି କବିତାରୁ ସୂଚିତ ହୁଏ ଯେ ମହାରାଜା କୃଷ୍ଣଭଂଜଦେବ ତଥା ସର୍ବେଶ୍ୱର ଭଂଜଦେବଙ୍କ ପୁତ୍ର ବୀର ବିକ୍ରମାଦିତ୍ୟ ଭଞ୍ଜଦେବ ଓ ବିକ୍ରମାଦିତ୍ୟଙ୍କ ପୁତ୍ର ମହାରାଜା

Digitized by srujanika@gmail.com

ରଘନାଥ ଭଞ୍ଜଦେବ । ଏଥିରୁ ମଧ୍ୟ ଅନୁମିତ ହୁଏ ଯେ, ରଘୁନାଥ ଭଞ୍ଜଙ୍କ ସମୟରେ ହରିହରପୁର ମୟୂରଭଂଜର ରାଜଧାନୀ ଥିଲା ।

ସେ ତାଙ୍କ ପିତାଙ୍କ ମୃତ୍ୟୁପରେ ୭ ମାସ ମାତ୍ର ବୟସରେ ସିଂହାସନରେ ବସିଥିଲେ । ତେଣୁ ତାଙ୍କ ଗୋସେଇଁମା ତାଙ୍କ ତରଫରୁ ରାଜ୍ୟ ଶାସନ ଚଳାଉଥିଲେ । ସେ ପ୍ରାୟ ୨୨ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରି ୧୭୫୦ ଖ୍ରୀ: ଅ.ରେ ଇହଲୀଳା ସାଙ୍ଗ କରିଥିଲେ ।

ସେ ସମ୍ବଲପୁରର ରାଜାମାନଙ୍କ ସହିତ ଜାତଜମରେ ବିବାହ କରିଥିଲେ । କଥିତ ଅଛି—ସେ ବିବାହ କରି ମୟୂରଭଞ୍ଜ ପ୍ରତ୍ୟାବର୍ତ୍ତନ କାଳରେ ମରହଟ୍ଟାମାନେ ତାଙ୍କ ସହିତ ଗୋଳମାଳ କରିଥିଲେ । ତାଙ୍କ ରାଜତ୍ୱ କାଳରେ ୧୭୪୦ ଖ୍ରୀ. ଅରେ ଏପ୍ରିଲ ମାସରେ ବହାରର ନାଏବ ନାଜିମ ଆଲ୍ଲିବର୍ଦ୍ଦି ଖାଁ ବଙ୍ଗଳାର ନବାବ ସର୍ଫରାଜଙ୍କୁ ହତ୍ୟା କରି ନିଜେ ନାଏବ ପଦବୀରେ ଅଭିଷିକ୍ତ ହେଲେ । ସେହି ସମୟରେ ସର୍ଫରାଜଙ୍କ ଶାଳକ ଦ୍ୱିତୀୟ ମୁର୍ଶିଦକୁଲି ଖାଁ ଓଡ଼ିଶାର ନାଏବ ନାଜିମ ଥିଲେ । ସେ ଆଲ୍ଲିବର୍ଦ୍ଦିଙ୍କ ବଶ୍ୟତା ସ୍ୱୀକାର କଲେ ନାହିଁ ଏବଂ ବଙ୍ଗଳା ବିରୁଦ୍ଧରେ ବିଦ୍ରୋହ କଲେ । ମହାରାଜା ରଘୁନାଥ ଭଞ୍ଜ ବଙ୍ଗ ନବାବଙ୍କ ବଳ ଜାଣି ମଧ୍ୟ ନ୍ୟାୟତଃ ଦୁର୍ବଳ ନାଏବ ନାଜିମ ମୁର୍ଶିଦକୁଲିଙ୍କ ପ୍ରତି ଅନୁରକ୍ତ ଥିଲେ ଏବଂ ଆଲ୍ଲିବର୍ଦ୍ଦିଙ୍କର ଓଡ଼ିଶା ଆକ୍ରମଣ ପ୍ରତିହତ କରିବା ପାଇଁ ସୁବର୍ଣ୍ଣରେଖା ନଦୀ କୂଳରେ ସୈନ୍ୟ ସମାବେଶ କରିଥିଲେ । ମାତ୍ର ସେ ଅଲ୍ଲିବର୍ଦ୍ଦି ଖାଁଙ୍କ ଦ୍ୱାରା ପରାସ୍ତ ହୋଇ ପଳାୟନ କଲେ । ଏହାପରେ ମୁର୍ଶିଦକୁଲି ମଧ୍ୟ ଶୋଚନୀୟ ଭାବରେ ପରାସ୍ତ ହେଲେ । ଅଲ୍ଲିବର୍ଦ୍ଦି ଖାଁ ତାଙ୍କ ଶାଳକ ସୟିଦ୍ ଅହମ୍ମଦଙ୍କୁ ଓଡ଼ିଶାର ନାଏବ ନାଜିମ ରୂପେ ନିଯୁକ୍ତ କରି ମୁର୍ଶିଦାବାଦ ଫେରିଲେ ।

ଅଲ୍ଲିବର୍ଦ୍ଦି ଖାଁଙ୍କ ପ୍ରତ୍ୟାବର୍ତ୍ତନ ପରେ ମୁର୍ଶିଦକୁଲିଙ୍କ ଜାମାତା ବକର ଖାଁ ବିଦ୍ରୋହ କଲେ ଏବଂ ରଘୁନାଥ ଭଞ୍ଜ ନ୍ୟାୟତଃ ତାଙ୍କୁ ସମର୍ଥନ ଜଣାଇଲେ । ଏହି ସମ୍ବାଦ ପାଇ ଆଲ୍ଲିବର୍ଦ୍ଦି ଖାଁ ପୁଣି ଓଡ଼ିଶା ଆକ୍ରମଣ କଲେ । ବକର ଖାଁ ପରାସ୍ତ ହୋଇ ଦକ୍ଷିଣକୁ ପଳାଇଗଲେ । ଏହାପରେ ଅଲ୍ଲିବର୍ଦ୍ଦି ଖାଁ ମହାରାଜା ରଘୁନାଥ ଭଞ୍ଜଙ୍କୁ ଉପଯୁକ୍ତ ଶାସ୍ତି ଦେବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ଆକ୍ରମଣ କଲେ । ଫଳରେ ମହାରାଜା ନିଜ ସମର୍ଥକ ଓ ସମ୍ପତ୍ତିକୁ ନେଇ ବାମନଘାଟୀ ଅଞ୍ଚଳକୁ ପଳାୟନ କଲେ । ସେତେବେଳେ ଏ ଅଞ୍ଚଳ ପାହାଡ଼ ପର୍ବତ ଓ ନିବିଡ଼ ଅରଣ୍ୟରେ ପରିପୂର୍ଣ୍ଣ ଥିଲା । ଯେ କୌଣସି ଶତ୍ରୁ ପାଇଁ ତାହା ଅଭେଦ୍ୟ ଦୁର୍ଗ ଥିଲା । ଏହି ଅଞ୍ଚଳରେ ମହାରାଜା ଆତ୍ମଗୋପନ କଲେ । ତାଙ୍କୁ ଧରିବା ଆଦୌ ସମ୍ଭବପର ହେଲା ନାହିଁ । ଶେଷରେ ନିରୁପାୟ ହୋଇ ଆକ୍ରମଣକାରୀ ଘରଦ୍ୱାର ପୋଡ଼ିଦେଲେ ଏବଂ ନର ରକ୍ତରେ ହୋରି ଖେଳିଲେ । ତାପରେ ଆଲ୍ଲିବର୍ଦ୍ଦି ଖାଁ ହରିପୁରରୁ ମୁର୍ଶିଦାବାଦ ଫେରିଗଲେ ଏବଂ ତତ୍ପରେ ସେ

Digitized by srujanika@gmail.com

ମରହଟ୍ଟାମାନଙ୍କ ସହିତ ବାରମ୍ବାର ଯୁଦ୍ଧରେ ବ୍ୟାପୃତ ରହି ମୟୂରଭଞ୍ଜ ବିରୁଦ୍ଧରେ କୌଣସି ପଦକ୍ଷେପ ନେଇପାରିଲେ ନାହିଁ ।

ସେ ଜଣେ ଧାର୍ମିକ ଓ ଦାନୀ ନରପତି ଥିଲେ । ସେ ସାହିତ୍ୟ ଓ ସଂସ୍କୃତିର ପୃଷ୍ଠପୋଷକ ଥିଲେ । ଏହା ତାଙ୍କ ରସକଲ୍ଲୋଳ କାବ୍ୟରୁ ଜଣାପଡ଼େ ।

କଥିତ ଅଛି, ଶ୍ରୀ ଶ୍ରୀ କଚଟେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ପାର୍ବଣ ପୂଜାର ବଳିଦାନ ସମୟରେ ନୀଳଗିରି ମହାରାଜା ପଣ୍ଡା ପଠାଇ ଥାଆନ୍ତି । ଥରେ ସେ ମହା-ରାଜାଙ୍କର ପରାକ୍ରମ ଜାଣିବା ପାଇଁ ଏକ ଅରଣାଶଙ୍କୁ ପଣ୍ଡା ହିସାବେ ପଠାଇଥିଲେ । ସେହି ପଣ୍ଡାକୁ ଅର୍ଗଳରେ ବାନ୍ଧି ସ୍ୱୟଂ ଏପରି ଭାବରେ ଖଡ଼ଗ ଚାଳନା କଲେ ଯେ ଅର୍ଗଳସହ ପଣ୍ଡାର ଶିରଚ୍ଛେଦନ ହେଲା ଏବଂ ମହାରାଜାଙ୍କ ବାମପାଦ ବୃଦ୍ଧାଙ୍ଗୁଷ୍ଠିରେ ଖଡ଼ଗ ଚ୍ଛେଦ ହେବାରୁ ସେହି ଆଘାତରେ ତାଙ୍କର ଦେହାନ୍ତ ହୋଇଗଲା । ସେହି ଦିନଠାରୁ ମହାରାଜାମାନେ ସ୍ୱୟଂ ବଳିଚ୍ଛେଦନ କରିବାର ନିଷେଧ ହେଲା [୨୦] । ଏ ମହାରାଜା ନିଃସନ୍ତାନ ଥିଲେ ।

ମହାରାଜା ଚକ୍ରଧର ଭଞ୍ଜଦେବ

ମହାରାଜା ରଘୁନାଥ ଭଞ୍ଜଦେବ ନିଃସନ୍ତାନ ଥିବାରୁ ତାଙ୍କ ଅନ୍ତେ ତାଙ୍କ ପିତୃବ୍ୟ ମହାରାଜା ଚକ୍ରଧର ଭଞ୍ଜଦେବ ସିଂହାସନ ଆରୋହଣ କଲେ ସେ ସିଂହାସନରେ ବସିବା ମାତ୍ରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ତାଙ୍କ ରାଜତ୍ୱର ପ୍ରାରମ୍ଭ ବେଳକୁ ଓଡ଼ିଶାରେ ମରହଟ୍ଟାମାନଙ୍କର ଦୌରାତ୍ମ୍ୟ ଆରମ୍ଭ ହୋଇ ଯାଇଥିଲା । ମରହଟ୍ଟା ଓ ମୁସଲମାନ ଶକ୍ତି ମଧ୍ୟରେ ମଧ୍ୟ ସୁସମ୍ପର୍କ ନଥିଲା । ମରହଟ୍ଟାମାନେ ଓଡ଼ିଶାରୁ ଚୌଥ ଆଦାୟ ପାଇଁ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରୁଥିଲେ । ସେତେବେଳେ ଅଲିବର୍ଦ୍ଦି ଖାଁ ମରହଟ୍ଟାମାନଙ୍କୁ ବଙ୍ଗ, ବିହାର ଓ ଓଡ଼ିଶାର ଚୌଥ ଦେବା ପରିବର୍ତ୍ତେ କେବଳ ମେଦିନୀପୁର ଅଞ୍ଚଳ ଛଡ଼ା ଓଡ଼ିଶାକୁ ମରହଟ୍ଟାମାନଙ୍କୁ ଛାଡ଼ି ଦେଇଥିଲେ । ପୁନଶ୍ଚ ବଙ୍ଗର ନବାବ ମିରକାଶିମ ଆଲିଖାଁଙ୍କ ସହିତ ଇଂରେଜମାନଙ୍କର ଏକ ସନ୍ଧି ହୋଇଥିଲା (୧୭୬୦, ସେପଟେମ୍ବର ୨୭ ତାରିଖ) ଏହି ସନ୍ଧି ଅନୁସାରେ ମେଦିନୀପୁର ମଧ୍ୟ ଇଂରେଜଙ୍କ ଅଧୀନକୁ ଚାଲିଗଲା ।

ମରହଟ୍ଟାମାନେ ଓଡ଼ିଶା ଅଧିକାର ଓ ପ୍ରଭୁତ୍ୱ ବିସ୍ତାର ପାଇଁ ସର୍ବତ୍ର ଲୁଟ-ତରାଜ ଆରମ୍ଭ କଲେ । ଜୋର ଜବରଦସ୍ତ ଚୌଥ ଆଦାୟ କଲେ । ଏ ପ୍ରକାର ମରହଟ୍ଟା ଆକ୍ରମଣର ଶିକାର ହୋଇ ଓଡ଼ିଶାର ଅନେକ ରାଜା ମରହଟ୍ଟାମାନଙ୍କର ବଶ୍ୟତା ସ୍ୱୀକାର କଲେ । ମାତ୍ର ମୟୂରଭଞ୍ଜର ମହାରାଜା ଚକ୍ରଧର ଭଞ୍ଜ ମରହଟ୍ଟା ଶକ୍ତି ନିକଟରେ ମୁଣ୍ଡ ନୁଆଁଇ ନଥିବେ କିମ୍ବା ସେମାନଙ୍କୁ ଚୌଥ ମଧ୍ୟ ଦେଇନଥିଲେ ।

Digitized by srujanika@gmail.com

ଏହା ମହାରାଜାଙ୍କ ପକ୍ଷେ କମ ଗୌରବର କଥା ନୁହେଁ । ଅବଶ୍ୟ ଏଥିପାଇଁ ମହାରାଜାଙ୍କୁ ସଦାସର୍ବଦା ସତର୍କ ରହିବାକୁ ପଡ଼ୁଥିଲା । ସମୟ ସମୟରେ ମରହଟ୍ଟାମାନେ ଚୌଥ ଆଦାୟ ଛଳରେ ଆସି ଦେଶରେ ଲୁଟତରାଜ ଆରମ୍ଭ କରି ଦେଉଥିଲେ । ଏଥିପାଇଁ ତାଙ୍କୁ ତାଙ୍କ ରାଜତ୍ୱ କାଳଯାକ ମରହଟ୍ଟା ଶତ୍ରୁ ସହିତ ସଂଗ୍ରାମ କରିବାକୁ ପଡ଼ୁଥିଲା । ଫଳରେ ସେ ଶାନ୍ତିରେ ରାଜ୍ୟ ଶାସନ କରି ପାରୁନ ଥିଲେ ।

ମହାରାଜା ରାଜକାର୍ଯ୍ୟରେ ଦକ୍ଷ ଥିଲେ । ସେ ନୟାବସାଣ ଇଲାକାରେ କେଟଟାଠାରେ ଗୋଟିଏ ଗଡ଼ ନିର୍ମାଣ କରିଥିଲେ ବୋଲି ଉକ୍ତ ରାଜବଂଶାବଳୀରୁ ଜଣାଯାଏ'[୨୩] ।" ସେ ୧୭୫୦ ଖ୍ରୀ:ଅରୁ ୧୭୬୧ଯାଏ ରାଜତ୍ୱ କରିଥିଲେ । ମହାରାଜା ଦାମୋଦର ଭଞ୍ଜଦେବ ଏହାଙ୍କ ପୁତ୍ର ।

ମହାରାଜା ଦାମୋଦର ଭଞ୍ଜଦେବ

ମହାରାଜା ଚକ୍ରଧର ଭଞ୍ଜଦେବଙ୍କ ଅନ୍ତେ ତାଙ୍କ ପୁତ୍ର ଦାମୋଦର ଭଞ୍ଜଦେବ ସିଂହାସନରେ ବସିଥିଲେ । ସେ ୧୭୬୧ ଖ୍ରୀ:ଅ:ରୁ ୧୭୯୬ ଖ୍ରୀ:ଅ: ଯାଏ ରାଜତ୍ୱ କରିଥିଲେ ।

ତାଙ୍କ ପିତାଙ୍କ ଅମଳରୁହିଁ ମରହଟ୍ଟାମାନଙ୍କର ଦୌରାତ୍ମ୍ୟ ଲାଗି ରହିଥିଲା । ମରହଟ୍ଟାମାନେ ମହାରାଜାଙ୍କ ଠାରୁ ଚୌଥ ଆଦାୟ କରିବାରେ ବିଫଳ ହେବାରୁ ମହାରାଜା ଓ ମରହଟ୍ଟା ଶତ୍ରୁ ମଧ୍ୟରେ କ୍ରମଶଃ ଉଗ୍ରତା ବଢ଼ିବାରେ ଲାଗିଲା ।

୧୭୭୩ ଖ୍ରୀ.ଅ.ରେ ବାଲେଶ୍ୱର ଫଉଜଦାର ରାମ୍ଭର ପଣ୍ଡିତ ଓ ୧୭୭୪ରେ ଓଡ଼ିଶାର ସୁବାଦାର ଶେଓଭଟ୍ଟ ଶାଠେ ମହାରାଜା ଦାମୋଦର ଭଞ୍ଜଙ୍କୁ ବଶ୍ୟତା ସ୍ୱୀକାର କରାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ସୁବାଦାର ଭବାନୀ ପଣ୍ଡିତ ମଧ୍ୟ ମୟୂରଭଞ୍ଜ ଆକ୍ରମଣ କରି କେତୋଟି ଦୁର୍ଗ ଧ୍ୱଂସ କରି ଦେଇଥିଲେ । ୧୭୭୫ରେ ମରହଟ୍ଟାମାନଙ୍କ ସହିତ ମହାରାଜା ଦାମୋଦର ଭଞ୍ଜଙ୍କର ଯୁଦ୍ଧ ହୋଇଥିଲା । ଏଥିରେ ରାଜ୍ୟର ନାହିଁ ନଥିବା କ୍ଷତି ହୋଇଥିଲା । ମରହଟ୍ଟାମାନେ ବାରମ୍ବାର ଲୁଟତରାଜ କରୁଥିଲେ । ପ୍ରଜାମାନେ ବଡ଼ କଷ୍ଟରେ ରହୁଥିଲେ । ମରହଟ୍ଟା ଆକ୍ରମଣ ଯୋଗୁଁ ମହାରାଜା ଗୋଟିଏ ସ୍ଥାନରେ ସ୍ଥାୟୀ ହୋଇ ରହିପାରୁ ନଥିଲେ । ସେ କେତେବେଳେ ହରିପୁର, କେତେବେଳେ ମାଣଢୀ, କେତେବେଳେ କୁସଢ଼ିଆ ଓ ବାମନଘାଟୀ ଆଦି ସ୍ଥାନ ମାନଙ୍କରେ ଅବସ୍ଥାନ କରୁଥିଲେ । ସେତେବେଳେ ମରହଟ୍ଟା ସୈନ୍ୟମାନଙ୍କୁ ପରାଜୟ କରୁଥିଲେ ତ ଆଉ କେତେବେଳେ ନିଜେ ପରାଜିତ ହେଉଥିଲେ ।

Digitized by srujanika@gmail.com

ମହାରାଜାଙ୍କ ପିତୃବ୍ୟ ଦାଶରଥି ଭଞ୍ଜଦେବ କୁଚକ୍ରୀ ଥିଲେ । ୧୭୭୭ଖ୍ରୀ-ଅରେ ଉଭୟଙ୍କ ମଧ୍ୟରେ କଳହ ହୋଇ ଗୃହଯୁଦ୍ଧର ସୂତ୍ରପାତ ହେଲା । ମହାରାଜା ଦାଶରଥି ଭଞ୍ଜଙ୍କୁ ନିଜ ରାଜ୍ୟରୁ ତଡ଼ିଦେଲେ । ସେ ନୀଳଗିରି ପଳାୟନ କଲେ । ସେତେବେଳେ ମୟୂରଭଞ୍ଜର ସେନାଧ୍ୟକ୍ଷ ଜହ୍ନାନ ମହମ୍ମଦ ଆଆନ୍ତି । ସେ ମଧ୍ୟ ମହାରାଜାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ । ଦାଶରଥି ଭଞ୍ଜ ଓ ଜହ୍ନାନ ମହମ୍ମଦ ଉଭୟେ ମିଳିତ ହୋଇ ତତ୍କାଳୀନ ମରହଟ୍ଠା ସୁବାଦାର ଭବାନୀ ପଣ୍ଡିତଙ୍କ ନିକଟକୁ ଗଲେ ଏବଂ ଯୁଦ୍ଧେ ତାଙ୍କୁ ମୟୂରଭଞ୍ଜରୁ ଅଜସ୍ର ଧନ ଦୌଲତ ଦେବେ ବୋଲି ପ୍ରତିଶ୍ରୁତି ଦେଇ ମହାରାଜାଙ୍କ ଉପରେ ଦାଉ ସାଧିବାର ଯୋଜନା କଲେ । ଭବାନୀ ପଣ୍ଡିତ ଏଥିରେ ରାଜିହେଲେ ଏବଂ ଅଜସ୍ର ସୈନ୍ୟ ସାମନ୍ତ ନେଇ ମୟୂରଭଞ୍ଜ ଆକ୍ରମଣ କଲେ । ଫଳରେ ମହାରାଜା ଓ ମରହଟ୍ଠା ସୁବାଦାରଙ୍କ ମଧ୍ୟରେ ଯୁଦ୍ଧ ହେଲା । ପୂର୍ବ ସର୍ତ୍ତ ଅନୁସାରେ ମୟୂରଭଞ୍ଜର ସେନାଧ୍ୟକ୍ଷ ଜହ୍ନାନ ମହମ୍ମଦ ବିଶ୍ୱାସଘାତକତା କରି ମରହଟ୍ଠାଙ୍କ ପକ୍ଷ ଗ୍ରହଣ କଲେ । ମହାରାଜା ଦାମୋଦର ଭଞ୍ଜ ନିରୁପାୟ ହୋଇ ରାଣୀ ଓ ରାଜକୁମାରଙ୍କୁ ନେଇ ବାମନଘାଟୀ ଜଙ୍ଗଲକୁ ପଳାୟନ କଲେ । ପୂର୍ବରୁ ସର୍ତ୍ତ ହୋଇଥିଲା ଯେ ଭବାନୀ ପଣ୍ଡିତ ଦାମୋଦର ଭଞ୍ଜଙ୍କୁ ତଡ଼ିଦେଇ ତାଙ୍କୁ ମୟୂରଭଞ୍ଜର ରାଜା କରାଇଲେ ସେ ତାଙ୍କୁ ବହୁ ଧନରତ୍ନ ଓ ଚୌଥ ଦେବେ । ସେହି ସର୍ତ୍ତ ଅନୁସାରେ ହରିପୁର ରାଜଧାନୀ ଦାଶରଥି ଭଞ୍ଜଙ୍କ ଅଧୀନରେ ରହିଲା ଏବଂ ସେ ନିଜକୁ ମୟୂରଭଞ୍ଜର ମହାରାଜା ବୋଲାଇଲେ । କିନ୍ତୁ ୧୭୭୭ ଖ୍ରୀ.ଅ.ର ଶେଷ ଆଡ଼କୁ ଦାମୋଦର ଭଞ୍ଜ ନିଜ ସମର୍ଥକ ସାମନ୍ତ ରାଜା ଓ ଜମିଦାରମାନଙ୍କ ସାହାଯ୍ୟରେ ଦାଶରଥି ଭଞ୍ଜଙ୍କୁ ପରାଜିତ କରି ସମସ୍ତ ମୟୂରଭଞ୍ଜ ରାଜ୍ୟରେ ନିଜର ଆଧିପତ୍ୟର ପୁନଃ ପ୍ରତିଷ୍ଠା କରିଥିଲେ ।

ଦାମୋଦର ଭଞ୍ଜ ମରହଟ୍ଠା ଆକ୍ରମଣରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ଇଂରେଜ ମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବାରେ ଲାଗିଲେ । ଇଂରେଜମାନେ ମୟୂରଭଞ୍ଜ ରାଜ୍ୟକୁ ଇଂରେଜ ଓ ମରହଟ୍ଠା ସାମ୍ରାଜ୍ୟ ମଧ୍ୟରେ ଏକ ଶକ୍ତିଶାଳୀ ସ୍ୱାଧୀନ ରାଜ୍ୟ ରୂପେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଏହି ସମୟରେ ଇଷ୍ଟଇଣ୍ଡିଆ କମ୍ପାନୀ ଉତ୍ତର ଓଡ଼ିଶାର ଜଙ୍ଗଲ ପ୍ରଗଣା ଗୁଡ଼ିକରେ ବନ୍ଦୋବସ୍ତ ଆରମ୍ଭ କରିଥିଲେ । ମୟୂରଭଞ୍ଜର କେତେକ ଜମିଦାର ଏହି ବନ୍ଦୋବସ୍ତ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ମାତ୍ର ମହାରାଜା ଇଂରେଜମାନଙ୍କର ଏ ବନ୍ଦୋବସ୍ତକୁ ସମର୍ଥନ ଜଣାଇଥିଲେ । ଏତଦ୍‌ବ୍ୟତୀତ ସେ ନସ୍ୟାବସାଣ ଜମିଦାରୀ ନିମିତ୍ତ ଇଂରେଜ ସରକାରଙ୍କ ରାଜସ୍ୱ ଦାବିକୁ ମାନି ନେଇଥିଲେ । ମହାରାଜା ଇଂରେଜମାନଙ୍କୁ ନିଜ ରାଜ୍ୟରେ ସମର୍ଥନ ଦେଲେ ମଧ୍ୟ ନିଜ ପ୍ରଜାଙ୍କର ସ୍ୱାର୍ଥ ରକ୍ଷାରେ କଦାପି ବ୍ୟାଘାତ ସୃଷ୍ଟି କରୁନଥିଲେ । ଇଂରେଜମାନଙ୍କ ବିରୋଧ ସତ୍ତ୍ୱେ ସେ ଅମର୍ଦ୍ଦା ପ୍ରଗଣାକୁ ନିଜ ରାଜ୍ୟରେ ମିଶାଇ ଦେଇଥିଲେ ।

Digitized by srujanika@gmail.com

୧୭୮୫ ଖ୍ରୀ:ଅ:ରେ ମୟୂରଭଞ୍ଜ ରାଜ୍ୟ ପ୍ରତି ଏକ ଦାରୁଣ ବିପଦ ମାଡ଼ି ଆସିଲା । ମରହଟ୍ଟା ସୁବାଦାର ରାଜାରାମ ପଣ୍ଡିତ ମୟୂରଭଞ୍ଜ ଆକ୍ରମଣ କଲେ । ମହାରାଜା ନିରୁପାୟ ହୋଇ ରାଜଧାନୀ ପରିତ୍ୟାଗ କଲେ । ମହାରାଣୀ ଓ ରାଜକେମାଙ୍କୁ ସଙ୍ଗରେ ଧରି ଅରଣ୍ୟକୁ ପଳାୟନ କଲେ ।

ମୟୂରଭଞ୍ଜ ମହାରାଜାମାନେ ଯେପରି ପ୍ରଜାବତ୍ସଳ, ମୟୂରଭଞ୍ଜ ପ୍ରଜାଗଣ ସେହିପରି ରାଜଭକ୍ତ । ରାଜାଙ୍କ ପାଇଁ ସେମାନେ ନିଜର ଜୀବନ ମଧ୍ୟ ଦେଇପାରନ୍ତି । ଏହା ମହାରାଜା ଦାମୋଦର ଭଞ୍ଜଙ୍କ ସମୟରେ ପ୍ରମାଣିତ ହୋଇଥିଲା । କଥିତ ଅଛି ମହାରାଜା ଦାମୋଦର ଭଞ୍ଜଙ୍କର ଉପରୋକ୍ତ ଚରମ ବିପଦ୍‌ବେଳେ ବଣର ସରଳ ଆଦିବାସୀ ପ୍ରଜାଗଣ ରାଜପରିବାରକୁ ସସମ୍ମାନେ ଆଶ୍ରୟ ଦେଇଥିଲେ । ଅଧିକନ୍ତୁ ମଧ୍ୟ ସେମାନେ ଚବିଶ ହଜାର ଟଙ୍କା ଉଠାଇ ମରହଟ୍ଟା ସୁବାଦାର ରାଜାରାମ ପଣ୍ଡିତଙ୍କୁ ଉତ୍କୋଚ ଦେଇଥିଲେ । ଫଳରେ ସେ ଦାମୋଦର ଭଞ୍ଜଙ୍କୁ ରାଜଧାନୀ ଫେରାଇ ଦେଇଥିଲେ ।

୧୭୯୬ ଖ୍ରୀ:ଅ:ରେ ମୟୂରଭଞ୍ଜ ଉପରେ ଅନ୍ୟ ଏକ ମରହଟ୍ଟା ଆକ୍ରମଣ ହୋଇଥିଲା । ମହାରାଜା ଓ ମରହଟ୍ଟାମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ମହାରାଜା ବୀରତ୍ୱର ସହିତ ଲଢ଼ି ଏଥିରେ ବିଜୟଲାଭ କରିଥିଲେ । ଏହା ଥିଲା ତାଙ୍କ ଜୀବନର ଶେଷ ବୀରତ୍ୱପୂର୍ଣ୍ଣ କୃତିତ୍ୱ । ଏହାର ଅଳ୍ପଦିନ ପରେ ୧୭୯୬ ଏପ୍ରିଲ ମାସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ମୋଟୀ ସାହେବଙ୍କ ବିବରଣୀ :

ମୋଟୀ ସାହେବ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଲେଖିଛନ୍ତି ଯେ – ପୂର୍ବେ ନୀଳଗିରି ମୟୂରଭଞ୍ଜ ରାଜ୍ୟ ଅନ୍ତର୍ଗତ ଥିଲା । ମୟୂରଭଞ୍ଜ ରାଜାଙ୍କ ଠାରୁ ରକ୍ଷା ପାଇବା ପାଇଁ ନୀଳଗିରି ରାଜା ମରହଟ୍ଟାମାନଙ୍କୁ ତିରିଶ ହଜାର ଟଙ୍କା କର ଦେଉଥିଲେ । ସମୁଦ୍ର ଠାରୁ ନୀଳଗିରି ପାହାଡ଼ ପର୍ଯ୍ୟନ୍ତ ମଧ୍ୟ ମୟୂରଭଞ୍ଜ ରାଜ୍ୟ ବିସ୍ତୃତ ଥିଲା । ବହିଃଶତ୍ରୁ ଓ ଭରଦ ରାଜାମାନଙ୍କ ଚକ୍ରାନ୍ତରେ ମୟୂରଭଞ୍ଜ ଖଣ୍ଡ ବିଖଣ୍ଡିତ ହେଲା । ପ୍ରଥମେ ପିପିଲି ଓ ପରେ ବାଲେଶ୍ୱର ମୟୂରଭଞ୍ଜରୁ ଅଲଗା ହୋଇଯାଇଥିଲା ।

ମହାରାଜେଶ୍ୱରୀ ସୁମିତ୍ରାଦେବୀ ଭଂଜ

“ଦାମୋଦର ଭଞ୍ଜଙ୍କର ୧୧ ଜଣ ମହାରାଣୀ ଥିଲେ । ତନ୍ମଧ୍ୟରୁ ସୁମିତ୍ରା ଦେବୀ ଓ ଯମୁନା ଦେବୀ ଥିଲେ ପ୍ରଧାନ [୨୪] ।” ସୁମିତ୍ରା ଦେବୀ ଥିଲେ ପାଟରାଣୀ । ପାଟରାଣୀ ସୁମିତ୍ରା ଦେବୀଙ୍କର କୌଣସି ସନ୍ତାନସନ୍ତତି ନଥିଲେ । ମହାରାଣୀ ଯମୁନା ଦେବୀ ଦୁଇଟି ସନ୍ତାନର ଜନନୀ ହୋଇଥିଲେ । ମାତ୍ର ଦୁର୍ଭାଗ୍ୟର କଥା

Digitized by srujanika@gmail.com

ମହାରାଜା ଦାମୋଦର ଭଞ୍ଜଙ୍କ ଜୀବଦ୍ଦଶାରେ ତାଙ୍କ ପୁତ୍ର ଦେହାନ୍ତ ହୋଇ ଯାଇଥିଲା । ତେଣୁ ମହାରାଜା ଦାମୋଦର ଭଞ୍ଜ କେନ୍ଦୁଝରର ଭଞ୍ଜରାଜା ବଳଭଦ୍ର ଭଞ୍ଜଙ୍କ ପୁତ୍ର ତ୍ରିବିକ୍ରମ ଭଞ୍ଜଙ୍କୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରି ତାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ମନୋନୀତ କରିଥିଲେ । ମହାରାଜା ନିଜର ଅନ୍ତିମ ସମୟ ହେବାର ଜାଣି ସେ ତ୍ରିବିକ୍ରମଙ୍କୁ ରାଜଗାଦିରେ ବସାଇବା ପାଇଁ ରାଣୀମାନଙ୍କୁ କହିଯାଇଥିଲେ । ମାତ୍ର ତ୍ରିବିକ୍ରମ ଓ ସୁମିତ୍ରା ଦେବୀଙ୍କ ମଧ୍ୟରେ ସୁସମ୍ପର୍କ ନଥିବାରୁ ରାଜାଙ୍କର ଅନ୍ତିମ ଇଚ୍ଛା ପୂରଣ କରି ନଥିଲେ । ସେ ତ୍ରିବିକ୍ରମଙ୍କୁ ରାଜଗାଦିରେ ବସାଇ ନ ଦେବା ପାଇଁ ମହାରାଣୀ ସୁମିତ୍ରା ଦେବୀ ନିଜେ ରାଜଗାଦିରେ ବସିଲେ । ଏହା ୧୭୯୬ ଖ୍ରୀ.ଅ.ର ଘଟଣା ।

ଏହାପରେ ୧୮୦୦ ଖ୍ରୀ ଅ ରେ ମରହଟ୍ଟା ସ୍ୱେଚ୍ଛାସେ ସୁମିତ୍ରା ଦେବୀଙ୍କ ସିଂହାସନ ଆରୋହଣ ଓ ପ୍ରଶାସନରେ ସମର୍ଥନ ଓ ସ୍ୱୀକୃତି ଜଣାଇଲେ । ଇଂରେଜମାନେ ମଧ୍ୟ ତାଙ୍କୁ ସ୍ୱୀକୃତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ନୟାବସାଣ ଜମିଦାରୀ ଅର୍ପଣ କଲେ । ଏହିପରି ଭାବରେ ସୁମିତ୍ରା ଦେବୀ ମରହଟ୍ଟା ଓ ଇଂରେଜମାନଙ୍କ ସମର୍ଥନ ଓ ସ୍ୱୀକୃତି ଲାଭକରି ନିଜକୁ ଶକ୍ତିଶାଳୀ ସାମ୍ରାଜ୍ଞୀ ରୂପେ ଗଢ଼ି ତୋଳିବାରେ ଲାଗିପଡ଼ିଲେ ।

ଅପର ପକ୍ଷରେ ମୟୂରଭଞ୍ଜର ଜମିଦାରମାନେ ତ୍ରିବିକ୍ରମ ଭଞ୍ଜଙ୍କୁ ସାହାଯ୍ୟ କଲେ । ତାଙ୍କ ସହିତ କେନ୍ଦୁଝରର ରାଜାଙ୍କୁ ମଧ୍ୟ ସାହାଯ୍ୟ, ସହାନୁଭୂତି ଓ ସମର୍ଥନ ଲାଭକରି ସେ ରାଜଧାନୀ ଅଧିକାର କଲେ । ଫଳରେ ମହାରାଣୀ ସୁମିତ୍ରା ଦେବୀଙ୍କ କ୍ଷମତା କେବଳ ନୟାବସାଣ ଜମିଦାରୀ ମଧ୍ୟରେ ସୀମିତ ହୋଇ ରହିଲା ।

୧୮୦୩ରେ ଇଂରେଜ ଓ ମରହଟ୍ଟାମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଏହା ଏଙ୍ଗ୍ଲୋ ମରହଟ୍ଟା ସମର ନାମରେ ଅବହିତ । ଏହି ଯୁଦ୍ଧ ପୂର୍ବରୁ ମୟୂରଭଞ୍ଜର ରାଜନୈତିକ ଅବସ୍ଥା ଏହିପରି ଜଟିଳ ଥିଲା । ଇଂରେଜମାନେ ଯୁଦ୍ଧରେ ସମର୍ଥନ ପାଇବା ପାଇଁ ମହାରାଣୀ ଓ ତ୍ରିବିକ୍ରମ ଭଞ୍ଜଙ୍କ ମଧ୍ୟରେ ଏକ ମିଳାମିଶା କରିବାର ଉଦ୍ୟମ କରିଥିଲେ । ସେତେବେଳେ ଗୋପିବଲ୍ଲଭପୁରର ମହନ୍ତ ବ୍ରଜମୋହନ ଗୋସ୍ୱାମୀ ମୟୂରଭଞ୍ଜର ରାଜଗୁରୁ ଥିଲେ । ତେଣୁ ତାଙ୍କର ପ୍ରଭାବ ଫଳରେ ଏ ମିଳାମିଶା ହୋଇ ପାରିବ ବୋଲି ସମ୍ଭାବନା କରି ଇଂରେଜମାନେ ତାଙ୍କୁ ଏ ଦାୟିତ୍ୱ ଦେଇଥିଲେ । ମାତ୍ର ଗୋସ୍ୱାମୀଜୀ ଏଥିରେ ସଫଳ ହୋଇପାରି ନଥିଲେ । ତେଣୁ ମୟୂରଭଞ୍ଜ ରାଜ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଇଂରେଜମାନେ ଦଳେ ସୈନ୍ୟ ପଠାଇଥିଲେ ।

Digitized by srujanika@gmail.com

୧୮୦୩ରେ ଇଂରେଜ ଓ ମରହଟ୍ଟା ଯୁଦ୍ଧର ଅବସାନ ଘଟିଲା ଏବଂ ଦେବଗାଁ ଚୁକ୍ତି ସାକ୍ଷରିତ ହେଲା । ଏହି ସମୟରେ ସୁମିତ୍ରା ଦେବୀ ରାଜଧାନୀ ହରିହରପୁର ଅଧିକାର କରି ତ୍ରିବିକ୍ରମ ଭଞ୍ଜଙ୍କୁ ବନ୍ଦୀ କଲେ । ଏହାପରେ ଇଂରେଜମାନଙ୍କ ମଧ୍ୟସ୍ଥିରେ ଉଭୟ ପକ୍ଷଙ୍କ ମଧ୍ୟରେ ମିଳାମିଶା ହେଲା । ମହାରାଣୀ ମୟୂରଭଞ୍ଜ ସିଂହାସନ ଲାଭ କଲେ । ତାଙ୍କ ମୃତ୍ୟୁପରେ ତ୍ରିବିକ୍ରମ ଭଞ୍ଜ ମୟୂରଭଞ୍ଜର ରାଜା ହେବାର ସ୍ଥିର ହେଲା । ମହାରାଣୀଙ୍କ ମୃତ୍ୟୁପର୍ଯ୍ୟନ୍ତ ସେ କେଉଁଝରରେ ରହିଲେ ।

ମହାରାଣୀ ସୁମିତ୍ରାଦେବୀ ଇଂରେଜ କିମ୍ବା ମରହଟ୍ଟା କାହାରି ପକ୍ଷ ସମର୍ଥନ ନକରି ସ୍ୱାଧୀନ ଭାବରେ ରାଜ୍ୟ ପରିଚାଳନା କଲେ । ସେ ବଡ଼ ସ୍ୱାଭିମାନିନୀ ଓ ସ୍ୱାଧୀନତା ପ୍ରିୟ ଥିଲେ । ଇଂରେଜମାନେ ନାମକୁ ମାତ୍ର ସେମାନଙ୍କ ସ୍ୱରୂପ ବର୍ଷକୁ ପାଞ୍ଚଟି ମାତ୍ର ସ୍ୱର୍ଣ୍ଣମୁଦ୍ରା ଦାବୀ କରିଥିଲେ । ତାଙ୍କର ସାର୍ବଭୌମତ୍ୱ ନଷ୍ଟ ହୋଇଯିବାର ଜାଣି ଏଥିରେ ରାଜି ହୋଇ ନଥିଲେ । ଅଧିକନ୍ତୁ ପୁରୀ ତୀର୍ଥଯାତ୍ରୀଙ୍କଠାରୁ ଯାତ୍ରୀକର ଆଦାୟ କଲେ । ଇଂରେଜ ସରକାର ମନା କରିବାରୁ ତାଙ୍କ କଥା ଶୁଣିଲେ ନାହିଁ । ସୁମିତ୍ରା ଦେବୀଙ୍କ ସମୟରେ ମୟୂରଭଞ୍ଜର ରାଜଧାନୀ ହରିହରପୁରରୁ ବାରିପଦାକୁ ସ୍ଥାନାନ୍ତରିତ ହୋଇଥିଲା ।

ପୂର୍ବେ ଆଲୋଚନା କରାଯାଇଛି ଯେ, ଦାମୋଦର ଭଞ୍ଜଙ୍କ ରାଜତ୍ୱ କାଳରେ ମରହଟ୍ଟାମାନେ ଆକ୍ରମଣ କରିଥିଲେ ଏବଂ କେତେକଙ୍କ ମତରେ ସେହି ଆକ୍ରମଣରେ ଦାମୋଦର ଭଞ୍ଜଙ୍କ ମୃତ୍ୟୁ ହୋଇଥିଲା । ସ୍ୱାମୀଙ୍କ ମୃତ୍ୟୁପରେ ମହାରାଣୀ ସୁମିତ୍ରା ଦେବୀ ହରିହରପୁରରେ ରାଜଧାନୀ ରଖିବା ନିରାପଦ ମଣିଲେ ନାହିଁ । ତେଣୁ ସେ ହରିହରପୁରର ଭଞ୍ଜ ରାଜଧାନୀ ବାରିପଦାକୁ ସ୍ଥାନାନ୍ତରିତ କଲେ । ସେହି ସମୟରେ ବାରିପଦାର ରାଜପ୍ରାସାଦ ଓ ବାରିପଦା ସହର ଗଢ଼ିଉଠିଲା । ବୁଢ଼ାବଳଙ୍ଗ କୂଳରେ ଭଞ୍ଜରାଜ ପ୍ରାସାଦର ଶୋଭା ଅନୁପମ । ସେତେବେଳେ ବଳଙ୍ଗ, ଜଲକା,ସରାଲି ଚପଟ ଓ ଅନ୍ୟାନ୍ୟ ଜଳାଶୟ ଦ୍ୱାରା ପରିବେଷ୍ଟିତ ସ୍ଥାନଟି ଜଳଯୁକ୍ତ ପ୍ରାନ୍ତର ହୋଇଥିବାରୁ ସ୍ଥାନଟିର ନାମ 'ବାରିପଦା' ରଖାଯାଇଥିଲା ବୋଲି ବୁଝାଯାଏ । କେତେକଙ୍କ ମତରେ ଏହି ସ୍ଥାନର ମୂଳ ବା ଆଦିମ ଅଧିବାସୀମାନେ ମୁଖ୍ୟତଃ 'ବାଥୁଡ଼ି' ବା 'ବାଉରି' ସମ୍ପ୍ରଦାୟର ହୋଇଥିବାରୁ ଏହାର ନାମ 'ବାଉରିପଦା'ରୁ 'ବାରିପଦା' ହୋଇଅଛି । ମାତ୍ର 'ବାରିପଦା' ନାମକରଣରେ ଦ୍ୱିତୀୟ ମତର ଯୌକ୍ତିକତା ସନ୍ଦେହଜନକ ମନେହୁଏ । ସେ ଯାହାହେଉ ମହାରାଣୀ ସୁମିତ୍ରା ଦେବୀ ଏଠାକୁ ରାଜଧାନୀ ସ୍ଥାନାନ୍ତରିତ କରି ନିରାପଦରେ ରାଜତ୍ୱ କରିଥିଲେ । ଏହି ରାଜଧାନୀ ମୟୂରଭଞ୍ଜ ଭଞ୍ଜବଂଶର ଶେଷ ରାଜଧାନୀ । ତତ୍କାଳୀନ ବାରିପଦା ରାଜବାଟୀ ବର୍ତ୍ତମାନର ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ରୂପେ ବର୍ତ୍ତମାନ ।

Digitized by srujanika@gmail.com

ମହାରାଜେଶ୍ୱରୀ ସୁମିତ୍ରା ଦେବୀ, ମୟୂରଭଞ୍ଜ ଇତିହାସରେ ଜଣେ ଅସାମାନ୍ୟ ବୀରରମଣୀ ରୂପେ ପରିଚିତା । ଭାରତ ଇତିହାସରେ ସୁଲତାନ ରେଜିୟା, ଦୁର୍ଗାବତୀ, ରାଣୀ ଲକ୍ଷ୍ମୀବାଈଙ୍କ ନାମ ଯେପରି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ସେମାନଙ୍କର ସ୍ୱଦେଶ ପ୍ରୀତି, ରାଜ୍ୟ ଶାସନ ଓ ବୀରତ୍ୱ ପାଇଁ, ସେହିଭଳି ସୁମିତ୍ରା ଦେବୀ କେବଳ ମୟୂରଭଞ୍ଜ ଇତିହାସରେ ନୁହେଁ ଭାରତ ଇତିହାସର ପୃଷ୍ଠାରେ ଅମର ହୋଇ ରହିବେ ଏଥିରେ ସନ୍ଦେହର ଅବକାଶ ନାହିଁ ।

ମୟୂରଭଞ୍ଜର ଭଞ୍ଜ ରାଜତ୍ୱରେ ହରିହରପୁର :

ପ୍ରଥମେ ମୟୂରଭଞ୍ଜର ଭଞ୍ଜବଂଶର ରାଜାମାନେ ଖିଜିଙ୍ଗକୋଠା (ଅଧୁନାକ ଖିଚିଂ)ରେ ରାଜତ୍ୱ କରୁଥିଲେ । ତା'ପରେ ଭଞ୍ଜମାନଙ୍କର ରାଜଧାନୀ ବହଳଦାକୁ ଏବଂ ତତ୍ପରେ ହରିହରପୁରକୁ ସ୍ଥାନାନ୍ତରିତ ହେଲା । ଭଞ୍ଜ ରାଜାମାନଙ୍କର ସର୍ବଶେଷ ରାଜଧାନୀ ବାରିପଦା । ଏହା ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତାଙ୍କ ଓଡ଼ିଶା ଇତିହାସରେ ପ୍ରକାଶ କରିଅଛନ୍ତି ।

ହରିହରପୁର ରାଜଧାନୀର ସ୍ରଷ୍ଟା ମହାରାଜା ହରିହର ଭଞ୍ଜଦେବ ବୋଲି ଐତିହାସିକମାନେ କହନ୍ତି । ହରିହର ଭଞ୍ଜ ହରିପୁରରେ ୧୪୦୦ ଖ୍ରୀ. ଅ.ରେ ନୂତନ ରାଜଧାନୀ ପ୍ରତିଷ୍ଠା କରିବା ପରେ ପ୍ରାୟ ୧୭୫ ବର୍ଷକାଳ ହରିହରପୁର (ବର୍ତ୍ତମାନର ହରିପୁର) ଭଞ୍ଜ ରାଜାମାନଙ୍କର ରାଜଧାନୀ ହୋଇ ରହିଥିଲା ।

ହରିହରପୁରର ମନୋରମ ଭୌଗୋଳିକ ପରିବେଶ ତତ୍କାଳୀନ ମହାରାଜା ହରିହର ଭଞ୍ଜଙ୍କୁ ଏଠାରେ ରାଜଧାନୀ କରିବା ପାଇଁ ପ୍ରଲୋଭିତ କରିଥିଲା । ହରିପୁରର ଏକ ମାଇଲ ଉତ୍ତର ପୂର୍ବକୁ ଏକ ଭଗ୍ନ ଦୁର୍ଗ ଦେଖିବାକୁ ମିଳେ । ତାହା ଲୋକମାନଙ୍କ ମୁଖରେ ବଣକାଟି ଗଡ଼ ନାମରେ ପରିଚିତ । ମାତ୍ର ତା'ର ପ୍ରକୃତ ନାମ ହେଉଛି ଗଡ଼କୁସୁମିଆ ।

ହରିହର ଭଞ୍ଜ ରାଜଧାନୀ କରିବାର କେତେ ସମୟ ପରେ ଏହା ଏକ ଧନଜନ ପୂର୍ଣ୍ଣ ସମୃଦ୍ଧ ନଗରୀରେ ପରିଣତ ହୋଇଥିଲା । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଧନରତ୍ନ ପୂର୍ଣ୍ଣ ସୌନ୍ଦର୍ଯ୍ୟମୟୀ ହରିହରପୁର ନଗରୀ ମୁସଲମାନ ଓ ମରହଟ୍ଟା ଆକ୍ରମଣରେ ଧ୍ୱସ୍ତ ବିଧ୍ୱସ୍ତ ହୋଇ ଯାଇଥିଲା ।

୧୫୧୦ ଖ୍ରୀ· ଅ·ରେ ଏହା ବାଟଦେଇ ଶ୍ରୀଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରକୁ ଯାଇଥିଲେ । ତାଙ୍କ ସାନ୍ନିଧ୍ୟରେ ଆସି ଓଡ଼ିଶାର ବହୁ ଜନସମାଜ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ । ୧୫୬୮ ଖ୍ରୀ: ଅ·ରେ ମହାରାଜାଧିରାଜ ଭଞ୍ଜ ଦେବଙ୍କ ରାଜତ୍ୱ କାଳରେ ବଙ୍ଗର ରାଜା ସୁଲେମାନ କରାଣିଙ୍କ ନିର୍ଦ୍ଦେଶରେ କଳାପାହାଡ଼ର ଆକ୍ରମଣରେ

Digitized by srujanika@gmail.com

ହରିହରପୁର ରାଜଧାନୀ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା । ବନ୍ଧୁ ଦେବ ମନ୍ଦିର ଓ ବହୁ ଦେବତାଙ୍କୁ ସେ ଭଗ୍ନ ଚୂରମାର କରି ଦେଇଥିଲେ । ରାଜା ଓ ରାଣୀ ତାଙ୍କ ପରିବାର ସହିତ ନିକଟସ୍ଥ ଜଙ୍ଗଲକୁ ଯାଇ ଆତ୍ମରକ୍ଷା କରିଥିଲେ । ମୟୂରଭଞ୍ଜର ବୀରସୈନିକମାନେ ପ୍ରାଣପଣେ ଯୁଦ୍ଧ କରି ତାଙ୍କୁ ତଡ଼ି ଦେଇଥିଲେ । ସୁଲେମାନ କରଣିଙ୍କ ମୃତ୍ୟୁ ପରେ ୧୫୭୩ ଖ୍ରୀ: ଅ:ରେ ମୋଗଲ ସମ୍ରାଟ ଅକବର ବଙ୍ଗ ଓ ଓଡ଼ିଶା ଜୟ କରିବାପାଇଁ ଉଦ୍ୟମ କରିଥିଲେ । ୧୫୭୪ ଖ୍ରୀ: ଅ ର ଶେଷ ଭାଗକୁ ଅକବର ବଙ୍ଗର ସୁଲତାନ ଦାଉଦ ଖାଁଙ୍କ ବିରୁଦ୍ଧରେ ଅଭିଯାନ କରିଥିଲେ । ଦାଉଦ ଖାଁ ହରିହରପୁରରେ ଆସି ଆଶ୍ରୟ ଗ୍ରହଣ କଲେ । ଦାଉଦ ଖାଁ ମୋଗଲମାନଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ଓ ନିହତ ହେଲେ । ଫଳତଃ ବଙ୍ଗ ଓ ଓଡ଼ିଶା ମୋଗଲ ସାମ୍ରାଜ୍ୟଭୁକ୍ତ ହୋଇଥିଲା । ୧୭୪୦-୪୧ ଖ୍ରୀ. ଅ.ରେ ବଙ୍ଗ ନବାବଙ୍କ ସୈନ୍ୟମାନେ ବାରମ୍ବାର ଲୁଣ୍ଠନ ଲୀଳା ସୃଷ୍ଟି କରିଥିଲେ । ଦାମୋଦର ଭଞ୍ଜ ଓ ସୁମିତ୍ର ଦେବୀଙ୍କ ସମୟରେ ବହୁବାର ମରହଟ୍ଟା ଆକ୍ରମଣ ହୋଇଥିଲା । ଫଳରେ ସୌନ୍ଦର୍ଯ୍ୟ ପୂର୍ଣ୍ଣ ରାଜ ନଗର ଧ୍ୱସ୍ତ ବିଧ୍ୱସ୍ତ ହୋଇ ଯାଇଥିଲା ।

୧୭୮୫ ଖ୍ରୀ: ଅ.ରେ ମରହଟ୍ଟା ସୁବାଦାର ମୟୂରଭଞ୍ଜ ଆକ୍ରମଣ କଲେ । ଦାମୋଦର ଭଞ୍ଜ ନିରୁପାୟ ହୋଇ ମହାରାଣୀ ଓ ତାଙ୍କ କନ୍ୟାଙ୍କୁ ଧରି ଜଙ୍ଗଲକୁ ପଳାଇଗଲେ । ରାଜଭକ୍ତ ଆଦିବାସୀ ପ୍ରଜାମାନେ ତାଙ୍କ ପରିବାର ବର୍ଗଙ୍କୁ ସମ୍ମାନର ସହିତ ଆଶ୍ରୟଦାନ କରିଥିଲେ । ଆହୁରି ମଧ୍ୟ ଟଙ୍କା ସଂଗ୍ରହକରି ମରହଟ୍ଟାମାନଙ୍କୁ ଲାଞ୍ଚ ଦେଇ-ଥିଲେ । ଫଳରେ ମରହଟ୍ଟା ସୁବାଦାର ଦାମୋଦର ଭଞ୍ଜଙ୍କୁ ରାଜଧାନୀ ଛାଡ଼ି ଦେଇଥିଲେ । ମୟୂରଭଞ୍ଜର ରାଜଭକ୍ତ ପ୍ରଜାମାନେ ଏହିପରି ବହୁବାର ଅର୍ଥଲୋଭୀ ମରହଟ୍ଟାମାନଙ୍କୁ ଲାଞ୍ଚଦେଇ ରାଜାଙ୍କ ଉପରେ ଘନେଇ ଆସୁଥିବା ଆକ୍ରମଣ ଓ ଲୁଣ୍ଠନ ଆଦି ବିପଦର ସମାଧାନ କରିଛନ୍ତି ।

ହରିହର ପୁର ରାଜଧାନୀ ଥିବା ସମୟରେ ମହାରାଜାମାନେ ତାଙ୍କ ସାମନ୍ତ ରାଜାମାନଙ୍କୁ କେତେକ ପ୍ରଗନା ଦାନ କରିଥିବାର କଥା ଇତିହାସରୁ ଜଣାଯାଏ । ସେମାନେ ମେଦନୀପୁର ରାଜାଙ୍କୁ ଭଞ୍ଜ ଭୂମି ପ୍ରଗଣା ଓ ଧଳଭୂମ ରାଜାଙ୍କୁ ହଳଦୀ ପୋଖରୀ ପ୍ରଗନା ଦାନକରିଥିଲେ । ହଳଦୀପୋଖରୀ ପ୍ରଗଣା ଦାନକରିବା ବିଷୟରେ ଏକ କୌତୂହଳ ପୂର୍ଣ୍ଣ କମ୍ବଦନ୍ତୀ ଶୁଣାଯାଏ । "ଧଳଭୂମର ଧଳରାଜା ମୟୂରଭଞ୍ଜର ସାମନ୍ତ ରାଜା ଥିବାରୁ ସେ ମୟୂରଭଞ୍ଜର ମହାରାଜାଙ୍କୁ ସ୍ତ୍ରୀ ବେଶରେ ଦେଖା କରୁଥିଲେ । ଥରେ ନୁଖୁରା ବେଶରେ ଦେଖା କରିବାରୁ ମହାରାଜା ତାଙ୍କର ଅଭାବ ଜାଣିପାରି ତେଲ ହଳଦୀ ଖରଚ ପାଇଁ ଧଳଭୂମକୁ ଲାଗିଥିବା ହଳଦୀପୋଖରୀ ପ୍ରଗଣା ଦାନ କରି-ଥିଲେ [୨୫] ।" ଏହି କମ୍ବଦନ୍ତିଟି ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ପଣ୍ଡାଙ୍କ ତାଙ୍କ ପୁସ୍ତକରେ ଅବତାରଣା କରିଛନ୍ତି । ଅନୁରୂପ କମ୍ବଦନ୍ତୀ ଭଞ୍ଜରାଜ ବଂଶାବଳୀରେ ମହାରାଜ

Digitized by srujanika@gmail.com

କୃଷ୍ଣଚନ୍ଦ୍ର ଭଞ୍ଜ, ମହାରାଜା ବୀର ବିକ୍ରମାଦିତ୍ୟ ଭଞ୍ଜ ଦେବଙ୍କ ରାଜତ୍ୱ କାଳର ଘଟଣା ପ୍ରବାହରେ ବର୍ଣ୍ଣନା କରିଅଛନ୍ତି ।

ବୈଦ୍ୟନାଥଭଂଜ ହରିହରପୁର ରାଜଧାନୀରୁ ତାଙ୍କ ରାଜ୍ୟ ଶାସନ କରୁଥିଲେ । ସର୍ବ ପ୍ରଥମେ ହିଁ ସେ ରସିକାନନ୍ଦଙ୍କ ପାଖରୁ ବୈଷ୍ଣବ ଧର୍ମର ଦୀକ୍ଷା ଗ୍ରହଣ କରିଥିଲେ । ତାଙ୍କ ଗୁରୁଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସେ ନିଜ ରାଜଧାନୀରେ ସୁପ୍ରସିଦ୍ଧ ରସିକରାଜ ମନ୍ଦିର ନିର୍ମାଣ କରିଥିଲେ । ଅବଶ୍ୟ ଏହି ମନ୍ଦିର ଭାଙ୍ଗିରୁଜି ଗଲାଣି । ମାତ୍ର ତାର ନିର୍ମାଣ ଶୈଳୀ ଅତ୍ୟନ୍ତ ସୁନ୍ଦର । ରସିକରାଜ ମନ୍ଦିର ଦୁଇଖଣ୍ଡରେ ବିଭକ୍ତ, ମୁଖ୍ୟ ମନ୍ଦିର ଓ ନାଟମନ୍ଦିର । ମାତ୍ର ଗୋଟିଏ କି ଦୁଇଟି ସ୍ତମ୍ଭ ଛାଡ଼ିଦେଲେ ଏହାର ଅନ୍ୟ ସମସ୍ତ ଅଂଶ ଭାଙ୍ଗିରୁଜି ଗଲାଣି । ଏହି ମନ୍ଦିରର ଇଟାଗୁଡ଼ିକ ନକସା କାରରେ ତିଆରି । ଏ ପ୍ରକାର କାରୁକାର୍ଯ୍ୟ ମନ୍ଦିର ଓଡ଼ିଶାରେ ନାହିଁ କହିଲେ ଚଳେ । ରସିକରାଜ ମନ୍ଦିର ଛଡ଼ା ଲକ୍ଷ୍ମୀନାରାୟଣ ଓ ରାଧାମୋହନ ମନ୍ଦିର ଏଠାରେ ତିଆରି ହୋଇଥିଲା । ଏଗୁଡ଼ିକ ବୈଦ୍ୟନାଥ ଭଂଜଙ୍କ ମୃତ୍ୟୁର ପ୍ରାୟ ଏକ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇ-ଥିବାର ଜଣାଯାଏ । ଜଗନ୍ନାଥ (ଲକ୍ଷ୍ମୀନାରାୟଣ) ମନ୍ଦିର ରସିକରାଜ ମନ୍ଦିରର ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ । ଏହି ମନ୍ଦିରରେ ଥିବା ଜଗନ୍ନାଥ ବିଗ୍ରହ ହରିପୁର ନିକଟବର୍ତ୍ତୀ ପ୍ରତାପପୁର ମନ୍ଦିରରେ ରଖାଯାଇ ନିୟମିତ ପୂଜାର୍ଚ୍ଚନା କରାଯାଉଛି । ହରିହରପୁର ରାଜଧାନୀ ନିର୍ମାତା ହରିହରଭଂଜ ଦେବ ବୋଧହୁଏ ହରିହରପୁରର ଉକ୍ତ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିର ତା'ର କାର୍ଯ୍ୟ ପାଇଁ ପ୍ରସିଦ୍ଧ । ଏତଦ୍‌ବ୍ୟତୀତ ପାଷାଣ ନିର୍ମିତ ମହିଷାମର୍ଦ୍ଦିନୀ ଦୁର୍ଗାମୂର୍ତ୍ତି ଏଠାରେ ଦେଖିବାକୁ ମିଳେ । ଏହା ଗଡ଼ଚଣ୍ଡୀ ନାମରେ ବିଦିତ । ଲୋକମାନଙ୍କର ବିଶ୍ୱାସ ଯେ ଗଡ଼ଚଣ୍ଡୀ ହେଉଛନ୍ତି ସେ ଅଞ୍ଚଳର ସବୁଠୁ ପୁରାତନ ଦେବୀମୂର୍ତ୍ତି । ଏଠାରେ ମଧ୍ୟ ଅନ୍ୟ ଏକ ପଥର ନିର୍ମିତ ଦେବୀମୂର୍ତ୍ତି ଦେଖାଯାଆନ୍ତି ତାହା କୋଟ-ବାସିନୀ ବା କୋଟାସିନୀ ନାମରେ ବିଦିତ ।

ବର୍ତ୍ତମାନ ହରିପୁରରେ ଇଟାଗଦା ଓ ଭଗ୍ନଗୃହ, ମନ୍ଦିରାଦି ହରିହରପୁରରେ ଅତୀତ ଗୌରବର ମୂକସାକ୍ଷୀ ହୋଇ ରହିଛି । ପ୍ରତ୍ନତାତ୍ତ୍ୱିକ ଗବେଷଣା ଫଳରେ ଜଣାଯାଏ ଯେ ହରିହରପୁର ସହର ଚାରିପଟେ ପ୍ରାଚୀର ଥିଲା । ରାଜଧାନୀ ମଧ୍ୟରେ ୨ଟି ପକ୍କା କୂଅ ଓ ବାପୀ ଥିଲା । ରାଜଭବନ ମଧ୍ୟରେ ଶତ ଶତ କୋଠରୀ ଥିଲା । ଶତ୍ରୁ ଆକ୍ରମଣରୁ ରକ୍ଷାପାଇବା ପାଇଁ ରାଜବାଟୀ ମଧ୍ୟରୁ ବାହାରକୁ ମାଟି ଭିତରେ ସୁଡ଼ଙ୍ଗ ପଥ ଥିଲା । ସିଂହଦ୍ୱାରରେ ତୋପ ରହୁଥିଲା । ଫୋର୍ଟର କାନ୍ଥରେ ଯେଉଁସବୁ ପାଣିନାଳମାନ ଦେଖାଯାଏ ସେହିସବୁ ସ୍ନାନାଗାରମାନଙ୍କୁ କାନ୍ଥ ମଧ୍ୟରୁ ନାଳୁଅ ଦେଇ ପାଣି ଆସୁଥିଲା ।

Digitized by srujanika@gmail.com

ଏ ସମସ୍ତ ଦେଖିଲେ ମୟୂରଭଞ୍ଜ ଇତିହାସର ଗୌରବମୟ ଐତିହ୍ୟ ଆଖି ଆଗରେ ନାଚଯାଏ । ଆଜି ମଧ୍ୟ ହରିହରପୁରର ଭଗ୍ନଗଡ଼ ମନ୍ଦିର, ରାଜଭବନ ଆଦିର କଳା ନୈପୁଣ୍ୟମୟ ଅତୀତର ଭଗ୍ନସ୍ତୂପ ବୋଲି ଜାଣି ସମୁଦ୍ର ପ୍ରାୟ ଅଗଣିତ କଳା, ସ୍ଥାପତ୍ୟ, ଐତିହ୍ୟ, ସଂସ୍କୃତିପ୍ରେମୀ ଦର୍ଶକଙ୍କ ପ୍ରାଣ ଆପଣାଛାଏଁ ଆକର୍ଷିତ ହୁଏ । କେତେକ ଐତିହାସିକଙ୍କ ମତରେ ଓଡ଼ିଶାର ଦର୍ଶନୀୟ ସ୍ଥାନମାନଙ୍କରେ କୋଣାର୍କ ପ୍ରଥମ ହେଲେ ଖିଚିଂ ହେବ ଦ୍ୱିତୀୟ, ମାତ୍ର କଳା, ସ୍ଥାପତ୍ୟ ଓ ଐତିହାସିକ ଦୃଷ୍ଟିକୋଣରୁ ଦେଶବିଦେଶର ପର୍ଯ୍ୟଟକଙ୍କ ଦୃଷ୍ଟିରେ ହରିହରପୁର କୌଣସି ଗୁଣରେ ଊଣା ନୁହେଁ [୨୭] ।”

ସୂଚନା ଓ ସହାୟତା

୧ । ଡକ୍ଟର ସାହୁ ଯଜ୍ଞକୁମାର—ଓଡ଼ିଶା ଇତିହାସ—ପୃ ୧୩୫ ନାଲନ୍ଦା, ବିନୋଦ-ବିହାରୀ, କଟକ—୨

୨ । Report on the Administration of Mayurbhanj of 1945-46 Apendix I Chronological list of rulers of Mayurbhanj

୩ । ଡକ୍ଟର ସାହୁ ଯଜ୍ଞକୁମାର—ଓଡ଼ିଶା ଇତିହାସ—ପୃ ୧୩୫, ନାଲନ୍ଦା, ବିନୋଦବିହାରୀ, କଟକ-୨

୪/୫ । ପଦ୍ମଶ୍ରୀ ଆଚାର୍ଯ୍ୟ ପରମାନନ୍ଦ—କମୃଦନୀରୁ ଇତିହାସର ପୁନରୁଦ୍ଧାର—ପୃ ୯୫୩ ଝଙ୍କାର (ପଞ୍ଚଦଶ ବର୍ଷ—ଦଶମ ସଂଖ୍ୟା)

୬ । ଷଡ଼ଙ୍ଗୀ ଶ୍ରୀ ଶ୍ୟାମସୁନ୍ଦର—ମୟୂରଭଞ୍ଜ ଇତିହାସ-ପୃ ୧୦

୭ । ଭଞ୍ଜରାଜବଂଶାବଳୀ—ମହାରାଜା କୃଷ୍ଣଚନ୍ଦ୍ରଙ୍କ ପ୍ରଦତ୍ତ ବିବରଣୀ—ରାଜାଙ୍କ କ୍ର ନଂ—୨୯

୮ । Sankar S.N. Biography of the Maharaja Sri Ramchandra Bhanj Deo-Page-15

୯ । ଷଡ଼ଙ୍ଗୀ ଶ୍ରୀ ଶ୍ୟାମସୁନ୍ଦର—ମୟୂରଭଞ୍ଜ ଇତିହାସ ପୃ ୧୧

୧୦ । ଭଞ୍ଜ ରାଜବଂଶାବଳୀ—ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ପ୍ରଦତ୍ତ ବିବରଣୀ ରାଜାଙ୍କ କ୍ର ନଂ—୩୧

୧୧ । ଷଡ଼ଙ୍ଗୀ ଶ୍ରୀ ଶ୍ୟାମସୁନ୍ଦର ମୟୂରଭଞ୍ଜ ଇତିହାସ—ପୃ ୧୨

୧୨ । ଡଃ ସାହୁ ଯଜ୍ଞକୁମାର—ଓଡ଼ିଶା ଇତିହାସ—ପୃ-୧୩୭

Digitized by srujanika@gmail.com

୧୩ । ଡଃ ସାହୁ ନବୀନକୁମାର—ଓଡ଼ିଶା ଇତିହାସ—ପୃ-୧୩୭

୧୪ । Dr. Sahu N.K.
Dr. Mishra P.K.
Dr. Sahu J.K. } History of Orissa-Page-354.

୧୫ । ଅଗ୍ରୱାଲ ଶ୍ରୀ ବିଜୟ କୁମାର—ମହାରାଜା ପୂର୍ଣ୍ଣଚନ୍ଦ୍ର ରଜତଜୟନ୍ତୀ ସ୍ମରଣିକା ପୃ- '୭

୧୬ । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବଙ୍କ ପ୍ରଦତ୍ତ ଭଞ୍ଜ ରାଜବଂଶାବଳୀ - ରାଜାଙ୍କ ସ ନଂ-୩୨

୧୭ । ଡଃ ସାହୁ ନବୀନକୁମାର ଓଡ଼ିଶା ଇତିହାସ—ପୃ ୧୩୭

୧୮।୧୯ । ଷଡ଼ଙ୍ଗୀ ଶ୍ୟାମସୁନ୍ଦର—ମୟୂରଭଞ୍ଜ ଇତିହାସ—ପୃ-୧୫

୨୦ । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବଙ୍କ ପ୍ରଦତ୍ତ ଭଞ୍ଜ ରାଜବଂଶାବଳୀ—ରାଜାଙ୍କ ସ ନଂ-୩୪

୨୧ । ଭଞ୍ଜଦେବ ଯଦୁନାଥ—ରସଲହରୀ କାବ୍ୟ

୨୨ । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବଙ୍କ ପ୍ରଦତ୍ତ ଭଞ୍ଜରାଜବଂଶାବଳୀ—ସ ନଂ-୩୫

୨୩ । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବଙ୍କ ପ୍ରଦତ୍ତ ଭଞ୍ଜରାଜବଂଶାବଳୀ—ରାଜାଙ୍କ ସ ନଂ-୩୭

୨୪/୨୫—ଷଡ଼ଙ୍ଗୀ ଶ୍ୟାମସୁନ୍ଦର—ମୟୂରଭଞ୍ଜ ଇତିହାସ—ପୃ ୨୩ ଓ ୨୫

୨୬ । Patra R. C.—Haripur the old capital of Mayurbhanj—Page-35.

Orissa History Congress—Souvenir, 1982.

Digitized by srujanika@gmail.com

ଷଷ୍ଠ ଅଧ୍ୟାୟ

ଆଧୁନିକ ଯୁଗ

(ଇଂରେଜ ରାଜତ୍ୱ କାଳରେ ମୟୂରଭଞ୍ଜ ଓ ଭଞ୍ଜ ରାଜବଂଶ)

ଇଂରେଜ ରାଜତ୍ୱ କାଳରେ ଭଂଜ ରାଜବଂଶାବଳୀ :

ମହାରାଜା ତ୍ରିବିକ୍ରମ ଭଞ୍ଜଦେବ

↓

ମହାରାଜା ଯଦୁନାଥ ଭଞ୍ଜଦେବ

↓

ମହାରାଜା ଶ୍ରୀନାଥ ଭଞ୍ଜଦେବ

↓

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବ

↓

ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ

↓

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ

↓

ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେବ

ମହାରାଜା ତ୍ରିବିକ୍ରମ ଭଂଜଦେବ :

ମହାରାଜେଶ୍ୱରୀ ସୁମିତ୍ରା ଦେବୀ ୧୮୧୦ ଖ୍ରୀ· ଅ.ରେ ପ୍ରାଣତ୍ୟାଗ କଲେ । ପୂର୍ବ ସର୍ତ୍ତ ଅନୁସାରେ ସେ ସୁମିତ୍ରା ଦେବୀଙ୍କ ପଧେ ରାଜା ହେଲେ । ସେତେବେଳେ ମୟୂରଭଞ୍ଜର ରାଜଧାନୀ ବାରିପଦା ହୋଇ ସାରିଥିଲା । "ସେହି ସମୟରେ ଚମ୍ପା ଦେବୀ ନାମରେ ସ୍ୱର୍ଗତ ମହାରାଜା ଦାମୋଦର ଭଞ୍ଜଙ୍କର ଅନ୍ୟ ଏକ ରାଣୀ ରାଜଗାଦୀ ପାଇଁ ଦାବି କଲେ । ମାତ୍ର ଇଂରେଜ ସରକାର ତାହା ପ୍ରତ୍ୟାଖ୍ୟାନ କଲେ ଓ ତ୍ରିବିକ୍ରମଙ୍କୁ

Digitized by srujanika@gmail.com

ରାଜା କରାଇଲେ । ତ୍ରିବିକ୍ରମ ଭଞ୍ଜ ସରକାରଙ୍କୁ ବାର୍ଷିକ ଏକ ହଜାର ଏକ ଟଙ୍କା ପେସକସ ସ୍ୱରୂପ ଦେବାପାଇଁ ଚୁକ୍ତିବଦ୍ଧ ହେଲେ ଏବଂ ସାନ୍ଧୀ କର ପ୍ରତ୍ୟାହାର କରିନେଲେ [୧] ।

୧୮୧୭ ଖ୍ରୀ· ଅ ରେ ସେ ଇଂରେଜ ସରକାରଙ୍କଠାରୁ ସମ୍ମାନ ସୂଚକ ଖିଲତ୍ ପାଇଥିଲେ । ଏହାଙ୍କ ରାଜତ୍ୱ କାଳରେ ଭୀଷଣ ଭାବରେ ହାତୀ ଉପଦ୍ରବ ଦେଖାଦେଇଥିଲା । ଏଥିରେ ପ୍ରଜାମାନେ ବହୁତ ଅତିଷ୍ଠ ହୋଇଥିଲେ । ତେଣୁ ବିଷ ମିଶାଇ ଦେଇ ଶତ ଶତ ହାତୀଙ୍କ ପ୍ରାଣ ନାଶ କରାଯାଇଥିଲା । ସେ ସୁଖରେ ପ୍ରଜାପାଳନ କରି ୧୮୨୮ ଖ୍ରୀ: ଅ: ରେ ସ୍ୱର୍ଗାରୋହଣ କରିଥିଲେ । ଏହାଙ୍କର ଦ୍ୱିପୁତ୍ର ମଧ୍ୟରୁ ଯଦୁନାଥ ଭଞ୍ଜ ଟୀକାଯୁକ୍ତ ଥିଲେ ।

ମହାରାଜା ଯଦୁନାଥ ଭଂଜଦେବ :

ତ୍ରିବିକ୍ରମ ଭଞ୍ଜଙ୍କ ଅନ୍ତେ ଯଦୁନାଥ ଭଞ୍ଜ ୧୮୨୮ ଖ୍ରୀ ଅ· ରେ ସିଂହାସନ ଆରୋହଣ କଲେ । ୧୮୨୯ ଖ୍ରୀ· ଅ· ରେ ଇଷ୍ଟଇଣ୍ଡିଆ କମ୍ପାନୀ ସହିତ ତାଙ୍କର ଏକ ଚୁକ୍ତି ହୋଇଥିଲା । ଏହି ଚୁକ୍ତିରୁ ଜଣାପଡ଼େ ରାଜ୍ୟ ଶାସନ କ୍ଷେତ୍ରରେ ତାଙ୍କର ସାର୍ବଭୌମ କ୍ଷମତା ଅକ୍ଷୁର୍ଣ୍ଣ ରହିଥିଲା ।

ସେ ଅତ୍ୟନ୍ତ ପରାକ୍ରମୀ ଓ ନିର୍ଭୀକ ଥିଲେ । ତାଙ୍କ ସମୟରେ କେତେକ ସରବରାକାର ତାଙ୍କ ଆଜ୍ଞା ଅବଜ୍ଞା କରିବାରୁ ସେ ସେମାନଙ୍କୁ ବହିଷ୍କାର କରିଦେଇ ସେମାନଙ୍କ ସରବରାକାରୀ କ୍ଷମତା ନିଜ ହାତରେ ରଖିଥିଲେ । ଉପରଭାଗ, ଗଡ଼କଣ୍ଟିଆ କଇଁସାରୀ, ଯଶିପୁର, ଠାକୁରମୁଣ୍ଡା ସରବରାକାରଙ୍କୁ ମଧ୍ୟ ପଦଚ୍ୟୁତ କରି ସେମାନଙ୍କ ସ୍ଥାନରେ ନିଜ ତରଫରୁ ତହସିଲଦାର ନିଯୁକ୍ତ କରିଥିଲେ । ବାମନଘାଟୀର ସରବରାକାର ମାଧବ ଦାସ-ନରେନ୍ଦ୍ର ମହାପାତ୍ରଙ୍କ ବିଦ୍ରୋହ ତାଙ୍କ ରାଜତ୍ୱର ଏକ ଉଲ୍ଲେଖଯୋଗ୍ୟ ଘଟଣା । ୧୮୩୨ ଖ୍ରୀ· ଅ·ରୁ ୧୮୩୫ ଖ୍ରୀ. ଅ. ଯାଏ ମହାରାଜା ଯଦୁନାଥଙ୍କ ସହିତ ଗୋଳମାଳ ଚାଲିଲା । ମହାରାଜା ବାମନଘାଟୀର ବ୍ୟରେଷ୍ଟି କୋହ୍ଲପୀରର ସରବରାକାର ମହାପାତ୍ରଙ୍କ ଅଧିକାରରୁ କାଢ଼ିନେଲେ । ମାଧବ ଦାସ ନରେନ୍ଦ୍ର ମହାପାତ୍ରଙ୍କ ସହିତ ମହାରାଜାଙ୍କର ଭୀଷଣ ଯୁଦ୍ଧହେଲା । ଏହି ଯୁଦ୍ଧ ଟେଣ୍ଟାପୋଷୀ ସ୍ଥାନରେ ହୋଇଥିଲା । ଏହି ଯୁଦ୍ଧରେ ସେ ପରାସ୍ତ ହୋଇ ରାଜ୍ୟରୁ ବାହାରିଗଲେ । "ମାଧବ ଦାସ ନରେନ୍ଦ୍ର ମହାପାତ୍ର ଇଂରେଜମାନଙ୍କ ଶରଣ ପଶି ସେ ମହାରାଜାଙ୍କ ବିରୁଦ୍ଧରେ ଇଂରେଜଙ୍କୁ ଜଣାଇଲେ [୨] ।" "ମହାରାଜା ମଧ୍ୟ ତାଙ୍କ ବିରୁଦ୍ଧରେ ଇଂରେଜ ସରକାରଙ୍କୁ ସମସ୍ତ ଜଣାଇ ଆବେଦନ କଲେ [୩] ।"

Digitized by srujanika@gmail.com

ଶେଷରେ ଇଂରେଜ ସରକାର ଓ ରାଜାଙ୍କ ମଧ୍ୟରେ ଏକ ରାଜିନାମା ହେଲା । ସୁରେଟିସାକ କୋମ୍ପାନୀର ଇଂରେଜ ମାନଙ୍କ ପ୍ରତ୍ୟକ୍ଷ ଶାସନାଧୀନରେ ରହିଲା ଏବଂ ଜଣେ ଇଂରେଜ ପ୍ରତିନିଧି ସୁରଦିବସାରେ ଅବସ୍ଥାପିତ ହେଲେ । ବାମନଙ୍କ ଘାଟୀ ଜମିଦାରୀ ମହାରାଜାଙ୍କ ଶାସନରେ ରହିଲା ଏବଂ ମାଧବ ମହାପାତ୍ରଙ୍କୁ ମହାରାଜା ଭରଣ ପୋଷଣ ଦେବାପାଇଁ ରାଜି ହେଲେ ।

"ଏହି ଘଟଣା ପରେ ମହାରାଜା ଯଦୁନାଥ ଭଞ୍ଜ ଇଂରେଜ ଅନୁଚର ହୋଇ ରହିଲେ । ଯୋଗକୁ ୧୮୫୭ ମସିହାର ସିପାହୀ ବିଦ୍ରୋହରେ ପୋଡ଼ାହାଟର ଅର୍ଜୁନ ସିଂହ ବିଦ୍ରୋହ କରିଥିଲେ । ଅର୍ଜୁନ ସିଂହ ମୟୂରଭଞ୍ଜ ଓ କେଉଁଝର ରାଜାଙ୍କର ଆତ୍ମୀୟ ଥିଲେ । ଇଂରେଜମାନେ ତାଙ୍କୁ ପ୍ରତିହତ କରିବା ପାଇଁ ଉଭୟ ରାଜାଙ୍କର ସାହାଯ୍ୟ ନେଇଥିଲେ । ଅର୍ଜୁନ ସିଂହ ବନ୍ଦୀ ସର୍ତ୍ତରେ ଅସ୍ତ୍ର ସମର୍ପଣ କଲେ [୪] ।" ଏଥିରେ ଇଂରେଜମାନେ ସନ୍ତୁଷ୍ଟ ହୋଇ ଯଦୁନାଥ ଭଞ୍ଜଙ୍କୁ ମହାରାଜା ରାଜ ବାହାଦୁର ଉପାଧିରେ ସମ୍ମାନିତ କରିଥିଲେ । ସେ ପ୍ରାୟ ୩୫ ବର୍ଷକାଳ ରାଜତ୍ୱ କରି ୧୮୬୩ ଖ୍ରୀ.ଅ.ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ଏ ମହାରାଜା ବିଷ୍ଣୁଭକ୍ତ ଓ ପ୍ରଜାବତ୍ସଳ ଥିଲେ । ତାଙ୍କର ତିନ ପୁତ୍ର ଥିଲେ । ତନ୍ମଧ୍ୟରୁ ଶ୍ରୀନାଥ ଭଞ୍ଜ ଟୀକାୟତ ଥିଲେ ।

ବଂଶାବଳୀ

ମହାରାଜା ଯଦୁନାଥ ଭଞ୍ଜଦେବ

ଟୀକାୟତ	ଶ୍ରେଷ୍ଠପୁତ୍ର	ରାଜପୁତ୍ର
ମହାରାଜା ଶ୍ରୀ ନାଥ ଭଞ୍ଜଦେବ	ସୀତାନାଥ ଭଞ୍ଜଦେବ	ଦ୍ୱାରକାନାଥ ଭଞ୍ଜଦେବ

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବ	ବୃନ୍ଦାବନ ଚନ୍ଦ୍ର ଭଞ୍ଜଦେବ	ଗୋକୁଳ ଚନ୍ଦ୍ର ଭଞ୍ଜଦେବ

ମହାରାଜା ଶ୍ରୀନାଥ ଭଞ୍ଜଦେବ :

ମହାରାଜା ଯଦୁନାଥ ଭଞ୍ଜଦେବଙ୍କ ପରେ ମହାରାଜା ଶ୍ରୀନାଥ ଭଞ୍ଜଦେବ ରାଜଗାଦିରେ ବସିଲେ । ସେ ୧୮୬୩ରୁ ୧୮୬୭ ଖ୍ରୀ:ଅ: ଯାଏ ରାଜ୍ୟ ଶାସନ କରିଥିଲେ, ତାଙ୍କ ସମୟରେ ଭୟାବହ ଦୁର୍ଭିକ୍ଷ ପଡ଼ିଥିଲା, ବାମନଘାଟୀ ଓ ଉପର ଭାଗରେ ଏହାର

Digitized by srujanika@gmail.com

ଅସ୍ଥାବସ୍ଥତା ବିଶେଷ ଭାବରେ ଅନୁଭୂତ ହେଲା । ବାମନଘାଟୀର ଆଦିବାସୀ ପ୍ରଜାମାନେ ଖାଇବାକୁ ନ ପାଇ ବିଦ୍ରୋହ କଲେ । ମହାରାଜା ଏହି ବିଦ୍ରୋହ ଦୃଢ଼ ହସ୍ତରେ ଦମନ କଲେ । ବିଦ୍ରୋହ ଚାଲିଥିବା ସମୟରେ ରେଭେନ୍‌ସା ସାହେବ ବାମନଘାଟୀ ପରିଦର୍ଶନ କରି ଏକ ବିବରଣୀ ଦେଲେ । ପ୍ରକୃତ ଘଟଣା ନ ଜାଣି ସେ ମତ ଦେଲେ ଯେ ଆଦିବାସୀ ଓ ସବର୍ଣ୍ଣ ହିନ୍ଦୁମାନଙ୍କ ମଧ୍ୟରେ ସଂଘର୍ଷ ବିଦ୍ରୋହର କାରଣ ଥିଲା । ସେତେବେଳେ ବାମନଘାଟୀରେ ଭୂ-ବନ୍ଦୋବସ୍ତ ଚାଲିଥିଲା । ହାଟୁଆ ଲୋକମାନେ ଆଦିବାସୀ ଲୋକଙ୍କର ଜମିଜମା ନିଜେ ଦଖଲ କଲେ । ଫଳରେ ଆଦିବାସୀମାନେ ବିଦ୍ରୋହ କରିଥିଲେ । ଆଦିବାସୀ ଲୋକେ ଦୁର୍ଭିକ୍ଷ ସମୟରେ ଖାଇବାକୁ ନପାଇ ଧନୀ ହାଟୁଆ ଲୋକଙ୍କ ଠାରୁ ବଳକା ଛଡ଼ାଇ ଆଣିବା ପାଇଁ ଉଦ୍ୟମ କଲେ । ଫଳରେ ସଂଘର୍ଷ ଉପୁଜିଲା । ଏହା ରାଜା ଓ ସରକାରଙ୍କ ବିରୋଧରେ ବିଦ୍ରୋହ ବୋଲି ଧରିନେଇ ରାଜାଙ୍କୁ ଏଥିପାଇଁ ଦୋଷୀ ସାବ୍ୟସ୍ତ କରାଗଲା । ରାଜାଙ୍କର ଦୋଷ ନ ଥାଇ ମଧ୍ୟ ଦୋଷୀ ହେଲେ । ୧୮୭୯ ଖ୍ରୀ.ଅ. ପର୍ଯ୍ୟନ୍ତ ବାମନଘାଟୀ ଜମିଦାରୀ ମୟୂରଭଞ୍ଜରୁ ବିଚ୍ଛିନ୍ନ ହୋଇ ରହିଲା । ସେ ବାରିପଦାର ବାଣ୍ଡିଆ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ । ସେ ନିଃସନ୍ତାନ ଥିଲେ ।

ମହାରାଜା କୃଷ୍ଣଚନ୍ଦ୍ର ଭଂଜଦେବ :

ମହାରାଜା ଶ୍ରୀନାଥ ଭଞ୍ଜଙ୍କର ପିଲାଛୁଆ ନଥିଲେ । ତାଙ୍କ ପରେ ତାଙ୍କ ଭାଇଙ୍କ ପୁଅ କୃଷ୍ଣଚନ୍ଦ୍ର ଭଞ୍ଜ ଥିଲେ ଏକମାତ୍ର ଉତ୍ତରାଧିକାରୀ । ତାଙ୍କ ଅନ୍ତେ ସେ ରାଜଗାଦିରେ ବସିଲେ । ମାତ୍ର ଶ୍ରୀନାଥ ଭଞ୍ଜ ବଞ୍ଚିଥିଲାବେଳେ ସେ ପୁତୁରା କୃଷ୍ଣଚନ୍ଦ୍ରଙ୍କୁ ସୁଖ ପାଉ ନଥିଲେ । ତାଙ୍କ ପ୍ରତି ତାଚ୍ଛଲ୍ୟଭାବ ପ୍ରକାଶ କରୁଥିଲେ । ତାଙ୍କୁ କପରି ରାଜଗାଦିରେ ବସାଇ ନ ଦେବେ ସେଥିପାଇଁ ରାଜଦରବାର ଷଡ଼ଯନ୍ତ୍ରରେ ପୂରିଥିଲା । ତାଙ୍କ ଅନ୍ତେ ଜଣେ ବ୍ରାହ୍ମଣ ବାଳକ କପରି ରାଜମୁକୁଟ ପିନ୍ଧି ମୟୂରଭଞ୍ଜର ରାଜ-ଗାଦିରେ ବସିବ ସେଥିପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ । ସୌଭାଗ୍ୟବଶତଃ କୃଷ୍ଣଚନ୍ଦ୍ରଙ୍କର ଜଣେ ଶକ୍ତିଶାଳୀ ପରମ ବନ୍ଧୁ ଥିଲେ । ସେ ହେଉଛନ୍ତି ମହାମାନ୍ୟ ଟି. ଇ. ରେଭେନ୍‌ସା, ସେ ଥିଲେ ତତ୍‌କାଳୀନ ଓଡ଼ିଶାର କମିଶନର ଓ ଓଡ଼ିଶା କରଦ ରାଜ୍ୟମାନଙ୍କର ତତ୍ତ୍ୱାବଧାରକ । ତାହାଙ୍କ ବଳିଷ୍ଠ ପ୍ରଭାବ ଯୋଗୁଁ ଶ୍ରୀନାଥଙ୍କର ସମସ୍ତ ଷଡ଼ଯନ୍ତ୍ର ବିଫଳ ହେଲା । ସେ କୃଷ୍ଣଚନ୍ଦ୍ରଙ୍କୁ ରାଜ୍ୟର ମ୍ୟାନେଜର ରୂପେ ନିଯୁକ୍ତ ଦେଲେ । [୫]

୧୮୬୮ ଖ୍ରୀ ଅରେ ଶ୍ରୀନାଥ ଭଞ୍ଜଙ୍କର କାଳ ହୋଇଗଲା । କୃଷ୍ଣଚନ୍ଦ୍ର ରାଜ-ଗାଦିରେ ବସିଲେ । ସେତେବେଳକୁ ତାଙ୍କର ବୟସ ମୋଟେ ଅଠର ବର୍ଷ । ତାଙ୍କର ସୁନ୍ଦର ସୁଠାମ ଚେହେରା, ଚତୁର ଓ ଉପସ୍ଥିତ ବୁଦ୍ଧି ଏବଂ ମାର୍ଜିତ ଆଚରଣକୁ ତାଙ୍କର

Digitized by srujanika@gmail.com

ଆଦର୍ଶ ଶୀଘ୍ର ନ୍ୟାୟବୁଦ୍ଧିର ପରିଚୟ ମିଳୁଥିଲା । ସେ ଇଂରାଜୀ ଜାଣି ନଥିଲେ ମଧ୍ୟ ତାଙ୍କଠାରେ ରାଜ୍ୟ ଶାସନର ବିଚକ୍ଷଣ କ୍ଷମତା ଭରି ରହିଥିଲା ।

ସେ ରାଜଗାଦିରେ ବସିଲା ପରେ ତାଙ୍କ ବିରୁଦ୍ଧରେ ପୁଣି ଷଡ଼ଯନ୍ତ୍ର ଚାଲିଲା । ଶ୍ରୀନାଥଙ୍କ ବିଧବା ରାଣୀ କେତେକ ଦୁଷ୍ଟ ପ୍ରକୃତିର ଲୋକଙ୍କ ବୁଦ୍ଧିରେ ପଡ଼ି କୃଷ୍ଣଚନ୍ଦ୍ରଙ୍କୁ ବାଧାପ୍ରାପ୍ତ କରିବା ପାଇଁ ଚେଷ୍ଟା କଲେ [୭] ।'' ରାଜାଙ୍କୁ ନ ମାନିବା ପାଇଁ ସ୍ଥାନେ ସ୍ଥାନେ ପ୍ରଜାମେଳି ହେଲା । ଗୁପ୍ତଭାବେ ଷଡ଼ଯନ୍ତ୍ର, ବିଦ୍ରୋହର ନିଆଁ ଜଳିବାକୁ ଲାଗିଲା । ରାଣୀ ପ୍ରଜାଗଣ ତଥା ରାଜକର୍ମଚାରୀମାନେ ଏଥିରେ ସାମିଲ ହେଲେ ।

କୃଷ୍ଣଚନ୍ଦ୍ର ବଡ଼ ଧୈର୍ଯ୍ୟବାନ । ଧୀର ପାଣି ପଥର କାଟେ । ଦକ୍ଷତା ଓ ଦୂରଦୃଷ୍ଟି ଭାବ ସହ ସେ ଧୀରେ ଧୀରେ ପ୍ରଜାମଙ୍ଗଳ କାର୍ଯ୍ୟରେ ମନପ୍ରାଣ ଢାଳି ଦେଲେ ।

ତାଙ୍କ ରାଜ୍ୟଶାସନ ପ୍ରତିଭା ନିକଟରେ ସମସ୍ତ ବିଦ୍ରୋହ ହାର ମାନିଲା । ପ୍ରଭାତର ସୂର୍ଯ୍ୟ କିରଣରେ ଶିଶିର ବିନ୍ଦୁ ମିଳାଇ ଗଲାଭଳି କୃଷ୍ଣଚନ୍ଦ୍ରଙ୍କ ପ୍ରଜାରଞ୍ଜନ, ଉତ୍ତମ ଆଚରଣ ଓ ମହାନ ଉଦାରତାରେ ସମସ୍ତେ ମୁଗ୍ଧ ହେଲେ । ତାଙ୍କଠାରେ ସମସ୍ତେ ମୁଣ୍ଡ ନୂଆଁଇଲେ । ଷଡ଼ଯନ୍ତ୍ରର ନିଆଁ ଲିଭିଗଲା । ପ୍ରଜାମାନେ ତାଙ୍କୁ ପିତୃତୁଲ୍ୟ ଭକ୍ତି କଲେ । ଶତ୍ରୁମାନେ ତାଙ୍କର କାମ ଦେଖି ଧନ୍ୟ ଧନ୍ୟ କଲେ । ରାଜମାତା ତାଙ୍କ ଭୁଲ ବୁଝି ପାରିଲେ । ସେଥିପାଇଁ ସେ ଅନୁତାପ କଲେ । କୃଷ୍ଣଚନ୍ଦ୍ର ପ୍ରତି ସ୍ନେହ ଶ୍ରଦ୍ଧା ଢାଳିଦେଲେ । ତାଙ୍କୁ ପୁଅ ଭଳି ଦେଖିଲେ ।

କୃଷ୍ଣଚନ୍ଦ୍ର ସବୁରାଜା ରାଜକେମାଙ୍କ ପାଣି ଗ୍ରହଣ କରିଥିଲେ । ଶ୍ରୀ ରାମଚନ୍ଦ୍ର, ଶ୍ୟାମଚନ୍ଦ୍ର ଓ ଶ୍ରୀ ଦାମଚନ୍ଦ୍ର—ତାଙ୍କର ତିନିପୁଅ ଥିଲେ । ଶ୍ରୀ ରାମଚନ୍ଦ୍ର ଟୀକାଯୁକ୍ତ ଥିଲେ । ତାଙ୍କ ପାରିବାରିକ ଜୀବନ ମଧୁମୟ ଥିଲା । ସେ ଖୁବ୍ ସ୍ନେହୀ ଥିଲେ ।

କଥିତ ଅଛି—ଶ୍ରୀରାମଚନ୍ଦ୍ର ଯେତେବେଳେ ଏଗାର ବର୍ଷ ହୋଇଥାନ୍ତି ସେତେବେଳେ ସେ ବସନ୍ତ ରୋଗରେ ପଡ଼ିଥିଲେ । ଯେତେ ଚେଷ୍ଟା କଲେ ମଧ୍ୟ କିଛି ଫଳ ହେଲାନି । ଡାକ୍ତରମାନେ ତାଙ୍କ ଜୀବନର ଆଶା ଛାଡ଼ି ଦେଇଥିଲେ । ପିତାମାତା ଆତ୍ମୀୟ ସ୍ୱଜନ ସମସ୍ତଙ୍କ ନୟନରୁ ଅବାରିତ ଅଶ୍ରୁର ଝରଣା ଝରିଲା । କାହାରି ପାଟିରୁ ଭାଷା ବାହାରିଲା ନାହିଁ । ଏହି ସମୟରେ ପିତା କୃଷ୍ଣଚନ୍ଦ୍ର ଅଧୀର ହୋଇ ବିନମ୍ର ପ୍ରାର୍ଥନା କରି କହିଲେ, 'ପ୍ରଭୋ, ମୋ ଜୀବନ ନେଇ ମୋ ପୁତ୍ରର ଜୀବନ ଫେରାଇ ଦିଅ ।

ଏହିପରି ପ୍ରାର୍ଥନା ଦିନେ ଦିଲ୍ଲୀ ଦରବାରରେ ହୋଇଥିଲା । ଦିଲ୍ଲୀଶ୍ୱର ବାଦଶାହ ବାବର ଆଲ୍ଲାଙ୍କୁ ଏହି ପ୍ରାର୍ଥନା କରିଥିଲେ । ତାଙ୍କ ଡାକ ଶୁଣିଥିଲେ । ପୁତ୍ର ହୁମାୟୁନ ଆରୋଗ୍ୟ ହେଲେ ।

Digitized by srujanika@gmail.com

ପିତା ସ୍ୱର୍ଗଗଲେ ଅମରଧାମକୁ (ପୂର୍ଣ୍ଣଚନ୍ଦ୍ର) । ଭଞ୍ଜ ରାଜତ୍ୱରେ ସେହି ଦୃଶ୍ୟର ପୁନରାବୃତ୍ତି ହେଲା । ପୁତ୍ର ଶ୍ରୀରାମଚନ୍ଦ୍ର କ୍ରମଶଃ ଆରୋଗ୍ୟ ହେଲେ । ପିତା କୃଷ୍ଣଚନ୍ଦ୍ର ରୋଗରେ ପଡ଼ିଲେ । ପୁତ୍ର ସମ୍ପୂର୍ଣ୍ଣ ଆରୋଗ୍ୟ ହେଲା ବେଳକୁ ପିତା ଚିରଦିନ ପାଇଁ ଆଖି ବୁଜିଲେ । ସେତେବେଳକୁ କୃଷ୍ଣଚନ୍ଦ୍ରଙ୍କର ବୟସ ହୋଇଥିଲା ମୋଟେ ୩୪ ବର୍ଷ । କୃଷ୍ଣଚନ୍ଦ୍ର ବେଶୀ ପାଠ ପଢ଼ି ନ ଥିଲେ । ତାଙ୍କ ପିତୃବିୟୋଗ ହେତୁ ପାଠ ପଢ଼ିବାର ସୁଯୋଗ ସୃଷ୍ଟି ନ ଥିଲା । ସେତେବେଳେ ସେ ଚାଟଶାଳୀରେ ଲେଖାପଢ଼ା ପାଇଁ ଓଡ଼ିଆ ଓ ହିସାବପତ୍ର ପାଇଁ ଗଣିତ ଶିକ୍ଷା କରିଥିଲେ । ମାତ୍ର ଏହି ଅଳ୍ପ ପାଠ ଅଳ୍ପଦିନ ରାଜତ୍ୱ ଓ ଅଳ୍ପମାତ୍ର ୩୪ବର୍ଷ ଜୀବନ କାଳ ମଧ୍ୟରେ ସେ ଯେପରି ଭାବରେ ରାଜ୍ୟଶାସନ ପ୍ରତିଭାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖାଇଗଲେ; ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

କୃଷ୍ଣଚନ୍ଦ୍ରଙ୍କ ସମସ୍ତ କାମରେ ରେଭେନ୍ସା ସାହେବ ତାଙ୍କର ପ୍ରଧାନ ସହାୟକ, ପରାମର୍ଶ ଦାତା ଓ ପରମ ବନ୍ଧୁ ଥିଲେ । ତାଙ୍କର ପରାମର୍ଶ ଅନୁସାରେ କୃଷ୍ଣଚନ୍ଦ୍ର କଟକ ଉଚ୍ଚ ଇଂରାଜୀ ବିଦ୍ୟାଳୟକୁ ଏକକାଳୀନ ସତେଇଶ ହଜାର ଟଙ୍କା ଦାନ କରିଥିଲେ । ତାଙ୍କର ଦାନ ଫଳରେ ଏକ ସର୍ବଶ୍ରେଷ୍ଠ ବିଦ୍ୟାମନ୍ଦିର ରେଭେନ୍ସା କଲେଜ ପ୍ରତିଷ୍ଠିତ ହୋଇ ପାରିଥିଲା । ତାହା ବ୍ୟତୀତ ସେ ଓଡ଼ିଶା ମେଡ଼ିକାଲ ସ୍କୁଲକୁ ସାତ ହଜାର ଟଙ୍କା ଦାନ କରିଥିଲେ । ଏହା ତାଙ୍କର ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ପ୍ରେମର ଜ୍ୱଳନ୍ତ ନିଦର୍ଶନ । ସେ କେବଳ ନିଜ ରାଜ୍ୟର ନୁହେଁ ସମଗ୍ର ଉତ୍କଳର ଉନ୍ନତି ପାଇଁ ଚିନ୍ତା କରୁଥିଲେ ।

ନିଜ ରାଜ୍ୟର ଶାସନ ଶୃଙ୍ଖଳା ବିକାଶ କ୍ଷେତ୍ରରେ ନାହିଁ ନ ଥିବା ପରିବର୍ତ୍ତନ ଆଣିଥିଲେ । ସେ ରାଜଗାଦିରେ ବସିଲା ବେଳକୁ ରାଜ୍ୟରେ ନାନା ପ୍ରକାର ଅଶାନ୍ତି ସୃଷ୍ଟି ହୋଇଥିଲା । ରାଜ୍ୟର ଶାସନ ଶୃଙ୍ଖଳା ବୋଲି କିଛି ନ ଥିଲା । ବାସ୍ତବରେ ସେ ଥିଲେ ଜଣେ ଶକ୍ତିଶାଳୀ ଓ ପ୍ରତିଭାବାନ ଶାସକ । ତାଙ୍କଠାରୁ ହିଁ ମୟୂରଭଞ୍ଜ ଶାସନର ନବଯୁଗ ଆରମ୍ଭ ହେଲା । ସେ ପ୍ରଗତିଶୀଳ ଶାସନ ଶୃଙ୍ଖଳାର ବୀଜ ବୃକ୍ଷ ରୋପଣ କରିଥିଲେ । ପରେ ତାହା ତାଙ୍କ ସୁପୁତ୍ର ଶ୍ରୀରାମଚନ୍ଦ୍ରଙ୍କ ସେବା ଯତ୍ନରେ ଡାଳ ପତ୍ର ମେଲାଇ ଫୁଲ ଫଳ ଧରିଥିଲା । ପୁତ୍ର ଶ୍ରୀରାମଚନ୍ଦ୍ରଙ୍କ ପରେ ପୂର୍ଣ୍ଣଚନ୍ଦ୍ର ଓ ପ୍ରତାପଚନ୍ଦ୍ର ତାଙ୍କର ସୁଯୋଗ୍ୟ ନାତିମାନେ ମଧ୍ୟ ତାଙ୍କର ଶାସନ ଶୃଙ୍ଖଳାର ପ୍ରଗତିଶୀଳ ଦୀପ ଶିଖାର ଉଜ୍ଜ୍ୱଳ ଆଲୋକରେ ତତ୍କାଳୀନ ଶାସକ ବର୍ଗଙ୍କୁ ବିସ୍ମୟ ଅଭିଭୂତ କରିଥିଲେ ।

କୃଷ୍ଣଚନ୍ଦ୍ର ରାଜଛତ୍ର ଧରିବା ପୂର୍ବରୁ ଭଞ୍ଜବଂଶର ଅନ୍ୟ କୌଣସି ରାଜା ରାଜ୍ୟରେ ଆଧୁନିକ ଶାସନ ପ୍ରଣାଳୀ ପ୍ରୟୋଗ କରି ନ ଥିଲେ । ସେମାନେ କେବଳ ପୁରୁଣା-

Digitized by srujanika@gmail.com

ଚାଲିଆ ବା ପାରଂପାରିକ ଗ୍ରନ୍ଥରେ ଶାସନ ଚଳାଇ ଥିଲେ । ମାତ୍ର କୃଷ୍ଣଚନ୍ଦ୍ର ଶାସନ କ୍ଷେତ୍ରରେ ତାହା ଅନୁସରଣ କରି ନ ଥିଲେ । ସେ ଶାସନର ସୁବିଧା ଦୃଷ୍ଟିରୁ ରାଜ-ରାଜତ୍ୱର ଆରମ୍ଭରୁ ହିଁ ଶାସନର ପ୍ରତ୍ୟେକ କ୍ଷେତ୍ରରେ ନୂତନ ବିଭାଗମାନ ଖୋଲି ଥିଲେ ।

ରାଜଗାଦିରେ ବସିଲାବେଳକୁ ବିଭିନ୍ନ ବିଭାଗ ବିକଳାଙ୍ଗ ଅବସ୍ଥାରେ ଥିଲା । କୌଣସି ବିଭାଗର କାର୍ଯ୍ୟ ପ୍ରଣାଳୀ ଲେଖା ନହୋଇ ମୌଖିକ ଭାବରେ କାମ ଚାଲୁଥିଲା । ତେଣୁ ରାଜ୍ୟର ଶ୍ରେଷ୍ଠ ବଡ଼ ସମସ୍ତ କର୍ମଚାରୀ ମନଇଚ୍ଛା କାମ କରୁଥିଲେ । ସେ ଯାହା ହୁକୁମ ଜାରି କରୁଥିଲେ ତାହା ପ୍ରଜାମାନେ ଶୁଣିବାକୁ ବାଧ ହେଉଥିଲେ । ରାଜକର୍ମ-ଚାରୀମାନେ ସର୍ବେସର୍ବା ହୋଇ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । କୃଷ୍ଣଚନ୍ଦ୍ର ଏସବୁ ହୃଦୟଙ୍ଗମ କରି ପ୍ରଜାମାନଙ୍କ ପରୁ ଅନ୍ୟାୟକର ହଠାଇ ଦେଲେ । ବିଭିନ୍ନ ବିଭାଗ-ମାନ ଖୋଲି ରାଜ୍ୟଶାସନ ଓ ପ୍ରଜାପାଳନର ବ୍ୟବସ୍ଥା କଲେ । ମୟୂରଭଞ୍ଜ ରାଜ୍ୟ ବାମନଘାଟି ଓ ସଦର ଏହିପରି ଦୁଇଟି ସବ୍‌ଡିଭିଜନରେ ବିଭକ୍ତ ହେଲା । ପ୍ରତି ସବଡିଭିଜନରେ ବିଚାରାଳୟ ସ୍ଥାପିତ ହେଲା । ବିଭିନ୍ନ ବିଭାଗରେ ଫୌଜଦାରୀ, ଦେବାନୀ ଓ ରାଜସ୍ୱ ଅଦାଲତମାନ ସୃଷ୍ଟି ହେଲା । ସରକାରଙ୍କ ତରଫରୁ ଓକିଲ ନିଯୁକ୍ତ ହେଲେ । ପକ୍ଷମାନେ ଓକିଲ ମୁକ୍ତାର ନିଯୁକ୍ତ କରିବାର ଅନୁମତି ପାଇଲେ । ରାଜାମାନେ ମକଦ୍ଦମାଗୁଡ଼ିକର ଅପିଲ ଶୁଣିବାର ବ୍ୟବସ୍ଥା କଲେ । ପ୍ରତ୍ୟେକ ପ୍ରଗଣାରେ ପୋଲିସ ଥାନା ସ୍ଥାପନ କରାଗଲା । ଥାନାଗୁଡ଼ିକ ଜଣେ ଜଣେ ସର୍ଦ୍ଦାରଙ୍କ ଦାୟିତ୍ୱରେ ରହିଲା । ବାରିପଦାରେ ଗୋଟିଏ ରେଜିଷ୍ଟ୍ରି ଅଫିସ୍ ଖୋଲିଲା । ତାହା ଜିଲ୍ଲାପାଳଙ୍କ ଅଧୀନରେ ରହିଲା । ବିକ୍ରି କବଲା, ବନ୍ଧକ ଆଦିର ପଞ୍ଜୀକରଣ ପାଇଁ ଜଣେ ସବ୍-ରେଜିଷ୍ଟ୍ରାର ନିଯୁକ୍ତ ହେଲେ ।

ପୂର୍ବେ ପଧାନମାନେ ରାଜସ୍ୱ ଆଦାୟର ସର୍ବେସର୍ବା ଥିଲେ । ସେମାନେ ମନଇଚ୍ଛା ଖଜଣା ଆଦାୟ କରି ତାହାର କିଛି ଅଂଶ ସରକାରଙ୍କୁ ଦେଉଥିଲେ । ଜମିଜମା ମାପ କରାଯାଉ ନ ଥିଲା । କୃଷ୍ଣଚନ୍ଦ୍ର ରାଜା ହେବାପରେ ମାପଚୁପ କରି ଜମିଜମା ବନ୍ଦୋବସ୍ତ କଲେ ।

ପୂର୍ବରୁ ରାଜ୍ୟରେ ଜେଲ ନଥିଲା । ବିଚାରାଧୀନ ବ୍ୟକ୍ତିମାନଙ୍କୁ ଗୋଡ଼, ହାତ ଭଳି ତାଙ୍କ ଦେହ ଖୁଣ୍ଟରେ ବାନ୍ଧି ଦେଉଥିଲେ । ସେ ଏହି ବ୍ୟବସ୍ଥା ପରିବର୍ତ୍ତେ ଜେଲ ଓ ହାଜତ ତିଆରି କରାଇଲେ ।

ରାଜ୍ୟରେ ରାସ୍ତା ଓ ସରକାରୀ ଗୃହ ନିର୍ମାଣ କରିବା ସେ ସର୍ବପ୍ରଥମେ ସୂତ୍ରିବିଭାଗ ସୃଷ୍ଟି କରିଥିଲେ । ବାରିପଦାରୁ ବାଲେଶ୍ୱର ଓ ବହଳଦା ପର୍ଯ୍ୟନ୍ତ ଦୁଇଗୋଟି ପ୍ରକାଣ୍ଡ ରାସ୍ତା ନିର୍ମାଣ କରାଇଥିଲେ । ସେ ମଧ୍ୟ ଏକ ଡାକ ସେବାସଂସ୍ଥା ଖୋଲିଥିଲେ ।

Digitized by srujanika@gmail.com

ସେ ଗୋଲପବାଗରେ ଏକ ସୁନ୍ଦର ଉଦ୍ୟାନ ନିର୍ମାଣ କରିଥିଲେ । ଏହା ଫୁଲ ଫଳରେ ଭରପୂର ଥିଲା । ତାଙ୍କ ସମୟରେ ବାରିପଦାର ରାଜଭବନ ନିର୍ମିତ ହୋଇଥିଲା । ରାଜ୍ୟରେ ଜଳାଭାବ ଦୂରୀକରଣ ନିମିତ୍ତ କୂପ, ପୁଷ୍କରିଣୀ ଓ ବନ୍ଧମାନ ଖନନ କରାଯାଇଥିଲା ।

ସେ ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ମନପ୍ରାଣ ଢାଳି ଦେଇଥିଲେ । ସେ ବାରିପଦାରେ ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଗାଁ ଗହଳରେ ବହୁ ପ୍ରାଥମିକ ବିଦ୍ୟାଳୟ ଓ ଓଡ଼ିଆ ପାଠଶାଳା ପ୍ରତିଷ୍ଠା କରିଥିଲେ । ଏହିସବୁ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ବିନାବେତନରେ ପାଠ ପଢ଼ିବାର ସୁଯୋଗ ପାଉଥିଲେ । ବାରିପଦାରେ ମଧ୍ୟ ସେ ସର୍ବପ୍ରଥମେ ଏକ ଛାପାଖାନା ଓ ପୁସ୍ତକ ମୁଦ୍ରଣର ବ୍ୟବସ୍ଥା କରିଥିଲେ । ଫଳତଃ ବାରିପଦାରେ ଓଡ଼ିଆ ଓ ଇଂରାଜୀ ଭାଷାରେ ମୟୂରଭଞ୍ଜ ପାକ୍ଷିକ ପତ୍ରିକା ଛପାଉଥିଲେ ।

ଏହାଛଡ଼ା ରାଜ୍ୟରେ ପ୍ରଜାମାନଙ୍କର ସ୍ୱାସ୍ଥ୍ୟରକ୍ଷା ନିମିତ୍ତ ବାରିପଦାରେ ଗୋଟିଏ ଡାକ୍ତରୀ ଚିକିତ୍ସାଳୟ ପ୍ରତିଷ୍ଠା କରିଥିଲେ । ଏଥିରେ ଏଲୋପାଥିକ ଓ ଆୟୁର୍ବେଦ ମତରେ ଔଷଧ ଦେବାର ବ୍ୟବସ୍ଥା କରିଥିଲେ ।

ରାଜ୍ୟର ଏ ସମସ୍ତ ସୁଶାସନ ପ୍ରଚଳନ ଫଳରେ ପ୍ରଜାମାନେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ଫଳରେ ଇଂରେଜ ସରକାର ତାଙ୍କ ଆଦର୍ଶ ଶାସନରେ ମୁଗ୍ଧ ହୋଇ ୧୮୭୭ ମସିହାରେ ତାଙ୍କୁ 'ମହାରାଜା' ଉପାଧିରେ ଅଳଂକୃତ କଲେ ଏବଂ ୧୮୭୮ ଖ୍ରୀ: ଅ. ରେ ତାଙ୍କୁ ବାମନଘାଟୀ ଜମିଦାରୀ ଫେରାଇଦେଲେ । ୧୮୮୨ ଖ୍ରୀ. ଅ: ମେ ୨୯ ତାରିଖରେ ତାଙ୍କର ଦେହାବସାନ ହୋଇଥିଲା । ତାଙ୍କ ସମୟରେ ପ୍ରସନ୍ନ କୁମାର ଘୋଷାଲ ଦେୱାନ ଥିଲେ ।

ବଂଶାବଳୀ :

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବ

- ଟୀକାୟତ
  ଶ୍ରୀରାମଚନ୍ଦ୍ର ଭଞ୍ଜଦେବ
  - ଟୀକାୟତ
    ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ
  - ଜ୍ୟେଷ୍ଠରାୟ
    ପ୍ରତାପଚନ୍ଦ୍ର ଭଞ୍ଜ ଦେବ
- ଜ୍ୟେଷ୍ଠରାୟ
  ଶ୍ୟାମଚନ୍ଦ୍ର ଭଞ୍ଜଦେବ
  (ନୀଳଗିରି ରାଜାଙ୍କ ପୋଷ୍ୟ ପୁତ୍ର ରୂପେ ନୀଳଗିରି ରାଜା)
- ସହଦରାୟ
  ଶ୍ରୀ ବାମଚନ୍ଦ୍ର ଭଞ୍ଜ ଦେବ
  - କୁମାର ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜ ଦେବ

Digitized by srujanika@gmail.com

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ :

ମହାରାଜା କୃଷ୍ଣଚନ୍ଦ୍ରଭଞ୍ଜଙ୍କ ମୃତ୍ୟୁ ବେଳକୁ ଶ୍ରୀ ରାମଚନ୍ଦ୍ରଙ୍କର ବୟସ ମୋଟେ ଏଗାର ବର୍ଷ । ସେ ନାବାଳକ ଥିବାରୁ ଇଂରେଜ ସରକାର 'କୋର୍ଟ ଅଫ ଓ୍ୱାର୍ଡ୍‌ସ' ବଳରେ ମୟୂରଭଞ୍ଜ ରାଜ୍ୟର ଶାସନ ଭାର ନେଲେ । ପି. ୱାଇଲି ନାମକ ଇଂରେଜ ସାହେବ ଏହି ଦାୟିତ୍ୱ ଗ୍ରହଣ କଲେ । ଶ୍ରୀ ରାମଚନ୍ଦ୍ରଙ୍କର ପଢ଼ାପଢ଼ିର ଭାର ମଧ୍ୟ ଇଂରେଜ ସରକାର ବୁଝିଲେ । କଡ଼େଲ ସାହେବ ଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ତାଙ୍କର ଶିକ୍ଷକ ରୂପେ ବାରିପଦା ବିଦ୍ୟାଳୟ ପରେ କଟକର କଲେଜିଏଟ୍ ସ୍କୁଲରେ ପଢ଼ିବା ବେଳେ ତାଙ୍କୁ ଶିକ୍ଷାଦାନ କରୁଥିଲେ । କଟକରେ ଏନଟ୍ରାନସ ପରୀକ୍ଷାରେ ପାଶ କଲେ । ତା'ପରେ ସେ କଲେଜରେ ମଧ୍ୟ ପଢ଼ିଲେ । କଲେଜରେ ଏଫ୍. ଏ. ପାଶ କରି ବି. ଏ ପଢ଼ୁଥିବାବେଳେ ସେ ସାବାଳକ ହୋଇ ଯାଇଥିବା ହେତୁରୁ ରାଜକାର୍ଯ୍ୟ ବୁଝିବା ପାଇଁ ଇଂରେଜ ସରକାର ବାରିପଦାକୁ ଡକାଇ ଆଣିଲେ ।

୧୮୯୨ ମସିହା ଅଗଷ୍ଟ ମାସରେ ରାଜାଭିଷେକ ହୋଇଥିଲା । ରାଜକାର୍ଯ୍ୟ ପାଇଁ ତାଙ୍କୁ ସମ୍ପୂର୍ଣ୍ଣ ଅଧିକାର ଦିଆଗଲା । ତା ପୂର୍ବରୁ ତାଙ୍କୁ ଶାସନ କାର୍ଯ୍ୟ ବିଷୟରେ ତାଲିମ୍ ଦିଆଯାଇଥିଲା । ୧୮୯୬ ଖ୍ରୀ: ଅ:ରେ ଗ୍ରେଟନାଗପୁର ରାଜକନ୍ୟା ଲକ୍ଷ୍ମୀକୁମାରୀ ଦେବୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ଲକ୍ଷ୍ମୀକୁମାରୀ ଦେବୀ ରୂପରେ ଗୁଣରେ ସାକ୍ଷାତ ଲକ୍ଷ୍ମୀପରି । ସେ ବଡ଼ ସ୍ନେହୀ ଓ ପରୋପକାରୀ ଥିଲେ । ସ୍ୱାମୀଙ୍କୁ ସେ ଦେବତା ଭଳି ମାନୁଥିଲେ । ମାତ୍ର ୧୯୦୨ ଖ୍ରୀ: ଅ:ରେ ମହାରାଜାଙ୍କର ପ୍ରିୟତମା ରାଣୀ ଲକ୍ଷ୍ମୀ-କୁମାରୀ ତାଙ୍କୁ ଚିରଦିନ ପାଇଁ ଛାଡ଼ିଗଲେ । ସେତେବେଳକୁ ତାଙ୍କର ବଡ଼କନ୍ୟା ଶ୍ରୀ ପଦ୍ମମଞ୍ଜରୀ ଓ ଟୀକାୟତ ପୂର୍ଣ୍ଣଚନ୍ଦ୍ର ଏବଂ ଗ୍ରେଟରାୟ ପ୍ରତାପଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ ।

ମହାରାଣୀ ଲକ୍ଷ୍ମୀକୁମାରୀଙ୍କ ମୃତ୍ୟୁପରେ ପୁଣି ଆଉ ଏକ ବିପଦରେ ଶ୍ରୀ ରାମଚନ୍ଦ୍ର ଶ୍ରୀହୀନ ହେଲେ । ତାଙ୍କ ସ୍ନେହର କନ୍ୟା ଶ୍ରୀ ପଦ୍ମମଞ୍ଜରୀ ପୁଣି ଇହଧାମ ତ୍ୟାଗକରି ସ୍ୱର୍ଗପୁରର ଯାତ୍ରୀ ସାଜିଲେ । ସେଥିରେ ସେ କ୍ଷଣିକ ପାଇଁ ଶୋକାତୁର ହୋଇ ପଡ଼ିଥିଲେ । ମାତ୍ର ଦୃଢ଼ ଭଗବତ୍ ବିଶ୍ୱାସ ବଳରେ ନିଜକୁ ସମ୍ଭାଳି ନେଲେ । ନିଜକୁ ରାଜକାର୍ଯ୍ୟ ଓ ବିଭିନ୍ନ ପୁସ୍ତକ ଅଧ୍ୟୟନ କାର୍ଯ୍ୟରେ ନିୟୋଜିତ କଲେ । ତାପରେ ସେ କେଶବ ଚନ୍ଦ୍ର ସେନଙ୍କ ଦୁହିତା ସୁଚାରୁ ଦେବୀଙ୍କୁ ବିବାହ କରିଥିଲେ । ମହାରାଜା ଲକ୍ଷ୍ମୀକୁମାରୀଙ୍କୁ ବିବାହ କରିବା ପୂର୍ବରୁ ଏହାଙ୍କୁ ବିବାହ କରିବେ ବୋଲି କଥା ଦେଇଥିଲେ । ମାତ୍ର ରାଜପରିବାର ଓ ପ୍ରଜାବୃନ୍ଦ ଏଥିରେ ମତ ଦେଇ ନ ଥିବାରୁ ସେ ତାଙ୍କ ସହିତ ବିବାହ କଥା ଭୁଲିଯାଇ ଲକ୍ଷ୍ମୀକୁମାରୀଙ୍କୁ ବିବାହ କରିଥିଲେ । କିନ୍ତୁ ସୁଚାରୁଦେବୀ ଏ ପର୍ଯ୍ୟନ୍ତ ଚଉଦ ବର୍ଷ ଯାଏ ବିବାହ ନକରି ତାଙ୍କୁ ଅପେକ୍ଷା କରି

Digitized by srujanika@gmail.com

ରହୁଥିଲେ । ଝଡେବଜ ଓ ଭଣ୍ଡିତ୍ୟର ଅନୁରୋଧରେ ତାଙ୍କ ବିବାହ କରୁଥିବାର ଜାଣି ପ୍ରଜାବୃନ୍ଦ ମହାରାଜାଙ୍କୁ ଠିକ୍ ସମୟରେ ବୁଝିଥିଲେ ଏବଂ ଏଥିରେ ଆପତ୍ତି ଉଠାଇ ନଥିଲେ । ସେ ମହାରାଣୀ ଲକ୍ଷ୍ମୀକୁମାରୀଙ୍କ ସ୍ମୃତି ରକ୍ଷାପାଇଁ ରାଣୀବାଗରେ ତାଙ୍କ ସମାଧି ଓ ବାରିପଦାରେ ଲକ୍ଷ୍ମୀକୁମାରୀ ଧର୍ମଶାଳା ଓ କନ୍ୟା ଶ୍ରୀ ପଦ୍ମମଞ୍ଜରୀଙ୍କ ସ୍ମୃତି ରକ୍ଷାପାଇଁ କୋଷ୍ଠାଶ୍ରମ ପ୍ରତିଷ୍ଠା କରିଥିଲେ ।

ଶ୍ରୀ ରାମଚନ୍ଦ୍ର ଜଣେ ବିଚକ୍ଷଣ ଓ ପ୍ରତିଭାବାନ ଶାସକ ଥିଲେ । ସେ ଅଳ୍ପ କାଳ ମଧ୍ୟରେ ରାଜ୍ୟରେ ସୁଶାସନ ପ୍ରତିଷ୍ଠା କରି ପାରିଥିଲେ । ସେ ରାଜତ୍ୱର ଅଳ୍ପଦିନ ମଧ୍ୟରେ ରାଜ୍ୟସଭା (State Council) ଗଠନ କରିଥିଲେ । ଏଥିରେ ସେ ନିଜେ ସଭାପତି ଥିଲେ । ରାଜ୍ୟର ଦେୱାନ, ବିଚାରପତି, ପୋଲିସ ଅଧ୍ୟକ୍ଷ, ରାଜ୍ୟର ଯନ୍ତ୍ରୀ ଓ ଦୁଇଜଣ ଅଣ କର୍ମଚାରୀ ସଦସ୍ୟ ରହିଲେ । ଏହି ସଭାରେ ବିଭିନ୍ନ ବିଭାଗ ପାଇଁ ଆଇନ ପ୍ରଣୟନ ଓ ବାର୍ଷିକ ବଜେଟ ଆଲୋଚନା କରାଯାଉଥିଲା । ରାଜ୍ୟରେ ସେ ନୂତନ ବିଭାଗମାନ ଖୋଲି ରାଜ୍ୟରେ ବିଭିନ୍ନ ସଂସ୍କାର ଆଣିଥିଲେ । ତାଙ୍କ ରାଜତ୍ୱ କାଳରେ ସେ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପୂର୍ତ୍ତ, କୃଷି ପ୍ରଭୃତି ବିଭିନ୍ନ ବିଭାଗର ଉନ୍ନତି ପାଇଁ ପ୍ରଚେଷ୍ଟା କରିଥିଲେ ।

ସେ ବିଚାର ବିଭାଗକୁ ଶାସନ ବିଭାଗରୁ ଅଲଗା କରି ପ୍ରଜାମାନଙ୍କୁ ଉପଯୁକ୍ତ ନ୍ୟାୟ ଦେଉଥିଲେ ।

ମହାରାଜା ଜମିଜମାର ବନ୍ଦୋବସ୍ତ କରାଇ ନିୟମ ଅନୁସାରେ ଖଜଣା ଆଦାୟର ବନ୍ଦୋବସ୍ତ କରିଥିଲେ । ପ୍ରଜାମାନଙ୍କୁ ନିଜ ଜମିର ସ୍ୱତ୍ୱାଧିକାର ମିଳିଲା ।

ସେ ପୋଲିସ ବିଭାଗର ପୁନର୍ଗଠନ କରିଥିଲେ । ଏଥିରେ ଶିକ୍ଷିତ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିଥିଲେ । ଉକ୍ତ ବିଭାଗରେ ଜମାଦାର, ସବ୍-ଇନସ୍ପେକ୍ଟର ଇତ୍ୟାଦି ନୂତନ ନୂତନ ପଦ ସୃଷ୍ଟି କରିଥିଲେ । ତାଙ୍କ ସମୟରେ ୧୩ଟି ଥାନା ଓ ୧୦ଟି ଫାଣ୍ଡି ସ୍ଥାପିତ ହୋଇଥିଲା ।

୧୮୯୫ ଖ୍ରୀ.ଅ.ରେ ପ୍ରତ୍ୟେକ ରାଜକୀୟ ବିଭାଗରେ ସ୍ୱକରସ୍ତୁଢ଼ତ ଦରମା ନିୟମ ଅନୁସାରେ ବର୍ଗୀକରଣ କରାଯାଇ ପେନସନ୍ ଦେବାର ବନ୍ଦୋବସ୍ତ କରାଯାଇଥିଲା ।

ସେ ରାଜ୍ୟର ପଡ଼ିଆ ଜମିକୁ ଉଠିଆ କରିବାର ବନ୍ଦୋବସ୍ତ କରିଥିଲେ । ଜଙ୍ଗଲ ଜମିଗୁଡ଼ିକର ଅମଲନାମା ପଟ୍ଟା ଦିଆଯାଇଥିଲା । ରାଜ୍ୟରେ ସବୁଜ ବିପ୍ଳବର ସାର୍ଥକତା ଆଣିବା ପାଇଁ ଖରା ବର୍ଷା ସବୁଦିନେ ଫସଲ ପାଇଁ ହ୍ରଳଦଅ, ବାନ୍ଧଡ଼ିହା

Digitized by srujanika@gmail.com

ଓ ଗୋହିରଖାଳରେ ଛଅ ଲକ୍ଷ ଟଙ୍କା ଖର୍ଚ୍ଚକରି କେନାଲ୍ ଓ ଆନିକଟ ନିର୍ମାଣ କରିଥିଲେ । କୃଷି ଋଣ ଓ ଅନ୍ୟାନ୍ୟ ଋଣ ପାଇଁ ସାହୁକାର ମାନଙ୍କ କବଳରୁ ରକ୍ଷା କରିବା ପାଇଁ ପ୍ରଜାମାନଙ୍କୁ ଅଳ୍ପ ସୁଧରେ ଋଣ ଦିଆଯିବାର ବନ୍ଦୋବସ୍ତ ହୋଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ଧାନ ଭଣ୍ଡାର ମାନ ବସାଇ ଓ ସମବାୟ ସମିତି ଖୋଲି ପ୍ରଜାମାନଙ୍କୁ ସାହାଯ୍ୟ କରାଯାଇଥିଲା ।

ଶିକ୍ଷାର ଉନ୍ନତି ପାଇଁ ବାରିପଦା ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ କରାଯାଇଥିଲା । ଏତଦବ୍ୟତୀତ ବିଭିନ୍ନ ସ୍ଥାନରେ ମ. ଇ. ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଓ ପ୍ରୌଢ଼ଶିକ୍ଷା ପାଇଁ ନୈଶ୍ୟ ବିଦ୍ୟାଳୟମାନ ଖୋଲା ଯାଇଥିଲା । ଏତଦ୍ ବ୍ୟତୀତ ବାରିପଦାରେ ଜୁବୁଲି ଲାଇବ୍ରେରି, ବାରିପଦା ମ୍ୟୁଜିୟମ ଆଦି ତାଙ୍କର ଅମର କୀର୍ତ୍ତି ।

ଡାକ୍ତରୀ ଚିକିତ୍ସା ପାଇଁ ବାରିପଦା, ନୟାଁବସାଣ ତଥା ରାଜ୍ୟର ଅନ୍ୟ ସ୍ଥାନମାନଙ୍କରେ ୮ଟି ଡାକ୍ତରଖାନା ଖୋଲିଥିଲେ । ବାରିପଦାର ଦାତବ୍ୟ ଚିକିତ୍ସାଳୟ 'ସପ୍ତମ ଏଡ୍‌ଓ୍ୱାର୍ଡ ଦାତବ୍ୟ ଚିକିତ୍ସାଳୟ' ନାମରେ ନାମିତ ହୋଇଥିଲା । ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବାଧ୍ୟତାମୂଳକ ଟିକାଦେବା ବ୍ୟବସ୍ଥା ପ୍ରଚଳନ ହୋଇଥିଲା ।

୧୯୦୫ରେ ବ୍ରିଟିଶ ଢାଞ୍ଚାରେ ବାରିପଦାରେ ପୌର ପରିଷଦଟିଏ ସ୍ଥାପିତ ହୋଇଥିଲା । ଏହି ପରିଷଦର ଉପସଭାପତି ରୂପେ ଉତ୍କଳମଣି ଗୋପବନ୍ଧୁ ଦନେ କାର୍ଯ୍ୟ କରିଥିଲେ । ତାଙ୍କ ସମୟରେ ବାରିପଦା ବାସୀଙ୍କର ମହୋପକାର ସାଧିତ ହୋଇଥିଲା । ଆଜିର ଗୁଜୁରୀ ବଜାରଟିରେ ପୂର୍ବେ ଜେଲଖାନା ଥିଲା । ତାଙ୍କ ସମୟରେ ଏକ ଉନ୍ନତ ଜେଲ୍‌ଖାନା ସହରର ପୂର୍ବ ପାର୍ଶ୍ୱସ୍ଥ ମୁର୍ଗାବାଡ଼ିର ନିକଟବର୍ତ୍ତୀ ସ୍ଥାନରେ ଗଢ଼ି ଉଠିଲା ।

ଲୋକମାନଙ୍କର ଯାତାୟତ ତଥା ବନ୍ୟଜାତ ଦ୍ରବ୍ୟର ରପ୍ତାନୀ ଆଦି ପାଇଁ ରୂପ୍‌ସା—ବାରିପଦା ସଙ୍କୀର୍ଣ୍ଣ ରେଳପଥ ନିର୍ମାଣ କରାଯାଇଥିଲା । ଏଥିରେ ଛଅଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ୧୯୦୪ରେ ବଙ୍ଗର ଲେପ୍‌ଟେନାଣ୍ଟ ଗଭର୍ଣ୍ଣର ସାର୍ ଆଣ୍ଡ୍ରୁ ଫ୍ରେଜାର ଏହା ଉଦ୍‌ଘାଟନ କରିଥିଲେ । ତାଙ୍କ ଆଗମନ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ତାଙ୍କ ନାମରେ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଫ୍ରେଜାର ଛାତ୍ରାବାସ ଓ ବାରିପଦାରେ ଶ୍ରୀମତୀ ଫ୍ରେଜାରଙ୍କ ନାଁ ଅନୁସାରେ ଲେଡ଼ି ଫ୍ରେଜାର ଗାର୍ଲସ ସ୍କୁଲ ସ୍ଥାପନ କରାଯାଇଥିଲା ।

ମହାରାଜା ଏକ ନୂତନ ଜଙ୍ଗଲ ବିଭାଗ ଖୋଲିଥିଲେ । ଜଙ୍ଗଲ ବିଭାଗର ଅବସର ପ୍ରାପ୍ତ ଅଭିଜ୍ଞ କର୍ମଚାରୀ ପି. ସି. ହେଟ୍‌କ୍ସ ଜଙ୍ଗଲ ଉନ୍ନତି ଦାୟିତ୍ୱରେ

Digitized by srujanika@gmail.com

ରଖିଥିଲେ । ଅବାଞ୍ଛିତ ପୋଡ଼ୁଚାଷ ପ୍ରଥା ବନ୍ଦ କରାଯାଇ ଜଙ୍ଗଲ ସୁରକ୍ଷା କରାଯାଇଥିଲା ପୁନଶ୍ଚ ମୂଲ୍ୟବାନ କାଠଗୁଡ଼ିକ କାଟିବାର ବନ୍ଦୋବସ୍ତ କରାଯାଇଥିଲା । ଏହାଛଡ଼ା ଜଙ୍ଗଲ ସୁରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ନବୀକରଣ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ପ୍ରଥମେ ସେ ୮୮ ମାଇଲ ବର୍ଗ ପରିମିତ ଜଙ୍ଗଲ ପରୀକ୍ଷାମୂଳକ ଜଙ୍ଗଲ ସୁରକ୍ଷା ଯୋଜନା ଅନ୍ତର୍ଗତ କରିଥିଲେ । ମହାରାଜାଙ୍କ ୨୦ ବର୍ଷ ରାଜତ୍ୱକାଳ ମଧ୍ୟରେ ଜଙ୍ଗଲ ବିଭାଗର ଆୟ ଛଅଶ ହଜାର ଟଙ୍କାରୁ ଅଠେଇ ଲକ୍ଷ ଟଙ୍କା ଯାଏ ବୃଦ୍ଧି ପ୍ରାପ୍ତ ହୋଇଥିଲା ।

ରାଜ୍ୟରେ ଭୂତତ୍ତ୍ୱ ବିଭାଗ ଖୋଲି ଭୂ-ତତ୍ତ୍ୱବିତ୍ ଶ୍ରୀଯୁକ୍ତ ପି. ଏନ୍. ବୋଷଙ୍କ ଦ୍ୱାରା ଭୂ-ତତ୍ତ୍ୱ ସର୍ଭେ କରାଯାଇଥିଲା । ସେ ବିଭିନ୍ନ ସ୍ଥାନରେ ମୂଲ୍ୟବାନ ଖଣିଜ ଦ୍ରବ୍ୟ ସହିତ ଗୋରୁମହିଷାଣୀ, ବାଦାମପାହାଡ଼ରେ ଉତ୍କୃଷ୍ଟ ଲୌହଖଣିର ସନ୍ଧାନ କରିଥିଲେ । ଫଳରେ ଗୋରୁମହିଷାଣୀ ବାଦାମ ପାହାଡ଼ ଓ ସୁଲେଇପାଟର ଲୁହା ଖଣି ଟାଟା କମ୍ପାନୀକୁ ପଟ୍ଟା ଦିଆଯାଇ ରାଜ୍ୟର ଅର୍ଥ ବୃଦ୍ଧି ତଥା ବେକାରୀ ସମସ୍ୟାର ସମାଧାନ କରାଯାଇଥିଲା । ଏହି ଖଣି ପାଇଁ ଯାମସେଦପୁରଠାରୁ ଗୋରୁମହିଷାଣୀ ଯାଏ ରେଳ ରାସ୍ତା ନିର୍ମାଣ କରାଯାଇଥିଲା ।

ମହାରାଜା ଜଣେ ଶ୍ରେଷ୍ଠ ନିର୍ମାତା ଥିଲେ । ସେ ରାଜ୍ୟର ଚିଫ୍ ଇଞ୍ଜିନିୟର ସାହାଯ୍ୟରେ ସରକାରୀ କୋଠାବାଡ଼ି, ଡାକବଙ୍ଗଳା, ପୋଲ, ବାଡ଼ ବନ୍ଧାଦି ନିର୍ମାଣ କରିଥିଲେ । ମୟୂରଭଞ୍ଜର ସ୍କୁଲୋଟିଯାକ ସବ୍-ଡ଼ିଭିଜନକୁ ଯିବାଆସିବା ପାଇଁ ରାସ୍ତାମାନ ନିର୍ମାଣ କରାଯାଇଥିଲା । ତା'ଛଡ଼ା ରାଜ୍ୟର ପ୍ରତି ଦଶ ମାଇଲରେ ଗୋଟିଏ ଲେଖାଏଁ ଡାକ ବଙ୍ଗଳା ନିର୍ମିତ ହୋଇଥିଲା ।

ମହାରାଜାଙ୍କ ଦୂରଦୃଷ୍ଟି ଥିଲା ସୁଦୂର ପ୍ରସାରୀ । ସେ ରାଜ୍ୟର ଶିଳ୍ପ, କୃଷି, ବାଣିଜ୍ୟ ଇତ୍ୟାଦି ଭୌତିକ ଉନ୍ନତି ସହିତ ପ୍ରଜାମାନଙ୍କର ନୈତିକ ଉନ୍ନତି ନିମିତ୍ତ ସେ ଚୀନ୍, ଜାପାନ, ଇଂଲଣ୍ଡ, ଆମେରିକା ଆଦି ଦେଶ ବୁଲିଥିଲେ ଏବଂ ସେହି ଉନ୍ନତଶୀଳ ଦେଶର ଅନୁକରଣ ରାଜ୍ୟର ପ୍ରଗତି ପାଇଁ ଅପ୍ରାଣ ଚେଷ୍ଟା କରିଥିଲେ ।

ମହାରାଜା ଜଣେ କଳା, ସଂସ୍କୃତି ଓ ସାହିତ୍ୟପ୍ରେମୀ ନରପତି ଥିଲେ । ସେ ଛଉନୃତ୍ୟର ନାନାଦି ସଂସ୍କାର ଆଣିଥିଲେ । ୧୯୧୧ ଖ୍ରୀ: ଅ: ରେ ଭାରତ ସମ୍ରାଟ ପଞ୍ଚମ ଜର୍ଜ ଓ ସାମ୍ରାଜ୍ଞୀ ମେରୀ ଭାରତ ଆଗମନ କାଳରେ ସେ ଯୋଦ୍ଧୃନୃତ୍ୟ (war dance) ନାମକ ଏକ ନୂତନ ନାଟ୍ୟ ସୃଷ୍ଟିକରି ତାହା କଲିକତା ମଇଦାନରେ ପ୍ରଦର୍ଶନ କରିଥିଲେ । ଏହାଦ୍ୱାରା ମୟୂରଭଞ୍ଜ ଓ ମୟୂରଭଞ୍ଜ ଛଉନାଚ ସମେତ ସେ ଅତ୍ୟନ୍ତ ପ୍ରଶଂସିତ ହୋଇଥିଲେ । ତାଙ୍କ ରାଜତ୍ୱ କାଳରେ ଛଉନୃତ୍ୟର ପ୍ରଭୂତ ଉନ୍ନତି ସାଧିତ

Digitized by srujanika@gmail.com

ହୋଇଥିଲା । ଟୀକାସ୍ଥିତ ପୂର୍ଣ୍ଣଚନ୍ଦ୍ର ପୂର୍ବୋକ୍ତ ସମ୍ରାଟ ସମ୍ରାଜ୍ଞୀଙ୍କ ଆଗମନ କାଳରେ ସାମ୍ରାଜ୍ଞୀଙ୍କର ବାଳ ଅନୁଚର ରୂପେ ସମ୍ମାନିତ ହୋଇଥିଲେ ।

"ମହାରାଜା ଗୁଣୀ ଜ୍ଞାନୀଲୋକଙ୍କୁ ଆଦର କରୁଥିଲେ । କଥିତ ଅଛି ତାଙ୍କ ରାଜସଭାରେ ବିଦ୍ୟାବାଚସ୍ପତିଙ୍କ ରାଜସଭାଭଳି ପଣ୍ଡିତମାନଙ୍କ ସମାବେଶରେ ପରିପୂର୍ଣ୍ଣ ଥିଲା । ନିଜ ରାଜ୍ୟ ତଥା ଅନ୍ୟ ସ୍ଥାନରୁ ୧୦ ଜଣ ପଣ୍ଡିତ ତାଙ୍କ ରାଜସଭାକୁ ନବରତ୍ନ ରୂପେ ମଣ୍ଡିତକରି ସଂସ୍କୃତ ମାଧ୍ୟମରେ ଧର୍ମ ଚର୍ଚ୍ଚା କରୁଥିଲେ [୬] ।"

ମହାରାଜାଙ୍କ ସାହିତ୍ୟ ପ୍ରେମ ଅନନ୍ୟ ସାଧାରଣ । ୧୮୯୬ରେ 'ଉତ୍କଳ ପ୍ରଭା' ନାମକ ଏକ ମାସିକ ସାହିତ୍ୟ ପତ୍ରିକା ଜନ୍ମ ନେଇଥିଲା । ଏହା ଫକୀରମୋହନ, ରାଧାନାଥ, ନନ୍ଦକିଶୋର ଆଦି ଉତ୍କଳର ସାହିତ୍ୟ ରଥୀମାନଙ୍କର ସାହିତ୍ୟ ରଥ ଚାଳନାରେ ବିଶେଷ ସହାୟତା ପ୍ରଦାନ କରିଥିଲା । ଏହାଛଡ଼ା ମନୋରମା ନାମକ ଏକ ସାପ୍ତାହିକ ପତ୍ରିକା ମଧ୍ୟ ସାହିତ୍ୟିକମାନଙ୍କୁ ସାରସ୍ୱତ ସାଧନା ପଥରେ ପ୍ରୋତ୍ସାହିତ କରିଥିଲା । ଏତଦ୍‌ବ୍ୟତୀତ ମହାରାଜା ସାହିତ୍ୟ ଲେଖକମାନଙ୍କୁ ପୁରସ୍କାର ତଥା ଆର୍ଥିକ ସାହାଯ୍ୟ ଦାନକରି ସେମାନଙ୍କର ଲେଖନୀ ଚାଳନାରେ ଅନୁପ୍ରାଣିତ କରୁଥିଲେ ।

ଶ୍ରୀରାମଚନ୍ଦ୍ର ଥିଲେ ଜଣେ ସ୍ୱଦେଶପ୍ରେମୀ । ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢ଼ି ତୋଳିବାରେ ଯେଉଁମାନଙ୍କର ଦାନ ଅବିସ୍ମରଣୀୟ । ସେମାନଙ୍କ ମଧ୍ୟରେ ମହାରାଜା ଥିଲେ ଅନ୍ୟତମ । ୧୯୦୩ରେ ସେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତିର ଆସନ ଅଳଂକୃତ କରିଥିଲେ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉଦ୍ଦେଶ୍ୟରେ ସେ ଯେଉଁ ସାରଗର୍ଭକ ଭାଷଣ ଦେଇଥିଲେ, ସେଥିରେ ଉପସ୍ଥିତ ଜନ ମୁଗ୍ଧ ଓ ଚକିତ ହୋଇଯାଇଥିଲେ ।

ସେ ଜଣେ ବଦାନ୍ୟମନା ବ୍ୟକ୍ତି ଥିଲେ । ରେଭେନ୍‌ସା କଲେଜ, ମେଡ଼ିକାଲ ସ୍କୁଲ୍, ଉତ୍କଳ ସାହିତ୍ୟ ସମାଜ ଗୃହ ନିର୍ମାଣ ଆଦି ପାଇଁ ତାଙ୍କର ଦାନ ଅବିସ୍ମରଣୀୟ ।

ତାଙ୍କ ସମୟରେ ପ୍ରସନ୍ନ କୁମାର ଘୋଷାଲ ଓ ମୋହିନୀମୋହନ ଧର ଦେଓ୍ୱାନ ଭାବେ ରହି ତାଙ୍କୁ ଶାସନ କ୍ଷେତ୍ରରେ ବହୁବିଧ ସାହାଯ୍ୟ ପ୍ରଦାନ କରିଥିଲେ ।

ମହାରାଜା ଶ୍ରୀରାମଚନ୍ଦ୍ର ଥିଲେ ଜଣେ ଆଦର୍ଶ ଶାସକ ଓ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱଧାରୀ ମାନବ । ସେ ଥିଲେ ଅତି ମାନବ । ସେ ମଣିଷ ନଥିଲେ, ସେ ଥିଲେ ଦେବତା । ତାଙ୍କ ହୃଦୟରେ ଦୟା, କ୍ଷମା, ବିନୟ, ସହନଶୀଳତା, ଧୈର୍ଯ୍ୟ, ସାହସ ଆଦି ଗୁଣର ଅନ୍ତଃସଲିଳା ଫଲଗୁ ପ୍ରବାହିତ ହେଉଥିଲା । ସେ ଥିଲେ ସଂତ୍ୟାଶ୍ରୟୀ, ନ୍ୟାୟଶୀଳ ଓ

Digitized by srujanika@gmail.com

ପରୋପକାରୀ । ରାଜକୁଳରେ ଜନ୍ମି, ରାଜୈଶ୍ୱର୍ଯ୍ୟ ଦୋଳାରେ ଦୋଳାୟିତ ହୋଇ ମଧ୍ୟ ସେ କୁପଥରେ ଯାଇନାହାଁନ୍ତି । ଏହା କମ୍ କଥା ନୁହେଁ । ବିଭିନ୍ନ ଗଡ଼ଜାତ ରାଜ୍ୟର ରାଜାମାନଙ୍କର ଭୋଗବିଳାସର ଯେଉଁ ସ୍ୱପ୍ନ ବିଭୋର ଓ ପ୍ରେମାସ୍ପଦର କାହାଣୀ ଶୁଣାଯାଏ ତାହା ମହାରାଜାଙ୍କ ଚରିତ୍ରରେ ଥିଲା ସ୍ୱପ୍ନ । ସେ ଥିଲେ ଜଣେ ଆଦର୍ଶ ରାଜା ଓ ସେ ମଧ୍ୟ ଥିଲେ ଋଷିପ୍ରତିମ ରାଜପୁରୁଷ । ସେ ଥିଲେ କର୍ମବୀର, ସ୍ଥିତପ୍ରଜ୍ଞ । ତାଙ୍କର ବହୁମୁଖୀ ପ୍ରତିଭାରେ ମୁଗ୍ଧ ହୋଇ ଇଂରେଜ ସରକାର ତାଙ୍କୁ 'ମହାରାଜ' ତଥା 'ବଂଶାନୁକ୍ରମିକ ମହାରାଜା' ଉପାଧିରେ ଭୂଷିତ କରିଥିଲେ ।

ଶେଫାଳି ପୁଷ୍ପ ଭଳି ସେ ସାମାନ୍ୟ ଚାଳିଶ ବର୍ଷ ଜୀବନକାଳ ଓ ସ୍ୱଳ୍ପ କୋଡ଼ିଏ ବର୍ଷ ମାତ୍ର ରାଜତ୍ୱକାଳ ମଧ୍ୟରେ ଯେପରି ଭାବରେ ରାଜ୍ୟ ଶାସନ ତଥା କୀର୍ତ୍ତି ଓ ଗୌରବର ସୁରଭି ଢାଳିଦେଇ ଚାଲିଗଲେ ତାହା କେବେ ଅସ୍ତମିତ ନହେ । ତାଙ୍କର ବହୁ ସ୍ୱପ୍ନ ଓ ବହୁ କାର୍ଯ୍ୟକାରୀ ଯୋଜନା ରୂପ ନେଇ ପାରିନଥିଲା । ବନକୁ ମୃଗୟା କରିବା ଉଦ୍ଦେଶ୍ୟରେ ଯାଇ ଭୁଲବଶତଃ ଜଣେ ବନ୍ଧୁଙ୍କର ଗୁଳିରେ ଗୁଳିବିଦ୍ଧ ହେଲେ । ମଣିଷର ଚେଷ୍ଟାରେ ଯେତେ ଯତ୍ନ, ଯେତେ ଚିକିତ୍ସା କରାଗଲା ମଧ୍ୟ ମୟୂରଭଞ୍ଜ ମାଟିରେ ଏହି ମଧୁମୟ ପ୍ରତିଭା ପୁଷ୍ପ ଅକାଳରେ ଝଡ଼ିପଡ଼ିଲା । ମହାରାଜା ମହାବୀର ଭଳି ମୃତ୍ୟୁର ଶୀତଳ ସ୍ପର୍ଶଲାଭ କରି ୧୯୧୨ ଫେବୃୟାରୀ ୨୨ ତାରିଖରେ ମହାପ୍ରୟାଣ ଲଭିଲେ ।

ତାଙ୍କ ମହାପ୍ରୟାଣରେ ଶୋକାତୁର ହୋଇ ଭକ୍ତକବି ତାଙ୍କ ଗୁଣ ବାହୁନି ଆକୁଳ କଣ୍ଠରେ ଗାଇଥିଲେ—

"କେଣେ ଦେଖିଥିଲୁ ନବଯୁଗର,
ନୃପତି ପରମ ପ୍ରଜା ପୋଷକ ?
ରାଜ୍ୟର କଲ୍ୟାଣ ନିତ୍ୟ ବ୍ରତ
ପ୍ରଜାହିତ ଯାର ନିଶ୍ଚିତ ବ୍ରତ,
ରାଜର୍ଷି ରାଜ୍ୟାଶ୍ରମେ
ରାମ ରାଜ୍ୟ ବୋଲି ପ୍ରଶସ୍ତି ଲଭିଲା
ଯା'ର ରାଜ୍ୟ ସୁନୟନେ ।" [୭]

ପ୍ରବାସୀ କଲିକତାର ଓଡ଼ିଆ ଜନସଙ୍ଘ ଦ୍ୱାରା ଆୟୋଜିତ ଶୋକ ସଭାରେ କବି ପଦ୍ମଚରଣ ପଟ୍ଟନାୟକଙ୍କର ଗମ୍ଭୀର ଶୋକୋଦ୍ଭୂତ କଣ୍ଠରୁ ଝରିପଡ଼ିଲା—

Digitized by srujanika@gmail.com

"ମେଘାସନ ମଞ୍ଜୁକୁଞ୍ଜେ ସ୍ୱର୍ଗଦୂତ ବସି
କେତେ ସ୍ୱର୍ଗ ସମାଚାର ଘୋଷିଲ ହରଷି ।
ରହି ଅଛ କୁଞ୍ଜ କାହିଁ କୁଞ୍ଜର ଦେବତା,
ଆକାଳରେ ଗଲ ମନେରଖି ମନ କଥା ।"

ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ଶୈଳେନ୍ଦ୍ର ନାଥ ସରକାର ମତ ପ୍ରକାଶ କରିଥିଲେ । "By his death Mayurbhanj lost her most brilliant ruler. Orissa lost her brilliant jewel and India· One of her most worthy sons·" ତାଙ୍କ ମୃତ୍ୟୁରେ ମୟୂରଭଞ୍ଜ ତା'ର ଗୌରବୋଜ୍ଜ୍ୱଳ ନୃପତି ହରାଇଲା, ଓଡ଼ିଶା ତା'ର ଉଜ୍ଜ୍ୱଳତମ ମଣି ହରାଇଲା ଏବଂ ଭାରତ ତା'ର ସୁଯୋଗ୍ୟ ସନ୍ତାନ ହରାଇଲା ।

ମହାରାଜା ଶ୍ରୀରାମଚନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ନୈତିକ ଓ ଭୌତିକ ବିକାଶର ଚରମ ସୀମା ସ୍ପର୍ଶ କରିଥିଲା । ତେଣୁ ତାଙ୍କ ରାଜତ୍ୱକାଳ ମୟୂରଭଞ୍ଜ ଇତିହାସରେ ସୁବର୍ଣ୍ଣ ଯୁଗ ନାମରେ ପରିଚିତ । ତାଙ୍କର ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ଓ ମହନୀୟ ଚରିତ୍ର ସମସ୍ତଙ୍କ ଆକର୍ଷଣ ଓ ପୂଜ୍ୟପୂଜାର କେନ୍ଦ୍ରବିନ୍ଦୁ । ତେଣୁ ଭଗବାନ ସ୍ୱୟଂ ଶ୍ରୀରାମଚନ୍ଦ୍ରଙ୍କ ଭଳି ସେ ଆଜି ପ୍ରାତଃସ୍ମରଣୀୟ । ଏହି ରାଜର୍ଷିଙ୍କର ଆଦର୍ଶମୟ ଜୀବନ କାହାଣୀ ପୁଙ୍ଖାନୁପୁଙ୍ଖ ଜାଣିବାକୁ ଚାହିଁଲେ ଏହି ଲେଖକଙ୍କର "ସ୍ୱର୍ଣ୍ଣଯୁଗ ପ୍ରବର୍ତ୍ତକ ରାଜର୍ଷି ଶ୍ରୀରାମଚନ୍ଦ୍ର ଭଞ୍ଜଦେବ" ପୁସ୍ତକ ପଢ଼ିପାରନ୍ତି ।

ମହାରାଜା ଲେଫ୍‌ଟେନାଣ୍ଟ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ

ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବଙ୍କ ମୃତ୍ୟୁ ବେଳକୁ ଟୀକାୟତ ପୂର୍ଣ୍ଣଚନ୍ଦ୍ର ଆଜମୀରରେ ପଢୁଥିଲେ । ସେତେବେଳକୁ ସେ ନାବାଳକ ଥାଆନ୍ତି । ସେ ସେଠାରୁ ଆସି ମୟୂରଭଞ୍ଜ ସିଂହାସନ ଅଧିକାର କଲେ । ମାତ୍ର ନାବାଳକ ହେତୁ କୋର୍ଟ ଅଫ୍ ଓ୍ୱାର୍ଡ଼ସ୍ ରୂପେ ଇଂରେଜ ସରକାର ମୟୂରଭଞ୍ଜ ରାଜ୍ୟ ପରିଚାଳନା ଭାର ବହନ କଲେ । ଇଂରେଜ ସରକାରଙ୍କ ତରଫରୁ ମିଷ୍ଟର ଫିଲିପ୍, ମିଷ୍ଟର ସ୍ମିଥ୍ ଓ ମିଷ୍ଟର ପେଜ୍ ନାମକ ଇଂରେଜ ସାହେବମାନେ ପୂର୍ଣ୍ଣଚନ୍ଦ୍ର ସାବାଳକ ହୋଇ ରାଜସିଂହାସନରେ ବସିବା ପର୍ଯ୍ୟନ୍ତ ସମାନ୍ୱୟରେ ମୟୂରଭଞ୍ଜ ରାଜ୍ୟ ଶାସନ ଭାର ବହନ କରିଥିଲେ । ଏମାନେ ସମସ୍ତେ ତତ୍କାଳୀନ ଆଇ· ସି. ଏସ· ଅଫିସର ଥିଲେ । ଇଂରେଜ ସରକାର ମୟୂରଭଞ୍ଜର ସୁଶାସନ ନିମିତ୍ତ ଅଧିକ ଯତ୍ନବାନ ହୋଇ ଏ ପ୍ରକାର ଉଚ୍ଚ ପଦସ୍ଥ ଇଂରେଜ ଅଫିସରମାନଙ୍କୁ ଶାସନ ଦ'ାୟିତ୍ୱରେ ନିଯୁକ୍ତ କରିଥିଲେ । "୧୯୨୦ ମସିହା ନଭେମ୍ବର ୩୦ ତାରିଖରେ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ଉପରେ ରାଜ୍ୟର ସମସ୍ତ କ୍ଷମତା ନ୍ୟସ୍ତ କରାଯାଇଥିଲା ।"

Digitized by srujanika@gmail.com

ମହାରାଜା ଅଜମିରରୁ ଡିପ୍ଲୋମା ପରୀକ୍ଷାରେ ପାଶକରି ଆସିବା ପରେ ତାଙ୍କର ବିବାହ ହୋଇଥିଲା । ସେ ୧୯୧୭ ମସିହା ଜାନୁୟାରୀ ୧୭ ତାରିଖରେ କାଥିଆୱାଡ଼ ଅନ୍ତର୍ଗତ ବଙ୍କାନରର ମହାରଣା ସାର୍ ଅମର ସିଂହଙ୍କ ଜେମାଙ୍କ ପାଣିଗ୍ରହଣ କରିଥିଲେ ।

୧୯୧୨ରୁ ୧୯୨୦ ଖ୍ରୀ. ଅ. ଯାଏ ମୟୂରଭଞ୍ଜ ଶାସନ ଇଂରେଜ ସରକାରଙ୍କ ହାତରେ ନ୍ୟସ୍ତ ଥିଲା ବେଳେ ମୟୂରଭଞ୍ଜରେ ଆଦିବାସୀ ବିଦ୍ରୋହ ଦେଖାଦେଇଥିଲା । ଏହି ସମୟରେ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ଫ୍ରାନ୍ସରେ ଶ୍ରମିକବାହିନୀ କାମକରିବା ପାଇଁ ଇଂରେଜ ସରକାର ବହୁ ସଂଖ୍ୟକ ଆଦିବାସୀ ସୈନ୍ୟ ସଂଗ୍ରହ କରି ଫ୍ରାନ୍ସ୍ ପଠାଇ ଦେଲେ । ୧୯୧୭ ମେ ରେ ଆଦିବାସୀମାନେ ବିଦ୍ରୋହ କଲେ । ଯେଉଁ ଅଫିସରମାନେ ଏହି ସୈନ୍ୟ ସଂଗ୍ରହ ଦାୟିତ୍ୱରେ ଥିଲେ ସେମାନଙ୍କ ଉପରେ ଆଦିବାସୀମାନେ ପ୍ରବଳ ଆକ୍ରମଣ ଚଳାଇଲେ । ଦୋକାନ, ବଜାର ଲୁଟିନେଲେ ଏବଂ ରେଲ୍‌ଲାଇନ୍‌ମାନ ଉପାଡ଼ି ଦେଲେ । ଫଳରେ ସରକାର ଓଡ଼ିଶା ରିଜର୍ଭ ପୋଲିସ୍ ଓ କଲିକତାରୁ ଏକଶତ ପଦାତିକ ସୈନ୍ୟ ଆଣି ଏ ବିଦ୍ରୋହ ଦମନ କଲେ । ମାତ୍ର ଏହି ବିଦ୍ରୋହର ବହ୍ନି ସାମୟିକ ଭାବରେ ଉପଶମ ହୋଇଥିଲେ ମଧ୍ୟ ଭିତରେ ନିଆଁ ଜୁହୁଳୁଥିଲା । ସେମାନେ ସଭା, ସମିତି ଆଦି କରି ସରକାରଙ୍କ ଦମନମୂଳକ ଶାସନ ବିରୁଦ୍ଧରେ ପ୍ରତିହିଂସାତ୍ମକ କାର୍ଯ୍ୟକ୍ରମ ଅବ୍ୟାହତ ରଖିଲେ । ଜୁନ୍ ମାସରେ ଏହି ବିଦ୍ରୋହ ବାମନଘାଟୀ ସବ୍‌ଡିଭିଜନ୍‌ରେ ପ୍ରବଳ ଭାବରେ ଆତ୍ମପ୍ରକାଶ କଲା । ବିଦ୍ରୋହୀମାନେ ରାଇରଙ୍ଗପୁରରେ ଲୁଟତରାଜ ଓ ପୋଡ଼ାଜଳା ଆରମ୍ଭ କରିଦେଲେ । ଜଣେ ସିପାହୀଙ୍କୁ ମଧ୍ୟ ମାରିଦେଲେ । ଏଥର ମଧ୍ୟ ସୈନ୍ୟ ଓ ପୋଲିସ ବାହିନୀ ସାହାଯ୍ୟରେ ଏ ବିଦ୍ରୋହ ଦମନ କରାଯାଇଥିଲା । ଏଥିରେ ଅସଂଖ୍ୟ ଆଦିବାସୀ ସାନ୍ତାଳ ଦୋଷୀ ସାବ୍ୟସ୍ତ ହୋଇ କାରାଦଣ୍ଡ ବରଣ କରିଥିଲେ ଏବଂ ବିଭିନ୍ନ ପ୍ରକାର ଦଣ୍ଡରେ ଦଣ୍ଡିତ ହୋଇଥିଲେ [୮] ।

ମହାରାଜା ପ୍ରଥମ ବିଶ୍ୱଯୁଦ୍ଧରେ ଇଂରେଜ ସରକାରଙ୍କୁ ବହୁ ଭାବରେ ସାହାଯ୍ୟ କରିଥିଲେ । ତା ଛଡ଼ା ସେ ନାବାଳକ ଥିଲାବେଳେ ନିଜେ ମଧ୍ୟ ଏଇ ଯୁଦ୍ଧକୁ ଯାଇ-ଥିଲେ । ସେ ଫ୍ରାନ୍ସର ରଣ କ୍ଷେତ୍ରରେ ପହଞ୍ଚିଲାବେଳକୁ ଯୁଦ୍ଧର ପରିସମାପ୍ତି ଘଟିଥିଲା । ତା ପରେ ସେ ବିଳାତ ଯାତ୍ରା କରିଥିଲେ । ବିଲାତରେ ସେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ସେ ଇଂରେଜମାନଙ୍କୁ ସାହାଯ୍ୟ କରିବା ପାଇଁ ଯୁଦ୍ଧକୁ ଯାଇଥିବାରୁ ଇଂରେଜ ସରକାର ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ଲେଫଟେନାଣ୍ଟ ଉପାଧିରେ ଅଳଂକୃତ କରିଥିଲେ । ୧୯୨୦ ମସିହାରେ ଯେତେବେଳେ ସମ୍ରାଟ ପଞ୍ଚମ ଜର୍ଜଙ୍କ ପୁତ୍ର ପ୍ରିନ୍ସ୍ ଅଫ ୱେଲସ୍ ପାଟନା ପରିଦର୍ଶନରେ ଆସିଥିଲେ

Digitized by srujanika@gmail.com

ସେତେବେଳେ ସେ ତାଙ୍କ ଶରୀର ରକ୍ଷୀ ରୂପେ ମନୋନୀତ ହୋଇ ସମ୍ମାନିତ ହୋଇଥିଲେ ।

ସେ ୧୯୧୪ ଓ ୧୯୧୬ ଖ୍ରୀ. ଅ:ରେ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ବିଳାତ ପରିଦର୍ଶନରେ ଯାଇଥିଲେ । ଭ୍ରାତୃସ୍ନେହୀ ମହାରାଜା ସାନଭାଇ ପ୍ରତାପ ଚନ୍ଦ୍ରଙ୍କୁ ମଧ୍ୟ ସଙ୍ଗରେ ନେଇ ବିଳାତ ବୁଲିଥିଲେ ।

ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, "ମୋ ସମୟର ଓଡ଼ିଶା" ପୁସ୍ତକରେ ଲେଖିଛନ୍ତି, "ଏ ସମୟରେ ରାଜା ହିଁ କ୍ଷମତା ମଧ୍ୟଚକ୍ରର ମଧ୍ୟମଣି ଥିବାରୁ ରାଜା ଓ ରାଜବଂଶ ସହିତ ସଂଶ୍ଳିଷ୍ଟ ଘଟଣାବଳୀ ହିଁ ସ୍ମରଣୀୟ ହେଉଥିଲା । ତତ୍କାଳୀନ ଯୁବରାଜ ଓ ପରବର୍ତ୍ତୀ ମହାରାଜା ପ୍ରତାପ ଚନ୍ଦ୍ରଙ୍କ ୧୯୧୫ ମସିହାରେ ଯେଉଁ ବିବାହୋତ୍ସବ ହୋଇଥିଲା, ତାହା ଏହିପରି ଗୋଟିଏ ସ୍ମରଣୀୟ ଘଟଣା × × । ସେତେବେଳେ ବାରିପଦାରେ ବିଜୁଳି ଆଲୁଅର ବ୍ୟବସ୍ଥା ନ ଥିଲା । କନ୍ୟା ସହିତ ବରଙ୍କୁ ଯେତେବେଳେ ବାରିପଦା ଷ୍ଟେସନରୁ ରାଜବାଟୀ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଅଣାଗଲା, ସେତେବେଳେ ଏହି ସମସ୍ତ ଏକମାଇଲ ରାସ୍ତାଟିକୁ ଉଭୟ ପାର୍ଶ୍ୱସ୍ଥ ସ୍ତମ୍ଭମାନଙ୍କରୁ ଝୁଲୁଥିବା ପଞ୍ଚଲାଇଟ୍ ଦ୍ୱାରା ଆଲୋକିତ କରାଯାଉଥିଲା ।

ଶୋଭାଯାତ୍ରାରେ ହାତୀ, ଘୋଡ଼ା, ବେଣ୍ଡବାଦ୍ୟ ଇତ୍ୟାଦିର ସମାବେଶ ମଧ୍ୟରେ ଦୁଇଟି ଚତୁର୍ଦ୍ଦୋଳ ଗତି କରିଥିଲା । ଏଥିମଧ୍ୟରୁ ଅଗ୍ରଗାମୀ ଚତୁର୍ଦ୍ଦୋଳଟି ମଧ୍ୟରେ ଜଣେ ନାରୀ (ବାଈ) ଆରୋହଣ କରି ସଙ୍ଗୀତ ଗାନ କରୁଥିଲେ ଏବଂ ତା'ପଛରୁ ସୁସଜ୍ଜିତ ଚତୁର୍ଦ୍ଦୋଳରେ ସମାବିଷ୍ଟ ବରଙ୍କ ଉପରେ ଦୁଇଜଣ ସୁସଜ୍ଜିତ ବାଳକ ଉଭୟ ପାର୍ଶ୍ୱରୁ ଶ୍ୱେତ ଚାମର ଢାଳୁଥିଲେ । ସବା ପଛରୁ ରାଜପୁତନା ଅନ୍ତର୍ଗତ ଶାହାପୁରରୁ ମେବାର ବଂଶୀୟ ରାଜକନ୍ୟା ପ୍ରେମକୁମାରୀ କନ୍ୟା-ରୂପେ ସୁସଜ୍ଜିତ ରୂପା ଶିବିକା ଉପରେ ଉପବିଷ୍ଟା ହୋଇ ଗତି କରୁଥିଲେ । ଏହି ବିବାହ ଉତ୍ସବ ବହୁଦିନ ପର୍ଯ୍ୟନ୍ତ ଚାଲିଥିଲା । କଲିକତାରୁ ମିନର୍ଭା ଥିଏଟର ଓ ନବ ନ ଚଳଚିତ୍ର ଆସିଥିଲା ଏବଂ ବହୁ ପ୍ରକାର ଆତସବାଜି ପ୍ରତ୍ୟହ ପ୍ରଦର୍ଶିତ ହେଉଥିଲା [୮] ।

ଏହି ବିବାହର ଦୁଇବର୍ଷ ପରେ ମହାରାଜାଙ୍କ ଖୁଡ଼ୁତା (ଶ୍ରୀ ରାମଚନ୍ଦ୍ର ଭଞ୍ଜ-ଦେବ)ଙ୍କ ପୁତ୍ର ଲାଲସାହେବ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ସହିତ ବସ୍ତରର ରାଜକନ୍ୟା ପ୍ରଫୁଲ୍ଲ କୁମାରୀଙ୍କ ବିବାହ କରାଇ ବସ୍ତରରେ ନୂତନ ଭଞ୍ଜ ରାଜବଂଶ ପ୍ରତିଷ୍ଠା କରାଇଥିଲେ । ପ୍ରଫୁଲ୍ଲ କୁମାରୀ ବସ୍ତର ଷ୍ଟେଟର ଅପୁତ୍ରିକ ମହାରାଜାଙ୍କ ଏକମାତ୍ର ସନ୍ତାନ ଓ ଉତ୍ତରାଧି-କାରିଣୀ ଥିବାରୁ ଏହି ବିବାହକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଧରାଯାଇଥିଲା । ଏଣୁ ବାରିପଦାରେ ଏହି ସମୟରେ ବିପୁଳ ଉତ୍ସବର ଆୟୋଜନ କରାଯାଇଥିଲା । [୯]

Digitized by srujanika@gmail.com

ଶାସନ କ୍ଷେତ୍ରରେ ସେ ପିତାଙ୍କୁ ଅନୁସରଣ କରିଥିଲେ । ତାଙ୍କ ନିସ୍ୱାର୍ଥପର ଆଦର୍ଶ ଶାସନ ଫଳରେ ମାତ୍ର ଅଠବର୍ଷ ରାଜତ୍ୱ ମଧ୍ୟରେ ମୟୂରଭଞ୍ଜ ରାଜ୍ୟର ରାଜସ୍ୱ ପ୍ରାପ୍ତ ସାତଲକ୍ଷ ଟଙ୍କାରୁ ନଅ ଲକ୍ଷ... ବଢ଼ି ଯାଇଥିଲା । ତାଙ୍କ ରାଜତ୍ୱ କାଳରେ ବାରିପଦା ରାଜ-ବାଟୀରେ ଜଳ ଓ ବିଦ୍ୟୁତ ଯୋଗାଣର ବନ୍ଦୋବସ୍ତ ହୋଇଥିଲା । ସେ କୃଷିର ଉନ୍ନତି ପାଇଁ ଏକ ସ୍ଥାୟୀ ପାଣ୍ଠି ସ୍ଥାପନ କରିଥିଲେ ଏବଂ ସେଥିପାଇଁ ଦୁଇଲକ୍ଷ ଟଙ୍କା ଦାନ କରିଥିଲେ । ତାଙ୍କ ସମୟରେ ସେହି ଟଙ୍କାରୁ କୂଅ, ପୋଖରୀ ଓ ବନ୍ଧ ଇତ୍ୟାଦି ଖୋଳା ଯାଇଥିଲା ।

ସେ ତାଙ୍କ ପିତାଙ୍କ ପରି ଜଣେ ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ କଳାପ୍ରେମୀ ନରପତି ଥିଲେ । ତାଙ୍କ ସମୟରେ ବାରିପଦା ହାଇଇଂଲିଶ ବିଦ୍ୟାଳୟ ଗୃହ ବୃଦ୍ଧି କରାଯାଇଥିଲା । ପ୍ରାଚୀନ କଳା ସ୍ଥାପତ୍ୟାଦିର ସଂରକ୍ଷଣ ନିମିତ୍ତ ପ୍ରଥମଥର ପ୍ରତ୍ନତତ୍ତ୍ୱ ବିଭାଗ ଖୋଲିଗଲା । ପୁନଶ୍ଚ ଷ୍ଟେଟରେ ବ୍ୟାଣ୍ଡ ବାଦ୍ୟର ପୁନର୍ବ୍ୟବସ୍ଥା ହୋଇଥିଲା । ରୁପ୍‌ସା—ବାରିପଦା ରେଳପଥ ତାଳବନ୍ଧ ପର୍ଯ୍ୟନ୍ତ ଓ ଟାଟାନଗର—ଗୋରୁମହିଷାଣୀ ରେଳପଥ ବାଦାମପାହାଡ଼ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଥିଲା । ବାରିପଦା ପୌରପରିଷଦରେ ବାରିପଦାବାସୀଙ୍କୁ ଭୋଟ ଦ୍ୱାରା ପୌରପରିଷଦର କମିଶନର ନିର୍ବାଚନ କରିବାର ସୁଯୋଗ ଦାନ କରାଯାଇଥିଲା । ସେ ତାଙ୍କ ପିତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ୧୯୨୦ ଏପ୍ରିଲ୍ ମାସ ୩ ତାରିଖରେ ତାହାର ଉଦ୍‌ଘାଟନ କରିଥିଲେ ।

ମହାରାଜା ପୂର୍ଣ୍ଣଚନ୍ଦ୍ର ତାଙ୍କ ପିତାଙ୍କ ପରି ମହାଦାନୀ ଥିଲେ । ସେ କେବଳ ନିଜ ରାଜ୍ୟର ନୁହେଁ, ଓଡ଼ିଶା ତଥା ଓଡ଼ିଶା ବାହାରେ ଶିକ୍ଷା ଓ ସଂସ୍କୃତିର ପ୍ରସାର ପାଇଁ ନିମ୍ନୋକ୍ତ ଅନୁଷ୍ଠାନମାନଙ୍କୁ ଅର୍ଥଦାନ କରିଥିଲେ ।

ଅନୁଷ୍ଠାନର କ୍ର: ନଂ	ଅନୁଷ୍ଠାନର ନାମ	ମହାରାଜାଙ୍କ ଦ୍ୱାରା ଦାନ-କରାଯାଇଥିବା ଅର୍ଥର ପରିମାଣ
୧ ।	କଟକ କଲେଜରେ ବିଜୁଳି ଆଲୁଅ ପାଇଁ	ଟ ୧, ୦୦୦୦୦
୨ ।	କଟକ ହାସପାତାଳ	ଟ ୨, ୦୦୦୦
୩ ।	କଟକ ମେଡ଼ିକାଲ ସ୍କୁଲ	ଟ ୫, ୦୦୦୦
୪ ।	କଟକର ଉତ୍କଳ ସାହିତ୍ୟ ସମାଜ ଗୃହ	ଟ ୧୩, ୦୦୦
୫ ।	ବିହାର-ଓଡ଼ିଶା ଇଞ୍ଜିନିୟରିଂ କଲେଜ	ଟ ୧, ୦୦୦୦
୬ ।	ରାଏପୁର ରାଜକୁମାର କଲେଜ	ଟ ୨. ୦୦୦୦୦

Digitized by srujanika@gmail.com

୭ । ୯ ଡ୍ରାମ ନୂତନ ଡାକ୍ତରଖାନା ଟ ୧, ୦୦୦
୮ । ମେଦିନୀପୁର କଲେଜ ଗୃହ ଟ ୫, ୦୦୦
୯ । ଆଜମୀର ମେୟୋ କଲେଜ ଟ ୧, ୦୦୦୦
୧୦ । ବିହାର-ଓଡ଼ିଶା ରିସର୍ଚ୍ଚ ସୋସାଇଟି ପୁସ୍ତକ ମୁଦ୍ରଣ ପାଇଁ —ଟ ୧, ୦୦୦୦ [୧୦]

ଏତଦ୍‌ବ୍ୟତୀତ ୧୯୨୨ ଖ୍ରୀ· ଅ.ରେ ବିହାର ଓଡ଼ିଶାର ତତ୍କାଳୀନ ଗଭର୍ଣ୍ଣର ହୁଇଲର ସାହେବ ମୟୂରଭଞ୍ଜ ପରିଦର୍ଶନ କରିବାକୁ ଆସିଥିଲେ । ତାଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ମହାରାଜା ଉଚ୍ଚ ଶିକ୍ଷା ପାଇଁ ମାସକୁ ୨୦ ଟଙ୍କା କରି ଦୁଇଗୋଟି ହୁଇଲର ବୃତ୍ତି ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ମଞ୍ଜୁର କରିଥିଲେ । ତାଙ୍କର ଦାନ ବଳରେ-ପାରଳାଖେମୁଣ୍ଡିର ପଣ୍ଡିତ ଗୋପୀନାଥ ନନ୍ଦଙ୍କ "ଓଡ଼ିଆ ଭାଷାତତ୍ତ୍ୱ" ପ୍ରକାଶ ପାଇଥିଲା ।

ସେ ମଧ୍ୟ ତତ୍କାଳୀନ ଭାରତର ତାତ୍ତ୍ୱିକ ଆର୍. ଡ଼ି. ବାନାର୍ଜିଙ୍କୁ ତାଙ୍କ ରଚିତ ଓଡ଼ିଶା ଇତିହାସ ଛପାଇବା ପାଇଁ ସାମୟିକ ଆର୍ଥିକ ସାହାଯ୍ୟ କରିଥିଲେ । ମାତ୍ର ଉକ୍ତ ପୁସ୍ତକର କୌଣସି ଅଂଶରେ ତାଙ୍କର ନାମ ନ ରଖିବା ପାଇଁ ସର୍ତ୍ତ କରିଥିଲେ ।

ମହାରାଜ ପୂର୍ଣ୍ଣଚନ୍ଦ୍ର ବଟଲର କମିଟି ସଂକ୍ରାନ୍ତରେ ରାଜାମାନଙ୍କର ଏକ ଆଲୋଚନା ଚକ୍ରରେ ଯୋଗଦେବା ପାଇଁ ବମ୍ବେ ଯାଇଥିଲେ । ୧୯୨୮ ମସିହା ଅପ୍ରେଲ ମାସ ୨୧ ତାରିଖରେ ଧନୁଷ୍ଟଙ୍କାର ରୋଗଜନିତ ତାଙ୍କର ଅକାଳ ମୃତ୍ୟୁ ହେଲା । ସେତେବେଳେ ତାଙ୍କର ବୟସ ମୋଟେ ୨୯ ବର୍ଷ । ତାଙ୍କ ଶବ ସ୍ପେଶାଲ ଟ୍ରେନ ଯୋଗେ ବମ୍ବେରୁ ଆସି ଯେତେବେଳେ ବାରିପଦାରେ ପହଞ୍ଚିଲା, ସେତେବେଳକୁ ସମସ୍ତ କର୍ମଚାରୀ ଓ ବହୁପ୍ରଜା ରାଜବାଟୀରେ ରୁଣ୍ଡ ହୋଇଯାଇଥିଲେ । ମହାରାଜା ପୂର୍ଣ୍ଣଚନ୍ଦ୍ର ନିଃସନ୍ତାନ ଥିଲେ । ଏଣୁ ପୂର୍ବ ପ୍ରଥା ଅନୁସାରେ ତାଙ୍କ ସାନଭାଇ ପ୍ରତାପଚନ୍ଦ୍ର ଗାଦିନସୀନ ହେବା ପରେ ହିଁ ଶବ ସତ୍କାରର ବ୍ୟବସ୍ଥା କରାଯାଇଥିଲା । କୁମାର ପ୍ରତାପଚନ୍ଦ୍ର ଗଡ଼ଜାତର ସାହେବଙ୍କ ଗହଣରେ ଯାଇ କୀଚକେଶ୍ୱରୀ ମନ୍ଦିରରେ ମନ୍ତ୍ରପୀଠ ମଧ୍ୟରେ ଗାଦିନସୀନ ହେବା ପରେ ଶବ ସତ୍କାର ପାଇଁ ଅନୁମତି ଦେଲେ । ତା'ପରେ ବେଣ୍ଡବାଦ୍ୟ ମଧ୍ୟରେ ଶବକୁ ବଳଙ୍ଗ କୂଳକୁ ଅଣାଯାଇ ଦାହ କରାଯାଇଥିଲା । ଅନ୍ତ୍ୟେଷ୍ଟି କ୍ରିୟାରେ ବହୁ ବ୍ରାହ୍ମଣଙ୍କ ପାଇଁ ଭୂରିଭୋଜନ ଓ ବହୁ ବ୍ରାହ୍ମଣ ପଣ୍ଡିତଙ୍କୁ ଉପଢ଼ୌକନ ଦାନ ଇତ୍ୟାଦିର ବ୍ୟବସ୍ଥା କରାଯାଇଥିଲା ।

ମହାରାଣୀ ତଡ଼ିତ କୁମାରୀ ସ୍ୱାମୀଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବାରିପଦାରେ ପୂର୍ଣ୍ଣଚନ୍ଦ୍ର ମନ୍ଦିର ଓ ପ୍ରଜାମାନଙ୍କର ଶିଳ୍ପ ଶିକ୍ଷାପାଇଁ ୧ ଲକ୍ଷ ଟଙ୍କା ଦାନକରି ପୂର୍ଣ୍ଣଚନ୍ଦ୍ର ଶିଳ୍ପସଦନ ନିର୍ମାଣ କରାଇଥିଲେ ।

Digitized by srujanika@gmail.com

ତାଙ୍କ ରାଜତ୍ୱ କାଳରେ ପ୍ରଥମେ ମେକଫାରସନ ସାହେବ ଓ ତତ୍ପରେ ମେକଲେ ଓ ସ୍ମିଥ୍ ମୟୂରଭଞ୍ଜ ରାଜ୍ୟର ଦେଓ୍ୱାନ ଥିଲେ ।

ଶେଫାଳି ଫୁଲ ଅଳ୍ପ ସମୟ ମାତ୍ର ଗଛର ପାଇଁ ଫୁଟି ଝରିପଡ଼େ କିନ୍ତୁ ତା'ର ସୁରଭିରେ ଦଶଦିଗ ଆମୋଦିତ କରେ । ସେହିପରି ମାତ୍ର ୮ ବର୍ଷ ରାଜତ୍ୱ କାଳ ମଧ୍ୟରେ ମହାରାଜା ଯେଉଁସବୁ ଦେଶ ହିତରେ କାମ କରିଗଲେ । ସେଥିପାଇଁ ରାଜ୍ୟ-ବାସୀ ତଥା ରାଜ୍ୟ ବାହାରର ଲୋକେ ଝୁରୁଛନ୍ତି । ତାଙ୍କ ଗୁଣ ଓ କୀର୍ତ୍ତି ବର୍ଣ୍ଣନା କରି ଧନ୍ୟ ଧନ୍ୟ କରୁଛନ୍ତି । ସେ ଆଜି ମରିକରି ମଧ୍ୟ ଅମର ରହିଛନ୍ତି ।

ମହାରାଜା ପ୍ରତାପଚନ୍ଦ୍ର ଭଂଜଦେବ

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କ ପରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେବ ରାଜଗାଦିରେ ଅଭିଷିକ୍ତ ହେଲେ । ପୂର୍ଣ୍ଣଚନ୍ଦ୍ର ଓ ପ୍ରତାପଚନ୍ଦ୍ର ଶ୍ରୀରାମଚନ୍ଦ୍ରଙ୍କ ଭଳି ଯୋଗ୍ୟ ପିତାଙ୍କର ଯୋଗ୍ୟ ପୁତ୍ର ଥିଲେ । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହନ୍ତି "ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜରେ ଯେଉଁ ପ୍ରଶାସନିକ ଓ ସାଂସ୍କୃତିକ ପ୍ରଗତି ଘଟିଥିଲା । ତାହା ତାଙ୍କ ପୁତ୍ର ଦ୍ୱୟଙ୍କ ରାଜତ୍ୱ କାଳରେ ଅକ୍ଷୁର୍ଣ୍ଣ ରହିଥିଲା ।" ପ୍ରଜା ରଞ୍ଜକ ଶ୍ରୀରାମଚନ୍ଦ୍ର ପ୍ରଜାଙ୍କୁଳର ଉନ୍ନତ ଓ ପ୍ରଗତିଶୀଳ ଶାସନର ଯେଉଁ ସୁଖ ସ୍ୱପ୍ନ ଦେଖିଥିଲେ ଅକାଳ ବିୟୋଗ ହେତୁ ସେଗୁଡ଼ିକର ସମ୍ପୂର୍ଣ୍ଣ ରୂପାୟନ ସମ୍ଭବ ହୋଇପାରି ନଥିଲା । ତାଙ୍କର ସେହି ସ୍ୱପ୍ନର କେତେକ ଅଂଶକୁ ସାକାର ରୂପ ଦେଇଥିଲେ ମହାରାଜା ପୂର୍ଣ୍ଣଚନ୍ଦ୍ର । ମାତ୍ର ଆଠବର୍ଷ ରାଜତ୍ୱ କାଳ ମଧ୍ୟରେ ସେ ସବୁର ସଫଳ ରୂପାୟନ ସମ୍ଭବ ହୋଇ ନ ଥିଲା । ମହାରାଜା ପୂର୍ଣ୍ଣଚନ୍ଦ୍ର ତାଙ୍କ ପିତା ତଥା ଭ୍ରାତାଙ୍କ ସ୍ୱପ୍ନର ସମ୍ପୂର୍ଣ୍ଣ ରୂପ ନେବାରେ ସମର୍ଥ ହୋଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଓ ପୂର୍ଣ୍ଣଚନ୍ଦ୍ର ଯେଉଁ ପ୍ରଶାସନିକ ତଥା ସାଂସ୍କୃତିକ ଆଲୋକ ଜାଳିଦେଇ ଯାଇଥିଲେ ତା'କୁ ଅଧିକ ତେଜସ୍ୱାନ ଓ ଅଧିକ ଦୀପ୍ତିବନ୍ତ କରି ତୋଳିଥିଲେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେବ ।

'ସେତେବେଳେ' ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ "କେତେକୁଡ଼ିଏ ବିଷୟରେ ମୟୂରଭଞ୍ଜ ବ୍ରିଟିଶ ଶାସିତ ଓଡ଼ିଶାଠାରୁ ମଧ୍ୟ ଉନ୍ନତ ଓ ଅଗ୍ରଣୀ ଥିଲା । ମୟୂରଭଞ୍ଜରେ ଯେଉଁ ପ୍ରଜାସ୍ୱତ୍ୱ ଆଇନ ପ୍ରଚଳିତ ଥିଲା ତଦ୍ୱାରା ପ୍ରଜାମାନଙ୍କର ନିଜ ନିଜର ଜମି ଉପରେ ପୂର୍ଣ୍ଣ ଅଧିକାର ଆସିଥିଲା । ମହାରାଜା ଯଦୁନାଥ ଭଞ୍ଜ ଜମିଦାର-ମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରି ଦେଇଥିବାରୁ ପରବର୍ତ୍ତୀ କାଳରେ ରାଜା ପ୍ରଜା ମଧ୍ୟରେ କୌଣସି ମଧ୍ୟ ସ୍ୱତ୍ୱାଧିକାରୀ ସ୍ଥାନ ନଥିଲା । ଏଣୁ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଅମଳରେ ପ୍ରବର୍ତ୍ତିତ ପ୍ରଜାସ୍ୱତ୍ୱ ଆଇନ ବଳରେ ପ୍ରଜାମାନେ ସ୍ୱ ସ୍ୱ ଜମିର ଉନ୍ନତି ସାଧନ, ସମ୍ପ୍ରସାରଣ, ହସ୍ତାନ୍ତର ଓ ଖରିଦ ବିକ୍ରି ଅବାଧରେ କରି ପାରୁଥିଲେ ।

Digitized by srujanika@gmail.com

ଆଦିବାସୀ ଓ ହରିଜନମାନଙ୍କଠାରୁ ଅନ୍ୟେ ଜମି କିଣିପାରିବେ ନାହିଁ ବୋଲି ଏ ରାଜ୍ୟରେ ଯେଉଁ ଆଇନ ପ୍ରଚଳିତ ଥିଲା ତଦ୍ଦ୍ୱାରା ଏ ଦୁର୍ବଳ ଶ୍ରେଣୀର ପ୍ରଜାମାନଙ୍କର ସ୍ୱାର୍ଥ ସଂରକ୍ଷିତ ଥିଲା । ଭୂତତ୍ତ୍ୱ ସର୍ଭେ, ଖଣିଜ-ଲୌହ ସମ୍ପଦର ଉପଯୋଗ ପ୍ରତ୍ନତତ୍ତ୍ୱ ସର୍ଭେ ଐତିହାସିକ ସ୍ଥଳୀମାନଙ୍କର ଖୋଦନ ଓ ସଂରକ୍ଷଣ ବିଷୟରେ ମୟୂରଭଞ୍ଜ ଅଗ୍ରଣୀ ଥିଲା । ବେଠି ବେଗାରି ପ୍ରଥା ଆଇନତଃ ଲୋପ ପାଇଥିଲା । ଦାରିଦ୍ର୍ୟ ଓ ଅନାହାର ତାଡ଼ନାରେ ମୟୂରଭଞ୍ଜର ବହୁସଂଖ୍ୟକ ଲୋକ କଲିକତା, ଆସାମ, ରେଙ୍ଗୁନ ଇତ୍ୟାଦିକୁ ପଳାଇ ଯାଉଥିଲେ । [୧୧]

ରାଜ୍ୟରେ ଶିଳ୍ପ ଓ ଅର୍ଥନୈତିକ ପ୍ରଗତି ପାଇଁ ମହାରାଜା ବିଶେଷ ଯତ୍ନଶୀଳ ଥିଲେ । ଶିଳ୍ପର ପ୍ରସାର ପାଇଁ ସେ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ନୂତନ କରି ଗଠନ କରିଥିଲେ । ଶିଳ୍ପ ବିଭାଗର ଆନୁକୂଲ୍ୟରେ ହସ୍ତ ଶିଳ୍ପ, ବୟନ ଶିଳ୍ପ, ଚମଡ଼ା କାରଖାନା କାଚ କାରଖାନା, ବେନାଣ୍ଡସ୍ତପ କାରଖାନା, ଆଦି ସ୍ଥାପିତ ହୋଇଥିଲା । ଏହି ସମୟରେ ଟସର ଚାଷର ଉନ୍ନତି ଓ ଉତ୍କୃଷ୍ଟ ଟସର ଲୁଗା ବୁଣିବାର ସୁବିଧା ହୋଇଥିଲା । ମୟୂର-ଭଞ୍ଜର ଟସର ଲୁଗା ଦେଶ ବିଦେଶରେ ସୁନାମ ଅର୍ଜନ କରିଥିଲା । ଏହି ସମୟରେ ଲାକ୍ଷ ଚାଷର ଉନ୍ନତି ଓ ବ୍ୟବସାୟ କ୍ଷେତ୍ରରେ ମୟୂରଭଞ୍ଜ ପ୍ରସିଦ୍ଧି ଲାଭ କରିଥିଲା । ହସ୍ତ ବା କୁଟୀରଶିଳ୍ପ କାରଖାନାରେ ସୁନ୍ଦର ସୁନ୍ଦର ଦରି, ଗାଲିଚା ଇତ୍ୟାଦି ତିଆରି ହେଉଥିଲା ।

ଗୋରୁମହିଷାଣୀ, ସୁଲେଇପାଟ, ବାଦାମପାହାଡ଼ର ଲୁହାଖଣି ଓ ଯଶିପୁର ନିକଟରେ ମାଙ୍ଗାନିଜ ଓ ଚନାମାଟି ଖଣିମାନ ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଶିଳ୍ପପତିଙ୍କୁ ମହାରାଜା ପଟ୍ଟା ଦେଉଥିଲେ । ତହିଁରୁ ରାଜ୍ୟର ଆୟ ବଢ଼ିବା ସଙ୍ଗେ ସଙ୍ଗେ ଶ୍ରମିକମାନେ କର୍ମ ନିଯୁକ୍ତି ପାଇ ପାରୁଥିଲେ । ଫଳରେ ରାଜ୍ୟରେ ବେକାରି ସମସ୍ୟା ମୁଣ୍ଡଟେକି ପାରୁ ନ ଥିଲା ।

ରାଜ୍ୟର ଗରିବ ପ୍ରଜାମାନଙ୍କୁ ଋଣ ଦାଉରୁ ରକ୍ଷା କରିବା ପାଇଁ ମୟୂରଭଞ୍ଜର ଷ୍ଟେଟ ବ୍ୟାଙ୍କ ଖୋଲିଥିଲେ । ତା'ଛଡ଼ା ସେ ଏ ଦିଗରେ ପ୍ରଜାମାନଙ୍କ ମଙ୍ଗଳସାଧନ ନିମିତ୍ତ ମହାରାଜ! ଶ୍ରୀରାମଚନ୍ଦ୍ରଙ୍କ ପରି ସେ ରାଜ୍ୟରେ ସମବାୟ ବିଭାଗ ଖୋଲିଥିଲେ । ଉକ୍ତ ସଂସ୍ଥାଗୁଡ଼ିକରୁ କ୍ଷୁଦ୍ର ବ୍ୟବସାୟୀ ଓ କର୍ମଚାରୀମାନେ ସହଜ ଓ ସୁବିଧାରେ ଅଳ୍ପ ସୁଧରେ ଋଣ ପାଇପାରୁ ଥିଲେ ! ତା'ଛଡ଼ା ମହାରାଜ ଜେଲମୁକ୍ତ କଏଦୀମାନଙ୍କ ଯତ୍ନ ତଥା ସୁଖପ୍ରଦ ଜୀବନଯାପନ ପାଇଁ ଆଫଟର କେୟାର ଫଣ୍ଡ (After Care Fund) ଗଠନ କରିଥିଲେ ।

ମହାରାଜା ପ୍ରତାପଚନ୍ଦ୍ର ପ୍ରଜାମାନଙ୍କୁ ନ୍ୟାୟ ବିଚାର ଦେବା ପାଇଁ ବିଚାର ବିଭାଗର ଉନ୍ନତି ସାଧନ କରିଥିଲେ । ସେ ତାଙ୍କ ସମୟରେ ମୟୂରଭଞ୍ଜର ହାଇକୋର୍ଟ

Digitized by srujanika@gmail.com

ପ୍ରତିଷ୍ଠା କରିଥିଲେ ଏବଂ ଏଥିରେ ଅଭିଜ୍ଞତା ସମ୍ପନ୍ନ ଅବସରପ୍ରାପ୍ତ, ଡସ୍ୱରପଠମାନଙ୍କୁ ଅବସ୍ଥାପିତ କରିଥିଲେ । ଏଥିରେ ଜଣେ ପ୍ରଧାନ ବସ୍ୱରପଠ ଓ ଅନ୍ୟ କେତେ ଜଣ ସହଯୋଗୀ ବସ୍ୱରପଠଙ୍କୁ ନିଯୁକ୍ତ କରି ମୟୂରଭଞ୍ଜ ବାସୀଙ୍କୁ ବିଶ୍ୱର ଖବରର ବୃତ୍ତାନ୍ତ ନିଷ୍ପତ୍ତି ଦେବାରେ ସହାୟକ ହୋଇଥିଲେ ।

ମୟୂରଭଞ୍ଜ ବାସୀଙ୍କ ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସା ନିମିତ୍ତ ସେ ନିଜ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶ ନିମିତ୍ତ ତୀକ୍ଷ୍ଣ ଦୃଷ୍ଟି ପ୍ରଦାନ କରିଥିଲେ । ତାଙ୍କ ସମୟରେ ବୈଶିଙ୍ଗା, ଠାକୁରମୁଣ୍ଡା ଓ ବହୁ ସ୍ଥାନରେ ନୂତନ ଡାକ୍ତରଖାନାମାନ ସ୍ଥାପନ କରିଥିଲେ । ଏତଦବ୍ୟତୀତ ସେ କୋଷ୍ଠ ନିବାରଣ ପାଇଁ ଜଣେ କୋଷ୍ଠ ଚିକିତ୍ସା ବିଶାରଦ ଡାକ୍ତରଙ୍କୁ ନିଯୁକ୍ତ ଦେଇଥିଲେ । ତାଙ୍କ ସମୟରେ ବାରିପଦାରେ ପାଣିକଳ ଓ ବିଦ୍ୟୁତ ଆଲୋକ ସରବରାହ, ଟେଲିଫୋନ ଯୋଗ ଯୋଗ ମଧ୍ୟ ବ୍ୟବସ୍ଥା ହୋଇଥିଲା ।

ତାଙ୍କ ସମୟର ପ୍ରଶାସନିକ ବ୍ୟବସ୍ଥା ବ୍ରିଟିଶ ଶାସନାଧୀନ ଅଞ୍ଚଳର ପ୍ରଶାସନିକ ବ୍ୟବସ୍ଥା ସହିତ ସମାନ ଥିଲା । "ପୁଲିସ ହାଇକୋର୍ଟ ସେକ୍ରେଟାରିଏଟ, ଏସ୍. ଡି ଓ. ମାନଙ୍କ ଅଫିସ ଇତ୍ୟାଦି ବ୍ରିଟିଶ ଶାସନ କାଳର ଢାଞ୍ଚାରେ ଗଠିତ ହୋଇ ସାରିଥିଲା । ସର୍ବୋପରି ମହାରାଜାଙ୍କ ବ୍ୟକ୍ତିଗତ ପ୍ରଭାବ ଶାସନ କଳକୁ ସୁସଜ୍ଜିତ କରି ପାରୁଥିଲା । [୧୨] ଡଃ ପାଣିଗ୍ରାହୀ 'ମୋ ସମୟର ଓଡ଼ିଶା'ରେ ଲେଖିଛନ୍ତି, "ମୟୂରଭଞ୍ଜ ଗୋଟିଏ ଅରଣ୍ୟସଙ୍କୁଳ ରାଜ୍ୟ । ଏହାର ରାଜଧାନୀ ବାରିପଦା ଠାରୁ କରଞ୍ଜିଆର ଦୂରତ୍ୱ ୭୫ ମାଇଲ ଓ କରଞ୍ଜିଆ ଠାରୁ ଖିଚିଂର ଦୂରତ୍ୱ ୧୬ ମାଇଲ । ଏହି ହେତୁ ମହାରାଜାମାନେ ପାଞ୍ଚପୀଢ଼ ଧବଳଭଜନଙ୍କୁ ପ୍ରାୟ ଆସୁ ନ ଥିଲେ । ଏ ରାଜ୍ୟରେ ରାଜ ରାସ୍ତାର ବିଶେଷ ସୁବିଧା ନଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ହସ୍ତୀ ପୃଷ୍ଠରେ ଥରେ ମାତ୍ର କରଞ୍ଜିଆ ଆସିଥିଲେ । ଷ୍ଟେଟ କୋର୍ଟ ଅଫ୍ ଓ୍ୱାର୍ଡସ୍ ଥିବାବେଳେ ବାରିପଦାରୁ କରଞ୍ଜିଆ ପର୍ଯ୍ୟନ୍ତ ଆସିଥିବା ରାସ୍ତାଟି ସମ୍ପୂର୍ଣ୍ଣ ହୋଇଥିଲା ଏବଂ ୧୯୨୩-୨୪ ମସିହାରେ ଖିଚିଂର ପତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କରଞ୍ଜିଆରୁ ଖିଚିଂ ପର୍ଯ୍ୟନ୍ତ ଗୋଟିଏ କଚା ରାସ୍ତା ନିର୍ମିତ ହୋଇଥିଲା । ଏହି ରାସ୍ତାର ସୁବିଧା ପାଇଁ ମହାରାଜା ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ କନିଷ୍ଠ ଭ୍ରାତା ଶ୍ରେଷ୍ଟରାଜ ପ୍ରତାପଚନ୍ଦ୍ର ୧୯୨୧ ମସିହାରେ ମଟର ଯୋଗେ ଖିଚିଂ ଆସି ଖିଚିଂରେ ଚାଲିଥିବା ପତ୍ନତାତ୍ତ୍ୱିକ କାର୍ଯ୍ୟ ଦେଖିଥିଲେ । ଏହି ଉପଲକ୍ଷେ ଏତ ବଡ଼ ଧରଣର ଜନସମାଗମ ହୋଇଥିଲା । କହିବା ବାହୁଲ୍ୟ ଯେ ଏ ସମୟରେ ପ୍ରଜାମାନେ ରାଜାଙ୍କୁ ଦେବତୁଲ୍ୟ ମନେ କରୁଥିଲେ ଏବଂ ରାଜ ଦର୍ଶନ ଦେବ ଦର୍ଶନ ପରି ଗୋଟିଏ ପୁଣ୍ୟ କର୍ମ ବୋଲି ମନେ କରୁଥିଲେ । [୧୩]

Digitized by srujanika@gmail.com

ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଭଳି ପ୍ରତାପଚନ୍ଦ୍ର ରାଜ୍ୟରେ ଗସ୍ତ କରି ପ୍ରଜାଙ୍କ ସୁଖ ଦୁଃଖ ବୁଝୁଥିଲେ । ମହାରାଜା ପ୍ରତାପଚନ୍ଦ୍ରଙ୍କର ଖିଚିଂ ଏକ ପ୍ରିୟ ସ୍ଥାନ ଥିଲା । ସେ ଏଠାକୁ ଏକାଧିକ ଥର ଗସ୍ତରେ ଆସୁଥିଲେ ଏବଂ ଏଠାରେ ଅବସ୍ଥାନ କରୁଥିଲେ । ଏହି ସମୟରେ ଏସ୍ ଡି. ଓ., ପୋଲିସ ବା ଅନ୍ୟ କୌଣସି କର୍ମଚାରୀ ତାଙ୍କ ସହିତ ସାକ୍ଷାତ କରୁ ନଥିଲେ ବା ତାଙ୍କ ସହିତ ଅବସ୍ଥାନ କରୁନଥିଲେ । ଖିଚିଂ ଡାକବଙ୍ଗଳାରେ ଅବସ୍ଥାନ କରୁଥିବ ବେଳେ ତାଙ୍କ ସହିତ ତାଙ୍କ ଡ୍ରାଇଭର, ପ୍ରଜାହାରୀ, ଜଣେ ପିଅନ ଓ ରାତିରେ ଦୁଇଜଣ ଚୌକିଦାର ଛଡ଼ା ଅନ୍ୟ କେହି ରହୁନଥିଲେ । ତାଙ୍କର ସମସ୍ତ ଖାଦ୍ୟ ସାମଗ୍ରୀ ତାଙ୍କ କାର୍‌ରେ ବାରିପଦାରୁ ବୁହାହୋଇ ଆସୁଥିଲା । ରହଣୀ କାଳରେ ସେ କୌଣସି ସାମାନ୍ୟ ପଦାର୍ଥ ସୁଦ୍ଧା ପ୍ରଜାମାନଙ୍କଠାରୁ ଗ୍ରହଣ କରୁନଥିଲେ । ପ୍ରଜାମାନେ ମଧ୍ୟ ତାଙ୍କୁ କୌଣସି ଭେଟି ଦେବାପାଇଁ ସାହସ କରୁନଥିଲେ ଏହି ସମୟରେ ଯେଉଁମାନେ ଆପତ୍ତି ଅଭିଯୋଗ କରୁଥିଲେ ସେମାନଙ୍କ ଠାରୁ ସେଗୁଡ଼ିକୁ ଲିଖିତ ଆକାରରେ ଗ୍ରହଣ କରି ମହାରାଜା ନିଜ ମନ୍ତବ୍ୟ ସହିତ ସେଗୁଡ଼ିକୁ ସମ୍ପୃକ୍ତ ଅଫିସରମାନଙ୍କ ପାଖକୁ ପଠାଇ ଦେଉଥିଲେ । ଏଣୁ କେହି କୌଣସି ଅନ୍ୟାୟ କଲେ ତାହା ମହାରାଜାଙ୍କ ଦୃଷ୍ଟିକୁ ଆସିଯାଇପାରେ କର୍ମଚାରୀମାନଙ୍କ ମନରେ ସର୍ବଦା ଏହି ଭୟ ରହୁଥିଲା । ତେଣୁ ରାଜ୍ୟରେ ନିର୍ମଳ ଶାସନ ଯେ ବିରାଜମାନ କରୁଥିଲା ଏହା ନିଃସନ୍ଦେହ ।

ଶ୍ରୀରାମଚନ୍ଦ୍ର ଓ ପୂର୍ଣ୍ଣଚନ୍ଦ୍ରଙ୍କ ଭଳି ମହାରାଜା ପ୍ରତାପଚନ୍ଦ୍ର ଜଣେ ବିଦ୍ୟୋତ୍ସାହୀ ଓ ଶିକ୍ଷା ସଂସ୍କୃତିର ପୃଷ୍ଠପୋଷକ ଥିଲେ । ସେ ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ ବହୁ ପ୍ରାଥମିକ ବିଦ୍ୟାଳୟ ଖୋଲିଥିଲେ । ସେହି ସମୟରେ ୧୯୩୫ ମସିହାରେ ସମ୍ରାଟ ପଞ୍ଚମ ଜର୍ଜଙ୍କ ରଜତ ଜୟନ୍ତୀ ସ୍ମୃତିର ସ୍ମାରକୀ ସ୍ୱରୂପ ପଞ୍ଚାବର୍ଷଣ ଜମିଦାରୀରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ । ତାଙ୍କ ସମୟରେ ବାରିପଦା କୃଷ୍ଣଚନ୍ଦ୍ର ହାଇ ବିଦ୍ୟାଳୟର ଛାତ୍ରାବାସ ନିର୍ମିତ ହୋଇଥିଲା । "ସେତେବେଳେ ମୟୂରଭଞ୍ଜର ଆୟତନ ଜନସଂଖ୍ୟା ତୁଳନାରେ ସ୍କୁଲ ସଂଖ୍ୟା ଯେ ଅତ୍ୟଳ୍ପ ଥିଲା ଏଥିରେ ସନ୍ଦେହ ନାହିଁ । ମାତ୍ର ତତ୍‌କାଳୀନ ଓଡ଼ିଶାର ଗଡ଼ଜାତ ମାନଙ୍କରେ ଏପରି ବ୍ରିଟିଶ ଶାସିତ ଜିଲ୍ଲା-ମାନଙ୍କର ସ୍କୁଲ ସଂଖ୍ୟା ତୁଳନାରେ ଏହି ସଂଖ୍ୟା ଅତ୍ୟଳ୍ପ ନଥିଲା । ୧୯୪୯ ମସିହାରେ ଯେତେବେଳେ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଗଲା ସେତେବେଳେ ଷ୍ଟେଟ୍‌ଟିର ଶିକ୍ଷା ପ୍ରସାର ବହୁଗୁଣରେ ବଢ଼ିଯାଇଥିଲା । ବାରିପଦାରେ ଗୋଟିଏ ଡିଗ୍ରୀ କଲେଜ, ପ୍ରତ୍ୟେକ ସବଡିଭିଜନର ସଦର ମହକୁମାରେ ଓ ଅନେକ ଗ୍ରାମରେ ହାଇସ୍କୁଲ ମାନ ବସି ସାରିଥିଲା । ତା ଛଡ଼ା ମଧ୍ୟ ଇଂରାଜୀ ଓ ସ୍କୁଲ ସଂଖ୍ୟା ବହୁ ଗୁଣରେ ବଢ଼ି-ଯାଇଥିଲା ।" [୧୪]

Digitized by srujanika@gmail.com

ତାଙ୍କର ସମୟରେ ଉଚ୍ଚ ଶିକ୍ଷା ପାଇଁ ପୂର୍ବୋକ୍ତ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ଏକ ଡିଗ୍ରୀ କଲେଜ ରୂପେ ପ୍ରତିଷ୍ଠିତ ହୋଇଥିଲା । ବାରିପଦାରେ ଲେଡି ଫ୍ରେଜାର ଗାର୍ଲସ୍ ମ.ଇ. ବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟ ସ୍ତରକୁ ଉନ୍ନୀତ ହୋଇ ମହାରାଣୀ ପ୍ରେମକୁମାରୀ ଗାର୍ଲସ୍ ହାଇସ୍କୁଲ ରୂପେ ଏବଂ ବାରିପଦା ହାଇସ୍କୁଲ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ ନାମରେ ନାମିତ ହୋଇଥିଲା ।

ମହାରାଜାଙ୍କ ଶାସନ କାଳରେ ମେଧାବୀ ଛାତ୍ରମାନଙ୍କ ସୁବିଧା ପାଇଁ ଯଥେଷ୍ଟ ସୁଯୋଗ ସୃଷ୍ଟି କରାଯାଇଥିଲା । ଜଣେ ମେଧାବୀ ଛାତ୍ର ନିମ୍ନ ପ୍ରାଥମିକଠାରୁ ବି. ଏ ବା ବି ଏସ୍ ସି ପର୍ଯ୍ୟନ୍ତ ଷ୍ଟେଟ ଦତ୍ତ ବୃତ୍ତି ସାହାଯ୍ୟରେ ପଢ଼ିପାରୁଥିଲେ । ଏହାଛଡ଼ା ଡାକ୍ତରୀ ଇଞ୍ଜିନିୟରିଂ ଇତ୍ୟାଦି ପଢ଼ିବା ପାଇଁ ମଧ୍ୟ ସ୍ୱତନ୍ତ୍ର ବୃତ୍ତିର ବ୍ୟବସ୍ଥା କରା-ଯାଇଥିଲା । କେତେଜଣ ମୟୂରଭଞ୍ଜ ଅଧିବାସୀ ମହାରାଜାଙ୍କଠାରୁ ସ୍ୱତନ୍ତ୍ର ବୃତ୍ତିପାଇ ବିଦେଶରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ଷ୍ଟେଟ୍ ବୃତ୍ତି ଛଡ଼ା ମହାରାଜାଙ୍କ ଠାରୁ ଓ ତାଙ୍କ ଖୁଡ଼ୁତା ଯୁଦ୍ଧଜିତ୍ ଦେବଙ୍କ ଠାରୁ ସ୍ୱତନ୍ତ୍ର ସାହାଯ୍ୟ ଓ ସ୍ୱତନ୍ତ୍ର ବୃତ୍ତିପାଇ ବହୁ ମେଧାବୀ ଛାତ୍ର ଉଚ୍ଚଶିକ୍ଷା ଲାଭ କରିବାର ସୁଯୋଗ ପାଇଥିଲେ । ମୟୂରଭଞ୍ଜର ବୟୋବୃଦ୍ଧ କୃତବିଦ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଖୁବ କମ୍ ବ୍ୟକ୍ତି ଅଛନ୍ତି ଯେ କି ଅଧ୍ୟୟନ ସମୟରେ ମହାରାଜାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ ପାଇ ନଥିଲେ । ଶିକ୍ଷା ଲାଭର ସୁବିଧା ଥିବାରୁ ମହାରାଜାଙ୍କ ଅମଳରେ ବହୁ ମୟୂରଭଞ୍ଜ ବାସୀ ଓଡ଼ିଶା ସରକାରଙ୍କ ଅଧୀନରେ ମଧ୍ୟ ଉଚ୍ଚପଦ ଅଧିକାର କରିଥିଲେ । ଏମାନଙ୍କ ମଧ୍ୟରେ ସର୍ବପ୍ରଥମ ଥିଲେ ଓଡ଼ିଶାର ଡ଼ି. ପି. ଆଇ ସ୍ୱର୍ଗତ ଶ୍ୟାମଚନ୍ଦ୍ର ତ୍ରିପାଠୀ, ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଯିବା ପରେ ଯେଉଁ ମୟୂରଭଞ୍ଜ ବାସୀମାନେ ଉଚ୍ଚପଦରେ ଅଧିଷ୍ଠିତ ହୋଇ ପାରିଥିଲେ ସେମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଆଇ. ଏ. ଏସ. ଶ୍ରୀ ରାଧାଗୋବିନ୍ଦ ଦାସ ପୋଲିସ ଇନସପେକ୍ଟର ଜେନେରାଲ ସ୍ୱର୍ଗତ ରାମଚନ୍ଦ୍ର ଦାସ ଶିକ୍ଷା ବିଭାଗର ଭୂତପୂର୍ବ ଡିରେକ୍ଟର ଶ୍ରୀ ଗୋକୁଳ ଚନ୍ଦ୍ର ଶତପଥୀ ଅବସରପ୍ରାପ୍ତ ଜିଲ୍ଲାଜଜ୍ ଶ୍ରୀ ଭୋଳାନାଥ ପଣ୍ଡା, ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ଶ୍ରୀ ଦୁର୍ଗାଚରଣ ପାଢ଼ୀଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଭଞ୍ଜ ବଂଶର ଶେଷ ଚାରିଜଣ ନୃପତିମାନଙ୍କ ସାହିତ୍ୟ, ସଂସ୍କୃତି ଓ କଳାପ୍ରେମ ଅନନ୍ୟ ସାଧାରଣ । ଏମାନଙ୍କର ରାଜନୈତିକ ଓଡ଼ିଶା ସହିତ କୌଣସି ସମ୍ବନ୍ଧ ନଥିଲେ ହେଁ ସାଂସ୍କୃତିକ ଓଡ଼ିଶା ପ୍ରତି ଏମାନଙ୍କର ସହାନୁଭୂତି ଥିଲା, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତିତ୍ୱ ଗ୍ରହଣ କରି ଓ ଓଡ଼ିଶାର ଶିକ୍ଷା ସଂସ୍କୃତି ସହିତ ସହଯୋଗ କରି ଯେଉଁ ଆଦର୍ଶ ସୃଷ୍ଟି କରିଥିଲେ ତାହା ତାଙ୍କ ପୁତ୍ରଦ୍ୱୟଙ୍କ ଦ୍ୱାରା ଅନୁସୃତ ହୋଇଥିଲା । ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କ ସମୟରେ ଓଡ଼ିଆ ମାସିକ ପତ୍ରିକା 'ଉତ୍କଳପ୍ରଭା' ଓ ସାପ୍ତାହିକ ପତ୍ରିକା "ମନୋରମା" ମୟୂରଭଞ୍ଜ ତଥା ଉତ୍କଳର ବାଣୀପୀଠରେ ଯେପରି ସୁନାମ ଅର୍ଜନ କରିଥିଲା ମହାରାଜା ପ୍ରତାପ-

Digitized by srujanika@gmail.com

ଚନ୍ଦ୍ରଙ୍କ ସମୟରେ ନୈମାସିକ "ମୟୂରଭଞ୍ଜ ଗେଜେଟ" ମଧ୍ୟ ତଦ୍ରୂପ ଖ୍ୟାତି ଅର୍ଜନ କରିଥିଲା । ପରେ ଏହା ପରବର୍ତ୍ତିତ ହୋଇ ଓଡ଼ିଆରେ "ଭଞ୍ଜ ପ୍ରଦୀପ" ଓ ଇଂରାଜୀରେ "ମୟୂରଭଞ୍ଜ ଜର୍ଣ୍ଣଲ" ନାମରେ ପ୍ରକାଶ ପାଇଲା ।

'ଭଞ୍ଜ ପ୍ରଦୀପ' ପ୍ରଥମେ ସୁବିଖ୍ୟାତ କବି ଓ ସାହିତ୍ୟିକ ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ ଏବଂ ପରେ ସୁସାହିତ୍ୟିକ ଶ୍ରୀ ବସନ୍ତ କୁମାର ଶତପଥୀଙ୍କ ସମ୍ପାଦନାରେ ଏକ ଉଚ୍ଚକୋଟୀର ପତ୍ରିକା ରୂପେ ବାରିପଦାରୁ ଆତ୍ମପ୍ରକାଶ କରିଥିଲା । ଏହି ମହାରାଜାଙ୍କ ରାଜତ୍ୱ କାଳରେ ସ୍ୱର୍ଗତ ସୁସାହିତ୍ୟିକ ବିଦ୍ୟାସିଂହ ପାଣିଗ୍ରାହୀ ଓ ତାଙ୍କର ଅନୁଜ ସୁବିଖ୍ୟାତ କାଳନ୍ଦୀ ଚରଣ ପାଣିଗ୍ରାହୀ ଓ ସୁବିଖ୍ୟାତ ଅର୍ଥନୀତିଜ୍ଞ ଡକ୍ଟର ସଦାଶିବ ମିଶ୍ର ବାରିପଦାକୁ ହିଁ ସେମାନଙ୍କର ସାଧନ କ୍ଷେତ୍ର କରିଥିଲେ । ଏହାଙ୍କ ଅମଳରେ ଯେଉଁ ମୟୂରଭଞ୍ଜ ବାସୀ ସାହିତ୍ୟ ସଂସ୍କୃତିର ଆରାଧନା କରିଥିଲେ, ସେମାନଙ୍କ ମଧ୍ୟରେ ପରମାନନ୍ଦ ଆଚାର୍ଯ୍ୟ, ସ୍ୱର୍ଗତ ଶରତ ଚନ୍ଦ୍ର ଦାସ, ସ୍ୱର୍ଗତ ଲାଲ ସାହେବ, ଶରତ ଚନ୍ଦ୍ର ଭଞ୍ଜଦେବ, ସ୍ୱର୍ଗତ ଡାକ୍ତର କ୍ଷିରୋଦ ଚନ୍ଦ୍ର ପାଲ, ଶ୍ରୀ ମହେଶ୍ୱର ନାୟକ, ଶ୍ରୀ ଗୋକୁଳ ଚନ୍ଦ୍ର ଶତପଥୀ, ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଚିନ୍ତାମଣି ବେହେରା ଶ୍ରୀ ପ୍ରସନ୍ନ ଚନ୍ଦ୍ର ବ୍ରହ୍ମା, ଶ୍ରୀ ଯୋଗେନ୍ଦ୍ର ପଟ୍ଟନାୟକ, ଶ୍ରୀ ଧୀରେନ୍ଦ୍ର ପଟ୍ଟନାୟକ, ଶ୍ରୀ ରବୀନ୍ଦ୍ର ପଟ୍ଟନାୟକ, ଶ୍ରୀ ଜିତେନ୍ଦ୍ର ପଟ୍ଟନାୟକ, ଅଧ୍ୟାପକ ସୌରୀନ୍ଦ୍ର ବାରିକ, ଶ୍ରୀ ଉମେଶ ଚନ୍ଦ୍ର ପାଣିଗ୍ରାହୀ, ଶ୍ରୀ ବ୍ରଜକୃଷ୍ଣ ଗୋସ୍ୱାମୀ ପ୍ରଭୃତି ଉଲ୍ଲେଖଯୋଗ୍ୟ [୫] ।" ଏମାନଙ୍କ ବ୍ୟତୀତ ସ୍ୱର୍ଗତ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସ୍ୱର୍ଗତ ହରିହର ପାଣିଗ୍ରାହୀ ଓ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ ମଧ୍ୟ ସାରସ୍ୱତ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଅନସ୍ୱୀକାର୍ଯ୍ୟ ।

ମହାରାଜା ପ୍ରତାପଚନ୍ଦ୍ର ତାଙ୍କ ପିତାଙ୍କ ପରି କେତେ ଉଦାର ସଂସ୍କୃତି ପ୍ରିୟ ସ୍ୱଦେଶ ପ୍ରେମୀ ଓ ବ୍ୟାପକ ଦୂରଦୃଷ୍ଟି ସମ୍ପନ୍ନ ତାହା ଉତ୍କଳ ବିଦ୍ୟାଳୟ ସିନେଟର ୧୨ । ୫ । ୧୯୪୪ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍ସେଲର ରୂପେ ଯେଉଁ ସାରଗର୍ଭକ ଭାଷଣ ଦେଇଥିଲେ ସେଥିରୁ ଜଣାପଡ଼େ । ତାଙ୍କ ପିତା ମହାରାଜା ରାମଚନ୍ଦ୍ର ୧୯୦୩ରେ ଉତ୍କଳ ସମ୍ମିଳନୀର ସଭାପତି ରୂପେ ଯେଉଁ ସାରଗର୍ଭକ ଭାଷଣ ଦେଇଥିଲେ ତାହା ସହିତ ଗୁଣାତ୍ମକ ସମାନ ବୋଲି ଜଣାଯାଏ । ସେ ଯେ ସୁଯୋଗ୍ୟ ପିତାଙ୍କର ସୁଯୋଗ୍ୟ ପୁତ୍ର ଥିଲେ ତାହା ଏଥିରୁ ପ୍ରମାଣିତ । 'ଭଞ୍ଜ ପ୍ରଦୀପ' ପତ୍ରିକାର ୧୩ଶ ଭାଗ ୩ୟ ସଂଖ୍ୟାରୁ ଗୃହୀତ ତାଙ୍କ ଅଭିଭାଷଣର କିୟଦଂଶ ଏଠାରେ ପାଠକ-ମାନଙ୍କର ଅବଗତି ନିମନ୍ତେ ଉଦ୍ଧାର କରାଗଲା ।

"୧୯୩୬ ମସିହା ପର୍ଯ୍ୟନ୍ତ ବିଭିନ୍ନ ପ୍ରଦେଶରେ ବିକ୍ଷିପ୍ତ ହୋଇ ରହିଥିବା ଓଡ଼ିଆ ଜାତି ଲୋକେ ଏକ ସ୍ୱତନ୍ତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଗଭୀର ଭାବରେ ଅନୁଭବ କରୁଥିଲେ । ଏହି ବିଶ୍ୱବିଦ୍ୟାଳୟ ଓଡ଼ିଆମାନଙ୍କର ସେହି ଅଭିଳାଷ

Digitized by srujanika@gmail.com

ପୂରଣ କରୁଛି । ସେତିକି ନୁହେଁ, ଏହା ବ୍ରିଟିଶ ଭାରତ ଓ ଖାସ ଭାରତରେ ଥିବା ଓଡ଼ିଆ ଭାଷା ଅଞ୍ଚଳମାନଙ୍କ ଭିତରେ ସଂସ୍କୃତିଗତ ବନ୍ଧନକୁ ଦୃଢ଼ତର କରୁଛି । ଏହି ଯେଉଁ ପୁରାତନ ଭୂମିର ଗୌରବମୟ ଅତୀତ, ତା'ର ଉନ୍ନତ କଳା, ଅଦ୍ୱିତୀୟ ସ୍ଥାପତ୍ୟ ଓ ପ୍ରେରଣାମୟ ସାହିତ୍ୟରେ ପ୍ରତିଫଳିତ ହୋଇଛି । ସେହି ପୁଣ୍ୟ ଭୂମିର ଅତୀତ ଗୌରବ ପୁନରୁଦ୍ଧାର କରିବା ପାଇଁ ଏହି ଅନୁଷ୍ଠାନ ମୂଳଭିତ୍ତି ସ୍ୱରୂପ । ଆମର ଅତୀତ ଗୌରବରୁ ଆମେ ପ୍ରେରଣା ଲାଭ କରିବା ଉଚିତ ଓ ତଦନୁଯାୟୀ ଆମ ବିଶ୍ୱବିଦ୍ୟାଳୟକୁ ଗଢ଼ିବା ଉଚିତ ଯେପରି ଏହା ଦେଶରେ ସଂସ୍କୃତିର ଏକ ନବଯୁଗ ସୃଷ୍ଟି କରିବ ଓ ଆମ ଅତୀତ ଗୌରବକୁ ସମୃଦ୍ଧ କରିପାରିବ ।

ପୃଥିବୀ ଯେତେବେଳେ ଧ୍ୱଂସର କବଳରେ ଟଳମଳ ସେତିକିବେଳେ ଏ ଉତ୍କଳ ବିଶ୍ୱବିଦ୍ୟାଳୟର ଜନ୍ମ । ଯାହା ଆଜି ଧ୍ୱଂସକାଳୀନ ଯନ୍ତ୍ରଣା ବୋଲି ମନେ ହେଉଛି ତାହା ହୁଏତ ପୃଥିବୀର ପୁନର୍ଜନ୍ମର ପୂର୍ବାଭାଷ ହୋଇପାରେ । ଏହିଭଳି ମୁହୂର୍ତ୍ତରେ କେତେକ ଶ୍ରେଷ୍ଠ ଭାବଧାରା ଜନ୍ମିଥାଏ ଓ ବିକଶିତ ହୋଇଥାଏ । କାରଣ ଏଭଳି ମୁହୂର୍ତ୍ତରେ ଲୋକେ ପ୍ରକୃତରେ ଏକତା, ମିଳିତ ଯନ୍ତ୍ରଣା ଓ ଦ୍ରୁତ ଉନ୍ନତିର ମହତ୍ତ୍ୱ ବୁଝିଥାଆନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଯୁଦ୍ଧର ଏହି ତାନାପଡ଼ା ଭିତରେ ଜନ୍ମଲାଭ କରିଥିଲେ ମଧ୍ୟ ଯେଉଁ ମହତ ଉଦ୍ଦେଶ୍ୟ ନେଇ ଏହା କଳ୍ପିତ ହୋଇଛି । ସେହିଭଳି ଭାବରେ ପରିଚାଳିତ ହେଲେ । ଏହା ବିଶ୍ୱବିଦ୍ୟାଳୟର ଉଚ୍ଚତମ ଆଦର୍ଶ ରକ୍ଷାକରି ପାରିବ ଓ ଯୁବ ସମାଜ ଭିତରେ ଏଭଳି ଗୁଣ ଫୁଟାଇ ପାରିବ ; ଯଦ୍ଦ୍ୱାରା ବାହାରକୁ ଦେଖାଯାଉଥିବା ଅନୈକ୍ୟ ଭିତରେ ଐକ୍ୟ ପ୍ରତିଷ୍ଠିତ ହୋଇ ପାରିବ × × × ।

ପୃଥିବୀର ବିଶେଷତଃ ଭାରତବର୍ଷର ସଂସ୍କୃତି ଲାଗି ଆମେ ଯେପରି ଆମର ସ୍ୱତନ୍ତ୍ର ଅବଦାନ ଦେଇପାରିବା । ସେଥିଲାଗି ଏହି ବିଶ୍ୱବିଦ୍ୟାଳୟ ଏତିକିବେଳକୁ ଭାବ ଚିନ୍ତା ଏପରି ଓଡ଼ିଆ ତିଆରି କରିବା ଦରକାର, ଯେଉଁମାନେ ତାଙ୍କ ପୂର୍ବ ପୁରୁଷଙ୍କର ଯୋଗ୍ୟ ପ୍ରତିନିଧି ହେବେ । ଆମର ଅତୀତରେ ଯାହା ସତ୍ୟ-ଶିବ-ସୁନ୍ଦର ଥିଲା ତାହା ସହିତ ବିକାଶୋନ୍ମୁଖୀ ଆଧୁନିକ ଭାବଧାରାର ଏକ ମଧୁର ସମନ୍ୱୟ ଆବଶ୍ୟକ । ଅଧିକାଂଶ ବିଶ୍ୱବିଦ୍ୟାଳୟ ଅନେକ ମତିମାନ ଲୋକ ତିଆରି କରୁଛି ସତ, କିନ୍ତୁ ଅନ୍ୟ ପକ୍ଷରେ ଦେଖାଯାଏ ଯେ, ଅନେକ ସମୟରେ କେବଳ କାରଖାନାରୁ ଜିନିଷ ତିଆରି ହେଲା ପରି ଲୋକ ତିଆରି ହୋଇ ବାହାରନ୍ତି । ମୁଁ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଷୟରେ ଜଣେ ବିଶେଷଜ୍ଞ ଭଳି କହିବାକୁ ଯାଉନାହିଁ । ତେଣୁ ବିଶ୍ୱବିଦ୍ୟାଳୟର ଶିକ୍ଷାରେ ଯେଉଁସବୁ ବିପଦ ଓ ତ୍ରୁଟି ରହିଛି । ସେ କଥା ମନେରଖି ଆମ ଶିକ୍ଷାନୀତି ଅଧିକତର କାର୍ଯ୍ୟକାରୀ ଭିତ୍ତି ଉପରେ ପ୍ରତିଷ୍ଠିତ କରିବା ଉଚିତ । ତେଣୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ

Digitized by srujanika@gmail.com

ଆତ୍ମ ମର୍ଯ୍ୟାଦା ସମ୍ପନ୍ନ, ଜନୁରକ୍ତ, କର୍ତ୍ତବ୍ୟ ପରାୟଣ ଧର୍ମଭୀରୁ ଓ ସଚ୍ଚା ନାଗରିକ ସେପରି ହୁଅନ୍ତି, ସେଥିପ୍ରତି ନିଜସ୍ୱ ନଜର ଦେଇଛି ଆମକୁ ଏହି ବିଶ୍ୱବିଦ୍ୟାଳୟ ।

ମହାରାଜା ପ୍ରତାପଚନ୍ଦ୍ର କେବଳ ନିଜ ରାଜ୍ୟରେ ନୁହେଁ, ରାଜ୍ୟ ବାହାରେ ମଧ୍ୟ ଶିକ୍ଷା ସଂସ୍କୃତିର ପ୍ରସାର ଓ ମାନବ ସମାଜର କଲ୍ୟାଣ ପାଇଁ ଅଜସ୍ର ଅର୍ଥଦାନ କରି ଏକ ବଦାନ୍ୟମନା ରାଜପୁରୁଷ ରୂପେ ଆଜି ଅମର ହୋଇ ରହିଛନ୍ତି । ଏ ସମୟରେ ଓଡ଼ିଶାର ଶିକ୍ଷା ସଂସ୍କୃତିର ପ୍ରସାର ପାଇଁ ମୟୂରଭଞ୍ଜର ଦାନ ସର୍ବାଧିକ ଥିଲା । ରେଭେନ୍ସା କଲେଜରେ ବିଜୁଳି ଆଲୁଅ, ପାଣିକଳ ପାଇଁ ମହାରାଜ ପୂର୍ଣ୍ଣଚନ୍ଦ୍ରଙ୍କ ଏକ ଲକ୍ଷଟଙ୍କା ଦାନ, ଉତ୍କଳ ସାହିତ୍ୟ ସମାଜର ରାମଚନ୍ଦ୍ର ଭବନ ନିର୍ମାଣ ପାଇଁ ତାଙ୍କର ଅନୁରୂପ ଦାନ ଏବଂ ମହାରାଜା ପ୍ରତାପ ଚନ୍ଦ୍ରଙ୍କ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଆଠଲକ୍ଷ ଟଙ୍କା ଏବଂ ମୟୂରଭଞ୍ଜ ଷ୍ଟେଟ ପ୍ରେସଟିର ଦାନ ଏଠାରେ ଉଲ୍ଲେଖଯୋଗ୍ୟ । ଏହା'ଛଡ଼ା ବ୍ୟକ୍ତିଗତ ଭାବରେ ବହୁ ବ୍ୟକ୍ତି ମୟୂରଭଞ୍ଜରୁ ସାହାଯ୍ୟ ପାଇ ଓଡ଼ିଶାର ଶିକ୍ଷା ଓ ସଂସ୍କୃତିର ବିକାଶ କରି ପାରିଥିଲେ । ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଭାଷାକୋଷର ପ୍ରକାଶ ପାଇଁ ମୟୂରଭଞ୍ଜରୁ ଆଂଶିକ ସାହାଯ୍ୟ ମିଳିଥିଲା । ସ୍ୱର୍ଗତ ରାଖାଲଚନ୍ଦ୍ର ବାନାର୍ଜୀଙ୍କ ଲିଖିତ ଓଡ଼ିଶାର ପ୍ରଥମ ବିଧିବଦ୍ଧ ଇତିହାସ ଏବଂ ସ୍ୱର୍ଗତ ପଣ୍ଡିତ ବିନାୟକ ମିଶ୍ରଙ୍କ ପ୍ରଥମ ବିଧିବଦ୍ଧ ଓଡ଼ିଆ ସାହିତ୍ୟର ଇତିହାସ ଓ ଓଡ଼ିଆ ଭାଷାର ଇତିହାସ ମୟୂରଭଞ୍ଜର ଅର୍ଥରେ ହିଁ ମୁଦ୍ରିତ ଓ ପ୍ରକାଶିତ ହୋଇଥିଲା । ମୟୂରଭଞ୍ଜ ମହାରାଜାଙ୍କ ଅର୍ଥ ଓ ପ୍ରେରଣା ବଳରେ ହିଁ ଶ୍ରୀ ବ୍ରଜସୁନ୍ଦର ଦାଶ ସର୍ବଭାରତୀୟ ଫୁଟବଲ ଖେଳରେ ଖ୍ୟାତି ଲାଭକରି କଲିକତାର ବିଖ୍ୟାତ ଏରିଆନ ଦଳରେ ଜଣେ ଅପରିହାର୍ଯ୍ୟ ଖେଳାଳି ରୂପେ ବହୁବର୍ଷ ରହି ଆସିଥିଲେ [୧୬] । ଏହା ବ୍ୟତୀତ ମହାରାଜାଙ୍କ ସ୍ୱର୍ଣ୍ଣ ମନ୍ଦିରର ବିଜୁଳି ଆଲୁଅ ପାଇଁ, ବାଣପୁର ହାଇସ୍କୁଲ; କଲିକତାର ଓଡ଼ିଆ କ୍ଲବ ଓ ଭାରତ ସରକାରଙ୍କ ରୌପ୍ୟ ଜୟନ୍ତୀ ଉପଲକ୍ଷେ ଅଜସ୍ର ଅର୍ଥଦାନ ଅବିସ୍ମରଣୀୟ । ମହାରାଜା କେବଳ ଶିକ୍ଷା ସଂସ୍କୃତି ପ୍ରେମୀ ନ ଥିଲେ ସେ ଥିଲେ ମାନବବାଦୀ ମହାପୁରୁଷ । ମାନବିକତାରେ ତାଙ୍କର ହୃଦୟ ଥିଲା ଛଳ ଛଳ । ମାନବ ସେବା ହିଁ ମାଧବ ସେବା ମଣି ଦୀନ ଦୁର୍ଗତ ବ୍ୟକ୍ତିଙ୍କୁ ମୁକ୍ତ ହସ୍ତରେ ଦାନକରି ସେ ପରମ ସନ୍ତୋଷ ଲାଭ କରୁଥିଲେ । ବିହାର ଭୂମିକମ୍ପ, କ୍ୱେଟା ଭୂମିକମ୍ପ ପାଣ୍ଠିକୁ ସେ ବହୁ ଅର୍ଥଦାନ କରିଥିଲେ । ତାଛଡ଼ା ନିଜ ରାଜ୍ୟର ପ୍ରଜାମାନଙ୍କ ପାଇଁ ସେ ଏକଲକ୍ଷ ଟଙ୍କା ରିଲିଫ ପାଣ୍ଠିକୁ ଦାନ କରି ଗରିବ ପ୍ରଜାମାନଙ୍କର ଜୀବନ ରକ୍ଷା କରିଥିଲେ ।

ଭଞ୍ଜ ରାଜ ବଂଶର ଅନ୍ୟାନ୍ୟ ରାଜାଙ୍କ ଭଳି ମହାରାଜା ପ୍ରତାପଚନ୍ଦ୍ର ବଡ଼ କଳାପ୍ରିୟ ଥିଲେ । ଛଉନୃତ୍ୟର ପ୍ରଚାର ଓ ପ୍ରସାର ସହିତ ତାର ପୃଷ୍ଠପୋଷକତା ପାଇଁ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ପ୍ରତାପ ଚନ୍ଦ୍ରଙ୍କ ପିତା ଓ ଜ୍ୟେଷ୍ଠ ଭ୍ରାତାଙ୍କ ସମୟର ଦରବାର ଭଳି ଛଉନୃତ୍ୟ ସମୟରେ ଦରବାର ରାଜବାଟୀର ଦ୍ୱିତୀୟ ଅଗଣାରେ

Digitized by srujanika@gmail.com

ଚାନ୍ଦୁଆ ତଳେ ବସୁଥିଲେ ଏବଂ ଏଥିରେ ନିମନ୍ତ୍ରିତ ରାଜକର୍ମଚାରୀ ବୃନ୍ଦ, ସହର ତଥା ଷ୍ଟେଟରୁ ଆଗତ ନିମନ୍ତ୍ରିତ ବ୍ୟକ୍ତିଗଣ ଯଥାଯୋଗ୍ୟ ଆସନରେ ବସୁଥିଲେ । ଦର୍ଶକ-ମାନଙ୍କ ମଧ୍ୟରେ ସ୍ତ୍ରୀମାନେ ମଧ୍ୟ ସ୍ଥାନ ପାଉଥିଲେ । ମହାରାଜା ସ୍ୱର୍ଣ୍ଣ ମଣ୍ଡିତ ଚେୟାରରେ ବସୁଥିଲେ ଓ ଶ୍ୱେତାଙ୍ଗ-ଶ୍ୱେତାଙ୍ଗିନୀମାନେ ମଧ୍ୟ ସ୍ଥାନ ପାଉଥିଲେ । ଏହି ଶ୍ୱେତାଙ୍ଗ-ଶ୍ୱେତାଙ୍ଗିନୀମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଷ୍ଟେଟର ଖ୍ରୀଷ୍ଟିୟାନ ପାଦ୍ରୀ ।

"ବାରିପଦାର ଛଉନୃତ୍ୟ ଭାରତ ବିଖ୍ୟାତ ହୋଇଥିଲା । ଏହା ପ୍ରତିବର୍ଷ ରାଜବାଟୀର ଦ୍ୱିତୀୟ ଅଗଣାରେ ଚୈତ୍ରପର୍ବ ସମୟରେ ଅନୁଷ୍ଠିତ ହେଉଥିଲା । ଏହି ଛଡ଼ା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ଆଗମନ ଉପଲକ୍ଷରେ ମଧ୍ୟ ଏହା ପ୍ରଦର୍ଶିତ ହେଉଥିଲା । ସମ୍ରାଟ ପଞ୍ଚମ ଜର୍ଜ ଭାରତକୁ ଆସିଥିବାବେଳେ ମହାରାଜା ଶ୍ରୀ ରାମଚନ୍ଦ୍ର ଏହି ନୃତ୍ୟ ତାଙ୍କୁ କଲିକତାରେ ଦେଖାଇ ଉଚ୍ଚ ପ୍ରଶଂସା ପାଇଥିଲେ । ମହାରାଜା ପ୍ରତାପ ଚନ୍ଦ୍ରଙ୍କ ରାଜତ୍ୱ ପ୍ରାରମ୍ଭରେ ବିହାର-ଓଡ଼ିଶା ଲାଟ ବାରିପଦା ଆସିଥିବାବେଳେ ତାଙ୍କ ସମ୍ମୁଖରେ ଏହି ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ବାରିପଦାର ସାଇ ସାଇ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଥିଲା ଚୈତ୍ରପର୍ବର ବହୁ ପୂର୍ବରୁ ଏହି ନୃତ୍ୟ ଶିକ୍ଷା କରାଯାଉଥିଲା । ଏହାଛଡ଼ା ମହାରାଜାଙ୍କର ଗୋଟିଏ ସ୍ଥାୟୀଦଳ ମଧ୍ୟ ଥିଲା ଏବଂ ଏହି ଦଳର ନୃତ୍ୟକାରମାନେ ତାଙ୍କଠାରୁ ବେତନ ପାଇ ବର୍ଷସାରା ଏହି ନୃତ୍ୟ ଶିକ୍ଷାରେ ରତ ରହୁଥିଲେ । ରାଜ-ବାଟୀର ଦ୍ୱିତୀୟ ପ୍ରଶସ୍ତ ପ୍ରାଙ୍ଗଣରେ ଏହି ନୃତ୍ୟ ପ୍ରଦର୍ଶିତ ହେବାବେଳେ ରାଜ୍ୟର ଦୂର ଦୂରାନ୍ତରୁ ବହୁ ନରନାରୀ ଓ ବାଳକ ବାଳିକା ଦର୍ଶକ ରୂପେ ରାଜବାଟୀର ପ୍ରାଙ୍ଗଣ ଓ ଛାତରେ ଭରପୂର ହୋଇ ରାଜବାଟୀକୁ ନାନା ଭାବରେ ଅପରିଷ୍କୃତ କରୁ-ଥିଲେହେଁ ସେମାନଙ୍କ ଉପରେ କୌଣସି ପ୍ରକାର କଟକଣା ଜାରି କରାଯାଉ ନଥିଲା । ନୃତ୍ୟରେ ବେଣ୍ଡବାଦ୍ୟ, ମଧ୍ୟେ ମଧ୍ୟେ ସଙ୍ଗୀତ ଓ ବହୁପ୍ରକାର ମୂଲ୍ୟବାନ ବସ୍ତ୍ର ଓ ପୋଷାକ ଏବଂ ସାଜସଜ୍ଜା ବ୍ୟବହୃତ ହେଉଥିଲା । ବେଣ୍ଡ ବାଦ୍ୟର ତାଳ ସହିତ ପାଦ ମେଳାଇ ନୃତ୍ୟକାରମାନେ ଯେଉଁ ନୃତ୍ୟ ପ୍ରଦର୍ଶନ କରୁଥିଲେ, ତାହା ଅତ୍ୟନ୍ତ ଚିତ୍ତାକର୍ଷକ ଓ ଲୋମହର୍ଷଣ ହେଉଥିଲା । ବାରିପଦାର ଛଉନୃତ୍ୟରେ ଛଉ ବା ମୁଖା ବ୍ୟବହୃତ ହେଉ ନଥିଲା । ଏଣୁ ଏହା ପରମ୍ପରାରୁ ବିଚ୍ଛିନ୍ନ ହୋଇ ଥିଲେ ହେଁ ପୂର୍ବ ତାଳ ଓ ନୃତ୍ୟକୁ ବିଧିବଦ୍ଧ ଭାବରେ ଅନୁସରଣ କରାଯାଉଥିଲା ଏବଂ କେତେକାଂଶରେ ଏହାକୁ ଆଧୁନିକୀକରଣ କରାଯାଇ ଅଧିକ ଚିତ୍ତାକର୍ଷକ କରା-ଯାଇଥିଲା [୧୭] ।"

ସେ ସମୟରେ ହାତୀଧରା ଗୋଟିଏ ଚିତ୍ତାକର୍ଷକ ବିଷୟ ଥିଲା । ହାତୀ ଧରିବା ପାଇଁ ବହୁ ଆଗରୁ ପ୍ରସ୍ତୁତ ହେବାକୁ ପଡୁଥାଏ । ଉଦଲା ସବଡିଭିଜନର 'ହାତୀବାରି' ଓ 'ଖଣ୍ଡାବୁଡ଼ା'ଠାରେ ଖେଦା ତିଆରି ହୋଇ ହାତୀ ଧରାଯାଉଥିଲା । ଏ କଥା ମଧ୍ୟ

Digitized by srujanika@gmail.com

ଏବେ ବୟସ୍କ ଲୋକଙ୍କ ମୁଖରୁ ଶୁଣାଯାଏ । ପ୍ରକାଣ୍ଡ ପ୍ରକାଣ୍ଡ କାଠରେ ଗୋଲକୃତ ଖେଦା ତିଆରି ହେଉଥିଲା । ସେହି ଖେଦାରେ ଗୋଟିଏ ଦ୍ୱାର ରଖାଯାଉଥିଲା । ସେହି ଦ୍ୱାରରେ ଗୋଟିଏ ସୁଦୃଢ଼ କବାଟ ଝୁଲାଇ ଦିଆଯାଉଥିଲା । ଖେଦା ଭିତରେ ଆଗରୁ ତାଲିମପ୍ରାପ୍ତ ପୋଷା ହାତୀମାନଙ୍କୁ ଛଡ଼ା ଯାଇଥାଏ । ହାତୀମାନଙ୍କ ପାଇଁ ଆଖୁ ଦଣ୍ଡ କମ୍ବା ଅନ୍ୟାନ୍ୟ ଲୋଭନୀୟ ଖାଦ୍ୟ ଏହି ଖେଦାର ଦ୍ୱାରଦେଶଠାରୁ ବନ୍ୟ ହାତୀ ରହୁଥିବା ସ୍ଥାନ ଯାଏ ପକାଇ ଦିଆଯାଉଥିଲା । ଖାଦ୍ୟ ଲୋଭରେ ହାତୀ ଖେଦା ଭିତରେ ପ୍ରବେଶ କଲା ମାତ୍ରେ ଉପରେ ଝୁଲୁଥିବା ସୁଦୃଢ଼ କବାଟଟି ପକାଇ ଦିଆଯାଉଥିଲା । ଫଳତଃ ସେମାନେ ବନ୍ଦୀ ହୋଇ ଯାଉଥିଲେ । ଖେଦା ଭିତରେ ବନ୍ଦୀହେବା ମାତ୍ରେ ସେମାନେ ଗର୍ଜନ ତର୍ଜନ କରି କବାଟ ଭାଙ୍ଗି ବାହାରି ଆସିବା ପାଇଁ ପ୍ରବଳ ଉଦ୍ୟମ କରୁଥିଲେ । ମାତ୍ର ସେମାନଙ୍କୁ ଭୟଭୀତ କରିବା ପାଇଁ ଖେଦା ବାହାରେ ବହୁଦ୍ୟତ୍ତ ବାଦ୍ୟ ବଜାନ୍ତି ଓ କୋଳାହଳ ବା ଚିତ୍କାର କରନ୍ତି । ତେଣୁ ସେମାନେ ଭୟପାଇ ଯାଆନ୍ତି । ଏହି ସମୟରେ ପୋଷାହାତୀ ଉପରେ ବସିଥିବା ଖେଦା ଭିତରସ୍ଥ ମାହୁନ୍ତମାନେ ଅତ୍ୟନ୍ତ ସାବଧାନତାର ସହିତ ପୋଷାହାତୀମାନଙ୍କ ପାଦରେ ବଣୁଆ ହାତୀମାନଙ୍କ ପାଦକୁ ବଡ଼ ବଡ଼ ଲୁହା ଜଞ୍ଜିରରେ ବାନ୍ଧି ଦେଉଥିଲେ । ଦୁଇଗୋଟି ପୋଷାହାତୀ ମଧ୍ୟରେ ଗୋଟିଏ ବଣୁଆ ହାତୀକୁ ଏହିପରି ବାନ୍ଧିଦେବା ଫଳରେ ସେ ଆଉ ପଳାଇଯାଇ ପାରୁନଥିଲା । ଏହିପରି ବନ୍ଧନ ଅବସ୍ଥାରେ ସେମାନଙ୍କୁ ବାରିପଦା ଅଣାଯାଉଥିଲା । ଏବେ 'ହାତୀବାଗ' ଓ ଅନ୍ୟାନ୍ୟ ସ୍ଥାନରେ ହାତୀଖେଦାର ସ୍ମୃତିଚିହ୍ନ ମଧ୍ୟ ଦେଖିବାକୁ ମିଳେ ।

ମହାରାଜାଙ୍କର ବ୍ୟକ୍ତିଗତ ଜୀବନ ମଧ୍ୟ ଉନ୍ନତ ଥିଲା । ସେ ଜଣେ ସ୍ନେହୀ ପିତା ଥିଲେ । ସେ ଦୁଇଜଣ ପୁତ୍ର ଓ ଜଣେ କନ୍ୟାର ଜନକ ଥିଲେ । ୧୯୨୮ ମସିହା ଡିସେମ୍ବର ୧୦ ତାରିଖରେ ଟୀକାୟତ ପ୍ରଦୀପ ଚନ୍ଦ୍ର ଭଞ୍ଜଦେବ ଜନ୍ମଲାଭ କରିଥିଲେ । ତାଙ୍କପରେ ଶ୍ରେଷ୍ଠସ୍ୱ ଶ୍ରୀ ସ୍ୱରୂପ ଚନ୍ଦ୍ର ଭଞ୍ଜଦେବ ୧୯୩୧ ଫେବୃୟାରୀ ୧ ତାରିଖରେ ଭୂମିଷ୍ଠ ହୋଇଥିଲେ । ଦୁଇ ପୁତ୍ରଙ୍କର ଜନ୍ମସ୍ଥାନ ଥିଲା କଲିକତା ନଗରୀ ଭଞ୍ଜ ରାଜ ପ୍ରାସାଦରେ । ମାତ୍ର ରାଜଜେମା ୧୯୩୫ ମସିହା ସେପଟେମ୍ବର ମାସରେ ଶିଲଙ୍ଗଠାରେ ଜନ୍ମଗ୍ରହଣ କରିଥିଲେ ।

ମହାରାଜା ପ୍ରତାପଚନ୍ଦ୍ର ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପରି ଥିଲେ ଜଣେ ମହାମନା ପୁରୁଷ । ତାଙ୍କର ହୃଦୟ ଥିଲା ମହାନ, ଉଦାର ଓ ଦୟାର୍ଦ୍ର । ନିଜର ଦୋଷତ୍ରୁଟି ସଂଶୋଧନ କରିନେବା ଥିଲା ତାଙ୍କ ଚରିତ୍ରର ଅନ୍ୟତମ ଉଜ୍ଜ୍ୱଳ ଦିଗନ୍ତ । ତାଙ୍କ ଜୀବନର ଏକ ଦୃଷ୍ଟାନ୍ତରୁ ଏହା ବେଶ ଜଣାପଡ଼େ ।

Digitized by srujanika@gmail.com

ପ୍ରତାପ ଚନ୍ଦ୍ର ରାଜା ହେଲା ବେଳକୁ ଏ ରାଜ୍ୟ ବଣ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଆଜିକାଲି ଭଳି ଏତେ ରାସ୍ତାଘାଟ ନଥିଲା । ତେଣୁ କୌଣସି ସ୍ଥାନକୁ ଯିବାକୁ ହେଲେ ସାଧାରଣତଃ ଜଙ୍ଗଲ ମଧ୍ୟଦେଇ ଯିବାକୁ ହେଉଥିଲା । ସେଥିପାଇଁ ମହାରାଜା ରାଜ୍ୟରେ ରାସ୍ତାଘାଟ ନିର୍ମାଣ ପାଇଁ ମନ ବଳାଇଥିଲେ ।

ତନଙ୍କର ଘଟଣା ଭିନ୍ନ ସ୍ଥାନକୁ କିପରି ସିଧାସଳଖ ରାସ୍ତା ହୋଇପାରିବ ସେଥିପାଇଁ ସେ ଅନୁଧ୍ୟାନ କରୁ ଥାଆନ୍ତି । ବାରିପଦାରୁ ପୂର୍ବସୀମା ଅମର୍ଦ୍ଦା ପର୍ଯ୍ୟନ୍ତ ରାସ୍ତା ଅନୁଧ୍ୟାନ କରୁ କରୁ ଚକଡ଼ାରେ ଆସି ପହଞ୍ଚିଲେ । ମହାରାଜା ହାତୀ ପିଠିରେ ବସିଥାଆନ୍ତି । ହାତୀ ଝୁଲି ଝୁଲି ଚାଲିଥାଏ । ସାଥିରେ ଥାଆନ୍ତି କେତେଜଣ ରାଜକର୍ମଚାରୀ ଓ ସୈନ୍ୟସାମନ୍ତ । ମହାରାଜଙ୍କ ମଣୋହି ହେବ ଚକଡ଼ାରେ । ଏକଥା ପ୍ରଘଟ ହୋଇଗଲା । ରାଜଭକ୍ତ ପ୍ରଜାଗଣଙ୍କ ସମାବେଶରେ ସେ ସ୍ଥାନ ଜନାକୀର୍ଣ୍ଣ ହୋଇ ଉଠିଲା । ରାଜାଙ୍କୁ ଦେଖିବା ପାଇଁ ଖୁବ ଭିଡ଼, ଖୁବ ଜନଗହଳି ଏଣେ ମଧ୍ୟାହ୍ନ ଭୋଜନ ପାଇଁ କ'ଣ ଆୟୋଜନ ହେବ—ସେଥିପାଇଁ ରାଜକର୍ମଚାରୀ ଓ ଗ୍ରାମର ମୁଖିଆମାନେ ବ୍ୟସ୍ତ ହୋଇ ଉଠିଲେ ।

ଏହି ସମୟରେ ନୀଳ ଆକାଶରେ ଦେଖାଗଲେ ଦଳେ ବିହଙ୍ଗ । ଡେଣା ହଲାଇ ଆକାଶ କୋଳରେ ଉଡ଼ି ଯାଉଥାନ୍ତି ମନ ଆନନ୍ଦରେ । ସେମାନଙ୍କର ଆନନ୍ଦ ମୁଖର କାକଳିରେ ସଙ୍ଗୀତାପ୍ଲୁତ ହୋଇ ଉଠିଲା ଚକଡ଼ାର ଆକାଶ । ରାଜାଙ୍କର ଦୃଷ୍ଟି ପଡ଼ିଲା ସେମାନଙ୍କ ଉପରେ । ଆନନ୍ଦରେ ନାଚି ଉଠିଲେ । କାଳବିଳମ୍ବ ନକରି ବନ୍ଧୁକରେ ଗୁଳି ଭରିଲେ ଓ ପକ୍ଷୀଙ୍କ ଆଡେ ଗୁଳି ଛାଡ଼ିଲେ—ଗୁଡ଼୍ ମ୍, ଗୁଡ଼୍ ମ୍, ଗୁଡ଼୍ ମ୍ । ପକ୍ଷୀ ଦଳ ମଧ୍ୟରୁ ତିନୋଟି ପକ୍ଷୀ ସଙ୍ଗେ ସଙ୍ଗେ ଖସି ପଡ଼ିଲେ । ସର୍ବାଙ୍ଗ ରକ୍ତାକ୍ତ । ଛଟପଟ ଓ ଫଡ଼ ଫଡ଼ ଶବ୍ଦରେ କରୁଣ ହୋଇ ଉଠିଲା ବାତାବରଣ ।

ହଠାତ୍ ଜନଗହଳି ମଧ୍ୟରୁ ଏକ ବେଦନା ଭରା କଣ୍ଠରୁ ଭାସିଆସିଲା କରୁଣ ଆର୍ତ୍ତନାଦ । ସତେ ଅବା ତାହା ଥିଲା ମହାରାଜାଙ୍କ ଚରିତ୍ର ମଧ୍ୟ ଏକ ଅଦ୍ଭୁତ ନବ ବଜ୍ର ନିନାଦ । 'ମଣିମା, ମୋର ଗୋଟିଏ ଗୁହାରି ଶୁଣନ୍ତୁ ! ମଣିମା ଆପଣ କ'ଣ କଲେ ? ଏକାବେଳକେ ତିନୋଟିଯାକ ପକ୍ଷୀର ପ୍ରାଣ ନେଇନେଲେ । ଏହା କ'ଣ ଠିକ୍ କଲେ ମଣିମା । ଟିକଏ ଚିନ୍ତା କରି ଦେଖନ୍ତୁ ତ କ'ଣ କଲେ । ପକ୍ଷୀର ନୀଡ଼ରେ ଅଣ୍ଡା ଥାଇ ପାରେ, ହୁଏତ ପକ୍ଷୀ ଶାବକ ଥାଇ ପାରନ୍ତି । ମା' ଆଧାର ଆଣିବେ ବୋଲି ଆଶାଭରା ନୟନରେ ଚାହିଁ ବସିଥିବେ ସେମାନେ । କ'ଣ ହେବ ସେମାନଙ୍କ ଅବସ୍ଥା । କିଏ ଯୋଗାଇବ ସେମାନଙ୍କୁ ଆହାର । ସମସ୍ତେ ହତବାକ୍ ହୋଇ ଚାହିଁଥାଆନ୍ତି ସେହି ବ୍ୟକ୍ତି ଓ ମହାରାଜାଙ୍କ ଆଡ଼କୁ । ମନେ ମନେ କହୁଥାନ୍ତି, "କପାଳ ଫାଟିଲା ଏହାର । ମହାରାଜାଙ୍କ ସାମନାରେ ଜବାବ ଦେଉଛି । ରାଜାଙ୍କୁ

Digitized by srujanika@gmail.com

ଅପମାନ ଠିକ ପରିମାଣ ମିଳିଯିବ—ଶୂନ୍ୟ ମୁଣ୍ଡକାଟ, ତାହା ନ ହେଲେ ଟାଳଗୁଳକ ଓ ବେତାଘାତ ନିଶ୍ଚୟ ବର୍ଷଣ କରିବେ ମହାରାଜ ।" ମାତ୍ର ଏ କି ଅଦ୍ଭୁତ ବ୍ୟବହାର । ହାତୀ ପିଠିରୁ ଓହ୍ଲାଇ ଆସିଲେ ରାଜା, ଲଜ୍ଜାରେ ଅବନତ ମସ୍ତକ । ଆଖି ଛଳ ଛଳ ସତେ ଯେପରି ଲୋକ ଜଣଙ୍କର କଥାରେ ତାଙ୍କର ହୃଦୟ ତରଳ ଯାଇ କହୁ ଉଠିଛି— ହଁ ତୁମେ ଭୁଲ କରିଛ ମହାରାଜ । ନିରୀହ ପକ୍ଷୀମାନଙ୍କ ପ୍ରତି ତୁମେ ଅତ୍ୟାଚାର କରିଛ । ତାଙ୍କର ସୁନାର ସଂସାର ଛାରଖାର କରିଦେଇଛ ।

ଅବନତ ମସ୍ତକ ହୋଇ ବ୍ୟକ୍ତିଜଣଙ୍କ ଠାରେ ମହାରାଜା କହିଉଠିଲେ "ମୋତେ କ୍ଷମା ଦିଅନ୍ତୁ ମହାତ୍ମା ମୁଁ ଭୁଲ କରିଛି ।"

"ମହିମା ! ଆପଣ ଏ କ'ଣ କହୁଛନ୍ତି । ଆପଣ ଯେ ମୟୂରଭଞ୍ଜ ରାଜ୍ୟର ମଉଡ଼ମଣି—ଆଉ ମୁଁ ଜଣେ ସାମାନ୍ୟ ପ୍ରଜା ।" ଲୋକଟିର ମୁଖରୁ କଥା ସରିଛି କି ନାହିଁ ମହାରାଜା ତାଙ୍କୁ କୁଣ୍ଢାଇ କହିଲେ— ତୁମେ ସାମାନ୍ୟ ନୁହେଁ—ତୁମେ ମହାନ । ତୁମ ଅନ୍ତରର ପରିଚୟ ପାଇଛି । ଆଉ ତୁମର ପରିଚୟ କ'ଣ ? ସଙ୍ଗେ ସଙ୍ଗେ ଉତ୍ତର ମିଳିଲା "ମୁଁ ଆପଣଙ୍କ ରାଜ୍ୟର ଜଣେ ନିରୀହ ପ୍ରଜା, ଜଣେ ଚାଷୀ ମାତ୍ର—ନାମ ମାତଙ୍ଗ ମହାନ୍ତି । ଏତକ ମୋର ପରିଚୟ ।"

ସେହିଦିନ ମାତଙ୍ଗ ମହାନ୍ତି, ଜଣେ ଗାଉଁଲି ଲୋକ ତାଙ୍କର ଆଖି ଖୋଲି-ଦେଲା । ଜୀବହତ୍ୟା ମହାପାପ, ଅହିଂସା ପରମ ଧର୍ମ । ସେହିଦିନୁ ସେ ପକ୍ଷୀବଧ କଲେନି ବା ମୃଗୟା କଲେନି । ଜୀବହତ୍ୟା ବନ୍ଦ କଲେ । ଜୀବନର ଯବନିକା ପତନ ପର୍ଯ୍ୟନ୍ତ ନିରାମିଷ ଭକ୍ଷଣ କଲେ । ସେହି ମହତ ବ୍ୟକ୍ତି ମାତଙ୍ଗ ମହାନ୍ତି ତାଙ୍କ ଜୀବନର ଗତିପଥ ବଦଳାଇ ଦେଲେ । ତାଙ୍କର ଉଦ୍ଦେଶ୍ୟରେ ଚନ୍ଦଡ଼ାର ପୂର୍ବ ଦିଗସ୍ଥ ବିରାଟ ଜଳାଶୟର ନାମ ରହିଲା ମାତଙ୍ଗ ବନ୍ଧ । ଚନ୍ଦଡ଼ାର ମାତଙ୍ଗ ବନ୍ଧ ଅଦ୍ୟାବଧି ମହାରାଜା ପ୍ରତାପ ଚନ୍ଦ୍ର ଓ ମାତଙ୍ଗ ମହାନ୍ତିଙ୍କ ଅମର ସ୍ମୃତିର ଫଳକ ହୋଇ ରହିଛି [୧୮] ।

ତାଙ୍କ ସମୟରେ ପି.କେ. ସେନ ଓ ପରେ କେ.ସି. ନିୟୋଗୀ ମୟୂରଭଞ୍ଜର ଦେୱାନ ଥିଲେ । ସେମାନଙ୍କ ପ୍ରଶାସନିକ ଦକ୍ଷତା ମଧ୍ୟ ମୟୂରଭଞ୍ଜ ରାଜ୍ୟ ଶାସନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ମହାରାଜା ମଧ୍ୟ ଥିଲେ ଜଣେ ଆଦର୍ଶ ନିର୍ମାତା । ତାଙ୍କ ସମୟରେ ବହୁ ରାସ୍ତାଘାଟ, ବନ୍ଧବାଡ଼, ସେତୁ ଓ ପ୍ରାସାଦମାନ ନିର୍ମିତ ହୋଇଥିଲା । ତାଙ୍କ ସମୟରେ ଜଜ କୋର୍ଟ, ନିଜସ୍ୱ ଅଫିସ ଓ ଦେୱାନଙ୍କ ଅଫିସ ନିର୍ମାଣକରାଯାଇଥିଲା । ବର୍ତ୍ତମାନ ଯେଉଁ କଲେକ୍ଟରେଟ୍ ଅଫିସ ଅଛି ତାହାର ନିର୍ମାଣ କାର୍ଯ୍ୟ ୧୯୩୦ ମସିହା ଏପ୍ରିଲ ମାସରେ ଶେଷ ହୋଇଥିଲା ।

Digitized by srujanika@gmail.com

ମହାରାଜାଙ୍କ ରାଜତ୍ୱ କାଳ ପ୍ରତ୍ନତାତ୍ତ୍ୱିକ ଗବେଷଣା କ୍ଷେତ୍ରରେ ଏକ ନୂତନ ଯୁଗର ପ୍ରବର୍ତ୍ତନ କରିଥିଲା । ୧୯୨୧ ମସିହାରେ ଓଡ଼ିଶାରେ ପ୍ରଥମଥର ଖିଚିଂ ଠାରେ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ସ୍ଥାପିତ ହୋଇଥିଲା । ଖିଚିଂଠାରେ ଚନ୍ଦ୍ରଶେଖର ଓ କୁଟାଇରୁଣ୍ଡୀ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା । ୧୯୨୨ ଖ୍ରୀ·ଅ ରେ ରାଜ୍ୟର ପ୍ରତ୍ନତାତ୍ତ୍ୱିକ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଆର.ପି. ଚନ୍ଦ ଭଞ୍ଜରାଜବଂଶ ଉପରେ ବିଧିବଦ୍ଧ ଗବେଷଣା ଚଳାଇଥିଲେ । ୧୯୨୪ ଖ୍ରୀ:ଅ:ରେ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ବିଭାଗ ଖୋଲିଥିଲା । ଖିଚିଂକେଶ୍ୱରୀ ନାମଧାରିଣୀ ଚାମୁଣ୍ଡା ଅଧିଷ୍ଠାତ୍ରୀ ଦେବୀଙ୍କ ଯେଉଁ ଓଡ଼ିଶା ପ୍ରସିଦ୍ଧ ଖିଚିଂ ମନ୍ଦିର ଏବେ ଦେଖାଯାଉଛି ମହାରାଜାଙ୍କର ବଦାନ୍ୟ ଉଦ୍ୟମ ଓ ପଞ୍ଚାଅଶି ହଜାର ଟଙ୍କା ବ୍ୟୟରେ ସ୍ଥାନୀୟ ଶିଳ୍ପୀଙ୍କ ଦ୍ୱାରା ୧୯୪୨ ମସିହାରେ ତାହା ପୁନରୁଦ୍ଧାର ସହିତ ପୁନର୍ନିର୍ମିତ ହୋଇଥିଲା । ମହାରାଜାଙ୍କ ନିର୍ଦ୍ଦେଶରେ ଇଣ୍ଡିଆ ଅଫିସ ରେକର୍ଡ଼ ରୁମ୍ ରୁ ତଥ୍ୟ ସଂଗ୍ରହ କରି ମୟୂରଭଞ୍ଜ ଇତିହାସ ସଙ୍କଳନ ନିମିତ୍ତ ସ୍ୱର୍ଗତ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କୁ ଇଂଲଣ୍ଡ ପଠାଯାଇଥିଲା ଏବଂ ତାଙ୍କ ଦ୍ୱାରା ସଂଗୃହୀତ ଐତିହାସିକ ରେକର୍ଡ଼ ସଙ୍କଳନ କରାଯାଇ "Selection from official letters and Records of the History of Mayurbhanj, 1942-43" ନାମକ ଗ୍ରନ୍ଥ ବର୍ଷ (1761 to 1862 A.D.)ର ଇତିହାସ ପ୍ରଥମ ଓ ଦ୍ୱିତୀୟ ଖଣ୍ଡ ରୂପେ ପ୍ରକାଶିତ ହୋଇଥିଲା ।

ମହାରାଜା ମଧ୍ୟ ମାର୍କେଟିଂ ସର୍ଭେ ଅପରେସନ, ଭୂତତ୍ତ୍ୱ ଓ ଖଣି ବିଭାଗ ଖୋଲିଥିଲେ । ତା'ଛଡ଼ା ସେ ସେନସାସ ଅଫ ମୟୂରଭଞ୍ଜ ପୁସ୍ତକଟି ୨ଟି ଖଣ୍ଡରେ ପ୍ରକାଶ କରିଥିଲେ । Mayurbhanj workmen's compensation orders, Agriculturalists Debt order, Employees contributary Provident Fund ପ୍ରଚଳନ ଆଦି ତାଙ୍କର ପ୍ରଗତିଶୀଳ ପଦକ୍ଷେପ ଉଲ୍ଲେଖଯୋଗ୍ୟ । ତା'ଛଡ଼ା ତାଙ୍କ ସମୟରେ ଘରୋଇ ବସ ଚଳାଚଳ, ବାମନଘାଟୀ ସବଡିଭିଜନର ପ୍ରତାପପୁରଠାରେ ଚୂନ ଓ ଲୁଗାକଳ ସ୍ଥାପନ, କୁଳିଆନାଠାରେ ମୃତ୍ତିକା ଶିଳ୍ପର ବ୍ୟବସ୍ଥା, ଶିମିଳିପାଳ ଜଙ୍ଗଲକୁ ସଂରକ୍ଷିତ ଜଙ୍ଗଲରେ ପରିବର୍ତ୍ତନ, ଗ୍ରାମପଞ୍ଚାୟତ, ନର୍ସିଂ ଟ୍ରେନିଂ ଏଣ୍ଟି କରପସନ୍ ବୋର୍ଡ଼ କେନ୍ଦ୍ର ପରିଷଦ ଗଠନ ଆଦି ବହୁ ପ୍ରଗତିଶୀଳ ପ୍ରଶାସନିକ କାର୍ଯ୍ୟକ୍ରମ ମୟୂରଭଞ୍ଜର ବିକାଶ ଓ ସମୃଦ୍ଧି ପଥରେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ।

ମୟୂରଭଞ୍ଜ ପକ୍ଷେ ଅତି ଗର୍ବ ଓ ଗୌରବର କଥା ଯେ ତାଙ୍କ ସମୟରେ ହିଁ ଭାରତର ପୂର୍ବତନ ରାଷ୍ଟ୍ରପତି, ବିଶ୍ୱବିଖ୍ୟାତ ଦାର୍ଶନିକ ଓ ତତ୍କାଳୀନ ହିନ୍ଦୁ ବିଶ୍ୱ-ବିଦ୍ୟାଳୟର ଭାଇସ୍ ଚାନସେଲର ସ୍ୱର୍ଗତ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ମୟୂରଭଞ୍ଜ ରାଜ୍ୟର ଅତିଥି ରୂପେ ମୟୂରଭଞ୍ଜ ପରିଦର୍ଶନ କରିଥିଲେ । ପରମ ସୌଭାଗ୍ୟର କଥା

Digitized by srujanika@gmail.com

ଯେ ତାଙ୍କ ସହାୟତାରେ ଗୋଟିଏ ଆବାସିକ ବିଜ୍ଞାନ କଲେଜ ଓ ଶିଳ୍ପ ପ୍ରତିଷ୍ଠାନଟିଏ ସ୍ଥାପନ କରିବା ପାଇଁ ଏକ ଯୋଜନା ପତ୍ର ପ୍ରସ୍ତୁତ କରାଯାଇ ଥିଲା ।

ମହାରାଜାଙ୍କର ବହୁମୁଖୀ ପ୍ରତିଭା, ଶାସନ କୁଶଳତା ତଥା ଅତିମାନବିକତାରେ ମୁଗ୍ଧ ହୋଇ ଇଂରେଜ ସରକାର ଓ ଭାଇସ୍‌ରଏ ତାଙ୍କୁ ଯଥାକ୍ରମେ ୧୯୩୫ ଖ୍ରୀ. ଅ. ଓ ୧୯୪୭ ଖ୍ରୀ: ଅ: (ଅଗଷ୍ଟ)ରେ ଉଚ୍ଚ ସମ୍ମାନସୂଚକ କେ ସି. ଆଇ. ଇ. K. C. I. E. (Knight Commander of Indian Empire) ଓ ହିଜ୍ ହାଇନେଶ (His Highness) ଉପାଧିରେ ଭୂଷିତ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ବ୍ରିଟିଶ ସରକାରଙ୍କୁ ବିପୁଳ ଅର୍ଥ ଓ ଜଜର ବ୍ୟୋମଯାନଟି ଦାନ କରିଥିଲେ ଯେଥିପାଇଁ ଇଂରେଜ ସରକାର ତାଙ୍କୁ K. C. I. ଉପାଧି ଦେଇଥିଲେ । ତାଙ୍କ ରାଜତ୍ୱ ସମୟରେ ଜାତୀୟ ପିତା ମହାତ୍ମାଗାନ୍ଧୀଙ୍କର ମହାପ୍ରୟାଣ ପରେ ତାଙ୍କ ପବିତ୍ର ଚିତାଭସ୍ମ ଅଣାଯାଇ ପାଞ୍ଚପୀର ସବ୍‌ଡିଭିଜନର ଅଡପୁର ନିକଟସ୍ଥ ବୈତରଣୀରେ ଏବଂ ବାରିପଦାର ବାରୁଣୀଘାଟରେ ବିସର୍ଜନ କରାଯାଇ ଥିଲା । ମହାରାଜା ପ୍ରତାପଚନ୍ଦ୍ର ରାଜମୁକୁଟର ଚୂଡ଼ା ପରିବର୍ତ୍ତନ [୧୯] କରିଥିଲେ ଓ ହିନ୍ଦୁ ରାଜସନ୍ତକ 'ଛତ୍ର' ପ୍ରଚଳନ କରିଥିଲେ ।

ମୟୂରଭଞ୍ଜ ରାଜ୍ୟର ପ୍ରଜାମାନଙ୍କର ରାଜନୈତିକ ଅଧିକାର ଉପଲବ୍ଧ ଓ ରାଜ୍ୟ ଶାସନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ନିମିତ୍ତ ମହାରାଜା ପ୍ରତାପ ଚନ୍ଦ୍ରଙ୍କର ସ୍ୱତାନ୍ତ୍ରିକାସ୍ତ ସମ୍ବିଧାନ ପରିବର୍ତ୍ତନ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ମୟୂରଭଞ୍ଜରେ ଏକ ଦାୟିତ୍ୱମୂଳକ ଶାସନ ପ୍ରତିଷ୍ଠା ଉଦ୍ଦେଶ୍ୟରେ ସମ୍ବିଧାନ ସଭା ଗଠନ ପାଇଁ ସେ କେନ୍ଦ୍ର ପରିଷଦର ପ୍ରସ୍ତାବ ଗ୍ରହଣ କରିଥିଲେ । ମୟୂରଭଞ୍ଜ ବିଧାନସଭା ଗଠନ ନିମିତ୍ତ ମୟୂରଭଞ୍ଜ ପ୍ରଜାମଣ୍ଡଳ ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୧ ଜଣ ବିଶିଷ୍ଟ ସଭ୍ୟ ତାଲିକା ସରକାରଙ୍କୁ ଦିଆଯାଇଥିଲା । ଏହି ତାଲିକା ଅନୁସାରେ ମହାରାଜା ଉକ୍ତ ଏକାବନ ଜଣଙ୍କୁ ପ୍ରଥମ ପ୍ରଜା ପରିଷଦ ବା ବିଧାନସଭାର ସଭ୍ୟ ରୂପେ ମନୋନୀତ କରି ପ୍ରଜାମଣ୍ଡଳର ସଭାପତି ଶ୍ରୀଯୁକ୍ତ ଶରତ ଚନ୍ଦ୍ର ଦାସଙ୍କୁ ମୟୂରଭଞ୍ଜର ପ୍ରଧାନମନ୍ତ୍ରୀ ରୂପେ ମନୋନୀତ କଲେ [୨୦] । "ତାଙ୍କୁ ଶାସନ ଦାୟିତ୍ୱ ଗ୍ରହଣ କରି ମନ୍ତ୍ରିମଣ୍ଡଳ ଗଠନ ପାଇଁ ଆହ୍ୱାନ କରି କ୍ଷମତା ହସ୍ତାନ୍ତର କରିଥିଲେ । ଏହି ମନ୍ତ୍ରିମଣ୍ଡଳରେ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ଦାସ, ପ୍ରଧାନମନ୍ତ୍ରୀ ଶ୍ରୀ ବିଦ୍ୟାଧର ମହାପାତ୍ର ରାଜସ୍ୱ ଓ ଆଇନ ମନ୍ତ୍ରୀ ଓ ମହେଶ୍ୱର ନାୟକ ଉନ୍ନୟନ ବିଭାଗର ମନ୍ତ୍ରୀପଦ ଗ୍ରହଣ କରିଥିଲେ । ମହାରାଜା ମୟୂରଭଞ୍ଜର ଦାୟିତ୍ୱମୂଳକ ଶାସନ ପାଇଁ ଏହି ମନ୍ତ୍ରିମଣ୍ଡଳକୁ ସ୍ୱତାନ୍ତ୍ରିକରଣରେ ମନୋନୀତ କରିଥିଲେ ।

Digitized by srujanika@gmail.com

ସ୍ୱାଧୀନତା ଲାଭହେବା ପରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶୀୟ ରାଜ୍ୟଗୁଡ଼ିକ ଭାରତ ସରକାରଙ୍କ ଶାସନାଧୀନ ହୋଇ ବିଭିନ୍ନ ପ୍ରଦେଶ ସହିତ ସାମିଲ ହୋଇଯିବା ପାଇଁ ଦେଶୀୟ ରାଜ୍ୟର ଶାସକମାନଙ୍କ ଉପରେ ପ୍ରବଳ ଚାପ ପକାଇଲେ । ଫଳରେ ଅଳ୍ପଦିନ ମଧ୍ୟରେ କେବଳ ହାଇଦ୍ରାବାଦକୁ ବାଦଦେଲେ ସମସ୍ତ ଦେଶୀୟ ରାଜ୍ୟର ଶାସକ ତାଙ୍କର ରାଜ୍ୟ ଭାରତ ସରକାରଙ୍କୁ ଚୁକ୍ତିପତ୍ର ସ୍ୱାକ୍ଷର କରି ଅର୍ପଣ କଲେ । ସର୍ଦ୍ଦାର ପଟେଲ ଓଡ଼ିଶାର ଦେଶୀୟ ରାଜ୍ୟର ଉପର କ୍ଷମତା ହସ୍ତାନ୍ତର ଓ ସେଗୁଡ଼ିକର ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ ପାଇଁ କଟକ ଆସିଥିଲେ ଏବଂ ଓଡ଼ିଶାର ଦେଶୀୟ ରାଜ୍ୟଗୁଡ଼ିକର ମହାରାଜା-ମାନଙ୍କୁ ତାଙ୍କ ସହିତ ସାକ୍ଷାତ କରିବା ପାଇଁ କଟକ ଡକାଇଥିଲେ । ସେଠାରେ ଆଲୋଚନା ପରେ ମୟୂରଭଞ୍ଜ ବ୍ୟତୀତ ଓଡ଼ିଶାର ଅନ୍ୟ ସମସ୍ତ ରାଜ୍ୟ ସ୍ୱେଚ୍ଛାରେ ଭାରତ ସରକାରଙ୍କର ହସ୍ତରେ ଶାସନ କ୍ଷମତା ଅର୍ପଣ କରିବା ପାଇଁ ଚୁକ୍ତିବଦ୍ଧ ହେଲେ ଏବଂ ତତ୍‌ସଂକ୍ରାନ୍ତୀୟ ଦଲିଲରେ ଦସ୍ତଖତ କଲେ । ଏହାପୂର୍ବରୁ ନୀଳଗିରି ଷ୍ଟେଟରେ ଶାସନର ବିଶୃଙ୍ଖଳା ଯୋଗୁଁ ଭାରତର ଜାତୀୟ ସରକାରଙ୍କର ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାରୁ ପ୍ରତିନିଧି ଆସି ନୀଳଗିରି ଷ୍ଟେଟର ଶାସନଭାର ନେଇ ସାରିଥିଲେ । ମାତ୍ର ମୟୂରଭଞ୍ଜରେ ସେତେବେଳକୁ ଲୋକପ୍ରିୟ ଶାସନ ପ୍ରତିଷ୍ଠିତ ହୋଇଥିବାରୁ ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ ନକରି ସେହିପରି ରହିବ ବୋଲି ସେ ମତ ପ୍ରକାଶ କରିଥିଲେ । ଫଳରେ ମୟୂରଭଞ୍ଜ ପ୍ରଜାମଣ୍ଡଳ ଶାସନରେ ବହୁବିଧ ଉନ୍ନୟନ ଓ ପ୍ରଗତିମୂଳକ ଯୋଜନାମାନ କାର୍ଯ୍ୟକାରୀ ହେଲା ଓ ସରକାରଙ୍କର ଲୋକ-ପ୍ରିୟତା ବଢ଼ିବାରେ ଲାଗିଲା । [୨୧]

ତେଣୁ ୦୧-୦୧-୧୯୪୮ରେ ମୟୂରଭଞ୍ଜ ରାଜ୍ୟର ମିଶ୍ରଣ ହୋଇ ପାରି ନ ଥିଲା । ପରେ ପ୍ରଜାମଣ୍ଡଳ ନାମ ପରିବର୍ତ୍ତିତ ହୋଇ ମୟୂରଭଞ୍ଜ ଷ୍ଟେଟ କଂଗ୍ରେସ ନାମ ରଖା ଯାଇଥିଲା । ମୟୂରଭଞ୍ଜରେ ନବପ୍ରତିଷ୍ଠିତ ସରକାର ଦଶମାସ ଶାସନ କାଳରେ ସରକାରୀ ପ୍ରଥାରେ ଖଜଣା ସଂଗ୍ରହ ଉଚ୍ଛେଦ କରି ତା' ସ୍ଥାନରେ ଅଣ୍ଡରଗ୍ରେଡେଟେଡ୍ ତହସିଲଦାରଙ୍କୁ ଖଜଣା ଅଦାୟ ଦାୟିତ୍ୱର ବନ୍ଦୋବସ୍ତ, ପାଇକାଳି ଓ ପାଠକାଳି ଜାଗିର ପ୍ରଥା ଉଚ୍ଛେଦ ଆଦି ବହୁ ପ୍ରଜାମଙ୍ଗଳ କାର୍ଯ୍ୟ କରିଥିଲେ [୨୨] । ସର୍ଦ୍ଦାର ପଟେଲ ମୟୂରଭଞ୍ଜର ପ୍ରଧାନମନ୍ତ୍ରୀ ଓ ରାଜ୍ୟର ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ ଡାକି ମୟୂରଭଞ୍ଜ ମିଶ୍ରଣ ବିଷୟରେ ଆଲୋଚନା କରିଥିଲେ । ମୟୂରଭଞ୍ଜ ବ୍ୟବସ୍ଥାପକ ବା ପ୍ରଜାପରିଷଦ ୧୯୪୮ ସେପଟେମ୍ବର ୧୫ ତାରିଖରେ ମୟୂରଭଞ୍ଜ ମିଶ୍ରଣ ସପକ୍ଷରେ ମତ ପ୍ରଦାନ କଲା । ପରିସ୍ଥିତି ଦୃଷ୍ଟିରୁ ମହାରାଜା ମଧ୍ୟ ଏଥିରେ ସମ୍ମତି ପ୍ରଦାନ କରିଥିଲେ ।

ମହାରାଜା ପ୍ରତାପ ଚନ୍ଦ୍ର, ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସଙ୍କ ସହିତ ଦିଲ୍ଲୀ ଯାଇଥିଲେ ଏବଂ ଭାରତ ସହିତ ମୟୂରଭଞ୍ଜର ମିଶ୍ରଣ ପାଇଁ ୧୭ ଅକ୍ଟୋବର ୧୯୪୮ରେ

Digitized by srujanika@gmail.com

ସେ ମିଶ୍ରଣ ଚୁକ୍ତିପତ୍ର (Merger Agreement)ରେ ସ୍ୱାକ୍ଷର କଲେ । ଏହି ମିଶ୍ରଣ ଯୋଗୁଁ ଭାରତ ସରକାରଙ୍କ ଏହି ଚୁକ୍ତିପତ୍ରରେ ମୟୂରଭଞ୍ଜ ରାଜା ତଥା ମୟୂରଭଞ୍ଜ ବାସୀଙ୍କ ସ୍ୱତ୍ୱ ସୁବିଧା ସୁଯୋଗ ଓ ତତ୍କାଳୀନ ସରକାରୀ କର୍ମଚାରୀଙ୍କ ଚାକିରି ସୁରକ୍ଷା ସମ୍ବନ୍ଧରେ ଭେଟେଟ ସର୍ତ୍ତ ଲିପିବଦ୍ଧ ହୋଇ ରହିଲା । (ପରିଶିଷ୍ଟରେ Mayurbhanj Merger Agreement ଦ୍ରଷ୍ଟବ୍ୟ)

୦୧, ନଭେମ୍ବର ୧୯୪୮ରେ ଡ଼ି· ଭି ରଗେ (D· V. Rege) ନାମକ ଜଣେ ଆଇ· ସି ଏସ୍. ଅଫିସର ମୟୂରଭଞ୍ଜର ଚଫ କମିଶନର ରୂପେ ନିଯୁକ୍ତ ହେଲେ । ଭାରତ ସରକାରଙ୍କ ଏକ ନିର୍ଦ୍ଦେଶ ବଳରେ ୦୧, ଜାନୁୟାରୀ ୧୯୪୯ରେ ଓଡ଼ିଆଭାଷୀ ଅଞ୍ଚଳ ରୂପେ ମୟୂରଭଞ୍ଜ ରାଜ୍ୟର ଚୂଡ଼ାନ୍ତ ମିଶ୍ରଣ ଓଡ଼ିଶା ସହିତ ସମ୍ପନ୍ନ ହେଲା [୨୮] । ସେହିଦିନଠାରୁ ମୟୂରଭଞ୍ଜ ଓଡ଼ିଶାର ଅଂଶ ବିଶେଷ ରୂପେ ପରିଗଣିତ ହେଲା ଓ ଏହା ଓଡ଼ିଶାର ଏକ ଜିଲ୍ଲା ହୋଇ ରହିଲା ।

ମୟୂରଭଞ୍ଜର ଭଞ୍ଜ ରାଜବଂଶର ଶେଷ ସ୍ୱାଧୀନ ନରପତି ମହାରାଜା ପ୍ରତାପଚନ୍ଦ୍ର ଥିଲେ ପ୍ରଶାନ୍ତମନା । ପିତା ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କ ଭଳି ସେ ଥିଲେ କର୍ମବୀର ଓ ସ୍ଥିତପ୍ରଜ୍ଞ । ଅନ୍ୟାନ୍ୟ ରାଜାଙ୍କ ଭଳି ସେ ରାଜଐଶ୍ୱର୍ଯ୍ୟ, ଶକ୍ତି ଓ ଭୋଗବିଳାସର ଦାସ ନଥିଲେ । ସେ ଥିଲେ ପ୍ରଜାବତ୍ସଳ । ପ୍ରଜାଙ୍କ ଆନନ୍ଦରେ ଥିଲା ତାଙ୍କର ଆନନ୍ଦ । ସେ ଥିଲେ ସ୍ୱାଧୀନତାପ୍ରେମୀ ଓ ଦେଶ ବତ୍ସଳ । ପ୍ରଜାମାନଙ୍କୁ ସ୍ୱାଧୀନ ରାଜନୈତିକ ଅଧିକାର ଦେବାପାଇଁ ସେ ନିଜ ରାଜ୍ୟରେ ଗଣତନ୍ତ୍ରର ଉଚ୍ଚ ସୌଧ ନିର୍ମାଣ କରିସାରିଥିଲେ ଭାରତ ସ୍ୱାଧୀନ ହେବାର ବହୁ ପୂର୍ବରୁ । ଏ ପ୍ରକାର ଶାସନର ମୂଳଦୁଆ ସ୍ଥାପନ କରିଥିଲେ ମହାରାଜ ଶ୍ରୀ ରାମଚନ୍ଦ୍ର ତାଙ୍କର ସ୍ୱପ୍ନକୁ ସାର୍ଥକ କରିଥିଲେ ସ୍ୱୟଂ ପ୍ରତାପଚନ୍ଦ୍ର । ଜଣେ ଆଦର୍ଶ ଶାସକ, ଜଣେ ପ୍ରେମୀ ଓ ଋଷି ପ୍ରଥମ ରାଜପୁରୁଷ ଭାବରେ ପିତାଙ୍କ ଚରିତ୍ର ତାଙ୍କଠାରେ ଫୁଟି ଉଠିଥିଲା । ତେଣୁ ସେ ଆଜି କୋଟି ଜନତାର ହୃଦୟରେ ଚିରସ୍ମରଣୀୟ ଓ ଚିର ଅମର ହୋଇ ରହିଅଛନ୍ତି ।

ସୂଚନା ଓ ସହାୟତା

୧ । ସାହୁ ସନ୍ତୋଷକୁମାର—ଓଡ଼ିଶା ଇତିହାସ—ପୃ· ୧୬୧ (୨ୟ ଭାଗ) ନାଳନ୍ଦା ବିନୋଦ ବିହାରୀ କଟକ-୨

୨-୩ । Selections from Official letters and Record relating to the History of Mayurbhanj·

୪ । ଉକ୍ତର ସାହୁ ସନ୍ତୋଷକୁମାର—ଓଡ଼ିଶା ଇତିହାସ (୨ୟ ଭାଗ) ପୃ. ୧୪୨

Digitized by srujanika@gmail.com

୫। Sarkar S. N.—Biography of the Maharaj Sri Ram-chandra Bhanj Deo—P· 24

୬। ପାଳ ଶ୍ରୀ ଅଶୋକ କୁମାର—ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ (୧୦୮ ତମ ଜୟନ୍ତୀ) ସ୍ମରଣିକା—ପୃ· ୩୯

୭। ରାଓ ମଧୁସୂଦନ—ମଧୁସୂଦନ ଗ୍ରନ୍ଥାବଳୀ

୮। { ଡଃ ସାହୁ ନବୀନକୁମାର—ଓଡ଼ିଶା ଇତିହାସ ୨ୟ ଭାଗ
Orissa Gazatteers, Mayurbhanj }

୯। ଡଃ ପାଣିଗ୍ରାହୀ କୃଷ୍ଣଚନ୍ଦ୍ର—ମୋ ସମୟର ଓଡ଼ିଶା

୧୦। Sahu Janmejoy—Mayurbhanj Marches Ahead 1992

୧୧-୧୭। ଡଃ ପାଣିଗ୍ରାହୀ କୃଷ୍ଣଚନ୍ଦ୍ର

୧୮। ପ୍ରଚଳିତ ଜନଶ୍ରୁତି—(ଶ୍ରୀ ରବୀନ୍ଦ୍ର ନାଥ ମହାପାତ୍ର ଓ ଅନ୍ୟମାନଙ୍କଠାରୁ ସଂଗୃହୀତ)

୧୯। Sahu Janmejoy— Mayurbhanj Marches Ahead

୨୦-୨୨। ଦାସ ପ୍ରସନ୍ନକୁମାର—ମୟୂରଭଞ୍ଜ ମୁକ୍ତି ସଂଗ୍ରାମର ସଂକ୍ଷିପ୍ତ ଇତିହାସ— ପୃ. ୫୪, ୫୫, ୫୬, ୫୮

ଭଞ୍ଜ ରାଜଧାନୀ ବାରିପଦା :

ଆଜିର ବାରିପଦା ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା । ମାତ୍ର ଅତୀତରେ ଏହା ଥିଲା ମୟୂରଭଞ୍ଜ ରାଜ୍ୟର ରାଜଧାନୀ । ପୁନାମଧନ୍ୟ ଭଞ୍ଜ ନୃପତି ଏଠାରେ ରହି ମୟୂରଭଞ୍ଜ ରାଜ୍ୟ ଶାସନ କରୁଥିଲେ ।

ଏହି ରାଜଧାନୀ ମହାରାଣୀ ସୁମିତ୍ରା ଦେବୀଙ୍କ ରାଜତ୍ୱ କାଳରେ ପ୍ରତିଷ୍ଠିତ ହୋଇଥିଲା । ଏହା ଭଞ୍ଜ ନୃପତିମାନଙ୍କର ଶେଷ ରାଜଧାନୀ । ଏଠାରେ ଭଞ୍ଜ ନୃପତିମାନଙ୍କ କଳା ସ୍ଥାପତ୍ୟ ତଥା ଅନ୍ୟାନ୍ୟ ଐତିହାସିକ କୀର୍ତ୍ତିମାନ ଅଦ୍ୟାବଧି ବିଦ୍ୟମାନ । ବାରିପଦା ଭଞ୍ଜ ସ୍ମୃତି ବିଜଡ଼ିତ ଏକ ପୁଣ୍ୟପୀଠ ରୂପେ ଅତୀତ ଗୌରବର ମୂକସାକ୍ଷୀ ।

ଅତୀତର ରାଜପ୍ରାସାଦ ଆଜିର ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ । ସେତେବେଳେ ଏହା ତିନି ଭାଗରେ ବିଭକ୍ତ ହୋଇଥିଲା । ଅତିଥିଶାଳା, ସ୍ନାନାଗାର ଅଫିସଘର ରାଜଦରବାର ଏବଂ ଶୀତତାପ ନିୟନ୍ତ୍ରିତ ଗୃହ-ପ୍ରଥମ ଭାଗର ଅନ୍ତର୍ଗତ । ଦ୍ୱିତୀୟ ଭାଗରେ ରାଜାଙ୍କ ଅଫିସ ଗୃହ, ଶୟନ କକ୍ଷ, ଭୋଜନାଳୟ, ବୈଠକଖାନା କୁଳଦେବୀ

Digitized by srujanika@gmail.com

କଚକେଶ୍ୱରଙ୍କ ମନ୍ଦିର ତଥା ଛ ନୃତ୍ୟ ମଣ୍ଡପ ଥିଲା । ବୃତ୍ତାନ୍ତ ସ୍ଥଳରେ ରାଣୀହଂସପୁର ଓ ଲକ୍ଷ୍ମୀନାରାୟଣ ମନ୍ଦିର ଆଦି ଅବସ୍ଥିତ ଥିଲା । ସେଦିନ ଚାଲିଯାଇଛି । ସେଦିନର ସ୍ନାନାଗାର ଆଜି କଲେଜର ପାଠାଗାର ହୋଇଛି । ସେଦିନର ରାଣୀହଂସପୁର ଆଜିର କଲେଜର ଛାତ୍ରାବାସ ରୂପେ ବିଦ୍ୟମାନ ।

ବାରିପଦାରେ ସେଦିନର ରାଜଅନ୍ତଃ ଭବନ 'ବେଲଗଡ଼ିଆ କୋଠି' ଆଜି ମଧ୍ୟ ବିଦ୍ୟମାନ । ରାଣୀବାର ଭଞ୍ଜ ନୃପତି ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ଅନ୍ୟତମ ଅମରକୀର୍ତ୍ତି । ମହାରାଣୀ ଲକ୍ଷ୍ମୀକୁମାରୀଙ୍କ ସ୍ମୃତି ଭାବରେ ଏହା ରୂପ ନେଇଥିଲା । ଏକ ଅନୁପମ ପୁଷ୍ପ ଉଦ୍ୟାନ ମଧ୍ୟରେ ମହାରାଣୀଙ୍କ ସ୍ମୃତି ଫଳକ ସହିତ ତାଙ୍କ ସମାଧି ମନ୍ଦିର ଏଠାରେ ନିର୍ମାଣ କରାଯାଇଥିଲା ।

ବାରିପଦାରେ ବହୁ ଦେବାଦେବୀ ମନ୍ଦିର ଅଦ୍ୟାବଧି ବିଦ୍ୟମାନ । ଏଠାରେ ଯୋଡ଼ିଏ ଜଗନ୍ନାଥ ମନ୍ଦିର ଅଛି । ବଡ଼ ଜଗନ୍ନାଥ ମନ୍ଦିର ଓଡ଼ିଶାର ଦ୍ୱିତୀୟ ଜଗନ୍ନାଥ ମନ୍ଦିର ରୂପେ ସୁପରିଚିତ । ସାନ ମୂର୍ତ୍ତି ବିଶିଷ୍ଟ ବାଣ୍ଡିଆ ଜଗନ୍ନାଥ ମନ୍ଦିର ଏହି ସହରରେ ଅବସ୍ଥିତ । ବଡ଼ ମନ୍ଦିରଟି ୧୫୭୫ ଖ୍ରୀ: ଅ:ରେ ମହାରାଜା ବୈଦ୍ୟନାଥ ଭଞ୍ଜଙ୍କ ଦ୍ୱାରା ଏବଂ ବାଣ୍ଡିଆ ଜଗନ୍ନାଥ ମନ୍ଦିର ଶ୍ରୀନାଥ ଭଞ୍ଜଙ୍କ ଦ୍ୱାରା ତାଙ୍କ ରାଜତ୍ୱକାଳ (୧୮୭୩-୧୮୭୭ ଖ୍ରୀ. ଅ.) ରେ ନିର୍ମିତ ହୋଇଥିଲା । ଏତଦ୍‌ବ୍ୟତୀତ ଅମ୍ବିକା ମନ୍ଦିର, ରାଧାମୋହନ ମନ୍ଦିର ଆଦି ଅନ୍ୟାନ୍ୟ ମନ୍ଦିରମାନ ଦେଖିବାକୁ ମିଳେ ।

ଏହାଛଡ଼ା 'ହିଂଜରାବନ୍ଧ', 'ବଗସାମଲଗଡ଼', 'ମୂଦୂଲପାର୍କ' ପୁରୁଣା ଲାଇବ୍ରେରୀ (ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ପାଠାଗାର) ସଂଗ୍ରହାଳୟ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ, ମହାରାଣୀ ପ୍ରେମ କୁମାରୀ ଗାର୍ଲସ ହାଇସ୍କୁଲ, ଜେଲଖାନା, ପୂର୍ଣ୍ଣଚନ୍ଦ୍ର ଇଣ୍ଡଷ୍ଟ୍ରିଆଲ ଇନଷ୍ଟିଚ୍ୟୁଟ, ଟେକ୍‌ନିକାଲ ଇନଷ୍ଟିଚ୍ୟୁଟ, ତକତପୁର ଆଦି ଭଞ୍ଜ ରାଜାମାନଙ୍କର ଅତୀତ ଗୌରବର ମୂକସାକ୍ଷୀ ରୂପେ ବିଦ୍ୟମାନ ।

●

Digitized by srujanika@gmail.com

ସପ୍ତମ ଅଧ୍ୟାୟ

।

ମୟୂରଭଞ୍ଜ ଇତିହାସରେ ଭୁଜଙ୍ଗ ରାଜବଂଶ

କପ୍ତିପଦା ଓ ଭୁଜଙ୍ଗ ରାଜବଂଶ : ଏକ ପୃଷ୍ଠଭୂମି

ଆଜିର କପ୍ତିପଦା, ଐତିହ୍ୟପୂର୍ଣ୍ଣ ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ସବ-ଡିଭିଜନ ରୂପେ ପରିଚିତ । ମାତ୍ର ଅତୀତରେ ଏହା ଏକ ସ୍ୱାଧୀନ ରାଜ୍ୟରୂପେ ନିଜର ସ୍ଥିତି ବଜାୟ ରଖି ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିଲା । ମହାପ୍ରତାପଶାଳୀ ଭୁଜଙ୍ଗ ରାଜବଂଶ ବଂଶାନୁକ୍ରମିକ ଭାବେ ଏ ଭୂଖଣ୍ଡରେ ଶହ ଶହ ବର୍ଷ ଧରି ଶାସନ ଚଳାଇଥିଲେ । ମାତ୍ର ୧୮୯୦ ଖ୍ରୀ: ଅ:ରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ସହିତ ମିଶ୍ରଣ ପରେ "ଏକ କରଦ ରାଜ୍ୟ ବା ପରବର୍ଗକାର ରାଜ୍ୟରୂପେ ଶାସିତ ହେଲା [୧] ।" ଏହାର ଅତୀତ ଗୌରବ ମହିମାମୟ । ମୟୂରଭଞ୍ଜ ଇତିହାସ ଓ ଭଞ୍ଜରାଜ ବଂଶର ଐତିହ୍ୟ ଆଲୋଚନା କଲେ କପ୍ତିପଦା ଓ ଭୁଜଙ୍ଗ ରାଜବଂଶର ଐତିହ୍ୟ ଆଲୋଚନା ପରିସରକୁ ନଆଣିଲେ ଆଲୋଚନା ଅସମ୍ପୂର୍ଣ୍ଣ ବୋଲି ପ୍ରତୀତ ହୁଏ । ମୟୂରଭଞ୍ଜ ଇତିହାସ ସହିତ କପ୍ତିପଦା ଯେପରି ନିବିଡ଼ ଭାବରେ ଜଡ଼ିତ, ସେହିପରି ଭଞ୍ଜରାଜବଂଶ ସହିତ ଭୁଜଙ୍ଗ ରାଜବଂଶ ଘନିଷ୍ଠଭାବେ ଜଡ଼ିତ । ତେଣୁ କପ୍ତିପଦା ଇତିବୃତ୍ତ ଓ ଭୁଜଙ୍ଗ ରାଜବଂଶର ଶାସନ ବିଷୟରେ ଆଲୋକପାତ କରାଗଲା । ଏ ବଂଶର ସଂଗୃହୀତ ତଥ୍ୟାବଳୀକୁ ଭିତ୍ତିକରି ନିମ୍ନରେ ଭୁଜଙ୍ଗ ରାଜବଂଶାବଳୀ ମଧ୍ୟ ପ୍ରଦତ୍ତ ହେଲା ।

କପ୍ତିପଦା ରାଜ୍ୟ ଓ ଫଣୀମୁକ୍ତ :

ପଞ୍ଚଦଶ ଶତାବ୍ଦୀର ଘଟଣା । ଗଜପତି ରାଜା କପିଳେନ୍ଦ୍ର ଦେବଙ୍କ ଶାସନ କାଳରେ ଏ ରାଜ୍ୟ ପ୍ରତିଷ୍ଠିତ ହେଲା । ଏହାର ପ୍ରତିଷ୍ଠାତା ଥିଲେ କପିଳେନ୍ଦ୍ର ଦେବଙ୍କ କରଦ ରାଜା ନାଗରାଜ ଫଣୀମୁକ୍ତ । କଇଁସାରି ତାଙ୍କ ସଦର ମହକୁମା ଓ ରାଜଧାନୀ ରୂପେ ଗଢ଼ି ଉଠିଲା । ଆଉ ସେଠାରେ ଗଢ଼ି ଉଠିଲା ଏକ ଅଭେଦ୍ୟ ଦୁର୍ଗ । ତାଙ୍କ ସମ୍ବନ୍ଧରେ ଆଉ କିଛି ଐତିହାସିକ ତଥ୍ୟ ମିଳେନାହିଁ ।

Digitized by srujanika@gmail.com

ବସନ୍ତ ଭୁଜଙ୍ଗ :

ତାଙ୍କ ପରେ ତାଙ୍କ ପୁତ୍ର ବସନ୍ତ ଭୁଜଙ୍ଗ ରାଜମୁକୁଟ ପିନ୍ଧିଲେ ଏବଂ ଏ ଦେଶ ଶାସନ କଲେ । ବସନ୍ତ ଭୁଜଙ୍ଗଙ୍କ ଜୀବନୀ ଆଲୋଚନା କଲାବେଳେ ଉତ୍କଳର ଗୌରବମୟ ଐତିହ୍ୟ ଆଖି ଆଗରେ ନାଚିଯାଏ । ସେତେବେଳେ ଉତ୍କଳର ରାଜା ଥିଲେ ଗଜପତି ପୁରୁଷୋତ୍ତମ ଦେବ । ତାଙ୍କର ଥିଲେ ସେ (ବସନ୍ତ ଭୁଜଙ୍ଗ) ପ୍ରଧାନ ସେନାପତି । ଶୌର୍ଯ୍ୟ, ବୀର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ସେ ଅନୁପମ ।

ପୁରୁଷୋତ୍ତମ ଦେବ ଓ କାଞ୍ଚି ବିଜୟ କିମ୍ବଦନ୍ତୀ

କାଞ୍ଚି ରାଜଜେମା ପଦ୍ମାବତୀ ପ୍ରସଙ୍ଗ :

ସେତେବେଳେ କାଞ୍ଚି ନରପତିଙ୍କର ଜଣେ ଅପୂର୍ବ ସୁନ୍ଦରୀକନ୍ୟା ଥିଲେ । ନାମ ପଦ୍ମାବତୀ । ପଦ୍ମାବତୀ ଯେପରି ରୂପବତୀ ସେହିପରି ଗୁଣବତୀ, ଫୁଲ ଫୁଟିଲେ ବାସ ଚହଟେ । ସେହିପରି ପଦ୍ମାବତୀଙ୍କ ରୂପ ଗୁଣ ଚାରିଆଡ଼େ ପ୍ରଚାରିଗଲା । ପୁରୁଷୋତ୍ତମ ଦେବଙ୍କ ସହିତ କାଞ୍ଚି ଜେମାଙ୍କର ବିବାହ ପ୍ରସ୍ତାବ ପଠାଗଲା । ଏ ପ୍ରସ୍ତାବ ଗ୍ରହଣ କରିବା ଦୂରେ ଥାଉ କାଂଚିରାଜା ପ୍ରସ୍ତାବ ବାହକ ଦୂତକୁ ଭର୍ତ୍ସନା ଓ ଅପମାନ କରାଇ ଫେରାଇ ଦେଲେ ଏବଂ ତା' ହାତରେ କହି ପଠାଇଲେ, "ଜଗନ୍ନାଥଙ୍କ ରଥଯାତ୍ରାବେଳେ ଯେ ମେହେନ୍ତରର କାମ ପହଁରାଧର ଦାଣ୍ଡ ସଫାକରେ ସେହି ଚଣ୍ଡାଳ ରାଜାସହିତ ମୋ ଝିଅର ବିବାହର ଅସମ୍ଭବ ।' ଏ ଅପମାନ ତାଙ୍କୁ ବଡ଼ ବାଧିଲା । ଏହାର ପ୍ରତିଶୋଧ ପାଇଁ କାଞ୍ଚି ଓ ବିଜୟନଗର ଅଭିମୁଖରେ ସେ ଯୁଦ୍ଧଯାତ୍ରା କଲେ । କଥିତଅଛି ପ୍ରଥମଥର ଯୁଦ୍ଧରେ ପୁରୁଷୋତ୍ତମ ଦେବ ପରାସ୍ତ ହେଲେ । ପରାସ୍ତ ହୋଇ ସେ ବିନମ୍ର ଭାବରେ ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ । ଜଗନ୍ନାଥ କହିଲେ—"ଆଉଥରେ ଆକ୍ରମଣ କର । ଏଥର ଆମ୍ଭେ ସାହାଯ୍ୟ କରିବୁଁ ।" ଯୁଦ୍ଧ ବାଜା ବାଜିଲା । ପୁରୁଷୋତ୍ତମ ଦେବ ସୈନ୍ୟସାମନ୍ତ ଧରି ପୁନର୍ବାର କାଞ୍ଚି ଅଭିମୁଖେ ଯାତ୍ରା ଆରମ୍ଭ କଲେ ।

ଜଗନ୍ନାଥ ଓ ବଳଭଦ୍ର ମନ୍ଦିରରୁ କଳା ଓ ଧଳା ଘୋଡ଼ା ଚଢ଼ି କାଞ୍ଚି ଉଦ୍ଦେଶ୍ୟରେ ବାହାରିଲେ । ନିର୍ଜନ ପଥ, ପୁଣି ଖରା । ଜଗନ୍ନାଥ ବଳଭଦ୍ରଙ୍କୁ ବଡ଼ ଶୋଷ ହେଲା । ଦେଖିଲେ ଗୋଟିଏ ଗଉଡ଼ୁଣୀ ଦହି ନେଇ ଯାଉଛି । ଘୋଡ଼ାରୁ ଓହ୍ଲାଇ ଗଉଡ଼ୁଣୀ ପାଖରୁ ଦହି ପିଇଲେ । ପିଇସାରି ସନ୍ତୁଷ୍ଟ ହୋଇଗଲେ । ଗଉଡ଼ୁଣୀ ପଇସା ମାଗିଲା । ଜଗନ୍ନାଥ ବଳଭଦ୍ର ତାଙ୍କୁ ରତ୍ନ ମୁଦି ଟିଏ ଦେଲେ । ଗଉଡ଼ୁଣୀ କହିଲା— "ମୁଁ ଏତେ ଦାମିକା ଜିନିଷ ନେଇ କ'ଣ କରିବି ? ପଇସା ଦିଅ । ତହୁଁ ଜଗନ୍ନାଥ ବଳଭଦ୍ର କହିଲେ—"ହଉ ରଖିଥା, ପଛରେ ରଜା ଆସୁଛନ୍ତି । ତାଙ୍କଠୁ ରତ୍ନମୁଦି ଦେଖେଇ ପଇସା ନେଇନେବୁ ।" ତାପରେ ଜଗନ୍ନାଥ ବଳଭଦ୍ର ଚାଲିଗଲେ ।

Digitized by srujanika@gmail.com

ସେହିବାଟେ ରାଜା ଆସିଲେ । ଗଉଡୁଣୀ ରତ୍ନମୁଦି ଦେଖାଇ ପଇସା ମାଗିଲା । ରାଜା ରତ୍ନମୁଦି ଦେଖି ଜଗନ୍ନାଥ ବଳଭଦ୍ର ଯେ ଯୁଦ୍ଧକୁ ଯାଉଛନ୍ତି ଜାଣି ମହା ଆନନ୍ଦରେ ନାଚି ଉଠିଲେ । ଗଉଡୁଣୀର ନାମ ମାଣିକ । ତାହାକୁ ବହୁ ଅର୍ଥ ଦେଲେ ଓ ସେ ସ୍ଥାନର ନାମ 'ମାଣିକ ପାଟଣା' ରଖିଲେ । ମାଣିକ ଗଉଡୁଣୀ ଭକ୍ତ ଯୋଗୁଁ ଜଗନ୍ନାଥ ବଳଭଦ୍ରଙ୍କୁ ଦେଖି ପାରିଥିଲା ।

ଜଗନ୍ନାଥ ବଳଭଦ୍ର କାଞ୍ଚିଯୁଦ୍ଧରେ ଯୋଗ ଦେବାରୁ କାଞ୍ଚି ପରାଜିତ ହେଲା । ପୁରୁଷୋତ୍ତମଦେବ କାଞ୍ଚି ଜୟକଲେ ଓ ପଦ୍ମାବତୀଙ୍କୁ ଉତ୍କଳକୁ ନେଇ ଆସିଲେ [୨] ।" ଚିଲିକା ଦେଇ ଫେରିଲେ । ପଦ୍ମାବତୀଙ୍କୁ ନୌକାରେ ଚିଲିକାରେ ଆଣିବାବେଳେ ତାଙ୍କର କେଶ ବର୍ଣ୍ଣନା ପ୍ରସଙ୍ଗରେ ଚିଲିକା କାବ୍ୟରେ କବିବର ରାଧାନାଥ ଲେଖିଛନ୍ତି—

"ଜଳମାରେ ବାମା ଗୁରୁ କେଶପାଶ
ତୋ ଜଳ ବଟକ କଲା ଉପହାସ ।
ତେଣୁ କି ତରଙ୍ଗ ଅପମାନ ଭୟେ,
ଶିର ପିଟୁଥିଲେ ତରଣୀ ପଞ୍ଜରେ [୩] ।"

କାଞ୍ଚି ବିଜୟରେ ବସନ୍ତ ବରାଟର ଭୂମିକା ଓ ରାଜ ଉପାଧି :

ଉପରୋକ୍ତ କାଞ୍ଚି ବିଜୟରେ ଦୁଇତ ଜଗନ୍ନାଥ, ବଳଭଦ୍ରଙ୍କ କାଞ୍ଚି ଅଭିଯାନ କିମ୍ବଦନ୍ତୀଟିର ଐତିହାସିକ ସତ୍ୟ ଥାଇ ନପାରେ ମାତ୍ର ମୟୂରଭଞ୍ଜ ଗେଜେଟିଅର ଅନୁସାରେ କାଞ୍ଚି ଅଭିଯାନରେ ପୁରୁଷୋତ୍ତମ ଦେବଙ୍କ ଅନ୍ୟ ଏକ ଐତିହାସିକ ସତ୍ୟର ପ୍ରମାଣ ମିଳେ ଯେ, ଯୁଦ୍ଧ ନିପୁଣ ସୁଦକ୍ଷ ସେନାପତି ବସନ୍ତ ବରାଟ ଭୁଜଙ୍ଗଙ୍କ ଅଦ୍ଭୁତ ସୈନ୍ୟଚାଳନା, ଅପୂର୍ବ ବୀରତ୍ୱ ଓ ଯୁଦ୍ଧ କୌଶଳରେ ଗଜପତି ମୁଗ୍ଧ ଓ ଚକିତ ହୋଇଥିଲେ । ଭାଗ୍ୟଲକ୍ଷ୍ମୀ ପ୍ରସନ୍ନା ହେଲେ ଯୁଦ୍ଧରେ ବିଜୟଶ୍ରୀ ମଣ୍ଡିତ ହେଲେ । ଏହି ବିଜୟ ମୂଳରେ ବସନ୍ତ ବରାଟ ଭୁଜଙ୍ଗଙ୍କ ଭୂମିକା ଅତୁଳନୀୟ । ସୁନ୍ଦରୀ ପଦ୍ମାବତୀଙ୍କୁ ନେଇ ଉତ୍କଳକୁ ପ୍ରତ୍ୟାବର୍ତ୍ତନ କଲେ—ମାତ୍ର ଭୁଲିଗଲେ ନାହିଁ ସେନାପତିଙ୍କର ଅନୁପମ ବୀରତ୍ୱ ଓ ଅତୁଳନୀୟ ଦାନ । ତାଙ୍କ ଉପରେ ପରମ ସନ୍ତୋଷ ଲଭକରି ସମ୍ମାନ ସ୍ୱରୂପ ତାଙ୍କୁ ଜୟଭୁଜଙ୍ଗ ଉପାଧିରେ ଭୂଷିତ କଲେ । ତାଙ୍କପରେ ଏହି ବଂଶର ପୁତ୍ର ପୌତ୍ରାଦି କ୍ରମେ ଜଣକ ପରେ ଜଣେ ଜୟଭୁଜଙ୍ଗ, ବରାଟଭୁଜଙ୍ଗ, ଅଭିନବ ଭୁଜଙ୍ଗାଦି ଉପାଧିରେ ଭୂଷିତ ହେବେ ବୋଲି ଗଜପତି ରାଜାଙ୍କ ଅନୁମତି ପାଇଲେ [୪] ।"

କିମ୍ବଦନ୍ତୀ ଅଛି, ବସନ୍ତ ବରାଟ ପ୍ରତ୍ୟେକ ବସନ୍ତ ପୂର୍ଣ୍ଣିମା ଦିନ ଗଜପତି ରାଜାଙ୍କୁ ଶ୍ରଦ୍ଧା ଓ ସମ୍ମାନର ପ୍ରତୀକ ଗୋଟିଏ ହରିଡ଼ା ପୂର୍ଣ୍ଣ ପାତ୍ର ଉପହାର ଦେଉଥିଲେ ।

Digitized by srujanika@gmail.com

ମାତ୍ର ସେ ସ୍ୱର୍ଣ୍ଣ ପାତ୍ରରେ ଦ୍ୱାରକା କାହିଁକି ଦେଉଥିଲେ ତାହାର କୌଣସି କାରଣ ଜଣାପଡ଼ୁ ନାହିଁ [୧] ।

ନୀଳଗିରି ଓ ଶଙ୍କର ଖୁଣ୍ଟା ପୁଷ୍କରିଣୀ ସୃଷ୍ଟିର କିମ୍ବଦନ୍ତୀ :

ବିରାଟ ବସନ୍ତଙ୍କର ଦୁଇରାଣୀ ଥିଲେ—ହଂସବତୀ ଓ କଳରବତୀ । ହଂସବତୀ ଥିଲେ ପାଟରାଣୀ ଓ କଳରବତୀ ଥିଲେ ସାନ ରାଣୀ । ସାନ ରାଣୀଙ୍କୁ ଗାରେଡ଼ ଗାଁର ରାଜସ୍ୱଦାବି ଦିଆଯାଇଥିଲା । ବସନ୍ତ ବିରାଟ ରାଜତ୍ୱ କାଳ ପର୍ଯ୍ୟନ୍ତ ରାଜ୍ୟ ପୂର୍ବପଟ ସୀମା ନିର୍ଦ୍ଧାରଣ କରାଯାଇ ପାରିନଥିଲା । ନୀଳାମ୍ବର, ଗିରିଧାରୀ ଓ ଶଙ୍କର—ଏହି ତିନି ଜଣ ମିଳିକରି ରାଜ୍ୟର ପୂର୍ବଭାଗର କୌଣସି ଏକ ଅଂଶ ନେବେ ବୋଲି ଦାବି କରି ବସିଲେ । ବସନ୍ତ ବିରାଟ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ଉପାୟ ସ୍ଥିର କଲେ । ଶେଷରେ ଯୁଦ୍ଧ ହିଁ ଏହାର ଏକମାତ୍ର ପନ୍ଥା ରୂପେ ସ୍ଥିର କରି ଯୁଦ୍ଧର ଆଶ୍ରୟ ନେଲେ । ଉଭୟ ପକ୍ଷ ମଧ୍ୟରେ ପ୍ରବଳ ଯୁଦ୍ଧ ହେଲା । ବିଜୟଲକ୍ଷ୍ମୀ ପ୍ରସନ୍ନ ହେଲେ । ବସନ୍ତ ବିରାଟ ଜୟମାଳ୍ୟ ପିନ୍ଧିଲେ । ତିନିଜଣ ଯାକ ଶତ୍ରୁ ପରାଜିତ ହେଲେ । ରାଜା ସେମାନଙ୍କ ଅଧିକୃତ ଭୂ-ଖଣ୍ଡ ଉଦ୍ଧାର କଲେ ।

ତିନି ସର୍ଦ୍ଦାରମାନଙ୍କ ମଧ୍ୟରୁ ନୀଳାମ୍ବର ଓ ଗିରିଧାରୀ ଦୁଇ ସରଦାରଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସେମାନଙ୍କର ନାମର ଆଦ୍ୟ ବର୍ଣ୍ଣ ଦ୍ୱୟକୁ ମିଶାଇ ଅଧିକୃତ ରାଜ୍ୟାଂଶର ନାମ ରଖିଥିଲେ 'ନୀଳଗିରି' । ତା'ଛଡ଼ା ଶଙ୍କରଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସେ ଏକ ବିରାଟ ପୁଷ୍କରିଣୀ ଖନନ କଲେ ଏବଂ ଏହି ପୁଷ୍କରିଣୀର ନାମ ଦେଲେ 'ଶଙ୍କର ଖୁଣ୍ଟା' । ଏ ସ୍ମୃତି ଆଜି ବି ଲୋକମାନସରେ ଜଳୁଛି ।

ବସନ୍ତ ବିରାଟ ଜୟଭୁଜଙ୍ଗଙ୍କ ପରେ ତାଙ୍କ ପାଟରାଣୀ ହଂସବତୀଙ୍କ ପୁତ୍ର ଜୟକୁମାର ବିରାଟଭୁଜଙ୍ଗ ଶାସନଭାର ଗ୍ରହଣ କଲେ । ମାତ୍ର ସାନରାଣୀ କଳରବତୀ ପୁତ୍ର ନୀଳଗିରିର ଶାସନଭାର ବହନ କଲେ । ଏହାଠାରୁ ଦୁଇ ରାଜମାତାଙ୍କ ନାମାନୁସାରେ ହଂସ ଓ କଳରଫୁଲ ରାଜକୀୟ ସଙ୍କେତ ରୂପେ ବ୍ୟବହୃତ ହେଲା । ଜୟକୁମାର ବିରାଟଭୁଜଙ୍ଗଙ୍କ ପରେ ତାଙ୍କ ପୁତ୍ର ଅଜୟ କୁମାର ଅଭିନବ ଭୁଜଙ୍ଗ ସିଂହାସନାରୋହଣ କଲେ । ତାଙ୍କ ପରେ ତାଙ୍କ ପୁତ୍ର ନୀଳଧ୍ୱଜ କୁମାର ପରୀକ୍ଷିତ ଭୁଜଙ୍ଗ ଶାସନ ଦାୟିତ୍ୱ ଗ୍ରହଣ କଲେ । ନୀଳଧ୍ୱଜ କୁମାର ପରୀକ୍ଷିତ ଭୁଜଙ୍ଗଙ୍କ ପୁତ୍ର ଥିଲେ ଶରତଚନ୍ଦ୍ର ଜୟଭୁଜଙ୍ଗ ।

ଶରତ ଭୁଜଙ୍ଗ ଓ ପରବର୍ତ୍ତୀ ଶାସକଗଣ :

କପ୍ତିପଦା ସୃଷ୍ଟିର ଇତିହାସ

ରାଜା ଶରତଚନ୍ଦ୍ର ଭୁଜଙ୍ଗ ସୋଣ ନଦୀର କୂଳ ଦେଶରେ ଏକ ମନୋଜ୍ଞ ପ୍ରାକୃତିକ ପରିବେଶରେ କପ୍ତିପଦା ଗାଁ ବସାଇ ଥିଲେ । ସେଠାରେ ମଧ୍ୟ ସେ ଏକ

Digitized by srujanika@gmail.com

ସୁଦୃଢ଼ ଦୁର୍ଗ ନିର୍ମାଣ କରିଥିଲେ । ସେଠାକାର ଅଧିଷ୍ଠାତ୍ରୀ ଦେବୀ କପୋତା ମୁଣ୍ଡୀ ରାଜା ଶରତ ଚନ୍ଦ୍ରଙ୍କର ଅମର କୀର୍ତ୍ତି ରୂପେ ସୁବିଦିତ । ଭଞ୍ଜରାଜା ମାନଙ୍କ ଖିଚିଙ୍ଗେଶ୍ୱରୀ ଦେବୀ ଭଳି ଭୁଜଙ୍ଗ ରାଜବଂଶର କୁଳଦେବୀ କପୋତ ମୁଣ୍ଡୀ ବୋଲି ମନେହୁଏ ।

ସେ ଶ୍ରାବଣ ପୂର୍ଣ୍ଣିମା ଦିନ ତାଙ୍କ ରାଜଧାନୀ ଓ ସଦର ମହକୁମା କଇଁସାରୀରୁ କପ୍ତିପଦାକୁ ସ୍ଥାନାନ୍ତରିତ କରିଥିଲେ । ନୂତନ ରାଜଧାନୀର ନାମାନୁସାରେ ଏହି ରାଜ୍ୟର ନାମ ରଖିଲେ କପ୍ତିପଦା ।

ରାଜା ଶରତ ଚନ୍ଦ୍ରଙ୍କ ପରେ ଏଠାରେ ପ୍ରାୟ ସତେଇଶ ଜଣ ରାଜା ରାଜତ୍ୱ କରିଥିଲେ ବୋଲି ଅନୁମାନ କରାଯାଏ । ମାତ୍ର ସେମାନଙ୍କର ନାମ ଓ ରାଜତ୍ୱ କାଳର ସବିଶେଷ ବିବରଣୀ ଅଭାବରୁ କପ୍ତିପଦା ଇତିହାସରେ ସେମାନଙ୍କର ନାମ ଓ ଶାସନ ସ୍ଥାନ ପାଇନାହିଁ ।

ମୟୂରଭଞ୍ଜ ଗେଜେଟିଅର ପ୍ରଦତ୍ତ ଭୁଜଙ୍ଗବଂଶ ରାଜ୍ୟ ଶାସନ ସୂତ୍ରରୁ ଜଣାଯାଏ ଯେ ଏହି ବଂଶର ୨୮ ତମ ନରପତି ହେଉଛନ୍ତି ନୃସିଂହ ଚରଣ ମାନଧାତା । ସ୍ଥାନୀୟ କିମ୍ବଦନ୍ତୀରୁ ଜଣାଯାଏ ଯେ ତାଙ୍କ ପିତା ଜଗଦୀଶ୍ୱର ମାନଧାତା ପୁତ୍ରଟିଏ ପାଇଁ ଭଗବାନ ନୃସିଂହଙ୍କ ଠାରେ ଗଭୀର ଭକ୍ତି ଓ ପୂଜାର୍ଚ୍ଚନା କରିଥିଲେ । ଭଗବାନ ନୃସିଂହଙ୍କର ଦୟା ହେଲା । ପୁତ୍ରଟିଏ ପାଇଲେ ଏବଂ ନୃସିଂହଙ୍କ ଦୟାରୁ ତାଙ୍କୁ ପାଇଥିବାରୁ ପୁତ୍ରଟିର ନାମ ଦେଲେ ନୃସିଂହ ଚରଣ । କେବଳ ଏତିକି ନୁହେଁ, ଭଗବାନ ନୃସିଂହ ତାଙ୍କ ମନୋବାଞ୍ଛା ପୂର୍ଣ୍ଣ କରିଥିବାରୁ ତାଙ୍କ ପ୍ରତି ଭକ୍ତି, ପୂଜାର୍ଚ୍ଚନା ଓ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ପୂର୍ବ ରାଜଧାନୀ କଇଁସାରୀରେ ବିରାଟ ପାଟଙ୍କ ମୂର୍ତ୍ତି ନିକଟରେ ନୃସିଂହଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ ।

ତାଙ୍କ ପରେ ତାଙ୍କ ପୁତ୍ର ଚନ୍ଦ୍ରଶେଖର ମାନଧାତା ରାଜଛତ୍ର ଧାରଣ କରିଥିଲେ । ଚନ୍ଦ୍ରଶେଖରଙ୍କ ପରେ ରାମଚନ୍ଦ୍ର ମାନଧାତା ସିଂହାସନ ଆରୋହଣ କରିଥିଲେ । ରାମଚନ୍ଦ୍ର ମାନଧାତାଙ୍କ ପୁତ୍ର ପୀତାମ୍ବର ମାନଧାତାଙ୍କ ରାଜତ୍ୱ କାଳରେ ରାଜପରିବାର ଭିତରେ ଏକ ପାଇକ ବିଦ୍ରୋହ ଦେଖାଦେଲା । ଫଳରେ ଉଭୟ ପକ୍ଷ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ବିଦ୍ରୋହୀମାନେ କପ୍ତିପଦା ଦୁର୍ଗ ଅଧିକାର କଲେ । ବିଦ୍ରୋହ ଦମନ ହେବା ପର୍ଯ୍ୟନ୍ତ ରାଜା ପୀତାମ୍ବର ମାନଧାତା ରାଣୀ ସୁଭଦ୍ରା ଦେବୀ ଓ ପୁତ୍ର ଗିରିବରଙ୍କୁ ନେଇ ବିରାଟପାଟ ମନ୍ଦିରରେ ଆଶ୍ରୟ ନେଲେ । କଥିତ ଅଛି – ନାପିତ ଜାତିର ଜଣେ ବୀରାଙ୍ଗନା ନାରୀ ରାଜାଙ୍କର ଏ ଦୁର୍ଦ୍ଦିନରେ ତାଙ୍କୁ ଅଶେଷ ସହାୟତା ପ୍ରଦାନ କରିଥିଲେ । ଲୋକେ କହନ୍ତି, "କରୁଣାମୟୀ ଦେବୀ ବିରାଟପାଟଙ୍କ କରୁଣାଲାଭ କରି ସେ ରାଜାଙ୍କର ମହୋପକାର ସାଧନ କରିପାରିଥିଲେ । ସେ ସୈନ୍ୟ ସାମନ୍ତଙ୍କର ନେତୃତ୍ୱ ନେଇ ଯୁଦ୍ଧରେ ବିଦ୍ରୋହୀମାନଙ୍କୁ ଛିନ୍ନ ଭିନ୍ନ କରି ଦେଇଥିଲେ

Digitized by srujanika@gmail.com

ଏବଂ ଦୃଢ଼ ହସ୍ତରେ ସେମାନଙ୍କର ବିଦ୍ରୋହ ଦମନ କରିଥିଲେ । ଫଳରେ ରାଜାଙ୍କର ମାନ ସମ୍ମାନ, ଜୀବନ ଓ ରାଜସିଂହାସନ ନିରାପଦ ହେଲା । ସେ ବିଜୟ ଗୌରବରେ ଗୌରବାନ୍ୱିତ ହେଲେ । ଏ ବିଜୟ ଗୌରବର ପଛରେ ଥିବା ବୀରାଙ୍ଗନା ନାରୀର ଦାନକୁ ସେ ଭୁଲିଯାଇ ନଥିଲେ । ଏ ମହୀୟସୀ ନାରୀଙ୍କ ପ୍ରତି ଅତୁଟ ସମ୍ମାନ ଓ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ତାଙ୍କୁ ନିଷ୍କର ତାଳଚୁହା ଗାଁଟି ଉପହାର ଦେଇଥିଲେ ।

ରାଜା ବିଦ୍ରୋହ ଓ ବୀରାଙ୍ଗନା ରାଜମାତା ସୀତାଦେବୀ :

ରାଜା ଅଭିନବ ଭୁଜଙ୍ଗ ପୀତାମ୍ବର ମାନଧାତାଙ୍କ ଅନ୍ତେ ତାଙ୍କ ପୁତ୍ର ପରୀକ୍ଷିତ ଭୁଜଙ୍ଗ ବୀରବର ମାନଧାତା ରାଜଗାଦିରେ ବସିଲେ । ସେ ଗଜପତି ରାଜା ବୀରଶ୍ରୀ ରାମଚନ୍ଦ୍ର ଦେବଙ୍କ ୩୭ ତମ ଅଙ୍କରେ ସମ୍ଭବତଃ ୧୮୪୭ ଖ୍ରୀ.ଅ.ରେ ଜଣେ ସାନ ପଧାନଙ୍କୁ ସନନ୍ଦ ଗ୍ରାଣ୍ଟ ବା ଅନୁଦାନ ପ୍ରଦାନ କରିଥିଲେ ବୋଲି ଜଣାଯାଏ । ସେ ରାଜଗାଦିରେ ବସିବାର ଅଳ୍ପଦିନ ପରେ ତାଙ୍କର ମତିଭ୍ରମ ଦେଖା ଦେଇଥିଲା । ଫଳରେ ରାଣୀ ସୀତାଦେବୀ ନାବାଳକ ପୁତ୍ର ରାଜକୁମାର ଦିବ୍ୟସିଂହଙ୍କ ତରଫରୁ ରାଜ୍ୟ ଶାସନ ପରିଚାଳନା କଲେ । ତାଙ୍କ ରାଜ୍ୟ ଶାସନ କାଳରେ ପୁନର୍ବାର ବିଦ୍ରୋହର ନିଆଁ ଜଳି ଉଠିଲା । ରାଜମାତା ସୀତାଦେବୀ ଅପୂର୍ବ ଉତ୍ସାହ, ବୀରତ୍ୱ ଓ ଉନ୍ମାଦନା ସହିତ ସୈନ୍ୟଚାଳନା କରି ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ । କୁହାଯାଏ ଯେ, ସୁନେଇ କୁଣ୍ଡ ପୁଷ୍କରିଣୀର ପଶ୍ଚିମ ପାର୍ଶ୍ୱରେ ଦୁଇପକ୍ଷ ମଧ୍ୟରେ ପ୍ରବଳ ଯୁଦ୍ଧ ହେଲା । ଏପରିକି ହାତାହାତି ସମ୍ମୁଖ ସମରରେ ପରସ୍ପର ଉଭୟ ଭୀଷଣଭାବେ ଯୁଦ୍ଧରତ ରହିଲେ । ଏହି ଭୟଙ୍କର ଯୁଦ୍ଧରେ ବୀରାଙ୍ଗନା ରାଣୀ ସୀତାଦେବୀ ବିଜୟଶ୍ରୀମଣ୍ଡିତା ହୋଇଥିଲେ । ବିଦ୍ରୋହୀମାନେ ପ୍ରାଣଭୟରେ ରଣାଙ୍ଗନ ଛାଡ଼ି ପଳାୟନ କଲେ । ବିଦ୍ରୋହ ଦମନ ହେଲା । ପୁନଶ୍ଚ ୧୮୮୦ ଖ୍ରୀ.ଅ.ରେ ଦିବ୍ୟସିଂହ ମାନଧାତାଙ୍କ ରାଜତ୍ୱ କାଳରେ ପୁଣି ଥରେ ବିଦ୍ରୋହ ହୋଇଥିଲା । ବିଦ୍ରୋହୀମାନେ କପ୍ତିପଦା ଦୁର୍ଗରେ ଅଗ୍ନି ସଂଯୋଗ କଲେ । ଦୁର୍ଗଟି ଜଳିପୋଡ଼ି ପାଉଁଶ ହୋଇଗଲା । ରାଜା ଦିବ୍ୟସିଂହ ପ୍ରମାଦ ଗଣିଲେ । ଶେଷରେ ନିରୁପାୟ ହୋଇ ସପରିବାରେ ଦୁର୍ଗ ପରିତ୍ୟାଗ କରି ଆତ୍ମରକ୍ଷା କଲେ । ବିଦ୍ରୋହ ଦମନ ହେବା ପରେ ଦୁର୍ଗର ପୁନଃନିର୍ମାଣ କରିଥିଲେ ।

ଜୟଭୁଜଙ୍ଗ ଦିବ୍ୟସିଂହ ମାନଧାତା ଅତ୍ୟନ୍ତ ସରଳ, ସାଧୁ ଓ ଶାନ୍ତିପ୍ରିୟ ରାଜା ଥିଲେ । ରାଜ୍ୟରେ ବାରମ୍ବାର ବିଦ୍ରୋହ ମୁଣ୍ଡଟେକିବାର ଦେଖି ସେ ଅସ୍ଥିର ହୋଇ ପଡ଼ିଲେ । ଏହି ସମୟରେ ପ୍ରଜାମାନଙ୍କ ଠାରୁ ଭୂ-ରାଜସ୍ୱ ଆଦାୟ କରିବାର ମଧ୍ୟ ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ।

Digitized by srujanika@gmail.com

ମହାରାଜା ଶ୍ରୀ ରାମଚନ୍ଦ୍ର ଓ କପ୍ତିପଦା ରାଜବଂଶ, କପ୍ତିପଦାର ମିଶ୍ରଣ :

ଯେତେବେଳେ କୃଷ୍ଣଚନ୍ଦ୍ରଙ୍କ ରାଜତ୍ୱ ପରେ ରାଜପୁତ୍ର ଶ୍ରୀ ରାମଚନ୍ଦ୍ର ନାବାଳକ ଥିବାରୁ ଇଂରେଜ ସରକାର କୋର୍ଟ ଅଫ୍ ଓ୍ୱାର୍ଡ ଦ୍ୱାରା ତାଙ୍କ ନାମରେ ରାଜ୍ୟଶାସନ କରୁଥିଲେ । ସେତେବେଳେ ଇଂରେଜ ସରକାରଙ୍କ ତରଫରୁ ମୟୂରଭଞ୍ଜ ରାଜ୍ୟର ମ୍ୟାନେଜର ରୂପେ ପି. ୱଇଲ୍ ନିଯୁକ୍ତ ପାଇଥାନ୍ତି । ତେଣୁ ସେ ରାମଚନ୍ଦ୍ରଙ୍କ ତରଫରୁ ରାଜ୍ୟ ଶାସନ ବୁଝାସୁଝା କରୁଥିଲେ ।

ଶ୍ରୀରାମଚନ୍ଦ୍ର କପ୍ତିପଦାର ରାଜନୈତିକ ପରିସ୍ଥିତିରେ ଅତ୍ୟନ୍ତ ଆସ୍ୱସ୍ତ ହୋଇ ପି. ୱଇଲ୍‌ଙ୍କୁ ପତ୍ର ଲେଖିଲେ, କପ୍ତିପଦାର ଜମିଜମା ବନ୍ଦୋବସ୍ତ କରିବାପାଇଁ ତାଙ୍କୁ ନିର୍ଦ୍ଦେଶ ଦେଲେ । ସେ ପତ୍ର ପାଇବା ମାତ୍ରେ ମୟୂରଭଞ୍ଜ ଦେୱାନଙ୍କୁ ସାଥିରେ ଧରି କପ୍ତିପଦା ଯାତ୍ରା କଲେ । ସେଠାରେ ଶାନ୍ତିଶୃଙ୍ଖଳା ଓ ସୁଶାସନ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଜଣେ ମ୍ୟାନେଜର ନିଯୁକ୍ତ ନିମିତ୍ତ ସରକାରଙ୍କୁ ଏକ ବିବରଣୀ ସହ ପତ୍ର ଲେଖିବା ପାଇଁ ୱାଇଲ୍ ସାହେବ ରାଜା ଉଦୟସିଂହଙ୍କୁ ପରାମର୍ଶ ଦେଲେ । ଉଦୟସିଂହ ତାହାହିଁ କଲେ । ଫଳରେ ମୟୂରଭଞ୍ଜ ରାଜ୍ୟ ସହିତ ଦୁଇଶହ ବର୍ଗ ମାଇଲ ପରିମିତ କପ୍ତିପଦା ରାଜ୍ୟର ମିଶ୍ରଣ ହେଲା । ଉଇଲ୍ ସାହେବ ଜମିଜମା ବନ୍ଦୋବସ୍ତ କରାଇଲେ ।

କପ୍ତିପଦା ରାଜ୍ୟ ମିଶ୍ରଣର ଅଳ୍ପଦିନ ପରେ ହଠାତ୍ ମିଶ୍ରଣ ବିରୋଧୀ ବିଦ୍ରୋହର ସୂତ୍ରପାତ ହେଲା । ଅତର୍କିତ ଭାବରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ସମ୍ଭବତଃ ରାଜା ଉଦୟସିଂହଙ୍କୁ ଏକଥା ଅଜଣା ଥିଲା ।

ଦିନକର ଘଟଣା । ମଧ୍ୟରାତ୍ରି । ନିଥର ନିସ୍ତବ୍ଧ ରଜନୀ । ରାଜପରିବାରର ସମସ୍ତେ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଇଛନ୍ତି । ଏହି ସମୟରେ ବିଦ୍ରୋହୀମାନେ ରାଜପ୍ରାସାଦ ଭାଙ୍ଗି ଭିତରେ ପ୍ରବେଶ କଲେ । ରାଜଉଆସ ଲୁଟତରାଜ କଲେ । ରାଜକୋଷ ଲୁଣ୍ଠନ କଲେ । ରାଜାରାଣୀ ପ୍ରାଣ ବିକଳରେ ପଳାଇଗଲେ । ରାଣୀ ଆହ୍ଲାଦ କୁମାରୀ ସାଥିରେ ନାବାଳକ ପୁତ୍ର ଗୌରଚନ୍ଦ୍ରଙ୍କୁ ନେଇ ପଳାୟନ କରୁଥିବା ସମୟରେ ବିଦ୍ରୋହୀମାନଙ୍କ ହାତରେ ପଡ଼ି କ୍ଷତ ବିକ୍ଷତ ହେଲେ, ସଂଜ୍ଞାହୀନ ହୋଇ ପଡ଼ିଲେ । ରାଜା ଉଦୟସିଂହ ମଧ୍ୟ ଗୁରୁତର ଭାବରେ ରକ୍ତାକ୍ତ ଓ କ୍ଷତବିକ୍ଷତ ହେଲେ । ତା'ପରଦିନ ବାରିପଦାରୁ ସଶସ୍ତ୍ର ପୋଲିସବାହିନୀ ସେଠାରେ ପହଞ୍ଚିଲେ । ଦୃଢ଼ ହସ୍ତରେ ବିଦ୍ରୋହ ଦମନ କଲେ । ବିଦ୍ରୋହୀମାନେ ଦଣ୍ଡପାଇଲେ । ରାଜ୍ୟରେ ଶାନ୍ତି ଶୃଙ୍ଖଳାର ପୁନଃ ପ୍ରତିଷ୍ଠା ହେଲା । ରାଜା ଓ ରାଣୀଙ୍କୁ ବାରିପଦା ଅଣାଗଲା । ସେମାନଙ୍କ ଅସ୍ତ୍ର ଚିକିତ୍ସାର ବ୍ୟବସ୍ଥା କରାଗଲା । ରାଜା ସୁସ୍ଥ ହେବା ପରେ କପ୍ତିପଦା ଫେରି ଆସି ୧୯୦୩ରେ ମୃତ୍ୟୁ ପର୍ଯ୍ୟନ୍ତ ଶାନ୍ତିରେ ରାଜ୍ୟ ଚଳାଇଲେ ।

Digitized by srujanika@gmail.com

ତାଙ୍କ ଅନ୍ତେ ତାଙ୍କ ପୁଅ ବିରାଟଭୁଜଙ୍ଗ ଗୌରଚରଣ ମାନଧାତା ଶାସନଭାର ଗ୍ରହଣ କଲେ । ସେ ଲାବଣ୍ୟ ମଞ୍ଜରୀଙ୍କୁ ବିବାହ କରିଥିଲେ । ରାଣୀ ଲାବଣ୍ୟ ମଞ୍ଜରୀ ମୟୂରଭଞ୍ଜ ରାଜା ଶ୍ରୀ ରାମଚନ୍ଦ୍ରଙ୍କ ସାନଭାଇ ନୀଳଗିରିର ରାଜା ଶ୍ୟାମଚନ୍ଦ୍ରଙ୍କ କନ୍ୟା ଥିଲେ ।

ମୟୂରଭଞ୍ଜରେ କପ୍ତିପଦା ମିଶ୍ରଣ ପର୍ଯ୍ୟନ୍ତ କପ୍ତିପଦା ଏକ ସରବରାକାରୀ ରାଜ୍ୟ ହୋଇ ରହିଥିଲା । ଏହି ରାଜ୍ୟରେ ଭୁଜଙ୍ଗବଂଶର ଜଣକ ପରେ ଜଣେ ରାଜା ଶାସନଭାର ଗ୍ରହଣ କରିଥିଲେ । ଯଦ୍ୟପି କପ୍ତିପଦାର ପ୍ରାଚୀନ ଇତିହାସ ପ୍ରମାଣ ଅଭାବରୁ ଅନ୍ଧକାରାଚ୍ଛନ୍ନ ହୋଇ ରହିଛି; ତଥାପି ଗୌରଚନ୍ଦ୍ର ବିରାଟଭୁଜଙ୍ଗ ଅନ୍ତେ ତାଙ୍କ ପୁଅ ରଜତ ଚନ୍ଦ୍ର ଅଭିନବ ଭୁଜଙ୍ଗ ସରବରାକାର ରୂପେ ଶାସନଭାର ଗ୍ରହଣ କରିଥିଲେ । ରଜତଚନ୍ଦ୍ରଙ୍କ ପୁଅ ପ୍ରମୋଦଚନ୍ଦ୍ର ପଣ୍ଡିତ ଭୁଜଙ୍ଗଙ୍କ ସମୟରେ ଓଡ଼ିଶା ଇଷ୍ଟେଟ୍ ଏବୋଲିସନ୍ ଆକ୍ଟ୍ ଅନୁସାରେ ୧୯୫୨ ମସିହାରେ କପ୍ତିପଦା ସରବରାକାରୀ ରାଜ୍ୟର ପରିସମାପ୍ତି ହେଲା ।

ଭୁଜଙ୍ଗ ବଂଶାବଳୀ [୭]

ଫଣୀ ମୁକୁଟ

↓

ବସନ୍ତ ବିରାଟଭୁଜଙ୍ଗ (ପାଟରାଣୀ ହଂସବତୀ, ସାନରାଣୀ କଳାବତୀ)

↓

ଜୟ କୁମାର ବିରାଟଭୁଜଙ୍ଗ

↓

ଅଜୟ କୁମାର ଅଭିନବ ଭୁଜଙ୍ଗ

↓

ନୀଳଧ୍ୱଜ କୁମାର ପଣ୍ଡିତ ଭୁଜଙ୍ଗ

↓

ଶରତ ଚନ୍ଦ୍ର ଜୟଭୁଜଙ୍ଗ

↓ (ଶରତଚନ୍ଦ୍ରଙ୍କ ପରେ ୧୭ ଜଣ ନୃପତି ଶାସନ କରିଥିଲେ । ୧୮ ତମ ନରପତି ହେଉଛନ୍ତି ନୃସିଂହଚରଣ ମାନଧାତା)

Digitized by srujanika@gmail.com

ନୃସିଂହ ଚରଣ ମାନ୍ଧାତା

↓

ଚନ୍ଦ୍ରଶେଖର ମାନ୍ଧାତା

↓

ରାମଚନ୍ଦ୍ର ମାନ୍ଧାତା (ରାଣୀ-ସୀତା ଦେବୀ)

↓

ଜୟଭୂଜଙ୍ଗ ଉଦୟସିଂହ ମାନ୍ଧାତା

↓ (ରାଣୀ ଆହ୍ଲାଦ କୁମାରୀ)

ବର୍ତ୍ତମାନ ଭୂଜଙ୍ଗ ଗୌରଚରଣ ମାନ୍ଧାତା

ସୂଚନା ଓ ସହାୟତା

୧- Orissa District Gazatteer Mayurbhanj Page-84

୨- ଡକ୍ଟର ମିଶ୍ର ପ୍ରସନ୍ନକୁମାର—ଓଡ଼ିଶାର କମ୍ବଦଳୀ—ପୃ-୫୧
(ଗ୍ରନ୍ଥ ମନ୍ଦିର—ବନୋଦବିହାରୀ, ୧୯୭୯-୨)

୩- ସ୍ଵପ୍ନ ସ୍ୱଧାନାଥ—ଚନ୍ଦ୍ରା

୪/୫- Orissa District Gazatteer—Mayurbhanj—Page-84

୭- Orissa District Gazatteer—Mayurbhanj ଉପରେ ଆଧାରିତ ଭୂଜଙ୍ଗ ବଂଶାବଳୀ—ଲେଖକଙ୍କ ଦ୍ୱାରା ପ୍ରସ୍ତୁତ ।

Digitized by srujanika@gmail.com

ମୟୂରଭଞ୍ଜ ଇତିହାସ

ଦ୍ୱିତୀୟ ଭାଗ

ମୟୂରଭଞ୍ଜ ଦର୍ପଣ

Digitized by srujanika@gmail.com

ଅଷ୍ଟମ ଅଧ୍ୟାୟ

ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା

ମୟୂରଭଞ୍ଜ ଯୁଗେ ଯୁଗେ ସଂସ୍କୃତିର ପ୍ରଦୀପ ଜଳାଇ ଦେଇଛି । ସେହି ଅଲିଭା ପ୍ରଦୀପ କେଉଁ ଯୁଗରୁ ଜଳି ଆସିଲାଣି ତାହା କହିହେବ ନାହିଁ; ମାତ୍ର ତାର ଦୀପ୍ତ ଦୀପ୍ତଶିଖାରେ ବର୍ତ୍ତମାନ ମଧ୍ୟ ମାନବ ସଭ୍ୟତା ଓ ସଂସ୍କୃତିର ସୁଷମା ଆଲୋକିତ କରୁଛି । ଏ ଭୂଇଁରେ ଐତିହାସିକ, ପ୍ରତ୍ନତାତ୍ତ୍ୱିକ ତଥା ବାଣିଜ୍ୟିକ ସ୍ମୃତି ସମ୍ପଦର ଅଲିଭା ପଦଚିହ୍ନ ଏବେ ମଧ୍ୟ ଜଗତବାସୀଙ୍କ ପ୍ରାଣରେ ବିସ୍ମୟ ସୃଷ୍ଟି କରେ ।

ମୟୂରଭଞ୍ଜ, ବଙ୍ଗ, ବିହାର ଓ ଓଡ଼ିଶାର ମିଳନସ୍ଥଳୀ ରୂପେ ଏହା ଦିନେ ବଙ୍ଗୋପସାଗର ଠାରୁ ଉତ୍ତର ଭାରତଯାଏ ନିଜର ନିବିଡ଼ ସମ୍ପର୍କ ସ୍ଥାପନ କରି ପାରିଥିଲା । ବର୍ତ୍ତମାନ ବିଭିନ୍ନ ଧ୍ୱଂସାବଶେଷ ମଧ୍ୟ ମୟୂରଭଞ୍ଜର ମହନୀୟ ଅତୀତର ସଂସ୍କୃତି ଓ ବାଣିଜ୍ୟ ବ୍ୟବସାୟର ଗୌରବୋଜ୍ଜ୍ୱଳ ଦିନଗୁଡ଼ିକ ମନେ ପକାଇଦିଏ ।

ଯୁଗେ ଯୁଗେ ମୟୂରଭଞ୍ଜ ସଂସ୍କୃତି :

ସୁଖ୍ୟାତନାମା ପ୍ରତ୍ନତାତ୍ତ୍ୱିକ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ଆର. ଡି ବାନାର୍ଜି, ଇ. ଏଲ୍. ଓରମାନ, ଏନ. କେ ବୋଷ ଓ ଧରଣୀ ସେନଙ୍କ ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ଜଣାଯାଏ ଯେ, ମୟୂରଭଞ୍ଜର ବହୁ ସ୍ଥାନର ପ୍ରାଗୈତିହାସିକ ସଭ୍ୟତାର ମୂକସାକ୍ଷୀ ରୂପେ ବିଦ୍ୟମାନ [୧] ।'' ୧୯୬୧ ଖ୍ରୀ ଅରେ B.K. Thaperଙ୍କ ପ୍ରତ୍ନ-ତାତ୍ତ୍ୱିକ ସର୍ଭେରୁ ଜଣାଯାଇଛି ଯେ କୁଚେଇ ଓ ବୈଦପୁର ନାମ୍ନ ଦୁଇଟି ସ୍ଥାନ ଓଡ଼ିଶାର ପ୍ରାଚୀନ ପ୍ରସ୍ତର, ନୂତନ ପ୍ରସ୍ତର ଯୁଗର ମୁଖ୍ୟ ଶିଳ୍ପକେନ୍ଦ୍ର ରୂପେ ପ୍ରସିଦ୍ଧି ଲାଭ କରିଥିଲା । ଖିଚିଂ ଓ ବାଘଡ଼ା ଆଦି ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନ ଓ ଆବିଷ୍କାରରୁ ଏଠାରେ ତାମ୍ର ଯୁଗର ସଭ୍ୟତାର ବିକାଶ ସାଧନ ହୋଇଥିବାର ଜଣାଯାଏ ।

ପୂର୍ବେ ଆଲୋଚନା କରାଯାଇଛି ଯେ, ମୟୂରଭଞ୍ଜର ପ୍ରାଚୀନ ଇତିହାସ ତମସାଚ୍ଛନ୍ନ । ତେବେ ବିଭିନ୍ନ ଐତିହାସିକ ଉପାଦାନରୁ ଜଣାଯାଏ ଯେ ୬ଷ୍ଠ ଶତାବ୍ଦୀର

Digitized by srujanika@gmail.com

ଏହା ଉତ୍କଳର ଏକ ଅଂଶବିଶେଷ ରୂପେ ଥିଲା । ଭଞ୍ଜ ରାଜବଂଶର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ପଟ୍ଟରେ ବର୍ଣ୍ଣିତ ଭିନ୍ନ ସମ୍ପ୍ରଦାୟ ତଥା ପୂର୍ବବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରାଯାଇଛି । ବୌଦ୍ଧ ଶାସ୍ତ୍ରମାନଙ୍କରୁ ଜଣାଯାଏ ଯେ ମୟୂରଭଞ୍ଜଦେଇ ଓଡ଼ିଶାରୁ ଉତ୍ତର ଭାରତ ଏପରିକି ମଧ୍ୟ ଭାରତକୁ ବାଣିଜ୍ୟ ପଥମାନ ଯାଇଥିଲା [ ] ।" ଏ ମାଟିରେ ଷଷ୍ଠ ଶତାବ୍ଦୀରେ ବାଣିଜ୍ୟ ଓ ସଂସ୍କୃତିର ନବଯୁଗର ଅଭ୍ୟୁଦୟ ହୋଇଥିଲା ବୋଲି ଜଣାଯାଏ । ବୌଦ୍ଧ ଜାତକ ଗଳ୍ପରେ ବର୍ଣ୍ଣନା ଅଛି ଯେ ଉତ୍କଳର ତାପସୁ ଓ ଭଲ୍ଲିକ ନାମକ ବଣିକ ଭ୍ରାତାଦ୍ୱୟ ମଧ୍ୟ ଦେଶକୁ ଯିବା ବାଟରେ ଭଗବାନ ବୁଦ୍ଧ, ବୌଦ୍ଧତ୍ୱ ପ୍ରାପ୍ତି ପରେ ସର୍ବପ୍ରଥମେ ହିଁ ସେମାନେ ତାଙ୍କୁ ଖାଦ୍ୟ ଅର୍ପଣ କରିଥିଲେ ଏବଂ ସେମାନେ ବୁଦ୍ଧଦେବଙ୍କର ପ୍ରଥମ ଶିଷ୍ୟରୂପେ ପରିଚିତ ହୋଇଥିଲେ । ଏହି ବଣିକ ଭ୍ରାତାଦ୍ୱୟ ସମ୍ଭବତଃ ପ୍ରାଚୀନ ମୟୂରଭଞ୍ଜର ବାସିନ୍ଦା ବୋଲି ଅନୁମାନ କରାଯାଇଥାଏ । ଏଣୁ ଏ ଭୂମି ଭଗବାନ ବୁଦ୍ଧଙ୍କର ପ୍ରଥମ ବୌଦ୍ଧବାଣୀ ପାଇବାର ସୌଭାଗ୍ୟଲାଭ କରିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶା ସମେତ ମୟୂରଭଞ୍ଜ ବୌଦ୍ଧଧର୍ମ ପ୍ରଚାରର ଏକ ପ୍ରଧାନ ପୀଠ ରୂପେ ପରିଗଣିତ ହେଲା । ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଏବେ ମଧ୍ୟ ବିଭିନ୍ନ ବୌଦ୍ଧମୂର୍ତ୍ତି ଓ ବୌଦ୍ଧଧର୍ମର କଳା ସ୍ଥାପତ୍ୟର ନିଦର୍ଶନମାନ ଦେଖିବାକୁ ମିଳେ । ବୌଦ୍ଧଧର୍ମର ବିଭିନ୍ନ ଦେବାଦେବୀ, ହିନ୍ଦୁ ଦେବାଦେବୀ ରୂପେ ପୂଜିତ ହେଉଥିବାର ମଧ୍ୟ ଦେଖିବାକୁ ମିଳେ । ଉଦଳା ନିକଟବର୍ତ୍ତୀ ପେଡ଼ାଗଡ଼ର ଏକ ଭଗ୍ନ ମନ୍ଦିରରେ ପ୍ରାଚୀନ ବୌଦ୍ଧଶିଳା ମୂର୍ତ୍ତି ହିନ୍ଦୁ ଦେବୀ ରୂପେ ପୂଜା ପାଉଛନ୍ତି । ସେଠାରେ ବୌଦ୍ଧମାନଙ୍କର ତାନ୍ତ୍ରିକ ଚାମୁଣ୍ଡା ମୂର୍ତ୍ତି ଖେମେଶ୍ୱରୀ ରୂପେ ପୂଜିତ । ଖିଚିଂର ବୌଦ୍ଧ ଦେବାଦେବୀ, ବର୍ତ୍ତମାନ କଇଁସାରି ନିକଟରୁ ମିଳିଥିବା ବୌଦ୍ଧମୂର୍ତ୍ତି ମୟୂରଭଞ୍ଜରେ ବୌଦ୍ଧଧର୍ମ ଓ ସଂସ୍କୃତିର ଉଦ୍‌ବେଳନର ପରିଚୟ ଦିଏ । ଏହି ଭୂମିର ଗଡ଼ ପଦ୍ମଚନ୍ଦର କାହ୍ନୁପାଦ ଦୁଇମାସ ଅବସ୍ଥାନ କାଳରେ 'ଚର୍ଯ୍ୟା ପଦଗୀତିକା' ରଚନା କରିଥିଲେ । ନନ୍ଦ ଓ ମୌର୍ଯ୍ୟ ଶାସନ କାଳରେ ମୟୂରଭଞ୍ଜ ଭୂ-ଖଣ୍ଡ କଳିଙ୍ଗ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ମହା ପଦ୍ମନନ୍ଦ ଓ ଅଶୋକଙ୍କ ବିଜୟସେନା ଏହି ଅଞ୍ଚଳ ମଧ୍ୟଦେଇ ଯାଇଥିଲେ । ଏହାଛଡ଼ା ନନ୍ଦ ଓ ମୌର୍ଯ୍ୟ ଯୁଗର ଅନ୍ୟ କୌଣସି ତଥ୍ୟ ଜଣାପଡ଼େ ନାହିଁ ।

ବେଗଲର ତାଙ୍କ ବିବରଣୀରେ ଉଲ୍ଲେଖ କରିଛନ୍ତି ଯେ ବାମନଘାଟୀ ଅଞ୍ଚଳରୁ ମନୋରମ ରୋମାନ ସ୍ୱର୍ଣ୍ଣ ମୁଦ୍ରାମାନ ଆବିଷ୍କାର କରିଥିଲେ । ସେ ଅନୁମାନ କରି କହିଛନ୍ତି ଯେ ସମ୍ଭବତଃ ଏହି ସ୍ୱର୍ଣ୍ଣମୁଦ୍ରା ଖ୍ରୀଷ୍ଟାବ୍ଦ ପ୍ରଚଳନ ହେବାର ଅଳ୍ପ ସମୟ ପରେ ତମଲୁକ ବନ୍ଦରଦେଇ ମୟୂରଭଞ୍ଜ ଆସିଥାଇପାରେ । ଏଥିରୁ ଅନୁମିତ ହୁଏ ଯେ ତମଲୁକ ବନ୍ଦର ମାଧ୍ୟମରେ ରୋମ ସାମ୍ରାଜ୍ୟ ସହିତ ମୟୂରଭଞ୍ଜର ବାଣିଜ୍ୟ ବ୍ୟବସାୟ ଚାଲୁଥିଲା । ଏକ ସ୍ଥାୟୀ ରାସ୍ତାଦ୍ୱାରା ତମଲୁକ ସହିତ ମୟୂରଭଞ୍ଜର ଯୋଗାଯୋଗ ସ୍ଥାପିତ ହୋଇଥିଲା । ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ଆବିଷ୍କୃତ କୋଶାଣ ଓ ପୁରୀ କୋଶାଣ

Digitized by srujanika@gmail.com

ମୁଦ୍ରାର ବିବରଣୀରୁ ଜଣାଯାଏ ଯେ ଖ୍ରୀଷ୍ଟାବ୍ଦ ପ୍ରଚଳନ ହେବାର ଅଳ୍ପ ସମୟ ପରେ ମୟୂରଭଞ୍ଜ କେତେକାଳ କୋଶାଣ ରାଜତ୍ୱରେ ଥିଲା ।

ଏ ମାଟିରେ ଗୁପ୍ତମାନଙ୍କର ସ୍ୱର୍ଣ୍ଣମୁଦ୍ରା ମଧ୍ୟ ବିଭିନ୍ନ ସ୍ଥାନରୁ ମିଳିଥାଏ । ସେଥିରୁ ଜଣାପଡ଼େ ଯେ ମୟୂରଭଞ୍ଜ ମଧ୍ୟ ଦିନେ ମୌର୍ଯ୍ୟଶାସନ ତଳେ ଥିଲା । ମାତ୍ର ଉପଯୁକ୍ତ ପ୍ରାମାଣିକ ତଥ୍ୟ ଅଭାବରୁ କେଉଁ ରାଜା କେତେ କାଳ ଧରି ଏଠାରେ ଶାସନ କରିଥିଲେ ତାହା ଜାଣିହୁଏ ନାହିଁ । ଗୁପ୍ତ ରାଜତ୍ୱର ପରବର୍ତ୍ତୀ ସମୟରେ ଏଠାରେ ଏକ ଶକ୍ତିଶାଳୀ ସାମନ୍ତବଂଶ ଶାସନ କରୁଥିଲେ ଏବଂ ମୟୂରଭଞ୍ଜ ଉତ୍ତର ତୋଶଳର ଅଂଶବିଶେଷ ଥିଲା । ଏହି ଉତ୍ତର ତୋଶାଳର ମାନବଂଶ ପରେ ଭଞ୍ଜମାନେ ମୟୂର-ଭଞ୍ଜର ଏହି ଅଂଶରେ ରାଜୁତି କରିଥିଲେ । ଭଞ୍ଜ ରାଜବଂଶ ଏକ ପ୍ରାଚୀନ ରାଜବଂଶ ବୋଲି ବହୁ ଗବେଷକ ପ୍ରମାଣ କରିଅଛନ୍ତି । ଖିଜିଙ୍ଗକୋଟ୍ଟରେ ସେମାନଙ୍କର ରାଜତ୍ୱ ବିଷୟ ପୂର୍ବେ ବର୍ଣ୍ଣନା କରାଯାଇଛି ।

ପ୍ରାକ୍ ମଧ୍ୟ ଓ ମଧ୍ୟଯୁଗୀୟ ନରପତି ଆଦିଭଞ୍ଜ କୋଟ୍ଟଭଞ୍ଜ ଆଦିଙ୍କ ଶାସନ ମୟୂରଭଞ୍ଜ ଇତିହାସରେ ସଂସ୍କୃତିର ଏକ ନବଯୁଗ ଆନୟନ କଲା । ଏମାନଙ୍କର ତାମ୍ର-ପଟ୍ଟା ଅନୁଶାସନାଦିରୁ ଜଣାଯାଏ ଯେ, ବୈଷ୍ଣବ, ଶୈବ, ଶାକ୍ତ, ବୌଦ୍ଧ ଓ ଜୈନର ପୁଣ୍ୟପୀଠ ରୂପେ ଖିଚିଂ ତଥା ତନ୍ନିକଟବର୍ତ୍ତୀ ଅଞ୍ଚଳସମୂହ ପ୍ରସିଦ୍ଧି ଲାଭ କରିଥିଲା । ଭଞ୍ଜରାଜାମାନେ ସହନଶୀଳ ଧର୍ମନୀତି ଅନୁସରଣ କରିଥିଲେ । ଖିଚିଂର ସଂଗ୍ରହାଳୟରେ ଅଧିକାଂଶ ମୁଗୁନିପଥର ନିର୍ମିତ ମୂର୍ତ୍ତିମାନ ସଂରକ୍ଷିତ ହୋଇ ରହିଛି । ବର୍ତ୍ତମାନର ଖିଚିଂର ଧ୍ୱଂସାବଶେଷରୁ ପ୍ରାଚୀନ ରାଜାମାନଙ୍କର ଧର୍ମ-ଧ୍ୟାନ ଧାରଣାର ସୂଚନା ମିଳେ ।

ଭଞ୍ଜ ନୃପତିମାନେ ପ୍ରଥମେ ଭୌମକରମାନଙ୍କର କରଦ ରାଜା ହୋଇ ରହିଲେ । ତତ୍ପରେ ସେମାନେ ସୋମବଂଶୀ ଓ ଗଙ୍ଗବଂଶୀୟ ରାଜାଙ୍କ ଅଧୀନରେ ରହିଲେ । ତ୍ରୈଲଗଙ୍ଗଦେବଙ୍କ ରାଜତ୍ୱ ସମୟରେ ପୁରାତନ ଖିଚିଂ ସର୍ବପ୍ରଥମେ [illegible]ଳ ଚଉଘ ରାଜା ଭାନୁଦେବଙ୍କ ସମୟଠାରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା । ଗଙ୍ଗରାଜା ତୃତୀୟ ଭାନୁଦେବଙ୍କ (୧୩୫୨-୧୩୭୮ ଖ୍ରୀ: ଅ:) ସମୟରେ ଖିଚିଂ ଅନ୍ୟ ଏକ ଦାରୁଣ ଧ୍ୱଂସ ତାଣ୍ଡବର ସମ୍ମୁଖୀନ ହୋଇଥିଲା । ୧୩୬୧ ଖ୍ରୀ. ଅ:ରେ ଫିରୋଜଶାହ ତୁଘଲକଙ୍କ ଓଡ଼ିଶା ଆକ୍ରମଣ ବେଳେ ଯବନମାନଙ୍କ ଦ୍ୱାରା ସୌନ୍ଦର୍ଯ୍ୟମୟୀ ଖିଚିଂ ରାଜଧାନୀର ରକ୍ତର ହୋରିଖେଳ ଚାଲିଲା । ଘରଦ୍ୱାର ପୋଡ଼ି ଦିଆଗଲା । ଲୁଣ୍ଠନ ଓ ଅତ୍ୟାଚାରର ସୀମା ରହିଲା ନାହିଁ । ଯବନସେନା ମଠ ମନ୍ଦିର, ଦେବାଦେବୀ ସବୁକୁ ଚୂରମାର କରି-ଦେଲେ । ତେଣୁ ଖିଚିଂ ଜନଶୂନ୍ୟ ହୋଇଗଲା । ସାମୟିକ ଭାବରେ ବହଳଦାକୁ ରାଜଧାନୀ ଉଠାଇ ନିଆଗଲା । ୧୪୦୦ ଖ୍ରୀ: ଅରେ ହରିହରଭଞ୍ଜ ହରିପୁରକୁ ରାଜଧାନୀ ଉଠାଇ ନେଲେ ।

Digitized by srujanika@gmail.com

ହରିହରପୁର କଳା, ସ୍ଥାପତ୍ୟ, ଇତିହାସ ଓ ପ୍ରତ୍ନତାତ୍ତ୍ୱିକ କ୍ଷେତ୍ରରେ ଅନବଦ୍ୟ କୀର୍ତ୍ତି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ହରିହରପୁର ରାଜଧାନୀ ପ୍ରସଙ୍ଗରେ ଆଗରୁ ଆଲୋଚିତ ହୋଇଛି । ମୋଗଲ-ଅଫଗାନ ମଧ୍ୟରେ ଶତ୍ରୁ ପରଖବେଳେ ହରିହରପୁର ବହୁ ସ୍ଥାନରେ କ୍ଷତବିକ୍ଷତ ହୋଇଥିଲା । ଫଳରେ ମୟୂରଭଞ୍ଜର ସାଂସ୍କୃତିକ ପ୍ରଗତି ବ୍ୟାହତ ହୋଇଥିଲା ।

ପର୍ତ୍ତୁଗୀଜ ପରିବ୍ରାଜକଙ୍କ ବିବରଣୀରୁ ଜଣାଯାଏ ଯେ, ସୁବର୍ଣ୍ଣରେଖାର ଉତ୍ତରକୁ ୧୦ ମାଇଲ ଦୂରରେ ପିପିଲି ବନ୍ଦର ଏକ ସମୃଦ୍ଧିଶାଳୀ ବାଣିଜ୍ୟ କେନ୍ଦ୍ର ଥିଲା । ଏହା ମୟୂରଭଞ୍ଜର ଶାସନାଧୀନ ଥିଲା । ଷୋଡ଼ଶ ଶତାବ୍ଦୀର ପୂର୍ବବର୍ତ୍ତୀ କାଳରେ ଏହି ବନ୍ଦରର କୌଣସି ତଥ୍ୟ ମିଳେ ନାହିଁ । ମାତ୍ର ପର୍ତ୍ତୁଗୀଜ ପରିବ୍ରାଜକ ମାନରିକ୍ (Manrique)ଙ୍କ ବିବରଣୀରୁ ଜଣାଯାଏ ଯେ, ପର୍ତ୍ତୁଗୀଜ, ଡଚ୍ ଓ ଇଂରେଜମାନେ ପିପିଲିରେ ଶିଳ୍ପ କେନ୍ଦ୍ରମାନ ପ୍ରତିଷ୍ଠା କରିଥିଲେ । ଏଥିରୁ ସହଜରେ ଅନୁମିତ ହୁଏ ଯେ ୟୁରୋପୀୟମାନଙ୍କ ଭାରତ ଆଗମନ ପୂର୍ବରୁ ୟୁରୋପୀୟ ଦେଶମାନଙ୍କ ସହିତ ମୟୂରଭଞ୍ଜର ବେପାର ବାଣିଜ୍ୟ ସମ୍ପର୍କ ସ୍ଥାପିତ ହୋଇ ସାରିଥିଲା [୩] ।

ତେଣୁ ଏହା ସହଜରେ ପ୍ରମାଣିତ ହୁଏ ଯେ ମହାନ ସାଂସ୍କୃତିକ ଓ ବାଣିଜ୍ୟିକ ପରମ୍ପରାର ଅଭ୍ୟୁତ୍ଥାନ ଓ ପ୍ରଗତି ଦିଗରେ ଯେଉଁ ତାପସୁ ଓ ଭଲ୍ଲିକ ନାମକ ବଣିକ ଭ୍ରାତାଦ୍ୱୟ ଅଗ୍ରଣୀ ହୋଇଥିଲେ । ସେମାନେ ଖ୍ରୀ:ପୂ ଷଷ୍ଠ ଶତାବ୍ଦୀର ମୟୂରଭଞ୍ଜ ବାସିନ୍ଦା ଛଡ଼ା ଆଉ କେହି ନୁହଁନ୍ତି । ସେହି ଯୁଗରୁ ହିଁ ମୟୂରଭଞ୍ଜର ଇଉରୋପୀୟ ଦେଶମାନଙ୍କ ସହିତ ବାଣିଜ୍ୟ କାରବାର ଚାଲିଆସିଛି । ମୟୂରଭଞ୍ଜ ଏକ କ୍ଷୁଦ୍ର ଭୂଖଣ୍ଡ ହେଲେ ମଧ୍ୟ ଏ ମାଟିରେ କେତେ ଆଦର୍ଶ ଓ ଆଦର୍ଶବାଦର ଉତ୍ଥାନ ପତନ ମଧ୍ୟରେ ତାହା ସାଂସ୍କୃତିକ ବସ୍ତୁରେ ଅପରନ୍ତ ଭଣ୍ଡାର ହୋଇରହିଛି ।

ସୂଚନା ଓ ସହାୟତା

୧-୨-୩ | Patel C. B.—A glimpse on the cultural heritage of Mayurbhanj Page—45 Orissa History Congress, Souvenir, 1982

Senapati N. and Dr. Sahu N. K.—Gazatteers of Mayurbhanj

Digitized by srujanika@gmail.com

ନବମ ଅଧ୍ୟାୟ

ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଆଧାର

ମୟୂରଭଞ୍ଜରୁ ଆବିଷ୍କୃତ ମୁଦ୍ରା, ତାମ୍ରପଟ୍ଟା ସନନ୍ଦ ଓ ଶିଳାଲେଖ

(i) ମୁଦ୍ରା (Coins) :

ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ମିଳିଥିବା ବିଭିନ୍ନ ପ୍ରକାରର ମୁଦ୍ରା ବିଭିନ୍ନ ସଂଗ୍ରହାଳୟରେ ସଂଗୃହୀତ ହୋଇ ରହିଛି । ଏଥିମଧ୍ୟରୁ କୁଶାଣ ମୁଦ୍ରା ସର୍ବାଧିକ ସଂଖ୍ୟାରେ ଆବିଷ୍କୃତ ହୋଇଛି । କେତୋଟି ରୋମାନ ମୁଦ୍ରା ଓ ଗୁପ୍ତମୁଦ୍ରା ମଧ୍ୟ ମିଳିଅଛି । ମାତ୍ର ଏବେ ସେହି ରୋମାନ ମୁଦ୍ରା ସଂଗୃହୀତ ହୋଇ ରହିନାହିଁ ।

"ବାମନଘାଟୀରୁ ମିଳିଥିବା ରୋମାନ ମୁଦ୍ରାରୁ ଗବେଷକମାନେ ଅନୁମାନ କରନ୍ତି ଯେ ଏଗୁଡ଼ିକ ରୋମରୁ ତାମ୍ରଲିପ୍ତ ବନ୍ଦର ଦେଇ ମୟୂରଭଞ୍ଜକୁ ଆସିଥିଲା । କନିଷ୍କ ଓ ହୁବିଷ୍କଙ୍କ କୁଶାଣ ମୁଦ୍ରା ସହିତ ପୁରୀ-କୁଶାଣ ନାମକ ନକଲ ମୁଦ୍ରା ମଧ୍ୟ ଖିଚିଂ ଓ ଖିଚିଂର ଉପକଣ୍ଠସ୍ଥ ସ୍ଥାନମାନଙ୍କରୁ ଆବିଷ୍କୃତ ହୋଇଅଛି । ୧୯୨୩ ମସିହାରେ ଏପ୍ରକାର ବହୁ ମୁଦ୍ରା ଭଞ୍ଜକିଆଠାରୁ ଆବିଷ୍କୃତ ହୋଇଥିଲା । ୧୯୨୪-୨୫ରେ ଖିଚିଂର ବିରାଟଗଡ଼ ଆବିଷ୍କାର ଅବସରରେ ବହୁ ସ୍ଥାନରେ କୁଶାଣ ଓ ପୁରୀ-କୁଶାଣ ମୁଦ୍ରାମାନ ମିଳିଥିଲା । ୧୯୩୯ ମେ'ର ଯଶିପୁରଠାରୁ ପଶ୍ଚିମକୁ ୩ ମାଇଲ ଓ ଭଞ୍ଜକିଆରୁ ପୂର୍ବକୁ ୩ ମାଇଲ ଦୂରରେ ଅବସ୍ଥିତ ନୂଆଗାଁଠାରୁ ୧୦୫ଟି କୁଶାଣ ମୁଦ୍ରା ମିଳିଥିଲା । ଏଗୁଡ଼ିକ ଗୋଟିଏ ତାମ୍ର ପାତ୍ରରେ ରଖାଯାଇଥିଲା । ୧୯୪୮ରେ ଭଞ୍ଜକିଆର ସର୍ବଶେଷ ଆବିଷ୍କାରରୁ ସହସ୍ରାଧିକ ନକଲି ମୁଦ୍ରା ସହିତ ଗୋଟିଏ କନିଷ୍କ ମୁଦ୍ରା ମିଳିଥିଲା । ମାତ୍ର ଏ ମାଟିରୁ ଗୁପ୍ତ ସ୍ୱର୍ଣ୍ଣମୁଦ୍ରା ଏତେ ପରିମାଣରେ ମିଳି ନଥିଲା । ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମାତ୍ର ତିନୋଟି ସ୍ୱର୍ଣ୍ଣମୁଦ୍ରା ୧୯୩୯, ଅଗଷ୍ଟରେ ସୋନ ନଦୀ କୂଳସ୍ଥ ବାନପୁରଠାରେ ହସ୍ତଗତ ହୋଇଥିଲା । ଏହି ତିନୋଟି ମୁଦ୍ରା ଧନୁଶରକୃତ । ସମ୍ଭବତଃ ଏହି ମୁଦ୍ରାଗୁଡ଼ିକ ବଣିକ-ମାନଙ୍କ ଦ୍ୱାରା ଏ ଦେଶକୁ ଆସିଥିଲା [୧] ।"

Digitized by srujanika@gmail.com

(ii) ତାମ୍ର ପଟ୍ଟା ସନନ୍ଦ (Copper plate Inscription)

୧ । ରଣଭଞ୍ଜଙ୍କ ବାମନଘାଟୀ ତମ୍ବାପଟ୍ଟା :

୯୨୮ ଖ୍ରୀ.ଅ.ରେ ଏହି ତମ୍ବା ପଟ୍ଟା ଦିଆଯାଇଥିଲା । ଏହା ରଣଭଞ୍ଜ, ମହା-ସାମନ୍ତ ମାଣ୍ଡିଙ୍କୁ ଦେଇଥିଲେ । ଏହି ପଟ୍ଟରେ ଉତ୍ତର ଖଣ୍ଡର ୪ଟି ଗ୍ରାମ ଉଲ୍ଲେଖ ହୋଇଛି । ଭୋଗଣ୍ଡିଆ ଓ ଦେବକୁଣ୍ଡ ବିଷୟ ଏହାର ଅନ୍ତର୍ଗତ ଥିଲା । ଭୋଗଣ୍ଡିଆ ଆଧୁନିକ ଭଉଞ୍ଜିଆ ରୂପେ ପରିଚିତ ହୋଇଛି ମାତ୍ର ଦେବକୁଣ୍ଡ ନାମ ଠିକ୍ ସେହିପରି ରହିଛି ।

୨ । ରଣଭଞ୍ଜଙ୍କ ଖଣ୍ଡ ଦେଉଳ ତମ୍ବାପଟ୍ଟା—ନାତି, ନରେନ୍ଦ୍ର ଭଞ୍ଜଙ୍କ ଜନ୍ମ ଅବସରରେ ମହାରାଜା ରଣଭଞ୍ଜ ଏହି ତମ୍ବାପଟ୍ଟା ଦେଇଥିଲେ । ପୃଥ୍ୱୀରାଜ, ରଣଭଞ୍ଜଙ୍କର ପୁତ୍ର ଓ ନାତି ନରେନ୍ଦ୍ର ଭଞ୍ଜଙ୍କ ପିତା ଥିଲେ ।

୩ । ରାଜଭଞ୍ଜଙ୍କ ବାମନଘାଟୀ ତମ୍ବାପଟ୍ଟା—ଏଥିରେ ବ୍ରାହ୍ମଣ ବସ୍ତି ଗାଁ ଦାନ ବିଷୟ ଉଲ୍ଲେଖ ଅଛି । ରାଇରଙ୍ଗ ପୁର ଠାରୁ ୨ ମାଇଲ ଦୂରରେ ଅବସ୍ଥିତ ବ୍ରାହ୍ମଣ ବସା ଗାଁଟି 'ବ୍ରାହ୍ମଣ ବସ୍ତି, ବୋଲି ଚିହ୍ନଟ କରାଯାଇଛି ।

୪ । ପୃଥ୍ୱୀରାଜ ଭଞ୍ଜଙ୍କ ଉଖୁଣ୍ଡା ତମ୍ବାପଟ୍ଟା—ଦଶହରା ଅବସରରେ ଏହି ତାମ୍ର ପଟ୍ଟା ସନନ୍ଦ ଦିଆଯାଇଥିଲା । ପିଗଣ୍ଡା ବିଷୟରେ ଗଣ୍ଡଗ୍ରାମ ଦାନ କଥା ଏଥିରେ ଲେଖା ଅଛି ।

୫ । କେଶରୀ ତାମ୍ର ପଟ୍ଟା ସନନ୍ଦ—ରଣଭଞ୍ଜଙ୍କ ପୁତ୍ର ଓ କୋଟଭଞ୍ଜଙ୍କ ନାତି ଏହି ସନନ୍ଦଟି ମହାମଣ୍ଡଳାଧିପତି । ମହାରାଜାଧିରାଜ ପରମେଶ୍ୱର ଶତ୍ରୁଭଞ୍ଜଦେବ ଦାନ କରିଥିଲେ । ଏଥିରେ ଅନନ୍ତ ଦେବୀ-ପାଟରାଣୀ ଓ ନରେନ୍ଦ୍ର ଯୁବରାଜ ବୋଲି ଉଲ୍ଲେଖ ହୋଇଛି । ପ୍ରଭୁ, ଶଙ୍କରଙ୍କ ପୂଜାର୍ଚ୍ଚନା ପାଇଁ ଏହି ସନନ୍ଦ ଦିଆଯାଇଥିଲା ।

୬ । ଆଡପୁର ସନନ୍ଦ (କ) (ନରେନ୍ଦ୍ର ଭଞ୍ଜ)—ଏଥିରେ ବୃହତ୍ ସରାଇ ଗାଁ ଶୀତଳ ଦେବ ଶର୍ମଣଙ୍କ ନାମରେ ଦିଆଯାଇଥିଲା ।

୭ । ଆଡପୁର ସନନ୍ଦ (ଖ) (ନରେନ୍ଦ୍ର ଭଞ୍ଜ)—ଏଥିରେ ସର୍ପ୍ଣାରା ଗାଁ ଦାନ କରାଯାଇଥିବା କଥା ଉଲ୍ଲେଖ କରାଯାଇଛି ।

୮ । ଆଡପୁର ସନନ୍ଦ (ରଣଭଞ୍ଜ)

୯ । ରଣଭଞ୍ଜଙ୍କ ଆଡପୁର ସନନ୍ଦ ।

୧୦ । ଦୁର୍ଜୟ ଭଞ୍ଜଙ୍କ ଅଡପୁର ସନନ୍ଦ ।

୧୧ । ମୋହନ ମାଧବଙ୍କ ଭଞ୍ଜ ବା ରାଜଭଞ୍ଜ ଖିଚଂ ତାମ୍ର ଫଳକ ।

Digitized by srujanika@gmail.com

ପ୍ରଭୁ ଶଙ୍କର ଭଟ୍ଟାରକଙ୍କ ସେବା ପୂଜାର ଅର୍ଥିକ ସୁବିଧା ପାଇଁ ଦାନ କରିଥିଲେ ।

୧୨ । ଦେବାନନ୍ଦ ଦେବଙ୍କ ବାରିପଦା ମ୍ୟୁଜିୟମ ତମ୍ବାପଟା— ଏଥିରେ ଐରାବତ ମଣ୍ଡଳର ନନ୍ଦୋଦ୍ଭବ ରାଜାମାନଙ୍କର ବଂଶାବଳୀ ଅଛି । ଏହା ମୟୂରଭଞ୍ଜ ଇତିହାସ ସହିତ ସଂପୃକ୍ତ ନୁହେଁ ।

(ii) ଶିଳାଲେଖ -- (Stone Inscription)

୧ । ବାରିପଦା ସଂଗ୍ରହାଳୟ ଶିଳାଲେଖ—ଏହି ଶିଳାଲେଖଟିର ଚତୁଃପାର୍ଶ୍ୱ ମଧ୍ୟରୁ ତିନୋଟି ପାର୍ଶ୍ୱରେ ଯଥାକ୍ରମେ ଶତ୍ରୁଭଞ୍ଜ, ଦୁର୍ଜୟ ଭଞ୍ଜ ଓ କୁମାର ଧର୍ମଧ୍ୱଜ ବୋଲି ଖୋଦିତ ହୋଇଅଛି । ଶତ୍ରୁଭଞ୍ଜଙ୍କ ଶିଳାଲେଖରେ ମାରଣ୍ଡା ବିଷୟରେ ଚେଳେଡ଼ ଜମି ଲକେମା ଭଟ୍ଟ ଦୁର୍ଗାଙ୍କ ପୂଜାର୍ଚ୍ଚନା ଉଦ୍ଦେଶ୍ୟରେ ଦିଆଯାଇଥିବା କଥା ଲେଖାଯାଇଛି । ମାରଣ୍ଡା ଆଧୁନିକ ଅମର୍ଦା ବୋଲି ଚିହ୍ନଟ କରାଯାଇଛି ।

୨ । ଖିଚିଂ ମ୍ୟୁଜିୟମ ଶିଳାଲେଖ—ଅବଲୋକିତେଶ୍ୱର ମୂର୍ତ୍ତିର ପାଦପୀଠରେ ଲେଖା ହୋଇଛି ଯେ, ରାଜଭଞ୍ଜଙ୍କ ରାଜତ୍ୱ କାଳରେ ଲୋକେଶ୍ୱର ମୂର୍ତ୍ତି ଧରଣୀ ଦଶନ୍ଦ୍ର ଓ ତାଙ୍କ ପତ୍ନୀ କାନ୍ତିଙ୍କ ଦ୍ୱାରା ଖୋଦିତ ହୋଇଥିଲା । ରାଜଭଞ୍ଜ ଓ ବାମନଘାଟୀର ରଣଭଞ୍ଜ ଏକ ବ୍ୟକ୍ତି ଅଟନ୍ତି ।

୩ । ଅସନପାଟ ଶିଳାଲେଖ—ନାଗବଂଶୀୟ ଭୂତ ପର୍ଣ୍ଣାଳୀ ମହାରାଜ ଶତ୍ରୁଭଞ୍ଜଙ୍କ ଜନ୍ମ, ଦାନଶୀଳତା ଓ କଳାସଂସ୍କୃତିର ପୃଷ୍ଠପୋଷକତା ବିଷୟ ଏଥିରେ ବର୍ଣ୍ଣିତ ହୋଇଛି । ୪ର୍ଥ ଅଧ୍ୟାୟରେ ବିଶଦ ବର୍ଣ୍ଣନା ସ୍ଥାନ ପାଇଛି ।

୪ । ବାରିପଦା ମ୍ୟୁଜିୟମ ଦ୍ୱିଭାଷୀ ଶିଳାଲେଖ—ଏହା ବାରିପଦା ସବ-ଡିଭିଜନସ୍ଥ ବାଇଦମା ଗାଁ ପାଖରୁ ଆବିଷ୍କୃତ ହୋଇଥିଲା । ଏଥିରେ ୧୭ ଧାଡ଼ି ଲେଖାଅଛି । ତନ୍ମଧ୍ୟରୁ ଦେବନାଗରୀ ଓ ହିନ୍ଦୀ ଭାଷାରେ ୯ ଧାଡ଼ି ଏବଂ ୮ ଧାଡ଼ି ଓଡ଼ିଆରେ ଲେଖା ହୋଇଛି । ଏହା ୧୫୮୭ ଖ୍ରୀ ଅ.ର ଲେଖା । ଏଥିରେ ଫିରୋଜ ଖାଁ ଲୁହାଣୀ ଓ କୁତବ ଶାହାଙ୍କ ସମୟରେ ରାଜା ବସନ୍ତ ଜଇ ମାଣିକଚନ୍ଦ୍ରଙ୍କ ପୁଷ୍କରିଣୀ ଖନନ ସମ୍ପର୍କରେ ଲେଖା ହୋଇଛି ।

ବସନ୍ତ ଜଇ ମାଣିକଚନ୍ଦ୍ର କିଏ ତାହା ଜଣାଯାଏ ନାହିଁ । ଫିରୋଜ ଶାହା ଲୋହାଣୀ ମୟୂରଭଞ୍ଜ ଅଞ୍ଚଳର ଦାୟିତ୍ୱରେ ଥିବା ସମୟରେ ଏହା ଖୋଦିତ ହୋଇଥିବାର ଅନୁମାନ କରାଯାଏ ।" [୨]

Digitized by srujanika@gmail.com

ସୂଚନା ଓ ସହାୟତା

(୧) Senapati N. & Dr. Sahu N. K —Orissa Gazatteers, Mayurbhanj

(୨) ଡଃ ମହତାବ ହରେକୃଷ୍ଣ—ଓଡ଼ିଶା ଇତିହାସ
Orissa Gazatteers, Mayurbhanj.

ଦେଓ୍ୱାନ ଓ ସୁପରିଣ୍ଟେଣ୍ଡେଣ୍ଟ

List of Dewan and Superintendent since 1905

୧୯୦୫ ମସିହା ଠାରୁ ମୟୂରଭଞ୍ଜ ରାଜ୍ୟର ଦେଓ୍ୱାନ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ନାମ ତାଲିକା

(ସୁପରିଣ୍ଟେଣ୍ଡେଣ୍ଟମାନେ କୋର୍ଟ ଅଫ ଓ୍ୱାର୍ଡ଼ ସମୟରେ ଶାସନବେଳେ ନିଯୁକ୍ତ ପାଉଥିଲେ)

ଦେଓ୍ୱାନ ପ୍ରସନ୍ନ କୁମାର ଘୋଷାଲଙ୍କ ସ୍ୱର୍ଗାରୋହଣ—୧୭, ଏପ୍ରିଲ, ୧୯୦୫

ମୋହିନୀ ମୋହନଧର—ଦେଓ୍ୱାନ ୨୦, ଜୁନ ୧୯୦୫ରୁ ୨୧, ଏପ୍ରିଲ ୧୯୧୨

ହରିଦାସ ଘୋଷ—(Officiating Dewan) ୨୨, ଏପ୍ରିଲ, ୧୯୧୨ରୁ ୧୨ ମେ, ୧୯୧୨

ପି: ଏଲ: ଫିଲପ—I. C. S. କଲେକ୍ଟର ବାଲେଶ୍ୱର ୧୩, ମେ, ୧୯୧୨ରୁ ୩୦ ଜୁଲାଇ, ୧୯୧୨ ଯାଏ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିଲେ ।

E Mc· Leod· Smith—ସୁପରିଣ୍ଟେଣ୍ଡେଣ୍ଟ--୩୧, ଜୁଲାଇ, ୧୯୧୨ରୁ ୩, ନଭେମ୍ବର ୧୯୧୨

ପି: ଏଲ୍: ଫିଲପ୍—ସୁପରିଣ୍ଟେଣ୍ଡେଣ୍ଟ—୪, ନଭେମ୍ବର, ୧୯୧୨ରୁ ୯, ଫେବ୍ରୁୟାରୀ ୧୯୧୨

ଜେ· ଇ· ସ୍କଟ—ସୁପରିଣ୍ଟେଣ୍ଡେଣ୍ଟ—୧୦, ଫେବ୍ରୁୟାରୀ ୧୯୧୭ରୁ ୨୨, ଏପ୍ରିଲ, ୧୯୧୭

ଏନ୍. ଏଫ୍. ପେକ୍—ସୁପରିଣ୍ଟେଣ୍ଡେଣ୍ଟ ୨୩ ଏପ୍ରିଲ, ୧୯୧୭ରୁ ୧୨ ଅକ୍ଟୋବର

Digitized by srujanika@gmail.com

H· Mc· Pherson—ସୁପରିଣ୍ଟେଣ୍ଡେଣ୍ଟ—୧୩, ଅକ୍ଟୋବର, ୧୯୧୯ରୁ ୫ ଅଗଷ୍ଟ, ୧୯୬୦

" " ଦେୱାନ—୬, ଅଗଷ୍ଟ, ୧୯୬୦ରୁ ୧୪ ସେପ୍‌ଟେମ୍ବର ୧୯୬୧

ରାୟବାହାଦୁର ହରଦାସ ବସୁ—ଷ୍ଟେଟନଜ ଦେୱାନ ଦାୟିତ୍ୱରେ ୧୫ ସେପ୍‌ଟେମ୍ବର, ୧୯୬୧ରୁ ୧୬ ଜାନୁଆରୀ ୧୯୬୬

E. Mc· Leod Smith—ଦେୱାନ–୭ ଜାନୁଆରୀ ୧୯୬୬ରୁ ୬୮ ନଭେମ୍ବର ୧୯୬୯, ୬୯, ନଭେମ୍ବର, ୧୯୬୯ରୁ ୧୮, ଜୁନ ୧୯୩୦ ଯାଏ ଦେଉ ଦେୱାନ ନଥିଲେ ।

ଡଃ ପି କେ ସେନ୍—ଦେୱାନ—୧୯ ଜୁନ, ୧୯୩୦ରୁ ୧୭, ଜୁନ, ୧୯୩୭

କେ. ସି. ନେଓ୍ୱୋଗି - ଦେୱାନ ୭, ଜୁଲାଇ ୧୯୩୫ରୁ ୫ ଜୁଲାଇ, ୧୯୪୦ ପଲିଟିକାଲ ଏଡଭାଇଜର—୬, ଜୁଲାଇ, ୧୯୪୦ରୁ ୩୧, ମାର୍ଚ୍ଚ, ୧୯୪୬

ମେଜର ବିଃପିଃ ପାଣ୍ଡେଙ୍କ ୧୬, ଅଗଷ୍ଟ ୧୯୪୦ରେ ଦେୱାନ ଦାୟିତ୍ୱ ଗ୍ରହଣ ସେ ମୟୂରଭଞ୍ଜ ରାଜ୍ୟର ଶେଷ ଦେୱାନ ଥିଲେ ।

(Orissa Gazatteers, Mayurbhanj Appendix l.l Page-91)

Digitized by srujanika@gmail.com

ଦଶମ ଅଧ୍ୟାୟ

ମୟୂରଭଞ୍ଜର ଧର୍ମ ସଂପ୍ରଦାୟ ଓ ଆଧ୍ୟାତ୍ମିକ ସେବାସମିତି

ମୟୂରଭଞ୍ଜରେ ହିନ୍ଦୁ, ଇସଲାମ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ, ଶିଖ, ବ୍ରାହ୍ମ, ଅଲେଖ ଆଦି ବିଭିନ୍ନ ଧର୍ମ ସମାଜ ଓ ସଂସ୍କୃତି ଦେଖାଯାଏ । ଏତଦ୍‌ବ୍ୟତୀତ ବିଭିନ୍ନ ମହାପୁରୁଷଙ୍କ ଆଦର୍ଶରେ ପରିଚାଳିତ ବିଭିନ୍ନ ଆଧ୍ୟାତ୍ମିକ ସେବା ସମିତିମାନ ଭାରତୀୟ ଗୌରବମୟ ଐତିହ୍ୟ, ପରମ୍ପରା ଓ ଦିବ୍ୟଚେତନାର ପୁନରୁତ୍‌ଥାନ ଓ ବିକାଶରେ ବ୍ରତୀ ହେବାର ପରିଲକ୍ଷିତ ହୁଏ । ତାହା ନିମ୍ନରେ ପ୍ରଦତ୍ତ ହେଲା ।

ହିନ୍ଦୁ :

ଏଠାରେ ହିନ୍ଦୁଧର୍ମ ଆବିର୍ଭାବର ଇତିହାସ ଠିକ୍ ଭାବରେ ଜାଣିବା ସହଜ ନୁହେଁ । ତେବେ ଏ ଭୂଖଣ୍ଡରେ କେଉଁ ଆଦିମ କାଳରୁ ହିଁ ହିନ୍ଦୁଧର୍ମର ପ୍ରବାହ ଚାଲି ଆସିଛି ବୋଲି ଜଣାଯାଏ । ଖିଚିଂର ପ୍ରତ୍ନତାତ୍ତ୍ୱିକ ଇତିହାସରୁ ଜଣାଯାଏ ଯେ ସୌର, ଶାକ୍ତ, ଶୈବ, ବୈଷ୍ଣବ ଓ ଗାଣପତ୍ୟ ଆଦି ହିନ୍ଦୁ ଧର୍ମର ବିଭିନ୍ନ ସଂପ୍ରଦାୟ ପ୍ରାୟ ଏକ ହଜାରରୁ ଅଧିକବର୍ଷ ତଳେ ଏ ମାଟିରେ ବିରାଜମାନ କରୁଥିଲେ । ଉପରୋକ୍ତ ପାଞ୍ଚୋଟି ସଂପ୍ରଦାୟ ମଧ୍ୟରୁ ଶିବ, ଶାକ୍ତ ଓ ବିଷ୍ଣୁ ଏ ଜିଲ୍ଲାର ସର୍ବତ୍ର ପୂଜିତ ହୁଅନ୍ତି । ମାଣଜୀ, ଝିଙ୍କପଦା, ଖିଚିଂ, ଆଦିପୁର ତଥା ଅନ୍ୟାନ୍ୟ ସ୍ଥାନରେ ଶିବ ପୂଜିତ ହେଉଛନ୍ତି । କହିବାକୁ ଗଲେ ପ୍ରତି ଗ୍ରାମରେ ଊଣା ଅଧିକେ ଶିବ ମନ୍ଦିର ପ୍ରତିଷ୍ଠିତ । ସେହିପରି ପ୍ରତିଗାଁରେ ଅନ୍ତତଃ ଜଣେ ଠାକୁରାଣୀ ପୂଜିତ ହେଉଥାଆନ୍ତି । ବିଭିନ୍ନ ସ୍ଥାନରେ ଦଶହରା ଓ ଦୀପାଳୀ ତଥା ଅନ୍ୟ ସମୟରେ ଦୁର୍ଗା, କାଳୀ ଏବଂ ଅନ୍ୟାନ୍ୟ ଦେବୀ ପୂଜା ହୋଇବାର ଦେଖାଯାଏ ।

ସପ୍ତଦଶ ଶତାବ୍ଦୀର ପ୍ରଥମ ପାଦରେ ମହାରାଜା ବୈଦ୍ୟନାଥ ଭଞ୍ଜଦେବ ଶ୍ୟାମାନନ୍ଦ ଓ ତାଙ୍କ ଶିଷ୍ୟ ରସିକାନନ୍ଦଙ୍କ ଠାରୁ ଗୌଡ଼ୀୟ ବୈଷ୍ଣବ ଧର୍ମର ଦୀକ୍ଷା ଗ୍ରହଣ କରିଥିଲେ ଏବଂ ବିଷ୍ଣୁ ଉପାସନା ପାଇଁ ନାନାଦି ମୂର୍ତ୍ତି ଓ ମଠ ମନ୍ଦିରମାନ

Digitized by srujanika@gmail.com

ସ୍ଥାପନ କରିଥିଲେ । ବର୍ତ୍ତମାନ ବାରିପଦା ଓ ବାରିପଦା ଉପକଣ୍ଠରେ ବୃନ୍ଦାବନ ମଠ, ଖୁଣ୍ଟା, ଉଦଳା, କାନ୍ତି, ଯଶ ଗୋବିନ୍ଦପୁର, ଯଶିପୁର, କାନପୁର, ଆଦି ବିଭିନ୍ନ ସ୍ଥାନରେ ମଠମାନ ଅଛି ଏବଂ କୃଷ୍ଣପୂଜା ଓ ବୈଷ୍ଣବ ଧର୍ମର ସ୍ୱବଧସ୍ୱ ଲୋକମାନଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର ଅବ୍ୟାହତ ରହିଛି ।

ଆଦିବାସୀ ସମ୍ପ୍ରଦାୟର ଲୋକେ ମଧ୍ୟ ହିନ୍ଦୁମାନଙ୍କର ନିକଟ ସାଂସ୍କୃତିକ ସଂସ୍ପର୍ଶରେ ଆସି ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି । ଭୂମିଜ, ସାନ୍ତାଳ, ଭୂୟାଁ, ବାଥୁଡ଼ି, ପୁରାଣ, ରାଜୁଆର ଆଦି ଏହି ଧର୍ମ ସଂପ୍ରଦାୟର ଅନ୍ତର୍ଭୁକ୍ତ । ୧୯୬୧ ଓ ୧୯୭୧ ଖ୍ରୀ. ଅରେ ଜନଗଣନାରୁ ଜଣାଯାଏ ଯେ, ଏ ଜିଲ୍ଲାରେ ସବୁ ସଂପ୍ରଦାୟ ମଧ୍ୟରୁ ସର୍ବାଧିକ ସଂଖ୍ୟାର ଜନସଂଖ୍ୟା ହେଉଛନ୍ତି ହିନ୍ଦୁ [୧] ।"

ଇସଲାମ :

"ଊନବିଂଶ ଶତାବ୍ଦୀର ଶେଷ ପାଦରେ ମୁସଲମାନମାନେ ଏଠାରେ ବସବାସ କଲେ ବୋଲି ମୟୂରଭଞ୍ଜ ଗେଜେଟିଅରରୁ ଜଣାପଡ଼େ । ୧୮୯୧ ଓ ୧୮୫୮ ଜନଗଣନାରେ ସେମାନଙ୍କର ସଂଖ୍ୟା ଯଥାକ୍ରମେ ୯୮୨ ଓ ୫, ୩୫୦ ଥିଲା । ୧୯୬୧ ଓ ୧୯୭୧ରେ ସେମାନଙ୍କର ସଂଖ୍ୟା ଯଥାକ୍ରମେ ୬, ୩, ୫୫୨ ଓ ୧୧, ୩୫୭କୁ ବର୍ଦ୍ଧିତ ହେଲା । ୧୯୦୦ ଖ୍ରୀଷ୍ଟାବ୍ଦରେ ବାରିପଦାର ମୁସଲମାନମାନେ ବାରିପଦା ରାଜବାଟୀ ନିକଟବର୍ତ୍ତୀ ସ୍ଥାନରେ (ବର୍ତ୍ତମାନର ବଡ଼ପୋଖରୀ କୋଣରେ) ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଠାରୁ ଏକ ମସଜିଦ ନିର୍ମାଣ ପାଇଁ ଖଣ୍ଡେ ଜାଗା ପାଇଥିଲେ [୨] ।"

ବର୍ତ୍ତମାନ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଥିବା ମସଜିଦଗୁଡ଼ିକର ଏକ ତାଲିକା ଏଠାରେ ପ୍ରଦତ୍ତ ହେଲା ।

କ୍ର. ନଂ	ମସଜିଦର ଅବସ୍ଥିତି
୧ ।	ବାରିପଦାର ବଡ଼ପୋଖରୀ କୋଣ ଏବଂ ରାଜବାଟୀ ନିକଟରେ (ବଡ଼ ମସଜିଦ)
୨ ।	ବାରିପଦାର ପରେଡ଼ ପଡ଼ିଆ ମସଜିଦ
୩ ।	ବାରିପଦାସ୍ଥ ତୁଳସୀ ଚଉରାର ଗୋଶାଳା-ମସଜିଦ
୪ ।	ବାମନଘାଟୀ ସବ୍‌ଡିଭିଜନର—ବଡଧୁନ୍ଦୁ
୫ ।	କପ୍ତିପଦା ସବ୍‌ଡିଭିଜନର—ଉଦଳା
୬ ।	ବାରିପଦା ସଦର ସବ୍‌ଡିଭିଜନର—ବେତନଟୀ
୭ ।	ବାରିପଦା ସଦର ସବ୍‌ଡିଭିଜନର—ଚଣ୍ଡଡ଼ା
୮ ।	ବାରିପଦା ସଦର ସବ୍‌ଡିଭିଜନର—ବଡ଼ସାହି (ଶୁହାଳଡିହ)
୯ ।	ପଞ୍ଚପୀଢ଼ ସବଡ଼ିଭିଜନର—କରଞ୍ଜିଆ
୧୦ ।	ବାମନଘାଟୀ ସବ୍‌ଡିଭିଜନର—ରାଇରଙ୍ଗପୁର ।

Digitized by srujanika@gmail.com

ବର୍ତ୍ତମାନ ସମସ୍ତ ମୟୂରଭଞ୍ଜ ଜିଲ୍ଲାରେ ୧୦ଟି ମସ୍‌ଜିଦ୍‌ ଅଛି ବୋଲି ଜଣାଯାଏ [୩] ।"

ଖ୍ରୀଷ୍ଟିୟାନ

ମୟୂରଭଞ୍ଜରେ ଖ୍ରୀଷ୍ଟିୟାନ ମିସନାରୀ-କାର୍ଯ୍ୟକଳାପ :
(Christian Missionary activities in Mayurbhanj) :

ମୟୂରଭଞ୍ଜ ବହୁ ଧର୍ମର ପୁଣ୍ୟପୀଠ । ଏଠାରେ ହିନ୍ଦୁ, ଇସଲାମ, ବୌଦ୍ଧ, ଜୈନଧର୍ମ ଭଳି ଖ୍ରୀଷ୍ଟଧର୍ମର ମଧ୍ୟ ବିକାଶ ଘଟିଛି । ଏଠାରେ ମୁଖ୍ୟ ଅଧିବାସୀ ମୁଖ୍ୟତଃ ଆଦିବାସୀଙ୍କ ମଧ୍ୟରେ ଶିକ୍ଷା, ଆର୍ଥିକ ପ୍ରଗତି ଓ ଧର୍ମଧାରଣାର ପ୍ରସାର ପାଇଁ ଏଠାରେ ଖ୍ରୀଷ୍ଟିୟାନମାନଙ୍କର ସେବାସଂସ୍ଥାମାନ ଗଢ଼ି ଉଠିଥିଲ ।

"୧୯୦୧ର ଜନଗଣନାରୁ ଜଣାଯାଏ ଯେ ତତ୍କାଳୀନ ମୟୂରଭଞ୍ଜର ସମସ୍ତ ଜନସଂଖ୍ୟା ୬, ୧୦, ୩୮ରୁ ୬୩୮ ଜଣ ଥିଲେ ଖ୍ରୀଷ୍ଟିୟାନ । ପୁନଶ୍ଚ ୧୯୬୧ର ଜନଗଣନାରୁ ଜଣାଯାଏ ଯେ ସମସ୍ତ ଜିଲ୍ଲାର ଖ୍ରୀଷ୍ଟିୟାନ ଜନସଂଖ୍ୟା ୮୭୦ ଜଣ ।"

"ଆମେରିକାସ୍ଥ ଫ୍ରି ୱିଲ ବାପିଷ୍ଟ (The American free will Baptist) ରୋମାନ କ୍ୟାଥଲିକ (The Roman Catholic) ଓ ଇଭାନ ଜେଲିକାଲ ମିସନାରୀ ସୋସାଇଟି (The Evan gelical Missionary Society) ଆଦି ଖ୍ରୀଷ୍ଟିୟାନ ମିସନାରୀମାନ ଏ ଭୂଇଁରେ ଖ୍ରୀଷ୍ଟିୟାନ ଧର୍ମ ଓ ସଂସ୍କୃତିର ଦୀପ ପ୍ରଜ୍ଜ୍ୱଳନ କରି ମାନବ ସେବାରେ ମନପ୍ରାଣ ଢାଳି ଦେଇଥିଲେ ।"

"ଅଣ ଖ୍ରୀଷ୍ଟିୟାନ ମାନଙ୍କ ମଧ୍ୟରେ ମହାପୁରୁଷ ଯୀଶୁଙ୍କର ମହତ୍ତ୍ୱବାଣୀ ପ୍ରଚାର କରିବା ଏମାନଙ୍କର ମୁଖ୍ୟ ଭୂମିକା ଥିଲ । ଏଥି ସହିତ ଶିକ୍ଷାର ପ୍ରସାର ପାଇଁ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବା, ସ୍ୱାସ୍ଥ୍ୟ ଓ ଚିକିତ୍ସା ନିମିତ୍ତ ଡାକ୍ତରଖାନା ଖୋଲିବା ଆଦି ଦୁଃସ୍ଥ ଓ ନିଃସହାୟ ଲୋକ ନିମିତ୍ତ ସେବାର ବନ୍ଦୋବସ୍ତ କରିବା ଥିଲ ଏମାନଙ୍କର ଅନ୍ୟତମ ଆଭିମୁଖ୍ୟ ।"

ଓଡ଼ିଶାରେ ଆମେରିକାସ୍ଥ ଫ୍ରି ୱିଲ ବାପିଷ୍ଟ ମିସନାରୀ ଲୋକମାନଙ୍କ ମଧ୍ୟରେ ଶିକ୍ଷା ପ୍ରସାରକର ତତ୍ପରେ ସେମାନଙ୍କୁ ଖ୍ରୀଷ୍ଟିୟାନ ଧର୍ମରେ ଦୀକ୍ଷିତ କରାଯିବା ଆବଶ୍ୟକ ବୋଲି ଅନୁଭବ କରଥିଲେ । ଏଣୁ ଏହି ମିସନାରୀ ଅଶିକ୍ଷିତ ଅଣ-ଖ୍ରୀଷ୍ଟିୟାନ ଜନତାଙ୍କୁ ଶିକ୍ଷିତ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେଇଥିଲେ । ଏ ଦିଗରେ Eli Noyes, J. phillips, O. R. Bachelor ଓ R. Cooleyଙ୍କ ନିସ୍ୱାର୍ଥପର ଉଦ୍ୟମ ଏକାନ୍ତ ଉଲ୍ଲେଖଯୋଗ୍ୟ ।

Digitized by srujanika@gmail.com

୧୮୩୮ ଖ୍ରୀ· ଅ.ରେ ବାଲେଶ୍ୱରର Eli Noyes, ପ୍ରଥମଥର ପାଇଁ ମୟୂର-ଭଞ୍ଜକୁ ଧର୍ମ ପ୍ରଚାର ଗସ୍ତରେ ଆସିଥିଲେ । ଏଠାକାର ସଂଖ୍ୟାଗରିଷ୍ଠ ଅଧିବାସୀ ସାନ୍ତାଳମାନଙ୍କ ମଧ୍ୟରେ ଶିକ୍ଷା ପ୍ରସାର ପାଇଁ ଉଦ୍ୟମ କରିଥିଲେ । ମିସନାରୀମାନେ ସାନ୍ତାଳମାନଙ୍କର ଶିକ୍ଷା ପ୍ରସାର ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତୁତ ଥିଲେ ମଧ୍ୟ ଏମାନେ ଆଗ୍ରହୀ ନ ଥିବାର ଲକ୍ଷ୍ୟ କରିଥିଲେ ।

J. Philips ନାମକ ଅନ୍ୟ ଏକ ପାଦ୍ରୀ ମୟୂରଭଞ୍ଜରେ ଏକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ । ଦାରିଦ୍ର୍ୟ, ଅମିତବ୍ୟୟିତା, ଅନ୍ଧବିଶ୍ୱାସ ଓ ଉଦାସୀନତା ସାନ୍ତାଳମାନଙ୍କର ଶୈକ୍ଷିକ ପ୍ରଗତିର ପ୍ରତିବନ୍ଧକ ବୋଲି ଅନୁଭବ କରିଥିଲେ, ତା ସତ୍ତ୍ୱେ ତାଙ୍କ ତତ୍ତ୍ୱାବଧାନରେ ଅଣ-ଆନୁଷ୍ଠାନିକ ସ୍ତରେ ୧୭ଟି ପାଠଶାଳା ଗଢ଼ି-ଉଠିଥିଲା । ୧୮୭୯ ଖ୍ରୀ: ଅ.ରେ ଫିଲିପସ ସାହେବଙ୍କ ଅବସର ଗ୍ରହଣ ଅବସରରେ ସେ ଉପରୋକ୍ତ ପାଠଶାଳାଗୁଡ଼ିକ ତତ୍କାଳୀନ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବଙ୍କୁ ହସ୍ତାନ୍ତର କରିଥିଲେ ।

ଖ୍ରୀଷ୍ଟିୟାନ ମିସନାରୀମାନେ ମଧ୍ୟ ମୟୂରଭଞ୍ଜରେ (ସାନ୍ତାଳମାନଙ୍କର) ନାରୀ-ଶିକ୍ଷାର ବିକାଶ ପାଇଁ ଉଦ୍ୟମ କରିଥିଲେ । ସେମାନେ ଆଶାୟୀ ହୋଇଥିଲେ ଯେ ଯଦି ଜଣେ ଝିଅ ଶିକ୍ଷିତା ହୁଏ ତାହାହେଲେ ଅନ୍ୟ ଝିଅମାନଙ୍କୁ ଶିକ୍ଷିତା କରିବାରେ ସହାୟକ ହେବ । ମାତ୍ର ପାଦ୍ରୀମାନଙ୍କର ଏ ପ୍ରକାର ଆଶା ଫଳ ମଉଳିଯାଇଥିଲା । ଏ ସମ୍ପର୍କରେ ଏକ ମନ୍ତବ୍ୟ ଦେଇ ପାଦ୍ରୀ ଫିଲିପସ କହିଥିଲେ—"Thus for Santal girls on learning school fall back on a livel with the mass of santal·women and appear to make little or no effort to utilise their knowledge·

୧୮୭୯ ଖ୍ରୀ: ଅ· ଦୁର୍ଭିକ୍ଷର ଭୟାବହତା ମୟୂରଭଞ୍ଜ ଅଧିବାସୀଙ୍କ ଆର୍ଥିକ-ମାନଦଣ୍ଡ ଦୋହଲାଇ ଦେଇଥିଲା । ଖ୍ରୀଷ୍ଟିୟ ମିସନାରୀମାନେ ରିଲିଫ୍ କେନ୍ଦ୍ର ଓ ଅନାଥାଶ୍ରମ ଖୋଲି ଦୁଃସ୍ଥ ଜନତାର ସେବାରେ ନିଜକୁ ନିୟୋଜିତ କରିଥିଲେ ।

ଜେମାନ କ୍ୟାଥଲିକ ମିସନାରୀମାନେ ୧୮୭୯ ଖ୍ରୀ. ଅ.ରେ ସେମାନଙ୍କର ସେବାକାର୍ଯ୍ୟ ଆରମ୍ଭ କରିଥିଲେ । ତତ୍କାଳୀନ ମୟୂରଭଞ୍ଜର ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବଙ୍କ ପାଖରୁ ବାରିପଦାର ୮ ମାଇଲ ଦୂରବର୍ତ୍ତୀ ନଙ୍ଗଳକଣ୍ଟା ନାମକ ସ୍ଥାନ ପଞ୍ଚାନେଇ ମହାରାଜାଙ୍କ ନାମାନୁସାରେ କୃଷ୍ଣଚନ୍ଦ୍ରପୁର ନାମକ ଏକ ଗାଁ ବସାଇଥିଲେ । ସେଠାରେ ଏକ ଗୀର୍ଜା ମଧ୍ୟ ନିର୍ମାଣ କରିଥିଲେ । ଏଠାରେ ପାଦ୍ରୀମାନେ ଖ୍ରୀଷ୍ଟଧର୍ମ ପ୍ରଚାର ସହିତ ବିଭିନ୍ନ ଜନସେବା କାର୍ଯ୍ୟମାନ ସମ୍ପାଦନ କରିଥିଲେ ।

Digitized by srujanika@gmail.com

୧୮୯୭ ଖ୍ରୀ. ଅ.ରେ ଇଭାନ୍ ଜେଲିକାଲ ମିସନାରୀ ସୋସାଇଟି (Evangelical Missionary Society) ସେମାନଙ୍କର ଧର୍ମ ପ୍ରଚାର ଅଡ କର୍ମ ଆରମ୍ଭ କରିଥିଲେ । ସେମାନଙ୍କର ସମସ୍ତ କର୍ମ ଇଭାନ୍ ଜେଲିକାଲ ଆଦର୍ଶବାଦ ଉପରେ ଗଢି ଉଠିଥିଲା । ମିସ୍ କାଟେ ରବର୍ଟ ଏଲେନ୍ ବି ଏହି ସମୟରେ ପ୍ରତିଷ୍ଠାତ୍ରୀ ଓ ନେତ୍ରୀ ଭାବରେ କାମ କରିଥିଲେ । ମିସ୍ ଗିଲବର୍ଟ ନାମକ ଅନ୍ୟ ଏକ ବଙ୍ଗୀୟ ମିସନାରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ମୟୂରଭଞ୍ଜର ଅଧିବାସୀଙ୍କ ସେବାପାଇଁ ମନପ୍ରାଣ ଢାଳି ଦେଇଥିଲେ । ସେ ୧୮୯୫ ଖ୍ରୀ. ଅ ରେ ମୟୂରଭଞ୍ଜରେ ପହଞ୍ଚିଥିଲେ । ଓଡ଼ିଆ ଭାଷାରେ ଦକ୍ଷତା ହାସଲ କରିବାପରେ ସେ ମୟୂରଭଞ୍ଜର ଗାଁ ଗଣ୍ଡାମାନ ବୁଲିଥିଲେ । ସେ ୧୮୯୭ ଖ୍ରୀ: ଅ:ରେ ଧର୍ମ ପ୍ରଚାର ଆରମ୍ଭ କରିଥିଲେ ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ୧୯୦୬ ଖ୍ରୀ: ଅ:ରେ ବାରିପଦା ସହରରେ ଖଣ୍ଡିଏ ଜମି ଦେଇଥିଲେ । ସେଥିରେ ବାପ୍ଟିଷ୍ଟ ମିସନାରୀମାନେ ଏକ ଚର୍ଚ୍ଚ ନିର୍ମାଣ କରିଥିଲେ । ଏହି ମିସନାରୀ ଧର୍ମ ପ୍ରଚାର ବ୍ୟତୀତ କୁଷ୍ଠାଶ୍ରମର କୁଷ୍ଠ ରୋଗୀମାନଙ୍କର ସେବାରେ ନିଜକୁ ନିୟୋଜିତ କରିଥିଲେ । ନିମ୍ନ ଶ୍ରେଣୀର ପିଲାଙ୍କ ପାଇଁ ଏକ ପ୍ରାଥମିକ ବିଦ୍ୟାଳୟ ଓ ରାଜାବସାଠାରେ ଏକ ଅନାଥାଶ୍ରମ ମଧ୍ୟ ପ୍ରତିଷ୍ଠା କରିଥିଲେ । ଏତଦ୍ ବ୍ୟତୀତ ରାଇରଙ୍ଗପୁରଠାରେ ଏକ ନୈଶ ବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠିତ ହୋଇଥିଲା [୫] ।"

ମୁର୍ଗାବାଡ଼ି ବା ଏଲ୍. ଆଇ. ସି. କଲୋନୀ ଛକ ନିକଟରେ ଏକ ଗୋର କବର ଅଦ୍ୟାବଧି ରହିଅଛି । ଏହା ଖ୍ରୀଷ୍ଟିୟାନ ସଂସ୍କୃତିର ମୂକସାକ୍ଷୀ ରୂପେ ଦଣ୍ଡାୟମାନ ।

ଏବେ ମଧ୍ୟ ଖ୍ରୀଷ୍ଟିୟାନମାନଙ୍କର କନଭେଣ୍ଟ ସ୍କୁଲ ପ୍ରତିଷ୍ଠା କରିଆରେ ଶିକ୍ଷାର ପ୍ରସାର ଓ କୁଷ୍ଠାଶ୍ରମ ଆଦିରେ ସେମାନଙ୍କର ସେବା କାର୍ଯ୍ୟ ଅବ୍ୟାହତ ରହିଛି । ମୟୂରଭଞ୍ଜରେ ଧର୍ମ ଚେତନା, ଜନସେବା, ଶିକ୍ଷା ଓ ସାଂସ୍କୃତିକ ଅଗ୍ରଗତିରେ ଖ୍ରୀଷ୍ଟିୟାନ ମିସନାରୀମାନଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ।

Digitized by srujanika@gmail.com

Population According to Religion

Sl. No	Name of Religion	1961 Census Total	1971 Census Total
1.	Buddhist	62	7
2.	Christian	470	2010
3.	Hindu	11,94034	13,32,061
4.	Jain	3	880
5.	Muslim	63557	11,357
6.	Sikh	19	44
7.	Others		87,639
8.	Religion Not Stated		2

(Source—(1) Orissa District Gazetteers Mayurbhanj
(2) District Statistical Hand Book Mayurbhanj 1972-7.3

ବୌଦ୍ଧ :

ପୂର୍ବେ ମୟୂରଭଞ୍ଜରେ ବୌଦ୍ଧଧର୍ମର ପ୍ରସାର ଲାଭ କରିଥିବାର ପ୍ରମାଣ ଖିଚିଂ କୁଠିସାହି ଆଦି ସ୍ଥାନମାନଙ୍କ ପ୍ରତ୍ନତତ୍ତ୍ୱ ଗବେଷଣାରୁ ଜଣାପଡ଼େ । ୧୯୬୧ ଓ ୧୯୭୧ର ଜନଗଣନାରୁ ଜଣାଯାଏ ଯେ, ସେମାନଙ୍କର ସଂଖ୍ୟା ଥିଲା ଯଥାକ୍ରମେ ୬୨ ଓ ୭ । ସେମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ଲଭିବାରେ ଲାଗିଥିବାର ଜଣାଯାଏ ।

ଜୈନ :

୧୯୬୧ ଓ ୧୯୭୧ ଜୈନମାନଙ୍କର ସଂଖ୍ୟା ଥିଲା ଯଥାକ୍ରମେ ୩ ଓ ୮୮୦ । ଏହି ସମ୍ପ୍ରଦାୟର ସଂଖ୍ୟା କ୍ରମଶଃ ବଢ଼ୁଥିବାର ଲକ୍ଷ୍ୟ କରାଯାଏ ।

ଶିଖ୍ :

୧୯୬୧ ଓ ୧୯୭୧ ଜନଗଣନାରେ ଶିଖ ସମ୍ପ୍ରଦାୟର ଜନସଂଖ୍ୟା ଥିଲା ଯଥାକ୍ରମେ ୧୯ ଓ ୪୪ । ଏମାନଙ୍କର ସଂଖ୍ୟା ବଢ଼ୁଥିଲେ ମଧ୍ୟ ବୌଦ୍ଧ, ଜୈନ ଭଳି ଏ ଜିଲ୍ଲାରେ ଏମାନେ ସଂଖ୍ୟାଲଘୁ ସମ୍ପ୍ରଦାୟ । ବର୍ତ୍ତମାନ ଶିଖ ସମ୍ପ୍ରଦାୟର ୨ଟି ଉପାସନା ମନ୍ଦିର ଗୁରୁଦ୍ୱାର ବାରିପଦାରେ ଦେଖିବାକୁ ମିଳେ । ଗୋଟିଏ ଶୂନଗଡ଼ିଆରେ ଓ ଅନ୍ୟଟି ପାଲବାଣୀଠାରେ ଅବସ୍ଥିତ ।

Digitized by srujanika@gmail.com

ବ୍ରାହ୍ମ :

"ମୟୂରଭଞ୍ଜ ଗେଜେଟିଅରରୁ ଯାହା ଜଣାଯାଏ, ବିଂଶ ଶତାବ୍ଦୀର ପ୍ରଥମ ପାଦରେ ହିଁ ମୟୂରଭଞ୍ଜରେ ବ୍ରାହ୍ମ ସମାଜ ଗଢ଼ି ଉଠିଥିଲା । ୧୯୦୪ ଖ୍ରୀ. ଅ. ରେ ନଗେନ୍ଦ୍ରନାଥ ବାନାର୍ଜୀଙ୍କ ସମେତ ଅନ୍ୟ କେତେକ କରଞ୍ଜିଆର ବ୍ରାହ୍ମ ସମାଜର ସଦସ୍ୟଙ୍କ ଉଦ୍ୟମରେ ସେଠାରେ ଏକ ପ୍ରାର୍ଥନା ମନ୍ଦିର ନିର୍ମାଣ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରାହ୍ମ ସମାଜର କାର୍ଯ୍ୟକଳାପ ବାରିପଦାକୁ ପରିବ୍ୟାପ୍ତ ହୋଇଥିଲା । ୧୯୦୫ ଖ୍ରୀ ଅ. ରେ ବାରିପଦା ବ୍ରାହ୍ମ ସମାଜର ଏକ ପୁଣ୍ୟପୀଠ ରୂପେ ବ୍ରାହ୍ମ ଧର୍ମର ପ୍ରଚାର ଓ ପ୍ରସାରର ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ତେଣୁ ବାରିପଦା ହାଇସ୍କୁଲ ନିକଟସ୍ଥ ୧୦ ଖଣ୍ଡ ଜମି ଉପରେ ୧୯୧୭ ଜୁଲାଇରେ ମନ୍ଦିର ନିର୍ମାଣ କରାଯାଇଥିଲା [୭] । "ବାରିପଦାର ଶ୍ରୀ ବନସ୍ୱେନ୍ଦ୍ର ନାଥ ବାନାର୍ଜୀଙ୍କ ଜେଜେବାପା ଏଠାକାର ବ୍ରାହ୍ମ ମନ୍ଦିର ଓ ବ୍ରାହ୍ମ ସମାଜର ପ୍ରଗତି ପାଇଁ ବହୁତ ସାଙ୍ଗଠନିକ କାର୍ଯ୍ୟରେ ମନପ୍ରାଣ ଢାଳି ଦେଇଥିଲେ [୭] ।"

କୁମ୍ଭୀପାଟିଆ (ଅଲେଖ) :

ଅଲେଖ ବା କୁମ୍ଭୀପାଟିଆ ସମ୍ପ୍ରଦାୟ ମୟୂରଭଞ୍ଜରେ ଦେଖାଯାଇଥାଆନ୍ତି । ଏହାଙ୍କୁ ମଧ୍ୟ ଶୂନ୍ୟବାଦୀ କହୁଥାଆନ୍ତି । ୧୯୫୧ ମସିହା ଜନଗଣନାରେ ଅନ୍ୟ ଅଣ-ଆଦିବାସୀ ଧର୍ମ ରୂପେ ଏହା ଏକ ମୁଖ୍ୟ ଧର୍ମ ରୂପେ ପରିଗଣିତ କରାଯାଇଥିଲା । ଭୀମା ଭୁଇଁ ଏହି ଧର୍ମର ଏକ ପ୍ରଧାନ ପ୍ରବର୍ତ୍ତକ ରୂପେ ପରିଗଣିତ ହୁଅନ୍ତି । ଏହା ମଧ୍ୟ ମହିମା ଧର୍ମର ଅନ୍ତର୍ଗତ । ଜୋରନ୍ଦାର ମହିମାଗାଦୀ ସହିତ ଏହା ସମ୍ପୃକ୍ତ ।

ଶୀର୍ଷାର ମେରୁଘାଟି ବା ମେରୁମଠ ଏହି ଧର୍ମର ଏକ ପୁଣ୍ୟପୀଠ ରୂପେ ପରିଚିତ ।

ଆଧ୍ୟାତ୍ମିକ ସେବାସମିତି :

ଏତଦ୍‌ବ୍ୟତୀତ ଶ୍ରୀ ଶ୍ରୀ ସତ୍ୟଶାସ୍ତ୍ରୀ, ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର,ଶ୍ରୀମା ଶ୍ରୀ ଅରବିନ୍ଦ, ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ, ଶ୍ରୀ ଶ୍ରୀ ରାମକୃଷ୍ଣ, ଶ୍ରୀ ଶ୍ରୀ ରୁହଅ ବାବା ଆଦି ମହାପୁରୁଷଙ୍କ ଆଦର୍ଶରେ ଗଠିତ ଆଧ୍ୟାତ୍ମିକ ସେବାସମିତି ଆଦି ଭାରତୀୟ ଐତିହ୍ୟ, ପରମ୍ପରା ଓ ଦିବ୍ୟ ଚେତନାର ବିକାଶ ଓ ବିକିରଣ କେନ୍ଦ୍ର ରୂପେ ଅଗ୍ରଗତି କରୁଛି ।

Digitized by srujanika@gmail.com

ସୂଚନା ଓ ସହାୟତା

୧-୨ । Orissa District Gazeeteers, Mayurbhanj Page 127-128

୩ । ସେଖ୍ ଓ୍ୱାଦ ଅଲ୍ଲୀ—ବାରିପଦା (ଓ୍ୱାର୍ଡ ନଂ-୧୭)ଙ୍କ ଠାରୁ ସଂଗୃହୀତ

୪-୫-୬ । Orissa District Gazeeteers, Mayurbhanj—Page 128-129

୭ । ବନସ୍ତୁ ନାଥ ବାନାର୍ଜୀ, ପିତା ୰ ସୁରେନ୍ଦ୍ର ନାଥ ବାନାର୍ଜୀ—(ବାରିପଦା)ଙ୍କ ଠାରୁ ସଂଗୃହୀତ

Digitized by srujanika@gmail.com

ଏକାଦଶ ଅଧ୍ୟାୟ

ଆମ ଆଦିବାସୀ ଓ ଆମ ଲୋକସଂସ୍କୃତି

ଆଦିବାସୀ ଓ ଆଦିବାସୀ ଭାଷା :

ମୟୂରଭଞ୍ଜ ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା । ଏଠାରେ ଓଡ଼ିଶାର ୬୨ ପ୍ରକାର ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରୁ ୫୩ ପ୍ରକାର ଆଦିବାସୀ ସଂପ୍ରଦାୟ ବାସ କରନ୍ତି । [୧୯୮୧ ଜନଗଣନା] । ମୟୂରଭଞ୍ଜରେ ବାସ କରୁଥିବା ସାନ୍ତାଳ, ହୋ'ହ୍ରୁ, ଭୂମିଜ, ବାଥୁଡ଼ି, ଭୂୟାଁ, ଗଣ୍ଡ ଇତ୍ୟାଦି ମୁଖ୍ୟ ସଂପ୍ରଦାୟ ଆଦିଙ୍କ ମଧ୍ୟରେ ଭାଷାଗତ ପାର୍ଥକ୍ୟ ଦେଖାଯାଏ । ଏମାନଙ୍କର ଭାଷାକୁ ସାଧାରଣତଃ ୩ଟି ପ୍ରଧାନ ଗୋଷ୍ଠୀରେ ବିଭକ୍ତ କରାଯାଇପାରେ ଯଥା— (୧) ଆର୍ଯ୍ୟଗୋଷ୍ଠୀ, (୨) ଦ୍ରାବିଡ଼ ଗୋଷ୍ଠୀ ଓ (୩) ମୁଣ୍ଡା ବା ଅଷ୍ଟ୍ରିକ ଗୋଷ୍ଠୀ ।

ଆର୍ଯ୍ୟଭାଷୀ ସଂପ୍ରଦାୟଗୁଡ଼ିକ ମଧ୍ୟରେ ବାଥୁଡ଼ି, ଭୂୟାଁ, ସାହନ୍ତି ଓ ଲୋଧା ସଂପ୍ରଦାୟ ଅନ୍ତର୍ଭୁକ୍ତ । ଏହି ଗୋଷ୍ଠୀଭୁକ୍ତ ଉପଜାତିମାନଙ୍କର ନିଜର ସ୍ୱତନ୍ତ୍ର ମାତୃଭାଷା ନାହିଁ । ତେଣୁ ସେମାନେ ସମସ୍ତେ ଓଡ଼ିଆ ଉପଭାଷା ବ୍ୟବହାର କରନ୍ତି ଏବଂ ଏହାକୁ ଉତ୍ତରାଞ୍ଚଳୀୟ ଉପଭାଷୀରୂପେ ନାମିତ କରାଯାଇଛି ।

ଏହି ଉପଜାତିମାନଙ୍କର ମୌଳିକ ଲିଖିତ ସାହିତ୍ୟର ନିଦର୍ଶନ ଦେଖିବାକୁ ମିଳିଲେ ମଧ୍ୟ ସେମାନଙ୍କ ମଧ୍ୟରେ ପରମ୍ପରାକ୍ରମେ ଚଳି ଆସୁଥିବା ମୌଖିକ ଲୋକଗୀତ ଓ ଲୋକକଥାରେ ସାହିତ୍ୟର ପ୍ରବହମାନ ସ୍ରୋତ ଦୃଷ୍ଟିଗୋଚର ହୁଏ ।

ସେହିପରି ଦ୍ରାବିଡ଼ ଭାଷାଗୋଷ୍ଠୀ ଅନ୍ତର୍ଗତ ଆଦିବାସୀ ସମ୍ପ୍ରଦାୟମାନଙ୍କ ମଧ୍ୟରେ କିସାନ୍, କୋୟା ଓ ଓରାଓଁ ପ୍ରଭୃତି ଏହି ଜିଲ୍ଲାରେ ସ୍ୱଳ୍ପ ସଂଖ୍ୟାରେ ଦୃଷ୍ଟି-ଗୋଚର ହୁଅନ୍ତି. ସେମାନଙ୍କର ଭାଷା ଓ ସାହିତ୍ୟର ପ୍ରଭାବ ବିଶେଷ ଅନୁଭବ କରାଯାଇ ପାରେନାହିଁ । ସାନ୍ତାଳ, ହୋହ୍ରୁ ଓ ମୁଣ୍ଡା ପ୍ରଭୃତି ଆଦିବାସୀ ସଂପ୍ରଦାୟ

Digitized by srujanika@gmail.com

ଅଷ୍ଟ୍ରିକ୍ ଭାଷା ପରିବାର ଅନ୍ତର୍ଗତ ପ୍ରମୁଖ ଆଦିବାସୀ ସଂପ୍ରଦାୟ ଅଛନ୍ତି । ଏହି ଗୋଷ୍ଠୀର ଆଦିବାସୀ ସଂପ୍ରଦାୟ ଗୁଡ଼ିକର ସ୍ୱତନ୍ତ୍ର ମାତୃଭାଷା ରହିଅଛି [୨] ।"

ଆଦିବାସୀ ଲିପି :

ଆଦିବାସୀମାନଙ୍କର ଭାଷା ସାଧାରଣତଃ ମୌଖିକ ଭାଷା । ମାତ୍ର ବିଂଶ ଶତାବ୍ଦୀର ତୃତୀୟ ଦଶକରେ ୪ଟି ଆଦିବାସୀ ଭାଷା ଲିପିଗୁଡ଼ିକ ହେବା ଫଳରେ ଆଦିବାସୀ ସାହିତ୍ୟ ବିକାଶର ପଥ ସୁଗମ ହୋଇଛି । ସେଗୁଡ଼ିକ ହେଲା—

(୧) ସାନ୍ତାଳି ଭାଷାର ଲିପି—'ଅଲଚିକି'
(୨) ସଉରା ଭାଷାର ଲିପି—ସୋରଙ୍ଗ ସେ ମ୍ପେଙ୍ଗ
(୩) ହୋ ଓ
(୪) କନ୍ଧ ଭାଷାର ଲିପି—'କୁଇଲିପି'

ଅଲଚିକି ଲିପି ଓ ପଣ୍ଡିତ ରଘୁନାଥ ମୁର୍ମୁ :

ମୟୂରଭଞ୍ଜର ରାଇରଙ୍ଗପୁର ନିକଟସ୍ଥ 'ଡାଣ୍ଡବୋସ' ଗ୍ରାମର ଅଧିବାସୀ ଓ ପ୍ରାଥମିକ ଶିକ୍ଷକ ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ ମସିହାରେ ସାନ୍ତାଳି ଭାଷାର 'ଅଲଚିକି' ଲିପି ଉଦ୍ଭାବନ କରି ସେ ସାନ୍ତାଳିଭାଷା ସାହିତ୍ୟକୁ ନବଜୀବନ ଦାନ କରିଛନ୍ତି । 'ଅଲଚିକି' ଧ୍ୱନି ବିଜ୍ଞାନ ଦୃଷ୍ଟିରୁ ମଧ୍ୟ ସମସ୍ତ ଅଷ୍ଟ୍ରିକ ଭାଷାଗୁଡ଼ିକ ପାଇଁ ଉପଯୁକ୍ତ ଲିପି । ଏହା ଇଂରାଜୀ ପରି ମାତ୍ର ଚଉରିଶ ଅକ୍ଷରକୁ ବଢ଼େଇ ନାହିଁ । ଏହା ମଧ୍ୟ ଆଦିବାସୀ ଭାଷାର ଧ୍ୱନିଗତ ବୈଶିଷ୍ଟ୍ୟ ରକ୍ଷା କରିଥାଏ । ଏଣୁ ଏହା ଏକ ବିଜ୍ଞାନ ସମ୍ମତ ଲିପି ।

ପଣ୍ଡିତ ମୁର୍ମୁଙ୍କ ସୃଷ୍ଟି ସଂପଦ :

ପଣ୍ଡିତ ମୁର୍ମୁ ସେହି ଲିପିରେ ନାଟକ, ଶିଶୁ ସାହିତ୍ୟ, କବିତା, ଗଣିତ, ବ୍ୟାକରଣ ଆଦିର ପୁସ୍ତକ ରଚନା କରି ଆଦିବାସୀ ମୁଖ୍ୟତଃ ସାନ୍ତାଳୀ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ଓଡ଼ିଆରେ ମଧୁବର୍ଣ୍ଣବୋଧ ଭଳି ପଣ୍ଡିତ ମୁର୍ମୁଙ୍କ 'ଅଲଚେମେଦ୍' ପୁସ୍ତକଟି ଏକାନ୍ତ ଉପାଦେୟ । ଏହା ବ୍ୟତୀତ 'ପାର୍ସିପହା' ଶିଶୁ ସାହିତ୍ୟ ପୁସ୍ତକଟି ତାଙ୍କର ଅନବଦ୍ୟ ସୃଷ୍ଟି ।

ଆଦିବାସୀ ନୃତ୍ୟ ସଂଗୀତଭିତ୍ତିକ "ବିଜୁବୃନ୍ଦାନ", 'ଦାଲେଗେଧନ', ଓ 'ଖେରୱାଲ ବୀର' ସାନ୍ତାଳୀ ନାଟକ ଯଦି ସାନ୍ତାଳୀ ନାଟ୍ୟ ସାହିତ୍ୟର ଶିଖର କହିଲେ ଅତ୍ୟୁକ୍ତି ହେବନାହିଁ । ଏତଦ୍‌ବ୍ୟତୀତ ସାନ୍ତାଳୀ ସୃଷ୍ଟିତତ୍ତ୍ୱ ଓ ସାଂସ୍କୃତିକ ଜାଗରଣ ସମ୍ବଳିତ 'ହିତାଲ୍' ଓ 'ଲକଚାର୍ ସେରେଞ୍ଜ', ପଣ୍ଡିତ ମୁର୍ମୁଙ୍କର ଅନୁପମ

Digitized by srujanika@gmail.com

ସୃଷ୍ଟି । ତାଙ୍କ ରଚିତ 'ବାଖେଣ' ପୁସ୍ତକରେ ଆଦିବାସୀ ଧର୍ମ ଜୀବନର ଚିତ୍ର ସୁସ୍ପଷ୍ଟ । ଏହା ମନ୍ତ୍ର ଓ ସାନ୍ତାଳୀ ଆବାହନ ଶ୍ଳୋକରେ ଭରପୂର । ଏହାଛଡ଼ା ସେ 'ରନଲ' ନାମକ ସାନ୍ତାଳୀ ବ୍ୟାକରଣ ଓ 'ଏଲଖା ପତନ' ନାମକ ଗଣିତ ପୁସ୍ତକ ରଚନାକରି ସୁନାମ ଅର୍ଜନ କରିଛନ୍ତି ।

ଅଲଚିକିର ପ୍ରୟୋଗ ଓ ପ୍ରସାର :

୧୯୩୯ ମସିହାରେ ବାରିପଦାଠାରେ ଅନୁଷ୍ଠିତ ପ୍ରଦର୍ଶନୀରେ ପଣ୍ଡିତ ମୁର୍ମୁ ତାଙ୍କ ଦ୍ୱାରା ନିର୍ମିତ 'ଅଲ୍‌ଚିକି' ହ୍ୟାଣ୍ଡ ପ୍ରେସ୍‌ଟି ପ୍ରଦର୍ଶନ କରିଥିଲେ । ତତ୍କାଳୀନ ମୟୂରଭଞ୍ଜ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ପଣ୍ଡିତ ମୁର୍ମୁଙ୍କ ଅଲଚିକି ପ୍ରେସ୍ ଓ ଛପା ଅକ୍ଷର ଦେଖି ମୁଗ୍ଧ ହୋଇଥିଲେ ଏବଂ ଏହାର ପ୍ରଚଳନ ପାଇଁ ପ୍ରୋତ୍ସାହନ ପ୍ରଦାନ କରିଥିଲେ । ପଣ୍ଡିତ ମୁର୍ମୁଙ୍କର ସ୍ୱପ୍ନ ଆଜି ସଫଳ ହୋଇଛି । ସାନ୍ତାଳୀଭାଷା ସାହିତ୍ୟ ଓ ଲିପି ଆଜି ପଶ୍ଚିମବଙ୍ଗ, ବିହାର ଓ ଆସାମରେ ଆଦୃତ ହେବାରେ ଲାଗିଛି । ୧୯୭୯ ଖ୍ରୀ. ଅ:ରେ ପଶ୍ଚିମବଙ୍ଗ ସରକାର 'ଅଲଚିକି'କୁ ସ୍ୱୀକୃତି ଦେଇ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପ୍ରଚଳନ କରିଛନ୍ତି । ବିହାରର ରାଞ୍ଚି ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ବିଭାଗ ଖୋଲାଯାଇ ଏହା ସ୍ନାତକୋତ୍ତର ଶ୍ରେଣୀରେ ଶିକ୍ଷାଦାନ କରାଯାଉଛି । ବିଭିନ୍ନ ସ୍ଥାନରେ 'ଅଲଚିକି' ପ୍ରେସ୍‌ମାନ ସ୍ଥାପନ କରାଯାଇ ପୁସ୍ତକ ଓ ପତ୍ରପତ୍ରିକା ଛପା ହେଉଛି [୮] ।"

ମୟୂରଭଞ୍ଜ ଜିଲ୍ଲାରେ Adibasi Socio. Educational and Cultural Association' ଉଦ୍ୟମରେ ଅଣ-ଅନୁଷ୍ଠାନିକ ସ୍ତରରେ ତଥା ଅଲଚିକି ମାଧ୍ୟମରେ ସାକ୍ଷରତା ଅଭିଯାନ ଚାଲୁରହିଛି, ଫଳରେ ଆଦିବାସୀ ଭାଷା ଅଧ୍ୟୟନ ନିମିତ୍ତ ଏକ ନୂତନ ସୁଯୋଗ ସୃଷ୍ଟି କରାଯାଇ ପାରିଛି ।"

ଅମର ପ୍ରତିଭା ପଣ୍ଡିତ ମୁର୍ମୁ :

ପଣ୍ଡିତ ମୁର୍ମୁଙ୍କୁ ମୟୂରଭଞ୍ଜର ଆଦିବାସୀ ମହାସଭା ତାଙ୍କୁ 'ଗୁରୁ ଗମ୍‌କେ' ଉପାଧି ଓ ରାଞ୍ଚିର 'ଧୁମକୁଡ଼ିଆ' ଅନୁଷ୍ଠାନ ୧୯୬୮ରେ ଡ଼, ଲିଟ୍, ଉପାଧିରେ ଭୂଷିତ କରିଥିଲେ । ସେ '୧୯୭୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରାପ୍ତ ହୋଇଥିଲେ । ୧୯୭୯ ମସିହାରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ଜ୍ୟୋତି ବସୁ ତାମ୍ରଫଳକ, ଯଷ୍ଟି ଓ ସାଲ ପ୍ରଦାନ କରି ସମ୍ମାନିତ କରିଥିଲେ । ୧୯୮୧ ମସିହା ଅକ୍ଟୋବର ୨ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପଣ୍ଡିତ ମୁର୍ମୁଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ରାଇରଙ୍ଗପୁରରେ ଉନ୍ମୋଚନ କରିଥିଲେ । ପଣ୍ଡିତ ମୁର୍ମୁ ଆମ ଜାତି, ଆମ ଭାଷା ଓ ସାହିତ୍ୟ ପାଇଁ ଯେଉଁ ଜନଜାଗରଣ ଆଣି ଦେଇଯାଇଛନ୍ତି

Digitized by srujanika@gmail.com

ତାହାର ସୃଷ୍ଟିର ଜ୍ୟୋତିରେ ଏ ଦେଶ, ଏଜାତି, ଏ ସଂସ୍କୃତିକୁ ଚିର ଜାଜ୍ୱଲ୍ୟମାନ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ । ପୁନଶ୍ଚ ଯେଉଁ ପ୍ରତିଭା ପୁଷ୍ପ ମୟୂରଭଞ୍ଜ ସାରସ୍ୱତ ଉଦ୍ୟାନରେ ୧୯୦୫ ମେ ୫ ତାରିଖରେ ବିକଶିତ ହୋଇଥିଲା ତାହା ୧୯୮୨ ମସିହା ଫେବୃୟାରୀ ୧ ତାରିଖରେ ଝରିପଡ଼ିଲା । ମାତ୍ର ତାର ମହମହ ଅମର ସୁରଭି ଯୁଗେ ଯୁଗେ ଏ ସାରସ୍ୱତ ଉଦ୍ୟାନକୁ ଆମୋଦିତ କରିବ— ଏହା ଅନସ୍ୱୀକାର୍ଯ୍ୟ ।

ମୟୂରଭଞ୍ଜର କେତୋଟି ସଂଖ୍ୟାଗରିଷ୍ଠ ଆଦିବାସୀ ସଂପ୍ରଦାୟ ଓ ସେମାନଙ୍କ ବାସସ୍ଥାନ

କ୍ରମିକ ନମ୍ବର	ଆଦିବାସୀ ସଂପ୍ରଦାୟର ନାମ	ବାସସ୍ଥାନ (ବ୍ଲକ୍)ର ନାମ
		(5% or more of Block Populat on)
୧	ସାନ୍ତାଳ	ବିଜାତଲା
୨	କୋହ୍ଲ	ଯଶିପୁର
୩	ଭୂୟାଁ/ବାଥୁଡ଼ି	କରଞ୍ଜିଆ
୪	ଭୂମିଜ	ଶାମାଖୁଣ୍ଟା
୫	ଗଣ୍ଡ	ଖୁଣ୍ଟ
୬	ମୁଣ୍ଡା	ରାଇରଙ୍ଗପୁର
୭	ଖଡ଼ିଆ/ଲୋଧା	ସୁଳିଆପଦା/ମୋରଡ଼ା

(A critical Estimate of the develo; ment of Tribal Education in the district of Mayurbhanj after independence)

ଆମ ଲୋକ ସଂସ୍କୃତି

ଆଦିବାସୀ ଧ୍ୟାନ ଧାରଣା, ଯାନଯାତ୍ରା ଓ ପର୍ବପର୍ବାଣି :

ମଣିଷ ପ୍ରକୃତିର କୋଳରେ ଜନ୍ମନିଏ, ପାଳିତ ହୁଏ ଏବଂ ଶେଷରେ ତାହାରି କୋଳରେ ଚିର ନିଦ୍ରାଯାଏ । ପ୍ରକୃତିର କୋଳରେ ଆତଯାତ ହୋଇ ତାହାର ନାନା ରୂପ ଦେଖେ । କେତେବେଳେ ପ୍ରକୃତିର ଶାନ୍ତ କାନ୍ତ ରୂପ ତ ଅନ୍ୟ କେତେବେଳେ ତା'ର ଭୟଙ୍କର ରୂପ ଦେଖେ । ପ୍ରକୃତିର ଅଲୌକିକ ଶକ୍ତିରେ ସେ ମୁଗ୍ଧ, ଚକିତ ହୁଏ ତାର ଜ୍ଞାନ ହଜିଯାଏ । ସେ ଏକ ଅଦୃଶ୍ୟ ଶକ୍ତିର କଳ୍ପନା କରେ । ଜନ୍ମ ଓ ଯୌବନ, ଜରା ଓ ମୃତ ଭଲ ସେ ସୁନ୍ଦର ଓ ଅସୁନ୍ଦର ଅଦୃଶ୍ୟ ଶକ୍ତିର

Digitized by srujanika@gmail.com

କଳ୍ପନା କରେ । ସୁନ୍ଦର ଅଦୃଶ୍ୟ ଶକ୍ତିକୁ ଶୁଭଙ୍କର ମନେକରେ ତାକୁ ଦେବତା ଜ୍ଞାନରେ ପୂଜାଆରାଧନା କରି ତା'ର ଆଶିଷ କାମନା କରେ । ପୁନଶ୍ଚ ଅସୁନ୍ଦର ଅଦୃଶ୍ୟ ଶକ୍ତିକୁ ସେ ଅପଦେବତା ମନେକରେ । ରୋଗ ବୈରାଗ୍ୟ, ପ୍ରାକୃତିକ ବିପର୍ଯ୍ୟୟ, ଘୋର ମଡ଼କ, ଦୁଃଖ ଦୈନ୍ୟ ସବୁର କାରଣ ହେଉଛି ଏହି ଅପଦେବତା । ତେଣୁ ସେମାନଙ୍କ ସନ୍ତୋଷ ବିଧାନ ପାଇଁ ବଳି ସହ ବିଭିନ୍ନ ପୂଜାର୍ଚ୍ଚନାର ବ୍ୟବସ୍ଥା କରେ ।

ଅଦୃଶ୍ୟ ଶକ୍ତି—ଦେବତା ଓ ଅପଦେବତାଙ୍କୁ କେନ୍ଦ୍ରକରି ମଣିଷ ସମାଜରେ ରୂପ ନିଏ ବିଭିନ୍ନ ଧର୍ମ ବିଶ୍ୱାସ ଓ ବିଭିନ୍ନ ଦେବଦେବୀ । ଅଣ ଆଦିବାସୀମାନଙ୍କ ପରି ଆଦିବାସୀମାନେ ବହୁ ଦେବଦେବୀରେ ବିଶ୍ୱାସ କରନ୍ତି ।

ସେମାନଙ୍କ ମତରେ ଧରମ ଦେବତା ବା ସୂର୍ଯ୍ୟଦେବତା ହେଉଛନ୍ତି ସର୍ବ-ଶକ୍ତିମାନ । ସେ ସୃଷ୍ଟିକର୍ତ୍ତା ପରମେଶ୍ୱର, ସେ ହେଉଛନ୍ତି ପରମ ପିତା । ଧରଣୀ ହେଉଛନ୍ତି ଜଗତ ଜନନୀ । ସେ ପାଳନକର୍ତ୍ତ୍ରୀ । ଧରଣୀ ସ୍ତ୍ରୀ ଓ ସୂର୍ଯ୍ୟ ପୁରୁଷ, ଅନ୍ୟ ସମସ୍ତେ ତାଙ୍କର ସନ୍ତାନ ।

ସର୍ବଶକ୍ତିମାନ ଧରମ ଦେବତା ସୂର୍ଯ୍ୟଙ୍କୁ ବିଭିନ୍ନ ସମ୍ପ୍ରଦାୟ ଭିନ୍ନ ଭିନ୍ନ ନାମରେ ପୂଜା କରିଥାଏ । ସାନ୍ତାଳମାନେ ଠାକୁର ଜୀଉ, ଖାଡ଼ିଆ ଓ ଓରାଁମାନେ ଭଗବାନ ହୋ, ମୁଣ୍ଡା ଓ ପୁନଶ୍ଚ ସାନ୍ତାଳମାନେ ସିଙ୍ଗ ବୋଙ୍ଗା ନାମରେ ତାଙ୍କ ପୂଜାର୍ଚ୍ଚନା କରନ୍ତି । କୋହ୍ଲମାନେ 'ମାରାଂବୁରୁ' ରୂପେ ତାଙ୍କୁ ଆରାଧନା କରନ୍ତି ।

ଆଦିବାସୀମାନେ ସୂର୍ଯ୍ୟ ଦେବତାଙ୍କୁ ବିଭିନ୍ନ ନାମରେ ପୂଜାକଲା ଭଳି "ଧରଣୀମାତାଙ୍କୁ ଧରଣୀମାଁ, ବସୁମାତା, ଭୂମିଦେବତା, ବାସୁଲି ଠାକୁରାଣୀ, ବାସୁଲୀମାତା ଆଦି ଭିନ୍ନ ଭିନ୍ନ ନାମରେ ପୂଜାର୍ଚ୍ଚନା କରନ୍ତି । ଆଦିବାସୀମାନେ ସେମାନଙ୍କ ପୂଜାପର୍ବାଣି ଯାନିଯାତ୍ରାରେ ମୁଖ୍ୟତଃ ଉପରୋକ୍ତ ଦୁଇ ଆଦିଶକ୍ତିର ପୂଜା କରିଥାନ୍ତି ।" [୩]

ସେମାନଙ୍କ ବିଶ୍ୱାସରେ ସୂର୍ଯ୍ୟଦେବତାଙ୍କର ବନଦେବତା, ପାହାଡ଼ଦେବତା, ଜଳଦେବତା, ଠାକୁରାଣୀ ଆଦି ବିଭିନ୍ନ ଅନୁଚର ବିଭିନ୍ନ କର୍ମ ଦାୟିତ୍ୱରେ ଥାଆନ୍ତି । ତା'ଛଡ଼ା ଆଦିବାସୀମାନେ ଡାହାଣୀ ଚିରକୁଣୀ ଆଦି ଉପରେ ବିଶ୍ୱାସ କରନ୍ତି । ଅନ୍ୟାନ୍ୟ ଆଦିବାସୀଙ୍କଭଳି କୋଧମାନେ 'ଭଗବାନ' ଶୀତଳା, ଚଣ୍ଡି, ମନସା, ମଙ୍ଗଳା ଆଦି ପୂଜା କରିବା ସଙ୍ଗେ ସଙ୍ଗେ ଭୂତ ପ୍ରେତ, ଡାହାଣୀ ଚିରକୁଣୀ, ବରାମ ଆଦିଙ୍କ କବଳରୁ ରକ୍ଷା ପାଇବା ପାଇଁ ବଳି, ଗୁଣିଗାରେଡ଼ି ଓ ମନ୍ତ୍ର ଶକ୍ତି ଉପରେ ବିଶ୍ୱାସ କରନ୍ତି । ଲୁହାଁ, ବାଅଁଡ଼ି, ଭୂମିଜ ଆଦି ହିନ୍ଦୁ ଦେବଦେବୀଙ୍କ ଉପରେ ବିଶ୍ୱାସ ସ୍ଥାପନ କରି କାଳୀ, କଟକେଶ୍ୱରୀ ତଥା ଅନ୍ୟାନ୍ୟ ହିନ୍ଦୁ ଦେବାଦେବୀ ପୂଜା କରନ୍ତି ।

Digitized by srujanika@gmail.com

ଆଦିବାସୀମାନେ ଧରମ ଦେବତା ବା ସୂର୍ଯ୍ୟଙ୍କୁ ପରମେଶ୍ୱର ଓ ଧରଣୀମାତା ତଥା ପାର୍ଶ୍ୱଚର ଦେବଦେବୀଙ୍କ ସହିତ ପିତୃପୁରୁଷ ପୂଜା ଉପରେ ବିଶେଷ ଗୁରୁତ୍ୱ ଦେଇ ଥାଆନ୍ତି । ଏଥିରୁ ଆତ୍ମାର ଅମରତ୍ୱ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିବାର ଜଣାଯାଏ । ଦାମୋଦର ଯାତ୍ରା ବା ଗଙ୍ଗାରେ ଅସ୍ଥି ବିସର୍ଜନକୁ ଏକ ପବିତ୍ର କର୍ମରୂପେ ଗ୍ରହଣ କରିଥାନ୍ତି ।

ସେମାନଙ୍କର ଧ୍ୟାନ ଧାରଣା ଓ ଜୀବନ ପ୍ରବାହ ଉପରେ ସେମାନଙ୍କର ପର୍ବପାର୍ବଣ ଗଢ଼ିଉଠେ । କୃଷି, ସାମାଜିକ ଓ ଧର୍ମ ଜୀବନକୁ ନେଇ ବର୍ଷସାରା ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ । ଏଗୁଡ଼ିକ ମଧ୍ୟରୁ କେତେକ ଗୋଷ୍ଠୀଗତ ଓ ଅନ୍ୟ କେତେକ ବ୍ୟକ୍ତିଗତ, ମାତ୍ର ପ୍ରାୟ ସମସ୍ତ ପର୍ବପର୍ବାଣିର ପ୍ରାଣକେନ୍ଦ୍ର ହେଉଛି— ନାଚଗୀତ, ବାଦ୍ୟ, ତା ସାଙ୍ଗକୁ ହାଣ୍ଡିଆ ଓ ମହୁଲ ମଦର ସମାବେଶ ।

ମୟୂରଭଞ୍ଜର କେତୋଟି ଆଦିବାସୀ ପର୍ବପର୍ବାଣି :

ମୟୂରଭଞ୍ଜର କେତୋଟି ପର୍ବପର୍ବାଣିର ଏକ ସଂକ୍ଷିପ୍ତ ଚିତ୍ର ଏଠାରେ ପ୍ରଦାନ କରାଗଲା ।

ଧାନବୁଣା ପର୍ବ (ଏରମିସ୍) :

ଏହି ପର୍ବ ସାଧାରଣତଃ ସାନ୍ତାଳ, ମାହାଲି, ଭୂମିଜ, ଲୋଧା ଆଦି ପାଳନ କରିଥାନ୍ତି । ଅକ୍ଷୟ ତୃତୀୟା ତିଥିରେ ମାଟି ମାଆକୁ ଧୂପଦୀପ ନୈବେଦ୍ୟ ଓ ବଳି ଦେଇ ଧାନ ବୁଣା ଆରମ୍ଭ ହୁଏ । ଏହି ସମୟରେ ଦେହୁରୀ ପୂଜା ହୁଏ । ଅରୁଆ ଚାଉଳ ଫୁଲ ସିନ୍ଦୂର ସହିତ କଳା କୁକୁଡ଼ା ବଳି ପଡାଯାଏ । ଭଲ ବର୍ଷା, ଭଲ ଫସଲ ନୀରୋଗ ଜୀବନ ଓ ଶାନ୍ତି ସମୃଦ୍ଧି ଉଦ୍ଦେଶ୍ୟରେ ପ୍ରାର୍ଥନା କରେ । ପ୍ରସାଦ ସେବନ, ନାଚ ଗୀତ, ବାଦ୍ୟରେ ପର୍ବ ଅତ୍ୟନ୍ତ ଉପଭୋଗ୍ୟ ହୁଏ ।

ନବାଙ୍କୁର କ୍ଷେତପୂଜା ପର୍ବ (ହରିଅଲସିମ) :

ଧାନବୁଣା ପର୍ବଭଳି ଏହା ଏକ କୃଷିଭିତ୍ତିକ ପର୍ବ । ବିହନ ବୁଣାଯିବାର କିଛି ଦିନ ପରେ ଏହା ପାଳିତ ହୋଇଥାଏ । କ୍ଷେତ ସବୁଜ ଅଙ୍କୁରରେ ପୂରିଯାଇ-ଥିବାର ଦେଖି ଚାଷୀର ମନରେ ଆନନ୍ଦର ସୀମା ରହେ ନାହିଁ । ଭବିଷ୍ୟତର ସୁନା ଫସଲର ସ୍ୱପ୍ନରେ ସେ ସବୁ ବିହ୍ୱଳ ହୋଇଉଠେ । ସେ ଧରଣୀମାଙ୍କୁ ଅନ୍ତଃସ୍ଥ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏ ପର୍ବ ପାଳନ କରେ ।

Digitized by srujanika@gmail.com

ବଳୀ, ଅରୁଆ ଚାଉଳ, ପୁଷ୍ପ, ସିନ୍ଦୂର ଦେଇ ଆବାହନୀ ସଙ୍ଗୀତ ଗାନ କରାଯାଏ । ମାତ୍ର ଏ ପର୍ବରେ ନାରୀମାନଙ୍କୁ ଅଂଶ ଗ୍ରହଣର ସୁବିଧା ମିଳେ ନାହିଁ । ନାଚ, ଗୀତ ଓ ବାଦ୍ୟ ଏ ପର୍ବକୁ ଅତ୍ୟନ୍ତ ସରଳ ଓ ଉପଭୋଗ୍ୟ କରିଥାଏ ।

ଜାନ୍ତାଳ ପର୍ବ (ଜାନ୍ତାଳ ବୋଙ୍ଗା) :

ଯେତେବେଳେ ଧାନଗଛ ଥାଣ୍ଡ ପକାଏ ସେତେବେଳେ ଏହି ପର୍ବ ପାଳିତ ହୁଏ । ବିଶେଷକରି ଯେଉଁ ବର୍ଷ ଅନାବୃଷ୍ଟି ହେତୁ ଫସଲ ହାନି ଘଟେ । ସେ ବର୍ଷ ଏହି ପର୍ବ ପାଳିତ ହୁଏ । ଏହି ପର୍ବରେ ପାହାଡ଼ ଦେବତାଙ୍କୁ ବୋଦା ବଳିଦେଇ ତାଙ୍କୁ ସନ୍ତୁଷ୍ଟ କରାଯାଏ । ବଳି ପୂଜା ପରେ ଏହି ମାଂସ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟାଯାଏ ।

ଏହି ପର୍ବ କେତେକ ଜାଗାରେ ଆଷାଢ଼ୀପର୍ବ ନାମରେ ନାମିତ ହୋଇଥାଏ । ଭୂୟାଁମାନେ ଏହାକୁ ବିହୁଡ଼ା ବା ଆଷାଢ଼ୀ ପୂଜାବୋଲି କହିଥାଆନ୍ତି । ଏହି ପର୍ବରେ ଆଦିବାସୀମାନେ ବର୍ଷା ଆବାହନ କରନ୍ତି । ଆଉ କେତେକ ଭଲ ବର୍ଷା ସହିତ ଭଲ ଫସଲ ପାଇଁ ଦେଅଁଙ୍କୁ ପ୍ରାର୍ଥନା କରନ୍ତି । ଅରଣ୍ୟାଞ୍ଚଳରେ ଲୋଧମାନେ ଭଲ ଟସର ଖୋସା ଉତ୍ପାଦନ ପାଇଁ ଇଷ୍ଟଦେବଙ୍କୁ ପୂଜା କରନ୍ତି । ଆଷାଢ଼ୀ ଦେବତା, ସମୟୋପଯୋଗୀ ଭଲ ବର୍ଷା ଓ ଭଲ ଫସଲ ଦିଅନ୍ତି ବୋଲି ଆଦିବାସୀମାନଙ୍କର ବିଶ୍ୱାସ ।

କରମ ପର୍ବ :

ଏହି ପର୍ବ ଆଶ୍ୱିନ ବା କାର୍ତ୍ତିକ ମାସରେ ପାଳିତ ହୁଏ । ଦେହୁରୀ ଦ୍ୱାରା ପୂଜାଦିନ ସ୍ଥିର ହୁଏ । କରମ ଡାଳଟିଏ ଆଣି ଗାଁ ମଝି-ବେଦୀରେ ପୋତାଯାଏ । ଗାଁର ଝିଅମାନେ ଗୁଡ଼, ଅରୁଆ ଚାଉଳ, ଫୁଲ, ସିନ୍ଦୂର ଆଦି ଦିଅନ୍ତି । ତାପରେ 'କରମ ଧରମ' ବା ଭାଗ୍ୟଦେବର କାହାଣୀ ବୋଲାଯାଏ । ରାତିଯାକ ନାଚ, ଗୀତ, ବାଦ୍ୟରେ ଉଚ୍ଛୁଳେ, ପ୍ରଭାତରେ କରମ ଡାଳ ବିସର୍ଜନ କରାଯାଏ । କର୍ମ ବା ଭାଗ୍ୟ ଦେବତାଙ୍କ ଆଶୀର୍ବାଦରେ ଜୀବନରେ ଧନଧାନ୍ୟ ଶୋଭାଲକ୍ଷ୍ମୀ ପାଇବା ଉଦ୍ଦେଶ୍ୟରେ ଏହି ପର୍ବ ପାଳିତ ହୋଇଥାଏ ।

ନୂଆଖିଆ ପର୍ବ :

ଧାନ ପାଚିଲେ, ଅମ୍ବ ଫଳିଲେ, କୌଣସି ମୂଳ ଖାଦ୍ୟ ଉପଯୋଗୀ ହେଲେ ପ୍ରଥମେ ଇଷ୍ଟଦେବଦେବୀଙ୍କୁ ଅର୍ପଣ କରି ପରେ ସେମାନେ ବ୍ୟବହାର କରନ୍ତି । ବର୍ଷର ବିଭିନ୍ନ ସମୟ ଫଳମୂଳ ପାଇଁ ନୂଆପର୍ବ ପାଳିତ ହୁଏ । ଏହା ଉତ୍ସାହ ସହିତ ପାଳିତ ହୁଏ । ଘରଦ୍ୱାର ଲିପାପୋଛା ଓ ପରିଷ୍କାର କରାଯାଏ । ନୂଆ ହାଣ୍ଡିର ବ୍ୟବସ୍ଥା

Digitized by srujanika@gmail.com

ହୁଏ । ସେ ଦିନ ନୂଆ ହାଣ୍ଡିରେ ଖାଦ୍ୟ ରନ୍ଧାଯାଏ । ରନ୍ଧା ଜିନିଷକୁ ଭୋଗରୂପେ ପିତୃଦେବଙ୍କୁ ଅର୍ପଣ କରାଯାଏ । ସେଦିନ ସମସ୍ତେ ପେଟପୂରା ଖାଇ ମଦପିଇ ସ୍ଫୂର୍ତ୍ତି-କରନ୍ତି ।

ଦଶହରା (ଦୁର୍ଗାପୂଜା) :

ହିନ୍ଦୁମାନଙ୍କ ଭଳି ଆଦିବାସୀମାନେ ବଡ଼ ଯାକଜମକରେ ଦଶହରା ବା ଦୁର୍ଗାପୂଜା ପାଳନ କରନ୍ତି । ଶୁକ୍ଳିଆପଦା ଓ ମୋରଡ଼ା ବ୍ଲକର ଲୋଧାମାନେ ବଳି ନ ପକାଇ ଶୀତଳା ପୂଜା ଭଳି ପୂଜା କରି ଥାଆନ୍ତି । ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଆରମ୍ଭ ହୋଇ ପ୍ରାୟ ଦଶଦିନ ବ୍ୟାପି ଏ ପର୍ବ ପାଳିତ ହୁଏ । ସାନ୍ତାଳମାନେ ଦୁର୍ଗାପୂଜା ଅବସରରେ ଦାଶାଇନାଚ ପ୍ରଦର୍ଶନ କରନ୍ତି । ମଥାରେ ପଗଡ଼ି ଓ ନାନା ଜାତିର ପର, ପତ୍ର ଫୁଲ ଆଦିରେ ମଣ୍ଡିତ ହୋଇ ବେଶ୍ ଚମତ୍କାର ଭାବରେ ନାଚନ୍ତି ।

ମକର ପର୍ବ :

ମକର ପର୍ବ ମୟୂରଭଞ୍ଜର ଏକ ପ୍ରଧାନ ପର୍ବ । ଏହା ଆଦିବାସୀ ଓ ଅଣଆଦିବାସୀ ଉଭୟ ସମ୍ପ୍ରଦାୟ ପାଳନ କରନ୍ତି । ପୌଷ ମାସରେ ଏହି ପର୍ବ ପାଳିତ ହୁଏ । ଧାନକଟା ଅଧାଅଧି ସରିଯାଇଥାଏ । ମନରେ ଅନ୍ୟକିଛି ଚିନ୍ତା ନଥାଏ । ଜାତି ବର୍ଣ୍ଣ ନିର୍ବିଶେଷରେ ଆବାଳ ବୃଦ୍ଧ ବନିତା ଏ ପର୍ବରେ ମାତି ଯାଆନ୍ତି ।

ଏହି ପର୍ବ ତିନିଦିନ ଧରି ପାଳିତ ହୁଏ । ମକର ସଂକ୍ରାନ୍ତିର ଦୁଇଦିନ ପୂର୍ବରୁ ଏ ପର୍ବ ପାଳନ ଆରମ୍ଭ ହୋଇଯାଏ । ପ୍ରଥମ ଦିନକୁ 'ଚାଉଳଧୂଆ' ପର୍ବ, ଦ୍ୱିତୀୟଦିନ 'ବାଉଁଣ୍ଡି' ଓ ଶେଷଦିନ ମକର ସଂକ୍ରାନ୍ତି କହନ୍ତି । ମକର ଦିନ କାଲି ଅନ୍ଧାରରୁ ଉଠି ଆବାଳ ବୃଦ୍ଧ ବନିତା ଦଳଦଳ ହୋଇ ଗାଧୋଇବାକୁ ଯାଆନ୍ତି । ପିଲାମାନେ ଜଳାଶୟ ନିକଟରେ ନିଆଁ ଜାଳନ୍ତି । ଏହାକୁ 'ବୁମ୍ବା' ବୋଲି କହନ୍ତି ।

ଏହିଦିନ ସମସ୍ତେ ନୂଆଲୁଗା ପିନ୍ଧନ୍ତି । ଘରେ ଘରେ ମକର ଚାଉଳ ଓ ସୁସ୍ୱାଦୁ ପିଠାପଣା ହୁଏ । ଦିଅଁପୂଜା ହୁଏ । ମାଂସ, ପିଠା ତା ସାଙ୍ଗକୁ ହାଣ୍ଡିଆ ପିଇ ଓ ନୃତ୍ୟଗୀତ ବାଦ୍ୟରେ ଏ ପର୍ବ ଅତ୍ୟନ୍ତ ଉପଭୋଗ୍ୟ ହୁଏ । ସ୍ଥାନେ ସ୍ଥାନେ ମକର ମେଳା ବସେ । କପ୍ତିପଦା ସବଡ଼ିଭିଜନର ଶମିବୃକ୍ଷଠାରେ ବାମନଘାଟୀ ସବ୍‌ଡ଼ିଭିଜନର ରଣୀବନ୍ଧ, ପଞ୍ଚପୀଢ଼ ସବ-ଡ଼ିଭିଜନର କେଶନାକୁଣ୍ଡ ଯଶିପୁରର ରାମତୀର୍ଥ ଓ ଖିଚିଂର ନିକଟବର୍ତ୍ତୀ ଦୋମୁହାଁଣୀଠାରେ ମକର ମେଳା ବସେ । ଏହି ମେଳାଗୁଡ଼ିକରେ ବହୁ ଜନସମାଗମ ହୁଏ ।

ମକର ପର୍ବ ଅବକାଶରେ ଏକ ବିଶେଷ ଧରଣର ମାଙ୍କଡ଼ ନାଚ ହୁଏ । ତାହାକୁ 'ଗାଲିଏଟନଜ' କହନ୍ତି । ଅଦିବାସୀ ଲୋକମାନେ ନିଜକୁ ବହୁ ରୂପରେ

Digitized by srujanika@gmail.com

ସକାଳ ପରେ ଘରେ ଘରେ ପିଠା ଧାନ ଚାଉଳ ଆଦି ମାଗନ୍ତି । ଏହା ବଡ଼ ଉପଭୋଗ୍ୟ ହୁଏ ।

'ଟୁସୁଭସାଣି' ମକର ପର୍ବର ଅନ୍ୟ ଏକ ବିଶେଷ ଆକର୍ଷଣ ମକରପର୍ବ ସହିତ ମୟୂରଭଞ୍ଜର ମହାନ୍ତ ସମ୍ପ୍ରଦାୟର ଏହା ଏକ ଅନ୍ୟତମ ଲୋକ ସଂସ୍କୃତି । ଏହି ଜାତିର ଅବିବାହିତା ଝିଅମାନେ ଟୁସୁଦେବୀଙ୍କ ପୂଜାକରି ତାଙ୍କ ମୂର୍ତ୍ତି ଜଳରେ ବିସର୍ଜନ କରନ୍ତି । ମୂର୍ତ୍ତି ବିସର୍ଜନ ପାଇଁ ଯିବାବେଳେ ଦଳ ଦଳ ହୋଇ 'ଟୁସୁଗୀତ' ଗାଇ ଗାଇ ମେଳାରେ ଉପସ୍ଥିତ ହୁଅନ୍ତି । ପବିତ୍ର ଜଳାଶୟରେ ଟୁସୁ ମୂର୍ତ୍ତି ବିସର୍ଜନ କରାଯାଏ । ଏହି ଅବସରରେ ସେମାନଙ୍କ ମଧ୍ୟରେ ଟୁସୁଗୀତ' ପ୍ରତିଯୋଗିତା ହୁଏ ।

"ମକର ପରେ ବନ୍ଧୁବାନ୍ଧବଙ୍କ ଘରକୁ ପିଠାପଣା ପଠାଯାଏ । ମାଘମାସସାରା ବନ୍ଧୁଚର୍ଚ୍ଚାରେ କଟେ । ସେଇଥିପାଇଁ ମୟୂରଭଞ୍ଜରେ 'ମାଘ ମାସ'କୁ ଆଦିବାସୀମାନେ 'ମକରମାସ କହିଥାନ୍ତି । [୪]

ସହରାଏ ପର୍ବ :

ଭଗିରଥୀ ନେପାଳଙ୍କ ମତରେ ହିନ୍ଦୁମାନଙ୍କର ଦୀପାବଳୀ ପୂଜା ସମୟରେ ସାନ୍ତାଳମାନେ ସହରାଏ ପୂଜା କରନ୍ତି । ପୂର୍ବ ପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପୂଜା ହୁଏ । ଗୃହକର୍ତ୍ତା ପୂଜାବେଳେ କୁକୁଡ଼ା ଓ ଘୁଷୁରି ବଳିଦିଏ । ତାପରେ ଏହି ମାଂସ ରାନ୍ଧି ପରିବାରର ସମସ୍ତେ ହାଣ୍ଡିଆ ସାଙ୍ଗରେ ଖାଆନ୍ତି ।

ଗୋ ପୂଜା ବା ବାନ୍ଦଣା :

ଭୂୟାଁ, ଓରାଓଁ, ମାହାଲି, ସାନ୍ତାଳ ଓ ମୁଣ୍ଡା ଆଦି ଜାତିର ସବୁ ଗହ୍ମାପୂର୍ଣ୍ଣିମୀ ପର୍ବ ପାଳନ କରିଥାନ୍ତି । ଏହି ପର୍ବଦିନ ଗୋରୁ ବଳଦଙ୍କର ପୂଜା ହୁଏ । ସେମାନଙ୍କୁ ଭାତ, ପିଠା, ଲୁଣ ଇତ୍ୟାଦି ଖାଇବାକୁ ଦିଆଯାଏ । ତାପରେ ସେମାନଙ୍କ ଶିଙ୍ଗରେ ତେଲବୋଳ ମୁଣ୍ଡରେ ହଳଦୀ ମାରି, ସେମାନଙ୍କର ଖୁରକୁ ଧୋଇ ପରିଷ୍କାର କରାଯାଏ । ସେଦିନ ଗୁହାଳ ବି ଭଲ ପରିଷ୍କାର ହୁଏ ଓ ଗୋରୁପୂଜା ହୁଏ । କନ୍ଧ ଭୂମିଜ ଗୋଷ୍ଠୀ ଗୋରୁ ପୂଜାକୁ ସହରାଇ ନାମରେ କାର୍ତ୍ତିକ ଅମାବାସ୍ୟା ବା ତା ପୂର୍ବଦିନ ପାଳନ କରନ୍ତି । ଗୁହାଳରେ କୁକୁଡ଼ା ବଳିପଡ଼େ । ଗୋରୁ ବଳଦଙ୍କ ପିଠିରେ ଦୁବ, ଅରୁଆ ଚାଉଳ ଟିକାଇ ଗୃହିଣୀ ସେମାନଙ୍କୁ ପୂଜା କରନ୍ତି । କେହି କେହି ଗାଁରେ ଏହି ପର୍ବ ତିନିଦିନ ପାଳିତ ହୁଏ । ଗ୍ରାମ୍ୟ ଯୁବକମାନେ ନାଚ ଗୀତ ବାଦ୍ୟ ସହିତ ଘର ଘର ବୁଲନ୍ତି । ମଦ ପିଅନ୍ତି ଓ ଗୋ-ନାଚ ପ୍ରଦର୍ଶନ କରନ୍ତି । ମୟୂରଭଞ୍ଜର ମହାନ୍ତ ସମ୍ପ୍ରଦାୟରେ ମଧ୍ୟ ଏହି ପର୍ବ (ବାନ୍ଦଣା) ଅତି ଜାକଜମକରେ ପାଳିତ ହୋଇଥାଏ ।

Digitized by srujanika@gmail.com

ମାଘ ପର୍ବ (ମାଘ ବଙ୍ଗା) :

ମାଘମାସ ଆଦିବାସୀମାନଙ୍କର ବର୍ଷର ଶେଷ ମାସ । ତେଣୁ ବର୍ଷର ଶେଷ ପର୍ବରୂପେ ଏହା ମହାସମାରୋହରେ ପାଳିତ ହୁଏ । ଏହି ପର୍ବ ବିଭିନ୍ନ ଗାଁରେ ବିଭିନ୍ନ ଦିନ ପାଳିତ ହୁଏ । ଏଥିପାଇଁ ଗାଁର ଦେହୁରୀ ନିର୍ଦ୍ଦିଷ୍ଟ କରେ ।

ନିର୍ଦ୍ଦିଷ୍ଟ ଦିନ ଗ୍ରାମଦେବତା' ଜାହେରଙ୍କ ନିକଟରେ କୁକୁଡ଼ା ବଳିପଡ଼େ । ଏହା ସହିତ, ପଳାଶ ଫୁଲ, ଅରୁଆ ଚାଉଳ, ପିଠାପଣା ଆଦି ଅର୍ପଣ କରାଯାଏ । ଭିନ୍ନ ଦିନରେ, ଭିନ୍ନ ଗାଁରେ ଏହି ପର୍ବ ପାଳିତ ହେଉଥିବାରୁ କୌଣସି ଗାଁର ଲୋକେ ଅନ୍ୟ ଗାଁର ପର୍ବରେ ଯୋଗଦେବାର ସୁବିଧା ପାଆନ୍ତି । ଏହି ପର୍ବରେ କିଶୋରମାନେ କିଶୋରୀମାନଙ୍କ ସହିତ ମିଶି ନାଚ ଗୀତରେ ମାତନ୍ତି । ଫଳରେ ଏହି ସମୟରେ ସେମାନେ ନିଜର ଜୀବନ ସାଥୀ ବାଛିବାର ସୁଯୋଗ ପାଆନ୍ତି ।

ମାଘ ମାସରେ ଆଦିବାସୀମାନେ ଏହି ପର୍ବ ମାସରେ ପୂଜାପରେ ଘର ଛପର ଇତ୍ୟାଦି କାମ କରନ୍ତି । ମାଘ ପର୍ବବେଳେ ଆଦିବାସୀ ଯୁବକ୍ଯୁବତୀମାନେ ନିଜ ନିଜ ମଧ୍ୟରେ ସଙ୍ଗୀତ ମହଫିଲ ବସାନ୍ତି ।

ଫଲଗୁଙ୍ଗୁଣୀ/ବସନ୍ତ ପର୍ବ (ବାହାପର୍ବ/ଶାଲଇ ପୂଜା) :

ବସନ୍ତର ଆଗମନରେ ପୃଥିବୀ ନବ ଶୋଭାରେ ଭରପୂର ହୋଇଯାଏ । ଶାଳ, ପଳାଶ ଆଦି ବୃକ୍ଷର ନବପଲ୍ଲବରେ ବସନ୍ତରାଜ ହର୍ଷିଉଠେ । ବସନ୍ତର ଆବିର୍ଭାବରେ ପରଶରେ ପୃଥିବୀରେ ଶୋଭାର ହାଟ ବସେ । ମଣିଷର ମନରେ ନବ ହିଲ୍ଲୋଳ ଖେଳିଯାଏ । ସେ ବସନ୍ତର ଶୁଭାଗମନରେ ବସନ୍ତ ପର୍ବ ବା ଫୁଲ ଙ୍ଗୁଣୀ ପୂଜା କରେ । ସାନ୍ତାଳ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକେ ଏହି ପୂଜା ପୂର୍ବରୁ କୌଣସି ହେଲେ ନୂଆଁ ଫଳ ପତ୍ର ଅବା ଫୁଲ ବ୍ୟବହାର କରନ୍ତି ନାହିଁ । ସାଧାରଣତଃ ଫାଲ୍ଗୁନ ମାସରେ ଏହି ପର୍ବ ପାଳିତ ହୁଏ । ଅବଶ୍ୟ କେତେକ ଆଦିବାସୀ ସମ୍ପ୍ରଦାୟ ଚୈତ୍ର ଶୁକ୍ଳ ପଞ୍ଚମୀ ଦିନ ଏହି ପର୍ବ ପାଳନ କରିଥାଆନ୍ତି ।

ମୁଖ୍ୟତଃ ଗ୍ରାମ୍ୟଦେବୀ, ଜାହେର ଥାନରେ ଏହି ପୂଜା ଅନୁଷ୍ଠିତ ହୁଏ । ଏହି ସମୟରେ ଶାଳଗଛର ଫୁଲ ସଂଗ୍ରହ କରାଯାଇ ପୂଜା ହୁଏ । ତାପରେ ଏହି ପୂଜା ଫୁଲ ପ୍ରତ୍ୟେକଙ୍କ ଦ୍ୱାର ମୁହଁରେ ଅବା ଚୂଳରେ ଖୋସାହୁଏ ।

ଓରାଓଁମାନେ ବସନ୍ତ ପର୍ବକୁ 'ସାରହୁଲ ପର୍ବ' ବୋଲି କହନ୍ତି । ଏହି ପର୍ବରେ ସେମାନେ ସୂର୍ଯ୍ୟ ଦେବତା ଓ ବସୁମାତାର ବିବାହ କରିଥାଆନ୍ତି । ବସନ୍ତ ପର୍ବ ପରେ ଜମି ଚଷିବା ଆରମ୍ଭ ହୁଏ ।

Digitized by srujanika@gmail.com

ଚଇତପର୍ବ ଓ ଛଉନୃତ୍ୟ :

ଏହା ଚୈତ୍ର ମାସରେ ପାଳିତ ହୁଏ । ଏହି ପର୍ବ ମୟୂରଭଞ୍ଜର ଏକ ପ୍ରଧାନ ପର୍ବ ରୂପେ ପାଳିତ ହୁଏ । ଏହି ପର୍ବ ଉଭୟ ଅଣ ଆଦିବାସୀ ଓ ଆଦିବାସୀମାନେ ପାଳନ କରନ୍ତି । ଏଥିରେ ସ୍ଥାନୀୟ ଲୋକ ସଂସ୍କୃତିର ରୂପ ସୁସ୍ପଷ୍ଟ ।

ମୟୂରଭଞ୍ଜର ଛଉନୃତ୍ୟ ଚଇତ ପର୍ବ ନାମରେ ପରିଚିତ । ଏହା ଏକ ବସନ୍ତୋତ୍ସବ । ପ୍ରତିବର୍ଷ ଚୈତ୍ରମାସର ଶେଷ ୩ ଦିନ ଧରି ଶିବ ଓ ଶକ୍ତିଙ୍କ ଉପାସନା ସହ ନୃତ୍ୟ ଗୀତ ଓ ଆମୋଦ ପ୍ରମୋଦରେ ଆବାଳବୃଦ୍ଧ ବନିତା ଏହି ବସନ୍ତୋତ୍ସବରେ ଆତ୍ମହରା ହୁଅନ୍ତି ।

ଚୈତ୍ର ପର୍ବ ଆରମ୍ଭରେ ମୟୂରଭଞ୍ଜର ବାରିପଦାଠାରେ ଭୈରବ ଓ ଅମ୍ବିକାଙ୍କ ନିକଟରେ ବିଧିବଦ୍ଧଭାବେ ପୂଜା ଅନୁଷ୍ଠିତ ହୁଏ । ତାପରେ ନୃତ୍ୟକାରମାନେ ନୃତ୍ୟମଞ୍ଚକୁ ଆସନ୍ତି । ନୃତ୍ୟ ଆରମ୍ଭ ହେବା ପୂର୍ବରୁ ଧୁମସା ଢୋଲ ଓ ମହୁରୀରେ ଯେତେବେଳେ ରଣବାଦ୍ୟ ବାଜି ଉଠି ସଂଧ୍ୟା ଆକାଶକୁ ମୁଖରିତ କରେ ସେତେବେଳେ ନର୍ତ୍ତକୀ ତଥା ଜନସାଧାରଣଙ୍କ ପ୍ରାଣରେ ଅପୂର୍ବ ଉନ୍ମାଦନା ସଂଚାର ହୁଏ । ନୃତ୍ୟ ଆରମ୍ଭ ହେଲେ ବାଦ୍ୟର ସ୍ୱର ବଦଳେ, ସ୍ୱତନ୍ତ୍ର ଭାବେ ନିର୍ମିତ ନୃତ୍ୟ ମଞ୍ଚରେ ନୃତ୍ୟ ପ୍ରଦର୍ଶିତ ହୁଏ । ସାରାରାତି ଉଜାଗର ରହି ବିରାଟ ଜନତା ନିର୍ନିମେଷ ନୟନରେ ଛଉନୃତ୍ୟ ଦେଖି ମୁଗ୍ଧ ହୁଅନ୍ତି ।

ଛଉନୃତ୍ୟରେ କେତେକ ମୌଳିକ ନୃତ୍ୟ କୌଶଳ ପ୍ରୟୋଗ ହୁଏ । ସ୍ବେକ, ଧରଣ ଓ କେତେକ ଉଫଲି ଉପରେ ଦକ୍ଷତା ଆସିଲେ ଶିକ୍ଷାର୍ଥୀ ସାଧାରଣରେ ନୃତ୍ୟ ପ୍ରଦର୍ଶନ କରିବାକୁ ସାମର୍ଥ୍ୟ ହାସଲ କରେ । ସରାଇକଳା ଛଉନୃତ୍ୟରେ ମୁଖା ବ୍ୟବହାର ହୁଏ । ମାତ୍ର ମୟୂରଭଞ୍ଜ ଛଉନୃତ୍ୟରେ ମୁଖା ବ୍ୟବହୃତ ହୁଏ ନାହିଁ । ଏଣୁ ଛଉନୃତ୍ୟର ବୈଶିଷ୍ଟ୍ୟ ମୁଖା ବ୍ୟବହାରରେ ନାହିଁ । ମୂଳତଃ ଏକ ସାମରିକ ନୃତ୍ୟ ହୋଇଥିବାରୁ ଏହା ବୀରତ୍ୱ ବ୍ୟଞ୍ଜକ ଏକ ସ୍ୱତନ୍ତ୍ର ନୃତ୍ୟଶୈଳୀର ଅଧିକାରୀ ହୋଇ ପାରିଛି ।

“ଛଉ ନୃତ୍ୟର ଇତିହାସ ଅତି ପ୍ରାଚୀନ । ଓଡ଼ିଆମାନେ ଏକ ସମର ନିପୁଣ ଜାତି ହିସାବରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରିଥିଲେ । × × × ଓଡ଼ିଆ ଜାତିର ବିରାଟ ସାମରିକ ପରମ୍ପରାକୁ ଏହା କେହି ଅସ୍ୱୀକାର କରିପାରିବେ ନାହିଁ । ଛଉନୃତ୍ୟ, ଏହି ଓଡ଼ିଆ ଜାତିର ନୃତ୍ୟ ଓ ସମରବୁଦ୍ଧି ଏହି ବୀରତ୍ୱ ବ୍ୟଞ୍ଜକ ନୃତ୍ୟର ଉତ୍ପତ୍ତି, ସେନାଛାଉଣୀରେ ଅବସର ସମୟରେ ଚିତ୍ତବିନୋଦନ ପାଇଁ ଏବଂ ଶାନ୍ତି ସମୟରେ ଅଙ୍ଗଚାଳନା ଦ୍ୱାରା ନିଜକୁ ସମର କ୍ଷଣ

Digitized by srujanika@gmail.com

ରକ୍ଷିବା ପାଇଁ ଓଡ଼ିଆ ପାଇକମାନେ ଏହି ନୃତ୍ୟ କରୁଥିଲେ । ରାଜା ଓ ସାମନ୍ତମାନେ ଏ ପ୍ରକାର ସାମରିକ ଚିତ୍ତବିନୋଦନରେ ଅଂଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଏସବୁକୁ ଉତ୍ସାହିତ କରୁଥିଲେ । ସେ ସମୟରେ ଏହାକୁ ବୁଢ-ଖାର "କୁହାଯାଉଥିଲା । ହାତରେ ଖଣ୍ଡା ଓ ଢାଲ ଧରି ଆକ୍ରମଣ ଓ ପ୍ରତ୍ୟାକ୍ରମଣ ବ୍ୟଞ୍ଜକ ନୃତ୍ୟର ଉନ୍ମାଦନା ମଧ୍ୟରେ ଯୁଦ୍ଧ ଶାନ୍ତ ସୈନ୍ୟସାମନ୍ତମାନେ ଅବସର ବିନୋଦନ କରୁଥିଲେ । 'ଫରି-ଖଣ୍ଡା ଖେଳା' ବା ଛାଉଣୀ ନୃତ୍ୟରୁ ଛଉନୃତ୍ୟର ଉତ୍ପତ୍ତି ହୋଇ 'ଛଉନୃତ୍ୟ' ନାମ ଧାରଣ କରିଛି ବୋଲି ବୁଝାଯାଇଥାଏ ।

ସରାଇକେଲାର ଛଉନୃତ୍ୟ ବିଶାରଦମାନେ ଛଉନୃତ୍ୟର ନାମକରଣରେ ଭିନ୍ନମତ ପୋଷଣ କରନ୍ତି । ସେମାନଙ୍କ ମତରେ 'ଛଉ' ଶବ୍ଦଟି ଛବି ବା ଛାୟାରୁ ଆସିଅଛି । ଏହି ନୃତ୍ୟରେ ମୁଖା (ଛାୟା-ମୁଖା) ବ୍ୟବହାର କରାଯାଉଥିବାରୁ ଏହାକୁ ଛଉନୃତ୍ୟ କୁହାଯାଏ । ମାତ୍ର ଛଉନୃତ୍ୟ ମୂଳତଃ ବୀରରସ ପ୍ରଧାନ ଏକ ସାମରିକ ନୃତ୍ୟ ହୋଇଥିବାରୁ 'ଛାଉଣୀ ନୃତ୍ୟ'ରୁ ଏ ପ୍ରକାର ନାମକରଣ ହୋଇଥିବା କଥା ଅଧିକ ଯୁକ୍ତିଯୁକ୍ତ । [୫]

ବିଷୟବସ୍ତୁ ଦୃଷ୍ଟିରୁ ଛଉ ନୃତ୍ୟଗୁଡ଼ିକୁ ୩ ଭାଗରେ ବିଭକ୍ତ କରାଯାଇ ପାରେ—

(୧) କିରାତାର୍ଜ୍ଜୁନ, ତାମୁଡ଼ିଆ କୃଷ୍ଣ, ବାଉଲକୃଷ୍ଣ, ଗୀତା, ନଟରାଜ, ମାୟା ଶବରୀ, ଗରୁଡ଼ବାହାନ, ଯାମ୍ବବ, ରଙ୍ଗିଆ କୃଷ୍ଣ, କୈଳାସ ଲୀଳା ଆଦି ବିଷୟବସ୍ତୁ ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ହିନ୍ଦୁ ପୁରାଣରୁ ସଂଗୃହୀତ । ଏପ୍ରକାର ଗୋଟିଏ ଗୋଟିଏ ନୃତ୍ୟ ପାଇଁ ୧୫ରୁ ଅଧଘଣ୍ଟାଯାଏ ସମୟଲାଗେ । ଏ ପ୍ରକାର ବିଷୟବସ୍ତୁଗୁଡ଼ିକ ପ୍ରଥମ ଶ୍ରେଣୀର ଅନ୍ତର୍ଭୁକ୍ତ ।

(୨) ୨ୟ ଶ୍ରେଣୀର ନୃତ୍ୟରେ ଶିକାରୀନୃତ୍ୟ, ମୟୂରନୃତ୍ୟ ପ୍ରଜାପତି ନୃତ୍ୟ ଜମ୍ବଦେବ (ହରିକରଜ) ଫୁଲ ଓ ଭ୍ରମର ଏବଂ କୁରଙ୍ଗ ନୃତ୍ୟ ପ୍ରଭୃତି ଆରଣ୍ୟ ପ୍ରକୃତି ଓ ଜୀବଜନ୍ତୁ ସମ୍ବନ୍ଧୀୟ କଥାବସ୍ତୁ ସ୍ଥାନ ପାଇଥାଏ । ଏଗୁଡ଼ିକ ସ୍ଥାନୀୟ ଲୋକ ସଂସ୍କୃତିରୁ ଆନୀତ ।

(୩) ତୃତୀୟ ଶ୍ରେଣୀୟ କଥା ବସ୍ତୁ କାଳ୍ପନିକ ବିଷୟ ରୂପେ ପ୍ରତିଫଳିତ । ମରୁମାୟା, ଅକଲ ସଲାମି, ଡାଇମଣ୍ଡ ଜୁବିଲି, କାର୍ତ୍ତିଡ୍ୟ ନସ୍ ଆଦି ଏହି ଶ୍ରେଣୀର ।

ଛଉନୃତ୍ୟ କିପରି ଉପଭୋଗ୍ୟ; ତାହାର ଉଦାହରଣଟିଏ ଦେଲେ ବେଶ୍ ଜଣାପଡ଼ିବ । ପୁରାଣର ଉପାଖ୍ୟାନ ରାଧାକୃଷ୍ଣଙ୍କର ମିଳନ ଉପାଖ୍ୟାନଟି ନିଆଯାଉ ।

Digitized by srujanika@gmail.com

ସମ୍ପୃକ୍ତ କୃଷ୍ଣ ନୃତ୍ୟରେ ଏକାଧିକ ପୁରୁଷ ଓ ନାରୀରୂପଧାରୀ ନର୍ତ୍ତକମାନଙ୍କ ଯଦୁକାସ୍ତ ନୃତ୍ୟ ଭଙ୍ଗିମାରେ ରାଧାକୃଷ୍ଣଙ୍କ ମିଳନ ରୂପକଥା ଅତ୍ୟନ୍ତ ରସୋଦ୍ଦୀପକ ହୋଇଥାଏ।

କୃଷ୍ଣ ଛଇଳ ନାଗର—ସେ ଛଇଳ ନଟବର। ତାଙ୍କର ଚାଲିଚଳଣି, ଚାହାଣି ସବୁଥିରେ ଭରିରହିଛି ନାଚରସିଆଙ୍କ ଉନ୍ମାଦନା', ନୃତ୍ୟ କଳାରେ ବିଶାରଦ ସେ। ତାଙ୍କ ବାଙ୍କିମ ଚାହାଣୀ, ତ୍ରିଭଙ୍ଗ ଠାଣିରେ ଭରିରହିଛି ନୃତ୍ୟକଳାର ସମସ୍ତ ଠାଣି, ମାଣି ଭାବଭଙ୍ଗୀ।

କୃଷ୍ଣଚରିତ ସମ୍ବନ୍ଧ ବିଭିନ୍ନ ଉପନାୟିକାଙ୍କ ଚରିତ ସୁନ୍ଦର ଭାବରେ ରଚିତ। ମାଖନ ଚୋରି, ଗୋପୀ ବସ୍ତ୍ରହରଣ ଆଦି ପ୍ରସଙ୍ଗ ଅତ୍ୟନ୍ତ ରସାଳ। ନନ୍ଦନନ୍ଦନ ଶ୍ରୀକୃଷ୍ଣ ଗୋପାଳ ବେଶରେ। ନବଜଳଦ ନିନ୍ଦିତ ତନୁକାନ୍ତି, ମନମୋହନ କମନୀୟ ରୂପଛଟା। ହସ୍ତରେ ମୋହନ ମୁରଲୀ, ଚାଲି ଚାଲି ଚାଲିଛନ୍ତି ଗୋଧନ ଚରାଇ।

ବାଜିଲା ଢଙ୍ଗ ବାଇଦ ଧୁମସା, ଢୋଲ ବାଦ୍ୟ ବଇଁଶୀର ସ୍ୱର। ମଞ୍ଚ ଉପରେ ଚାଲି ଚାଲି ପ୍ରବେଶ କରନ୍ତି ଶ୍ୟାମ ଶିଖଣ୍ଡି ଚୂଳ, ସାଥିରେ ସଖାଗଣ। ସମସ୍ତେ ନୃତ୍ୟରତ। ବାଦ୍ୟର ତାଳେ ତାଳେ ନାଚି ଚାଲିଲେ। ନାଚି ଚାଲିଲେ ନୀଳ ଯମୁନା କୂଳର କଦମ୍ବ ମୂଳକୁ। ଏମିତି ଯାଇ ପହଞ୍ଚିଲେ ଯମୁନା ଆଡ଼କୁ। ରାଇଧନେ ଦିଶା କନକ ବଲ୍ଲରୀ ରାଧା। କାଖରେ ସୁନା ଗରା, ଧବଳ ବୋଳା ସରୋଜ ବଦନ। ସାଥିରେ ଚାଲିଛନ୍ତି ସଖୀ, ଗଜଗମନା ଚାଲିଛନ୍ତି ସ୍ନାନ ପାଇଁ ଯମୁନାକୁ, ସଙ୍ଗେ ସଙ୍ଗେ ବାଜିଉଠେ ଝୁମରର ସୁଲଳିତ ସ୍ୱର—

"ସୁନାର କଳସି କାଙ୍ଖେ ରାଇ
ଚାଲେ ପଥେ ପଥେ···"

ଝୁମରର ତାଳେ ତାଳେ ନାଚି ଚାଲିଛନ୍ତି ଶ୍ରୀରାଧା ଓ ତାଙ୍କ ସହଚରୀଗଣ। ଯମୁନା ତଟିନୀରେ ସ୍ନାନ ଆରମ୍ଭ ହୁଏ। ଶ୍ରୀମତୀଙ୍କ ଦର୍ଶନରେ ପ୍ରେମାସକ୍ତ ହୋଇ ଉଠନ୍ତି ପ୍ରେମିକ ନଟନାଗର ଶ୍ରୀପତି, କୃଷ୍ଣଚନ୍ଦ୍ର। ଧୂର୍ତ୍ତନାୟକ ଟେକା ଫିଙ୍ଗନ୍ତି। ତାଙ୍କ ପ୍ରେମିକା ରାଜନନ୍ଦିନୀ ଶ୍ରୀରାଧାଙ୍କ ସ୍ୱର୍ଣ୍ଣ କଳସୀରେ ଟେକା ପଡ଼େ। ସ୍ୱର୍ଣ୍ଣ କଳସ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଏ। ଚମକି ଉଠନ୍ତି ରାଧା, ଖୋଜିବୁଲନ୍ତି ସଖୀଗଣ—ସନ୍ଧାନ କରନ୍ତି କିଏ ସେହି ଧୂର୍ତ୍ତନାୟକ ହଟହଟା କରୁଛି ସେମାନଙ୍କୁ। ଝୁମରର ମନମତାଣିଆ ସ୍ୱରେ ସ୍ୱରେ ଭାସିଆସେ ପ୍ରେମିକ ନଟନାଗର ଶ୍ରୀକୃଷ୍ଣଙ୍କ କଣ୍ଠରୁ—

ଆସିଛୁ ଆସିଛୁ ଗୋ ସଖି—
ତୁମେ ଡାକିଲ ଯେ ମୋତେ···

Digitized by srujanika@gmail.com

ନଟନାରର ଦର୍ଶନରେ ଶ୍ରୀମତୀଙ୍କ ଅଙ୍ଗେ ଅଙ୍ଗେ ନେଲେ ପ୍ରେମ ଶିହରଣ ଆନନ୍ଦିତ ହୁଅନ୍ତି ସଖିଗଣ । ଶ୍ରୀପତିଙ୍କ ସହିତ ମିଳନ ହେବ ତାଙ୍କ ରାଇବିନୋଦିନୀ ଶ୍ରୀମତୀ ରାଧାଙ୍କର । ସେମାନେ ପାଇବେ ପରମ ଆନନ୍ଦ—ପରମ ତୃପ୍ତି ହାତକୁ ହାତ ଛନ୍ଦି ମିଳନ ପ୍ରତ୍ୟାଶୀ ରାଧାଙ୍କୁ ବନ୍ଦୀ କରନ୍ତି ସଖିଗଣ । ବହୁ ଅନୁନୟ ବିନୟ ପରେ ଶ୍ରୀରାଧା କରକୁ ମୁକ୍ତ କରନ୍ତି ସଖିଙ୍କ ବାହୁ ବନ୍ଧନରୁ, ତାପରେ କିଛି କାଳ ତାଳ ନୃତ୍ୟ କରନ୍ତି କୃଷ୍ଣ ସଖାଙ୍କ ସହିତ, ମିଳନେଚ୍ଛା ଫଳବତୀ ହୁଏ । ଶ୍ରୀକୃଷ୍ଣ ସଖିଗଣଙ୍କୁ ଅନୁରୋଧ କରନ୍ତି । ରାଧାଙ୍କ ସହ ମିଳନ ହେବ । ଗୋପାଙ୍ଗନା ରାଜି ହୁଅନ୍ତି ନାହିଁ । ଶ୍ରୀମତୀ ଅଭିମାନ କରନ୍ତି—"ନାହିଁ ନାହିଁ···ହୋଇ ଶେଷରେ ଭାଙ୍ଗି ଯାଏ ଧୈର୍ଯ୍ୟର ବନ୍ଧନ, ମାନ ସମ୍ମାନ ସବୁକିଛି । ନବୀନ ଘନଶ୍ୟାମ ନଟବର, କୋଟିକ ମ କମନୀୟ ରୂପକାନ୍ତି, ଅପାଙ୍ଗ ପ୍ରେମ ଭଙ୍ଗିରେ ରାଧାଙ୍କର ଦମ୍ଭ ମାନ ଅଭିମାନ—ସବୁ ମିଳାଇ ଯାଏ । ନାଚ ନାଚ ନଚିଅ ମିଳନ ହୁଏ, ପ୍ରେମିକ ପ୍ରେମିକାଙ୍କର କନକାଙ୍ଗୀ ରାଇବିନୋଦିନୀ ରାଧାଙ୍କର ବେଣୁପାଣି ପ୍ରେମିକ କୃଷ୍ଣଙ୍କ ସହିତ ।

ବାଜ ଉଠେ ନାଟଙ୍କର ତାଳ-ସ୍ୱର । ନୃତ୍ୟାଭିନୟ ପରିସମାପ୍ତି ଘଟେ । ଏହିପରି ପ୍ରତ୍ୟେକ ନାଚର ପ୍ରାରମ୍ଭରେ 'ରଙ୍ଗବାଜା' ପରେ ନୃତ୍ୟ ପରିବେଷଣ ବା ବ୍ରିଲ୍ ଓ ପରିଶେଷରେ 'ନାଟକୀ'ର ତାଳ ସ୍ୱର ସଂଘାତରେ ନାଚର ପରିସମାପ୍ତି ହୁଏ ।

ଏହିପରି ଅନ୍ୟାନ୍ୟ ଉପକଥାର ନୃତ୍ୟ ଛଉନୃତ୍ୟରେ ବେଶ୍ ରସାଳ ଭାବରେ ଅଭିନୀତ ହୋଇଥାଏ । ଛଉନୃତ୍ୟ ବିଭିନ୍ନ ନୃତ୍ୟନାଟିକାର ସମାହାର । ନର୍ତ୍ତକ ମାନଙ୍କର ମୁଖ ଓ ହସ୍ତ ପଦାଦିର ସ୍ୱତ ଭଙ୍ଗିମାରେ ଉପକଥାର ଜୀବନ୍ତ ରୂପ ଫୁଟି ଉଠେ ।

ନର୍ତ୍ତକ ନର୍ତ୍ତକୀ ବେଶଧାରୀ ଚରିତ୍ରଗୁଡ଼ିକ ମୁଖରେ କଥା ବା ଗୀତ ପ୍ରକାଶ ପାଏ ନାହିଁ । ତେଣୁ ଗାଉଁଲି ଭାଷାରେ ଏହାକୁ 'କନାନାଚ' ବା 'ମୂକ ନୃତ୍ୟ' କୁହାଯାଇଥାଏ ।

"ନାଟ୍ୟ ଶାସ୍ତ୍ରରେ ତାଣ୍ଡବ ଓ ଲାସ୍ୟ ଉଭୟ ଶୈଳୀକୁ ପ୍ରାଧାନ୍ୟ ଦିଆଯାଇ-ଅଛି । ଛଉନୃତ୍ୟ ମୁଖ୍ୟତଃ ଏକ ବୀରତ୍ୱ ବ୍ୟଞ୍ଜକ ନୃତ୍ୟ ହେଲେ ହେଁ ଏଥିରେ ଲାସ୍ୟ ଶୈଳୀର ପ୍ରାଧାନ୍ୟ କମ ନୁହେଁ । ମୟୂରଭଞ୍ଜରେ ତାଣ୍ଡବ ଶୈଳୀକୁ "ହନୁଆର ଧର" ଓ ଲାସ୍ୟ ଶୈଳୀକୁ 'କଲିଭଙ୍ଗା' କହନ୍ତି, ଛଉ ନୃତ୍ୟର ତାଳ ରଚନା କଲାବେଳେ ମଧ୍ୟ ଓସ୍ତାଦମାନେ ଏହି ଦୁଇ ଶୈଳୀର ଅବଲମ୍ବନରେ ତାଳ ରଚନା କରିଥାଆନ୍ତି । × × ଛଉନୃତ୍ୟର ସାଜସଜ୍ଜା ଓ ପୋଷାକପତ୍ର ଖାଣ୍ଟି ଦେଶୀୟ ରଖାଯାଉଛି । [ ]

Digitized by srujanika@gmail.com

"ଛଉ ନୃତ୍ୟରେ ସାଧାରଣତଃ ଦୁଇଟି ଧୁମ୍ସା, ଚାରି ଛଅଟି ଢୋଲ, ଦୁଇଟି ମହୁରୀ ଓ ଦୁଇଟି ଚଡ଼଼ଚଡ଼ି ବ୍ୟବହୃତ ହୁଏ । ଏଗୁଡ଼ିକ ଛଉର ମୂଳ ବାଦ୍ୟଯନ୍ତ୍ର. କରନେଟ, ଇଉଫୋନିୟମ୍ (Euphonium) ବାରିଟୋନ୍ ଓ କ୍ଲାରିଓନେଟ୍ ପ୍ରଭୃତି ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ଏଥି ପରେ ପ୍ରବେଶ କରିଛି । କେତେକ ଛଉ ନୃତ୍ୟରେ ଗୀତ ବୋଲିବା ବେଳେ ମାଇକ୍ରୋଫୋନ ଓ ଲାଉଡ଼ସ୍ପିକରର ପ୍ରଚଳନ ସେହିପରି ଅତି ଅଳ୍ପ ଦିନର ଘଟଣା [୧] ।"

ମହାରାଜା ଶ୍ରୀରାମଚନ୍ଦ୍ର ଛଉନୃତ୍ୟର ପୃଷ୍ଠପୋଷକତା କରିଥିଲେ । ସେ ନିଜେ ଏକ ଓ୍ୱାରଡେନସ୍ କାଟକ ତିଆରି କରି ୧୯୧୨ ମସିହାରେ ସମ୍ରାଟ ପଞ୍ଚମ ଜର୍ଜ ଓ ସମ୍ରାଜ୍ଞୀ ମେରୀଙ୍କ କଲିକତା ମଇଦାନର ଅଭିନନ୍ଦନ ଉତ୍ସବରେ ପାଇକମାନଙ୍କ ଛଉନୃତ୍ୟ ପ୍ରଦର୍ଶନ କରାଇ ଅତ୍ୟନ୍ତ ପ୍ରଶଂସାଭାଜନ ହୋଇଥିଲେ । ମହାରାଜା ପ୍ରତାପଚନ୍ଦ୍ରଙ୍କ ସମୟରେ ଛଉନୃତ୍ୟର ବାସ୍ତବଧର୍ମୀ ପରିବର୍ତ୍ତନ ହୋଇଥିଲା । ବିଭିନ୍ନ ନୃତ୍ୟ-ନାଟିକାରେ ହିନ୍ଦୁସ୍ଥାନୀ ରାଗରାଗିଣୀ ଓ ସଙ୍ଗୀତର ସଂଯୋଗ ଓ ପୁରାତନ ନୃତ୍ୟଗୁଡ଼ିକର ନବୀକରଣ ଆଦି ହୋଇଥିଲା ।

"ରାଜସରକାରଙ୍କ ଅମଳରେ ମୟୂରଭଞ୍ଜ ରାଜପ୍ରାସାଦରେ ଛଉନୃତ୍ୟ ପ୍ରଦର୍ଶନ ହେଉଥିଲା । ତେରଦିନ ଧରି ରାଜପ୍ରାସାଦ ମୁଖରିତ ହେଉଥିଲା । ପ୍ରତିଯୋଗିତା ଦ୍ୱାରା ଛଉନୃତ୍ୟର ଉନ୍ନତି ସାଧନ କରିବା ନିମିତ୍ତ ମୟୂରଭଞ୍ଜ ଛଉଦଳକୁ ଉତ୍ତରସାହି ଓ ଦକ୍ଷିଣ ସାହି—ଏହି ଦୁଇ ଦଳରେ ବିଭକ୍ତ କରାଯାଇଥିଲା । ସେମାନେ ରାଜ-ପ୍ରାସାଦରେ ସମବେତ ବିରାଟ ଜନତା ଓ ରାଜପରିଜନ ବର୍ଗଙ୍କ ସମ୍ମୁଖରେ ନୃତ୍ୟରେ ନିଜନିଜର କୃତିତ୍ୱ ପ୍ରଦର୍ଶନ କରି ମହାରାଜା ଓ ମହାରାଣୀଙ୍କ ଦ୍ୱାରା ପୁରସ୍କୃତ ହେଉଥିଲେ [୨] ।" ଏବେ ମଧ୍ୟ ଏହି ଦୁଇଟି ଦଳ ଅଛି ଏବଂ ଛଉନୃତ୍ୟ ରାଜ-ପ୍ରାସାଦରେ ପ୍ରଦର୍ଶିତ ନ ହୋଇ ବାରିପଦାର ଷ୍ଟାଡ଼ିୟମ ପଡ଼ିଆରେ ପ୍ରଦର୍ଶିତ ହେଉଛି ।

ମୟୂରଭଞ୍ଜର ମିଶ୍ରଣ ପରେ ଛଉପ୍ରେମୀମାନଙ୍କ ଦ୍ୱାରା ମୟୂରଭଞ୍ଜ ଛଉ ପ୍ରତିଷ୍ଠାନ ଗଢ଼ି ଉଠିଲା । ସରକାରଙ୍କ ତତ୍ତ୍ୱାବଧାନ ହେତୁ ଏହି କଳାର ଉନ୍ନତି ଓ ଗବେଷଣା ଦିଗରେ ପଦକ୍ଷେପମାନ ନିଆଯାଉଅଛି । ମଫସଲ ତଥା ସହର-ଉପକଣ୍ଠ ଅଞ୍ଚଳରେ ଛଉର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଫଳରେ ଛଉ କେବଳ ଓଡ଼ିଶା କିମ୍ବା ଭାରତବର୍ଷରେ ନୁହେଁ ସମସ୍ତ ବିଶ୍ୱରେ ଏକ ଲୋକନୃତ୍ୟ ଭାବରେ ଚହଳ ପକାଇଛି ।

Digitized by srujanika@gmail.com

ସାନ୍ତାଳ ସମ୍ପ୍ରଦାୟର ଲୋକ ସଂସ୍କୃତି :

ମୟୂରଭଞ୍ଜରେ ସର୍ବାଧିକ ସଂଖ୍ୟାରେ ସାନ୍ତାଳ ସମ୍ପ୍ରଦାୟ ବାସ କରନ୍ତି । ଏହି ସମ୍ପ୍ରଦାୟର ଏକ ସଂକ୍ଷିପ୍ତ ଲୋକ ସଂସ୍କୃତିର ଚିତ୍ର ଏଠାରେ ପ୍ରଦାନ କରାଗଲା ।

ସାନ୍ତାଳମାନଙ୍କର ଲୋକଗୀତ ପ୍ରସଙ୍ଗରେ ଉକ୍ତ ସମ୍ପ୍ରଦାୟର ଏବଂ ଦେବତାଙ୍କ ପୂଜାର୍ଚ୍ଚନା ସମୟରେ ବ୍ୟବହୃତ ଆବାହନୀ ସଙ୍ଗୀତ ବା ବାନ୍ଦଣର ଭାବାନୁବାଦ ଗୀତ ଆକାରରେ ଦିଆଯାଇଛି । ପୁନଶ୍ଚ ସେମାନଙ୍କ ସାମାଜିକ ଜୀବନରେ ବ୍ୟବହୃତ ଲୋକଗୀତର ମଧ୍ୟ ଅବତାରଣା କରାଯାଇଛି । ଏତଦ୍‌ବ୍ୟତୀତ ଏମାନଙ୍କର ଲୋକକଥା ବିଭିନ୍ନ ଲୋକନୃତ୍ୟର ମଧ୍ୟ ବର୍ଣ୍ଣନା ଦିଆଯାଇଛି ।

ସାନ୍ତାଳମାନଙ୍କର ଧର୍ମ ଓ ପର୍ବପର୍ବାଣୀ :

ଅନ୍ୟ ସମ୍ପ୍ରଦାୟଙ୍କ ସମେତ ସାନ୍ତାଳମାନଙ୍କର ଧର୍ମ ଓ ପର୍ବପର୍ବାଣୀ ବିଷୟରେ ପୂର୍ବେ ଆଲୋଚନା କରାଯାଇଛି । ସେଗୁଡ଼ିକ ବ୍ୟତୀତ ସାନ୍ତାଳମାନେ ଲୁଡକା (ଲୁଡ୍‌କା), 'ଦରଡା' ଆଦି ଅନ୍ୟାନ୍ୟ କର୍ମକମୀଣି ପାଳନ କରନ୍ତି । ଅନ୍ୟମାନଙ୍କ ଭଳି ବିବାହ ସାନ୍ତାଳମାନଙ୍କର ଏକ ପ୍ରଧାନ ସାମାଜିକ ପର୍ବ । ଏଥିରେ ବନ୍ଧୁବାନ୍ଧବମାନେ ଯୋଗ ଦେଇ ଖେଳକୁଦ ଓ ମଉଜ ମଜଲିସରେ ମାତନ୍ତି । "ସାନ୍ତାଳ ସମାଜରେ ସାଧାରଣତଃ ୫ ପ୍ରକାର ବିବାହ ପ୍ରଚଳିତ । ପ୍ରସ୍ତାବିତ ବା ସମ୍ମାନଜନକ ବିବାହରେ ପିତାମାତାଙ୍କ ପ୍ରସ୍ତାବ ଅନୁସାରେ ଏହି ବିବାହ ହୋଇଥାଏ । ସିନ୍ଦୂର ମଖା ବିବାହରେ ପୁଅ ଯେଉଁ ଝିଅକୁ ପସନ୍ଦ କରେ, ହାଟବଜାର ଆଦିରେ ଜବରଦସ୍ତି ଝିଅ ମଥାରେ ସିନ୍ଦୂର ବୋଳି ଦିଏ । ଏହାପରେ କନ୍ୟା ସେହି ଯୁବକର ସ୍ତ୍ରୀ ହୋଇଥାଏ । ଗାଁ ଲୋକେ କନ୍ୟାକୁ ବର ଘରକୁ ନେଇ ଆସନ୍ତି ଓ ବିବାହ କାର୍ଯ୍ୟ ସମ୍ପନ୍ନ କରନ୍ତି ।

'ହାଲାମ ଚାରସ୍ୱା'ତ୍‌' ବା 'ଅଳ୍ପ ଖର୍ଚ୍ଚ ବାହାଘର'ରେ ବେଶୀ ଖର୍ଚ୍ଚ ହୁଏ ନାହିଁ । ବରପକ୍ଷ ସମସ୍ତ ଜାତି ଭାଇଙ୍କୁ ନିମନ୍ତ୍ରଣ ନକରି ଅଳ୍ପ କେତେକଙ୍କୁ ନେଇ କନ୍ୟା ଘରକୁ ଯାଆନ୍ତି । କନ୍ୟା ପିତା ସହିତ କନ୍ୟାପଣ ବିଷୟରେ କଥା ହୁଅନ୍ତି । ତାପରେ କନ୍ୟାକୁ ବରଘରକୁ ଆଣି ସେଠାରେ ତାର ବିବାହ କରନ୍ତି ।

'ସାଙ୍ଗେବାରସ୍ୱାତ୍‌' ବିବାହରେ ବରପକ୍ଷରୁ କେତେକ ଲୋକ କନ୍ୟା ଘରକୁ ଯାଆନ୍ତି । କନ୍ୟା ଘରେ ନାଚଗୀତ ହୁଏ । ପ୍ରଶ୍ନୋତ୍ତର ଛଳେ, କନ୍ୟାପଣ ସମ୍ପର୍କରେ କଥା ହୁଏ । ତାପରେ କନ୍ୟା ପିତା କନ୍ୟାକୁ ବିଦାୟ ଦିଏ । ବର ଘରେ କନ୍ୟାର ବିବାହ ହୁଏ ।

Digitized by srujanika@gmail.com

ଏସବୁ ବ୍ୟତୀତ ସାନ୍ତାଳ ସମାଜରେ ବେଶୀ ପ୍ରେମ ବିବାହ ଦେଖାଯାଏ । ଏଥିରେ ପୁଅ ଝିଅର ମନ ପଟିଲେ ପୁଅ ଘରେ ଏହି ବିବାହ ସମ୍ପନ୍ନ ହୁଏ [୭] ।" ଏହି ବିବାହ ଓ 'ଙ୍ଗା ପାମ ବାପଲ' ନାମରେ ନାମିତ ।

ଲୋକଗୀତ :

ସାନ୍ତାଳମାନେ ଅନ୍ୟ ଆଦିବାସୀମାନଙ୍କ ପରି ବହୁ ଗୀତ ପ୍ରିୟ । ସେମାନଙ୍କ ବ୍ୟକ୍ତିଗତ, ସାମାଜିକ, କର୍ମ ଓ ଧର୍ମଜୀବନ ସଙ୍ଗୀତମୁଖର ହୋଇଥାଏ । ସେମାନେ ତାଙ୍କ ଧାର୍ମିକ ଜୀବନ ଅର୍ଥାତ୍ ପୂଜାର୍ଚ୍ଚନା ସମୟରେ ଆବାହନୀ ସଙ୍ଗୀତ ବା ଶ୍ଳୋକଗାନ କରିଥାଆନ୍ତି । ଏହି ସଙ୍ଗୀତରେ ଦେବାଦେବୀଙ୍କ ସ୍ତୁତି ତଥା ଆଶିଷ ପ୍ରାର୍ଥନା କରାଯାଇ ଥାଏ । ସାନ୍ତାଳ ସମ୍ପ୍ରଦାୟର ବିଭିନ୍ନ ବାଖେଣ ବା ଆବାହନୀ ସଙ୍ଗୀତ ଗୁରୁଗମକେ ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁ ଅଲଚିକି ଲିପିରେ ପ୍ରକାଶ କରି ଲୋକସାହିତ୍ୟ କ୍ଷେତ୍ରରେ ଅମର ହୋଇ ରହିଛନ୍ତି * । ବାଖେଣ ସଂକଳନରେ ଡଃ ସୀତାକାନ୍ତ ମହାପାତ୍ରଙ୍କ ଅବଦାନ ଏକାନ୍ତ ଉଲ୍ଲେଖଯୋଗ୍ୟ ।

ଆବାହନୀ ସଂଗୀତ (ବାଖେଣ) :

ବର୍ଷର ବିଭିନ୍ନ ସମୟରେ ପ୍ରାୟ ୧୭ଟି ପର୍ବପର୍ବାଣି ପାଳନ ଅବସରରେ ୧୭ଟି ବାଖେଣ ବା ଆବାହନୀ ସଙ୍ଗୀତ (ଶ୍ଳୋକ) ବ୍ୟବହାର କରାଯାଇଥାଏ । ନିମ୍ନରେ ସେଗୁଡ଼ିକର ସଂକ୍ଷିପ୍ତ ଆଭାସ ଦିଆଗଲା ।

୧ । ମାଘପୂଜା (ମାଘ ବଙ୍ଗା) ଅବସରରେ ଜାହେର ଓ ଅନ୍ୟ ଦେବତା ଆବାହନ କରାଯାଏ ।

୨ । ବାହା ବା ଫୁଲ ସଙ୍ଗୁଣୀ ପୂଜା (ବାହା ବଙ୍ଗା)—ଅବସରରେ ଜାହେରଦେବୀ ଓ ଅନ୍ୟ ଦେବତାଙ୍କ ଆବାହନୀ ସଂଗୀତ ଗାନ କରାଯାଏ ।

୩ । ଅକ୍ଷୀମୁଠି ବା ଧାନବୁଣା ପୂଜା (ସିମ୍ ବଙ୍ଗା) ଅବସରରେ ଜାହେର ଦେବୀ ତଥା ମଞ୍ଜିମାଝିର ଆବାହନୀ ସଙ୍ଗୀତ ଗାନ କରାଯାଏ ।

୪ । କଅଁଳ ନବାଙ୍କୁର କ୍ଷେତ ପୂଜା (ହୁର ସାକେନ୍ ମାମ୍ରେ) ସମୟରେ ଜାହେର ଠାକୁରାଣୀ ଓ ଅନ୍ୟ ଦେବାଦେବୀଙ୍କ ଆବାହନୀ ସଂଗୀତ ଗାନ କରାଯାଏ ।

୫ । ଅଷାଢ଼ୀ ପୂଜା (ଆଷାଢ଼ୀ ବଙ୍ଗା)ରେ ଜାହେର ତଥା ଆଷାଢ଼ୀ ଦେବଙ୍କ ଆବାହନ କରାଯାଏ ।

Digitized by srujanika@gmail.com

୬ । ନଆଖିଆ ବା ନୂଆ ଫସଲ ପୂଜା (ନୂଆଖୁଆ ପରବ ବଙ୍ଗା)ରେ ପିତୃପୁରୁଷଙ୍କ ଆବାହନୀ ସଂଗୀତ ଗାନ କରାଯାଏ । ଏଥିରେ ଜାହେର ଦେବୀଙ୍କୁ ମଧ୍ୟ ଆବାହନ କରାଯାଇଥାଏ ।

୭ । ବୁରୁବଙ୍ଗା ବା ପାହାଡ଼ ଦେବତା ପୂଜା (ଜାଗ୍ରାନ ବଙ୍ଗା) ଅବସରରେ ଜାହେର ଦେବୀଙ୍କ ସହିତ ପାହାଡ଼ ଦେବତାଙ୍କୁ ଆବାହନ କରାଯାଏ ।

୮ । ସୋହରାଏ ପୂଜା ବା ପର୍ବ (ସୋହରାଏ ଗୋଠବଙ୍ଗା) ବେଳେ ଜାହେର ଦେବୀଙ୍କୁ ଆରାଧନା କରାଯାଏ ।

୯ । ଗୁହାଳ ପୂଜା (ସୋହରାଏ ଗଲାବଙ୍ଗା) ସମୟରେ ଗୁହାଳ ଦେବତାଙ୍କ ଆବାହନୀ ସଂଗୀତ ଗାନ କରାଯାଏ । ଏଠାରେ ମାରାଂବୁରୁଙ୍କୁ ଆବାହନ କରାଯାଏ ।

୧୦ । ସୋହରାଏ କରାଯାଏ ପୂଜାର ବଳି (ଗିଡ଼ ଚାଉ) ବେଳେ ଗୁହାଳ ଦେବତାଙ୍କୁ ଆବାହନ କରାଯାଏ । ଏଠାରେ ମାରାଂବୁରୁଙ୍କ ଆବାହନୀ ସଙ୍ଗୀତ ଗାନ କରାଯାଏ ।

୧୧ । ନବଜାତ ଶିଶୁ ଉଦ୍ଦେଶ୍ୟରେ ପୂଜା (ଜାନେ ବୁଟିଆର ଜମଡ଼ାହ) ଅବସରରେ ମାରାଂବୁରୁଙ୍କୁ ଆବାହନ କରାଯାଏ ।

୧୨ । ବାପ୍ଲାହାଣ୍ଡି ବଙ୍ଗା (ବିବାହବେଳେ ସିନ୍ଦୂରଦାନ ଅବ୍ୟବହିତ ପୂର୍ବରୁ ମାରାଂବୁରୁଙ୍କୁ ଆବାହନ କରାଯାଏ) ।

୧୩ । ହାଣ୍ଡିଆ ସେବା (ପାରବ ଜରେନାହ) ଏହି ଅବସରରେ ମାରାଂବୁରୁଙ୍କୁ ଆବାହନ କରାଯାଏ ।

୧୪ । ଅନ୍ୟ ଗାଁରୁ ବନ୍ଧୁବାନ୍ଧବଙ୍କ ଦ୍ୱାରା ଆଣୀତ ହାଣ୍ଡିଆ ପୂଜା (ପେଲାଡାଃ ହାଣ୍ଡିବଙ୍ଗା) ଅବସରରେ ମାରାଂବୁରୁଙ୍କୁ ପୂଜାକରାଯାଏ ।

୧୫ । କନ୍ୟାବିଦାୟ ସମୟରେ ହାଣ୍ଡିଆ ସେବା (ବୁଲବଦା)—ଏହି ସମୟରେ ମାରାଂବୁରୁଙ୍କୁ ଆବାହନ କରାଯାଏ ।

୧୬ । ଅସ୍ଥିବିସର୍ଜନ ପୂଜା (ନହନ ଓ ଭଣ୍ଡାନ)—ବା ଗଙ୍ଗା ଅସ୍ଥି ସମୟରେ ମୃତ ପିତୃପୁରୁଷଙ୍କ ଆବାହନ କରାଯାଏ ।

ଆବାହନୀ ସଙ୍ଗୀତଗୁଡ଼ିକୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇ-ପାରେ ।

Digitized by srujanika@gmail.com

ପ୍ରଥମ ଶ୍ରେଣୀର (୧ରୁ ୯) ସଙ୍ଗୀତ ଗୁଡ଼ିକ କୃଷିଭିତ୍ତିକ ପର୍ବପର୍ବାଣି ସହିତ ଜଡ଼ିତ । ମାଘ ପୂଜା ଏକ କୃଷିଭିତ୍ତିକ ପର୍ବ ନୁହେଁ । ଏହି ପୂଜା ପରେ ସାନ୍ତାଳମାନେ ନୂତନ ଗୃହ ନିର୍ମାଣ କିମ୍ବା ପୁରାତନ ଗୃହର ମରାମତି ଉଦ୍ଦେଶ୍ୟରେ ବଣରୁ କାଠ ପତ୍ର ଓ ବିଭିନ୍ନ ତୃଣ ସଂଗ୍ରହ କରିଥାଆନ୍ତି ।

ଦ୍ୱିତୀୟ ଶ୍ରେଣୀର (୧୧ରୁ ୧୬) ଆବାହନୀ ସଙ୍ଗୀତଗୁଡ଼ିକ ଜନ୍ମ । ବିବାହ ଓ ମୃତ୍ୟୁ ଇତ୍ୟାଦି ସହିତ ଜଡ଼ିତ ।

ପ୍ରତ୍ୟେକ ପୂଜା ବା ପର୍ବ ସାଧାରଣତଃ ଛଅଟି ଦୃଷ୍ଟିକୋଣରୁ ଦେଖାଯାଇଥାଏ, ଯଥା—

୧ । ପୂଜାବିଧି ଓ ପୂଜାବିଧାନ
୨ । ପୂଜା ସ୍ଥାନ
୩ । ପୂଜକ ଓ ଅନ୍ୟମାନଙ୍କର ଯୋଗଦାନ
୪ । ପୂଜାସାମଗ୍ରୀ
୫ । ପୂଜା ପାଇଁଥିବା ଦ୍ରବ୍ୟ
୬ । ପୂଜାର ଆଭିମୁଖ୍ୟ

୧, ୨, ୩, ୪, ୫, ୬, ୭, ୮ ଓ ୯ ନଂ ପୂଜାରେ ମୁଖ୍ୟତଃ ଜାହେର ଦେବୀଙ୍କୁ, ୯, ୧୦, ୧୧, ୧୨, ୧୪ ଓ ୧୫ ନମ୍ବର ପୂଜାରେ ମାରାଂବୁରୁଙ୍କୁ ଓ ୧୬ ନଂ ପୂଜାରେ ପିତୃପୁରୁଷଙ୍କୁ ଆବାହନ କରାଯାଏ । [୯]

ଆବାହନୀ ସଙ୍ଗୀତ (ବାଖେଣ)ର ମାର୍ମିକ ପଦ୍ୟାନୁବାଦ

୧ । ମାଘ ପୂଜା (ମାଘ ବଙ୍ଗା) ଆବାହନୀ ସଙ୍ଗୀତ (ବାଖେଣ)

ନମଇ ଜାହିର ମାତ ନମେ ତୋ ଚରଣେ,
ପୂଜା ନଇବେଦ୍ୟ ଘେନ ମାତ ପୂଜା ଦିନେ ।
ଭକତ ଉଛୁଳା ପ୍ରାଣେ ପୂଜା ଉପହାର,
ଥୋଇଲୁ ତଣ୍ଡୁଳ ବଳ ପକ୍ଷୀ କି ସୁନ୍ଦର ।
ନବବର୍ଷ ହେଉ ମାଆ ସରଗ ସୁନ୍ଦର
ତୋ ଆଶିଷେ ବସୁଧରା ହେଉ ଶୁଭଙ୍କର ।
ଅରଣ୍ୟ ଜୀବନ ଆମ ହେଉ ସୁଖମୟ,
ଶସ୍ୟ, ଶସ୍ୟ, ଯେତେ ଶସ୍ୟ ଦେଇ କରମୟ ।
ବନ ପରବତେ ଆମ ଜୀବନର ଛନ୍ଦ,
ଛଳ ଛଳ, ଢଳ ଢଳ ହେଉ ମା ଆନନ୍ଦ ।

Digitized by srujanika@gmail.com

ବାଘ ଭାଲୁ ବନ-ଜନ୍ତୁ ନ ପଶନ୍ତୁ ପାଶ,
ଅଭୟା ମା ପଦେ ମଣ୍ଡ କର ଭୟ ନାଶ ।
ନପଡ଼ୁ ମଡ଼କ ରୋଗ ପଶୁ ପକ୍ଷୀଙ୍କର,
ଗାଆଁ ମାଟି ହେଉ ମାଆ ସରଗ ସୁନ୍ଦର ।
ଦେଲ ନାଣି ବରଷାର ଝର ଯାଉ ଝର,
କେଦାର ଲକ୍ଷ୍ମୀରେ ଶୋଭୁ ଧରଣୀ ସୁନ୍ଦରୀ ।

୨। ଫୁଲ ସଙ୍ଗୁଣୀ ପୂଜା (ବାହ୍ନାବଙ୍ଗା) ଆବାହନୀ ସଙ୍ଗୀତ (ବାଖେଣ)

ବନ୍ଦଇ ଜାହେରା ମାଇ,
ନୂଆ ଫୁଲ ଫଳ ତଣ୍ଡୁଳ ଦେଇ
ସୁମ ପକ୍ଷୀ ଗୋ
ବଳ ପଡାଇଲି ନେଇ
ମାଆ ଲୋ···ଆଶିଷ ଦେ ଝୁରଇ ॥
ଆନନ୍ଦରେ ଝର ଝର
ପୂଜା ନଇବେଦ୍ୟ ଘେନ ମା' ମୋର
ଫୁଲ ଫଳ ଗୋ,
ଦୟାମୟୀ ଦୟାକର
ମାଆ ଲୋ···ରୋଗ ଦଇନ୍ୟ ଦେ ଦୂରାଇ ॥
ମାଆଲୋ·····················|
ବଣ ଜଙ୍ଗଲରେ ତହିଁ
ଗୋ-ମେଷାଦ ପଶୁ ଚରନ୍ତୁ ଯାଇ
ମାଆଲୋ,···ବନ୍ୟ ଜନ୍ତୁରୁ ରଖିବୁ ରୁହ
ଜନନୀ, ବରଷା ଦେବୁ ପଠାଇ
କେଦାରେ କେଦାରେ ସବୁଜ ଲହରୀ
ଲକ୍ଷ୍ମୀ ଗୋ···ହସିବେ ତ ରହ ରହ ॥
ମାଆଲୋ················|

୩। ଅକ୍ଷିମୁଠୀ ବା ଧାନବୁଣା ପୂଜା (ଏରଃସିମ୍ ବଙ୍ଗା) ଆବାହନୀ ସଙ୍ଗୀତ (ବାଖେଣ)

ଜାହେରା ମାଆ ପଦେ ଭରେ ମିନତି,
ତଣ୍ଡୁଳ ପକ୍ଷୀବଳ ସହ ଭକତି ।

Digitized by srujanika@gmail.com

ଅକ୍ଷିମୁଠୀ ପୂଜାରେ ଦଇଛ ମୋର
ବସୁମତୀ ଗୋ ଢାଳ ଆଶିଷ ଝର
ସବୁ ବୀଜରୁ ମାଆ ଉଠୁ ଅଙ୍କୁର
ପ୍ରତି ବୀଜରୁ ଉଠୁ ଅଙ୍କୁର ବାର ।
ରୋଗ ଶୂନ୍ୟ ହେଉ ମା ଶସ୍ୟ-ଅଙ୍କୁର
କ୍ଷେତ ନ ହେଉ ମାଆ ବାଲୁଙ୍କା ଘର ।
ନଘୋଟୁ ରୋଗ-ଶୋକ ଦୁର୍ଦ୍ଦିନ ଘୋର
ଗାଆଁ ମାଟି ପାଲଟୁ ସୁଖର ଘର ।
ବରଷା ଝରିଯାଉ ବାଦଲ ଦେହୁଁ,
ଧରଣୀ ବକ୍ଷେ ଖେଳୁ ଶ୍ୟାମଳ ଢେଉ ।
ଜୀବନ ଚଲାପଥ ହେଉ ପୁଷ୍ପିତ
କେହୁ ନ ରହୁ ଅବ ଅଭାବେଁ ମିତ ।

୪ । କଅଁଳ-ନବାଙ୍କୁର-କ୍ଷେତ ପୂଜା (ସୁର ସାଗେନ ମାଃ ମଣେ)
ଆବାହନୀ ସଙ୍ଗୀତ (ବାଖେଣ)

ପ୍ରଣତି ଢାଳିଲ ମା ଚରଣ ତଳେ,
ନୂଆ ଫସଲ-ନୂଆ ସପନ ଖେଳେ ।
ପୂଜା ନଇବେଦ୍ୟ ଥୋଇଦେଲୁ ମା'ତ
ଲୁଲୁଡ଼ା ସୁହନ ସାଥେ,
ଝରିଯାଉ ମା ଗୋ ତୋ ଆଶିଷ ଧାର
ଜୀବନର ଚଲାପଥେ ।
ରୋଗ ଶୂନ୍ୟ ହେଉ ଆମ ଗାଆଁ ମାଟି
ମହାମାରୀ ରହୁ ଦୂରେ,
ଶତ୍ରୁ ଶୂନ୍ୟକର ଜୀବନ ପଥ ମା
ଡାକେ ହୃଦେ ବାର ବାରେ ।
ଝରି ଯାଉ ଧାରା ସରଗ ରାଇଜୁ
ବାଦଲ ଦେହରୁ ଝରି,
ଭରିଯାଉ ଅଜ ଗିରିସମ ଜଆଁ
ଆନନ୍ଦରେ ଧରା ପୂରି,
ସୁଖମୟ ହେଉ, ଯଶମୟ ହେଉ
ହେଉ ଆମେ ସ୍ୱାସ୍ଥ୍ୟମୟ,

Digitized by srujanika@gmail.com

ରୋଗ ମହୌଷଧ ନିରୋଗ କରୁ ମା,
ନ ରହୁ ରୋଗର ଭୟ ।
ଝିରିଭଦେ ମାତ ଅଶିଷର ନୀର
ଜୀବନର ଯାତ୍ରା ପଥେ,
ହସି ଉଠୁ ଧନ ଧାନ୍ୟ-ଗୋପଲକ୍ଷ୍ମୀ
ରହୁ ଶାନ୍ତ ମନୋରଥେ ।

୫ । ଆଷାଢ଼ୀ ପୂଜା (ଆଷାଢ଼ୀ ବଙ୍ଗା) ଅବାହନୀ ସଙ୍ଗୀତ (କାଡେଣ)

ପ୍ରଣତ ଘେନ ଗୋ ଜାହେର ମାଆ,
ଆଷାଢ଼ୀ ପୂଜାରେ କର ଗୋ ଦୟା ।
ବଳି ଦେଲି ମାଆ ତୋ ପଦେ ଧାପି,
ଅରୁଆ ଖୁହଲ ନୈବେଦ୍ୟ ଥୋଇ ।
ତୋ ପଦ ପଙ୍କଜେ କର ଭରସା,
ଜଳାଇଛୁ ଦୀପ ପରଣେ ଆଶା ।
ଧାଇଁଆସୁ ମେଘ ଯାଉ ବରଷି,
ଶୁନାର ଫସଲେ ଧର ଉଲ୍ଲାସି ।
ରୋଗ ଶୂନ୍ୟ ହେଉ ଫସଲମାନ,
ଦୂରକର ଭୟ ସର୍ପ ଦଂଶନ ।
ଗୋରୁ ଛେଳି ଯେତେ ଖାଆନ୍ତୁ ଯାଇ,
ସବୁଜ ଫସଲେ ସୀମା ନ ରହୁ ।
ଦିଅ ମା ଅଶିଷ ସୁଖ ଓ ଶାନ୍ତି,
ସପନ ମିନାର ଉଠୁ ମା ହସି ।

୬ । ନୂଆଖିଆ/ନୂଆଫସଲ ପୂଜା (ନଓ୍ୱାହ୍ନୁ ସକାବ ବଙ୍ଗା) ଅବାହନୀ ସଙ୍ଗୀତ :

ତୋ ଚରଣେ ମାତ ପ୍ରଣତ ମୋର,
ଜାହେର ମାଆନେ ସୁଦୟା କର ।
ଆଜ ନୂଆଖିଆ ପରବ ଦିନେ
ନୂଆ ଫସଲର ଶସ୍ୟ ଅର୍ପଣେ
ଖୁସି ମନେ ମାତ ଘେନ ନୈବେଦ୍ୟ
ଶସ୍ୟ, ଫଳ ମୂଳ ଯେତିକି ସଦ୍ୟ

Digitized by srujanika@gmail.com

ପେଟରୋଗ ଆଉ ମଥା ଯନ୍ତ୍ରଣା
ତୋ ଦୟାକୁ ମାଗୁ ହେଉ ତା' ମନା ।
ନବ ଶସ୍ୟ ହେଉ ପ୍ରବୃଷ୍ଟିକର
ଅକ୍ଷତ ଶସ୍ୟରେ ପୂରୁ ଭଣ୍ଡାର ।
ଜୀବନ ହେଉ ମା ଶାନ୍ତି-ମଧୁର
ଅଭାବ-ଅନ୍ଧାର କରମା ଦୂର ।

୭ । ପାହାଡ଼ ଦେବତା ବା ବୁରୁବଙ୍ଗା ପୂଜା (ଏକ ସମବେତ ପୂଜା) (ଜାନ୍ତାଳବଙ୍ଗା) ଆବାହନୀ ସଙ୍ଗୀତ (ବାଖେଣ) :

ପ୍ରଣତି ଘେନ ହେ ପାହାଡ଼ ଦେବତା
ପୂଜା ଅର୍ଘ୍ୟ ଘେନ ଆହେ ବିଶ୍ୱପିତା ।
ବଳିଘେନ ପ୍ରଭୁ ଗୁଣ, ଗମ ପକ୍ଷୀ
ତୋ' ପଦ ପ୍ରାନ୍ତରେ ଡାକୁ ମା' ପ୍ରଣତି ।
ଶାନ୍ତ ମନେ ମାଆ ଘେନ ଉପହାର,
ପୂଜା ଅର୍ଚ୍ଚନା ଆଜ ଏ ଦିନର ।
ବାଦଲରେ ଛାଇଯାଉ ଏ ଆକାଶ,
ଝରିଯାଉ ବର୍ଷା, (ହେଉ) ଟିଶ୍ୱସମ ନାଶ ।
ସବୁଜ ଫସଲେ ପୂରୁ ଏ ଧରଣୀ,
ଶସ୍ୟ ହେଉ ସଦା ପୁଷ୍ଟିକର ପୁଣି ।
ପଶୁପକ୍ଷୀ ଅବା ମୂଷିକର ଦଳ,
ଶସ୍ୟ ନ ଖାଆନ୍ତୁ, କର ମା' ନିର୍ମୂଳ ।
ଶତ୍ରୁ ମହାମାରୀ, ରୋଗ-ଶୋକ ହୀନ
ଭର ଗାଆଁ ମାଟି ସଭିଙ୍କ ସମାନ ।
ସ୍ନେହ ପ୍ରେମ ଥେଉ ନେକୁ ସବୁଠାରେ
ପଲ୍ଲୀମାଟି, ଦେଶ, ଜାତି ବା ବର୍ଣ୍ଣରେ ।

୮ । ସହରାଏ ପୂଜା (ସୋହରାଏ ଗୋଟ ବଙ୍ଗା) ଆବାହନୀ ସଙ୍ଗୀତ (ବାଖେଣ) :

ଜାହେର ମ ଆଜେ ପଦେ ଜୁହାର କରେ,
ମିନତି ଘେନ ଲୋ ମାତ 'ଏ' ଶୁଭ ଦିନରେ ।
ପୂଜା ନଇବେଦ୍ୟ ମୁହିଁ ଛଡ଼ାଇ ଜଳ,
ପକ୍ଷୀବଳି ଦେଲି ଅଉ ଫୁଲ ତଣ୍ଡୁଳ ।

Digitized by srujanika@gmail.com

ଭକତ ଭକ୍ତିଭରା ପ୍ରାଣେ ଅଗୋ ଜନନୀ,
ଡାକେ ତୋତାଙ୍କେ ଆବେଗରେ ଶୁଣ ଦୟାଳ ।
ପଶୁପକ୍ଷୀ ସର୍ବସ୍ୱରେ ରହନ୍ତୁ ମାଆ,
ଅଭୁଲେ ତାଙ୍କର ମାତ ହସ୍ତ ରୁ ସାନ୍ଧା ।
ପ୍ରତିଟି ଗୋ-ଶାଳା ହେଉ ଆନନ୍ଦ ଘର,
ସୁଖରେ ରହନ୍ତୁ ଗୋରୁ-ଗାଈ ଆମର ।
ନାଚ ଗୀତ ତାମସାରେ ସକଳ ଥାଇ,
ବିପଦ ନଜାଣି ଭେଟେ ନ ଯାଉ ବନ୍ଧୁ ।
ଦୂର ହେଉ ସର୍ପ-ହିଂସ୍ର ଜନ୍ତୁଙ୍କ ଭୟ,
ଦେହ ମନ ହେଉ ସଦା ହେ ନିରାମୟ ।

୯ । ଗୋଷ୍ଠୀ ପୁହାଳ/ଗୋ-ପୂଜା (ସୋହରାଏ ଗୋଲା ବଙ୍ଗା) ଆବାହନୀ ସଙ୍ଗୀତ (ବାଖେଣୀ) :

ବନ୍ଦଇ ଚରଣେ ପ୍ରଭୋ, ହେ ଗୋଷ୍ଠ ଦେବତା
ଗୋଷ୍ଠ ପୂଜା ଦିନେ ଯେନ ମିନତି ହେ ଧାତା ।
ଆନନ୍ଦ ମନରେ ଯେନ ପୂଜା ଆରାଧନା,
ସୁଖ, ଶାନ୍ତି ଦିଅ ପ୍ରଭୁ ଏତିକ ପ୍ରାର୍ଥନା ।
ନ ଛୁଉଁ ବିପଦ, ରୋଗ-ଦଇରାଗ୍ୟ ଆଦି,
ପଶୁଶାଳା ଗୃହମାନ ସୁଖେ ହସୁ ଅଜି ।
ସହସ୍ର ସଂଖ୍ୟାରେ ବଢ଼ୁ ଗୋ-ସମ୍ପଦମାନ,
ସୁଖରେ ରହନ୍ତୁ କର ଶୁଭାଶିଷ ଦାନ ।
ହଜମ ହେଉମା ସହଜରେ ଖାଦ୍ୟପେୟ,
ମଥା ଧରା, ପେଟ ରୋଗ ନ ରହୁ ଗୋ ଭୟ ।
ଦେହ ମନ ସଦା ଆମ ହେଉ ଶକ୍ତିମୟ,
ଏତିକ କାମନା ପ୍ରଭୁ କରନ୍ତୁ ସର୍ବସ୍ୱ ।

୧୦ । ସହରାଏ ବା ଗୋ-ଶାଳା ପୂଜା (ଗଡ଼ଡାରା) ର ବଳ ପକାଇବା ବେଳେ ଗୋ ଶାଳା ଦେବତାଙ୍କୁ ଆବାହନୀ ସଙ୍ଗୀତ (ବାଖେଣ)

ପ୍ରଣାମ କରୁଛୁ ଅହେ ଗୋ-ଶାଳା ଠାକୁର,
ସୋହରାଏ ପରବରେ ଯେନ ଆମ ଗୀତ ।
ହାଣ୍ଡିଆ, ତଣ୍ଡୁଳ, ପ୍ରଭୁ କଲି ସମର୍ପଣ,
ଆନନ୍ଦ ମନରେ ପ୍ରଭୋ ମୋର ପୂଜାଯେନ ।

Digitized by srujanika@gmail.com

ଆଶିଷ ବରଷା କର ବନ୍ଧୁ ବାନ୍ଧବରେ,
ଜନପଥେ ଆସି ଏଠି ମିଳନ୍ତୁ ଖୁସିରେ ।
ଖାଦ୍ୟପେୟ ହେଉ ତାଙ୍କ ସଦା ପ୍ରୀତିକର,
ନୈବେଦ୍ୟ ରହନ୍ତୁ ସର୍ବେ ହେଉ ରୋଗଦୂର ।
ଅପ-ଦୃଷ୍ଟି ନ ପଡ଼ୁ ଗୋ ମାଗୁଁ ତୋ ଆଶିଷ,
ସଂସ୍କୃତିର ଆଲୋକରେ ଅସଂସ୍କୃତ ନାଶ ।
ଶରୀରେ ମନରେ ଖେଳୁ ବିମଳ ଆନନ୍ଦ,
ସ୍ନେହ-ପ୍ରେମେ ହସିଉଠୁ ସବୁଘର ବୃନ୍ଦ ।

୧୧ । ନବଜାତ ଶିଶୁର ଜନ୍ମୋତ୍ସବ, ଏକୋଶିଆ ପୂଜା
(ଜାକୋଛେଟିଆର ନମସ୍କାର) ଆବାହନୀ ସଂଗୀତ (ବାଖେଣ) :

ନମସ୍ତେ ନମସ୍ତେ ପ୍ରଭୁ ପାହ୍ନ ତୁ ଦେବତା,
ଶିଶୁ ଜନ୍ମ ଉତ୍ସବରେ ଡାକେ ଆହେ ପିତା ।
ହାଣ୍ଡିଆ ଅରପି, ଅରପିଲୁ ଜମ ପାଣି,
ମଙ୍ଗଳ କରନ୍ତୁ ପ୍ରଭୁ ଆନନ୍ଦରେ ଘେନ ।
ନବଜାତ ଶିଶୁ ଏହୁ, ହେଉ ଶକ୍ତିମାନ,
ବଳବୀର୍ଯ୍ୟଦାନେ କର ପ୍ରଭୁ ଆଯୁଷ୍ମାନ
ତୁମର ଆଶିଷାଲୋକେ ହେଉ ଆଲୋକିତ
ଜ୍ଞାନଧ୍ୟାନ ପାଣ୍ଡିତ୍ୟରେ ହେଉ ହେ ପୂଜିତ ।

୧୨ । ବିବାହବେଳେ ହାଣ୍ଡିଆ ପୂଜା (ବାପ୍ଲା ହାଣ୍ଡି ବଙ୍ଗା)
ଆବାହନୀ ସଙ୍ଗୀତ (ବାଖେଣ) :

ହେ ମଙ୍ଗଳମୟ ପ୍ରଭୁ ପରମ ଈଶ୍ୱର,
ଆସି ପହଞ୍ଚିଛୁ ଆଜ ବିଭା ଅବସର ।
ପାହ୍ନାଡ ଦେବତା ତୁମେ ଦେବ ଦେବେଶ୍ୱର
ହାଣ୍ଡିଆ ଅରପି ଦେଲୁ, ପୂଜା ଘେନ ମୋର ।
ସନ୍ତୋଷରେ ଘେନ ପ୍ରଭୁ ଆମର ଡାକନି,
ପ୍ରଣତି ବାଢ଼ିଲୁ ପ୍ରଭୁ, ପଦ ପ୍ରାନ୍ତେ ବେନି ।
ଦାମ୍ପତ୍ୟ ଜୀବନ ଏହୁ ନବ ଦମ୍ପତିର,
ମଧୁମୟ ହେଉ ସଦା ପ୍ରଭୁ ଦୟାକର ।
ଦୀର୍ଘଜୀବୀ ହୁଅନ୍ତୁ ଗୋ ଏଥିକ ମିନତି,
ସୁନାର ସଂସାରେ ପୂରୁ ସନ୍ତାନ ସନ୍ତତି ।

Digitized by srujanika@gmail.com

ପ୍ରେମିକ ପ୍ରେମିକା ପ୍ରାଣ ହେଉ ମଧୁମୟ,
ବୃନ୍ଦାମଣା ସରସତା କରୁ ଉଦ୍ଭାସିତ ।
ଜଣାଏ ପ୍ରଣତ ସ୍ରଷ୍ଟା ଶୁଣ ମୋ ଗୁହାର,
ବରବଧୂ ଯାତ୍ରା ପଥ ଶୁଭେ ଦିଅ ଭର ।

୧୩ । ହାଣ୍ଡିଆ ପୂଜା (ପାଖଃ କରେନଃ ହାଣ୍ଡି ବଙ୍ଗା) ଆବାହନୀ ସଙ୍ଗୀତ (ବାଖେଣ)

ପ୍ରଣାମ ଘେନହେ ବଡ଼ ପାହାଡ଼ ଦେବତା
ଆଜ ଏ ଶୁଭବାସରେ
ହାଣ୍ଡିଆ ପୂଜାରେ କରୁ ଆବାହନ
ତବ ମଙ୍ଗଳ ଆଶାରେ ।
ଖାଦ୍ୟପେୟ ଯାହା କରୁଗୋ ସେବନ
ନହେଉ ଅସ୍ୱାସ୍ଥ୍ୟକର
ପେଟ-ମଥା ଯେତେ ପାଖେ ନ ପଶନ୍ତୁ
ଭଲ ସର୍ବଦେଶ ହଉ ।
ଶତ୍ରୁମାନେ ଦୂରେ ରହନ୍ତୁ ସର୍ବଦା
ଗାଆଁମାଟି ନପରଶି
ପଶୁପକ୍ଷୀ ନରନାରୀଙ୍କ ପରାଣେ
ସରସତା ଉଠୁ ହସି ।

୧୪ । ବନ୍ଧୁବାନ୍ଧବଙ୍କ ଆନୀତ ହାଣ୍ଡିଆ ପୂଜା ପେନାକାଃ (ହାଣ୍ଡି ବଙ୍ଗା) ଆବାହନୀ ସଂଗୀତ (ବାଖେଣ) :

ପ୍ରଣତ ଘେନ ହେ ପାହାଡ଼ ଦେବତା,
ଅତିଥି ସତ୍କାର ଅବସରେ ପିତା ।
ତାଙ୍କର ତିଆର ହାଣ୍ଡିଆ ପାନୀୟ,
ଅରପିଲୁ ତାହା ଭକତରେ ଏଥ ।
ଯେଉଁ ଖାଦ୍ୟପେୟେ କଲୁ ସତ୍କାର,
ଆମ ଜାତି ଧର୍ମ ସମାଜେ ଦେଖର ।
ମଥା ଧରୁ ଅବା ପେଟବେଗ ଅବ,
ନହୁଉଁ ଆମକୁ ନହେଉ ଗୋ ବାଧା ।
ଉପତ ଅନ୍ଧାର ନ ଦେଉ ଦେହ,
ଗୃହେ ଫେରୁଁ ସର୍ବେ ଆନନ୍ଦ ନୋହି ।

Digitized by srujanika@gmail.com

ବନ୍ଧୁ ବାନ୍ଧବଙ୍କ ମମତା ସକଳ,
ଆଦାନ ପ୍ରଦାନେ ହେଉ ଚଳାଚଳ ।
ଏତିକି ମିନତି ହେ ବଡ଼ ଠାକୁର,
ସ୍ନେହ-ପ୍ରେମ ଦାନେ ପ୍ରାଣ-ଗୀତଭର ।

୧୫ । କନ୍ୟା ବିଦାୟକାଳୀନ ପୂଜା (କୁଳବଦା)ର ଆବାହନୀ ସଂଗୀତ (ବାଖେଣୀ)

ଜଗତ ନାଥ ପ୍ରଣତି ତୁମ୍ଭ
ଆଶିଷ ମାଗେ ତବ,
ପାହାଡ଼ ଦେବ ହାଣ୍ଡିଆ ପାଇ
ଅନନ୍ଦ ତୁମେ ହେବ ।
ଆସିଛୁ ଆଜ କନିଆ ବିଦା
ପରବ ଜୀବନରେ,
ଆଖିର ଲୁହେ, ହୃଦୟ କୋହେ
ଡାକେ କରୁଣ ସ୍ୱରେ ।
ଢାଳ ଦିଅ ଗୋ ଆଶିଷ ଧାର
ନବ ଦମ୍ପତି ପରେ,
ଆନନ୍ଦ ସୁଅ ଛୁଟୁ ଜୀବନେ
ପୀରତି ନଦୀଧାରେ ।
ପୀରତି ନାଅ ନବ ଦମ୍ପତି
ସଂସାର ବୁକେ ବାଉ
ଅଦିନ ଝଡ଼ ବତାସ ବାଆ
ନ ଆସୁ ପଥେ ଭିଡ଼ି,
ସୁଖରେ ନୀଡ଼ ରଚନା କରୁ
ଆନନ୍ଦେ କାଳ କାଟି,
ପୀରତି ଭରା, ଆନନ୍ଦଝରା,
ହସୁ ତା’ ପଲ୍ଲୀମାଟି ।

୧୬ । ଗଙ୍ଗାଅସ୍ଥି ବିସର୍ଜନ ପୂଜା (ନହୁନ ଓ ସଣ୍ଡାନ୍)ର ଆବାହନୀ ସଂଗୀତ (ବାଝେଣି) :

ହେ ବିଦାୟୀ ଆତ୍ମା
ଘେନ ହେ ପ୍ରଣତି,

Digitized by srujanika@gmail.com

ଏ ପବିତ୍ର ମାଟିରେ ତୋ
ମାଜେ ଡୋଳେ ଏଠି ।
ଧୋଇଦିଏ ଏ ପବିତ୍ର
ଦାମୋଦର ଜଳେ,
ବହୁଦିନ ଅପବିତ୍ର ଥିଲୁ ରୁ ଝରେନେ ।
ନଦୀର ସ୍ନାହାନ ରୂହ
ଥିଲୁ ଆଜଯାଏ,
ପରମ ଆନନ୍ଦ ଦିନ
ମିଳିଲା ଧରାଏ ।
ରୁଢ଼ ଦେଇ ଧୋଇଦେଲୁ
ଜନ୍ମର କାଳିମା,
ଅବ୍ୟକ୍ତ ଆନନ୍ଦେ ନାଚେ
ପ୍ରାଣ ନାହିଁ ସୀମା ।
ତୋ ଆତ୍ମା ମୁକତି ଲଭୁ
ମୁକ୍ତ ଶିଶୁ ଆତ୍ମା ଦେହେ,
ତୋ ଆତ୍ମା ଅତୃପ୍ତ ନୋହୁ
ନୋହୁ ପୁଣି ଭୂତପ୍ରେତ ଦେହେ ।
ଗଛପତ୍ରେ ପରଦ୍ୱାରେ
ନବୁଲୁ ସେ ପ୍ରେତାତ୍ମା ରୂପରେ,
ଗଙ୍ଗା ଅସ୍ତି, ଦାମୋଦରେ
ନେଇ ତୋତେ ମୁକତି ପଥରେ । [୧୦]

ପୂର୍ବୋକ୍ତ ବାଖେଣ ବା ଆବାହନୀ ସଂଗୀତ ଲୋକଗୀତର ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ଲୋକଗୀତ ଠାରୁ ଏହାର ଭାବଧାରା ସଂପୂର୍ଣ୍ଣ ପୃଥକ । ଏହା ଭକ୍ତି ଭାବ ଦ୍ୱାରା ଉଦ୍ଭାସିତ ।

ଅନ୍ୟାନ୍ୟ ଲୋକଗୀତ

ବିବାହ ସଂଗୀତ :

ଯେତେବେଳେ ବରଯାତ୍ରୀ ଆସିବେ ବିବାହ ପାଇଁ— ଏହି ଭାବନାରେ ଭାବବିହ୍ୱଳ ହୋଇ କନ୍ୟା ତା'ର ମନକଥା ପିଞ୍ଜରାରେ ଥିବା ପକ୍ଷୀକୁ ସମ୍ବୋଧନ କରି

ବିଶେଷ ଦ୍ରଷ୍ଟବ୍ୟ : ଶ୍ରୀ ମାଧବ ଚନ୍ଦ୍ର ହାଁସଦାଙ୍କ ମତରେ ପ୍ରତି ବାଖେଣରେ ପ୍ରାରମ୍ଭରେ 'ମାରାଂବୁରୁ' ଓ ଶେଷରେ 'ଜାହେର ଦେବୀଙ୍କୁ' ଅନ୍ୟ ଦେବତାଙ୍କୁ ସ୍ତୁତିଗାନ କରାଯାଇଥାଏ ।

Digitized by srujanika@gmail.com

ଗାନ କରେ । ଶ୍ରୀ ବ୍ରଜବଲ୍ଲଭ ମୁଖାର୍ଜୀ ତାଙ୍କ 'The Santal' ପୁସ୍ତକରେ ଇଂରାଜୀରେ ଅନୁବାଦ କରିଛନ୍ତି । ଯାହାର ଭାବାନୁବାଦ ହେଲା—

ସେମାନେ ଆସିବେ ଉପର ରାଜ୍ୟରୁ ନେବା ପାଇଁ ଆଜ ମୋତେ,
କହ ହେ ମୋତେ ମୋ ଶେଷୁଆ ପଞ୍ଚୀରେ କେବେ ପହଞ୍ଚିବେ ସତେ ?
ଜାଗିଥାଅ ତୁହ ଆସିଲେ କହିବୁ, ଦେଖିଲେ ତୋହର ନେଏ
ଦିନବେଳା ଅବା ରଜନୀରେ ପୁଣି ମଧ୍ୟାହ୍ନେ ମଧ୍ୟରାଏ ।

ଝିଅ ବିଦାୟକାଳୀନ ସଂଗୀତ :

ଝିଅ ବିଦାୟବେଳେ ଝିଅ ମାଆକୁ ଧରି କାନ୍ଦେ, ଭାବାନୁବାଦ—(Santal—P-209)

ଜନମ ଦେଇଛୁ କୋଳରେ ଧରିଛୁ କେତେ ଯତନରେ ବୋଉ,
ସବୁ କଥା ଭୁଲି ପସରି ତୋହର ମୋ ଠାରେ ମୁରୁଛି ଥାଉ ।
ତେଲ ହଳଦୀ ତୁ କେତେ ଲଗାଇଛୁ ମୋ ଦେହରେ ଦିନରାତି,
କେତେ ରାତି ତୁହି ଉଜାଗର ହୋଇ କରିଛୁ ସେବକ ସାଥୀ
ସେ ସ୍ନେହକ ବୋଉ ଭୁଲିଗଲୁ ଆଜ ଦେଉଛୁ ବିଦାୟ ମୋତେ
ରାତି ଅଧରେ ତୁ ଗୋରୁ-ଗାଈ ଭଳି ତଡ଼ି ଦେଉ କେଉଁ ପଥେ ? [୧୧]

ପ୍ରେମ ସଂଗୀତ :

ତରୁଣୀର ସ୍ତନ ଯୁଗଳ ତରୁଣର କାମଭାବନା ଉଦ୍ରେକ କରେ । ସ୍ତନ ବର୍ଣ୍ଣନାକୁ କେନ୍ଦ୍ରକରି ତରୁଣ ତରୁଣୀଙ୍କ କଣ୍ଠରୁ ଝରିପଡ଼େ ପ୍ରେମୋଦ୍ଦୀପକ ଦ୍ୱୈତ ସଂଗୀତ ପ୍ରଶ୍ନୋତ୍ତର ଛଳରେ—

ତରୁଣ—

କି ସୁନ୍ଦର ଦିଶୁ ତୁହିଲେ ସୁନ୍ଦରୀ ପାଚିଲା ଅମ୍ବର ଦେହ,
ପୀନ ସ୍ତନ ଯୁଗ ଫୁଟି ଦିଶେ ଅବା ସତେ ବେଲ ଫଳଦ୍ୱୟ ।
ତହିଁରେ ସୁନ୍ଦରୀ ତୋ ପାଚିଲା ଦେହ କହ କେ କରିବ ଭୋଗ,
କାହା ପାଇଁ ତୁହ ସାଇତି ରଖିଛୁ ଏତେ ଉଚ୍ଚ ସ୍ତନ ଯୁଗ ।

ତରୁଣୀ—

କହନା କଣ୍ଠୋଭ କହ ନାହିଁ ଆଉ କହନା ମୋ ଜୀବଧନ,
କି ପାଇଁ ବାନ୍ଧୁଛୁ ଛଇଳ ନାଗର ଭରିନେଇଛୁ ମୋ ମନ ।
ମୋ ରୂପ ଲାବଣ୍ୟ ମୋର ପୀନ ସ୍ତନ ତୋହରି ପାଇଁ ତ ଥୁଆ,
ବହୁରେ ଅବୋଧ କେତେରଙ୍ଗ କରି ରଖିଛୁ ଗୋ ପ୍ରାଣନାହା ।

Digitized by srujanika@gmail.com

ତରୁଣ—

"ଭାବନା ସୁନ୍ଦରୀ ଛଳନା କଣୋଣୀ ଦ୍ରୁଅନା ରୂହ ଅଧୀର,
ହେବ କେ ମିଳନ ତୋର ଦେହ-ମନ ବିରହ ହେବକେ ଦୂର ।"

ଏହୁ ଓଡ଼ିଆ ଭାବାନୁବାଦ ହୋଇଛୁ ଶ୍ରୀ ବ୍ରଜଲାଲ ମୁଖାର୍ଜୀଙ୍କ ନିମ୍ନୋକ୍ତ ଇଂରାଜୀ ଅନୁବାଦରୁ—(The Santal—Page-253-254) [୧୨]

Boy :—

Your body is radiant like ripe mango,
your breasts are like two Bel fruits·
for whom is meant your body (for enjoyment)
for whom the breasts ?

Girl :—

Don't O, boy, do n't speak about this,
Don't O, boy for this.
This my body, These my breasts,
These are only for your meant·
The Loin cloth and this sheet,
Who will wear round and use ?

Boy :—

Don't O, girl, don't say like this,
Don't you weep, don't you weep, O, my girl,
This loin cloth and the sheet
Both of us shall use.

ସାନ୍ତାଳୀ ଯୌନନୃତ୍ୟ :

ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟଙ୍କ ଭଳି ନୃତ୍ୟ ମଧ୍ୟ ସାନ୍ତାଳମାନଙ୍କ ଜୀବନର ଚିର ସହଚର । ବିଭିନ୍ନ ପୂଜାପାର୍ବଣ ତଥା ଜୀବନର ବିଭିନ୍ନ ସମୟ ଓ ପରିବେଶରେ ସେମାନେ ନାନାଦି ନୃତ୍ୟ ନାଚି ଜୀବନକୁ ଉପଭୋଗ କରନ୍ତି । ତନ୍ମଧ୍ୟରେ କେତୋଟି ସାନ୍ତାଳୀ ଯୌନନୃତ୍ୟର ଚିତ୍ର ପ୍ରଦାନ କରାଗଲା ।

Digitized by srujanika@gmail.com

ଲଗ୍‌ଣେ ଏନେକ (ଲଗ୍‌ଣେ ଏନେକ୍) :

ଏହା ଏକ ସାଧାରଣ ନୃତ୍ୟ । ସାନ୍ତାଳମାନେ ଯେକୌଣସି ସମୟରେ ଏ ନୃତ୍ୟ ପରିବେଷଣ କରିଥାଆନ୍ତି । ମାତ୍ର ଜ୍ୟୋତ୍ସ୍ନା ବିଧୌତ ରଜନୀ ଏହି ନୃତ୍ୟ ପରିବେଷଣ ପାଇଁ ଏକ ମନୋରମ ପରିବେଶ ସୃଷ୍ଟି କରେ । ତେଣୁ ଜୋଛନା ଧୂଆ ଆକାଶ ତଳେ ଧରଣୀ ରାଣୀର ସୁଷମାମୟ ପ୍ରାକୃତିକ ପରିବେଶରେ ଏହା ପରିବେଷିତ ହୋଇଥାଏ । ଯୌବନ ମଦିର ପିଆସୀ ଯୁବକ ଯୁବତୀଙ୍କ ମନମତାଣିଆ ନୃତ୍ୟ ଗୀତରେ ସାନ୍ତାଳ ପଲ୍ଲୀ ଉଚ୍ଛୁଳି ପଡ଼େ । ଦମ୍ଭେ ପ୍ରଭୃତି ବାଜା ଓ ମାଦଳ ବଜାଇ ଯୁବକ ଯୁବତୀଙ୍କ ପାଇଁ ଏକ ନୃତ୍ୟୋନ୍ମତ୍ତ ବାତାବରଣ ସୃଷ୍ଟି କରନ୍ତି । ବାଦ୍ୟର ତାଳେ ତାଳେ ନର୍ତ୍ତକ ନର୍ତ୍ତକୀ ତନ୍ମୟ ହୋଇ ନୃତ୍ୟରତ ହୁଅନ୍ତି । ଏହି ନୃତ୍ୟରେ ସେମାନେ ପାଦକୁ ପାଦ ପରିଚାଳଣ ଭଙ୍ଗୀ ବ୍ୟବଧାନ କରି ଡାହାଣ ଆଡ଼େ ଚଳି ଚଳି ବୃତ୍ତାକାରରେ ନାଚନ୍ତି । ଏହି ନୃତ୍ୟର ବାମାମୁଖୀ ଗତି ଅତ୍ୟନ୍ତ ମନୋମୁଗ୍ଧକର ।

ଆନନ୍ଦ ଉଲ୍ଲାସ ମଧ୍ୟରେ ସେମାନେ ପ୍ରାୟ ଅଧଘଣ୍ଟାଯାଏ ନାଚନ୍ତି । ତାପରେ ମଧ୍ୟାନ୍ତରେ କିଛି ସମୟ ବିଶ୍ରାମ ନିଅନ୍ତି । ଏହି ବିଶ୍ରାମ ସମୟରେ ଯୁବକ ଯୁବତୀମାନେ ବସି ମିଷ୍ଟାଳାପ, ଥଟ୍ଟା ତାମସା, ହାସ୍ୟପରିହାସ କରନ୍ତି । ପୁନଶ୍ଚ ପ୍ରଶ୍ନୋତ୍ତର ଛଳରେ ସମବେତ ସଙ୍ଗୀତ ଲହରୀ ଛୁଟେ । ଏହିପରି ନୃତ୍ୟଗୀତର ଆସର ସକାଳଯାଏ ଲାଗିରହେ ।

ସୁବୋଧ ମୁଖାର୍ଜୀଙ୍କ ମତରେ, "ଲଗଣେ ଏକ ଉତ୍ତେଜନା ପୂର୍ଣ୍ଣ ନୃତ୍ୟ । ଏହା ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମଭାବ ଜାତ କରେ । ଏହି ନୃତ୍ୟର ଭଙ୍ଗିମା ଅତ୍ୟନ୍ତ ପ୍ରେମୋଦ୍ଦୀପକ । ଏହି ନୃତ୍ୟରେ ନର୍ତ୍ତକ ନର୍ତ୍ତକୀମାନେ ଯୋଡ଼ ଯୋଡ଼ ହୋଇ ନୃତ୍ୟରତ ହେଉଥିବା ବେଳେ ସେମାନେ ସ୍ୱଚ୍ଛନ୍ଦେ ଓ କଥାବାର୍ତ୍ତା ହେବାର ଅବକାଶ ପାଆନ୍ତି । ସେମାନଙ୍କ ପାଦରେ ବସନ୍ତ ନାଚ ହୋଇ ନାଚେ, ସେମାନଙ୍କ ଓଠରେ ଯୌବନ ହସ ହୋଇ ଝରିପଡ଼େ । ମନ ଖାଲି ପବନ ପାଲଟିଯାଏ, ଖାଲି ନାଚେ । ସେମାନେ ହାତ ଧରାଧରି ହୋଇ ମନ ଆନନ୍ଦରେ ଗାଆନ୍ତି ଓ ନାଚନ୍ତି । ନୃତ୍ୟ ପରିସମାପ୍ତି ପରେ ପ୍ରେମାସକ୍ତ ପ୍ରେମିକ ପ୍ରେମିକା ଜଂଗଲ ବା ଗୋପନ ସ୍ଥାନକୁ ପଳାୟନ କରନ୍ତି ।

ଏହି ନୃତ୍ୟ ପରିବେଷଣ ସମୟରେ ନର୍ତ୍ତକ ନର୍ତ୍ତକୀଙ୍କ କଣ୍ଠ ନିସୃତ ମନମତାଣିଆ ସଂଗୀତ ଅତ୍ୟନ୍ତ ରସାଳ ଓ ପ୍ରେମପ୍ଲୁତ । ଏହି ସଂଗୀତର ଏକ ଭାବାନୁବାଦ ଏକାନ୍ତ ଉଲ୍ଲେଖଯୋଗ୍ୟ ।

"ତାହାର ବଇଁଶୀ ବାଜେ ନଈ ଧାରେ ଧାରେ
ଅନ୍ତର ଉଛୁଳେ ଖାଲି ବଇଁଶୀର ସ୍ୱରେ

Digitized by srujanika@gmail.com

ଦେଖନ୍ତୁ ନୟନେ ତାଙ୍କୁ ଶୁଣି ନାହିଁ କାନେ
ମୋ ହୃଦୟ କାନ୍ଦେ ଖାଲି ବର୍ଷଣୀର ତାନେ ।”

କେବେ କେବେ ବର୍ଷା ନ ହେଲେ ମଧ୍ୟ ଲାଗ୍‌ଡେ ନୃତ୍ୟ ପରିବେଷିତ ହୁଏ । ଶ୍ରୀମତୀ ଗୋଲାପ ମଣି ମୁର୍ମୁ କହନ୍ତି, “ଏ ଉଦ୍ଦେଶ୍ୟରେ ପରିବେଶିତ ଲାଗ୍‌ଡେ ନୃତ୍ୟରେ ପ୍ରେମ ଭାବନାର ସ୍ଥାନ ନାହିଁ । ସେତେବେଳେ ଏହା ଏକ ଉତ୍ସବ ନୃତ୍ୟ ରୂପେ ପରିବେଷିତ ହୁଏ । ଏହି ନୃତ୍ୟ ପରିବେଷଣ ପୂର୍ବରୁ କୁଆଁରୀ କନ୍ୟାମାନେ ନୃତ୍ୟ ମଣ୍ଡପର ପ୍ରାଙ୍ଗଣକୁ ଗୋ-ମସ୍ୱାତରେ ଲିପାପୋଛା କରନ୍ତି । ସେଠାରେ ‘ମାରାଂବୁରୁ’ ଜାହେର-ଏରା ଓ ମଣେକୋ ତୁରୁଇକୋ—ଏହି ତିନି ଦେବତାଙ୍କ ଉଦ୍ଦେଶ୍ୟରେ ତିନୋଟି ସିନ୍ଦୂରବିନ୍ଦୁ ସ୍ଥାପନ କରନ୍ତି ଏବଂ ତା’ ଚାରିପାଖେ ନାଚନ୍ତି । ଉଚ୍ଚ ନାଦ୍‌ରବ୍ କଣ୍ଠରେ ସେମାନେ ମାଂଗଳିକ ଗୀତ ସମୟରେ ନୃତ୍ୟରତ ହୋଇ ବର୍ଷା ପାଇଁ ପ୍ରାର୍ଥନା କରନ୍ତି । ଏହି ନୃତ୍ୟର ଭଙ୍ଗିମାରେ ଦେଖାଯାଏ ଯେ ନର୍ତ୍ତକ ନର୍ତ୍ତକୀମାନେ ଲୀଳାୟିତ ଭଙ୍ଗୀରେ ଦକ୍ଷିଣ ହସ୍ତ ଉତ୍ତୋଳନ ପୂର୍ବକ ଯାଦୁବିଦ୍ୟା ପ୍ରଦର୍ଶନ କରି ବର୍ଷା ଆବାହନ କରୁଛନ୍ତି । ସାନ୍ତାଳମାନଙ୍କ ମତରେ “ବାସ୍ତବିକ ବର୍ଷା ଆବାହନ ନିମିତ୍ତ ଏ ନୃତ୍ୟ ଏକ ଯାଦୁକାରୀ ପନ୍ଥା । ଏହା ଫଳରେ ବର୍ଷଣ ମୁଖୀ ମେଘ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସି ବର୍ଷାଦାନ କରେ । ବର୍ଷା ଉଦ୍ଦେଶ୍ୟରେ ଏହି ନୃତ୍ୟର ଏକ ଆବାହନୀ ସଙ୍ଗୀତର ମର୍ମାନୁବାଦରୁ ଏହାର ଉଦ୍ଦେଶ୍ୟ ଜଣାପଡ଼େ । ତାହା ହେଲା—“ହେ ଦେବତା, ହେ ପ୍ରଭୁ, ଆକାଶ ଦେଶରେ ମେଘ ମାଳ ମାଳ ମାତ୍ର ଧରଣୀର ବକ୍ଷ ଆଜି ବିଦୀର୍ଣ୍ଣ, ଧୂଳି ଧୂସରିତ । ବର୍ଷା ନାହିଁ, ଶସ୍ୟ ଶ୍ୟାମଳିମ ଧରଣୀ ଆଜି ଉଷର ହେବାକୁ ବସିଲାଣି । ମଣିଷର ହୃଦୟ ଆଜି ନୈରାଶ୍ୟରେ ଭରିଗଲାଣି । ପ୍ରଭୁ, ପାଣି ଭରା ମେଘ ପଠାଇ ପାଣି ଦିଅ । ଧରଣୀ ବକ୍ଷ ପୁଣି ଶସ୍ୟ ଶ୍ୟାମଳିତ ହେଉ ।” [୧୩]

ଝିକା ନୃତ୍ୟ (ଝିକା ଏନେଜ) :

ଶ୍ରୀ ପୃଥ୍ୱୀନାଥ ମୁର୍ମୁ କହନ୍ତି, “ଝିକା ବିଶେଷତଃ ଲାଗ୍‌ଡେ ନୃତ୍ୟର ଆବାହନ ପର୍ଯ୍ୟାୟ । ଏହି ନୃତ୍ୟରେ ନର୍ତ୍ତକ ନର୍ତ୍ତକୀମାନେ ହାତ ଛନ୍ଦାଛନ୍ଦି ନହୋଇ ବୃତ୍ତା-କାରରେ ନାଚନ୍ତି । ବାଦ୍ୟକାରମାନେ ଏହି ନୃତ୍ୟ ବୃତ୍ତର କେନ୍ଦ୍ରରେ ଏକ ବୃତ୍ତ ଗଠନ କରି ବାଦ୍ୟ ବଜାନ୍ତି । ନର୍ତ୍ତକ ନର୍ତ୍ତକୀମାନେ ବାଦ୍ୟର ତାଳେ ତାଳେ ନୃତ୍ୟରତ ହୁଅନ୍ତି । ସେମାନେ ଆଗେ ଆଗେ ନାଚି ଯାଆନ୍ତି ଓ ପୁରୁଷମାନେ ପୁଣି ନାଚି ନାଚି ଆସି ଘୂରି ପଡ଼ନ୍ତି । ଏହି ସମୟରେ ନୃତ୍ୟର ଚମତ୍କାରିତା ଦର୍ଶକଙ୍କର ପ୍ରାଣରେ ଆନନ୍ଦ ତରଙ୍ଗ ଖେଳାଇ ଦିଏ । ପବନରେ ଆନ୍ଦୋଳିତ ଶସ୍ୟକ୍ଷେତ ପରି ନର୍ତ୍ତକ ନର୍ତ୍ତକୀ ମାନଙ୍କର ଅର୍ଦ୍ଧ ବକ୍ର ଶରୀରର ଲୀଳାୟିତ ଭଙ୍ଗିମା ଅତ୍ୟନ୍ତ ଉପଭୋଗ୍ୟ ।

Digitized by srujanika@gmail.com

ଭେରୀ, କରତାଳ ଓ ବଇଁଶୀର ମଧୁର ସ୍ୱନ ସହିତ ନୃତ୍ୟଗୀତର ବାତାବରଣ ଅତ୍ୟନ୍ତ ମଧୁମୟ ଓ ଉତ୍ତାଳ ହୋଇ ଉଠେ । ତରୁଣୀ କଣ୍ଠର ସୁମଧୁର ସଙ୍ଗୀତରେ ଆଦିବାସୀ ପଲ୍ଲୀ ଶତମୁଖର ହୋଇଉଠେ । [୧୪]

ଢଂ ନୃତ୍ୟ (ଢଂ ଏନେଜ) :

ସାଧାରଣତଃ ବିବାହ ଉତ୍ସବ ସମୟରେ ଢଂ ନୃତ୍ୟ ପରିବେଷିତ ହୋଇଥାଏ । ପୁରୁଷ ଓ ସ୍ତ୍ରୀ ଉଭୟ ନର୍ତ୍ତକ ନର୍ତ୍ତକୀ ସଜ ଯେ ଯାହାର ନିଜସ୍ୱ ଦଳ ବନାନ୍ତି । ନର୍ତ୍ତକୀମାନେ ହାତ ଛନ୍ଦାଛନ୍ଦି ହୋଇ ଏକ ନୃତ୍ୟବୃତ୍ତ ସୃଷ୍ଟି କରନ୍ତି । ନର୍ତ୍ତକମାନେ ନାଗରା ଓ ମାଦଳ ଧରି ନର୍ତ୍ତକୀ ଦଳର ନୃତ୍ୟବୃତ୍ତର କେନ୍ଦ୍ର ସ୍ଥାନରେ ଉକ୍ତ ଅନ୍ୟ ଏକ ବୃତ୍ତ ସୃଷ୍ଟି କରନ୍ତି । ସଙ୍ଗୀତ ଆରମ୍ଭ ହେବା ସଙ୍ଗେ ସଙ୍ଗେ ନର୍ତ୍ତକ ନର୍ତ୍ତକୀମାନେ ନିଜ ନିଜର ଡାହାଣକୁ ପାଦ ପକାଇ ଆଗେଇ ଯାଆନ୍ତି । ପୁନଶ୍ଚ ପଛକୁ ପାଦ ପକାଇ ଲୟାନ୍ୱିତ ଭଙ୍ଗିରେ ବାଦ୍ୟର ତାଳେ ତାଳେ ନାଚନ୍ତି । ଏପରି ଭାବରେ ସେମାନେ ଏକାଗ୍ର ମନସ୍କ ନୃତ୍ୟରତ ରହନ୍ତି । ଏହି ସମୟରେ ନର୍ତ୍ତକୀମାନଙ୍କର ସମବେତ କଣ୍ଠର ମଧୁର ମୂର୍ଚ୍ଛନା ସମଗ୍ର ବାତାବରଣକୁ ଅତ୍ୟନ୍ତ ଉପଭୋଗ୍ୟ କରି ଗଢ଼ି ତୋଳେ । କେତେବେଳେ ମଧ୍ୟ ନର୍ତ୍ତକ ନର୍ତ୍ତକୀମାନଙ୍କ ମଧ୍ୟରେ ନୃତ୍ୟଗୀତର ପ୍ରତିଯୋଗିତା ହୁଏ । ଏହି ସମୟରେ ନର୍ତ୍ତକମାନେ ପ୍ରଶ୍ନ ଛଳରେ ଗୀତ ଗାଆନ୍ତି ଓ ନର୍ତ୍ତକୀମାନଙ୍କର ସମବେତ କଣ୍ଠ ସଙ୍ଗୀତ ତା'ର ପ୍ରତ୍ୟୁତ୍ତର ଦିଏ । ଏହିପରି ଭାବରେ ଦୁଇଦିନ କାଳ ନାଚ ଗୀତର ଆସର ଜମେ । ସମସ୍ତ ସାନ୍ତାଳ ପଲ୍ଲୀ ନାଚଗୀତରେ ଉଚ୍ଛ୍ୱସିତ ହୁଏ । ଶିଶୁ ଜନ୍ମ ପରେ ମାଟିଆର (ନରତା) ସମୟରେ ମଧ୍ୟ ଢଂ ନୃତ୍ୟ ପରିବେଷିତ ହୋଇଥାଏ । ଏହାକୁ 'ବାପଲେ ଢଂ' ବୋଲି କୁହାଯାଏ । ଏହି ନୃତ୍ୟ ମୁଖ୍ୟତଃ ବିବାହ ପର୍ବରେ ପରିବେଷିତ ହୋଇଥାଏ । ଜଣୈକ ସାନ୍ତାଳ ବୃଦ୍ଧଙ୍କ ମତରେ, "ଏହି ନୃତ୍ୟର ଉଦ୍ଦେଶ୍ୟ ବିବାହ ପର୍ବ ସହିତ ଜଡ଼ିତ । ଏହା ଏକ କୁହୁକ, ଏହି ନୃତ୍ୟ ନବବିବାହିତ ଦମ୍ପତିଙ୍କ ପାରସ୍ପରିକ ସ୍ନେହ ଓ ପ୍ରେମ ବନ୍ଧନକୁ ଅଧିକରୁ ଅଧିକ ନିବିଡ଼ କରେ ଓ ନିଜସ୍ୱ ବଂଶ ବୃଦ୍ଧି ପାଇଁ ଉଦ୍ଦାମ ମାଦକତା ଭରିଦିଏ ।

ଝଞ୍ଜା ନୃତ୍ୟ (ଝଞ୍ଜା ଏନେଜ) :

ଚନ୍ଦ୍ରାପୂର୍ଣ୍ଣିମାର ଅପରାହ୍ଣରେ ଝଞ୍ଜା ନୃତ୍ୟର ଆସର ଜମେ । ଯୁବକ ଯୁବତୀମାନେ ପୃଥକ ଭାବେ ଦଳ ଗଠନ କରି ବୃତ୍ତାକାରରେ ନୃତ୍ୟରତ ରହନ୍ତି । ପ୍ରତ୍ୟେକ ନୃତ୍ୟବୃତ୍ତ ମଧ୍ୟରେ ଏକ ଅନ୍ତଃ ବୃତ୍ତ ସୃଷ୍ଟି କରି ବାଦ୍ୟକାରମାନେ ବାଦ୍ୟ ବଜାନ୍ତି । ନର୍ତ୍ତକ ନର୍ତ୍ତକୀମାନେ ହାତ ଛନ୍ଦାଛନ୍ଦି ନ ହୋଇ ନିଜସ୍ୱ ବୃତ୍ତରେ ଉକ୍ତ ଗୀତ ବାଦ୍ୟର ତାଳେ ତାଳେ ନାଚନ୍ତି । ଝଞ୍ଜା ନୃତ୍ୟର ବିଭିନ୍ନ ଭଙ୍ଗିମା ଅତ୍ୟନ୍ତ ବୈଚିତ୍ର୍ୟପୂର୍ଣ୍ଣ । ନର୍ତ୍ତକ ନର୍ତ୍ତକୀମାନେ ବୃତ୍ତାକାରରେ ନାଚ ନାଚ କେତେବେଳେ ଦକ୍ଷିଣ ହସ୍ତ

Digitized by srujanika@gmail.com

ଉତ୍ତୋଳନ କରନ୍ତି ଓ ଆଉ କେତେବେଳେ ଅପୂର୍ବ ଭଙ୍ଗିମା ପ୍ରଦର୍ଶନ ପୂର୍ବକ ବାମହସ୍ତ ତରଙ୍ଗାୟିତ ଭଙ୍ଗୀରେ ଆନ୍ଦୋଳିତ କରି ଦୃଷ୍ଟି ଆକର୍ଷଣ କରନ୍ତି । ଏହି ନୃତ୍ୟର ବୃତ୍ତାକୃତି ଗତି ସମୂହ, ନର୍ତ୍ତକ-ନର୍ତ୍ତକୀମାନଙ୍କର ଅଗପଛ ନର୍ତ୍ତନ ଭଙ୍ଗୀ ଅତ୍ୟନ୍ତ ଉପଭୋଗ୍ୟ । କେବେ କେବେ କରମପୂଜା ଅବସରରେ ମଧ୍ୟ ଖଡ୍ଡାନୃତ୍ୟ ପରିବେଷିତ ହୋଇଥାଏ । ସାନ୍ତାଳମାନଙ୍କର ଧନଧାନ୍ୟ-ଗୋପଲକ୍ଷ୍ମୀ ବୃଦ୍ଧି କାମନା ମୂଳରେ ଏହି ନୃତ୍ୟ ପରିବେଷଣର ମୁଖ୍ୟ ଉଦ୍ଦେଶ୍ୟ ନିହିତ ।

ବହୁବିଧ ଲୋକକଥା ତଥା ଅନୁକରଣୀୟ ଉପଦେଶାବଳୀ ଏହି ନୃତ୍ୟର ବିଷୟବସ୍ତୁ ରୂପେ ଗୃହୀତ ହୋଇଥାଏ । ଏସବୁ ବିଷୟବସ୍ତୁ ସହିତ କର୍ମନୃତ୍ୟ ଓ କର୍ମ ସଙ୍ଗୀତର ବିଚିତ୍ର ସମାବେଶରେ ଏହା ପରିବେଷିତ ହୋଇଥାଏ । କମାରର କୃଷି ଉପକରଣ ତିଆରି, କୃଷକର ହାଡ଼ଭୂଳା, ଜଣ୍ଡାକଟା, ଗାଈଦୋହା, କୁକୁଡ଼ା ଡାକରେ ଗୃହ ସ୍ୱାମୀର ଶଯ୍ୟାତ୍ୟାଗ ଆଦି ବିଭିନ୍ନ କର୍ମମାନ ନର୍ତ୍ତକ-ନର୍ତ୍ତକୀମାନେ ଗୀତ ବାଦ୍ୟର ତାଳେ ତାଳେ ନାଚି ନାଚି ବିଭିନ୍ନ ଭଙ୍ଗିମା ମାଧ୍ୟମରେ ତାହା ପ୍ରଦର୍ଶନ କରିଥାଆନ୍ତି ।

ଜାବୁର ନୃତ୍ୟ (ଜାବୁର ଏନେଜ) :

ଏହା ଏକ ଭକ୍ତିମୂଳକ ନୃତ୍ୟ । ଫୁଲ ସଙ୍କ୍ରାନ୍ତି ପର୍ବ ତଥା ଫସଲ ଅମଳ (ସୋହରାଏ) ପର୍ବ ଅବସରରେ ଏହି ନୃତ୍ୟ ପରିବେଷିତ ହୋଇଥାଏ । ଏହି ନୃତ୍ୟରେ ପୁରୁଷ ଓ ସ୍ତ୍ରୀ ଅଲଗା ଅଲଗା ନୃତ୍ୟବୃତ୍ତ ଗଠନ କରି ନାଚନ୍ତି । ନୃତ୍ୟ ଗୀତର ତାଳେ ତାଳେ ନର୍ତ୍ତକ-ନର୍ତ୍ତକୀମାନେ ନିଜସ୍ୱ ନୃତ୍ୟ ବୃତ୍ତରେ ଆଗକୁ ପାଦ ପକାଇ ଆଣ୍ଠୁ ଭଙ୍ଗି ଲୀଳାୟିତ ଭଙ୍ଗୀରେ ଯୋଡ଼ହସ୍ତ ଉତ୍ତୋଳନ କରନ୍ତି । ପୁଣି ଲୀଳାୟିତ ଭଙ୍ଗୀରେ ହସ୍ତ ତଳକୁ ପକାନ୍ତି । ମଧ୍ୟାହ୍ନରେ ପର୍ବଶେଷ ହେଲେ ଯାଏ ଏହି ନୃତ୍ୟ ପରିବେଷଣ ଅବ୍ୟାହତ ରହେ । ସାନ୍ତାଳ ସମ୍ପ୍ରଦାୟର ଧନଧାନ୍ୟ ସୁଖ ସମୃଦ୍ଧି କାମିରୁ ଇଷ୍ଟଦେବଙ୍କୁ ପ୍ରାର୍ଥନା କରିବା ଏହି ନୃତ୍ୟର ଏକ ମୁଖ୍ୟଲକ୍ଷ୍ୟ ଅଟେ ।

ଡାହାର ନୃତ୍ୟ (ଡାହାର ଏନେଜ) :

ଏହି ନୃତ୍ୟ ସାଧାରଣତଃ ମାଘ ମାସର ଦ୍ୱିତୀୟା ତିଥିଠାରୁ ଫାଲଗୁନ ମାସର ପୂର୍ଣ୍ଣିମାଯାଏ ଅବ୍ୟାହତ ରହେ । ଏହି ସମୟ ମଧ୍ୟରୁ ଉକ୍ତ ନୃତ୍ୟ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଆରମ୍ଭ ହୁଏ ଏବଂ ମଧ୍ୟ ରାତ୍ରରେ ଏହା ଶେଷହୁଏ ।

ଏହି ନୃତ୍ୟରେ ପୁରୁଷ ଓ ସ୍ତ୍ରୀମାନେ ହାତକୁ ହାତଛନ୍ଦି ବୃତ୍ତାକାରରେ ରହି ମନ ଫୁଲକିଆ ଗୀତଗାଇ ନାଚନ୍ତି । ବାଦ୍ୟକାରମାନେ ନୃତ୍ୟବୃତ୍ତର କେନ୍ଦ୍ରରେ ରହି ବାଦ୍ୟ ବଜାନ୍ତି । ନର୍ତ୍ତକ-ନର୍ତ୍ତକୀମାନେ ଦୁଇପାଦ ଆଗେଇ ଯାଆନ୍ତି । ତାପରେ ଦିଗ ପରିବର୍ତ୍ତନ କରି ବାମକୁ ଏକପାଦ ପୁନଶ୍ଚ ଡାହାଣକୁ ଏକ ପାଦ ପକାଇ ଆଗେଇ

Digitized by srujanika@gmail.com

ଯାଅନ୍ତି । ସ୍ୱଚ୍ଛନ୍ଦ ସରଳ ଏକ ସ୍ନିଗ୍ଧ ବାତାବରଣ ମଧ୍ୟରେ ନର୍ତ୍ତକ-ନର୍ତ୍ତକୀମାନଙ୍କର ଏହି ନୃତ୍ୟବୃତ୍ତ ବାରମ୍ବାର ବିଭିନ୍ନ ଭଙ୍ଗୀ ଓ ଗତି ପରିବର୍ତ୍ତନ କରି ଦର୍ଶକଙ୍କ ପ୍ରାଣରେ ଏକ ଅସରନ୍ତି ଆନନ୍ଦ ପ୍ରଦାନ କରେ । ପୁରୁଷ ଓ ନାରୀ-ସମନ୍ୱିତ ପ୍ରଶ୍ନୋତ୍ତର କଣ୍ଠ-ସଙ୍ଗୀତର ମୂର୍ଚ୍ଛନାରେ ସାନ୍ତାଳପଲ୍ଲୀ ମୁଖରିତ ହୋଇଉଠେ । ଏହିପରି ଭାବରେ ପ୍ରାୟ କିଛି ସମୟ ଯାଏ ଏହି ନୃତ୍ୟଗୀତ ସ୍ୱପ୍ନପୁରୀ ସୃଷ୍ଟି କରେ । ତାପରେ କିଛି ସମୟ ପାଇଁ ବିଶ୍ରାମ ବା ମଧ୍ୟାନ୍ତର ହୁଏ । ମଧ୍ୟାନ୍ତର ଶେଷରେ ପୁଣି ନୃତ୍ୟରତା ଉତ୍ତେଜନାମୟୀ କିଶୋରୀଙ୍କ କଣ୍ଠରୁ ଝରିପଡ଼େ ମାଦକଭରା ସଙ୍ଗୀତର ମଧୁର ମୂର୍ଚ୍ଛନା । ନୃତ୍ୟବୃତ୍ତ ପୁଣି ଆପଣା ଗ୍ରୁବଁ ରୂପନଏ ନର୍ତ୍ତକ-ନର୍ତ୍ତକୀମାନେ ନବ ଉନ୍ମାଦନାରେ ନୃତ୍ୟରତ ହୁଅନ୍ତି । ବାଦ୍ୟକାରମାନଙ୍କର ବାଦ୍ୟ ଯନ୍ତ୍ରର ବାଜଣା, ନର୍ତ୍ତକ-ନର୍ତ୍ତକୀମାନଙ୍କର ନୃତ୍ୟଗୀତର ଐକତାନର ସମାବେଶ ପରିବେଶକୁ ଅତ୍ୟନ୍ତ ରସୋତ୍ତୀର୍ଣ୍ଣ କରି ଗଢ଼ିତୋଳେ । ଉକ୍ତ ଲୋକ ନୃତ୍ୟର ଅପୂର୍ବ ମନମୋହନ ଓ ଯାଦୁକାରୀ ନର୍ତ୍ତନ ଭଙ୍ଗିମା ଏବଂ ନୃତ୍ୟ ଗୀତର ମଧୁର ମୂର୍ଚ୍ଛନା ଦର୍ଶକଙ୍କ ଦର୍ଶନେଚ୍ଛା ବଳବତୀ କରେ । ସେମାନଙ୍କ ମନ-ନୟନ-ପ୍ରାଣ ଉକ୍ତ ନୃତ୍ୟ-ଗୀତର ତାଳେ ତାଳେ ନାଚିବାରେ ଲାଗେ ।

ଏହା ଏକ ଧର୍ମମୂଳକ ନୃତ୍ୟ । ଏହା ଫୁଲସଙ୍ଗୁଣୀ ପର୍ବର ପୂର୍ବ ସୂଚନା ଦେଇଥାଏ । ସଙ୍ଗୀତଗୁଡ଼ିକ ଭକ୍ତିପୂତ ଭାବନାରେ ରସାଣିତ ଏବଂ ସେଗୁଡ଼ିକ ଜାହେର ଥାନର ବିଭିନ୍ନ ଇଷ୍ଟ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ।

ଡାଣ୍ଟାନୃତ୍ୟ (ଡାଂଣ୍ଟା ଏନେଜ) :

ଏହା ଯେବେ ଯେବେ ଫସଲ ଅମଳ ସମୟରେ ସୋହରାଏ ପର୍ବ ଅବସରରେ ପରିବେଷିତ ହୋଇଥାଏ । ଏହା ପ୍ରସ୍ତରରୁ ମଧ୍ୟ ସହଜାଏ ଅବ୍ୟାହତ ରହେ । ଶ୍ରୀ ପୃଥ୍ୱୀନାଥ ମୁର୍ମୁଙ୍କ ମତରେ, ଏହା ଏକ ବୀର ଓ କର୍ମନୃତ୍ୟ । ନୃତ୍ୟ ଦୃଷ୍ଟିରୁ ଏହା ଛଉନୃତ୍ୟ ବା ରଣ ନୃତ୍ୟ (war dance) ସହିତ ତୁଳନୀୟ ।

ଏହି ନୃତ୍ୟ କେବଳ ତରୁଣ ଗୋଷ୍ଠୀପାଇଁ ଉଦ୍ଦିଷ୍ଟ । ଏଥିରେ ତରୁଣୀମାନେ ନର୍ତ୍ତକ କିମ୍ବା ନର୍ତ୍ତକୀ ସାଜିକରି ନାଚିବାର ସୁଯୋଗ ପାଆନ୍ତି ନାହିଁ । ଏଥିରେ ତରୁଣମାନେ ଦୁଇଟି ବୃତ୍ତରେ ନାଚନ୍ତି । ବାଦ୍ୟକାରମାନେ ନୃତ୍ୟ ବୃତ୍ତର କେନ୍ଦ୍ରରେ ରହି ବାଦ୍ୟ ବଜାନ୍ତି । ଏହି ନୃତ୍ୟରେ ନର୍ତ୍ତକମାନେ ବାଦ୍ୟର ତାଳେ ତାଳେ ଆଗକୁ ନାଚ ନାଚ ଯିବାବେଳେ ପ୍ରଥମେ ଡାହାଣ ପାଖକୁ ଓ ତତ୍ପରେ ବାମ ପାଖକୁ ପାଦ ପକାଇ ନାଚନ୍ତି । ପ୍ରକୃଷ୍ଟ ନୃତ୍ୟବୃତ୍ତ ଦ୍ୱୟ ପଛଆଡ଼େ ଗଳନ୍ତି । ଏହି ସମୟରେ ନୃତ୍ୟବୃତ୍ତ ଦ୍ୱୟର ଅପୂର୍ବ ଭଙ୍ଗିମା ଅତ୍ୟନ୍ତ ଉପଭୋଗ୍ୟ ।

Digitized by srujanika@gmail.com

ଏହି ନୃତ୍ୟରେ ତରୁଣ ଗହଣରେ ତରୁଣୀମାନେ ସହନର୍ତ୍ତକୀ ରୂପେ ନୃତ୍ୟାଧିକାର ପାଆନ୍ତି । କାରଣ ଏହି ନୃତ୍ୟରେ ନର୍ତ୍ତକମାନେ ଶାରୀରିକ ଦୀର୍ଘଲମ୍ଫ ପ୍ରଦାନ କରି ଯେପରି ନୃତ୍ୟରତ ହୁଅନ୍ତି , ସେହିପରି ଦୀର୍ଘଲମ୍ଫ ପ୍ରଦାନ କରି ନୃତ୍ୟ ପ୍ରଦର୍ଶନ କରିବା ତରୁଣୀମାନଙ୍କ ପକ୍ଷେ ସମ୍ଭବ ନୁହେଁ । ଦ୍ୱିତୀୟତଃ ଏ ପ୍ରକାର ନୃତ୍ୟରେ ପରିବେଷିତ ସଙ୍ଗୀତ ଅତୀବ ଶୃଙ୍ଗାର ରସପୂର୍ଣ୍ଣ । ତେଣୁ ଏଥିରେ ନାରୀ-ମାନଙ୍କୁ ସହନର୍ତ୍ତକୀ ରୂପେ ଗ୍ରହଣ କରାଯାଏ ନାହିଁ । ତୃତୀୟତଃ ଏହି ନୃତ୍ୟରେ ମୁଦ୍ରା ବା ଭଙ୍ଗିମା ଅତ୍ୟନ୍ତ ଯୌନୋଦ୍ଦୀପକ । ଶ୍ରୀଦୁଲାଲ ମୁଖାର୍ଜୀଙ୍କ ମତ ଏଠାରେ ଉଦ୍ଧାର କରାଯାଇପାରେ । ସେ କହନ୍ତି, "ଘଣ୍ଟା ନୃତ୍ୟର କେତେକ ସ୍ୱତନ୍ତ୍ର ମୁଦ୍ରା ଓ ସେଗୁଡ଼ିକର ବିଶେଷତ୍ୱ ଅତ୍ୟନ୍ତ ଉଲ୍ଲେଖନୀୟ । ତାହା ହେଲା—ଏହି ନୃତ୍ୟରେ ଯେତେବେଳେ ଉଭୟ ଧାଡ଼ିରେ ନର୍ତ୍ତକମାନେ ସ୍ଥାନ ପରିବର୍ତ୍ତନ କରନ୍ତି ଏବଂ ମଧ୍ୟବର୍ତ୍ତୀ ସ୍ଥାନରେ ମିଳିତ ହୁଅନ୍ତି ସେତେବେଳେ ବାସ୍ତବ ଜୀବନରେ ଯେପରି ପ୍ରେମିକ ପ୍ରେମିକାର ହସ୍ତଧରି ପ୍ରେମାଲିଙ୍ଗନ କରେ ସେହିପରି ପ୍ରତ୍ୟେକ ଧାଡ଼ିରେ ନର୍ତ୍ତକ ଅନ୍ୟ ଧାଡ଼ିର ନର୍ତ୍ତକର ହସ୍ତଧରି ଆଲିଙ୍ଗନ କରନ୍ତି । ତାପରେ ସେମାନେ ବିଭିନ୍ନ ଅଙ୍ଗ ସ୍ପର୍ଶ କରନ୍ତି ଓ ବାସ୍ତବ ଯୌନାସକ୍ତ ଭଳି ପୁଣି ଆଲିଙ୍ଗନ କରନ୍ତି ।"

ବାହା ବା ଫୁଲ ସଙ୍କ୍ରାଣୀ ନୃତ୍ୟ (ବାହା ଏନେଚ)

ନବ ବସନ୍ତର ଆଗମନରେ ଧରଣୀରାଣୀ ନବଶୋଭା ସମ୍ଭାରରେ ହସିଉଠେ । ବସନ୍ତର କାଉଁଶକାଠି ପରଶରେ ଶାଳ, ପଳାଶ, ଆମ୍ବ, ମହୁଲ ଆଦି ବୃକ୍ଷରାଜି ନବ ପୁଷ୍ପରେ ପୁଷ୍ପିତ ଓ ସୁରଭିତ ହୁଅନ୍ତି । ସାନ୍ତାଳମାନେ ନବ ବସନ୍ତର ସ୍ୱାଗତିକା ଉତ୍ସବ ରୂପେ ପାଳନ କରନ୍ତି ଫୁଲ ସଙ୍କ୍ରାଣୀ ବା ବସନ୍ତ ପର୍ବ । ନିଜ ଇଷ୍ଟ ଦେବାଦେବୀଙ୍କୁ ନବ ପୁଷ୍ପ ପ୍ରଦାନ କରି ସେମାନେ ଶୁଭାଶିଷ କାମନା କରନ୍ତି । ଏହି ଉତ୍ସବ ଅବସରରେ ସେମାନେ ପରିବେଷଣ କରନ୍ତି ବାହା ବା ଫୁଲ ସଙ୍କ୍ରାଣୀ ନୃତ୍ୟ । ଏଣୁ ଏହି ନୃତ୍ୟ ଏକ ଭକ୍ତିମୂଳକ ନୃତ୍ୟ । ଏଥିରେ କେବଳ ନାରୀମାନେ ନର୍ତ୍ତକୀ ସାଜି ବାଦ୍ୟର ତାଳେ ତାଳେ ନାଚନ୍ତି । ସେମାନେ ହାତ ଛନ୍ଦାଛନ୍ଦି ନ ହୋଇ ଦୁଇଟି ବୃତ୍ତରେ ନାଚନ୍ତି ।

ଜୁହ୍ନିର ନୃତ୍ୟ :

"ପୂଜା ପାର୍ବଣ ଓ ସାମାଜିକ ଉତ୍ସବରେ ସାନ୍ତାଳମାନେ 'ଜୁହ୍ନିର' ନୃତ୍ୟ ଆୟୋଜନ କରିଥାଆନ୍ତି । ଏହି ନୃତ୍ୟରେ ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ, ପଦଚାଳନା ସ୍ୱର ଓ ଲୟ ଦେଖାଯାଏ ।

ଗାଁର ମୁଖ୍ୟ ଜଗ ମାଝିଙ୍କ ଘର ସାମନାରେ ଗାଁର ତରୁଣମାନେ ଏକାଠି ହୋଇ ଢୋଲ ଓ ବଂଶୀ ବାଦନ କରି ସାନ୍ତାଳ ତରୁଣୀମାନଙ୍କୁ ଆହ୍ୱାନ ଜଣାନ୍ତି ।

Digitized by srujanika@gmail.com

ତରୁଣର ଢୋଲ ଓ ବଂଶୀଧ୍ୱନି ଶୁଣି ସାନ୍ତାଳ ତରୁଣୀମାନେ ମନ ଆନନ୍ଦରେ ନାଚିବାକୁ ବାହାରି ପଡ଼ନ୍ତି । ତରୁଣମାନେ ମଧ୍ୟ ଖଞ୍ଜରେ ବାଦ୍ୟ ବଜାଇ ତରୁଣୀମାନଙ୍କ ସଙ୍ଗରେ ଏ ଖେଳେ ମଧ୍ୟ ନାଚନ୍ତି । ନାଚ, ଗୀତ ଓ ବାଦ୍ୟରେ ଗାଁ ଉଚ୍ଛୁଳିପଡ଼େ ।

ଗବେଷକ ଡାଲଟନ କହନ୍ତି, ସାନ୍ତାଳମାନଙ୍କର 'ଜନ୍ଥିର ନାଚ' ସହିତ × × × କୃଷ୍ଣଙ୍କର ବ୍ରଜ ଓ ବୃନ୍ଦାବନ ରାସ ନୃତ୍ୟର ଅଦ୍ଭୁତ ସାମଞ୍ଜସ୍ୟ ଦେଖିବାକୁ ମିଳେ । ଏହି 'ଜନ୍ଥିର ନାଚକୁ' ହିଁ ଶ୍ରୀକୃଷ୍ଣଙ୍କ ରାସ ନୃତ୍ୟର ଅନୁକରଣ ବର୍ତ୍ତିନୀ ବୋଲି କୁହାଯାଇପାରେ [୧୫]"

ସାନ୍ତାଳ ସମାଜ ଓ ସଂସ୍କୃତିରେ ଏ ସମସ୍ତ ନୃତ୍ୟ ପରଂପରା ଅତି ପ୍ରାଚୀନ କାଳରୁ ଚଳି ଆସୁଛି । ସ୍ଥାନକାଳ ଓ ପାତ୍ର ଭେଦରେ ଏଗୁଡ଼ିକର ରୂପ ଭିନ୍ନ ହୋଇଥିଲେ ମଧ୍ୟ ଏଗୁଡ଼ିକ ଯେପରି ଆନନ୍ଦଦାୟକ ରମଣୀୟ ଓ ପ୍ରେମସିକ୍ତ ସେହିପରି ଶୃଙ୍ଖଳିତ ଭାବରେ ଉପାସିତ । କାଳର ପରିବର୍ତ୍ତନ ସହିତ ଏହାର ବାହ୍ୟିକ ପରିବର୍ତ୍ତନ । ପରିବର୍ତ୍ତନ ଏବଂ ଆଧୁନିକତାର ସାନ୍ନିଧ୍ୟରେ ସାନ୍ନିଧ୍ୟ ହୋଇଥିଲେ ମଧ୍ୟ ନିଜର ନିଜସ୍ୱ ରକ୍ଷାକରି ଏ ସମସ୍ତ ଲୋକନୃତ୍ୟ ଯେ ଆଦିବାସୀ ସଂସ୍କୃତିର ଏକ ଅଲିଭା ପ୍ରତାପ ରୂପେ ପ୍ରକଟିତ ହୋଇଆସୁଛି—ଏଥିରେ ସନ୍ଦେହର ଅବକାଶ ନାହିଁ ।

ସାନ୍ତାଳୀ ଲୋକକଥା :

ପ୍ରତ୍ୟେକ ସମାଜରେ ବିଭିନ୍ନ ଲୋକକଥା ଅଛି । ଲୋକକଥାଗୁଡ଼ିକ ମଧ୍ୟରେ ଜନ ଜୀବନର ନିଖୁଣ ଚିତ୍ର ପ୍ରତିବିମ୍ବିତ ହୋଇଥାଏ । କେତେକ ଲୋକକଥାରେ କଳ୍ପନାର ପୁଟଦେଇ ତାକୁ ବେଶ୍ ଆକର୍ଷିତ କରାଯାଇଥାଏ । ଏଗୁଡ଼ିକ ମାଧ୍ୟମରେ ସମାଜର ସୁଖ ଦୁଃଖ, ମିଳନକଥା, ଆଦି ଚିତ୍ରିତ ହୋଇଥାଏ । ସେହିଭଳି ଆଦିବାସୀ ସମାଜ ବିଶେଷକରି ସାନ୍ତାଳୀ ସମାଜରେ ବିଭିନ୍ନ ଲୋକକଥା ରହିଛି । ଏଗୁଡ଼ିକ ହିଁ ଜୀବନ୍ତ ସାମାଜିକ ଜୀବନ ଓ ସାଂସ୍କୃତିକ ପରମ୍ପରା ପରିଚୟ ଦେଇଥାଏ । ଏଗୁଡ଼ିକ ଆଦିବାସୀ ଶିଶୁ ସାହିତ୍ୟର ଅମୂଲ୍ୟ ମଣିମାଣିକ୍ୟ । ମାତ୍ର ଏଗୁଡ଼ିକର ସଂଗୃହୀତ ଓ ପ୍ରକାଶିତ ହେବା ଦରକାର । ଏଠାରେ ସାନ୍ତାଳ ଜାତିର ବିଶ୍ୱାସ ଉପରେ ପରୀକ୍ଷାକରି ଏକ ଦୃଷ୍ଟାନ୍ତ ରୂପେ ଲୋକକଥାଟିଏ ଦିଆଗଲା ।

୮ ପୃଥିବୀର ଜନ୍ମକଥା

ବହୁ ପୁରୁଣା କଥା । ତା'ପରେ ଲକ୍ଷ ଲକ୍ଷ ବର୍ଷ ବିତିଗଲାଣି । ସେତେବେଳେ ଆମ ଏ ପୃଥିବୀ ସୃଷ୍ଟି ହୋଇ ନଥିଲା । ନରନାରୀ ପଶୁପକ୍ଷୀ କେହି ନଥିଲେ । ପାହାଡ଼ ପର୍ବତ ଗଛଲତା ଆଦିର ଚିହ୍ନବର୍ଣ୍ଣ ନଥିଲା । ଜଳ, ଖାଲି ଜଳରେ ପୃଥିବୀ ଭରିଥିଲା ।

Digitized by srujanika@gmail.com

ଥରେ ଭଗବାନ, 'ଠାକୁର ଜୀଉ' ଭାବିଲେ, "ଏବେ ବଡ଼ ଦୁନିଆ ଖାଲି କ'ଣ ଜଳରେ ପୂରିକରି ରହିବ ! ନା, ଏଥିରେ କିଛି ଜୀଅନ୍ତା ପ୍ରାଣୀ ରହିବା ଦରକାର । ଏହା କହି ପ୍ରଥମେ ସେ ଜଳଚର ପ୍ରାଣୀ ସୃଷ୍ଟି କଲେ । କୁମ୍ଭୀର, ଝମି କଙ୍କଡ଼ା, କଇଁଚ ଆଦି ଆନନ୍ଦରେ ପାଣିରେ ବୁଲିଲେ ।

ସେ ଏତିକିରେ ସନ୍ତୁଷ୍ଟ ହେଲେ ନାହିଁ । ସେ କହିଲେ, "ଖାଲି ଜଳଚର ପ୍ରାଣୀ ନୁହେଁ, ମଣିଷ ମଧ୍ୟ ସୃଷ୍ଟି ହେବା ଦରକାର ।" ନରନାରୀ ସୃଷ୍ଟି ପାଇଁ ଠାକୁର ଜୀଉଙ୍କର ବଡ଼ ଚିନ୍ତା ।

ସେ ଜଳରୁ ମେଣ୍ଟାଏ କାଦୁଅ ଆଣିଲେ । ତହିଁରେ ଦୁଇଟି ମଣିଷ ପିତୁଳି ତିଆରି କଲେ । ଏହି ପିତୁଳି ଦୁଇଟିକୁ ଜୀବନ ଦାନ ଦେବେ ବୋଲି ଠିକ୍ କଲେ । ସେ ଏହି ପିତୁଳି ଦୁଇଟିକୁ ଆଣି ଜୀବନଦାନ ଦେବାକୁ ଯାଉଛନ୍ତି, ଏହି ସମୟରେ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଲା । ହଠାତ୍ ଶୂନ୍ୟରୁ ଦୁଇଟି ଜୀଅନ୍ତା ଘୋଡ଼ା ଛୁଟି ଆସିଲେ । ସେମାନେ ଏହି ପିତୁଳି ଦୁଇଟିକୁ ଗୋଇଠା ମାରି ଖଣ୍ଡ ଖଣ୍ଡ କରିଦେଲେ ।

ସେ ଘୋଡ଼ା ଦୁଇଟି ହେଉଛନ୍ତି ସୂର୍ଯ୍ୟ ଦେବତାଙ୍କର । ସେ ନିଜେ ସେମାନଙ୍କୁ ପଠାଇଥିଲେ । ଦୁନିଆରେ ମଣିଷ ଆଗ ସୃଷ୍ଟି ହେଉ, ସେ ତାହା ଚାହୁଁ ନଥିଲେ ।

ପୁଣି ଠାକୁରଜୀଉ ଚିନ୍ତା କଲେ—"ପୃଥିବୀରେ ନରନାରୀ ସୃଷ୍ଟି ହେବା ପୂର୍ବରୁ ଉଡ଼ନ୍ତା ଚଢ଼େଇ ସୃଷ୍ଟି କରିବେ । ଫେର୍ ଭାବିଲେ ଉଡ଼ନ୍ତା ଚଢ଼େଇ ସୃଷ୍ଟି ହେବା ପୂର୍ବରୁ କଠିନ ମାଟି ଓ ବଣବୁଦା ସୃଷ୍ଟି ହେବା ଦରକାର । ତାହା ନହେଲେ ଚଢ଼େଇ ରହିବ କେଉଁଠି ? ତା'ର ବସା ତିଆରି କରିବ କିପରି ?"

ତେଣୁ ପ୍ରଥମେ ସେ ସ୍ଥଳଭାଗ ସୃଷ୍ଟି କରିବାରେ ମନ ବଳାଇଲେ । ସ୍ଥଳଭାଗ ପାଇଁ ମାଟି ଦରକାର । ମାଟି ଆସିବ କେଉଁଠୁ ? କିଏ ମାଟି ଆଣିବ ? ମାଟି ଆଣିଲେ ମଧ୍ୟ ଜଳରେ ମାଟି ରହିବ କିପରି ?

ତାଙ୍କୁ ଗୋଟିଏ ସୁନ୍ଦର ବୁଦ୍ଧି ଦିଶିଲା । ସେ କୁମ୍ଭୀର, ଚିଙ୍ଗୁଡ଼ି ଓ ଝମିକୁ ଏ କାମରେ ଲଗାଇଲେ । ଏମାନଙ୍କୁ ଆଦେଶ ଦେଲେ । ଏମାନେ ମାଟି ଆଣି ଜଳ ଭାଗରେ ପକାଇବେ । ଏମାନେ ମାଟି ଆଣିଲେ ସିନା, ହେଲେ ମାଟି ପକାଇବା ମାତ୍ରେ ତାହା ପାଣିରେ ଧୋଇଗଲା । "ଭଲକଥା ହେଲା ! ମାଟି ରହୁନି କେମିତି !" ଠାକୁର ଜୀଉ ବହୁତ ଚିନ୍ତା କଲେ ।

ଶେଷରେ ଠାକୁର ଜୀଉଙ୍କୁ ବୁଦ୍ଧି ଦିଶିଲା । ସେ ଜଅ ଓ କଇଁଚକୁ ଡାକିଲେ । ସେମାନେ ଠାକୁରଜୀଉଙ୍କ ପାଖରେ ହାଜର ହେଲେ । ଠାକୁରଜୀଉ କହିଲେ, "କଇଁଚ ! ତୁ ଜଳ ଉପରେ ପିଠି ମେଲାଇ ଭାସି ରହ ଆଉ ଜଅ ! ତୁ ଜଳ ଭିତରୁ

Digitized by srujanika@gmail.com

ମାଟି ଆଣି କର୍କଟ ପିଠିରେ ଜମା କର ।" ସେମାନେ ଠାକୁର ଜୀଉଙ୍କ କଥାରେ 'ହଁ' ଭରିଲେ । ସଙ୍ଗେ ସଙ୍ଗେ କାମରେ ଲାଗିଗଲେ । କଇଁଆ ଜଳ ତଳେ ମାଟି ଗିଳିଲା । ଉପରକୁ ଆସି କର୍କଟ ପିଠିରେ ତାହା ବାହାର କଲା । ଏହିପରି ଲକ୍ଷ ଲକ୍ଷ କର୍କଟ ଓ କଇଁଆ କାମରେ ଲାଗି ପଡ଼ିଲେ । ସ୍ଥଳଭାଗ ସୃଷ୍ଟି ହେଲା ।

ଏହାପରେ ଭଗବାନ ଠାକୁରଜୀଉ ପକ୍ଷୀ ତିଆରି କରିବାକୁ ମନ ବଳାଇଲେ । ସେ ଯୋଡ଼ାଏ ପକ୍ଷୀ ତିଆରି କଲେ । ବଡ଼ ଘାସ ଏବଂ କେତେଗୁଡ଼ାଏ ଗଛ ମଧ୍ୟ ସୃଷ୍ଟି କଲେ । ଏହି ଭାବରେ ପୃଥିବୀ ଓ ସ୍ଥଳଭାଗ ସୃଷ୍ଟି ହେଲା ।

ପୁଣି ଠାକୁର ଜୀଉ ପକ୍ଷୀଯୋଡ଼ିକୁ ଡାକିଲେ । ତାଙ୍କୁ ବସା ତିଆରି ପାଇଁ ଆଦେଶ ଦେଲେ । ସେମାନେ ବସା ତିଆରି କଲେ । ଆନନ୍ଦରେ ରହିଲେ । କିଛିଦିନ ପରେ ମାଈ ପକ୍ଷୀଟି ଅଣ୍ଡା ଦେଲା, ଯୋଡ଼ାଏ ଅଣ୍ଡା । ଅଣ୍ଡାଯୋଡ଼ିକ ଖୁବ୍ ଧଳା, ଖୁବ୍ ଚକଚକ୍ । ପକ୍ଷୀ ଦୁଇଟି ଆଶ୍ଚର୍ଯ୍ୟ ହେଲେ । ଏମାନେ ତ ଚଢ଼େଇ ଛୁଆ ନୁହନ୍ତି । ତେବେ କଣ ? ଭୟରେ ଥରିଲେ ।

ତେବ କଲେନ । ଅଣନିଶ୍ୱାସୀ ହୋଇ ଧାଇଁଲେ ଠାକୁର ଜୀଉଙ୍କ ପାଖକୁ । କହିଲେ—ଠାକୁର ଜୀଉ ! ଠାକୁର ଜୀଉ ! ଆସନ୍ତୁ ଦେଖିବେ । ଅଣ୍ଡାରୁ ପକ୍ଷୀ ଜନ୍ମିନି ।" ଠାକୁରଜୀଉ ହସି ହସି କହିଲେ, "ହଁ ମୁଁ ଜାଣେ । ସେମାନଙ୍କ ମଧ୍ୟରୁ ଜଣେ ବାଳକ ଓ ଅନ୍ୟଜଣକ ବାଳିକା । ସେମାନେ ବଡ଼ ହେବେ । ନରନାରୀ ରୂପେ ଘର ସଂସାର କରିବେ ।"

ସେମାନେ ବଢ଼ିଲେ । ନାମ ହେଲା ପିଲଚୁ ହାରମ ଓ ପିଲଚୁ ବୁଢ଼ୀ । ପ୍ରଥମେ ସେମାନଙ୍କ ଦେହରେ ଲୁଗାପଟା କିଛି ନଥିଲା । ଠାକୁର ଜୀଉ ମାୟା କଲେ । ସେମାନଙ୍କୁ ଲାଜଶରମ ଲାଗିଲା । ଗଛ ଗୁଳ୍ମରେ ଲୁଗା ତିଆରି କଲେ । ତାକୁ ପିନ୍ଧିଲେ । ସେମାନେ ସ୍ୱାମୀ ସ୍ତ୍ରୀ ଭାବରେ ଚଳିଲେ । ଘର ସଂସାର କଲେ ।

ସେମାନଙ୍କର ଛୁଆପିଲା ହେଲେ । କ୍ରମେ ବଂଶ ବଢ଼ିଲା । ସେମାନଙ୍କର ସଂଖ୍ୟା ବହୁତ ବଢ଼ିଗଲା । କର୍କଟ ଓ କଇଁଆ ସୃଷ୍ଟି କରିଥିବା ସ୍ଥଳଭାଗ ଅଥଣ୍ଡ ହେଲା । ସେଠାରେ ରହିବା ସମ୍ଭବ ହେଲାନି ।

ସେତେବେଳକୁ ସ୍ଥଳଭାଗ ମଧ୍ୟ ବଢ଼ି ଯାଇଥିଲା । ସମସ୍ତେ ଏକ ସ୍ଥାନରେ ରହି ପାରିଲେ ନାହିଁ । ଭାଗ ଭାଗ ହୋଇ ଅନ୍ୟ ସ୍ଥାନକୁ ଗୁଞ୍ଚିଗଲେ । ଝରଣା, ନଦୀ, ପାହାଡ଼ ପର୍ବତ ପାଖ ସ୍ଥାନ ମାନଙ୍କରେ ବାସ କଲେ । ବିଭିନ୍ନ ବଂଶରେ ବିଭକ୍ତ ହେଲେ ।

Digitized by srujanika@gmail.com

ସେମାନଙ୍କ ମଧ୍ୟରୁ କେତେକ ଚୀନ ଓ ଚମ୍ପକ ଦେଶକୁ ମଧ୍ୟ ଗଲେ । ସେମାନଙ୍କର ହିନ୍ଦୁମାନଙ୍କ ସହିତ ବନ୍ଧୁତ୍ୱ ଥିଲା । ସେମାନେ ରାବଣ ମାରିବାରେ ରାମଙ୍କୁ ସାହାଯ୍ୟ କରିଥିଲେ ।

ପରେ ସେମାନେ ଛୋଟନାଗପୁର, ସାନ୍ତାଳ ପ୍ରଗଣା, ବୀରଭୂମ, ସିଂହଭୂମ, ଓଡ଼ିଶା ଆଦି ଅଞ୍ଚଳରେ ବସବାସ କଲେ । ତାଙ୍କ ସଭ୍ୟତା ସଂସ୍କୃତି ବଢ଼ିଲା । ସେମାନେ ଆନନ୍ଦରେ ରହିଲେ । [୧୫]

ଲୋକ ସଂସ୍କୃତିରେ ନାଚ ଓ ବାଦ୍ୟଯନ୍ତ୍ରର ଭୂମିକା :

ଓଡ଼ିଶାର ୬୨ ପ୍ରକାର ସମ୍ପ୍ରଦାୟରୁ ମୟୂରଭଞ୍ଜରେ ୫୩ ପ୍ରକାର ଆଦିବାସୀ ସମ୍ପ୍ରଦାୟ ଥିବାର ଜଣାପଡ଼େ । (୧୯୮୧ ଜନଗଣନା), ଓଡ଼ିଶାର ଉପରୋକ୍ତ ସମ୍ପ୍ରଦାୟ ମଧ୍ୟରୁ ମୟୂରଭଞ୍ଜରେ ବାସକରୁଥିବା ଉକ୍ତ ତେପନ ପ୍ରକାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଉଣା ଅଧିକେ ଧର୍ମ ବିଶ୍ୱାସ ପର୍ବପର୍ବାଣି ଆଦିର ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । ସେହି ପର୍ବପର୍ବାଣି ପାଳନ ଅବସରରେ ବିଭିନ୍ନ ଆଦିବାସୀଙ୍କ ନାଚ ଓ ସେଥିସହିତ ବ୍ୟବହୃତ ବାଦ୍ୟଯନ୍ତ୍ରର ପ୍ରାୟ ସମତା ପରିଲକ୍ଷିତ ହୁଏ । ପୂର୍ବେ ସାନ୍ତାଳମାନଙ୍କର ନାଚ ଓ ବାଦ୍ୟ ଯନ୍ତ୍ରର କଥା ଆଲୋଚନା କରାଯାଇଛି । ଏଠାରେ କେତେକ ଆଦିବାସୀ ସମ୍ପ୍ରଦାୟର ନାଚ ଓ ସେମାନଙ୍କ ବ୍ୟବହୃତ ବାଦ୍ୟଯନ୍ତ୍ର ସହିତ ଏ ଜିଲ୍ଲାର ଅନ୍ୟାନ୍ୟ ଲୋକ ସଂସ୍କୃତିର ସଂକ୍ଷିପ୍ତ ଆଲୋଚନା କରାଯାଉଛି । ଅବଶ୍ୟ କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ମୟୂରଭଞ୍ଜରେ ସଂଖ୍ୟାଲଘୁ ସମ୍ପ୍ରଦାୟ ହୋଇଥିଲେ ମଧ୍ୟ ସେମାନଙ୍କର ଲୋକନୃତ୍ୟ ତଥା ବାଦ୍ୟଯନ୍ତ୍ରର ବ୍ୟବହାର ଚଳ ପ୍ରାଦେଶିକ ଭିତ୍ତିରେ ଦିଆଯାଇଛି । ସାନ୍ତାଳମାନଙ୍କ ପରି ମାହାଲିମାନେ ବିଭିନ୍ନ ପର୍ବ ପାଳନ କରନ୍ତି । ବିଭିନ୍ନ ନୃତ୍ୟ ନାଚନ୍ତି ଓ ବିଭିନ୍ନ ବାଦ୍ୟଯନ୍ତ୍ର ବ୍ୟବହାର କରିଥାଆନ୍ତି ।

କୋଲହମାନେ ସାଧାରଣତଃ ବିଭିନ୍ନ ପର୍ବପର୍ବାଣିରେ ରାମଲୀଳା, କୃଷ୍ଣଲୀଳା ଇତ୍ୟାଦି ନୃତ୍ୟଗୀତର ଆସର ଆୟୋଜନ କରିଥାଆନ୍ତି । ସେମାନେ ମହୁରୀ, ଢୋଲ ଇତ୍ୟାଦି ମୁଖ୍ୟ ବାଦ୍ୟଯନ୍ତ୍ର ରୂପେ ବ୍ୟବହାର କରିଥାଆନ୍ତି । ଭୂମିଆ ମାନଙ୍କର ଛେମସା ନାଚ ଏକ ପ୍ରଧାନ ନାଚ । ଏମାନଙ୍କର ପ୍ରଧାନ ବାଦ୍ୟଯନ୍ତ୍ର ହେଉଛି, ବେହେଲା, ଟମକ ଝୁଞ୍ଜି, ଘୁମରା ଇତ୍ୟାଦି । ଓରାଂମାନେ ମଧ୍ୟ ନୃତ୍ୟଗୀତ ପ୍ରିୟ । ସେମାନେ ତାଙ୍କ ନୃତ୍ୟଗୀତ ବେଳେ ମାଦଳ, ଝୁମକା, ଗିନି, ନାଗରା, ବଇଁଶୀ ଆଦି ବାଦ୍ୟଯନ୍ତ୍ର ବ୍ୟବହାର କରିଥାଆନ୍ତି । ଶଅର ବା ଶବରମାନେ ରଜ, ଚନ୍ଦ୍ରାପୂର୍ଣ୍ଣିମା ଇତ୍ୟାଦିରେ ନାଚ ଗୀତର ଆୟୋଜନ କରିଥାନ୍ତି । ଚନ୍ଦ୍ର ପୂର୍ଣ୍ଣିମା ଅବସରରେ ସେମାନେ ‘ଝାଙ୍ଗୁର ନାଚ’ ନାଚିଥାଆନ୍ତି । ଏମାନଙ୍କର ମୟୂର ନାଚ, କୁକୁଡ଼ା ନାଚ, ଓ ଖଲୁନାଚ ପ୍ରଧାନ ନାଚ ରୂପେ ଆଦୃତ ହୋଇଥାଏ । ‘ଋତକା’ ଓ ‘ଘୁମରା’

Digitized by srujanika@gmail.com

ଏମାନଙ୍କର ପ୍ରଧାନ ବାଦ୍ୟଯନ୍ତ୍ର ରୂପେ ବ୍ୟବହୃତ ହୁଏ । ଚଞ୍ଚମାନଙ୍କ ମଧ୍ୟରେ ଧାଙ୍ଗଡ଼ା ଧାଙ୍ଗଡ଼ୀ ନୃତ୍ୟର ପ୍ରଚଳନ ଅଛି । ଅବିବାହିତା କନ୍ୟା ଓ ଅବିବାହିତ ଯୁବକମାନେ ଏଥିରେ ଯୋଗ ଦେଇଥାଆନ୍ତି । ଏମାନେ ଗୀତ ଗାଇ ନାଚନ୍ତି । ଏ ଗୀତରେ ସ୍ନେହ, ପ୍ରେମ ଓ ପ୍ରଣୟର ଗୁଞ୍ଜନ ପୂର୍ଣ୍ଣ ରହିଥାଏ । ନାଚିବେଳେ ଚଞ୍ଚମାନେ ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି ନାହିଁ । ପୁନଶ୍ଚ ଅନ୍ୟ କେତେବେଳେ ସେମାନେ 'ପେଲକା' ଓ ପଡ଼ଲା ଚମଡ଼ାରେ ନିର୍ମିତ ଏକପାଖିଆ ବାଜା ବ୍ୟବହାର କରିଥାନ୍ତି । ବିଂଝାଲ ମାନଙ୍କର ମୁଖ୍ୟ ନାଚର ନାମ ହେଉଛି 'କରମ ନାଚ' ଅନ୍ୟ ଆଦିବାସୀମାନଙ୍କ ଭଳି ସେମାନେ ନାଚ ଗୀତ ଓ ବାଦ୍ୟର ତାଳେ ତାଳେ କରମନାଚ ଉତ୍ସବରେ ନାଚନ୍ତି । ଭୁୟାଁ-ମାନେ 'ସଙ୍ଗୀନାଟ' ଉଡ଼ଭାନାଟ, କେଉନାଟ, ଚୁଙ୍କାନାଟ, ପାଇକନାଟ ଆଦି ନାଚରେ ନାଚିଥାଆନ୍ତି । ସେମାନଙ୍କର ମୁଖ୍ୟ ବାଦ୍ୟଯନ୍ତ୍ର ହେଉଛି ଚାଙ୍ଗୁ ଓ ବଇଁଶୀ । କୋଧାମାନେ ବିଭିନ୍ନ ପର୍ବପର୍ବାଣିରେ ଚାଙ୍ଗୁନାଟ ନାଚିଥାଆନ୍ତି । ସେମାନଙ୍କର ମୁଖ୍ୟ ବାଦ୍ୟଯନ୍ତ୍ର ହେଉଛି ଚାଙ୍ଗୁ ବା ଚଙ୍ଗଲ । ସଉରମାନେ ଶିକାରଧର୍ମୀ ନାଚ ନାଚି-ଥାଆନ୍ତି । ଏମାନଙ୍କର ସଙ୍ଘ ନୃତ୍ୟ ପ୍ରଚଳିତ । ପୁରୁଷମାନେ ଟାଙ୍ଗିଆ ଧରି ନାଚନ୍ତି । ପୁରୁଷମାନଙ୍କ ସହିତ ସ୍ତ୍ରୀ ଲୋକମାନେ ମଧ୍ୟ ନାଚନ୍ତି । ଏହି ନାଚବେଳେ ଢୋଲ ବାଦ୍ୟ ବାଜେ । ଗଣ୍ଡମାନଙ୍କର ବିଭିନ୍ନ ପର୍ବପର୍ବାଣିରେ ସ୍ବତନ୍ତ୍ର ନାଚ ଗୀତର ବ୍ୟବସ୍ଥା ଥାଏ । ଏମାନଙ୍କ ମଧ୍ୟରେ ଗୋଷ୍ଠୀନାଚ ଓ ଗୋଷ୍ଠୀଗୀତ ପ୍ରଚଳିତ । ଯୁବକ ଯୁବତୀ-ମାନେ ସଙ୍ଘ ନୃତ୍ୟ କରିବାର ପ୍ରଚଳନ ଅଛି, ଯାହା ଯୁବକମାନେ ହିଁ ବାଦ୍ୟଯନ୍ତ୍ର ବଜାନ୍ତି । 'ଡୁବୁକ' ଏମାନଙ୍କର ପ୍ରିୟ ବାଦ୍ୟଯନ୍ତ୍ର । ତାଛଡ଼ା ସେମାନେ ଗିନି ମଧ୍ୟ ବ୍ୟବହାର କରିଥାଆନ୍ତି । ହଲବାମାନେ ମାଦଳ ନାଟ କରିଥାନ୍ତି । ମାଦଳ ହିଁ ଏମାନଙ୍କର ପ୍ରଧାନ ବାଦ୍ୟଯନ୍ତ୍ର, ଖଡ଼ିଆମାନେ ଡାହୁଁନଦର ନାଟ ନାଚନ୍ତି । ଭୂମିଜମାନେ ଝୁମର ନାଚ ନାଚିଥାଆନ୍ତି । ସେମାନଙ୍କର ମୁଖ୍ୟ ବାଦ୍ୟଯନ୍ତ୍ର ହେଉଛି ମାଦଳ ବଇଁଶୀ ଓ 'ଝୁନୁର' । ସାନ୍ତାଳମାନେ ହିନ୍ଦୁ ଦେବାଦେବୀ ଓ ପର୍ବପର୍ବାଣି ପାଳନ କରନ୍ତି । ହିନ୍ଦୁମାନଙ୍କ ଭଳି ଏମାନେ ମନୋରଞ୍ଜନର ବ୍ୟବସ୍ଥା ଓ ବାଦ୍ୟଯନ୍ତ୍ରର ବ୍ୟବସ୍ଥା କରିଥାଆନ୍ତି । ଓଅଡ଼ିମାନଙ୍କର ପ୍ରଧାନ ନାଚ ହେଉଛି 'ଚାଙ୍ଗୁନାଟ' ଏମାନଙ୍କର ପ୍ରଧାନ ବାଦ୍ୟଯନ୍ତ୍ର ହେଉଛି ଚାଙ୍ଗୁ । ଅମାନ୍ତମାନେ, ଗାଦିଆ ଯୁଦ୍ଧିଆ ନାଚ ଓ ଚେରୁ ଚେରୁ ନାଚ ନାଚନ୍ତି । ମାଙ୍କିଆମାନେ ଧେମସା ନାଚ କରିଥାଆନ୍ତି । ଗଦବା ମଧ୍ୟ ଧେମସା ନାଚ କରନ୍ତି । ତାଲ ମୁନ୍ଦାବାଜା, ଢୋଲ, ମାଦଳ, ବଇଁଶୀ, ମହୁରି ଟମକ ଆଦି ଏହି ସମ୍ପ୍ରଦାୟର ପ୍ରଧାନ ବାଦ୍ୟଯନ୍ତ୍ର । ପେଣ୍ଠିଆ ଜାତିର ନରନାରୀମାନେ ନାଚ ଗୀତ ପ୍ରିୟ । ଚୈତ୍ର ପର୍ବ ବେଳେ ଚଇତ ଗୀତ ଗାଇ ଯୁବକ ଯୁବତୀମାନେ ସଙ୍ଗୀତର ଆସର ଜମାଇ ଥାଆନ୍ତି । ଏଥିରେ ବିଭିନ୍ନ ଜାତିର ବାଦ୍ୟ ବାଜେ । ଢୋଲ, ଝୁମୁରା, ଟମକ, ମାଦଳ, ଗିନି, ଥାଳି ଆଦି ସେମାନଙ୍କର ପ୍ରଧାନ ବାଦ୍ୟଯନ୍ତ୍ର ବ୍ୟବହାର କରିଥାନ୍ତି । ଏହି ନାଚ ଅବସରରେ ସେମାନେ ଅବାଧ

Digitized by srujanika@gmail.com

ମିଳାମିଶା ଓ ବବାବ୍ର ପ୍ରସ୍ତୁତରେ ସୁବଧା ପାଉଥାଆନ୍ତି । ବାଂଥିଆମାନେ ଭରମନାଚ କରିଥାଆନ୍ତି । ପେରେଙ୍ଗମାନଙ୍କର ପ୍ରଧାନ ନାଚ ହେଉଛି ଝେମସା ନାଚ, ଭେ ରର ନାଚ ଓ ଘୁମୁରନାଚ, ବଇଁଶୀ, ଗିନ୍, ଥାଲିଆ, ଢୋଲ, ଟମକ, ଘୁମୁରା ଓ ମାଦଳ ହେଉଛି ଏମାନଙ୍କର ପ୍ରଧାନ ବାଦ୍ୟଯନ୍ତ୍ର । କଣାନମାନେ 'ଜଗୁର' ଦକମା, ଝୁମର ଓ ସାନା (ସାଣା), ବାହା (ବବାହ) ନାଚ ନାଚନ୍ତି । ମାଦଳ ହେଉଛି ଏମାନଙ୍କର ପ୍ରଧାନ ବାଦ୍ୟଯନ୍ତ୍ର । ଓରାଓଁମାନେ ଖଦ୍ଦିଆର, ଖୁନ୍ଦ୍ରର, ଦୂଲ୍‌ଡା, ଖୁରୀଙ୍କ ଓ ଜାତୁର ନାଚ ନାଚନ୍ତି । (Orissa Gazeetters Mayurbhanj—Page 147) ଏହି ନାଚଗୁଡ଼ିକରେ ଯୁବକଯୁବତୀ ଉଭୟ ନାଚନ୍ତି । ଏମାନଙ୍କର ପ୍ରଧାନ ବାଦ୍ୟଯନ୍ତ୍ର ହେଲା ଘୁଙ୍ଗୁ, ମାଦଳ, ନାଗରା ଓ ବଇଁଶୀ, ମୟୂରଭଞ୍ଜରେ ସାନ୍ତାଳ ଓରାଓଁମାନେ ବାଂସ ନାଚ ନାଚନ୍ତି । [୧୭] ଓଡ଼ଜାମାନଙ୍କର ଦେଶିଆ ନାଚ ମୁଖ୍ୟ ନାଚ ରୂପେ ପରିଚିତ । ଏମାନେ ଗୀତ-ନାଚ ବେଳେ ମୃଦଙ୍ଗ, ମାଦଳ, ଢୁଙ୍ଗୁଙ୍ଗ (ଏକତାରା), ଢୋଲ ଆଦି ପ୍ରଧାନ ବାଦ୍ୟଯନ୍ତ୍ର ରୂପେ ବ୍ୟବହାର କରିଥାଆନ୍ତି ।

ଅନ୍ୟାନ୍ୟ ଲୋକଗୀତ ଓ ଲୋକନୃତ୍ୟ :

ଏସବୁ ବ୍ୟତୀତ ମୟୂରଭଞ୍ଜରେ ଭିନ୍ନ ଲୋକନୃତ୍ୟ ଓ ଲୋକ ଗୀତାଦି ଆଦିବାସୀ, ହରିଜନ ତଥା ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ମାତ୍ର ଏସବୁ କ୍ରମଶଃ ଲୋପ ପାଇବାରେ ବସିଛନ୍ତି । କେତେକ ମଧ୍ୟ ଲୋପ ହୋଇଗଲାଣି ଭଳି ଲାଗେ ।

ଚଢ଼େୟାନାଟ ବାଗାମୂର ପାଲ ବା ଚିପ ନାଚ ଆଦି ଲୋକନୃତ୍ୟ ଏଠାରେ ବହୁ ପୂର୍ବରୁ ଚାଲି ଆସିଛି । ଚଢ଼େୟାନାଟ ସାଧାରଣତଃ ଭୂୟାଁ, ବାଥୁଡ଼ି ଓ ହରିଜନ-ମାନଙ୍କ ଦ୍ୱାରା ପରିବେଷିତ ହୁଏ । ଏଥିରେ ଜଣେ ନାୟକ ଓ ଜଣେ ନାୟିକା ଭୂମିକାରେ ରହନ୍ତି । ପ୍ରଶ୍ନୋତ୍ତର ଛଳରେ ନାଚଗୀତ ଗ୍ୱଲେ । ଜଣେ ବ୍ୟକ୍ତି ମଧ୍ୟସ୍ଥତା କରି ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପ୍ରଶ୍ନୋତ୍ତର ଛଳରେ ନୃତ୍ୟଗୀତ ଆଗେଇ ନେଇଥାଆନ୍ତି । ଏହି ମଧ୍ୟସ୍ଥ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବ୍ୟକ୍ତିଙ୍କୁ କୌଣସି କୌଣସି ଜାଗାରେ 'ବାକ୍ସ ସାଥି' ଓ ଅନ୍ୟ କୌଣସି ଜାଗାରେ 'ପଣ୍ଡାପୁଅ' ବୋଲି କୁହାଯାଇଥାଏ । ପଖାଉଜ ବାଦ୍ୟ ସହ ଏହି ନାଚଗୀତ ଗ୍ୱଲେ । ମୟୂରଭଞ୍ଜର କେତେକ ସ୍ଥାନରେ ଏବେ ମଧ୍ୟ ଏହି ଲୋକନୃତ୍ୟ ବଞ୍ଚି ରହିଛି । ଗୁରୁଙ୍କ ନାୟକ ମୟୂରଭଞ୍ଜର ଚଢ଼େୟା ନାଚର ଜଣେ ବିଶିଷ୍ଟ କଳାକାର ଓ ଓସ୍ତାଦ ବୋଲି ଜଣାଯାଏ ।

ପୂର୍ବେ ଉତ୍ତର ବାଲେଶ୍ୱର ସଂଲଗ୍ନ ଅଞ୍ଚଳରେ ବାଗାମୂର ପାଲ ପରିବେଷିତ ହେଉଥିଲା । ଚଢ଼େୟା ନାଚର ଅନୁରୂପ ଲୋକନୃତ୍ୟ ହେଉଛି ବାଗାମୂର ପାଲ । ମାତ୍ର ତାହା ଆଜି ଲୋପ ହୋଇଗଲାଣି । ଚୋଟିପ ନାଚ ମୟୂରଭଞ୍ଜର ଅନ୍ୟତମ ଲୋକ-

Digitized by srujanika@gmail.com

ନୃତ୍ୟ । ଏବେ ଏହାର ବିଶେଷ ପ୍ରଚଳନ ଦେଖାଯାଉ ନାହିଁ । ଗାଁ ଗହଳରେ ଷଷ୍ଠୀ ଦେବୀ ପୂଜା ଅବସରରେ ପଖାଉଜ ବାଦ୍ୟ ସହିତ ଷଠୀଘର ପାଲା ପରିବେଷିତ ହୋଇଥାଏ । ମୟୂରଭଞ୍ଜରେ ବାଘାଯାଜ ବା ପାଲା ଗାଁଣର ପ୍ରସାର ବୃଦ୍ଧି ପାଇଛି । ଏବେ ପୁରୁଷମାନଙ୍କ ଭଳି କେତେକ ମହିଳା ମଧ୍ୟ ପାଲା ପରିବେଷଣ କରୁଛନ୍ତି । ଏତଦ୍‌ବ୍ୟତୀତ ଦାସକାଠିଆ, ଶୀତଳା ମଙ୍ଗଳ, କୀର୍ତ୍ତନ ଆଦି ବହୁଳ ପରିମାଣରେ ନହେଲେ ମଧ୍ୟ ଏଗୁଡ଼ିକ ଗାଁ ଗହଳରେ ବଞ୍ଚି ରହିଛି ।

ଲୋକ ସଂସ୍କୃତିର ସଂରକ୍ଷଣ ବ୍ୟବସ୍ଥା :

ବିଜ୍ଞାନର ଅଗ୍ରଗତି ହେତୁ ସିନେମା, ଦୂରଦର୍ଶନ ଆଦିର ବହୁଳ ବ୍ୟବହାର ଫଳରେ ଆମର ଲୋକକଥା, ଲୋକନୃତ୍ୟ ଓ ଲୋକଗୀତ ଆଦିର ବାସ୍ତବ ବିକାଶ ଘଟିବାରେ ବ୍ୟାଘାତ ସୃଷ୍ଟି ହେବାର ପରିଲକ୍ଷିତ ହେଉଛି । ତାଛଡ଼ା ଆଦିବାସୀ ସଭ୍ୟତା ଓ ସଂସ୍କୃତିରେ ଆଧୁନିକ ସଭ୍ୟତା ଓ ସଂସ୍କୃତିର ପ୍ରଭାବ ଫଳରେ ଦିନକୁ ଦିନ ଆଦିବାସୀ ଲୋକ ସଂସ୍କୃତିର ଅସଳ ରୂପ କ୍ରମଶଃ ବିଲୋପ ହେଉଥିବାର ଦୃଷ୍ଟିଗୋଚର ହୁଏ । ଆମ ଲୋକସଂସ୍କୃତି ଆମ ସଭ୍ୟତା ଓ ସଂସ୍କୃତିର ପ୍ରାଣକେନ୍ଦ୍ର । ଏହା ଆମ ପୁରାତନ ଐତିହ୍ୟ ଓ ପରମ୍ପରାର କୋଠ ଭଣ୍ଡାର । ଏଗୁଡ଼ିକର ସଂରକ୍ଷଣ ଓ ବିକାଶ ନିମିତ୍ତ ସାହିତ୍ୟିକ, ଗବେଷକ, ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରଙ୍କର ସାମୂହିକ ଉଦ୍ୟମ ଏକାନ୍ତ ଲୋଡ଼ା । ଏହି ଉଦ୍ୟମ କେବଳ ଲୋକ ସଂସ୍କୃତି ଉପରେ ପ୍ରସ୍ତରଧର୍ମୀ ଭାଷଣ ସର୍ବସ୍ୱ କମ୍ୱା କ୍ଷୋଭନ ଅବା ଲୋକଦେଖାଣିଆ ଗବେଷଣା ନହୋଇ ବାସ୍ତବ ଧର୍ମୀ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବସିତ ହେବା ବାଞ୍ଛନୀୟ ।

ସୂଚନା ଓ ସହାୟତା

୧-୨ । Mayurbhanj Manches ahead District Festival, 1992

୩ । ନେପାଳ ଭଗୀରଥ—ଓଡ଼ିଶାର ଆଦିବାସୀ ସମାଜ—ପୃ. ୧୪

୪ । ନେପାଳ ଭଗୀରଥ—ଓଡ଼ିଶାର ଆଦିବାସୀ ସମାଜ—ପୃ. ୮୧

୫ । ଅଧ୍ୟାପକ କୁଅଁର ଦୁର୍ଗାଚରଣ—ମୟୂରଭଞ୍ଜ ଛଉନୃତ୍ୟ—ପୃ. ୨, ୩, ୭

୬ । ଅଧ୍ୟାପକ କୁଅଁର ଦୁର୍ଗାଚରଣ—ମୟୂରଭଞ୍ଜ ଛଉନୃତ୍ୟ - ପୃ. ୧୩

୭ । ନେପାଳ ଭଗୀରଥ ଓଡ଼ିଶାର ଆଦିବାସୀ ସମାଜ—ପୃ ୭୦ (ସଂକ୍ଷିପ୍ତ ସାର ଗୃହୀତ) Orissa Gazetteers, Mayurbhanj.

୮-୯ । Mohapatra Sitakunts –Bakhen P. 6 to 8 (ସ୍ୱଳ୍ପାନୁବାଦ ରୂପେ ସାରକଥା ଗୃହୀତ)

Digitized by srujanika@gmail.com

୧୦ । Mohapatra Sitakant—Bakhen P. 32 to 63 (୧୬ଟି ବାଖେଣର ମାଝିକ ପଦ୍ୟାନୁବାଦ ରୂପେ ଗୃହୀତ)

୧୧ । Charulal Mukharjee—The Santal—P. 209

୧୨ । Charulal Mukherjee—The Santal—P. 253 to 254

୧୩ । ଗୋଲ୍ପମଣି ମୁର୍ମୁ—ଟାଙ୍କିସାହି, ବାରିପଦାଙ୍କଠାରୁ ଗୃହୀତ

୧୪ । ପୃଥ୍ୱୀନାଥ ମୁର୍ମୁ—ଟାଙ୍କିସାହି, ବାରିପଦାଙ୍କଠାରୁ ଗୃହୀତ (ସ୍ୱର୍ଗତ ପୃଥ୍ୱୀନାଥ ମୁର୍ମୁ ସାନ୍ତାଳୀ ନୃତ୍ୟ ଉପରେ ଲେଖକଙ୍କୁ ଦିଗଦର୍ଶନ ଦେଉଥିଲେ)

୧୫ । ନେପାଳ ଭଗୀରଥ—ଓଡ଼ିଶାର ଆଦିବାସୀ ସମାଜ—ପୃ. ୭୮

୧୬ । ଡଃ ଲେଙ୍କା ଭଗବତ ପ୍ରସାଦ—ପୃଥିବୀର ଜନ୍ମକଥା—ପୃ ୧୪-ସୁନା ବୋଉତ (ଶିଶୁ କିଶୋର ପତ୍ରିକା) ପ୍ରଥମ ବର୍ଷ—୨ୟ ସଂଖ୍ୟା ସୋନା ବୋଉତ ପ୍ରକାଶିକା, ଜଗମ ନନ୍ଦ ମାର୍ଗ, ବାରିପଦା-୩

୧୭ । Orissa District Gazetteers—Mayurbhanj P. 147

୧୮ । (କ) ଏହି ଅଧ୍ୟାୟର ବିଭିନ୍ନ ତଥ୍ୟ ଓ ତଦ୍ଧିରେ ସମୀକ୍ଷା କରିଛନ୍ତି ଶ୍ରୀ ରାଜକିଶୋର ନାୟକ, ଶ୍ରୀ ମାଧବ ଚନ୍ଦ୍ର ହାଁସଦା ଓ ଶ୍ରୀ ସନ୍ତୋଷ କୁମାର ମୁଣ୍ଡା, ଜଗମାନନ୍ଦ ମାର୍ଗ (ଭୁଷୁଣ୍ଡାକଟା) ବାରିପଦା-୩

(ଖ) ବିଶେଷକରି Tribes of Orissa—Harijan and Tribal department Govt. of Orissa, Bhubaneswarର ବିଶେଷ ସହାୟତା ନିଆଯାଇଛି ।

●

Digitized by srujanika@gmail.com

ଦ୍ୱାଦଶ ଅଧ୍ୟାୟ

ଓଡ଼ିଆ ସାହିତ୍ୟକୁ ମୟୂରଭଞ୍ଜର ଦାନ

ଉପକ୍ରମ :

ସବୁଜ ବନାନୀ ଯେଉଁଠି ସବୁଜ ତରଙ୍ଗ ତୋଳେ, ଗିରି ଝରଣା ଯେଉଁଠି କଳଗୀତ ଶୁଣାଏ, ବନବିହଙ୍ଗୀ ଯେଉଁଠି ମଧୁର ମୂର୍ଚ୍ଛନା ଢାଳେ, ବନ କୁସୁମ ଯେଉଁଠି ସୁବାସରେ ଦିଗଦିଗନ୍ତ ମହକାଇ ଦିଏ । ବୃଦ୍ଧମା ଧୂଆଁ ଆକାଶରୁ ଯେଉଁଠି ଝିରିଝିରି ଜ୍ୟୋତ୍ସ୍ନା ଝରି ପଡ଼େ ଶିଙ୍ଗା, ଝର୍ଣ୍ଣୀର ତାଳେ ତାଳେ ଯେଉଁଠି ନୃତ୍ୟ ଗୀତର ଆସର ଜମେ—ଏଇ ସେହି ପ୍ରକୃତ ସୁନ୍ଦରୀଙ୍କ ସ୍ୱପ୍ନପୁରୀ ମୟୂରଭଞ୍ଜ । ଏ ସ୍ୱପ୍ନପୁରୀର ମାଟି ଜଳ, ଖରୁଙ୍କ ପ୍ରାଣରେ ଯୁଗେ ଯୁଗେ ଭରି ଦେଇଛି ଯାଦୁର ପରଶ. ଅପୂର୍ବ ମାଦକତା ଓ ଅନୁପମ ଉଚ୍ଛ୍ୱାସ, ଏ ମାଟିର ମଣିଷକୁ ଗଢ଼ିତୋଳିଛି ଅନୁପମ ସ୍ରଷ୍ଟା ଓ ଭବିଷ୍ୟତ ଦ୍ରଷ୍ଟା । ଏଣୁ ଏ ଭୂଇଁ ସାହିତ୍ୟକଳା, ସଂସ୍କୃତିର ମଣିମାଣିକ୍ୟରେ ଭରି ଦେଇଛି ଉତ୍କଳର ସାରସ୍ୱତ ରତ୍ନଭଣ୍ଡାରକୁ ।

ଯୁଗେ ଯୁଗେ ଓଡ଼ିଆ ସାହିତ୍ୟ :

ସୁଦୂର ଅତୀତରେ ମୟୂରଭଞ୍ଜ ସାହିତ୍ୟ, କଳା ସଂସ୍କୃତିର ପୁଣ୍ୟ ପୀଠ ରୂପେ ପରିଚିତ ଥିଲା ବୋଲି ଐତିହାସିକମାନେ ମତବ୍ୟକ୍ତ କରିଥାଆନ୍ତି । ମୟୂରଭଞ୍ଜର 'ସିଦ୍ଧି' ପର୍ବତରେ ଅବସ୍ଥାନ କାଳରେ ସିଦ୍ଧଯୋଗୀ କାହ୍ନୁପା ଓ ଲୁଇପା ଦଶମ ଶତାବ୍ଦୀରେ 'ଚର୍ଯ୍ୟାପଦ' ଗୀତିକା ରଚନା କରିଥିଲେ । ମୟୂରଭଞ୍ଜରୁ ପ୍ରାପ୍ତ ଭଞ୍ଜବଂଶ ମାଳିକା, ରାଜକୁଳ ବଂଶାନୁ ଓ ଷୋଡ଼ଶପୋଷୀ ଯୁଗ ଗୀତାଦିରେ ତାଳପତ୍ର ପୋଥିମାନ ମୟୂରଭଞ୍ଜ ସାହିତ୍ୟ ସାଧନାର ଐତିହ୍ୟ ଓ ପରମ୍ପରାର ନିଦର୍ଶନ ଦିଏ । ଅଷ୍ଟାଦଶ ଶତାବ୍ଦୀର କବି, ଭଞ୍ଜଭୂପତି ମହାରାଜା ରଘୁନାଥ ଭଞ୍ଜଙ୍କ 'ରସଲହରୀ' କାବ୍ୟ ଓଡ଼ିଆ ସାହିତ୍ୟର ଏକ ଉଜ୍ଜ୍ୱଳ କୀର୍ତ୍ତି । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହାରାଜା କୃଷ୍ଣଚନ୍ଦ୍ର ମୟୂରଭଞ୍ଜ ପାକ୍ଷିକ ପତ୍ରିକା,'' ପ୍ରକାଶ କରିଥିଲେ । ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବଙ୍କ ସମୟରେ 'ଉତ୍କଳ ପ୍ରଭା, ଓ 'ମନୋରମା' ପତ୍ରିକା ପ୍ରକାଶ ସହିତ କୃତି ସାହିତ୍ୟକ-ମାନଙ୍କୁ ପୁରସ୍କାର ଦେଇ, ଉତ୍କଳ ଭୂଇଁର ସାହିତ୍ୟ ସାଧନା ପାଇଁ ନୂତନ ଦିଗନ୍ତ

Digitized by srujanika@gmail.com

ଉନ୍ମୋଚନ କରିଥିଲେ । 'ଉତ୍କଳ ଧ୍ରୁବ' ତ୍ରୟ ରାଧାନାଥ ରାୟ, ନନ୍ଦକିଶୋର, ଫକୀର ମୋହନ, ମଧୁସୂଦନ ଆଦି ଓଡ଼ିଶାର ବରିଷ୍ଠ ସାହିତ୍ୟ ରଥୀମାନେ ସେମାନଙ୍କ ସାହିତ୍ୟ ରଥ ଚାଳନାର ଅପୂର୍ବ ସୁଯୋଗ ପାଇଥିଲେ । ନୂତନ ପ୍ରକାଶନ ଗାଦି ଏ ସମୟରେ ମୟୂରଭଞ୍ଜ ଷ୍ଟେଟ ପ୍ରେସ ସମସ୍ତ ଭାର ବହନ କରିଥିଲା । ମୟୂରଭଞ୍ଜର ଲେଖକ କପିଳେଶ୍ୱର ବୋଷଙ୍କ ରଚିତ ଗୀତା, ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କ ମହାଭାରତର ଗଦ୍ୟାନୁବାଦ ଏହି ସମୟରେ ପ୍ରକାଶିତ ହୋଇଥିଲା । ତାପରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେବଙ୍କ ଦ୍ୱାରା ମୟୂରଭଞ୍ଜ ଗେଜେଟ ଓ ପରବର୍ତ୍ତୀ ପର୍ଯ୍ୟାୟରେ 'ଭଞ୍ଜ ପ୍ରଦୀପ' ଓ 'ମୟୂରଭଞ୍ଜ କ୍ରୋନିକଲ' (ଇଂରାଜୀ) ନାମଧର ଏହା ପ୍ରକାଶିତ ହୋଇଥିଲା । ଏହାଛଡ଼ା 'ମୁଗ୍ଧବୋଧ ଅଭିଧାନ' ଓ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଭଞ୍ଜ ରାଜବଂଶର ପୃଷ୍ଠପୋଷକତା ବା ଦାନ ଫଳରେ ପ୍ରକାଶିତ ହୋଇପାରିଥିଲା ।

ଏହାପରେ ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଓ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଅବଦାନ ଉଲ୍ଲେଖଯୋଗ୍ୟ । ପରମାନନ୍ଦ ଆଚାର୍ଯ୍ୟ ଥିଲେ ଜଣେ କୃତବିଦ । ଓଡ଼ିଶା ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ତାଙ୍କ ରଚନା ମଧ୍ୟରେ "ରାଧାନାଥ ଅନନ୍ୟ ପ୍ରତିଭା । ଓଡ଼ିଶାର ପ୍ରତ୍ନତତ୍ତ୍ୱ ଭୁବନେଶ୍ୱର ଶିଳାଲିପି, 'ସମ୍ବଲପୁର ଯାତ୍ରା' ଆଦି ପ୍ରଧାନ । ପଦ୍ମଶ୍ରୀ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମଧ୍ୟ ଜଣେ ସାରସ୍ୱତ ସାଧକ । ସେ କେବଳ ଜଣେ ଖ୍ୟାତିସଂପନ୍ନ ଐତିହାସିକ ବା ପ୍ରତ୍ନତାତ୍ତ୍ୱିକ ନୁହନ୍ତି ଏକ ପ୍ରତିଭାଶାଳୀ ପ୍ରାବନ୍ଧିକ ଓ ରମ୍ୟରଚନାର ସ୍ରଷ୍ଟା ରୂପେ ସୁବିଦିତ । ତାଙ୍କ ରଚିତ 'ପ୍ରବନ୍ଧ ମାନସ' 'ସାରଳା ସାହିତ୍ୟରେ ଐତିହାସିକ ତଥ୍ୟ । 'ଇତିହାସ ଓ କିମ୍ବଦନ୍ତୀ' 'ମୋ ସମୟର ଓଡ଼ିଶା, ଓଡ଼ିଶା ଇତିହାସ ଓ ସଂସ୍କୃତିରେ ଯାଜପୁର' ଆଦି ଉତ୍କଳ ସାରସ୍ୱତ ଭଣ୍ଡାରର ଗୋଟିଏ ଗୋଟିଏ ଅମୂଲ୍ୟ ମଣି । ଓଡ଼ିଆ ସମାଲୋଚନା ସାହିତ୍ୟକୁ ଯେଉଁମାନେ ପୁଷ୍ଟିମନ୍ତ କରିଛନ୍ତି ସେମାନଙ୍କ ମଧ୍ୟରୁ ଅଧ୍ୟାପକ ଚିନ୍ତାମଣି ବେହେରାଙ୍କ ନାମ ଅଗ୍ରଗଣ୍ୟ । ଭାବ କଳାକାର' ''ଆଧୁନିକତାର 'କ' 'ଖ' 'ଗ' ଓ ଅନ୍ୟାନ୍ୟ ଆଲୋଚନା ତାଙ୍କର ଅମୃତ ସୃଷ୍ଟି ।

ଓଡ଼ିଆ ଗଳ୍ପ ସାହିତ୍ୟକୁ ଶ୍ରୀ ବସନ୍ତ କୁମାର ଶତପଥୀଙ୍କ ଦାନ ଅତୁଳନୀୟ । ତାଙ୍କର ପ୍ରଥମଗଳ୍ପ 'କାସ୍ତା ଓ ଗୁସ୍ତା' ୧୯୪୧ ମସିହାରେ ଭଞ୍ଜ ପ୍ରଦୀପରେ ପ୍ରକାଶ ପାଇଥିଲା । 'କାଣିଚଆ' ଏଣ୍ଟିରୋମାଣ୍ଟିକ (ଗଳ୍ପଗୁଚ୍ଛ) ଚମ୍ପା (ନାଟକ) ନବ ନାଟିକା (ଏକାଙ୍କିକା ସମାବେଶ) ଆଦି ତାଙ୍କର ସୃଷ୍ଟି ସମ୍ପଦ ହାସ୍ୟ ଓ କାରୁଣ୍ୟର ଅପୂର୍ବ ସମନ୍ୱୟ ରୂପେ ଓଡ଼ିଶାର ଜନମାନସରେ ସମାଦୃତ । ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବିଷୁବ ମିଳନ ପୁରସ୍କାର ପାଇଛନ୍ତି । ଏତଦ୍‌ବ୍ୟତୀତ ଓଡ଼ିଆ ଗଳ୍ପ ସାହିତ୍ୟରେ ସ୍ୱର୍ଗତ ରବି ପଟ୍ଟନାୟକ, ସତ୍ୟେନ୍ଦ୍ର ହୋତା, ଶ୍ରୀମତୀ କବିତା ବାରିକ ଓ ଅମୃତାୟନ ପତ୍ରିକାର ସମ୍ପାଦିକା ଶ୍ରୀମତୀ ସୀତା ହୋତାଙ୍କ ନାମ ଉଲ୍ଲେଖଯୋଗ୍ୟ । ରବି ପଟ୍ଟନାୟକ

Digitized by srujanika@gmail.com

ପାରଳା ପୁରସ୍କାର ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଅଛନ୍ତି । ଶ୍ରୀ ସାତ-କୋଡ଼ି ହୋତା ଜଣେ କୁଶଳୀ ଲେଖକ । ସେ ଏକାଧାରରେ କବି, ଗାଳ୍ପିକ ଓ ଔପନ୍ୟାସିକ । 'ସ୍ୱପ୍ନ ଶିଉଳି, ମଧୁଛନ୍ଦା (କବିତା) ବ୍ୟାକୁଳ ହୃଦୟ, ଅଶାନ୍ତ ଅରଣ୍ୟ (ଉପନ୍ୟାସ) ମଧୁଲଗ୍ନ (ଗଳ୍ପଗୁଚ୍ଛ) ଆଦି ତାଙ୍କର ଅନବଦ୍ୟ ସୃଷ୍ଟି । ଶ୍ରୀ ବିଜୟ କୁମାର ବାରିକଙ୍କ 'ବିଜୟଗଳ୍ପ ବିଚିତ୍ରରୁ ତାଙ୍କ ସୃଷ୍ଟିକ୍ଷମ ପ୍ରତିଭାର ପରିଚୟ ମିଳେ । ଏ ଜିଲ୍ଲାରୁ ଜାତୀୟ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନା ନାରୀକବି ରୂପେ ସୁଜାତା ପ୍ରିୟମ୍ବଦାଙ୍କ ନାମ ଅଗ୍ରଗଣ୍ୟ । ଓଡ଼ିଆ ଭକ୍ତି କବିତା ରଚନା କ୍ଷେତ୍ରରେ ଶ୍ରୀମତୀ ଲକ୍ଷ୍ମୀ କୁମାରୀ ଦାସ ସୁନାମ ଅର୍ଜନ କରିଛନ୍ତି । ଶ୍ରୀ ଗୌରମୋହନ ମହାପାତ୍ର ଭକ୍ତିମୂଳକ କବିତା ରଚନା କ୍ଷେତ୍ରରେ ଏକ ଖ୍ୟାତନାମା କବି । ସେ "ସ୍ୱବାଞ୍ଜଳି,' କବିତା ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇ ଅଛନ୍ତି । ଆଧୁନିକ ସଙ୍ଗୀତ କ୍ଷେତ୍ରରେ ଗୀତିକାର ଭାବରେ ଯେଉଁମାନେ ଖ୍ୟାତି ଅର୍ଜନ କରିଛନ୍ତି ସେମାନଙ୍କ ମଧ୍ୟରେ ଜୀବନାନନ୍ଦ ପାଣି, ଗୁରୁକୃଷ୍ଣ ଗୋସ୍ୱାମୀ, ସ୍ୱର୍ଗତ ଜୀତେନ୍ଦ୍ର ପଟ୍ଟନାୟକ, ଶିବବ୍ରତ ଦାସ ପ୍ରଭୃତି ସୁପ୍ରସିଦ୍ଧ । ଏ କ୍ଷେତ୍ରରେ ସଂଗୀତ ଯେଉଁମାନେ ପରିଚିତ ସେମାନଙ୍କ ମଧ୍ୟରେ ଶ୍ରୀ ନିମାଇଁ ମହାନ୍ତି ଓ ଶ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କ ନାମ ଏକାନ୍ତ ଉଲ୍ଲେଖଯୋଗ୍ୟ ।

ବାହୁଲ ଦାସ, ଶରତ ଚନ୍ଦ୍ର ଭଞ୍ଜ, ଗିରିଶ ଚନ୍ଦ୍ର ମହାନ୍ତି ବିଶିଷ୍ଟ ହ୍ୟୁମର କବି ରୂପେ ପରିଚିତ । ଶରତ ଚନ୍ଦ୍ର ଭଞ୍ଜ ତାଙ୍କର ହ୍ୟୁମର ରଚନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଛନ୍ତି ।

ଓଡ଼ିଆ ପଦ୍ୟ ସାହିତ୍ୟ କ୍ଷେତ୍ରରେ ଏ ଜିଲ୍ଲାର କବି ଶ୍ରୀ ଚନ୍ଦ୍ରମଣି ବେହେରା ଓ ଶ୍ରୀ ସୌରୀନ୍ଦ୍ର ବାରିକଙ୍କ ନାମ ସୁପ୍ରସିଦ୍ଧ । ଶ୍ରୀ ଚନ୍ଦ୍ରମଣି ବେହେରା ତାଙ୍କର 'ତୃତୀୟ ଚକ୍ଷୁ' କବିତା ପୁସ୍ତକ ନିମିତ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ତାଙ୍କର ଅନ୍ୟାନ୍ୟ କବିତା ପୁସ୍ତକ ହେଲା—ଶ୍ୱେତପଦ୍ମ' 'ସ୍ୱସ୍ତିକା' ନୂତନ ସ୍ୱାକ୍ଷର' 'ନୀଳ ଲୋହିତ' ହେ ବୈଦେହୀ ଭୂମିସୁତା, ପ୍ରଭୃତି । ଶ୍ରୀ ସୌରୀନ୍ଦ୍ର ବାରିକ 'ଆକାଶ ପରି ନିବିଡ଼ । କବିତା ଗ୍ରନ୍ଥ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ଏମାନଙ୍କ ବ୍ୟତୀତ ଓଡ଼ିଆ କବିତା କ୍ଷେତ୍ରରେ ଶ୍ରୀ ସନତ ଦାସ ପଟ୍ଟନାୟକ, କ୍ଷୀରୋଦ ଚନ୍ଦ୍ର ପାଲ, ମହେଶ୍ୱର ନାୟକ, ମହେଶ ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର କର । ପ୍ରଫୁଲ୍ଲ ପାଣିଗ୍ରାହୀ ପୁରୁଷୋତ୍ତମ ପାଣିଗ୍ରାହୀ, ପ୍ରଶ୍ରୟବର୍ମୀଙ୍କ ନାମ ଉଲ୍ଲେଖଯୋଗ୍ୟ । ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀବୃନ୍ଦାବନ ଦାସ ଏ ଜିଲ୍ଲାର ଜଣେ ଖ୍ୟାତିସମ୍ପନ୍ନ କବି । ସେ ତାଙ୍କର 'ଦ୍ୱୀପ ଗୌରବ' କବିତା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ।

ମୟୂରଭଞ୍ଜ ସଂସ୍କୃତି ଉପରେ ମୟୂରଭଞ୍ଜର ଗବେଷକମାନଙ୍କ ମଧ୍ୟରେ ଯେଉଁମାନେ ବିଭିନ୍ନ ମୟୂରଭଞ୍ଜ ସଂସ୍କୃତି ଉପରେ ଗବେଷଣାତ୍ମକ ନିବନ୍ଧ ଲେଖି ଓଡ଼ିଆ ସାହିତ୍ୟକୁ

Digitized by srujanika@gmail.com

ସମୃଦ୍ଧ କରିଛନ୍ତି ସେମାନେ ହେଲେ ଅଧ୍ୟାପକ ଦିଲୀପ କୁମାର ପାଣ୍ଡିତ, ଡଃ ଭଗବତ ପ୍ରସାଦ ଲେଙ୍କା, ଡଃ ଗିରୀଶ ଚନ୍ଦ୍ର ଜେନା, ଶ୍ରୀ ରାଜକିଶୋର ନାୟକ, ଅଧ୍ୟାପକ ମୋହନ ଲାଲ ସାହୁ, କୁଞ୍ଜବନ ପୁଷ୍ଟି, ଡଃ ମୋହିତ କୁମାର ଷଡ଼ଙ୍ଗୀ, ଡଃ ଆନନ୍ଦ ମହାନ୍ତି, ଶ୍ରୀମତୀ ଲତା ସେନ ଇତ୍ୟାଦି । ଡଃ ଭଗବତ ପ୍ରସାଦ ଲେଙ୍କା ସ୍ୱର୍ଣ୍ଣପୁର ପ୍ରବନ୍ଧିକ, ରାଜର୍ଷି ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ ମୟୂରଭଞ୍ଜ ଇତିହାସ 'ଭଞ୍ଜ ଓ ଭୂଞ୍ଜଙ୍କ ରାଜବଂଶ', ଆଦିବାସୀ ଲୋକସଂସ୍କୃତି ଉପରେ ଗବେଷଣାମୂଳକ ରଚନା ଦ୍ୱାରା ମୟୂରଭଞ୍ଜର ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିଛନ୍ତି । ଶ୍ରୀ ରାଜକିଶୋର ନାୟକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଏକ ଅଧ୍ୟୟନ ଉପରେ ଗବେଷଣାରତ । ଶ୍ରୀ ଅନନ୍ତ କିଶୋର ଜେନା ଗଳ୍ପ କବିତା ପ୍ରବନ୍ଧ ଆଦି ସାହିତ୍ୟର ବିଭିନ୍ନ ଦିଗ ଉପରେ ଲେଖନୀ ଚଳାଇଛନ୍ତି ।

ଓଡ଼ିଆ ନାଟ୍ୟ ସାହିତ୍ୟକୁ ଆନନ୍ଦଶଙ୍କର ଦାସଙ୍କ ଦାନ ଅବିସ୍ମରଣୀୟ । 'ପଞ୍ଚ ପାଣ୍ଡବ' 'କୋହିନୂର' 'ସମାଧି' 'ଲୁହା ଶିକୁଳି' 'ସୌରଭ' 'କପଟପାଶା' 'କୁଳ ଓସ୍ତାଦ' 'ଚକାଭଉଁରି' 'ହନୁମନ୍ତର ଖେଳ' ପ୍ରଭୃତି ନାଟକ ରଚନା କରି ଓଡ଼ିଶାର ଏକ ବିଶିଷ୍ଟ ନାଟ୍ୟକାର ରୂପେ ସୁନାମ ଅର୍ଜନ କରିଅଛନ୍ତି । ନୃତ୍ୟ ଉପରେ ବହୁ ଗବେଷଣାତ୍ମକ ରଚନା ପ୍ରକାଶ କରିଛନ୍ତି ଶ୍ରୀ ଧୀରେନ ପଟ୍ଟନାୟକ । ଏ ଜିଲ୍ଲାର ନାଟ୍ୟକାର ଶ୍ରୀ ଭଗିରଥୀ ପରିଡ଼ାଙ୍କ 'ଉପହାର' ଓ 'ଦୁଇଟି ସମାନ୍ତର ରେଖା' ନାଟକ ଦ୍ୱୟ ବେଶ୍ ଆଦୃତ । ସୁସ୍ମିତା ମମିନ ଜଣେ ଗାଳ୍ପିକା ଓ ନାରୀ ନାଟ୍ୟକାର ରୂପେ ପରିଚିତା । ଏମାନଙ୍କ ବ୍ୟତୀତ ଡଃ ଶିଶିର ପରିଡ଼ା, ଶ୍ରୀମତୀ କନକଲତା ହାତି, ସୁରେନ୍ଦ୍ର ନାଥ ଦାସ, ସୁରେନ୍ଦ୍ର ମହୁଆଲ, ଶ୍ରୀ ନୀଳକଣ୍ଠ ମିଶ୍ର ଆଦି ବହୁ ସାହିତ୍ୟିକ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିବନ୍ତ କରୁଛନ୍ତି ।

ମୟୂରଭଞ୍ଜର ପତ୍ରପତ୍ରିକା :

ପତ୍ରପତ୍ରିକା କ୍ଷେତ୍ରରେ ମହାରାଜା ପ୍ରତାପଚନ୍ଦ୍ରଙ୍କ ସମୟରେ ପ୍ରକାଶିତ ଭଞ୍ଜ ପ୍ରଦୀପ ଓ କ୍ରୋନିକଲ ଅଫ୍ ମୟୂରଭଞ୍ଜ (ଇଂରାଜୀ) କଥା ପୂର୍ବେ ଆଲୋଚନା କରାଯାଇଛି । ତାହାପରେ ମୟୂରଭଞ୍ଜ ଇନଫରମେସନ୍ ବୁଲେଟିନ, ରଘୁନାଥ ମିଶ୍ରଙ୍କ 'ମୟୂରଭଞ୍ଜ ଜାଗରଣ', ପ୍ରଫୁଲ୍ଲ ଚୌଧୁରୀଙ୍କ 'ଆଜାଦୀ', ମହେଶ୍ୱର ପାଢ଼ୀଙ୍କ 'ଚନ୍ଦ୍ରିକା', ଅକ୍ଷୟ ଦାସଙ୍କ 'ସାପ୍ତାହିକ ରବିବାର' ପୂର୍ଣ୍ଣଚନ୍ଦ୍ର ବନ୍ଧାଣୀଙ୍କ 'ରାଜା' ସନ୍ତୋଷ ମହାନ୍ତିଙ୍କ 'ଲକ୍ଷ୍ୟ', ଦିଲୀପ ପାଣ୍ଡିତଙ୍କ 'ମଧୁକୁସୁମ', କୃଷ୍ଣଦାସ ପଟ୍ଟନାୟକଙ୍କ 'ଦୀପକ', ଅସିତ କରଙ୍କ 'ଲେଖା', ଅକ୍ଷୟ ବାରିକଙ୍କ 'ବିପ୍ଲବ' ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ 'ମୟୂରଭଞ୍ଜ ସମାଚାର' ତ୍ରିଲୋଚନ ହରିହରପାଟଙ୍କ 'ବାରିପଦା ଗେଜେଟ', ଗୋପାଳ ମହାନ୍ତିଙ୍କ 'କଣ୍ଟା ଫୁଲ' ଶଶିଭୂଷଣ ଦାଶଙ୍କ 'ଭଞ୍ଜପ୍ରଭା', ମାନସ ପଣ୍ଡାଙ୍କ 'ବୈତରଣୀ', ରାଜଶ୍ରୀ ଉପେନ୍ଦ୍ର ପ୍ରସାଦ

Digitized by srujanika@gmail.com

ନାୟକଙ୍କ 'ପୁରସ୍କାର', ଜ୍ଞାନରଞ୍ଜନ ବେହେରାଙ୍କ 'ଜନମତ' ଓ ଶ୍ରୀ ଯାନକୃଷ୍ଣଙ୍କ 'ବିଦ୍ରୋହ' ସମସ୍ତ ଏବେ ପ୍ରକାଶ ପାଇଛି ।

ଓଡ଼ିଆ ଶିଶୁ ସାହିତ୍ୟକୁ ମୟୂରଭଞ୍ଜର ଦାନ :

ଓଡ଼ିଆ ଶିଶୁ ସାହିତ୍ୟକୁ ମୟୂରଭଞ୍ଜର ଦାନ ଅତୁଳନୀୟ । ଏ କ୍ଷେତ୍ରରେ ଯେଉଁମାନେ କୃତିତ୍ୱ ଅର୍ଜନ କରିଛନ୍ତି ସେମାନଙ୍କ ମଧ୍ୟରୁ ଡଃ ସ୍ୱଗବତ ପ୍ରସାଦ ଲେଙ୍କା, ଶ୍ରୀ ନରଞ୍ଜନ ବେହେରା, ଡଃ ଅଦଳନ ମହାନ୍ତି, ଶ୍ରୀ ରଜକିଶୋର ନାୟକ ଶ୍ରୀ ରାମକୃଷ୍ଣ ମହାନ୍ତ, ଶ୍ରୀ ଦ୍ୱିଜ କିଶୋର ପଣ୍ଡା, ଶ୍ରୀ ମନୋଜ ଦଳବେହେରା, ଶ୍ରୀ ଆନନ୍ଦ ଶଙ୍କର ଦାସ, ଶ୍ରୀ ସୂର୍ଯ୍ୟମଣି ବେହେରା, ଶ୍ରୀରାମଚନ୍ଦ୍ର ଦେଓ ଆଦିଙ୍କ ନାମ ବେଶ ଜଣାଶୁଣା ।

ଡଃ ସ୍ୱଗବତ ପ୍ରସାଦ ଲେଙ୍କା, ଶିଶୁ ସାହିତ୍ୟ, ଯୁବ ତଥା ନବ ସାକ୍ଷରମାନଙ୍କ ସାହିତ୍ୟ ସହ ବହୁ ଶିଶୁ ସାହିତ୍ୟ ରଚନା କରିଛନ୍ତି । ଆମେ 'ସ୍ୱାସ୍ଥ୍ୟ ମୋର ମାଣିକ', 'ଝିଅ ଶେଫାଳିର ମହକ', 'ଗଜମୁକୁତା' ଭକ୍ତି ସୌରଭ' (କବିତା ପୁସ୍ତକ) ବନଦେବୀ ଡାକେ (ଗୀତିନାଟ୍ୟ), 'ଏକ ଦେଶ ଏକ ଜାତି (ଏକାଙ୍କିକା), ସୂର୍ଯ୍ୟପୂଜା (ନାଟକ), ସୁନା ଧଣ୍ଟାର ରୁପା କଣ୍ଢେଇ, ରୂପନଗରର ରାଜକେମା, ଅଭିସ୍ମାରଣୀର ସୁନା ହରଣୀ, ବାଜିଲା ଶଙ୍ଖ ମହୁରୀ (ଗଳ୍ପ ଗୁଚ୍ଛ) ଆଦିବାସୀ ଲୋକକଥା ପ୍ରଥମ ଓ ଦ୍ୱିତୀୟ ଭାଗ) । ଓଡ଼ିଶା ପ୍ରଦୀପ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ଓ ଓଡ଼ିଶା ପ୍ରଦୀପ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବ (ଜୀବନୀ) ଆଦି ଡଃ ଲେଙ୍କାଙ୍କ ସୃଷ୍ଟିକ୍ଷମ ପ୍ରତିଭା ବହନ କରେ । ତାହାଛଡ଼ା ତାଙ୍କ 'ଓଡ଼ିଆ ଶିଶୁ ସାହିତ୍ୟିକ ଜୀବନୀ ସଙ୍କଳନ'' ଓଡ଼ିଆ ଶିଶୁ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ । ସେ ମଧ୍ୟ 'ସୁନାପିଲିଙ୍କ' ଶିଶୁ କିଶୋର ପତ୍ରିକାର ସମ୍ପାଦକ । ସେ ଜଣେ ବରିଷ୍ଠ ଶିଶୁ ସାହିତ୍ୟିକ ତଥା ଗବେଷକ ଭାବେ ଓଡ଼ିଶା ଶିଶୁ ସାହିତ୍ୟ ଏକାଡେମୀ ଓ ଓଡ଼ିଶାର ବହୁ ଶିଶୁ ସାହିତ୍ୟ ଅନୁଷ୍ଠାନରୁ ପୁରସ୍କାର ଓ ସମ୍ବର୍ଦ୍ଧନା ପାଇଛନ୍ତି । ଶ୍ରୀ ନରଞ୍ଜନ ବେହେରା ଓଡ଼ିଆ ଶିଶୁ ସାହିତ୍ୟ କ୍ଷେତ୍ରରେ ବେଶ୍ ଜଣାଶୁଣା ସେ 'ଅଜବ ସହର', 'ଠିକେ ଠିକେ ଥିଲେ ଘୁଷୁରୀ' ଆଦି ଶିଶୁ ପୁସ୍ତକର ରଚୟିତା । ସେ ମଧ୍ୟ ବହୁ ଶିଶୁ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ । ଡଃ ଅଦଳନ ମହାନ୍ତି 'ଉତ୍ତର ଓଡ଼ିଶାର ଲୋକକଥା' ଓ ଅନ୍ୟାନ୍ୟ ରଚନା ପାଇଁ ସୁଖ୍ୟାତି ଅର୍ଜନ କରିଅଛନ୍ତି । ଶ୍ରୀ ରଜକିଶୋର ନାୟକଙ୍କ ଲେଖନୀ ଶିଶୁ ସାହିତ୍ୟ ରଚନାରେ ବେଶ୍ ସୁନାମ ଅର୍ଜନ କରିଛି । ଶ୍ରୀ ମନୋଜ ଦଳବେହେରା, ଶ୍ରୀ ସତୀଶଚନ୍ଦ୍ର ବେହେରା ଓ ଶ୍ରୀ ଦ୍ୱିଜକିଶୋର ପଣ୍ଡା ତରୁଣ ଶିଶୁ ସାହିତ୍ୟିକ ହେଲେ ମଧ୍ୟ ଏ ଜିଲ୍ଲାର ଶିଶୁ ସାହିତ୍ୟ ଭଣ୍ଡାରରେ ଏମାନଙ୍କର ଅବଦାନ କମ୍ ନୁହେଁ । ଶ୍ରୀ ଶ୍ୟାମସୁନ୍ଦର ଷଡ଼ଙ୍ଗୀଙ୍କ କୁନିରାଜା 'ଭବିଷ୍ୟତ ଗୁଚ୍ଛ ଶିଶୁ ସାହିତ୍ୟର ଏକ ଅନବଦ୍ୟ ସୃଷ୍ଟି । ଶ୍ରୀ ରାମକୃଷ୍ଣ ମହାପାତ୍ରଙ୍କ 'ଆମ୍ବେଦକରଙ୍କ ଜୀବନୀ' ଶିଶୁ ସାହିତ୍ୟକୁ ସମୃଦ୍ଧ କରିଛି । ଶ୍ରୀ ଆନନ୍ଦ

Digitized by srujanika@gmail.com

ଶଙ୍କର ଦାସ ଓଡ଼ିଶାର ଜଣେ ସୁନାମଧନ୍ୟ ଶିଶୁ ନାଟ୍ୟକାର ରୂପେ ଆଦୃତ । ତାଙ୍କ ରଚିତ 'ବୁଲୁଓସ୍ତାଦ' ନାଟକଟି ଓଡ଼ିଆ ଶିଶୁ ସାହିତ୍ୟର ଏକ ମୂଲ୍ୟବାନ ରତ୍ନ । ଅଧ୍ୟାପକ ପୂର୍ଣ୍ଣମାସି ବେହେରା ଶିଶୁ ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚାଳନା କରି ସୁନାମ ଅର୍ଜନ କରିଛନ୍ତି । ଶ୍ରୀରାମଚନ୍ଦ୍ର ଦେଓ ମଧ୍ୟ ଓଡ଼ିଆ ଶିଶୁ ସାହିତ୍ୟରେ ଅନ୍ୟତମ ସ୍ରଷ୍ଟା । ଶ୍ରୀ ଧୃଷ୍ଟଚନ୍ଦ୍ର ବନ୍ଧାର୍ଣ୍ଣ ଜଣେ ସୁ-ଶିଶୁ ସାହିତ୍ୟିକ । ସେ ବିଶେଷତଃ ହାସ୍ୟ ମୂଳକ ରଚନାରେ ଅଭ୍ୟସ୍ତ । ତାଙ୍କ ରଚିତ 'ସରଦାର' ଓ 'ରୁମ୍ପା' (ଶିଶୁ ନାଟକ) ବେଶ୍ ମନଛୁଆଁ ହୋଇଛି । ଶ୍ରୀମତୀ ଲକ୍ଷ୍ମୀ କୁମାରୀ ଦାସଙ୍କ 'ପୂଜାଫୁଲ', 'ଜନଫୁଲ' ଓ 'ମଲଦଉଁ' ଶିଶୁ ସାହିତ୍ୟର କେତୋଟି ମହତ୍ତ୍ୱପୂର୍ଣ୍ଣ ସୃଷ୍ଟି । ଶ୍ରୀ କରୁଣାକର ଦାଶଙ୍କ ପୌରାଣିକ ରଚନାବଳୀ ବେଶ୍ ଚମତ୍କାର ହୋଇଛି । ଶ୍ରୀ ଭଗିରଥୀ ପରିଡ଼ା, ଶ୍ରୀ ରମେଶ୍ୱର ବେହେରା ଓ ବୃନ୍ଦାବନ ଦାଶ ପ୍ରମୁଖ ଶିଶୁ ସାହିତ୍ୟ ରଚନାରେ ବିଶେଷ ମନୋନିବେଶ କରିଛନ୍ତି । ଶ୍ରୀମତୀ ପ୍ରତିଭା ସୁନ୍ଦରୀ ହୋତାଙ୍କ 'ଟିକିଫୁଲର ପ୍ରଜାପତି ସଙ୍ଗେ ଭେଟ' ଓ 'ଚଢ଼ା ଚଢ଼ୀ କହିଁରି' ରଚନା ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ସୃଷ୍ଟିକ୍ଷମ ପ୍ରତିଭା ବହନ କରେ । ଶ୍ରୀମତୀ ପ୍ରତିଭା କୋଆଁର, ଶ୍ରୀମତୀ ଅନୁପମା କର, ଶ୍ରୀମତୀ ଗୀତାରାଣୀ ସାହୁ, ସୁ-ଶିଶୁ ସାହିତ୍ୟିକା ଭାବରେ ପରିଚିତା । ଶ୍ରୀମତୀ ରାଜଶ୍ରୀ ଲେଙ୍କା ସୁନାବୋହିତ ଶିଶୁ କିଶୋର ସାହିତ୍ୟ ପତ୍ରିକାର ପ୍ରକାଶିକା ଓ ସୁଲେଖିକା ଭାବରେ ଓଡ଼ିଆ ଶିଶୁ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ଶ୍ରୀ ଜଗତଜ୍ୟୋତି ମାଟି ଏ ମାଟିର ଜଣେ ଖ୍ୟାତିସମ୍ପନ୍ନ ଶିଶୁ ସାହିତ୍ୟିକ । ସେ ବର୍ତ୍ତମାନ 'ଧରିତ୍ରୀ'ର ସହସମ୍ପାଦକ ରୂପେ ଧରିତ୍ରୀ ଶିଶୁପୃଷ୍ଠା 'ପିଲାଙ୍କ ଧରିତ୍ରୀ'ର ସମ୍ପାଦନା କରି ଓଡ଼ିଆ ଶିଶୁ ସାହିତ୍ୟର ଉନ୍ମେଷଣରେ ମନପ୍ରାଣ ଢାଳି ଦେଇଛନ୍ତି । ଏ ଜିଲ୍ଲାର ଶିଶୁ ସାହିତ୍ୟର ଅନ୍ୟତମ ସ୍ରଷ୍ଟା ରୂପେ ଶ୍ରୀ ଅନନ୍ତ କିଶୋର ଜେନାଙ୍କ ନାମ ବେଶ ଜଣାଶୁଣା । ଶିଶୁ ସାହିତ୍ୟର ବିକାଶ ଦିଗରେ ଅନ୍ୟ ଯେଉଁମାନେ ଲେଖନୀ ଚାଳନା ଅବ୍ୟାହତ ରଖିଛନ୍ତି । ସେମାନେ ହେଲେ ସର୍ବଶ୍ରୀ ଲକ୍ଷ୍ମୀଧର ରାଉତ, ଡମ୍ବରୁଧର ରାଉତ, ଅକ୍ଷୟ କୁମାର ଚକ୍ରବର୍ତ୍ତୀ, ଚନ୍ଦ୍ରମଣି ବେହେରା, ଚନ୍ଦ୍ରମଣି ସାହୁ, ଡମ୍ବରୁଧର ରାଉତ, ନିତ୍ୟାନନ୍ଦ ଦେବ ଗୋସ୍ୱାମୀ, ନେପାଳଚନ୍ଦ୍ର ସାହୁ, ବଇକୁଣ୍ଠଭୂଷଣ ବାରିକ, ଅଶୋକ କୁମାର ପାଳ, ଅଶୋକ କୁମାର ଲେଙ୍କା, ଯୋଗେନ୍ଦ୍ର ମହାନ୍ତି, ଚକ୍ରଧର ବାରିକ, ସୁନ୍ଦର ଚନ୍ଦ୍ର ପାଠୀ, ଶିଶିର ଚନ୍ଦ୍ର ସେନ, ସୁଧୀର କୁମାର ବସା ଓ କୁମାରୀ ଜ୍ୟୋତିରୂପା କର ।

ଏମାନଙ୍କ ବ୍ୟତୀତ ଏ ଜିଲ୍ଲାର ଶିଶୁ ସାହିତ୍ୟର ବିକାଶ ଓ ପ୍ରସାର କ୍ଷେତ୍ରରେ ବହୁ ନବୀନ ଓ ପ୍ରବୀଣ ଶିଶୁ ସାହିତ୍ୟିକଙ୍କର ଦାନ ଯେ ଅଦ୍ଭୁତ— ଏହା ଅନସ୍ୱୀକାର୍ଯ୍ୟ ।

Digitized by srujanika@gmail.com

ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ମୟୂରଭଞ୍ଜର ଦାନ :

ଚଳଚ୍ଚିତ୍ର ସମାଜ ଚେତନା ଓ ପରିବର୍ତ୍ତନର ଏକ ବଳିଷ୍ଠ ମାଧ୍ୟମ । ଶିକ୍ଷା ଓ ସାହିତ୍ୟ ମାଧ୍ୟମ ଭଳି ସାମାଜିକ ମାନ, ନୈତିକତା ଓ ପ୍ରଗତିଶୀଳ ଚିନ୍ତା ଓ ଚେତନାର ବିକାଶରେ ଏହା ଏକ ବିକିରଣ କେନ୍ଦ୍ର ରୂପେ କାମ କରେ । ଏହା ମାଧ୍ୟମରେ ନୃତ୍ୟ, ଗୀତ ସହିତ ନାଟ୍ୟକଳା ଉନ୍ମେଷ ସାଧନ କରିଯାଇ ପାରେ । ଏ ଦିଗରେ ମୟୂରଭଞ୍ଜର ଦାନ କମ୍ ନୁହେଁ । ଶ୍ରୀଗଣେଶ ଜେନଙ୍କ 'ଅଭିମାନ', ଶ୍ରୀ ବସନ୍ତ ନାୟକଙ୍କ 'ମାଳଜହ୍ନ', 'ଫୁଲ ଚନ୍ଦନ' ଓ 'ରଜନୀଗନ୍ଧା' ଏବଂ ଏବେର ବିଜୟ କୁମାର ମହାପାତ୍ର ଓ ଅନ୍ୟାନ୍ୟଙ୍କ 'ଗୋପରେ ବଢ଼ୁଛି କଳା କହ୍ନେଇ' ଆଦି ଚଳଚ୍ଚିତ୍ର ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ ଓ ରୁଚିସମ୍ପନ୍ନ କରିଛି । ତେଣୁ ଏ ସମସ୍ତ ଚଳଚ୍ଚିତ୍ରର ପ୍ରଯୋଜକ ଓଡ଼ିଆ ଚଳଚ୍ଚିତ୍ରର ବିକାଶ ଓ ପ୍ରସାର ପାଇଁ ଏକାନ୍ତ ପ୍ରଶଂସାର୍ହ । ଏତଦ୍ ବ୍ୟତୀତ ମୟୂରଭଞ୍ଜ ମାଟି ବିଜୟ ମହାନ୍ତି ଭଳି ଜଣେ ଖ୍ୟାତନାମା ସିନେମା ହିରୋଙ୍କୁ ଜନ୍ମ ଦେଇ ଓଡ଼ିଆ ସିନେମା ଜଗତରେ ସମ୍ମାନିତ ହୋଇଥାଏ ।

ନାଟକ ଓ ସିନେମା କଳାକାର :

ଏ ପବିତ୍ର ଭଞ୍ଜ ଭୂମି ଯୁଗେ ଯୁଗେ ସାହିତ୍ୟ, କଳା ଓ ସଂସ୍କୃତିର ଆଲୋକରେ ଓଡ଼ିଶାକୁ ଆଲୋକିତ କରିଛି । ଏ ଭୂଇଁରେ ବହୁ ଅଭିନେତା ଓ ନିର୍ଦ୍ଦେଶକ ନିଜସ୍ୱ ଅଭିନୟ ପ୍ରତିଭା ବଳରେ ସିନେମା ତଥା ନାଟ୍ୟ ଜଗତରେ ସୁନାମ ଅର୍ଜନ କରିଛନ୍ତି । ଏ ଦିଗରେ ବେଶ୍ ଖ୍ୟାତି ଅର୍ଜନ କରିଥିବା କଳାକାରଙ୍କ ନାମ ଏଠାରେ ଦିଆଗଲା :---
ସ୍ୱର୍ଗତ ଉମେଶ ମହାନ୍ତି, ସ୍ୱର୍ଗତ ସୁରେଶ ମିଶ୍ର, ହେମ ପୃଷ୍ଟି, ସ୍ୱର୍ଗତ ରାମକୃଷ୍ଣ ପାତ୍ର, ହରିଶ୍ଚନ୍ଦ୍ର ରଣା, ପୂର୍ଣ୍ଣଚନ୍ଦ୍ର ରଣା, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ଶରତ ଚନ୍ଦ୍ର ବିନ୍ଧାଣୀ, ସେବାନନ୍ଦ ନାରାୟଣ ଦେବ, ସନ୍ତୋଷ ମହାନ୍ତି, ଚିନ୍ମୟ ଦାସ ପଟ୍ଟନାୟକ ଆଦି ନାଟ୍ୟକଳାରେ ଖ୍ୟାତି ଅର୍ଜନ କରିଛନ୍ତି । ତାହାଛଡ଼ା ଯେଉଁମାନେ ଉଭୟ ନାଟ୍ୟ ଓ ସିନେମା ଜଗତରେ ଖ୍ୟାତି ଅର୍ଜନ କରିଛନ୍ତି ସେମାନେ ହେଲେ ରାଧାକୃଷ୍ଣ ଭଞ୍ଜ, ଆନନ୍ଦ ଶଙ୍କର ଦାସ, ସରୋଜ ପଟ୍ଟନାୟକ, ଭବାନୀ ପଣ୍ଡା, ବିଜୟ ମହାନ୍ତି (ରାଜା), ବିଜୟ ମହାନ୍ତି (ଡାବୁ) ଓ ଅସିତ ପତି, ରାମ ମହାନ୍ତି, ଅଜିତ ଦାସ, ଉମା ସାହୁ ଓ ଧୀର ବସା । ଏତଦବ୍ୟତୀତ ଛଉ ନୃତ୍ୟଶିଳ୍ପୀ ଭାବରେ ଚନ୍ଦ୍ରଶେଖର ଭଞ୍ଜ, ଅନନ୍ତ ଚରଣ ସାଇବାବୁ, କୃଷ୍ଣ ମୋହନ ନାଏକ ଆଦି ବିଶେଷ ଖ୍ୟାତି ଅର୍ଜନ କରିଅଛନ୍ତି ।

ଏଣୁ ମୟୂରଭଞ୍ଜ ଯେ ଯୁଗେ ଯୁଗେ ଓଡ଼ିଆ ସାହିତ୍ୟ, କଳା ଓ ସଂସ୍କୃତିର ଚିର ଭଣ୍ଡାରକୁ ସମୃଦ୍ଧି ଓ ରୁଚିସମ୍ପନ୍ନ କରିଛି—ଏଥିରେ ସନ୍ଦେହର ଅବକାଶ ନାହିଁ ।

Digitized by srujanika@gmail.com

ସୂଚନା ଓ ସହାୟତା

୧। Mayurbhanj Marches ahead—District Festival, 1992

୨। ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ରଜତ ଜୟନ୍ତୀ ସ୍ମରଣିକା—ପୃ. ୮

୩। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (୧୦୮ତମ ଜୟନ୍ତୀ) ସ୍ମରଣିକା—ପୃ: ୨୩

୪। ସ୍ୱର୍ଣ୍ଣଯୁଗ ପ୍ରବର୍ତ୍ତକ—ରାଜର୍ଷି ଶ୍ରୀରାମଚନ୍ଦ୍ର ଭଞ୍ଜଦେବ (ଡଃ ଭଗବତ ପ୍ରସାଦ ଲେଙ୍କା)

୫। Orissa History Congress Souvenir—1982 P. 14

୬। ଓଡ଼ିଆ ଶିଶୁ ସାହିତ୍ୟର ଆଦର୍ଶ ସଙ୍କଳନ, ୧୯୯୨ (ସଙ୍କଳକ ଡଃ ଭଗବତ ପ୍ରସାଦ ଲେଙ୍କା)

୭। ସିନେମା ଓ ନାଟ୍ୟ କଳାକାର ସମ୍ବନ୍ଧୀୟ ତଥ୍ୟ ଶ୍ରୀଧର ଦାସ ଓ ଶ୍ରୀ ସନ୍ତୋଷ କୁମାର ମହାନ୍ତ ବାରିପଦାଙ୍କଠାରୁ ସଂଗୃହୀତ।

●

Digitized by srujanika@gmail.com

ତ୍ରୟୋଦଶ ଅଧ୍ୟାୟ

ଇତିବୃତ୍ତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷା ଓ ଶିକ୍ଷାୟତନ

ଉତ୍କଳର ଯେଉଁସବୁ ଶିକ୍ଷା ମନ୍ଦିର ଉତ୍କଳ ଭୂଇଁକୁ ଯୁଗେ ଯୁଗେ ଜ୍ଞାନାଲୋକରେ ଉଦ୍ଭାସିତ କରି ଆସିଅଛନ୍ତି । ତନ୍ମଧ୍ୟରୁ ମୟୂରଭଞ୍ଜର ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟ ଅନ୍ୟତମ । ଆଜକୁ ଠିକ୍ ଶହେ ସାତବର୍ଷ ତଳେ ଏହା ଜନ୍ମ ନେଇଥିଲା ଭଞ୍ଜ ଭୂଇଁର ରାଜଧାନୀ ବାରିପଦା ସହରରେ ।

ଏହି ବିଦ୍ୟାଳୟର ଜନକ ହେଉଛନ୍ତି ଭଞ୍ଜ ବଂଶର ପୁଣ୍ୟଶ୍ଳୋକ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେବ । ଇଂରେଜ ରାଜତ୍ୱରେ ମହାରାଜ କୃଷ୍ଣଚନ୍ଦ୍ର ହିଁ ମୟୂରଭଞ୍ଜର ଗଡ଼ଜାତ ରାଜ୍ୟରେ ପ୍ରଥମକରି ଇଂରାଜୀ ଶିକ୍ଷାର ପ୍ରଚଳନ ପାଇଁ ଚଲ୍ଲାଇକରୁ ଥିଲେ । ଏହାଥିଲା ୧୮୬୭ ମସିହାର କଥା । ଠିକ୍ ସେହି ସମୟର ଘଟଣା ଯାହା ସତ ଓ ନିର୍ମଳ ଏବଂ ତାହାହିଁ ହେଉଛି ଏ ପୁରାତନ ଅନୁଷ୍ଠାନର ଶୁଭାରମ୍ଭ [୧] ।"

୧୮୬୭ ମସିହା ମାର୍ଚ୍ଚ ମାସ । ମହାରାଜା କୃଷ୍ଣଚନ୍ଦ୍ରଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀ ରାମଚନ୍ଦ୍ର ମୋଟେ ୭ବର୍ଷର ପିଲା । ସେଦିନ ଅତି ସକାଳୁ ସେ ବାପାଙ୍କ ସହିତ ଟମ୍ ଟମ୍ ଗାଡ଼ିରେ ବୁଲିବାକୁ ବାହାରି ଥାଆନ୍ତି । ସାଥିରେ ଥାଆନ୍ତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ରଙ୍କ ଗୃହ ଶିକ୍ଷକ । ବର୍ତ୍ତମାନ ଯେଉଁଠି ପୋଲିସ ସାହେବଙ୍କ କୋଠା ଅଛି, ଠିକ୍ ସେହି ସ୍ଥାନରେ ଲତାବୃକ୍ଷ ବେଷ୍ଟିତ ପ୍ରାନ୍ତର ମଧ୍ୟରେ ଗୋଟିଏ ନିମ୍ନ ପ୍ରାଇମେରୀ ସ୍କୁଲ ଥିଲା । ସକାଳେ ପିଲାମାନେ ପ୍ରଥମେ ଆସି ଉଚ୍ଚ ପାଟିରେ ପଣକିଆ ଆବୃତ୍ତି କରୁଥିଲେ । ବାଳକ ଶ୍ରୀ ରାମଚନ୍ଦ୍ରଙ୍କୁ ଏହା କପରି କୌତୂହଳପ୍ରଦ ମନେହେଲା । ଗାଡ଼ି ଠିଆ ହେବା ମାତ୍ରକେ ସେ ଡେଇଁ ପଡ଼ିଲେ ଓ ସେହି କୋଳାହଳ ଆସୁଥିବା ସ୍ଥାନ ଆଡ଼କୁ ଲକ୍ଷ୍ୟକରି ଦୌଡ଼ିଗଲେ । ପିତା କୃଷ୍ଣଚନ୍ଦ୍ର କାହୁ ବୁଦ୍ଧି ନପାଇ ମଧ୍ୟ ରାଜକୁମାରଙ୍କୁ ଅନୁସରଣ କଲେ । ଗୋବିନ୍ଦବାବୁ ମଧ୍ୟ ତାଙ୍କୁ ଅନୁସରଣ କରି ଚଟଶାଳୀ ଆଡ଼କୁ ଗଲେ । ସେଠାରେ ପହଞ୍ଚି ଦେଖିଲେ ରାମଚନ୍ଦ୍ର ପିଲାଙ୍କ ଗହଳରେ

Digitized by srujanika@gmail.com

ମିଶି ଯାଇଛନ୍ତି । ଶିକ୍ଷକ ମଧ୍ୟ ତାଙ୍କୁ ଲକ୍ଷ୍ୟକରି ନାହାନ୍ତି । ଶିକ୍ଷକ ଗୋବିନ୍ଦବାବୁଙ୍କୁ ଦେଖି ଅସ୍ତ ହୋଇ ବାହାରି ଆସିଲେ । ଗୋବିନ୍ଦବାବୁ ରାମଚନ୍ଦ୍ରଙ୍କୁ ଡାକିଲେ । ରାମଚନ୍ଦ୍ର କହିଲେ ମୁଁ ଏଠାରେ ପଢ଼ିବି । ତାଙ୍କୁ ସେତେ ବୁଝାଇଲେ ମଧ୍ୟ ଆଦୌ ଆସିଲେନି । ଫଳରେ ସ୍କୁଲର ବିହେଲା । ପୁଣି ୧ଟା ବେଳକୁ ଟମ୍ ଟମ୍ ଗାଡ଼ି ଆସିଲା । କିନ୍ତୁ ସେ ଘରକୁ ଫେରିଲେ ୧୦/୩୦ ବେଳକୁ ବିଦ୍ୟାଳୟ ଛୁଟି ହେବାରୁ । ସେହିଦିନ ଠାରୁ ସେ ନିୟମିତ ଭାବରେ ବିଦ୍ୟାଳୟକୁ ଆସିବାରେ ଲାଗିଲେ । ଅନ୍ୟ ପିଲାଙ୍କ ସହିତ ବସି ପାଠ ପଢ଼ିବାକୁ ଆରମ୍ଭ କରିଦେଲେ । ଏଠାରେ ଠିକ୍ ୩/୪ ଦିନ ପରେ ତାଙ୍କ ପୂର୍ବାଭ୍ୟାସ ବଶତଃ ଇଂରେଜ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଇଂରାଜୀ ଶିକ୍ଷା କରିଥିବାରୁ ସେ ଖଣ୍ଡେ First Book ସଙ୍ଗରେ ନେଇ ବିଦ୍ୟାଳୟକୁ ଆସିଲେ । ପାଠପଢ଼ା ଅବସରରେ ସେ ଶିକ୍ଷକଙ୍କୁ ବହିଟି ଦେଇ କହିଲେ ପିଲାମାନଙ୍କୁ ଇଂରାଜୀ ଶିଖାଇବା ପାଇଁ । ସେ ଶିକ୍ଷକ ମଧ୍ୟ ଇଂରାଜୀ ଜାଣି ନଥିଲେ । ଯାହାହେଉ ସେ ରାମଚନ୍ଦ୍ରଙ୍କ ନିକଟରୁ ସେ ବହିଟି ଦେଖି A, B; C, D, ଏହି କେତୋଟି ଅକ୍ଷର Boardରେ ଲେଖି ଦେଇଥିଲେ । ଏକଥା ରାମଚନ୍ଦ୍ର ଗୋବିନ୍ଦ ବାବୁଙ୍କୁ ଘରେ କହିଲେ ଏବଂ ବିଦ୍ୟାଳୟରେ ଇଂରାଜୀ ଶିକ୍ଷା ଦେବାର ବ୍ୟବସ୍ଥା କରିବାକୁ ଅନୁରୋଧ କଲେ । ଗୋବିନ୍ଦ ବାବୁ ତାଙ୍କୁ ବୁଝାଇଦେଲେ ଯେ ପ୍ରାଇମେରୀ ସ୍କୁଲରେ ଇଂରାଜୀ ଶିକ୍ଷା ଦିଆଯାଏ ନାହିଁ । ସେଥିପାଇଁ ଅନ୍ୟ ଇଂରାଜୀ ବିଦ୍ୟାଳୟ କରିବା ପାଇଁ ରାମଚନ୍ଦ୍ର ପୁଣି ବାପାଙ୍କ ଆଗରେ ପ୍ରସ୍ତାବ ଆଗତ କଲେ । ମାଙ୍କ ନିକଟରେ ମଧ୍ୟ ଅଳି କଲେ । ମହାରାଜା ମଧ୍ୟ ଗୋଟିଏ ମଧ୍ୟଇଂରାଜୀ ବିଦ୍ୟାଳୟ କରିବା ପାଇଁ ଇଚ୍ଛା କରିଥିଲେ । ଯାହାହେଉ ସେହି ବର୍ଷ ଏପ୍ରିଲ୍ ମାସରେ ଗୋଟିଏ ମଧ୍ୟଇଂରାଜୀ ବିଦ୍ୟାଳୟ ଖୋଲାଗଲା । ସେହି ପ୍ରାଇମେରୀ ବିଦ୍ୟାଳୟରେ ଜଣେ ଇଂରାଜୀ ଶିକ୍ଷକ ନିଯୁକ୍ତ କରି ମଧ୍ୟଇଂରାଜୀ ବିଦ୍ୟାଳୟର ଗୋଟିଏ ଶ୍ରେଣୀ ଖୋଲାଗଲା । ପ୍ରଥମ ବର୍ଷ ଛାତ୍ର ହେଲେ ମାତ୍ର ୯ ଜଣ । ପରବର୍ଷ ଏ ବିଦ୍ୟାଳୟ ପାଇଁ ସ୍କୁଲଘରଟିଏ ନିର୍ମିତ ହେଲା । ପ୍ରତିବର୍ଷ ଗୋଟିଏ କରି ଶ୍ରେଣୀ ଅଧିକ ଖୋଲାଗଲା ଏବଂ ୧୮୮୧ ମସିହାରେ ଏହି ବିଦ୍ୟାଳୟରୁ ମାତ୍ର ୫ ଜଣ ଛାତ୍ର ପ୍ରଥମ ଥର ପାଇଁ M. E, ପରୀକ୍ଷା ଦେଇଥିଲେ । କ୍ରମେ ଛାତ୍ର ସଂଖ୍ୟା ବଢ଼ିବାରେ ଲାଗିଲେ । ମାତ୍ର ୧୮୮୨ ଖ୍ରୀ ଅରେ ହଠାତ୍ କୃଷ୍ଣଚନ୍ଦ୍ରଙ୍କର ମୃତ୍ୟୁ ହେଲା । ନାବାଳକ ରାଜକୁମାର ରାମଚନ୍ଦ୍ରଙ୍କ ତରଫରୁ ଇଂରେଜ ସରକାର ବିଶେଷତଃ ଓ୍ୱାଲିସାହେବ ଶାସକ ରୂପେ ରହିଲେ । ତାଙ୍କ ସମୟରେ ୧୮୮୯ ଖ୍ରୀ. ଅ.ରେ ଏହା ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ ହେଲା । ତାହାର ନାମ ରହିଲା Baripada Entrance School । ୧୮୯୦ ମସିହାରେ ଏହା କଲିକତା ବିଶ୍ୱବିଦ୍ୟାଳୟରୁ ସ୍ୱୀକୃତି ଲାଭକଲା । ସେହିବର୍ଷ ପ୍ରଥମ ଥର ୩ ଜଣ ପିଲା ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨ ଜଣ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେତେବେଳେ ଏହି ବିଦ୍ୟାଳୟର ଛାତ୍ର ସଂଖ୍ୟା ଥିଲା ମାତ୍ର ୯୩ଜଣ ଏବଂ

Digitized by srujanika@gmail.com

ଶିକ୍ଷକ ଥିଲେ ୯ ଜଣ । ଛାତ୍ରମାନଙ୍କ ମଧ୍ୟରୁ ୮୧ ଜଣ ଓଡ଼ିଆ ଏବଂ ୧୧ ଜଣ ବଙ୍ଗଳା ସାହିତ୍ୟ ପଢ଼ୁଥିଲେ । ୮୦ ଜଣ ଓଡ଼ିଆ ଛାତ୍ରଙ୍କ ମଧ୍ୟରୁ ୪୯ ଜଣ ମୟୂରଭଞ୍ଜର ଏବଂ ଅବଶିଷ୍ଟ ମୋଗଲବନ୍ଦୀ ଅଞ୍ଚଳର । ପୁନଶ୍ଚ ମୟୂରଭଞ୍ଜର ଉକ୍ତ ୪୯ ଜଣଙ୍କ ମଧ୍ୟରୁ ୧୭ ଜଣ ଓଡ଼ିଆ ଓ ୧୧ ଜଣ ବଙ୍ଗାଳୀ ଛାତ୍ର । ସମସ୍ତେ ସ୍ୱଚ୍ଛଳାସ୍ଥ କର୍ମଚାରୀଙ୍କ ସନ୍ତାନ ବା ଆଶ୍ରିତ । ଶିକ୍ଷକମାନଙ୍କ ମଧ୍ୟରୁ ୭ଜଣ ଇଂରାଜୀ ଶିକ୍ଷକ, ଜଣେ ସଂସ୍କୃତ ପଣ୍ଡିତ, ଜଣେ ବଙ୍ଗଳା ପଣ୍ଡିତ ଓ ଜଣେ ଡ୍ରିଲ ଶିକ୍ଷକ ଥିଲେ । ଡ୍ରିଲ ଶିକ୍ଷକ ମଧ୍ୟ କିରାଣୀ କାର୍ଯ୍ୟ ପରିଚାଳନା କରୁଥିଲେ । ସେତେବେଳେ ବିଦ୍ୟାଳୟରେ ଜଣେ ମାତ୍ର ପିଅନ ଥିଲେ ।

ଏହି ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ହେଉଛନ୍ତି ବାବୁ ଚୈତନ୍ୟ ପ୍ରସାଦ ରାୟ । ୧୮୯୨ ମସିହା ଜୁଲାଇ ମାସରେ ସେ ଇସ୍ତଫା ଦେବାରୁ ବାବୁ ବୃନ୍ଦାବନ ଚନ୍ଦ୍ର ପଣ୍ଡା ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ ହେଲେ । ୧୮୯୩ ମସିହାକୁ ଛାତ୍ର ସଂଖ୍ୟା ୧୦୩କୁ ବୃଦ୍ଧି ହେଲା । ଫଳରେ ପୁରୁଣା ବିଦ୍ୟାଳୟରେ ସ୍ଥାନାଭାବ ହେଲା । ତେଣୁ ଓ୍ୱାଲି ସାହେବଙ୍କ କୋଠି ବିଦ୍ୟାଳୟ ଗୃହ ରୂପେ ବ୍ୟବହାର କରାଗଲା ।

୧୯୦୪ ମସିହାରେ ଫ୍ରେଜର ସାହେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଫ୍ରେଜର ହୋଷ୍ଟେଲ (Frazer Hostel) ତାପରେ Free Hostel ଆଦି ନିର୍ମାଣ କରାଯାଇଥିଲା । ୧୯୩୦ରେ New Hostel ନିର୍ମିତ ହୋଇଥିଲା । ୧୯୪୧ ମସିହାରେ ହତାବାହାରେ ଦୁଇଟି ଛାତ୍ରାବାସ Hundred Boys Hostel ନାମରେ ନିର୍ମିତ ହେଲା । ପରେ ଏ ଦୁଇଟି ଛାତ୍ରାବାସର ନାମ ଦୁଇ ରାଜକୁମାରଙ୍କ ନାମାନୁସାରେ ‘ପ୍ରଦୀପ ନିବାସ’ ଓ ସ୍ୱରୂପ ନିବାସ ରଖାଯାଇଥିଲା । କ୍ରମଶଃ ଛାତ୍ରସଂଖ୍ୟା ବଢ଼ିବାକୁ ଲାଗିଲା ।

“୧୯୧୭ ମସିହା ପର୍ଯ୍ୟନ୍ତ ଏହି ବିଦ୍ୟାଳୟର ନାମ ଥିଲା Entrance school ଏବଂ ସେହି ପର୍ଯ୍ୟନ୍ତ ଏହା କଲିକତା ବିଶ୍ୱବିଦ୍ୟାଳୟର ଅଧୀନରେ ଥିଲା । ତା’ପରବର୍ଷକୁ ଏହି ବିଦ୍ୟାଳୟ ପାଟଣା ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ହେଲା ଏବଂ ଏହାର ନାମ ହେଲା ବାରିପଦା ହାଇସ୍କୁଲ । ୧୯୪୪ ମସିହାରେ ଏହା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିଲା । ଏହି ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱନାମଧନ୍ୟ ମହାରାଜା କୃଷ୍ଣଚନ୍ଦ୍ରଙ୍କ ନାମ ଅନୁସାରେ ବର୍ତ୍ତମାନ ଏହି ବିଦ୍ୟାଳୟର ନାମ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରଖାଯାଇଛି [୨] ।

ତଳେ ଉକ୍ତ ବିଦ୍ୟାଳୟର ବାର୍ଷିକ ଛାତ୍ରସଂଖ୍ୟା, ମେଟ୍ରିକ ପରୀକ୍ଷାର୍ଥୀ ଫଳ, ମୋଟ ପାଶ ସଂଖ୍ୟା, କୃତୀଛାତ୍ର ଓ ଶିକ୍ଷକଙ୍କ ସଂଖ୍ୟା ଆଦି ତଥ୍ୟ ପ୍ରଦର୍ଶିତ ହୋଇଛି ।

Digitized by srujanika@gmail.com

ବର୍ଷ	ଛାତ୍ରସଂଖ୍ୟା	ମେଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା	ପ୍ରଥମ ବିଭାଗ	ଦ୍ୱିତୀୟ ବିଭାଗ	ତୃତୀୟ ବିଭାଗ	ମୋଟପାସ୍ ସଂଖ୍ୟା	ଶିକ୍ଷକଙ୍କ ସଂଖ୍ୟା	କୃତୀ ଛାତ୍ରଙ୍କ ନାମ	ପ୍ରଧାନଶିକ୍ଷକଙ୍କ ନାମ
୧୮୯୨	୫								ଶ୍ରୀ ଚୈତନ୍ୟ ପ୍ରସାଦ ବସୁ
୧୮୯୩	୯୩	୩	—	୨	—	୨	୯		ଶ୍ରୀ ବୃନ୍ଦାବନଚନ୍ଦ୍ର ପଣ୍ଡା ୧୮୯୩-୧୮୯୭
୧୮୯୪	୧୦୩	୪	—	୨	୧	୩	୯		
୧୮୯୫	୧୧୨	୪	୧	—	୨	୩	୯		
୧୮୯୬	୧୨୧	୫	୧	୨	୧	୪	୯		
୧୮୯୭	୧୧୯	୪	—	୨	୧	୩	୯		
୧୮୯୮	୧୩୭	୩	—	୧	୧	୨	୧୦		ଶ୍ରୀ ସୁଧାଂଶୁନାଥ ଚକ୍ରବର୍ତ୍ତୀ ୧୮୯୭-୧୯୦୨
୧୮୯୯	୧୪୧	୫	୧	୧	୧	୩	୧୦		
୧୯୦୦	୧୪୭	୭	୧	୧	୨	୪	୧୦		
୧୯୦୧	୧୬୫	୫	—	୧	୧	୨	୧୧		
୧୯୦୨	୧୬୩	୪	—	୩	—	୩	୧୧		ଶ୍ରୀ କାଳୀଗୋପାଳ ବସୁ ୧୯୦୨-୧୯୦୭
୧୯୦୩	୧୭୭	୭	—	୩	—	୩	୧୨		
୧୯୦୪	୧୮୧	୫	୧	୧	୨	୪	୧୪		
୧୯୦୫	୧୮୭	୭	୧	—	୧	୨	୧୪		

Digitized by srujanika@gmail.com

୧୯୦୬	୨୩୬	୫	—	—	୪	୪	୧୫	ଶ୍ରୀ ଶୈଳେନ୍ଦ୍ର ନାଥ ସରକାର (୧୯୦୬-୧୯୧୨)
୧୯୦୭	୨୪୪	୧୦	୨	୪	୧	୭	୧୫	
୧୯୦୮	୨୪୫	୧୧	୨	୬	୨	୧୦	୧୫	
୧୯୦୯	୨୪୧	୧୮	୪	୪	୧	୯	୧୫	
୧୯୧୦	୨୪୯	୭	[illegible]	୧	୧	୫	୧୫	ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀ (୧ମ ଶ୍ରେଣୀ)
୧୯୧୧	୨୫୭	୧୪	୧୧	୩	—	୧୪	୧୫	
୧୯୧୨	୨୬୩	୧୭	୧୦	୫	୧	୧୬	୧୫	ଶ୍ରୀ ଗିରିଶଚନ୍ଦ୍ର ଲହା (୧୯୧୨-୧୯୧୮)
୧୯୧୩	୨୬୯	୨୩	୧୩	୪	୨	୧୯	୧୫	
୧୯୧୪	୨୬୫	୧୮	୭	୪	—	୧୧	୧୫	
୧୯୧୫	୨୬୪	୧୭	୧୩	୩	—	୧୭	୧୬	କଲିକତା ବିଶ୍ୱବିଦ୍ୟାଳୟରେ (୧୦ମ ସ୍ଥାନ)
୧୯୧୬	୨୮୧	୧୭	୮	୩	୨	୧୩	୧୬	°
୧୯୧୭	୨୮୭	୧୯	୭	୬	୧	୧୪	୧୬	
୧୯୧୮	୨୯୨	୨୧	୭	୯	୨	୧୭	୧୬	
୧୯୧୯	୩୦୨	୨୦	୧୨		୧	୧୫	୧୬	ଶ୍ରୀ ସନ୍ତୋଷ କୁମାର ମୁଖାର୍ଜି ୨୦-୧୦-୧୯ରୁ୫-୮-୨୦

୧୯୨୦	୩୦୨	୨୩	୯	୫	୩	୧୬	୧୭	ଶ୍ରୀ ଶଚୀନ୍ଦ୍ରନାଥ ଦାସ M. A. B. T. ୫-୮-୨୦ରୁ ୧୭-୭-୩୦
୧୯୨୧	୩୦୩	୩୩	୧୩	୭	୪	୨୩	୧୭	
୧୯୨୨	୨୯୩	୨୩	୭	୧	୧	୯	୧୭	
୧୯୨୩	୨୯୨	୧୨	୧	୪	୪	୯	୧୭	
୧୯୨୪	୩୦୧	୧୩	୨	୪	୨	୮	୧୭	
୧୯୨୫	୩୩୪	୧୩	୨	୭	୨	୧୦	୧୭	
୧୯୨୬	୩୮୪	୧୫	—	୭	୪	୧୧	୧୮	
୧୯୨୭	୪୧୮	୨୫	୧	୮	୪	୧୩	୧୮	
୧୯୨୮	୪୩୯	୨୩	—	୭	୪	୧୦	୧୯	
୧୯୨୯	୪୨୨	୨୭	—	୮	୩	୧୧	୧୯	
୧୯୩୦	୪୦୩	୧୯	୧	୯	୭	୧୭	୧୯	ଗୋକୁଳଚନ୍ଦ୍ର ଶତପଥୀ (୧ମ ଶ୍ରେଣୀ) — ଶ୍ରୀ ମଧୁସୂଦନ ବଣ୍ଡାଲ ୧୭-୭-୩୦— ୧୧-୪-୩୩
୧୯୩୧	୩୮୪	୧୭	୨	୭	୫	୧୪	୧୯	
୧୯୩୨	୩୮୭	୧୮	୨	୯	୪	୧୫	୧୯	ପଞ୍ଚମ ସ୍ଥାନ— ବସନ୍ତ କୁମାର ଶତପଥୀ
୧୯୩୩	୩୯୧	୩୨	—	୧୦	୩	୧୩	୧୯	
୧୯୩୪	୪୪୭	୩୩	୧	୪	୯	୧୪	୨୧	ଶ୍ରୀ ନନ୍ଦ'ହଂସବଜ ୩୦-୧୦-୩୩— ୨୯-୩-୩୪

Digitized by srujanika@gmail.com

ବର୍ଷ	ଛାତ୍ରସଂଖ୍ୟା	ମେଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା	୧ମ ବିଭାଗ	୨ୟ ବିଭାଗ	୩ୟ ବିଭାଗ	ମୋଟ ପାସସଂଖ୍ୟା	ଶିକ୍ଷକଙ୍କ ସଂଖ୍ୟା	କୃତୀ ଛାତ୍ରଙ୍କ ନାମ	ପ୍ରଧାନ ଶିକ୍ଷକଙ୍କ ନାମ
୧୯୩୫	୪୫୯	୧୯	—	୭	୫	୧୨	୨୧		ଶ୍ରୀ ଶଚୀନ୍ଦ୍ର ନାଥ ଦାସ ୩୦-୩-୩୪—୧-୧-୩୫
୧୯୩୬	୫୧୪	୨୭	୩	୧୩	୭	୨୨	୨୩		ଶ୍ରୀ ବାଙ୍କନିଧି ପଟ୍ଟନାୟକ ୪-୧-୩୫—୩-୧-୩୬
୧୯୩୭	୫୭୨	୩୨	୧	୧୧	୧୧	୨୩	୨୭	ଶ୍ରୀ ବଣ୍ଡଭଞ୍ଜନ ମହାପାତ୍ର (୧ମ ଶ୍ରେଣୀ)	ଶ୍ରୀ ସୁରେନ୍ଦ୍ର ଲାଲ ଦତ୍ତ ୧୨-୨-୩୭— ୨୭-୧-୪୨
୧୯୩୮	୭୨୨	୫୧	୨	୧୩	୧୪	୨୯	୨୮		
୧୯୩୯	୭୨୭	୩୭	୧	୧୨	୧୧	୨୪	୨୮		
୧୯୪୦	୭୨୯	୪୭	୫	୨୩	୧୫	୪୩	୨୮		ଶ୍ରୀ ଶଚୀନ୍ଦ୍ରନାଥ ଦାସ ୨୭-୧-୪୨-୭-୪-୪୨
୧୯୪୧	୭୫୩	୭୨	୭	୨୨	୨୯	୫୭	୨୯		ଶ୍ରୀ ଗୋକୁଳଚନ୍ଦ୍ର ଶତପଥୀ ୭-୪-୪୨— ୨୭-୭-୪୨
୧୯୪୨	୭୩୮	୭୫	●	୨୭	୨୦	୫୨	୨୯		ଶ୍ରୀ ବଳଭଦ୍ର ମିଶ୍ର ୫-୧୧-୪୨— ୩୧-୩-୪୬

Digitized by srujanika@gmail.com

୧୯୪୩	୬୬୦	୬୬	୫	୩୧	୨୯	୬୫	୨୯	୧୦ମ ସ୍ଥାନ-ସୁଧାଶେଖର ନାଏକ
୧୯୪୪	୬୮୧	୬୮	୧୩	୨୬	୯	୪୯	୨୯	୯ମ ସ୍ଥାନ-ଶିଶିର କୁମାର ଗୁପ୍ତ
୧୯୪୪	୧ମ/୨ୟ	ପରୀକ୍ଷା	ପରୀକ୍ଷା					୬ଷ୍ଠ ସ୍ଥାନ-ହରପଦ ସାହୁ
୧୯୪୫	୬୮୬	୬୯	୮	୩୦	୨୨	୬୦	୨୯	୫ମସ୍ଥାନ-ବ୍ରଜେନ୍ଦ୍ର କୁମାର ନାୟକ
୧୯୪୬	୬୯୩	୮୨	୬	୩୦	୨୪	୬୧	୨୯	୪ର୍ଥ-ଲକ୍ଷ୍ମଣ ମହାପାତ୍ର
୧୯୪୭	୬୦୮	୮୧	୫	୨୪	୨୬	୫୬	୧୯	
୧୯୪୮	୬୯୧	୬୪	୮	୩୪	୨୩	୬୫	୩୦	୮ମସ୍ଥାନ-ଅଶ୍ୱିନୀ କୁମାର ଦୈତାରି ବାବକ ମହାପାତ୍ର ୪-୪-୪୯ ୩୦-୧୦-୫୩
୧୯୪୯	୮୨୨	୮୬	୬	୪୬	୨୧	୬୪	୩୧	୧୦ମସ୍ଥାନ-ହାଡ଼ିବନ୍ଧୁ ବେହେରା
୧୯୫୦	୮୨୬	୧୧୨	୬	୩୯	୩୧	୬୬	୩୧	୧ମସ୍ଥାନ-ମଦନମୋହନ ଦାସ
୧୯୫୧	୮୩୩	୧୧୪	୨	୪୦	୨୯	୬୧	୩୧	୧ମ-ନୀହାର ରଞ୍ଜନ ହୋତା
୧୯୫୨	୮୫୨	୬୬	୨	୨୧	୨୫	୪୮	୩୧	
୧୯୫୩	୮୬୪	୬୨	୨	୨୨	୨୮	୫୨	୩୦	୫ମ-ଅମୃତ କୁମାର ପାଲ ଶ୍ରୀ ଗୌରାଙ୍ଗପଦ ତ୍ରିପାଠୀ ୨-୧୧-୫୩ ୧୪-୯-୫୬
୧୯୫୪	୮୧୨	୬୫	୧	୧୦	୩୫	୫୧	୩୦	
୧୯୫୫	୬୮୧	୬୯	୮	୩୨	୧୬	୫୬	୩୦	
୧୯୫୬	୬୩୪	୮୦	୦	୩୫	୨୪	୬୫	୩୦	୨ୟ ଭାଗ୍ୟପଦ ତ୍ରିପାଠୀ

Digitized by srujanika@gmail.com

ବର୍ଷ	ଛାତ୍ରସଂଖ୍ୟା	ମେଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା	୧ମ ବିଭାଗ	୨ୟ ବିଭାଗ	୩ୟ ବିଭାଗ	ମୋଟ ପାସସଂଖ୍ୟା	ଶିକ୍ଷକଙ୍କ ସଂଖ୍ୟା	କୃତୀ ଛାତ୍ରଙ୍କ ନାମ	ପ୍ରଧାନ ଶିକ୍ଷକଙ୍କ ନାମ
୧୯୫୭	୭୭୪	୭୭	୩	୨୦	୨୯	୫୫	୩୧		ଶ୍ରୀ ଗୌରୀଶଙ୍କର ଦାସ ମହାପାତ୍ର ୧୫-୯-୫୭—୨୮-୧-୫୮
୧୯୫୮	୭୫୧	୯୨	୫	୨୯	୨୭	୬୧	୩୧	୨ୟ-ଶତ୍ରୁନାଥ କର	ଶ୍ରୀ ଗୌରୀପଦ ତ୍ରିପାଠୀ ୨୮-୧-୫୮—୨୭-୬-୬୦
୧୯୫୯	୭୪୯	୧୦୭	୭	୩୪	୩୨	୭୩	୩୧		
୧୯୬୦	୬୯୦	୩୧	୧୪	୨୯	୭୧	୧୧୪	୨୯		ଶ୍ରୀ ନରହର ଦାସ ୧୩-୯-୬୦ ୧୨-୬-୬୭
୧୯୬୧	୬୯୩	୯୪	୯	୨୧	୩୯	୬୯	୨୯		
୧୯୬୨	୬୯୯	୬୯	୧୧	୩୪	୧୯	୬୪	୨୯		
୧୯୬୩	୬୯୭	୬୮	୮	୩୩	୨୪	୬୫	୩୦		
୧୯୬୪	୭୦୪	୯୭	୧୨	୪୨	୨୭	୮୧	୩୧		
୧୯୬୫	୬୪୮	୧୦୮	୧୦	୩୩	୨୪	୬୭	୩୨		
୧୯୬୬	୬୫୩	୧୦୫	୧୩	୩୨	୨୮	୭୩	୩୨	୩ୟ ସ୍ଥାନ—ସୁକାନ୍ତ ବେହେର	
୧୯୬୭	୭୮୫	୧୧୯	୧୩	୨୮	୩୬	୭୨	୩୨		ଶ୍ରୀ ବସୁରଞ୍ଜନ ମହାପାତ୍ର ୧୩-୬-୬୭ ୧୭-୭-୭୨
୧୯୬୮	୮୯	୧୦୯	୧୪	୪୭	୪୧	୯୨	୩୩		
୧୯୬୯	୯୪୨	୧୩୧	୧୬	୩୯	୨୮	୮୩	୩୩		

Digitized by srujanika@gmail.com

୧୯୭୦	୯୭୮	୧୭୧	୧୯	୪୮	୩୮	୧୦୫	୩୪	୧ମ—ଅଞ୍ଜନା ଉଦ୍ଗାତା
୧୯୭୧	୯୯୭	୧୫୪	୨୯	୪୩	୩୮	୧୧୭	୩୪	୫ମ-ଦେବବ୍ରତ ଭମିଳା
୧୯୭୨	୧୦୩୧	୧୨୭	୧୫	୪୧	୧୮	୭୪	୩୪	୮ମ-ରାମଚନ୍ଦ୍ର ଦେ ଶ୍ରୀ ନବକୁମାର ଘୋଷ ୯ମ-ଲକ୍ଷ୍ମୀକାନ୍ତ ପଣ୍ଡା ୧୮-୭-୭୨-୨୭-୪-୭୪
୧୯୭୩	୧୦୪୭	୧୪୧	୨୩	୨୭	୨୯	୭୯	୩୪	୧ମ-କିଶୋର କୁମାର ଦାସ
୧୯୭୪	୧୦୯୭	୧୩୭	୨୧	୩୭	୩୧	୮୯	୩୪	୧୦ମ-ଅଶୋକ କୁମାର ଦାସ ଶ୍ରୀ ଜଗନ୍ନାଥ ପାଣିଗ୍ରାହୀ ୨୮-୪-୭୪-୨୭-୮-୮୨
୧୯୭୫	୧୧୪୨	୧୪୭	୨୨	୪୦	୫୭	୧୧୮	୩୪	
୧୯୭୬								
୧୯୭୭	—		—		—		—	—
୧୯୭୮								
୧୯୭୯	—		—		—	—	—	
୧୯୮୦	—		—					
୧୯୮୧								ଦଶମ-ବଜ୍ର କୁମାର ସୃଷ୍ଟି
୧୯୮୨								୪ର୍ଥ-ଚନ୍ଦ୍ରଭୂଷଣ ବେହେରା
୧୯୮୩	—		—		—	—		୩ୟ-ପ୍ରଦୀପ କୁମାର ଶ୍ରୀ ଶିଶିର କୁମାର ଦାସ ଅନୁଗୁଳ ଖଡପଡ଼ା
୧୯୮୪								୯ମ ଯୋଗେଶ୍ୱର ବେହେରା ୧୦-୨-୮୩ ୩୧-୧-୮୫
୧୯୮୫	—	—		—	—		—	୧୦ମ-ପ୍ରଶାନ୍ତ କୁମାର ଜେନା ଶ୍ରୀ କ୍ଷେତ୍ରମୋହନ ସ୍ୱାଇଁ ୧୫-୭-୮୫ ୩୧-୩-୮୮

Digitized by srujanika@gmail.com

୧୯୮୬	—	—	—	—	—	—	—	
୧୯୮୭	—	—	—	—	—	—	—	
୧୯୮୮	—	—	—	—	—	—	—	ଷଷ୍ଠ-ସୁଧୀରଞ୍ଜନ ତ୍ରିପାଠୀ ଶ୍ରୀ ଦ୍ୱିଜଚନ୍ଦ୍ର ମହାନ୍ତି
୧୯୮୯	—	—	—	—	—	—	—	୮-୭-୮୮—୪-୮-୯୦
୧୯୯୦	—	—	—	—		—	—	୮ମ-ସିଦ୍ଧାର୍ଥଶଙ୍କର ଦେ ଶ୍ରୀ ଶ୍ୟାମସୁନ୍ଦର ଶତପଥୀ
୧୯୯୧	—	—	—	—	—	—	—	୧୦ମ-ଗୌରୀପ୍ରସନ୍ନ ଦାସ ୫-୮-୯୦
୧୯୯୨	—	—	—	—	—	—	—	୨ୟ-ସୌମିତ୍ରୀ ଦେ
୧୯୯୩	୧୦୭୫	—	—	—	—	—	୩-୫	

[୩] ଓ [୪]

ପରବର୍ତ୍ତୀକାଳ ଅର୍ଥାତ୍ ୧୯୭୧ରୁ ୧୯୯୩ ମସିହା ଯାଏ ବିଦ୍ୟାଳୟର ପୂର୍ଣ୍ଣାଙ୍ଗ ତଥ୍ୟ ଦେବା ସମ୍ଭବପର ହେଲା ନାହିଁ । ତେଣୁ କେବଳ କୃତଛାତ୍ର ଓ ପ୍ରଧାନଶିକ୍ଷକଙ୍କର ସମ୍ପୂର୍ଣ୍ଣ ନାମ ତାଲିକା ଦିଆଯାଇଛି ।

ପ୍ରକାଶ ଥାଉକି ୧୮୭୭ ମସିହାରେ ଏହି ବିଦ୍ୟାଳୟ ଜନ୍ମ ନେଇଥିଲା ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ରୂପେ । ତେଣୁ ୧୯୭୭ ମସିହା ବେଳକୁ ଏହାର ବୟସ ଶହେ ବର୍ଷ ହେଲା । ଅନ୍ୟ ଦିଗରୁ ଦେଖିବାକୁ ଗଲେ ୧୮୮୯ ମସିହାରେ ଏହା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ ହୋଇଥିଲା । ତେଣୁ ହାଇସ୍କୁଲ ରୂପେ ଏହାର ବୟସ ୧୯୮୮ ମସିହାକୁ ଶହେବର୍ଷ ପୂରିଗଲା । ଏହାର ଶତବାର୍ଷିକୀ ଉତ୍ସବ ପାଳିତ ହେବା ଏକାନ୍ତ ବାଞ୍ଛନୀୟ ବୋଲି ସମସ୍ତେ ଅନୁଭବ କରନ୍ତି । ଏଣୁ ଏଥିପାଇଁ ପୂର୍ବ ପ୍ରସ୍ତୁତି ଚାଲିଛି । ସମସ୍ତଙ୍କ ପ୍ରାଣରେ ଉତ୍ସବ ଦିନର ସୁନେଲି ସ୍ୱପ୍ନ ଉଙ୍କି ମାରୁଛି । ଏହାର ମଧୁମୟ ସ୍ମୃତି ସ୍ମରଣ ଓ ପୂଜ୍ୟପୂଜା ପାଇଁ ମନରେ କେତେ ଆଗ୍ରହ, କେତେ ଉଦ୍ଦୀପନା, କେତେ ଉତ୍ସାହ । ଲକ୍ଷ ଲକ୍ଷ ପୁତ୍ରର ଜନନୀ ଇଏ । ତେଣୁ ମାତୃପୂଜା ଭକ୍ତ ବନ୍ଦନାରେ ଉଲ୍ଲସିତ ଏ ଭକ୍ତମାନେ, କେବଳ ମୟୂରଭଞ୍ଜରେ କିମ୍ବା ଓଡ଼ିଶାରେ ନୁହେଁ—ଭାରତ ବର୍ଷ ତଥା ପୃଥିବୀର କୋଣ ଅନୁକୋଣରେ ଏହାର ସୁଯୋଗ୍ୟ ସନ୍ତାନମାନେ କ୍ରୀଡ଼ା ସାହିତ୍ୟ କଳା, ଦର୍ଶନ, ବିଜ୍ଞାନାଦିରେ ସୁନାମ ଅର୍ଜନ କରିଛନ୍ତି । ସେଥିପାଇଁ ସେ ଗର୍ବିଣୀ ଓ ଗୌରବିନୀ । ଏକଥା ଭାବିଲେ ସତରେ ତା'ର ଜ୍ଞାନମୟୀ କରୁଣାମୟୀ ମାତୃମୂର୍ତ୍ତି ଆମ ଆଖି ଆଗରେ ନାଚିଯାଏ । ଭକ୍ତି ଓ ଆନନ୍ଦରେ ପ୍ରାଣ ଝୁଲୁଲି ପଡ଼େ । ତା'ର ପୂତ ଚରଣ କମଳ ତଳକୁ ଆପଣା ଛୁଏଁ ମଥା ନଇଁଯାଏ, ଆଶିଷ କାମନା କରି ।

ସୂଚନା ଓ ସହାୟତା

୧/୨-ଉତ୍ତରଣି, ୧୯୭୭—ପୃଷ୍ଠା-୨୪-୨୮

୩/୪-ଉତ୍ତରଣି, ୧୯୭୭—ପୃଷ୍ଠା-୨୯-୩୨

Orissa Gazatteers, Mayurbhanj·

Dr. Lenka B. P.—A critical estimate of the Development of Tribal Education in the district of Mayurbhanj after independence. A doctral Thesis (Chapter-II)

ବିଦ୍ର—ଏ ପ୍ରବନ୍ଧର ପରିପୂର୍ତ୍ତି କମିଟି (୧୯୭୨ରୁ ୧୯୯୩ ମସିହା ଯାଏ) ତଥ୍ୟ ପରିବେଷଣ କରିଛନ୍ତି—

ଶ୍ରୀ ଯତୀନ୍ଦ୍ର ମୋହନ ଶତପଥୀ ଓ ଶ୍ରୀ ସନ୍ତୋଷ କୁମାର ମହାନ୍ତି, ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାରିପଦା (୨୭-୩-୯୩)

Digitized by srujanika@gmail.com

ଚତୁର୍ଦ୍ଦଶ ଅଧ୍ୟାୟ

ଭାରତୀୟ ମୁକ୍ତି ସଂଗ୍ରାମକୁ ମୟୂରଭଞ୍ଜର ଦାନ

ପୃଷ୍ଠଭୂମି :

"ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ଯୁଗେ ଯୁଗେ ଏହି ମନ୍ତ୍ରର ଭାବନାରେ ଉଦବୁଦ୍ଧ ହୋଇଛନ୍ତି ସ୍ୱଦେଶ ପ୍ରେମୀ ଭାରତବାସୀମାନେ ଜନନୀ-ଜନ୍ମଭୂମିର ଯେତେବେଳେ ସଙ୍କଟ ଉପୁଜିଛି, ସେତେବେଳେ ହିଁ ସେମାନେ ଅମ୍ଳାନ ବଦନରେ ନିଜର ରକ୍ତ ଦାନ କରିଛନ୍ତି । ଜୀବନ ଦେଇଛନ୍ତି, ବୀର ଶହୀଦ ହୋଇଛନ୍ତି ଏବଂ ପରିଶେଷରେ ଜନ୍ମଭୂମିର 'ମୁଖ ମଣ୍ଡଳ'ରେ ଦିବ୍ୟ ହାସ୍ୟର ଆନନ୍ଦ ରେଖା ଖେଳାଇ ଦେଇଛନ୍ତି । ଭାରତ ଭୂମିରେ ସେହିପରି ଏକ ସଙ୍କଟର ସମୟ ଉପୁଜିଥିଲା ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ । ଫିରିଙ୍ଗି ଶାସନ ଚକ୍ର ତଳେ ରହି ଭାରତ ମାତା ନିର୍ଯ୍ୟାତିତା, ନିପୀଡ଼ିତା ହେଲେ । ତାଙ୍କର ଆର୍ତ୍ତନାଦରେ ଗଗନ ପବନ ପ୍ରକମ୍ପିତ ହେଲା । ତେଣୁ ସ୍ୱଦେଶପ୍ରେମୀ ଭାରତ ସନ୍ତାନମାନେ ଭାରତର ମୁକ୍ତି ସଂଗ୍ରାମର ଆଦ୍ୟ ପର୍ବ ରଚନା କଲେ ୧୮୫୭ ଖ୍ରୀ.ଅ.ରେ । ତାହା ସିପାହୀ ବିଦ୍ରୋହ ନାମରେ ନାମିତ । ଇଂରେଜ ଶାସନ ବିରୋଧରେ ଭାରତୀୟମାନଙ୍କର ବହୁଦିନର ପୁଞ୍ଜିଭୂତ ଅସନ୍ତୋଷ ଓ ନିର୍ଯ୍ୟାତନାର ବହ୍ନି ବିସ୍ଫୋରଣ ହୋଇଥିଲେ ମଧ୍ୟ ଇଂରେଜମାନଙ୍କର ଉନ୍ନତ ଯୁଦ୍ଧ କୌଶଳ କୂଟନୀତି ତଥା ଭାରତୀୟମାନଙ୍କ ସାମୂହିକ ଐକ୍ୟର ଅଭାବ ଆଦି କାରଣରୁ ଏ ସଂଗ୍ରାମ ଭାରତୀୟମାନଙ୍କୁ ଆପାତତଃ ଜୟମାଲ୍ୟ ପିନ୍ଧାଇ ପାରିନଥିଲା । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାଧୀନତା ସଂଗ୍ରାମ ଓ ଶେଷରେ ବିଜୟ ହାସଲ କରିବା ପ୍ରେରଣାର ଉତ୍ସ ହୋଇଥିଲା !

ମହାରାଜା ଶ୍ରୀରାମଚନ୍ଦ୍ର ଓ ଓଡ଼ିଆ ମୁକ୍ତି ସଂଗ୍ରାମ :

ଭାରତର ଏହି ସ୍ୱାଧୀନତା ସଂଗ୍ରାମର ଇତିହାସ ସହିତ ଓଡ଼ିଶା ତଥା ତତ୍କାଳୀନ ସ୍ୱାଧୀନ ଗଡ଼ଜାତ ରାଜ୍ୟ ମୟୂରଭଞ୍ଜ ଯେ ନିବିଡ଼ ଭାବରେ ଜଡ଼ିତ—ଏଥିରେ ସନ୍ଦେହର

Digitized by srujanika@gmail.com

ଅବକାଶ ନାହିଁ । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । କେବଳ ମାତ୍ର ମୋଗଲ ବନ୍ଦୀ ନାମରେ କଥିତ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ନିଜର ପ୍ରତ୍ୟକ୍ଷ ଶାସନାଧୀନରେ ରଖି ଅନ୍ୟାନ୍ୟ ଅଞ୍ଚଳକୁ ବିଭିନ୍ନ ପ୍ରାଦେଶିକ ଶାସନକର୍ତ୍ତା ଅଧୀନରେ ରଖିଥିଲେ । ଏଥି ସହିତ ୨୬ଟି ଗଡ଼ଜାତ ରାଜ୍ୟର ରାଜାଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷର କରି ସେମାନଙ୍କୁ ଏକ ପ୍ରକାର ସ୍ୱାଧୀନତା ଦେଇଥିଲେ । ୧୮୦୩ ଖ୍ରୀ.ଅ.ରେ ମୟୂରଭଞ୍ଜ ଇଂରେଜମାନଙ୍କ ଅଧୀନରେ ଏକ ସ୍ୱାଧୀନ ଗଡ଼ଜାତ ରାଜ୍ୟ ଭାବରେ ରହିଲା । ମୟୂରଭଞ୍ଜର ରାଜାମାନେ ବଡ଼ ପ୍ରଜାବତ୍ସଳ ଓ ଜନପ୍ରିୟ ଥିଲେ । ସେମାନେ ପ୍ରଜାମାନଙ୍କ ସ୍ୱଚ୍ଛନ୍ଦ ଜୀବନଯାତ୍ରାରେ ହସ୍ତକ୍ଷେପ କରୁନଥିଲେ । ପ୍ରଜାମାନଙ୍କର ସ୍ୱାଧୀନତା ଓ ସୁଖ ସୌଭାଗ୍ୟର ପରିପନ୍ଥୀ ନଥିଲେ । ତେଣୁ ମୟୂରଭଞ୍ଜ ଯୁଗ ଯୁଗେ ସ୍ୱାଧୀନତାର ସ୍ୱାଦ ଚାଖି ନିଜକୁ ଗୌରବାନ୍ୱିତ ମନେକରୁଥିଲା । ଏହା କେବଳ ମୟୂରଭଞ୍ଜ ରାଜ୍ୟର ସୁଶାସନ ହେତୁ ସମ୍ଭବ ହୋଇପାରୁଥିଲା । ଏହା ପରେ ଆଲୋଚନା କରାଯାଉଛି ।

ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ଓଡ଼ିଆ ମାନଙ୍କର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ଉତ୍କଳ ସମ୍ମିଳନୀ ଜରିଆରେ ଓଡ଼ିଆ ମୁକ୍ତି ସଂଗ୍ରାମର ଯେଉଁ ଉଦ୍ଦାମ ସ୍ରୋତ ପ୍ରବାହିତ ହୋଇଥିଲା ତାହା ଭାରତୀୟ ମୁକ୍ତି ସଂଗ୍ରାମର ବେଗମୟୀ ସ୍ରୋତସ୍ୱିନୀର ଅଂଶ ବିଶେଷ । ପୁନଶ୍ଚ ଓଡ଼ିଆ ମୁକ୍ତି ସଂଗ୍ରାମ ତଥା ଭାରତୀୟ ମୁକ୍ତି ସଂଗ୍ରାମକୁ ମୟୂରଭଞ୍ଜର ଦାନ ଅତୁଳନୀୟ । ମଧୁସୂଦନ, ଗୌରୀଶଙ୍କର, ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣଦେବ, ଫକୀର ମୋହନ ରାଧାନାଥ ଆଦିଙ୍କ ସହିତ କାନ୍ଧକୁ କାନ୍ଧ ମେଳାଇ ମୟୂରଭଞ୍ଜର ତତ୍କାଳୀନ ସ୍ୱାଧୀନଚେତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ଏହି ମୁକ୍ତି ସଂଗ୍ରାମରେ ସାମିଲ ହୋଇଥିଲେ । ସେ ଥିଲେ ଜଣେ ଖାଣ୍ଟି ଓଡ଼ିଆ ଓ ଜଣେ ଖାଣ୍ଟି ଭାରତୀୟ । ତାଙ୍କର ସ୍ୱଦେଶପ୍ରୀତି କେବଳ ନିଜ ମୂଲକରେ, କିମ୍ବା ନିଜ ଓଡ଼ିଶା ରାଜ୍ୟରେ ସୀମିତ ନ ହୋଇ ସମସ୍ତ ଭାରତ ବର୍ଷକୁ ପରିବ୍ୟାପ୍ତ ହୋଇଥିଲା । ତେଣୁ ସେ ଓଡ଼ିଶାର ମୁକ୍ତି ସଂଗ୍ରାମର ଜଣେ ପୁରୋଧା ଭାବରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତିର ଆସନ ଅଳଂକୃତ କରିଥିଲେ । ଏହି ସଭାରେ ଜନ୍ମଭୂମିର ସ୍ୱାଧୀନତା, ସଂହତି ଓ ସମୃଦ୍ଧି ସମ୍ବନ୍ଧରେ ଯେଉଁ ସାରଗର୍ଭକ ଭାଷଣ ଦେଇଥିଲେ ତହିଁରୁ ତାଙ୍କର ଉଦ୍ଦାମ ଜାତୀୟତାର ପରିଚୟ ମିଳେ । ଜନନୀ ଜନ୍ମଭୂମିର ମୁକ୍ତି କାମନାର ବହୁ ସ୍ୱପ୍ନରେ ତାଙ୍କର ସୁଦୂରପ୍ରସାରୀ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହୋଇ ଉଠିଥିଲା । କିନ୍ତୁ ତାଙ୍କର ଅକାଳ ବିୟୋଗ ହେତୁ ସେ ଏ ସମସ୍ତ ସ୍ୱପ୍ନର ସାକାର ରୂପ ଦେଇପାରି ନଥିଲେ । ମାତ୍ର ତତ୍କାଳୀନ ସ୍ୱାଧୀନତା ସଂଗ୍ରାମର ଜଣେ ପ୍ରୋତ୍ସାହକ ଭାବରେ ଭାରତ ଓଡ଼ିଶା ତଥା ମୟୂରଭଞ୍ଜର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସେ ଯେଉଁ ପରମ୍ପରା ଓ ନେତୃତ୍ୱର ଆଲେଖ୍ୟ ଆଙ୍କି ଦେଇଗଲେ ତାହା ପରବର୍ତ୍ତୀ ବଂଶଧରଙ୍କୁ ବିଶେଷ ଭାବରେ

Digitized by srujanika@gmail.com

ହତବୁଦ୍ଧ କରିଥିଲେ । ତେଣୁ ସେମାନେ ଜାତୀୟତା ମହାସ୍ରୋତରେ ଝାସଦେବା ପାଇଁ ପଶ୍ଚାତପଦ ହୋଇ ନଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଭାରତୀୟ ମୁକ୍ତି ସଂଗ୍ରାମ ଓ ମୟୂରଭଞ୍ଜର ଅବଦାନ :

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ମୟୂରଭଞ୍ଜର ବହୁ ସ୍ୱଦେଶପ୍ରେମୀ ବୀର ସନ୍ତାନ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଏହି ସମୟରେ ୧୯୧୫ ଖ୍ରୀ ଅରେ କପ୍ତିପଦାର ମହୁଲଡିହାରେ ଜଣେ ସନ୍ତ୍ରାସବାଦୀ ନେତା ଯତୀନ୍ଦ୍ର ମୁଖାର୍ଜି (ବାଘା ଯତୀନ) କେତେକ ସହକର୍ମୀ ଯୁବକ ସହିତ ତମ୍ବୁ ଜଙ୍ଗଲରେ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଶିକ୍ଷା କରୁଥିଲେ । ମୟୂରଭଞ୍ଜର ଜଣେ ସ୍ୱଦେଶପ୍ରେମୀ ଯୁବକ ଶ୍ରୀ ମଣୀନ୍ଦ୍ରନାଥ ଚକ୍ରବର୍ତ୍ତୀ ସେମାନଙ୍କୁ ସହାୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ବାଘା ଯତୀନଙ୍କୁ ଗୁପ୍ତ ଭାବରେ ତା[illegible]ସ ଭବନରେ ଆଶ୍ରୟ ଦେଇଥିଲେ । ମାସ ପରେ ଇଂରେଜମାନଙ୍କ ଦ୍ୱାରା ବାଘା ଯତୀନ ଓ ତାଙ୍କ ଦଳ ଧରାପଡ଼ିଥିଲେ । ପୋଲିସ ଓ ଉକ୍ତ ଦଳ ମଧ୍ୟରେ ଗୋଳି ବିନିମୟ ଫଳରେ କେତେଜଣ ନିହତ ଓ ଆହତ ହୋଇଥିଲେ । ବାଘା ଯତୀନ ଶୋଚନୀୟ ଭାବରେ କ୍ଷତ-ବିକ୍ଷତ ହୋଇ ବାଲେଶ୍ୱର ହାସପାତାଳରେ ମୃତ୍ୟୁବରଣ କରିଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ଜେଲଦଣ୍ଡ ଓ ଫାଶିଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଥିଲା । ମଣୀନ୍ଦ୍ର ଚକ୍ରବର୍ତ୍ତୀ ଧରାପଡ଼ିବା ପରେ ତାଙ୍କୁ ବାରିପଦା ଜେଲରେ ରଖାଯାଇଥିଲା । ସେ ନଅବର୍ଷ କାଳ ଏହି ଜେଲରେ ଥିଲେ । ୧୯୨୩ ଖ୍ରୀ. ଅରେ ସେ ଜେଲରୁ ବାହାରିବା ପରେ ମଧ୍ୟ ତାଙ୍କୁ ୫ ବର୍ଷଯାଏ ପୋଲିସର ନଜରବନ୍ଦୀରେ ରଖା ଯାଇଥିଲା ।

ଲବଣ ସତ୍ୟାଗ୍ରହ ଓ ମୟୂରଭଞ୍ଜର ମୁକ୍ତି ସଂଗ୍ରାମ :

ଉଚ୍ଚ ଉଚ୍ଚ ଡମ୍ବରୁ ଓ ପଦ୍ମତୋଳା ସ୍ୱରରେ ସର୍ପ ପାଗଳ ହୋଇ ଗର୍ତ୍ତ ତ୍ୟାଗ କରେ। ସେହିପରି ମହାତ୍ମା ଗାନ୍ଧୀଙ୍କର ମୁକ୍ତି ସଂଗ୍ରାମର ମଧୁ ମନ୍ତ୍ରରେ ଭୋଳହୋଇ ସ୍ୱଦେଶ ପ୍ରେମୀ ମୟୂରଭଞ୍ଜ ବାସୀ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହରେ ପ୍ରବଳ ମୁକ୍ତିସଂଗ୍ରାମ ଓ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ଏହି ସତ୍ୟାଗ୍ରହରେ ମୟୂରଭଞ୍ଜର ବହୁ ସ୍ୱାଧୀନତା ସଂଗ୍ରାମୀ ଇଂରେଜମାନଙ୍କ ଲାଠିମାଡ଼ ଆଦି ପ୍ରବଳ ଅତ୍ୟାଚାରର ଶିକାର ହୋଇଥିଲେ । କେବଳ ଏତିକି ନୁହେଁ ସେମାନଙ୍କ ମଧ୍ୟରୁ କେତେକଙ୍କୁ ସୁଦୂର ପାଟଣା ଜେଲରେ ଦୁଃଖଯାତନା ମଧ୍ୟରେ ସମୟ କଟାଇବାକୁ ପଡ଼ିଥିଲା ।

Digitized by srujanika@gmail.com

ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ସେମାନେ ମହାତ୍ମା ଗାନ୍ଧୀଙ୍କର ମୁକ୍ତି ସଂଗ୍ରାମର ବାଣୀ ଘରେ ଘରେ ପ୍ରଚାର କରି ବାରମ୍ବାର ଜେଲବରଣ କରିଥିଲେ । ମୟୂରଭଞ୍ଜର ସୁଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ବୀରପୁରୁଷ ଭାବରେ ଯେଉଁମାନେ ତତ୍କାଳୀନ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ସେମାନେ ହେଲେ ବଂଶୀଧର ବେହେରା, ବଂଶୀଧର ରାଜ, ଗିରିଶ ରାୟ, ବୈକୁଣ୍ଠ ସଦୁଆଳ, ଗୌରମୋହନ ପ୍ରଧାନ, ଜଗନ୍ନାଥ କମିଲା, ପ୍ରସନ୍ନ କୁମାର ଦାଶ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ ।

ମୟୂରଭଞ୍ଜର ସ୍ୱାଧୀନତା ସଂଗ୍ରାମର ଇତିହାସରେ ତତ୍କାଳୀନ ସ୍ୱନାମଧନ୍ୟ ଉତ୍କଳ ଶରତଚନ୍ଦ୍ର ଦାଶଙ୍କ ନାମ ଅଗ୍ରଗଣ୍ୟ । ଏ ମାଟିରେ ତାଙ୍କର ତ୍ୟାଗପୂତ ଜୀବନ କାହାଣୀ ଅପାଶୋରା ହୋଇ ରହିଛି । ତାଙ୍କର ମହନୀୟ ଆଦର୍ଶ ଓ ଜନ ସେବାର ବିରଳ ବ୍ୟକ୍ତିତ୍ୱ ପାଇଁ ସେ ମୟୂରଭଞ୍ଜର ଗାନ୍ଧୀ ନାମରେ କଥିତ ।

ଏ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଭିତରେ ମୟୂରଭଞ୍ଜର ବହୁ ନାରୀ ସ୍ୱାଧୀନତା ସଂଗ୍ରାମୀ ଭାବରେ ନିଜକୁ ନିୟୋଜିତ କରିଥିଲେ ବୋଲି ଶୁଣାଯାଏ । ଏମାନେ ଗାଁ ଗାଁ ବୁଲି ଅର୍ଥ ସଂଗ୍ରହ କରି ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିକୁ ଉକ୍ତ ଅର୍ଥ ସାହାଯ୍ୟ କରୁଥିଲେ ।

ଭାରତ ଛାଡ଼ ଆନ୍ଦୋଳନ ଓ ମୟୂରଭଞ୍ଜର ମୁକ୍ତି ସଂଗ୍ରାମ :

୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନର ଧ୍ୱନି ଦେଶର ପୁର ପଲ୍ଲୀର କୋଣ ଅନୁକୋଣରେ ପ୍ରତିଧ୍ୱନିତ ହେଲା । ଏହି ଆନ୍ଦୋଳନ ମୟୂରଭଞ୍ଜ ବାସୀଙ୍କ ପ୍ରାଣରେ ସ୍ପନ୍ଦନ ତୋଳିଥିଲା । ସେମାନେ ଏଥିରେ ସକ୍ରିୟ ସାମିଲ ହୋଇଯାଇଥିଲେ । ସେତେବେଳେ ସ୍ୱାଧୀନତା ସଂଗ୍ରାମର ଇତିହାସରେ ମୟୂରଭଞ୍ଜ ବାସୀଙ୍କର ଅକୁଣ୍ଠ ସାହାଯ୍ୟ, ସହାନୁଭୂତି ଓ ଆତ୍ମତ୍ୟାଗର କାହାଣୀ ତତ୍କାଳୀନ ଜାତୀୟ ସ୍ୱାଧୀନତା ସଂଗ୍ରାମର ସର୍ବଭାରତୀୟ ସ୍ତରରେ ବେଶ ସୁନାମ ଅର୍ଜନ କରିଥିଲା । ସେତେବେଳେ ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ବରେଣ୍ୟନେତା ପଣ୍ଡିତ ଜବାହରଲାଲ ନେହେରୁଙ୍କ ଆମନ୍ତ୍ରଣ ପାଇଁ ଶରତ ଚନ୍ଦ୍ର ଦାସ ଓ ରାମଚନ୍ଦ୍ର ମହାପାତ୍ର ୧୯୪୨, ଅଗଷ୍ଟ ୭ରୁ ୮ ତାରିଖରେ ବିରଳା ଭବନରେ ଆହୂତ ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ ଏବଂ ଭାରତଛାଡ଼ ଆନ୍ଦୋଳନ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ । ପରେ ଏହି ଆନ୍ଦୋଳନର ସମର୍ଥନ ଓ ସଫଳତା ପାଇଁ ମୟୂରଭଞ୍ଜର ପୁରପଲ୍ଲୀ ସଭା ସମିତି, ଶୋଭାଯାତ୍ରାମାନ ଆୟୋଜନ କରାଯାଇ ଲୋକମାନଙ୍କୁ ଉଦ୍‌ବୁଦ୍ଧ କରାଯାଇଥିଲା ।

Digitized by srujanika@gmail.com

ଭାରତର ମୁକ୍ତି ସଂଗ୍ରାମ ଅବସରରେ ପ୍ରଜାମଣ୍ଡଳ ଶାସନ, ମୟୂରଭଞ୍ଜ ମନ୍ତ୍ରିମଣ୍ଡଳ ଓ ମିଶ୍ରଣ :

ଏହାପରେ ଶରତଚନ୍ଦ୍ର ଦାସଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠନ କରାଯାଇ ମୟୂରଭଞ୍ଜରେ ଏକ ମନ୍ତ୍ରିମଣ୍ଡଳ ଗଠନ କରାଯାଇଥିଲା । ଭାରତ ସ୍ୱାଧୀନତା ପାଇବା ପୂର୍ବରୁ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେବ ଶରତ ଚନ୍ଦ୍ର ଦାସଙ୍କ ମନ୍ତ୍ରିମଣ୍ଡଳକୁ ମୟୂରଭଞ୍ଜର ଦାୟିତ୍ୱପୂର୍ଣ୍ଣ ଶାସନ ଅର୍ପଣ କରି ସେ ମୟୂରଭଞ୍ଜର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ଅବଶ୍ୟ ଏହି ଯୁଗାନ୍ତକାରୀ ପରିବର୍ତ୍ତନ ଭାରତ ସ୍ୱାଧୀନତା ପ୍ରାପ୍ତି ପରେ । ୧୯୪୯ ମସିହାରେ ତତ୍କାଳୀନ ଜନମତ ଅନୁସାରେ ମୟୂରଭଞ୍ଜ ମିଶ୍ରଣରେ ପରିଣତ ହେଲା ଏବଂ ତାହା ଆଧୁନିକ ଓଡ଼ିଶାର ଏକ ଜିଲ୍ଲାରୂପେ ଆତ୍ମ ପ୍ରକାଶ କଲା । ଏ ସବୁ ଘଟଣା ପ୍ରବାହ ମଧ୍ୟରେ ଭାରତର ସ୍ୱାଧୀନତା ପ୍ରାପ୍ତିଯାଏ ମୟୂରଭଞ୍ଜ ବାସୀଙ୍କର ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜୁଆରରେ କେବେହେଲେ ଭଟ୍ଟା ପଡ଼ିବାର ପରିଲକ୍ଷିତ ହୋଇ ନଥିଲା ।

ଉପସଂହାର :

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ଯୁଗ ଯୁଗର ସ୍ୱପ୍ନ ରୂପ ନେଲା । ଜନନୀ ଜନ୍ମଭୂମିର ମୁଖରେ ହସ ଫୁଟିଲା । ଭାରତର ପ୍ରତି ଅଞ୍ଚଳର ତ୍ୟାଗ, ନିଷ୍ଠା, ସାଧନା ଓ ସଂଗ୍ରାମର ଅତୁଳନୀୟ ଦାନ ହେଲା ଆମର ଏଇ ସ୍ୱାଧୀନତା । ଏହି ସ୍ୱାଧୀନତା ମୂଳରେ ମୟୂରଭଞ୍ଜର ଯେ କେତେ ଲହୁଲୁହର କାହାଣୀ ରହିଛି ତାହା ଏ ମାଟିର ମୁକ୍ତି ସଂଗ୍ରାମର ଇତିହାସ ହିଁ କହିବ ।

ସୂଚନା ଓ ସହାୟତା

୧ । ଡଃ ଲେଙ୍କା ଭଗବତ ପ୍ରସାଦ— ସ୍ୱର୍ଣ୍ଣଯୁଗ ପ୍ରବର୍ତ୍ତକ ରାଜର୍ଷି ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ ।

୨ । Senapati N and Dr. Sahu N. K., Orissa Gazetteers, Mayurbhanj.

Digitized by srujanika@gmail.com

ପଞ୍ଚଦଶ ଅଧ୍ୟାୟ

କେତୋଟି କିମ୍ବଦନ୍ତୀ ଓ କେତୋଟି ମହତ୍ତ୍ୱପୂର୍ଣ୍ଣ ଦର୍ଶନୀୟ ସ୍ଥାନ

ଭଞ୍ଜରାଜାମାନଙ୍କର ପ୍ରଥମ ରାଜଧାନୀ ଖିଚିଂ, ଦ୍ୱିତୀୟ ରାଜଧାନୀ ବହଳଦା, ତୃତୀୟ ରାଜଧାନୀ ହରିପୁର (ହରିହରପୁର) ଓ ଶେଷ ରାଜଧାନୀ ବାରିପଦା ସମ୍ବନ୍ଧରେ ପୂର୍ବବର୍ତ୍ତୀ ଅଧ୍ୟାୟ ଗୁଡ଼ିକରେ ଆଲୋଚନା କରାଯାଇଛି । ଏଠାରେ ମୟୂରଭଞ୍ଜର ଅନ୍ୟ କେତୋଟି ମହତ୍ତ୍ୱପୂର୍ଣ୍ଣ ଦର୍ଶନୀୟ ସ୍ଥାନ ସମ୍ବନ୍ଧରେ ଆଲୋଚନା କରାଗଲା ।

(୧) ମାଣତ୍ରୀ :

ବାରିପଦା ସହରରୁ ୨୩ ମାଇଲ ଦକ୍ଷିଣ ପୂର୍ବ ଦିଗରେ ଏହି ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ସ୍ଥାନ ଅବସ୍ଥିତ । ପ୍ରସିଦ୍ଧ କଖାରୁଆ ବୈଦ୍ୟନାଥ ଶିବ ମନ୍ଦିର ପାଇଁ ଏହା ଖ୍ୟାତ ଲାଭକରିଛି । ଏହା ମୟୂରଭଞ୍ଜର ଅନ୍ୟତମ ବୃହତ୍ତ ଶୈବ ପୀଠ ରୂପେ ସଦା-ସର୍ବଦା ଭକ୍ତଗଣଙ୍କର ସମାବେଶ ହୋଇଥାଏ । ଏହି ମହାଦେବ ମନ୍ଦିରର କାରୁକାର୍ଯ୍ୟରୁ ଜଣାପଡ଼େ ଯେ, ଏହା ପଞ୍ଚଦଶ ବା ଷୋଡ଼ଶ ଶତାବ୍ଦୀରେ ନିର୍ମିତ ହୋଇଥିଲା ।

କିମ୍ବଦନ୍ତୀ :

ଏହି ମନ୍ଦିର ନିର୍ମାଣ ସମ୍ବନ୍ଧରେ ଏକ ଆଶ୍ଚର୍ଯ୍ୟଜନକ କିମ୍ବଦନ୍ତୀ ଶୁଣାଯାଏ । କଥିତ ଅଛି, ସୋମବଂଶର ଜନୈକ ନରପତିଙ୍କ ଶରୀର କୁଷ୍ଠରୋଗ ଦ୍ୱାରା କଖାରୁ ପରି ଶ୍ୱେତବର୍ଣ୍ଣ ଧାରଣ କଲା । ସେଥିପାଇଁ ସେ ଲୋକମାନଙ୍କଠାରେ କଖାରୁଆ ନାମରେ ପରିଚିତ ହେଲେ । ସେ ରୋଗମୁକ୍ତ ହେବାପାଇଁ ଦେଓଘର ଯାଇ 'ବୈଦ୍ୟନାଥ' ମନ୍ଦିରରେ ଧରଣା ପଡ଼ିଲେ । ବୈଦ୍ୟନାଥ ରାଜାଙ୍କ ଦୁଃଖ ଶୁଣିଲେ । ତାଙ୍କୁ ସ୍ୱପ୍ନାଦେଶ ହେଲା "ମୁଁ ମୟୂରଭଞ୍ଜର କୁଣ୍ଡି ପ୍ରଗଣାରେ ଜଳ ମଧ୍ୟରେ ଲୁକ୍କାୟିତ ଅବସ୍ଥାରେ । ରହିଛି । ସେଠାରୁ ମୋତେ ବାହାର କରି ପୂଜା କର । ସ୍ୱପ୍ନାଦେଶ ଅନୁସାରେ ରାଜା

Digitized by srujanika@gmail.com

ଆସି ଶିବଙ୍କୁ ଅନୁସନ୍ଧାନ କଲେ ମାତ୍ର କେଉଁଠି ସନ୍ଧାନ ପାଇଲେ ନାହିଁ । ତେଣୁ ନିରାଶ ହୋଇ ପୁଣି ବୈଦ୍ୟନାଥଙ୍କ ଠାରେ ଅଧିଆ ପଡ଼ିଲେ । ଭକ୍ତଙ୍କୁ ପୁଣି ଦୈବବାଣୀ ହେଲା, "ଜଳ ମଧ୍ୟକୁ ପଥର ନିକ୍ଷେପ କର, ମୋତେ ପାଇବୁ ।" ରାଜା ତାହାହିଁ କଲେ" । ସତକୁ ସତ ପଥର ନିକ୍ଷେପ କଲାମାତ୍ରେ ଶିବଲିଙ୍ଗ ଭାସମାନ ଅବସ୍ଥାରେ ଦେଖା ଦେଲେ ଏବଂ ଶିବଙ୍କର ଦର୍ଶନ ମାତ୍ରକେ ରାଜାଙ୍କ ଅଙ୍ଗରୁ କୁଷ୍ଠ ରୋଗ ଦୂରେଇ ଗଲା । ରାଜାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ଏହି ଘଟଣାକୁ ସ୍ମରଣୀୟ କରିବା ପାଇଁ ଏକ ସୁନ୍ଦର ମନ୍ଦିର ନିର୍ମାଣ କଲେ । 'କଖାରୁଆ' କୁଷ୍ଠରୋଗ 'ବୈଦ୍ୟନାଥ'ଙ୍କ ଦ୍ୱାରା ଆରୋଗ୍ୟ ହୋଇଥିବାରୁ ଏହି ମନ୍ଦିରସ୍ଥ ଇଷ୍ଟଦେବଙ୍କ ନାମ ରଖିଲେ 'କଖାରୁଆ ବୈଦ୍ୟନାଥ ।

କଖାରୁଆ ବୈଦ୍ୟନାଥଙ୍କ ମନ୍ଦିରରେ ପାଣିକଖାରୁ ଭୋଗ ଲାଗେ । କଥିତ ଅଛି ବୈଦ୍ୟନାଥଙ୍କ ପୂଜାର୍ଚ୍ଚନା କରିବା ଅଧିବାସୀମାନେ ପ୍ରତ୍ୟହ ଉକ୍ତମାଣ ବା ମାଣେତ୍ରସ୍ତ ଧାନ ଦେବାର ପ୍ରଥା ଆରମ୍ଭ ହେଲା । ସେହି 'ମାଣେତ୍ରସ୍ତରୁ କାଳକ୍ରମେ ସେ ସ୍ଥାନର ନାମ 'ମାଣେତ୍ରୀ'ରେ ପରିଣତ ହେଲା । [୯] ମାଣତ୍ରୀ-ଜାଗର ଯାତ୍ରା ଉକ୍ତ ଓଡ଼ିଶା ପ୍ରସିଦ୍ଧ ।

ଉକ୍ତ ମାଣତ୍ରୀ ମନ୍ଦିରକୁ ତିନିଭାଗରେ ବିଭକ୍ତ କରାଯାଇପାରେ ଯଥା, ନାଟ ମନ୍ଦିର, ଜଗମୋହନ ଓ ମୂଳମନ୍ଦିର । ପୂର୍ବେ ଏହି ମନ୍ଦିର ଗାତ୍ରରେ କେତେ ଶିଳାଲେଖ ଥିଲା । ମନ୍ଦିରର ପଣ୍ଡାମାନେ କହନ୍ତି ଯେ, ଯଦୁନାଥ ଭଞ୍ଜଙ୍କ ସାନଭାଇ ପୃଥ୍ୱୀନାଥ ଭଞ୍ଜ ନାଟ ମନ୍ଦିର ନିର୍ମାଣ ସମୟରେ ଶିଳାଲେଖ ଉପରେ ପ୍ରଲେପ ଦିଆଯାଇଥିବାରୁ ତାହା ଏବେ ଜଣାପଡ଼ୁ ନାହିଁ [୨] । ଏଠାରୁ ଏକ ମାଇଲ ଦୂରରେ ଗଙ୍ଗାହାର ନଦୀ ପ୍ରବାହିତ । ଭକ୍ତମାନେ ଗଙ୍ଗାହାରରେ ସ୍ନାନକରି ମନ୍ଦିରରେ ପୂଜାଦେବା ପାଇଁ ଆସିଥାଆନ୍ତି ।

ମାଣତ୍ରୀ ଗ୍ରାମର ନିକଟବର୍ତ୍ତୀ ସ୍ଥାନରେ ମାଣତ୍ରୀଗଡ଼ର ଧ୍ୱଂସାବଶେଷ ଦେଖିବାକୁ ମିଳେ । ଏକଦା ଏହା ମୟୂରଭଞ୍ଜର ମହାରାଜା ରାମଚନ୍ଦ୍ର ଭଞ୍ଜ ନିର୍ମାଣ କରିଥିଲେ ବୋଲି କଥିତ ଅଛି । ଏହାଛଡ଼ା ଏହି ଗଡ଼ ସହିତ ଏଠାରେ ଏକ ସମୃଦ୍ଧି-ଶାଳୀ ନଗର ଗଢ଼ିଉଠିଥିଲା ବୋଲି ଜନଶ୍ରୁତି ଅଛି ।

ପୂର୍ବୋକ୍ତ 'କଖାରୁଆ' ରାଜାଙ୍କ ସମ୍ବନ୍ଧରେ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ବୋଲି ନୀଳମଣି ସେନାପତି ଓ ଡଃ ନବୀନ କୁମାର ସାହୁ ମୟୂରଭଞ୍ଜ ଗେଜେଟିଅରରେ ପ୍ରକାଶ କରିଅଛନ୍ତି [୨] । ମାଦଳାପାଞ୍ଜି ଅନୁସାରେ ଉପରୋକ୍ତ 'କଖାରୁଆ' ରାଜା ୧୪୫୬ରୁ ୧୪୫୭ ଖ୍ରୀ.ଅ.ରେ ରାଜୁତି କରିଥିଲେ । ତାଙ୍କର ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ତାଙ୍କୁ ସବଂଶେ ହତ୍ୟାକରି ରାଜସିଂହାସନ ଅଧିକାର କରିଥିଲେ । ମାଣତ୍ରୀ ନିକଟବର୍ତ୍ତୀ

Digitized by srujanika@gmail.com

ମାନଗୋବିନ୍ଦ ପୁରରେ ଏକ ଭଗ୍ନ ଦୁର୍ଗର ବିସ୍ତୃତ ଭଗ୍ନାବଶେଷ ଦେଖିବାକୁ ମିଳେ । କେନ୍ଦୁଝରର ବଂଶୀୟ ଯେ ଗୋବିନ୍ଦ ବିଦ୍ୟାଧର ସିଂହାସନ ଅଧିକାର ପରେ ନିଜକୁ ମାନଗୋବିନ୍ଦ ନାମ ଧାରଣ କରି ନିଜ ନାମରେ ମାନଗୋବିନ୍ଦପୁର ଦୁର୍ଗ ନିର୍ମାଣ କରିଥିଲେ । [୩]

୨ । ଅମର୍ଦ୍ଦା :

ଏହା ବାରିପଦା ସବ୍‌ଡିଭିଜନର ଏକ ସର୍ବବୃହତ୍ ଗ୍ରାମ । ବାରିପଦାର ପୂର୍ବଦିଗରେ ୩୨ ମାଇଲ ଦୂରରେ ଅବସ୍ଥିତ । ଏଠାରେ ଏକ ବୃହତ୍ ପୁଷ୍କରିଣୀ ଅଛି । ଏହା ଅମର୍ଦ୍ଦା ବଡ଼ ପୋଖରୀ ନାମରେ ଖ୍ୟାତ । ଏହା ମୟୂରଭଞ୍ଜର ସର୍ବବୃହତ ପୁଷ୍କରିଣୀ । ପୂର୍ବେ ଏହି ପୋଖରୀ ମଧ୍ୟରେ ଏକ ମନୋରମ ମଣ୍ଡପ ଥିଲା । ସେଥିରେ ଚନ୍ଦନଯାତ୍ରା ହେଉଥିଲା । ଏବେ ତାହାର ଭଗ୍ନାବଶେଷ ଦେଖାଯାଏ । ୧୪୭୩ ରୁ ୧୪୯୪ ମଧ୍ୟରେ ମହାରାଜ ବଳଭଦ୍ର ଭଞ୍ଜ ଦେବଙ୍କ ରାଜତ୍ୱ କାଳରେ ଏହା ଖନନ କରାଯାଇଥିଲା ବୋଲି ଜଣାଯାଏ । କଥିତ ଅଛି ମହାପ୍ରଭୁ ଶ୍ରୀଚୈତନ୍ୟ ଦେବ ଓ ତାଙ୍କ ଶିଷ୍ୟଗଣ ପୁରୀ ଯାତ୍ରା କାଳରେ ଏଠାରେ ଅବସ୍ଥାନ କରିଥିଲେ । ଏଠାକାର ଲୋକେ ଶ୍ରୀଚୈତନ୍ୟ ଓ ତାଙ୍କ ଶିଷ୍ୟମାନଙ୍କୁ ଖାଦ୍ୟଦ୍ରବ୍ୟ ପରିବର୍ତ୍ତେ କାଳେଣିକାଠ ଦେଇଥିଲେ । ସେହି ହେତୁରୁ ସେ ସମୟରୁ ବର୍ତ୍ତମାନ ପୂର୍ବା ଲୋକେ ଏହି ଗାଁର ନାମ 'କାଠୁଆ ଅମର୍ଦ୍ଦା' ବୋଲି କହିଥାନ୍ତି । ଏ କଥା ମୟୂରଭଞ୍ଜ ଗେଜେଟିଅରରେ ଲିପିବଦ୍ଧ ହୋଇଛି । ଏଠାରେ ଏକ ଡାକବଙ୍ଗଳା ଅଛି । ଅମର୍ଦ୍ଦାରେ ପ୍ରାଚୀନ ଗଡ଼ ୨ଟି ବାମ୍ପୀ ଓ ଏହା ନିକଟବର୍ତ୍ତୀ କାନପୁର ଗ୍ରାମରେ ମଧ୍ୟ ପୁରାତନ ଗଡ଼ର ଭଗ୍ନାବଶେଷ ଦେଖିବାକୁ ମିଳେ ।

ଏକଦା ଅମର୍ଦ୍ଦା ଶୈବପୀଠ ରୂପେ ପରିଚିତ ହୋଇଥିଲା । ଏଠାରେ ଏକ ଶିବ ମନ୍ଦିର ଅଦ୍ୟାବଧି ଦଣ୍ଡାୟମାନ । ଅତୀତରେ ପୁରୀ-କଲିକତା ରାସ୍ତା, ଜଗନ୍ନାଥ ଟ୍ରଙ୍କରୋଡ଼ ଅମର୍ଦ୍ଦା ମଧ୍ୟଦେଇ ଯାଇଥିବାରୁ ଏହା ସାଧୁ, ସନ୍ଥ, ଧର୍ମପ୍ରଚାରକ ତଥା ପରିବ୍ରାଜକମାନଙ୍କର ଆଶ୍ରୟସ୍ଥଳୀ ଥିଲା । ଏଣୁ ଏହି ଅମର୍ଦ୍ଦା ଗ୍ରାମ, ଅମର୍ଦ୍ଦା ତୀର୍ଥ ନାମରେ ପ୍ରସିଦ୍ଧି ଲାଭ କରିଥିଲା ।

୩ । ଆନନ୍ଦପୁର :

ଏହା ଷିଟଂଠାରୁ ୧୯ ମାଇଲ ଓ ଭରଞ୍ଜିଆ ଠାରୁ ୩ ମାଇଲ ଦୂରରେ ବୈତରଣୀ ନଦୀ କୂଳରେ ଅବସ୍ଥିତ । ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ରାଜପୁତନାର ଜୟସିଂହଙ୍କ ଜ୍ୟେଷ୍ଠ ପୁତ୍ର ଆନନ୍ଦଭଞ୍ଜଙ୍କ ନାମ ଅନୁସାରେ ଆନନ୍ଦପୁର ସ୍ଥାପିତ ହୋଇଥିଲା । ତାଙ୍କ ସାନ ଜ୍ୟୋତିଭଞ୍ଜ ବୈତରଣୀ ନଦୀର ଅପର ପାର୍ଶ୍ୱରେ ଜ୍ୟୋତିପୁରରେ ରାଜଧାନୀ ସ୍ଥାପନ କରିଥିଲେ । ଏଠାରେ ଆନନ୍ଦପୁର ଦୁର୍ଗର ଭଗ୍ନାବଶେଷ ଦେଖିବାକୁ

Digitized by srujanika@gmail.com

ମିଳେ । ଏହି ଛଡ଼ା ଖିଚିଂ ଭଳି ଏଠାରେ ବୌଦ୍ଧ ଜୈନ ବା ହିନ୍ଦୁ ସଂସ୍କୃତିର ଚିହ୍ନ ସ୍ୱରୂପ ଭଗ୍ନମନ୍ଦିର ଓ ଖ୍ରୀଷ୍ଟପୂର୍ବର ବସ୍ତୁର ଭଗ୍ନାବଶେଷ ଦେଖିବାକୁ ମିଳେ । କଥିତ ଅଛି, ଭଞ୍ଜରାଜମାନଙ୍କ ଅଧୀନରେ ବାଇଶ ଜଣ ଜମିଦାରଙ୍କ ମଧ୍ୟରୁ ୪ଜଣ ଥିଲେ ବାଥୁଡ଼ି ଜମିଦାର । ଜଣେ ବାଥୁଡ଼ି ଜମିଦାରମାନଙ୍କର ସଦର ମହକୁମା ଥିଲା ଆଦିପୁର । ସେମାନଙ୍କର ପୂଜିତ ଦେବାଦେବୀମାନ ଅର୍ଜ୍ଜୁନଗଡ଼ ଠାରୁ ଆବିଷ୍କୃତ ହୋଇଛି । ଆଦିପୁର ନିକଟରେ 'ଏକାଦଶ ରୁଦ୍ର' ପୂଜା ପାଉଛନ୍ତି ।

୪ । ବଙ୍କବୋଲକୁଠି :

ଏହା ବାରିପଦା ଠାରୁ ୨୨ ମାଇଲ ଦୂରରେ ଅବସ୍ଥିତ । ଏହି ଗ୍ରାମର ଉତ୍ତର ପାର୍ଶ୍ୱରେ ଏକ ଦୁର୍ଗର ଭଗ୍ନାବଶେଷ ଦେଖିବାକୁ ମିଳେ । ଏହି ଭଗ୍ନ ଦୁର୍ଗର ପଶ୍ଚିମ ପାର୍ଶ୍ୱରେ ଶୀତଳେଶ୍ୱର ଶିବଲିଙ୍ଗ ପୂଜା ପାଉଛନ୍ତି । ଶୀତଳେଶ୍ୱର ଶିବ ଲିଙ୍ଗ ସମ୍ମୁଖରେ ଏକ ଘରେ ବହୁ ଦେବାଦେବୀ ପୂଜିତ ହେବାର ଦେଖାଯାଆନ୍ତି । ସେମାନଙ୍କ ମଧ୍ୟରୁ ଦଶଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା ଅନ୍ୟତମା । ଲୋକଙ୍କ ମୁଖରେ ଏହା ବୁଢ଼ୀ ଚଣ୍ଡୀ ନାମରେ ନାମିତ । ଏତଦ୍‌ବ୍ୟତୀତ ଚତୁର୍ଭୁଜ, ଷଷ୍ଠୀ ଓ ଦ୍ୱିଭୁଜା, କନକ ଦୁର୍ଗା, 'ଲୋକନାଥ' 'ହରିହର ଦୁର୍ଗା' ଆଦି ଦେବାଦେବୀ ଏଠାରେ ଦେଖିବାକୁ ମିଳନ୍ତି ।

୫ । ବଡ଼ସାହି :

ପ୍ରତାପପୁରର ଦକ୍ଷିଣକୁ ୭ ମାଇଲ ଏବଂ ବାରିପଦା ଠାରୁ ୧୭ ମାଇଲ ଦୂରରେ ଏହି ବୃହତ୍ ଗ୍ରାମ ଅବସ୍ଥିତ । ବୌଦ୍ଧ, ଜୈନ ହିନ୍ଦୁ ଆଦି ବିଭିନ୍ନ ଧର୍ମର ମନ୍ଦିରର ଭଗ୍ନାବଶେଷ ଏଠାରେ ଦେଖିବାକୁ ମିଳେ । କଥିତ ଅଛି, ଏକଦା ଏହା ଜନ କୀର୍ଣ୍ଣ ଅଞ୍ଚଳ ଥିଲା । ମାତ୍ର ପରେ ଏହା ଜନମାନବ ଶୂନ୍ୟ ପ୍ରାନ୍ତରରେ ପରିଣତ ହେଲା । ପୁନଶ୍ଚ ଏହା ଜନ କୀର୍ଣ୍ଣ ହୋଇ ଉଠିଲା । ଏହାର ଉତ୍‌ଥାନ ଓ ପତନର କେତେକ ଲୋକକଥା ଶୁଣିବାକୁ ମିଳେ ।

ଏକଦା ଏହା ଏକ ଜନାକୀର୍ଣ୍ଣ ସ୍ଥାନ ଥିଲା । ସେ ସମୟରେ ମହାରାଜା ଦାମୋଦର ଭଞ୍ଜଦେବ ରାଜତ୍ୱ କରୁଥିଲେ । ମରହଟ୍ଟା ଆକ୍ରମଣରେ ଉତ୍ପୀଡ଼ିତ ହୋଇ ମହାରାଜା ଦାମୋଦର ଭଞ୍ଜ ନିଜ ରାଜଧାନୀ ଗୁଡ଼ିକର ବାମନଘାଟୀ ପଳାୟନ କଲେ । ମହାରାଜା ଏବଂ ରାଜପରିବାରର ଅନୁପସ୍ଥିତିରେ ପାଟହାତୀ ପାଗଳା ହୋଇ ଲୁହା ଝିଞ୍ଜିର ଛିଣ୍ଡାଇ ହରିପୁରରୁ ବଡ଼ସାହି ପଳାଇ ଆସିଲା । ଏହା ପୂର୍ବରୁ ତହସିଲଦାର ରାଜବଂଶର ସମସ୍ତ ଧନ ରତ୍ନ ମାଟିରେ ପୋତିଦେଇ ନିଜ ପରିବାର ବର୍ଗଙ୍କୁ ଧରି ପଳାଇଗଲେ । ସେଠାରେ ଅବସ୍ଥାନ କରୁଥିବା ଲୋକେ ପାଗଳା ହାତୀ ଡାହରେ ରହି ନ ପାରି ସେ

Digitized by srujanika@gmail.com

ସ୍ଥାନ ମଧ୍ୟ ପରିତ୍ୟାଗ କଲେ । ଫଳତଃ କୋଶାଳ, ଦାଳିମୁଣ୍ଡଳ, କୁମାର ଶାସନ ଓ ପ୍ରତାପପୁର ସମ୍ପୂର୍ଣ୍ଣ ରୂପରେ ଜନଶୂନ୍ୟ ହୋଇଥିଲା । ଏହାର କିଛି ବର୍ଷ ପରେ ଏ ସ୍ଥାନ ଜଙ୍ଗଲରେ ପରିପୂର୍ଣ୍ଣ ହେଲା । ମହାରାଜା ଯଦୁନାଥ ଭଞ୍ଜ ଏ ସ୍ଥାନ ସହିତ ଅନ୍ୟ କେତେକ ଗ୍ରାମ ତାଙ୍କ ଜେମାଙ୍କୁ ଯୌତୁକ ରୂପେ ଦାନ କରିଥିଲେ । ସେହି ହେତୁ ରାଜପରିବାରରୁ ଅନ୍ୟ କେହି ଏଠାରେ ବସତି ସ୍ଥାପନ କରିବାର ଉଦ୍ୟମ କରିନଥିଲେ । ମାତ୍ର ରାଜାଙ୍କର କନ୍ୟାଙ୍କ ରାଜଧର୍ମଗୁରୁମାନେ ଏହି ଜଙ୍ଗଲ କାଟି ଏଠାରେ ବସତି ସ୍ଥାପନ କରିଥିଲେ । ଏଠାକାର ମାଟି ଅତ୍ୟନ୍ତ ଉର୍ବର ହୋଇଥିବାରୁ ଏହା ଏକ କୃଷି ପ୍ରଧାନ ଅଞ୍ଚଳରେ ପରିଣତ ହୋଇଥିଲା । ଏହି ଅଞ୍ଚଳର ପ୍ରତାପପୁର ନିକଟବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ଜାତିର ଲୋକେ ବସବାସ କଲେ । ଏହି ଶତାବ୍ଦୀର ଆଦ୍ୟଭାଗରେ ଜଙ୍ଗଲ ସଫା କରାଯାଉଥିବାବେଳେ ପାଶଚଣ୍ଡୀ ମନ୍ଦିର ଆବିଷ୍କୃତ ହୋଇଥିଲା ।

ଏହି ଅଞ୍ଚଳର 'କୋଟି ବୁଢ଼ୀ' ଓ 'ବୁଢ଼ୀ ପୋଖରୀ' ନାମକ ଦୁଇଟି ବୃହତ୍ ପୁଷ୍କରିଣୀ ବିଦ୍ୟମାନ । କୋଶାଳୀ ଗାଁର ବହିଃ ପାର୍ଶ୍ୱରେ । 'କୋଟିବୁଢ଼ୀ' ପୋଖରୀର ଉତ୍ତର ପାର୍ଶ୍ୱରେ ଚତୁର୍ବିଂଶ ତୀର୍ଥଙ୍କର (ପାର୍ଶ୍ୱନାଥ ସ୍ୱାମୀ)ଙ୍କ ମୂର୍ତ୍ତି ଉଦ୍ଧାର କରାଯାଇଛି । ଏହା ଅତି ପୁରାତନ ମୂର୍ତ୍ତିଭଳି ଜଣାପଡ଼ୁଛି । ଏହାଛଡ଼ା କୋଶାଳ ଗ୍ରାମରେ ମଧ୍ୟ ଏକ ବିଷ୍ଣୁମୂର୍ତ୍ତି ଦେଖିବାକୁ ମିଳେ । ବଡ଼ ସାହିରେ ପାଶଚଣ୍ଡୀ ମନ୍ଦିରର ଭଗ୍ନାବଶେଷ ଦେଖିବାକୁ ମିଳେ । ପାଶଚଣ୍ଡିଙ୍କର ପ୍ରକୃତ ମୂର୍ତ୍ତିଟି ବାରିପଦାକୁ ଅଣାଯାଇ ତା ସ୍ଥାନରେ ନରସିଂହ ମୂର୍ତ୍ତି ସ୍ଥାପିତ ହୋଇଛି ବୋଲି ବୁଝାଯାଏ [୪] ।

ଲୋକ ମୁଖରୁ ଜଣାଯାଏ ଯେ ଭଞ୍ଜରାଜା ବିକ୍ରମାଦିତ୍ୟ ଭଞ୍ଜଦେବ ଏହି ଦେବୀ ମୂର୍ତ୍ତି ନିର୍ମାଣ କରିଥିଲେ । ତାଙ୍କ କନିଷ୍ଠ ପୁତ୍ର କୁମାର ବଳଭଦ୍ର ଭଞ୍ଜ ଏହି ଶାସନ ବସାଇଥିଲେ । ତେଣୁ ତାଙ୍କ ନାମ ଅନୁସାରେ ଲୋକ ମୁଖରେ କୁମାର ବଳଭଦ୍ର ଶାସନ ନାମରେ ନାମିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଅପଭ୍ରଂଶ ହୋଇ କୁମାର ଶାସନ ଓ ପରିଶେଷରେ 'କୁମା ଶାସନ' ନାମରେ ନାମିତ ହୋଇଅଛି । ଏହି ଶାସନରେ ବହୁ ଭଗ୍ନାବଶେଷ ଦେଖିବାକୁ ମିଳେ । କୁମାର ବଳଭଦ୍ର ଭଞ୍ଜ ଯେଉଁଠାରେ ବାସ କରୁଥିଲେ ତାହା 'କୁମାରଶାଳ' ନାମରେ ନାମିତ ହୋଇଥିଲା । ବର୍ତ୍ତମାନ ତାହା 'କୋଶାଳ' ନାମରେ ପରିଚିତ । ଏହା ବଡ଼ସାହିଠାରୁ ୧ ମାଇଲ ଦୂରରେ ଅବସ୍ଥିତ । ଏକଦା ବଡ଼ସାହି ଏବଂ ନିକଟବର୍ତ୍ତୀ ଗ୍ରାମର ଅଧିବାସୀ ପାଶଚଣ୍ଡିଙ୍କୁ ଇଷ୍ଟଦେବୀ ରୂପେ ପୂଜା କରୁଥିଲେ । ତନ୍ତ୍ରଶାସ୍ତ୍ର ଅନୁସାରେ ତାଙ୍କୁ ରୁଦ୍ର ଭୈରବୀ ବୁଝାଯାଇଥାଏ ।

ଏତଦ୍‌ବ୍ୟତୀତ ଚନ୍ଦ୍ରସେନା ମଧ୍ୟ କାଳିକା ଓ ଗ୍ରହତାରୀ ମୂର୍ତ୍ତି ଦେଖିବାକୁ ମିଳେ ।

Digitized by srujanika@gmail.com

ଏଠାରେ ବସନ୍ତପୂର୍ଣ୍ଣିମା ଦିନ ବିରାଟ ରଥଯାତ୍ରା ହୁଏ । ଏହି ଯାତ୍ରାରେ ବହୁଜନ ସମାଗମ ହୁଏ ।

ବହୁଲଦା :

ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଭଞ୍ଜରାଜାଙ୍କ ଖିଚିଂର ପରବର୍ତ୍ତୀ ରାଜଧାନୀ ଥିଲା ବହୁଲଦା । ସମ୍ଭବତଃ ଏହା ଏକ ଅସ୍ଥାୟୀ ରାଜଧାନୀ ଥିଲା । ୧୯୧୮ ଯାଏ ଏହା ବାମନଘାଟୀର ସଦର ମହକୁମା ଥିଲା ଏବଂ ପରେ ଏହା ରାଇରଙ୍ଗପୁରକୁ ସ୍ଥାନାନ୍ତରିତ ହୋଇଥିଲା । ଏଠାରେ ଭଞ୍ଜରାଜ ବଂଶର କୂଳଦେବୀ କିଚକେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ଅଛି ।

କିଚକେଶ୍ୱରୀଙ୍କ କିମ୍ବଦନ୍ତୀ :

କିଚକେଶ୍ୱରୀ କେବଳ ଭଞ୍ଜ ରାଜଧାନୀ ଖିଚିଂରେ ପୂଜା ପାଉଥିଲେ ତାହା ନୁହେଁ, ଯେଉଁ ଯେଉଁ ସ୍ଥାନରେ ପୂର୍ବେ ଭଞ୍ଜରାଜାମାନେ ରାଜଧାନୀ ସ୍ଥାପନ କରି ଶାସନ କରୁଥିଲେ । ସେହି ସବୁ ସ୍ଥାନରେ ଇଷ୍ଟଦେବୀ ସ୍ଥାପନ କରି ଯାଇଛନ୍ତି । ଖିଚିଂ ବ୍ୟତୀତ ବାରିପଦାରେ ଓ ବହୁଲଦାରେ କିଚକେଶ୍ୱରୀ ଅଛନ୍ତି । ବହୁଳଦା ଠାରେ ଥିବା କିଚକେଶ୍ୱରୀ ମଧ୍ୟ ପ୍ରତ୍ୟକ୍ଷ ଦେବୀ ବୋଲି ଲୋକେ କହନ୍ତି ।

ଡଃ ପ୍ରସନ୍ନ ମିଶ୍ର ଓଡ଼ିଶାର କିମ୍ବଦନ୍ତୀ ପୁସ୍ତକରେ ଲେଖିଛନ୍ତି ଯେ ରାଇରଙ୍ଗପୁରର ଧରୁଆ ରାଜାଙ୍କ ନିକଟରେ କିଚକେଶ୍ୱରୀ ମୂର୍ତ୍ତି ଥିଲେ । ଏକଦା ଭଞ୍ଜରାଜା ଓ ଧରୁଆ ରାଜାଙ୍କ ମଧ୍ୟରେ ଯୁଦ୍ଧ ହେଲା । ଧରୁଆ ରାଜା ଯୁଦ୍ଧରେ ପରାସ୍ତ ହେଲେ । ତାପରେ "ଭଞ୍ଜରାଜା କିଚକେଶ୍ୱରୀଙ୍କୁ ବାରିପଦା ନେବାକୁ ବାହାରିଲେ । ହାତୀ ଉପରେ ପ୍ରତିମା ଉଠାଗଲା । ହାତୀ ଚାଲିଲା । ରାତି ହେବାରୁ କିଚକେଶ୍ୱରୀ ରାଜାଙ୍କୁ ସପନେଇଲେ, "ମୁଁ ବାରିପଦା ଯିବି ନାହିଁ । ଏଠି ମୋ ଭଉଣୀ ଅଛି ।" ତାପରେ ରାଜା କିଚକେଶ୍ୱରୀଙ୍କୁ ନେଇ ବହୁଲଦାରେ ରଖିଲେ । ତାଙ୍କ ପାଇଁ ମନ୍ଦିର ନିର୍ମାଣ କରି ସେବା ପାଇଁ ସମ୍ପତ୍ତି ଝଞ୍ଜିଦେଲେ ।

କିଚକେଶ୍ୱରୀଙ୍କ ମହିମା :

ମା' କିଚକେଶ୍ୱରୀ ଜଣେ ପ୍ରତ୍ୟକ୍ଷ ଦେବୀ । ସେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରନ୍ତି । କଥିତ ଅଛି—ଥରେ ପୂଜା ପଣ୍ଡାଙ୍କ ଚକ୍ଷୁ ଖରାପ ହୋଇଗଲା । କିଛି ଦେଖାଗଲା ନାହିଁ । ତାଙ୍କୁ ସେତେବେଳେ ମାତ୍ର ୨୪ ବର୍ଷ ବୟସ । କ'ଣ କରିବେ ? ସେ କିଚକେଶ୍ୱରୀଙ୍କୁ ଯେତେ ଡାକିଲେ ବି କିଛି ଫଳ ହେଲାନାହିଁ । କିଚକେଶ୍ୱରୀଙ୍କ ମନ୍ଦିର ନିକଟରେ ଗୋଟିଏ ଡେଙ୍ଗା ଗଛଥାଏ । ପୂଜାପଣ୍ଡା ଗଛକୁ ଚଢ଼ିଲେ, ରାତି ହୋଇଥାଏ । ଗଛ ଡାଳରେ ଦଡ଼ି ବାନ୍ଧି ବେକରେ ଲଗେଇଲେ । ବେକରେ ଦଡ଼ି ବାନ୍ଧିବାର

Digitized by srujanika@gmail.com

ଡାଳକୁ ଡେଇଁବାକୁ ଗଲାବେଳେ ଶୁଣାଗଲା—'ଏ ଓହ୍ଲେଇଆ ।' ପୂଜାପଣ୍ଡା ଅଟକିଗଲେ । ସ୍ୱର ବାରିଲେ ଜମା ଜାଣି ପାରିଲେ ନାହିଁ ପ୍ରକୃତରେ କିଏ ଡାକୁଚି । ପୁଣି ଡେଇଁବାକୁ ଠିକ୍ କଲେ । ଡେଇଁବାକୁ ଯାଉଛନ୍ତି; ଏହି ସମୟରେ ପୁଣି ଶବ୍ଦ ହେଲା—'ମୋ କଥା-ମାନ ଓହ୍ଲେଇଆ ।' ପୂଜାପଣ୍ଡା ଓହ୍ଲେଇ ଆସି ଘରେ ଶୋଇଲେ । ତାଙ୍କୁ ସ୍ୱପ୍ନରେ ଦେଖାଦେଇ କଟକେଶ୍ୱରୀ କହିଲେ, 'ତୋର ଚକ୍ଷୁ ଔଷଧରେ ଭଲ ହେବ ନାହିଁ । ତୁ ପ୍ରତିଦିନ ସକାଳୁ ଉଠି ମୋର ଦେହଲ ଚୂଡ଼ାକୁ ଚାହିଁବୁ ! ସାତଦିନ ପରେ ତୋତେ ଦୃଶ୍ୟ ହେବ ।" ସତକୁସତ ସାତଦିନ ପରେ ଦେହଲ ଚୂଡ଼ା ଦେଖି ପାରିଲା ପୁଷ୍କର । ସେହିଦିନୁ ତାଙ୍କୁ ସବୁ ଦିଶିଲା । ଆଉ ଆଖି ତାଙ୍କର କମ୍ପା ତାଙ୍କ ବଂଶରେ କାହାର ଖରାପ ହେଲାନି [୫] ।

ବହଳଦାର ଇନ୍ଦପର୍ବ ଓ କଟକେଶ୍ୱରୀଙ୍କ ମେଳାଦେଖା :

ବହଳଦାରେ ମା' କଟକେଶ୍ୱରୀଙ୍କ ପାଇଁ ବହୁ ଉତ୍ସବ ପାଳିତ ହୁଏ । ଏଥି-ମଧ୍ୟରୁ ଇନ୍ଦପର୍ବ ବା ଇନ୍ଦ୍ରପର୍ବ ପ୍ରଧାନ । ଭାଦ୍ରବମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ପ୍ରତିବର୍ଷ ଏହି ପର୍ବ ପଡ଼େ । ଏଥିପାଇଁ ଏକ ବଡ଼ ମେଳା ବସେ । ଏହା ପ୍ରାୟ ମାସେ ଯାଏ ରହେ । ନାନାଅଞ୍ଚଳ ଲୋକେ ଏହି ମେଳା ଦେଖିବାକୁ ଆସନ୍ତି ।

କଥିତଅଛି—ଥରେ କଟକେଶ୍ୱରୀ ସାତ ବର୍ଷର ବାଳିକା ରୂପ ହୋଇ ଇନ୍ଦ୍ର ମେଳାକୁ ଗଲେ । ମେଳା ଭିତରେ ଜଣେ ଶଙ୍ଖାରି ଶଙ୍ଖା ବିକୁଥାଏ । ତା'ର ପାଖରେ ଯାଇ ପହଞ୍ଚିଲେ । ଆଉ କହିଲେ, "ଶଙ୍ଖା ପିନ୍ଧେଇ ଦେ ।" ଶଙ୍ଖାରି ଶଙ୍ଖା ପିନ୍ଧେଇ ସାରି ପଇସା ମାଗିଲା । କଟକେଶ୍ୱରୀ କହିଲେ—

"ପଇସା ମୋ ବାପା ପାଖରୁ ନେଇଯିବୁ ।"
ଶଙ୍ଖାରି ପଚାରିଲା—"ତୋ ବାପା କିଏ ?"
ଦେବୀ କହିଲେ—"ମନ୍ଦିରର ପୂଜାରୀ"

ମେଳା ଶେଷରେ ଶଙ୍ଖାରି ଯାଇ ପୂଜାରୀଙ୍କୁ ପଇସା ମାଗିଲା । ପୂଜାରୀ କହିଲେ "ମୁଁ ତ ନିଃସନ୍ତାନ—ମୋର ପୁଣି ଝିଅ କେଉଁଠୁ ଆସିଲା ଯେ, ମେଳାକୁ ଶଙ୍ଖା ପିନ୍ଧି ଆସିଛି ବୋଲି କହୁଚୁ ।"

ଶଙ୍ଖାରି ବୁଢ଼ା ବଡ଼ ଅଡୁଆରେ ପଡ଼ିଲା । ଟିକକ ପରେ ପୂଜାରୀ କହିଲା, "ରହ ରହ ମୁଁ ଦେଖି ଆସେ ।" ଏହାକହି ସେ ମନ୍ଦିର ଭିତରକୁ ଯାଇ ଦେଖିଲେ କଟକେଶ୍ୱରୀ ଶଙ୍ଖା ପିନ୍ଧି ବସିଛନ୍ତି । ତହୁଁ ସେ ଶଙ୍ଖାରିକୁ ଯାଙ୍କେ ଯାଙ୍କେ ପଇସା ଦେଲା । ଶଙ୍ଖାରି ବୁଝିଲା ତା'ର ଶଙ୍ଖା ଉପରେ ଠାକୁରାଣୀଙ୍କର ବଡ଼ ଲୋଭ । ତେଣୁ

Digitized by srujanika@gmail.com

ପ୍ରତିବର୍ଷ ଇନ୍ଦପର୍ବ ଦିନ ଠାକୁରାଣୀଙ୍କୁ ସେ ନୂଆ ଶାଢ଼ୀ ଦିଅନ୍ତି, ତାପରେ ଯା'ଇ ଦୋକାନ ଖୋଲେ । [୩]

(୭) ମୁକ୍ତଦରହ :

ବାରିପଦାରୁ ପ୍ରାୟ ୧୫ କିଲୋମିଟର ଦୂରରେ କୁଲୁଙ୍ଗ ଜଙ୍ଗଲ ରାସ୍ତାର ଦ୍ୱାର ଦେଶରେ ଏହା ଅବସ୍ଥିତ । ଦରହ ଶବ୍ଦର ଅର୍ଥ 'ଜଳ ସ୍ଥାନ' । ମୁକ୍ତଋଷିମାନେ ଏଠାରେ ଦିନେ ତପସାଧନ କରୁଥିବାର ଅନୁମାନ କରାଯାଏ । ଏଠାରେ ମଠ, ମନ୍ଦିର ଓ ଗୋଟିଏ କୁଣ୍ଡ ଅଛି । ଏହି କୁଣ୍ଡର ଜଳ ଅତ୍ୟନ୍ତ ସ୍ୱଚ୍ଛ । ଏଠାରେ କେହି ମାଛ ଧରନ୍ତି ନାହିଁ । ଏଠାକୁ ଖାଦ୍ୟ ପକାଇଲେ ଶହ ଶହ ସଂଖ୍ୟାରେ ବଡ଼ ବଡ଼ ମାଛ ଜଳର ସ୍ୱଚ୍ଛ ଆସ୍ତରଣ ଭିତରେ ଦେଖାଯାଆନ୍ତି ।

(୮) ଭୀମ କୁଣ୍ଡ :

ଏହା ବୈତରଣୀ ନଦୀରେ ସୁଦୀର୍ଘ ଓ ସୁଗଭୀର କୁଣ୍ଡ । ଏହା କରଞ୍ଜିଆ ଠାରୁ ୨୪ ମାଇଲ ଦୂରରେ ଅବସ୍ଥିତ । ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଦ୍ୱିତୀୟ ପାଣ୍ଡବ ଭୀମସେନଙ୍କର ଅଜ୍ଞାତ ବାସ କାଳରେ ଏହି କୁଣ୍ଡରେ ଗାଧୋଉଥିଲେ । ଭୀମକୁଣ୍ଡ ପଥର ପ୍ରାଚୀର ଦ୍ୱାରା ପରିବେଷ୍ଟିତ । ମକର ସଂକ୍ରାନ୍ତି ଦିନ ଏଠାରେ ମୟୂରଭଞ୍ଜ ଓ କେନ୍ଦୁଝରର ନାନା ସ୍ଥାନରୁ ଯାତ୍ରୀମାନଙ୍କର ବିରାଟ ସମାବେଶ ହୁଏ । ଏଠାରେ ଯାତ୍ରୀମାନେ ମକରବୁଡ଼ ପକାନ୍ତି ।

(୯) ଶମୀ ବୃକ୍ଷ

କପ୍ତିପଦା ସବ-ଡିଭିଜନର ପୋଡ଼ାଡ଼ିହା ଠାରୁ ପ୍ରାୟ ୨ ମାଇଲ ଦୂରରେ ୫୦୦ ଫୁଟ ଉଚ୍ଚତା ବିଶିଷ୍ଟ ଗୋଲାକୃତି ପଥର ଚୂଡ଼ା ଦେଖିବାକୁ ମିଳେ । ଏହା ଶମୀବୃକ୍ଷ ନାମରେ ନାମିତ । ଉକ୍ତ ପାହାଡ଼ରେ ୫ଟି ଗୁମ୍ଫା ଅଛି । ପ୍ରଚଳିତ ପୌରାଣିକ କିମ୍ବଦନ୍ତୀ ଅନୁସାରେ ଉକ୍ତ ଶମୀ ବୃକ୍ଷରେ ପାଣ୍ଡବମାନେ ଅଜ୍ଞାତ ବାସ କାଳରେ ଅସ୍ତ୍ରଶସ୍ତ୍ରମାନ ଲୁଚାଇ ଥିଲେ । ମାତ୍ର ଏହାର ଐତିହାସିକ ସତ୍ୟ ସନ୍ଦେହ ଜନକ ।

(୧୦) ଦେବଗ୍ରାମ :

ଏହା ବାରିପଦାରୁ ୩୦ ମାଇଲ ଦୂରରେ ଅବସ୍ଥିତ । ଏହାର ଅନ୍ୟନାମ ଦେଓଗାଁ । ଏହା ନିକଟରେ ସୋଣନଦୀ ପ୍ରବାହିତ । ଏହି ନଦୀର କୂଳ ଦେଶରେ ପୁରାତନ ମନ୍ଦିରମାନଙ୍କର ଧ୍ୱଂସାବଶେଷ ଦେଖିବାକୁ ମିଳେ । ଏଠାରେ ଦିନେ ବହୁ ଦେବଦେବୀର ଅସ୍ଥାନ ଥିଲା । ବୋଧହୁଏ ନଦୀର ଗତିପଥ ପରିବର୍ତ୍ତନ ହେବାରୁ ଏହି

Digitized by srujanika@gmail.com

ଦେବଦେବୀ ମନ୍ଦିରମାନ ଧ୍ୱଂସ ମୁଖରେ ପତିତ ହୋଇଛି । ଗଣେଶ, ପାର୍ବତୀ, ଶିବ ଲିଙ୍ଗ ଆଦି ଅବହେଳିତ ଅବସ୍ଥାରେ ପଡ଼ିଥିବାର ଦେଖାଯାଏ । କଥିତ ଅଛି ମାଂଣ୍ଡୀର ଜଗାଛୁଆ ମହାଦେବର ନିର୍ମିତ । ଏଠାରେ ମନ୍ଦିରମାନ ନିର୍ମାଣ କରି ଦେବାଦେବୀଙ୍କୁ ପ୍ରତିଷ୍ଠା କରିଥିଲେ ।

୧୧ । ଘାଟଶିଳା ଓ ଦୁଲଦୀଘାଟ :

ଘାଟଶିଳା ପାହାଡ଼ରେ ଜଣାକ ଚଣ୍ଡି ନାମ୍ନୀ ଚତୁର୍ଭୁଜା ଦେବୀ ମୂର୍ତ୍ତି ଦେଖା ଯାଆନ୍ତି । ଏଠାରୁ ଅଳ୍ପଦୂରରେ ଦୁଲଦୀଘାଟ ନାମକ ମୁଣ୍ଡିଆ ପାହାଡ଼ ବିଦ୍ୟମାନ । ଲୋକମାନଙ୍କ ମୁଖରୁ ଶୁଣାଯାଏ ଯେ, ରାମ ବନବାସ ସମୟରେ ସୀତା ଏଠାରେ କିଛି ସମୟ ରହିଥିଲେ ଏବଂ ରାମଚନ୍ଦ୍ରଙ୍କ ଖାଦ୍ୟ ପ୍ରସ୍ତୁତ ପାଇଁ ଏଠାରେ ହଳଦୀ ବାଟିଥିଲେ ।

୧୨ । ଡୁବଗଡ଼ :

ବାରିପଦା ସବ୍-ଡିଭିଜନସ୍ଥ ପୋଡ଼ାଡିହାର ଉତ୍ତର-ପୂର୍ବଦିଗରୁ ୩ ମାଇଲ ଦୂରରେ ଅବସ୍ଥିତ । ଏହିଗଡ଼ ଏକ ପାହାଡ଼ର ଶୀର୍ଷଭାଗରେ ଥିବାରୁ ଦେଶର ଚତୁର୍ଦ୍ଦିଗରୁ ଦୃଷ୍ଟି ନିକ୍ଷେପକରିବା ସହଜ ହେଉଥିଲା । ପାହାଡ଼ର ଅଗ୍ରଭାଗରେ ବର୍ତ୍ତମାନ ଦୁର୍ଗ ବା ଗଡ଼ନାହିଁ । ମାତ୍ର ପୂର୍ବେ ଯେ ଏଠାରେ ଏକ ଗଡ଼ ଥିଲା ତାହାର ଅନେକ ଚିହ୍ନ ରହିଅଛି । 'ରାଜାପୋଖରୀ' ଓ ରାଣୀ ପୋଖରୀ ନାମକ ଦୁଇଟି ପୁଷ୍କରିଣୀ ଡୁବଗଡ଼ ପାହାଡ଼ ଉପରେ ଦେଖିବାକୁ ମିଳେ । ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଭଞ୍ଜ ରାଜବଂଶର ଜନୈକ ନରପତି ଶତ୍ରୁର ଆକ୍ରମଣ ସମୟରେ ଏଠାରେ ଆଶ୍ରୟ ଗ୍ରହଣ କରିଥିଲେ । ସେ 'ରାଜା ପୋଖରୀ'ରେ ବୁଡ଼ି ପ୍ରାଣ ବିସର୍ଜନ କରିଥିଲେ । ତେଣୁ ଏହାର ନାମ ଡୁବଗଡ଼ ହୋଇଥିଲା । ବର୍ତ୍ତମାନ ଏହି ସ୍ଥାନ ଶ୍ୱାପଦ ସଂକୁଳ ।

୧୩ । ଇଟାଗଡ଼ :

ବାରିପଦା ସବ୍-ଡିଭିଜନର ଅନ୍ତର୍ଗତ । ଏଠାରେ ଇଟା ନିର୍ମିତ ଦୁର୍ଗମାନଙ୍କର ଭଗ୍ନାବଶେଷ ଜଙ୍ଗଲ ମଧ୍ୟରେ ଦେଖାଯାଏ ।

୧୪ । ଜାମଦା :

ବାହାଲଦା ଠାରୁ ୧୦ ମାଇଲ ଦୂରରେ ଅବସ୍ଥିତ । ଏହା ଏକ ଆଦିବାସୀ ବହୁଳ ଗାଁ । ଏଠାରେ ଆଶ୍ରମ ବିଦ୍ୟାଳୟ ଓ ଶ୍ରୀ ଗୋପାଳଜୀଉଙ୍କ ମଠ ଅବସ୍ଥିତ ।

Digitized by srujanika@gmail.com

୧୫ । ଯଶିପୁର :

ଏହା ବାରିପଦା ଠାରୁ ୨୦ ମାଇଲ ଦୂରରେ ବାରିପଦା କରଞ୍ଜିଆ ରାସ୍ତାରେ ଅବସ୍ଥିତ । ଏଠାରେ ଏକ ମଠ ଅବସ୍ଥିତ । ସ୍ୱର୍ଗତ ମହନ୍ତ ବାଳକରାମ ଦାସଙ୍କ ମତାନୁସାରେ ଭଞ୍ଜରାଜାମାନେ ଆନନ୍ଦପୁରରୁ ହରିପୁରକୁ ରାଜଧାନୀ ପରିବର୍ତ୍ତନ କରିବା ଅଳ୍ପଦିନ ପରେ ଏହା ନିର୍ମିତ ହୋଇଥିଲା । ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଯଶୀପୁରର ବାଧୂଜ୍ଞ ଜମିଦାର ଯଶ ଭଗତ ଦିନେ ଭଣ୍ଡନ ନଦୀରେ ସ୍ନାନ କରୁଥିଲେ । ସେ ନଦୀରେ ଦୁଇଟି ଚଦ୍ଦର, ଦୁଇଟି ଶାଳଗ୍ରାମ ସହ ଭାସିବାର ଦେଖିଲେ । ସେ ଚଦ୍ଦର ଦୁଇଟି ଧରିବା ପାଇଁ ହସ୍ତ ପ୍ରସାରଣ କଲେ ଏବଂ ଡାହାଣ ହାତରେ ଗୋଟିଏ ଚଦ୍ଦର ଧରିଲେ । ମାତ୍ର ବାମ ହସ୍ତ ପ୍ରସାରଣ କରନ୍ତେ ଅନ୍ୟ ଚଦ୍ଦରଟି ବୁଡ଼ିଗଲା । କଥିତ ଅଛି ଯେ, ଉକ୍ତ ଦୁଇଟି ଚଦ୍ଦରରେ ଲକ୍ଷ୍ମୀ ଓ ନାରାୟଣଙ୍କର ଶାଳଗ୍ରାମ ଥିଲା । ଜମିଦାର ନାରାୟଣଙ୍କୁ ପାଇଲେ ମାତ୍ର ଲକ୍ଷ୍ମୀଙ୍କୁ ହରାଇଲେ । ସେ ଯାହାହେଉ ନାରାୟଣ ଶାଳଗ୍ରାମ ସ୍ଥାପନ କରି ତା'ର ନାମ ଦେଲେ ରଘୁନାଥଜୀଉ । ସ୍ୱର୍ଗତ ବାଳକ ରାମ ଦାସ ମହନ୍ତ ତାଙ୍କ ଇତିହାସରେ ପୁଣି ବର୍ଣ୍ଣନା କରିଛନ୍ତି ଯେ, ଯଶିପୁର ମଠର ପ୍ରଥମ ମହନ୍ତ ସ୍ୱର୍ଗତ ବାବାଜୀ ହନୁମାନ ଦାସ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କୁ କେନ୍ଦୁଝର ରାଜନଗର ମଠରୁ ଆଣିଥିଲେ । ମହାରାଜା ତ୍ରିବିକ୍ରମ ଭଞ୍ଜ ୧୮୧୪ ଖ୍ରୀ.ଅ.ରେ ଏହି ମଠ ପାଇଁ ପୂଜାର୍ଚ୍ଚନାଦି ପାଇଁ ଜମି ଦାନ କରିଥିଲେ । ମହାରାଜା ଯଦୁନାଥ ଭଞ୍ଜ ଓ ଶ୍ରୀନାଥ ଭଞ୍ଜ ମଧ୍ୟ ଦେବୋତ୍ତର ପାଇଁ ସନନ୍ଦ ଦାନ କରିଥିଲେ ।

ଏଠାରେ ବାଧୂଜ୍ଞ ଜମିଦାରମାନଙ୍କର ଏକ ପୁରୁଣା ଦୁର୍ଗ ଅବସ୍ଥିତ [୭] ।

୧୬ । ଝିଙ୍କପଡ଼ା :

ଉଦଳା କପ୍ତିପଦା ରାସ୍ତାରେ ଏହା ଅବସ୍ଥିତ । ଏଠାରେ ଝିଙ୍କେଶ୍ୱର ମହାଦେବଙ୍କ ମନ୍ଦିର ଅଛି । ଏହା ଖାଲ ନଦୀ କୂଳରେ ଅବସ୍ଥିତ । ପ୍ରତିବର୍ଷ ଏଠାରେ ଶିବରାତ୍ରି ମେଳା ହୁଏ ।

୧୭ । କପ୍ତିପଦା :

